# ସୃଜନପ୍ରଭା

## ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)



ପ୍ରଫେସର ଡକ୍ଟର ସୁବାଷ ନାୟକ

# ସୃଜନପ୍ରଭା

## ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

(ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ପ୍ରଫେସର ଡକ୍ଟର ସୁବାଷ ନାୟକ

# ସୃଜନପ୍ରଭା

## ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

### (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଉତ୍ସର୍ଗ



## ଡକ୍ଟର ମାନସ ନାୟକ
## ଓ ପରିବାର ...

ମୋର ମାନସମନ୍ଥନ ସାରସ୍ୱତସାଧନା - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) - ଆଧୁନିକ ଓଡିଆ ସାହିତ୍ୟର ମୋ ସାହିତ୍ୟିକ ଜୀବନକୁ ପ୍ରଭାବିତ କରିଥିବା ଅନେକ ସାହିତ୍ୟିକ ଙ୍କ ଜୀବନୀ ଓ ସୃଜନୀ ର ସୃଷ୍ଟି ସମାହାର ର ପୁସ୍ତିକାଟିଏ ।

ମୁଁ ମୋର ଏହି ପୁସ୍ତିକାଟିକୁ ମୋର ସାନଭାଇ ଲେଖକ, ଗବେଷକ, ଶିକ୍ଷକ ଡକ୍ଟର ମାନସ ନାୟକ ଙ୍କୁ ଉତ୍ସର୍ଗ କରୁଅଛି । ମାନସ - ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲେଖକୀୟ କୃତି ଉପରେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି.) ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ ଉପାଧିପ୍ରାପ୍ତ । ଗୀତା ମେହେଟ୍ଟା ଜଣେ ଆନ୍ତର୍ଜାତୀୟ ଲେଖିକା ପୁସ୍ତକର ଲେଖକ । ଅନେକ ଗବେଷଣା ପତ୍ର ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ । ଓଡିଶା ସରକାର ଙ୍କ ସରକାରୀ ବିଦ୍ୟାଳୟର ଶିକ୍ଷକ ଭାବେ କାର୍ଯ୍ୟରତ ।

ସାହିତ୍ୟସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

# ସାହିତ୍ୟ ସମାଲୋଚକ ଙ୍କ କଲମରୁ .....

ଭାରତୀୟ ସାହିତ୍ୟର ଏକ ପ୍ରମୁଖ ସାହିତ୍ୟ ଆମ ଓଡିଆ ସାହିତ୍ୟ । ଦୀର୍ଘ ୨୫୦୦ ବର୍ଷର ସାହିତ୍ୟ ସୃଷ୍ଟି ଓ ଭାଷାର ପରିବିକାଶ ଯୋଗୁଁ ଭାରତ ସରକାର ଓଡିଆ ଭାଷାକୁ ଷଷ୍ଠତମ ଶାସ୍ତ୍ରୀୟ ଭାଷାରେ ମର୍ଯ୍ୟାଦା ଦେବା ଆଜି ଆମ ଓଡିଆ ସାହିତ୍ୟ, ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ପାରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ । ସୁଦୀର୍ଘ ଓଡିଆ ଭାଷା ଓ ସାହିତ୍ୟର ବିକାଶ ଦିଗରେ କାଳଜୟୀ ସୃଷ୍ଟି ଓ ସ୍ରଷ୍ଟା ଅମର ହୋଇ ରହିଛନ୍ତି ।

ଓଡିଆ ସାହିତ୍ୟ ଏକ ସିନ୍ଧୁ ହେଲେ, ମୁଁ ସେଥିରେ ମାତ୍ର ବିନ୍ଦୁଟିଏ ଭଳି ସାହିତ୍ୟିକ ଟିଏ । ଅନେକ ବିଭାଗକୁ ନେଇ ଓଡିଆ ସାହିତ୍ୟ ପରିଦୃଷ୍ଟ । ପ୍ରାୟତଃ ଅନେକ ବିଭାଗରେ କଲମ ଚାଳନା କରି - ଯଥା - କାବ୍ୟ ସାହିତ୍ୟ, ଗଳ୍ପ ସାହିତ୍ୟ, ନିବନ୍ଧ ସାହିତ୍ୟ, ପ୍ରବନ୍ଧ ସାହିତ୍ୟ, ଅନୁବାଦ ସାହିତ୍ୟ, ସମୀକ୍ଷା ସାହିତ୍ୟ, ଜୀବନୀ ସାହିତ୍ୟ, ଉପନ୍ୟାସ ସାହିତ୍ୟ, ନାଟ୍ୟ ସାହିତ୍ୟ, ସନ୍ଦର୍ଭ ସାହିତ୍ୟ ତଥାପି ମନମାନି ନଥିଲା ଯେ ମୋର ସାହିତ୍ୟଟି ସମ୍ପୂର୍ଣ୍ଣ ହୋଇ ପାରିଅଛି । ସାହିତ୍ୟର ବିକାଶରେ ପ୍ରମୁଖ ସାହିତ୍ୟଟି ହେଉଛି - ସମାଲୋଚନା ସାହିତ୍ୟ । ଓଡିଆ ସାହିତ୍ୟର ଅନେକ ସାହିତ୍ୟିକ ସର୍ବୋପରି ଯେଉଁମାନଙ୍କର ଜୀବନୀ ଓ ସୃଜନୀ ମୋ ସାହିତ୍ୟିକ ଜୀବନର ପରିଧି ମଧ୍ୟରେ ଆଲୋକାୟିତ କରିଥିଲା - ସେ ବିଶାଳ ଓଡିଆ ସାହିତ୍ୟର ସିନ୍ଧୁ ମଧ୍ୟରୁ ମୁଁ କେତେଜଣ ବିନ୍ଦୁଙ୍କୁ ନେଇ ଏହି ସାହିତ୍ୟ ପୁସ୍ତିକା - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ।

ଏମାନଙ୍କର ମଧ୍ୟରୁ ଅନେକ ସାହିତ୍ୟିକ ଙ୍କର ସାରସ୍ୱତ କୃତି ଆମ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହୋଇ ପାରିଅଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଆମ ଓଡିଆ ସାହିତ୍ୟର ଆଗାମୀ ଯୁବପିଢି ମାନଙ୍କୁ ମୋର ଏ ସାରସ୍ୱତ ସୃଷ୍ଟି ସମ୍ଭାର - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) - ନିଶ୍ଚିତ ସେମାନଙ୍କର ସାହିତ୍ୟିକ ଜୀବନରେ ପ୍ରଭାବିତ କରିବ - ଏ ଆଶା ଓ ବିଶ୍ୱାସ ମୋ ମନରେ ସଞ୍ଚାରିତ ହୋଇଛି ।

ସାହିତ୍ୟିକ ଟିଏ ତା'ର ସାହିତ୍ୟ ରଚନାଟିକୁ ସମ୍ପୂର୍ଣ୍ଣ ରୂପ ଦେଇଥାଏ, ଯେତେବେଳେ ସେ ତା'ର ସାରସ୍ୱତ ସୃଷ୍ଟିଟିକୁ ତା'ର ମନର ମଣିଷକୁ ଉତ୍ସର୍ଗ କରିଥାଏ, ମୁଁ ବା ସେଥିରୁ ବାଦ୍ ପଡିବି କିପରି । ମୁଁ ମୋର ଏହି ମାନସମନ୍ଥନ ସାରସ୍ୱତ ସୃଷ୍ଟି ସମ୍ଭାର - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ଟିକୁ ମୋର ସାନଭାଇ ଲେଖକ, ଗବେଷକ, ଶିକ୍ଷକ ଡକ୍ଟର ମାନସ ନାୟକ ଙ୍କୁ ଉତ୍ସର୍ଗ କରୁଅଛି ।

ଓଡିଆ ସମାଲୋଚନା ସାହିତ୍ୟର ବିକାଶଧାରା ରେ ମୋର ଏହି ସମାଲୋଚନା ସାହିତ୍ୟ ପୁସ୍ତକ - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ପାଠକୀୟ ପାଖରେ ତା'ର ଅସ୍ତିତ୍ୱ ବିଦାୟ ରଖିପାରିଲେ, ମୋର ଶ୍ରମ ସାର୍ଥକ ହେବା ସହିତ ମୋର ସିଦ୍ଧିପ୍ରାପ୍ତିର ମୂଲ୍ୟାୟନର ପ୍ରତୀକ ନେଇ ମୋର ଭରଷା ।

ଗୁଣମୁଗ୍ଧ

ସାହିତ୍ୟସେବକ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

# "ସୃଜନପ୍ରଭା"
# ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା
# (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ)

ଓଡିଶାର ଆଧୁନିକ ଓଡିଆ ସାହିତ୍ୟର ସାରସ୍ୱତ ସ୍ରଷ୍ଟାଙ୍କ ଜୀବନୀ ଓ ସୃଜନୀ ର ଏକ ସମାହାର ଭିତ୍ତିକ ସମାଲୋଚନା ସାହିତ୍ୟ ଅନେକ ଓଡିଆ ସାହିତ୍ୟିକ ଙ୍କ ମଧ୍ୟରୁ ମୋର ମାନସପଟ୍ଟରେ ଉଙ୍କି ମାରିଥିବା ସର୍ବୋପରି ମୋର ସାହିତ୍ୟିକ ଜୀବନରେ ସେମାନଙ୍କର ଜୀବନୀ ଦର୍ଶନ ଓ କୃତି ପ୍ରଭାବିତ କରିଥିବା ସାହିତ୍ୟିକ ମାନଙ୍କର ସୃଷ୍ଟିର ଏକ ସମାହାର ।

## ସୂଚୀପତ୍ର


| | ସ୍ରଷ୍ଟାଙ୍କ ନାମ | ପୃଷ୍ଠା |
|---|---|---|
| | ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା | ୧-୪ |
| ୧. | ଫକୀରମୋହନ ସେନାପତି | ୫-୯ |
| ୨. | ରାଧାନାଥ ରାୟ | ୧୦-୧୩ |
| ୩. | ଗଙ୍ଗାଧର ମେହେର | ୧୪-୨୦ |
| ୪. | ଗୋପବନ୍ଧୁ ଦାସ | ୨୧-୨୬ |
| ୫. | ହରେକୃଷ୍ଣ ମହାତାବ | ୨୭-୩୦ |
| ୬. | କାଳିନ୍ଦୀଚରଣ ପାଣିଗ୍ରାହୀ | ୩୧-୩୬ |
| ୭. | ଗୋପିନାଥ ମହାନ୍ତି | ୩୭-୪୨ |
| ୮. | ଚିତ୍ତରଞ୍ଜନ ଦାସ | ୪୩-୪୭ |
| ୯. | ଜାନକୀବଲ୍ଲବ ପଟ୍ଟନାୟକ | ୪୮-୫୪ |
| ୧୦. | ପଠାଣୀ ପଟ୍ଟନାୟକ | ୫୫-୫୯ |
| ୧୧. | ଜୟନ୍ତ ମହାପାତ୍ର | ୬୦-୬୬ |
| ୧୨. | ନନ୍ଦିନୀ ଶତପଥି | ୬୭-୭୨ |
| ୧୩. | କୃଷ୍ଣଚରଣ ବେହେରା | ୭୩-୭୮ |
| ୧୪. | ମନୋଜ ଦାସ | ୭୯-୮୪ |
| ୧୫. | ରମାକାନ୍ତ ରଥ | ୮୫-୯୧ |
| ୧୬. | ବିଣାପାଣୀ ମହାନ୍ତି | ୯୨-୯୭ |
| ୧୭. | ସୀତାକାନ୍ତ ମହାପାତ୍ର | ୯୮-୧୦୩ |
| ୧୮. | ବିଭୂତି ପଟ୍ଟନାୟକ | ୧୦୪-୧୦୯ |
| ୧୯. | ପ୍ରତିଭା ରାୟ | ୧୧୦-୧୧୫ |
| ୨୦. | ରତ୍ନାକର ଚଇନି | ୧୧୬-୧୨୧ |

# ଓଡିଆ ସାହିତ୍ୟ ର ସୃଷ୍ଟି ଓ ସ୍ରଷ୍ଟା

ସାହିତ୍ୟ ସର୍ବଦା ସହିତର ଭାବକୁ ପ୍ରତିଷ୍ଠା କରିଥାଏ, ସତ୍ ସାହିତ୍ୟର ଗୌରବ ହେଉଛି - ତାହା ସାହିତ୍ୟ ହୃଦୟକୁ ଯୋଡିଦିଏ, ଦୂରକୁ ନିକଟ କରିଦିଏ, ପରକୁ ଆପଣାର କରିଦିଏ, ହୃଦୟ ସହିତ ଆଉଏକ ହୃଦୟର ମିଳନ ହିଁ ସେହି କଲ୍ୟାଣକର ଭଗବତ ଇଚ୍ଛାର ଅଂଶବିଶେଷ ।

ସାହିତ୍ୟ ଯଥାର୍ଥରେ ହୃଦୟ ସହିତ ହୃଦୟର ମିଳନ କରାଇଥାଏ, କବିତା ହେଉଛି ସେହି ମହାମିଳନର ପାର୍ବଣୀ, ବସନ୍ତ କୋଇଲିର କୁହୁ ଧ୍ୱନିରେ ସେହି ପାର୍ବଣୀ ଗୀତ ହୋଇଥାଏ, ଗୀତ ହୋଇଥାଏ ପଉଷ ସଞ୍ଜର କନପାତିର ବାହୁନାରେ, ବଂଶୀର ମୂର୍ଚ୍ଛନାରେ, ପ୍ରିୟତମାର ମଧୁର ସମ୍ଭାଷଣରେ ।

ସାହିତ୍ୟ ସତ୍ୟ ଓ ସୁନ୍ଦର ର ଅନୁଭବକୁ ଲେଖେ, ଲେଖେ ଦୂରନ୍ତ ବ୍ୟଥାର ଗୁଜଲକୁ, ସାହିତ୍ୟ ପୁଣି ସର୍ବଦା ସ୍ନେହ, ସଦିଚ୍ଛା ଓ ସଂହତିର କଥା ଲେଖେ, ଲେଖେ ନୀଳ ସୁନ୍ଦର ଆକାଶକୁ, ବହୁ ବର୍ଣ୍ଣିଳ ଶ୍ୟାମାୟମାନ ଗିରି ଶ୍ରେଣୀକୁ ଓ ମର୍ତ୍ତ୍ୟର ବାଞ୍ଛନା ତଥା ଅଭିସଂପାତକୁ ।

ସାହିତ୍ୟ ଆପଣାର ଆତ୍ମା ପ୍ରତି ଦଶମ୍ୟଦ ହେଲାପରି ସେ ଏହି ଆକାଶ ପାତାଳର କଥାକୁ ଆନ୍ତରିକତା ଦେଇ ସ୍ୱନିଷ୍ଠ ଅନୁଭବ ଭିତରେ ଲେଖିଥାଏ, ସାହିତ୍ୟରେ ମହତ୍ତର ବ୍ୟଞ୍ଜନା କବିର ପ୍ରାଣପୂର୍ଣ୍ଣ ଆନ୍ତରିକତାରେ ହିଁ ସ୍ୱୀକୃତ । ସାହିତ୍ୟରେ କଳା ଅଛି, କଳ୍ପନା ଅଛି, ଅଛି ବି ଜଗତ ଓ ଜୀବନର ନିଦା ବାସ୍ତବତା, ସାହିତ୍ୟରେ କେବଳ ଆବେଗର ସମ୍ପର୍କ ନୁହେଁ, ଆତ୍ମାର ସମ୍ପର୍କ ହିଁ ବିଦ୍ୟମାନ ।

ମାନବାତ୍ମାର ଏହି ସମ୍ପର୍କ ସାହିତ୍ୟକୁ ସତ୍ୟ, ଶିବ ଓ ସୁନ୍ଦର ର ଉପଲବ୍ଧି ଆଣିଦେଇଛି । ମଣିଷ ଆତ୍ମାର ସଶ୍ରଦ୍ଧ ଉଚ୍ଚାରଣ ସହିତ ସମ୍ପର୍କିତ ହୋଇ ସାହିତ୍ୟ ଶାଶ୍ୱତର ମୂଲ୍ୟ ଲାଭ କରିଅଛି । ଏହି ଶାଶ୍ୱତ ହିଁ ସାହିତ୍ୟକୁ କାଳଜୟୀ ଓ ସାର୍ବିକ କରିଅଛି ।

ସାହିତ୍ୟ ସହିତ ତେଣୁ ସତ୍ୟ, ଶିବ, ସୁନ୍ଦର ର ସମ୍ପର୍କ ଯେତିକି ସ୍ୱୀକୃତ ଶାଶ୍ୱତ ସହିତ ସେ ସମ୍ପର୍କ ବରଂ ଆହୁରି ନିବିଡ । ମଣିଷର ପ୍ରେମ ଓ ପୁଲକର ଉପଲବ୍ଧି କେବେ ମ୍ଳାନ ହୁଏନାହିଁ କି କେବେ ପୁରୁଣା ହୋଇଯାଏ ନାହିଁ । ଜୀବନରେ ପ୍ରେମ ପୁଲକରେ ହିଁ ପ୍ରାଣର ପ୍ରକାଶମାନତା ବିଦ୍ୟମାନ ।

ବ୍ୟକ୍ତି ଓ ବିଶ୍ୱର ସମ୍ପର୍କ ଏହି ମାନବ ସମ୍ପର୍କ ଦ୍ୱାରା ହିଁ ସମ୍ଭବ । ସାହିତ୍ୟରେ ସାଧାରଣୀ କରଣ ଗୁଣର ଗୌରବ କବି ଚିତ୍ତର ଏହି ବିଶ୍ୱମାନତା ଓ ମାନ୍ୟତାରେ ହିଁ ପ୍ରକଟିତ । କବିର ମାନବ ସମ୍ପର୍କ ନିବିଡ ନହେଲେ ବା ଊଣା ହେଲେ ସାହିତ୍ୟରେ ସାର୍ବଜନୀନତାର ଆବେଦନ ସୃଷ୍ଟିହୋଇ ପାରେନା, ସତ୍ ସାହିତ୍ୟିକ ସେ ପାଇଁ ତା' ସାହିତ୍ୟ କୃତିରେ ବ୍ୟକ୍ତିଗତ ଆବେଗକୁ ଯଥାସମ୍ଭବ ସାଧାରଣ ଆବେଗକୁ ରୂପାନ୍ତରିତ କରିଥାଏ ।

ଭାବ ସମୁଦ୍ର ପରି ବିଶାଳ ଓ ଗଭୀର । ଭାବ ସଂସ୍କୃତି ଓ ସମ୍ପର୍କର, ସ୍ୱାର୍ଥପର ଆତ୍ମକେନ୍ଦ୍ରିକ ମଣିଷଟି ଏକ ବ୍ୟାଧିତ ମନନେଇ ଆତ୍ମ ସଂକୋଚନ ଭିତରେ କେବେ ଭାବର ମଣିଷ ହୋଇପାରେନା ।

ସାହିତ୍ୟ ସର୍ବଦା ବସ୍ତୁ ଜଗତ ନୁହେଁ, ଭାବ ଜଗତକୁ ହିଁ ପ୍ରତୀକିତ୍ କରିଥାଏ । କବି କଳ୍ପନାର ଐଶ୍ୱର୍ଯ୍ୟ ହେଉଛି - ତା'ର ଭାବ ଆବେଗ, ସେହି ଆବେଗ ବଳରେ କବି ମର୍ତ୍ତ୍ୟରେ ସ୍ୱର୍ଗ ଦେଖେ ଓ ମାନବାତ୍ମାର ଦେବତାର ବିଗ୍ରହ ସଂସ୍ଥାପନା କରେ ।

ପ୍ରେମ ଓ ବିଶ୍ୱାସର ଧାରକ ହେଉଛି - ଆବେଗ, ଆବେଗ ବଳରେ ମଣିଷ ଆଉଏକ ମଣିଷ ସହିତ ସମ୍ପର୍କୀତ ହୁଏ ।

ଆଜିର ବିଶ୍ୱମାନବ ପ୍ରାଣରେ ସେହି ଆବେଗର ସମ୍ପର୍କ ଆହୁରି ସୁନ୍ଦର ଓ ବଳଶାଳୀ ହେଉ । ହଜାରେ ଶଙ୍କା ଓ ସଙ୍କଟ ସତ୍ତ୍ୱେ ବିଶ୍ୱଜୀବନ କଳା ଓ କବିତାମୟ ହେଉ ।

କୌଣସି ସାହିତ୍ୟିକ ଙ୍କ ସାହିତ୍ୟ କୃତିର ସମାଲୋଚନା କରିବାବେଳେ ତାଙ୍କ ଜୀବନ ବୃତ୍ତାନ୍ତ ଆଲୋଚନା ଅବଶ୍ୟ ଆବଶ୍ୟକ । ତାଙ୍କର ବ୍ୟକ୍ତିତ୍ୱ ମାଧ୍ୟମରେ ତାଙ୍କ କୃତିକୁ ଚିହ୍ନିବା ହେଉଛି - ପ୍ରକୃତ ଜୀବନ ଭିତ୍ତିକ ଆଲୋଚନା ପଦ୍ଧତିର ଲକ୍ଷ୍ୟ । ଏହି ବିଶ୍ଳେଷଣ ଦ୍ୱାରା ତାଙ୍କ କୃତିର ବିଚାର ସ୍ୱଚ୍ଛହୁଏ, ସାହିତ୍ୟିକ ଙ୍କର କୃତିରୁ ତାଙ୍କ ଦୃଷ୍ଟିକୋଣ, ଆଧ୍ୟାତ୍ମିକ ଚିନ୍ତା, ପ୍ରକୃତିପ୍ରୀତି ଓ ସମାଜିକ ପ୍ରତିବଦ୍ଧତାକୁ ସମାଲୋଚକ ଅଭାଗ୍ୟ ..... ନିରୀକ୍ଷଣ ଶକ୍ତି, ଅନ୍ତଦୃଷ୍ଟି ଓ ନିଷ୍ଠା ଦ୍ୱାରା ଅଧ୍ୟୟନ କରେ । ତାଙ୍କ ରଚନା ତାଙ୍କ ଅନୁଭୂତିରୁ ସକ୍ରିୟଥାଏ, ପ୍ରତ୍ୟକ୍ଷ ବା ପରୋକ୍ଷ ହୋଇପାରେ ।

ସାହିତ୍ୟ ସମାଲୋଚନାରେ ବ୍ରତୀ ହୋଇଥିବା ସୁଧୀ ଆଲୋଚକ ମାନେ ଏଥିପ୍ରତି ଯେତେ ଅଧିକ ଶ୍ରଦ୍ଧାଶୀଳ ହେବ ଆମେ ସେତିକି ଶୀର୍ଷରେ ପହଞ୍ଚିପାରିବା । ତୁଳନାତ୍ମକ ଦୃଷ୍ଟିଭଙ୍ଗୀ ଆଦି ସାହିତ୍ୟ ସମାଲୋଚନା ପାଇଁ କେତେ ଜରୁରୀ ତାହା ବୁଝାଇ କହିବା ନିଷ୍ ପ୍ରୟୋଜନ । ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀମାନେ ଏ ପ୍ରକାରର ଚର୍ଚ୍ଚା ପରମ୍ପରା ରେ ଅଧିକ ସହଯୋଗ କରିବା ଉଚିତ୍ ।

କଳା ଆସ୍ୱାଦନ ବ୍ୟତିରେକ କଳାର ଅନୁଶୀଳନ ପରିପୂର୍ଣ୍ଣ ହୁଏନାହିଁ । କଳା ଆସ୍ୱାଦନା ପୂର୍ବକ ପ୍ରବୋଧିତ ହେବା ଓ ଭାବାନନ୍ଦ ଭିତରେ ନିମଜିତ୍ ହୋଇଯିବାର ଅର୍ଥନୁହେଁ କଳାତ୍ମକ ଚମତ୍କାରିତା ନିର୍ଣ୍ଣୟରେ ବସ୍ତୁନିଷ୍ଠ ହେବା । ଜଣେ ସମାଲୋଚକ କିଛିମାତ୍ରାରେ ରୋମାଣ୍ଟିକ୍ ହେଉ, ସାହିତ୍ୟର ଉତ୍କର୍ଷ ଚିହ୍ନଟ କରିବାରେ ଜଣେ ରୋମାଣ୍ଟିକ୍ ସମାଲୋଚକ ଆଦୌ ଅସମର୍ଥ ହେବନାହିଁ

ସମାଲୋଚନା ଜଗତ ଓ ଜୀବନର ସବୁ କଥାକୁ ଫେଡିକରି କହୁ, ସଂଶୟ ମୋହନ କରୁ । ସୁନ୍ଦର ବିଷୟକୁ ଶତଚିହ୍ନ ହୋଇ

କହୁ, ସମାଲୋଚନା ମୂଳ କୃତିଠାରୁ ଆହୁରି ଜୀବନ୍ତ ଓ ଅର୍ଥପୂର୍ଣ୍ଣ ହେଉ, ସତ୍ୟ ଓ ଶାଶ୍ୱତକୁ ଆହୁରି ଦୃଢ ଭାବରେ କହୁ, ସମାଲୋଚକ କବିଠାରୁ ଆହୁରି ଅଧିକ ପ୍ରଗଲଭ୍ ହେଉ । ସମାଲୋଚନା ଆମକୁ ସବୁକଥା ପରିଚ୍ଛନ୍ନ ଭାବରେ ବୁଝାଇ କହିଲା ପରି ଲାଗିବ ।

ନିଜର ମନ ଓ ସ୍ୱପ୍ନର କଥା କହିବା ପାଇଁ ମଣିଷ ଯେଉଁ ଭାଷା ବ୍ୟବହାର କରେ, ସମାଲୋଚନାର ଭାଷା ସେପରି ହେବା ଉଚିତ୍ । ସମାଲୋଚନାରେ ଭାଷା କୌଣସି ବ୍ୟବହାରିକ ବିଷୟରେ ଏକାନ୍ତ ତଥ୍ୟନିଷ୍ଠ ବିବରଣୀ ମାତ୍ର ନୁହେଁ । ଜଣେ ସମାଲୋଚକ କବିଠାରୁ କମ୍ ସୁନ୍ଦର ଦେଖେନି କି ସୁନ୍ଦର ର କମ୍ ଆରାଧନା କରେନି । ବ୍ୟକ୍ତିନିଷ୍ଠ ଅନୁଭବ ନେଇ ସେ ସାହିତ୍ୟ କୃତି ଗୁଡିକର ଅନୁଶୀଳନ କରେ । ସାହିତ୍ୟରେ ସେ ନିଜକୁ ଖୋଜିପାରିଲେ ସେଠି ଯେ ନିଜ ଆତ୍ମାର ସମର୍ଥନ ଦିଏ ଓ ନିଜ ଦର୍ଶନ ବିଶ୍ୱାସ ସହିତ ନ ମିଳିଲେ ସାହିତ୍ୟର ପ୍ରତିପାଦନକୁ ପ୍ରତ୍ୟାଖ୍ୟାନ କରେ ।

ସମାଲୋଚକ ନିଜ ସମାଲୋଚନାରେ କଳାକୃତିର ତାରିଫ୍ କରେ, ନିରସ ତର୍ଜମା କରେନି, ନିଜକୁ ସଂଯୋଜିତ କରି ଅଶେଷ ଆନନ୍ଦ ଲାଭ କରିଅଛି, ଠିକ୍ କବି ଯେପରି ଆନନ୍ଦ ଲାଭକରେ । ନିଜ ଭିତରର ଅନୁଭବକୁ ପ୍ରକଟନ କରିବାର ପ୍ରବଣତା ସର୍ବଦା ହିଁ ଆନନ୍ଦଦାୟକ ।

କବି ଯେପରି ପ୍ରକାଶ କରେ ସେମିତି ପ୍ରକାଶ କରେ ସମାଲୋଚକ ମଧ୍ୟ, ଜଣେ ସମାଲୋଚକ ହୁଏତ ସେଥିପାଇଁ କବିତା ନ ଲେଖିବାର ଅପୂର୍ଣ୍ଣତା ଆଦୌ ଅନୁଭବ କରେନାହିଁ ।

ଓଡିଆ ସମାଲୋଚନା ପରମ୍ପରା ରେ ଏହି ଆନ୍ତବିଦ୍ୟାଳୟ ମୂଳକ ଅଧ୍ୟୟନର ଧାରା ଏପର୍ଯ୍ୟନ୍ତ ପ୍ରଚଳିତ ହୋଇପାରିନି । ଆଧୁନିକ ସାହିତ୍ୟରେ ସମ୍ଭୋଗାତ୍ମକ ଇଙ୍ଗିତକୁ ଆମେ ପୁଣି ସଠିକ୍ ଭାବରେ ଚିହ୍ନଟ କରିପାରୁନୁ । ଜ୍ଞାନ, ବିଜ୍ଞାନମୂଳକ ଗ୍ରନ୍ଥ ଅଧ୍ୟୟନ କରି ଆପଣା ଅନୁଭବକୁ ପ୍ରମାଣନିଷ୍ଠ କରିବାର ଧାରା ଏଯାବତ୍ ପ୍ରାୟ ସୃଷ୍ଟି ହୋଇନାହିଁ ।

ଅଧ୍ୟାପନା ବୃତ୍ତି କରୁଥିବା ଅଧିକାଂଶ ସାହିତ୍ୟ ଅଧ୍ୟାପକ, ଆପଣା ଭାଷା, ଆପଣା ଶୈଳୀରେ ଆଉଥରେ ମୂଳ ସାହିତ୍ୟ କୃତିକୁ ଅବିକଳ ବର୍ଣ୍ଣନା କରିଦେବାକୁ ସମାଲୋଚନା ବୋଲି ମନେ କରିଥାଆନ୍ତି । ଆମ୍ଭେମାନେ ବିଗତ ଚାଳିଶ / ପଚାଶ ବର୍ଷଧରି ଆମେ ଅଧିକାଂଶରେ ତଥାକଥିତ ସେହି ଟେକଷ୍ଟୁଆଲ କ୍ରିଟିସିଜିମ୍ କରି ଚାଲିଛୁ ମାତ୍ର ।

ଅନେକ ସମାଲୋଚକ ଙ୍କୁ ମନ୍ଦ କବି ବୋଲି ଅଭିହିତ କରିଥାଆନ୍ତି । ଅନେକ ଭାବନ୍ତି ସମାଲୋଚକର ମନ ଓ ଚେତନା ଯେପରି ବନ୍ଧ୍ୟା ଓ ସତେ ଯେପରି ସେ ଏକ Barren Rascal, ମାତ୍ର ସମାଲୋଚକ କବିର ଅନୁଭୂତିକୁ ଆହୁରି ନିବିଡ ପରିପୂର୍ଣ୍ଣ କରି ଦେଖିଥାଏ ।

ବାମାବାଦୀ ସାହିତ୍ୟ ସମାଲୋଚନା ଯଦି ପ୍ରତିଷ୍ଠିତ ହୁଏ, ସମଗ୍ର ବିଶ୍ୱରେ ସାହିତ୍ୟର ଭାବପ୍ରସ୍ଥ ଓ ତା'ର ପ୍ରତି ସମସ୍ୟାତ୍ମକ ବ୍ୟଞ୍ଜନାପ୍ରସ୍ଥର ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ହେବ । ବାମବାଦୀ ସାହିତ୍ୟ ସମାଲୋଚନା ବିଶ୍ୱଦୃଷ୍ଟି (World View) ପରିପ୍ରେକ୍ଷୀରେ ଏକ ବାସ୍ତବବାଦୀ ସମାଲୋଚନା, ଯାହା ପରିବର୍ତ୍ତିତ ବିଶ୍ୱଚେତନା ଦ୍ୱାରା ସ୍ପଷ୍ଟ । କାରଣ ବିଶ୍ୱଦୃଷ୍ଟି ସାହିତ୍ୟ କୃତି ସମ୍ପର୍କିତ ଧାରଣାକୁ ପୂର୍ଣ୍ଣାଙ୍ଗ କରେ ।

ଓଡିଆ ସାହିତ୍ୟରେ ସୃଜନଶୀଳ ସମାଲୋଚନା ପାଇଁ ବିଶିଷ୍ଟ ସମାଲୋଚକ ମାନଙ୍କ ମଧ୍ୟରେ - କାଳିନ୍ଦୀଚରଣ ପାଣିଗ୍ରାହୀ, ଆର୍ତ୍ତବଲ୍ଲଭ ମହାନ୍ତି, ଡଃ. କାହ୍ନୁଚରଣ ମିଶ୍ର, ଡଃ. ଦୋଳଗୋବିନ୍ଦ ଶାସ୍ତ୍ରୀ, ଡଃ. ଶ୍ରୀନିବାସ ମିଶ୍ର, ଡଃ. ଧନେଶ୍ୱର ମହାପାତ୍ର, ଡଃ. ଦାଶରଥି ଦାଶ, ଡଃ. ସର୍ବେଶ୍ୱର ଦାସ, ଡଃ. ହରିହର କାନୁନ୍‌ଗୋ, ଡଃ. ସଂଘମିତ୍ରା ମିଶ୍ର, ଡଃ. ବୈଷ୍ଣବଚରଣ ସାମଲ, ଡଃ. ଶ୍ରୀଚରଣ ମହାନ୍ତି, ଡଃ. ନଟବର ଶତପଥି, ଡଃ. ଆଦିକନ୍ଦ ସାହୁ ଆହୁରି ଅନେକ କୃତିବିଦ୍ୟ ପ୍ରମୁଖ ଓଡିଆ ସମାଲୋଚନା ସାହିତ୍ୟର କୃତିସାଧକ

ସାଂପ୍ରତିକ ସାହିତ୍ୟ ସମାଲୋଚକ ମାନେ ବ୍ୟକ୍ତିଗତ ଶ୍ରଦ୍ଧା ନିବେଦନରେ ଅଧିକ ମୁଖର । ସେମାନେ ଓଡିଶାର ପ୍ରାଦେଶିକ ଓଡିଆ ସାହିତ୍ୟ ସମାଲୋଚନା ସହ ଭାରତୀୟ ସାହିତ୍ୟ ସହିତ ବିଶ୍ୱ ସାହିତ୍ୟର ବିଭିନ୍ନ ଦିଗ ଓ ଦିଗନ୍ତକୁ ଆଲୋଚନା କରିଅଛନ୍ତି । ଅଧିକାଂଶ ସମାଲୋଚନା ସେମାନଙ୍କର ବ୍ୟକ୍ତିନିଷ୍ଠ ଓ ତୁଳନାତ୍ମକ, ସାହିତ୍ୟ ଆଲୋଚନାରେ ସେ କଳା ଓ ସଂସ୍କୃତିର ପ୍ରାସଙ୍ଗିକତାକୁ ଏଡାଇଦେଇ ଯାଇନାହାଁନ୍ତି । ଓଡିଶାର କଳା, ସଂସ୍କୃତି ତଥା ଧର୍ମ ଓ ଜାତୀୟତା ସମ୍ପର୍କରେ ସେମାନେ ଅତ୍ୟନ୍ତ ଶାବଲୀଳ ଭାଷାରେ ବର୍ଣ୍ଣନାକରି ପ୍ରବନ୍ଧମାନ ରଚନା କରିଅଛନ୍ତି ।

ଆଧୁନିକ ସମାଲୋଚକ ମାନେ ସେମାନଙ୍କର ସାହିତ୍ୟ ସମାଲୋଚନାରେ ବିଶେଷତଃ - ଭାବ, ଭାଷା, ବର୍ଣ୍ଣନା, ଛନ୍ଦ, ଶବ୍ଦଯୋଜନା, ଚରିତ୍ର ଚିତ୍ରଣ, ବୀର, କରୁଣ, ବାତ୍ସଲ୍ୟାଦିରସ, ନୀତି, ଧର୍ମ ପ୍ରଭୃତି ବର୍ଣ୍ଣନା କରିଥାଆନ୍ତି । ସାହିତ୍ୟ ଆଲୋଚନାରେ ସେମାନେ ସବୁ କଳା, ସଂସ୍କୃତିର ପ୍ରାସଙ୍ଗିକତାକୁ ଏଡାଇଦେଇ ଯାଇନାହାଁନ୍ତି ।

ଓଡିଶାର କେତେଜଣ - ଓଡିଆ ସାହିତ୍ୟ ସମାଲୋଚକ ନିଜର ସୃଜନଶୀଳ ପ୍ରତିଭାଦୀପ୍ତ ବଳରେ - ଓଡିଆ ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟ ତଥା ବିଶ୍ୱସାହିତ୍ୟ କ୍ଷେତ୍ରରେ ନିଜର ସ୍ୱାକ୍ଷରକୁ ଛାଡିଛନ୍ତି ।

ଓଡିଶାର ଅନ୍ୟତମ ବରପୁତ୍ର - ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଙ୍କ ଦଶବର୍ଷର ଓଡିଶା, ଓଡିଶା ଇତିହାସ, ସାଧନାର ପଥେ, ଆରବ ସାଗର ରୁ ଚିଲିକା, ଯୁଗ ସଙ୍କେତ, ସାହିତ୍ୟ ଓ ଆଲୋଚନା ପ୍ରଭୃତି ପାଇଁ ଚିରସ୍ମରଣୀୟ ।

ବିଶିଷ୍ଟ ସାରସ୍ୱତସାଧକ / ଓଡିଆ ଗବେଷଣା ପରିଷଦର ପ୍ରତିଷ୍ଠାତା ସଭାପତି ଡଃ. କୃଷ୍ଣଚରଣ ବେହେରା ସାହିତ୍ୟ ସମାଲୋଚନା ସୃଷ୍ଟିର ବେଶ୍ ପରିଚିତ ନାମ । ନାଟ୍ୟ ସାହିତ୍ୟର ପରିଚୟ - ଓଡିଆ ଉପନ୍ୟାସ, ଓଡିଆ ସାହିତ୍ୟରେ ଇସଲାମ୍ ପ୍ରବାହ ପ୍ରଭୃତି

ସମାଲୋଚନା ଗ୍ରନ୍ଥରେ ତାଙ୍କର ଚିନ୍ତା ଚେତନାର ଅଭିନବତ୍ୱ ଅନୁଶୀଳନ ହେଉଛି - ବୈଶିଷ୍ଟ୍ୟ ।

ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଡକ୍ଟର କ୍ଷେତ୍ରବାସୀ ନାୟକ ବହୁ ନୂତନ ଦିଗନ୍ତର ସନ୍ଧାନ ଦେଇ ପାରିଛନ୍ତି । ତାଙ୍କ ସୃଷ୍ଟି - ଆଧୁନିକ ଓଡିଆ କାବ୍ୟ ସାହିତ୍ୟରେ ପାଶ୍ଚାତ୍ୟ ପ୍ରଭାବ, ଭାରତୀୟ କାବ୍ୟ ତତ୍ତ୍ୱ, ସାହିତ୍ୟର ସାମାନ୍ୟ କଥନ, ଆଲୋଚନା ପତ୍ର ପ୍ରଭୃତି ସମାଲୋଚନା ଗ୍ରନ୍ଥ ଓଡିଆ ସମାଲୋଚନା ସାହିତ୍ୟର ଅମୂଲ୍ୟ ଅବଦାନ ।

ସାହିତ୍ୟ ସମାଲୋଚକ ଡକ୍ଟର ମଣିନ୍ଦ୍ର କୁମାର ମେହେର ଙ୍କ ଆଲୋକ ଓ ଅମୃତର କବି ଗଙ୍ଗାଧର, ସାହିତ୍ୟର ଅନ୍ତସ୍ୱର, ଗଙ୍ଗାଧର ମେହେର - ଜୀବନୀ ଓ ସୃଜନୀ, ସୃଜନ ସନ୍ଦେଶ ପ୍ରମୁଖ ଅନ୍ୟତମ ।

ସତ୍ୟବାଦୀ ସାହିତ୍ୟ ଯୁଗର ବରେଣ୍ୟ ସାହିତ୍ୟ ସାଧକ ନୀଳକଣ୍ଠ ଦାସ ଙ୍କ ଓଡିଆ ସାହିତ୍ୟର କ୍ରମ ପରିଣାମ, ଓଡିଆ ଭାଷା ଓ ସାହିତ୍ୟ, ସଂସ୍କୃତ ଓ ସଂସ୍କୃତି ଗୀତା ପ୍ରଦେଶ ଆଦି ସମାଲୋଚନା ଗ୍ରନ୍ଥ ଏ ଯାବତ୍ ଓଡିଆ ସାହିତ୍ୟର ସ୍ୱର୍ଣ୍ଣ ଭଣ୍ଡାରରେ ମର୍ଯ୍ୟାଦା ସମ୍ପର୍ଣ୍ଣ ଭାବରେ ଗଚ୍ଛିତ ।

ଆଧୁନିକ ଓଡିଆ ବିଶିଷ୍ଟ ସମାଲୋଚକ ପଠାଣୀ ପଟ୍ଟନାୟକ ଙ୍କ ସୃଷ୍ଟି ସମ୍ଭାର - ଓଡିଆ ସାହିତ୍ୟର ଭୂମିକା, ସାହିତ୍ୟ ପରିକ୍ରମା, ସାହିତ୍ୟ ବିଚାର, ପ୍ରବନ୍ଧ ଓ ସମାଲୋଚନା, ସାହିତ୍ୟ ସଂହତି ଓ ସଂସ୍କୃତି, ସମାଜ ଓ ସାହିତ୍ୟ, ଓଡିଆ ସାହିତ୍ୟର ଇତିହାସ ଆଦି ଓଡିଆ ସମାଲୋଚନା ଜଗତକୁ ପରିପୁଷ୍ଟ କରାଇବାରେ ଯଥେଷ୍ଟ ସହାୟକ ହେଉଅଛି ।

ଓଡିଆ ଶାସ୍ତ୍ରୀୟ ଭାଷାର ପ୍ରଥମ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ଙ୍କ ସମାଲୋଚନା ସାହିତ୍ୟ ସୃଷ୍ଟି ମଧ୍ୟରେ - ମୋ ଦୃଷ୍ଟିରେ ଓଡିଶା, ଭାରତୀୟ ସଂସ୍କୃତି ଓ ଐତିହ୍ୟ, ପୁରାଣ ପରିଚୟ, ଦିବ୍ୟ ବଚନାମୃତ, ଉପନିଶେଷ ବଚନାମୃତ, ଅଭୁଲା ଐତିହ୍ୟ, ଓଡିଆ ଏକ ଶାସ୍ତ୍ରୀୟ ଭାଷା ଆଦି ଓଡିଆ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ ।

ଡକ୍ଟର ଉଦ୍ଧବ ଚରଣ ନାୟକ ଙ୍କ ସମାଲୋଚନା ସୃଷ୍ଟି ମଧ୍ୟରେ - କବି ବଡଜେନା ଜୀବନୀ ଓ ସାହିତ୍ୟ, ମହିମା ଧର୍ମ ଇତିହାସ, ହିନ୍ଦୁ ଗୃହ ସାଧନା, ଉତ୍କଳ ପ୍ରତିଭା ପ୍ରମୁଖ ।

ମୌଳିକ ଓଡିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଅସାଧାରଣ ସିଦ୍ଧିର ଅଧିକାରୀ ଚିତ୍ତରଞ୍ଜନ ଦାସ ଙ୍କ ସୃଷ୍ଟି ଗୁଣ ଓ ପରିମାଣ ଉଭୟ ଦୃଷ୍ଟିରୁ ଐଶ୍ୱର୍ଯ୍ୟ ବିମଣ୍ଡିତ କରିଅଛି । ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟ, ସଂସ୍କୃତି, ଧର୍ମ-ଦର୍ଶନ ତାଙ୍କର ଗଭୀର ଅଧ୍ୟୟନ ଚିତ୍ତରଞ୍ଜନ ଙ୍କୁ କାଳଜୟୀ କରିଅଛି । ଅଚ୍ୟୁତାନନ୍ଦ ଓ ପଞ୍ଚଶଖା ଧର୍ମ, ଓଡିଶାରେ ମହିମାଧର୍ମ, ସନ୍ଥସାହିତ୍ୟ, ଓଡିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା, ପଞ୍ଚଶଖା ସାହିତ୍ୟ ପ୍ରଭୃତି ଉଚ୍ଚକୋଟୀର ସମାଲୋଚନା କେବଳ ଚିତ୍ତରଞ୍ଜନ ଙ୍କ ଦ୍ୱାରା ହିଁ ସମ୍ଭବ, ଏ କ୍ଷେତ୍ରରେ ସେ ଜଣେ ଅବିକଳ୍ପ ଦିଶାରୀ ।

ଆଧୁନିକ ସମାଲୋଚନା ସାହିତ୍ୟର ଜଣେ ସମାଲୋଚକ ଡକ୍ଟର ସନ୍ତୋଷ କୁମାର ତ୍ରିପାଠୀ ଙ୍କ ସ୍ୱକୀୟତା - ଓଡିଆ ସାହିତ୍ୟର ବିକାଶଧାରା, ରୀତିକାବ୍ୟ କଳନା, ଓଡିଆ ପ୍ରବାଦ ପ୍ରବଚନ, ଓଡିଆ ଉପନ୍ୟାସ ସମ୍ପର୍କରେ, କାବ୍ୟତତ୍ତ୍ୱ ଓ ଉପନ୍ୟାସ କଳନା, ସଂଯୋଗ ଅନୁବିଧି, ବିଭାବନା ବୈଚିତ୍ର୍ୟ, ନିର୍ମିତ୍ତ ନିର୍ମାଣ ଇତ୍ୟାଦି ଗ୍ରନ୍ଥରେ ତାଙ୍କ ସମାଲୋଚନାର ସ୍ୱାକ୍ଷର ପରିଦୀପ୍ତ ।

ଚଳନ୍ତି ସମୟର ସୁଖ୍ୟାତି ସମାଲୋଚକ ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଙ୍କ ଗଭୀର ଅନୁଶୀଳନୀ ଓ ତାତ୍ତ୍ୱିକ ଦୃଷ୍ଟିକୋଣର ପରିଚୟ ଓଡିଆ ସମାଲୋଚନା ସାହିତ୍ୟରେ ପରିଦୃଷ୍ଟ । ସାହିତ୍ୟର ଶରୀର ତତ୍ତ୍ୱ, ସାହିତ୍ୟିକ ମତବାଦ, ଭାରତୀୟ କାବ୍ୟତତ୍ତ୍ୱ, ଓଡିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି, କବି ରାଧାମୋହନ ଗଡନାୟକ ଙ୍କ - କାବ୍ୟମାନସ, ଓଡିଆ ଯାତ୍ରା - ଉନ୍ମେଷ ଓ ଉତ୍ତୋରଣ, ଓଡିଆ ସମାଲୋଚନା ସାହିତ୍ୟର କ୍ରମବିକାଶ, ପ୍ରୟୋଗିକ ଓଡିଆ ଭାଷା, ସାରଳାଦେବୀ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ଚିତ୍ରୋମାହେଶ୍ୱର ଇତ୍ୟାଦି ସମାଲୋଚନା ପୁସ୍ତକ ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଅଛି ।

କାଳିନ୍ଦୀଚରଣ ପାଣିଗ୍ରାହୀ ଓଡିଶାର ଜଣେ ବିଶିଷ୍ଟ ଭାବବାଦୀ ସମାଲୋଚକ । ତାଙ୍କ ସୃଜନଶୀଳ ସମାଲୋଚନା ଓଡିଆ ସାହିତ୍ୟର ଖୁବ୍ ବିରଳ । ତାଙ୍କର ସାହିତ୍ୟ - ସମାଲୋଚନା ମୂଳକ ପ୍ରବନ୍ଧ ଅଧିକାଂଶରେ ଧାରଣାନିଷ୍ଠ । ଓଡିଆ ସାହିତ୍ୟର ପରମ୍ପରା, ଲାବଣ୍ୟବତୀ ରେ ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ଙ୍କ ଚରିତ୍ର ଚିତ୍ରଣ, ହିନ୍ଦୀ ସାହିତ୍ୟରେ କଥାସମ୍ରାଟ ପ୍ରେମଚାନ୍ଦ, ତାମିଲ୍ ସାହିତ୍ୟର ଶ୍ରେଷ୍ଠକବି, ସାହିତ୍ୟରେ ବ୍ୟବସାୟ, ରବିନ୍ଦ୍ର ସାହିତ୍ୟରେ ବିଶ୍ୱପ୍ରେମ ଇତ୍ୟାଦି ଅନେକ ସାହିତ୍ୟ ସମାଲୋଚନା ଧର୍ମୀ ପ୍ରବନ୍ଧ ୧୯୬୦ ମସିହାରେ ପ୍ରକାଶିତ "ପ୍ରବନ୍ଧ ସାହିତ୍ୟ" ଗ୍ରନ୍ଥରେ ସ୍ଥାନୀତ ହୋଇଅଛି । ଏହି ସାହିତ୍ୟ, ସମାଲୋଚନା ଧର୍ମୀ ପ୍ରବନ୍ଧ ଗୁଡିକରେ କାଳିନ୍ଦୀଚରଣ ଙ୍କ ସାହିତ୍ୟିକ ଅଭିରୁଚି, ସୌନ୍ଦର୍ଯ୍ୟ ଦୃଷ୍ଟି ତଥା ବହୁ ଶାସ୍ତ୍ରାଦର୍ଶିତାର ପ୍ରମାଣ । ସମାଲୋଚକ କାଳିନ୍ଦୀଚରଣ ତାଙ୍କର "ସାମୟିକ ସାହିତ୍ୟ ସମୀକ୍ଷା" ଗ୍ରନ୍ଥରେ ଗଳ୍ପ, ଉପନ୍ୟାସ, କାବ୍ୟ, କବିତା, ପତ୍ର-ପତ୍ରିକା, ଓଡିଆ ସାହିତ୍ୟର ସାହିତ୍ୟିକ ଯୁଗ, ସାହିତ୍ୟ ତତ୍ତ୍ୱ, ସାହିତ୍ୟ ସମସ୍ୟା, ଆନ୍ତର୍ଜାତୀୟ ପଟ୍ଟଭୂମି, ପ୍ରତିବେଶୀ ସାହିତ୍ୟ ଓ ବହୁ ବିଶ୍ୱପ୍ରସିଦ୍ଧ ସାହିତ୍ୟିକ ଙ୍କ ସମ୍ପର୍କରେ ସମାଲୋଚନାରେ ଲେଖିଛନ୍ତି ।

ଚଳିତ ସମୟର ଓଡିଆ ସାହିତ୍ୟର ଜଣେ ବିଶିଷ୍ଟ ସମାଲୋଚକ ଡକ୍ଟର ଆଦିକନ୍ଦ ସାହୁ, ଜଣେ ଅଧ୍ୟାପକ ଭାବରେ କର୍ମମୟ ଜୀବନ ଥିଲେ ମଧ୍ୟ ସାହିତ୍ୟି ସାଧନା ଥିଲା ତାଙ୍କ ଜୀବନର ପ୍ରମୁଖ କାର୍ଯ୍ୟଧାରା । ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଥିଲେ ମଧ୍ୟ ଜଣେ ସମାଲୋଚକ ଭାବରେ ସେ ଓଡିଆ ସାହିତ୍ୟ ଜଗତରେ ପରିଚିତ । ତାଙ୍କର ପ୍ରମୁଖ ସମାଲୋଚନା ମୂଳକ ସାହିତ୍ୟ ଗ୍ରନ୍ଥ ମଧ୍ୟରୁ - ଗଦ୍ୟ ଗୌରବ, ପଦ୍ୟ ଗୌରବ, କଳା ଗୌରବ, ଭାବ ଗୌରବ ତଥା ସୃଜନ ଗୌରବ ପ୍ରମୁଖ ଓଡିଆ

ସମାଲୋଚନା ସାହିତ୍ୟର ଅମ୍ଳାନ ଗ୍ରନ୍ଥ । ତାଙ୍କର ସମାଲୋଚନା ସାହିତ୍ୟରେ ଚେତନାଭାବ ପରିଦୃଷ୍ଟିତ ହୋଇ ପାରିଅଛି । ସମାଜରେ ଜାଗରଣ ସୃଷ୍ଟି ତାଙ୍କ ସାହିତ୍ୟରେ ପ୍ରତିଫଳିତ ହୋଇଅଛି ।

ମୁଁ ଜଣେ ନିରୂତ ସାହିତ୍ୟିକ ଟିଏ । ଓଡିଆ ସାହିତ୍ୟର ଜଣେ ଛାତ୍ର ସର୍ବୋପରି ଅଧ୍ୟାପକ ଭାବରେ କର୍ମ ସାଧନାରେ ଅବା ଗବେଷଣା ଭାବରେ ସାହିତ୍ୟର ବିକାଶଧାରାରେ ଏକ ଗୁଣ୍ଡୁଚିମୂଷା ଟିଏ ସୁଦଶ୍ୟ କାର୍ଯ୍ୟରତ । ଅନେକ ସାହିତ୍ୟ ସୃଷ୍ଟି ମଧ୍ୟରେ ମୋର ଭାବନା ରୂପାନ୍ତରିତ ହେଲା - କବି, ଗାଳ୍ପିକ, ସମୀକ୍ଷକ, ପ୍ରାବନ୍ଧିକ, ଜୀବନୀକାର, ଔପନ୍ୟାସିକ, ନାଟ୍ୟକାର, ସନ୍ଦର୍ଭକାର, ଅନୁବାଦକ, ସମାଲୋଚକ, ଗବେଷଣାତ୍ମକ ନିବନ୍ଧକ ପ୍ରମୁଖ କ୍ଷେତ୍ରରେ କଲମ ଚାଳନା ହୋଇଥିଲେ ମଧ୍ୟ ମୋର ସ୍ୱପ୍ନଦ୍ୟଷ୍ଟ ସମାଲୋଚନା ସାହିତ୍ୟଟିଏ - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ।

ସାଂପ୍ରତିକ ଓଡିଆ ସାହିତ୍ୟର ବିକାଶଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା - ଆଧୁନିକ ସାହିତ୍ୟିକ / ସାହିତ୍ୟିକା ଙ୍କର ସୃଜନୀ ତଥା ଜୀବନକୁ "ସୃଜନପ୍ରଭା"ରେ ସ୍ଥାନୀତ ହୋଇଛି । ଯଶଶ୍ରୀ ସାହିତ୍ୟିକ ଙ୍କର ଜୀବନୀ ଓ ସୃଜନୀ କୁ ନେଇ ସାମଗ୍ରିକ ଫଳଭଳି ସାହିତ୍ୟ ସମାଲୋଚନା ଗ୍ରନ୍ଥଟିଏ । ବିଦୁଶୀ ସାହିତ୍ୟିକ ଗଣ ତାଙ୍କ ଜୀବନୀ, ସୃଜନୀ ସହ ସମାଜକୁ କିପରି ପ୍ରଭାବିତ କରିପାରିଛନ୍ତି, ସର୍ବୋପରି ଓଡିଆ ସାହିତ୍ୟର ବିକାଶଧାରାରେ ସେମାନଙ୍କର ସକ୍ରିୟ ଭୂମିକା ଏ ସାରସ୍ୱତ ପୁସ୍ତିକା - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ପରିପ୍ରକାଶ ହୋଇ ପାରିଅଛି ।

ଓଡିଆ ଭାଷା ସାହିତ୍ୟ ପ୍ରେମୀ - ପ୍ରାଦେଶିକ ତଥା ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଯିଏ ଯେଉଁଠାରେ ଥାଉନା କାହିଁକି - ଏ ପୁସ୍ତିକାଟି ତାଙ୍କ ମନକୁ ଛୁଇଁ ପାରିଲେ ମୋର ଶ୍ରମ ସାର୍ଥକ ହେବ ।

# ବ୍ୟାସକବି ଫକୀରମୋହନ ସେନାପତି ଓଡିଆ ସାହିତ୍ୟ ଜଗତର ଏକ କିମ୍ବଦନ୍ତୀ ପୁରୁଷ ।

ପ୍ରଫେସର ଡକ୍ଟର ସୁବାଷ ନାୟକ

# ବ୍ୟାସକବି ଫକୀରମୋହନ ସେନାପତି

## ଓଡିଆ ସାହିତ୍ୟ ଜଗତର ଏକ କିମ୍ବଦନ୍ତୀ ପୁରୁଷ ।

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଫକୀରମୋହନ ସେନାପତି (୧୮୪୩-୧୯୧୮) -

ଆଧୁନିକ ଓଡିଆ ଗଦ୍ୟ ସାହିତ୍ୟର ଜନକ ଅନେକ ପ୍ରସିଦ୍ଧ ଉପନ୍ୟାସ ଲେଖିଥିଲେ । ତାଙ୍କ ଲେଖନୀରେ ତୀକ୍ଷ୍ଣ ହାସ୍ୟର ସମ୍ପୂର୍ଣ୍ଣ କଟାକ୍ଷ ଓ ସାମାଜିକ ଦୃଶ୍ୟପାଇଁ ପ୍ରସିଦ୍ଧ । ତାଙ୍କ ସର୍ବପ୍ରସିଦ୍ଧ ରଚନା - "ଛମାଣ ଆଠଗୁଣ୍ଠ" ଉପନ୍ୟାସ, କେତେକ କବିତା ଓ ଶିଶୁଗୀତିକା ଲେଖିବା ସଙ୍ଗେସଙ୍ଗେ ରାମାୟଣ, ମହାଭାରତ - ମହାକାବ୍ୟକୁ ଓଡିଆରେ ସରଳ ଗଦ୍ୟାନୁବାଦ କରି "ବ୍ୟାସକବି" ଉପାଧି ପାଇଥିଲେ ।

୧୩ ଜାନୁୟାରୀ, ୧୮୪୩ ମସିହାରେ ବାଲେଶ୍ୱର (ତତ୍‌କାଳୀନ ବ୍ରିଟିଶ୍ ଇଣ୍ଡିଆର ବେଙ୍ଗଲ୍ ପ୍ରେସିଡେନ୍ସିରେ) ଜନ୍ମଗ୍ରହଣ କରିଥିଲେ । ବାପା ଥିଲେ - ଲକ୍ଷ୍ମଣ ଚରଣ ସେନାପତି ଓ ମା' ଥିଲେ - ତୁଳସୀ ଦେବୀ, ମଧ୍ୟମ ଧରଣର ଖଣ୍ଡାୟତ ପରିବାର ରେ ଜନ୍ମିତଥିଲେ । ତାଙ୍କୁ ମାତ୍ର ଯେତେବେଳେ ଦେଢବର୍ଷ ବୟସ ହୋଇଥିଲା, ତାଙ୍କ ବାପା ମରିଯାଇଥିଲେ । ବାପାଙ୍କ ମୁହଁ ଦେଖିବା ପୂର୍ବରୁ (ଚିହ୍ନିବା) ସେ ପିତୃହରା ହୋଇଗଲେ । ପରେପରେ ତାଙ୍କ ମା' ମଧ୍ୟ ମରିଗଲେ - ପିତୃମାତୃହରା ଶୈଶବ ଫକୀରମୋହନ ଙ୍କୁ ଜେଜେମା ବଢାଇଥିଲେ ।

ପରେପରେ ତାଙ୍କ ଶିକ୍ଷାରେ ଅଗ୍ରଗତି ହୋଇ ପାରିନଥିଲା, ସ୍ୱାସ୍ଥ୍ୟ ଅତି ପତଳା ଥିବାରୁ - ସେ ବହୁତ ଡେରିରେ ବିଦ୍ୟାଳୟ ଶିକ୍ଷାଗ୍ରହଣ କରିଥିଲେ । ତାଙ୍କ ମାମୁଁ ମଧ୍ୟ ତାଙ୍କପ୍ରତି ବିମୁଖତା ରହିଥିଲେ । ସେ ଜଣେ ଶିଶୁ ଶ୍ରମିକ ଭାବରେ କାର୍ଯ୍ୟକରି ତାଙ୍କ ପ୍ରାଥମିକ ଶିକ୍ଷାଗ୍ରହଣ କରିଥିଲେ । ପରେପରେ କର୍ମର ଜୀବନକ୍ଷେତ୍ରରେ ଜଣେ ସାହିତ୍ୟିକ ଓ ସମାଜ ସଂସ୍କାରକ ଭାବରେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ସେ ସାଂସାରିକ ଜୀବନରେ ଆବଦ୍ଧ ହୋଇଥିଲେ । ତତ୍‌କାଳୀନ ବାଲ୍ୟବିବାହ ସମୟରେ ସେ ମାତ୍ର ୧୩ ବର୍ଷ ବୟସରେ ୧୯୫୬ ମସିହାରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ, ମାତ୍ର ତାଙ୍କର ପତ୍ନୀଙ୍କ ଦେହାନ୍ତ ହୋଇ ଯାଇଥିଲା । ପୁନଶ୍ଚ ୨୯ ବର୍ଷ ବୟସରେ, ୧୮୭୧ ମସିହାରେ ଫକୀରମୋହନ ଦ୍ୱିତୀୟ ବିବାହ କରିଥିଲେ - କୃଷ୍ଣାକୁମାରୀ ଦେବୀଙ୍କୁ । ବିବାହର ୨୧ ବର୍ଷପରେ - ପତ୍ନୀ କୃଷ୍ଣାକୁମାରୀ ଙ୍କ ଦେହାନ୍ତ ହୋଇଥିଲା, ମାତ୍ର ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିଲେ । ଫକୀରମୋହନ ପୁଅଝିଅଙ୍କୁ ଧରି ସାଂସାରିକ ଜୀବନ ବିତାଇଥିଲେ ।

ପରିବାର ର ଜଞ୍ଜାଳ ମଧ୍ୟରେ ମଧ୍ୟ ଫକୀରମୋହନ ଭୁଲି ପାରିନଥିଲେ - ସାହିତ୍ୟ ସାଧନାକୁ । ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଥିଲେ - ଫକୀରମୋହନ - ଉପନ୍ୟାସ, ଗଳ୍ପ, କବିତା, ଆତ୍ମଜୀବନୀ ଇତ୍ୟାଦି, ମାତ୍ର ସେ ଜଣେ ଔପନ୍ୟାସିକ ଭାବରେ ସିଦ୍ଧିହସ୍ତ ଥିଲେ ।

**ଉପନ୍ୟାସ -**

ଛମାଣ ଆଠଗୁଣ୍ଠ (୧୮୯୭)
ମାମୁଁ
ଲଛମା
ପ୍ରାୟଶ୍ଚିତ୍ (୧୯୧୫)

**ଗଳ୍ପ -**

ଗଳ୍ପସ୍ୱଳ୍ପ (ସଂକଳନ)
ରେବତୀ

**କବିତା -**

ଉତ୍କଳ ଭ୍ରମଣଂ

**ଆତ୍ମଜୀବନୀ -**

ଆତ୍ମଜୀବନ ଚରିତ

**"ଛମାଣ ଆଠଗୁଣ୍ଠ" - ଉପନ୍ୟାସ :**

"ଛମାଣ ଆଠଗୁଣ୍ଠ" ଉପନ୍ୟାସ - ଫକୀରମୋହନ ଙ୍କ ଶ୍ରେଷ୍ଠତମ କୃତି । ଏହା ଚରିତ୍ର ମାନଙ୍କର ଏକ ଆଲେଖ୍ୟଶାଳା । ଚମ୍ପା, ମଙ୍ଗରାଜ, ଭଗିଆ, ସାରିଆ ଭଳି ଏ ଉପନ୍ୟାସର ଚରିତ୍ରମାନେ ଓଡିଆ ସାହିତ୍ୟର ଆର୍କିଟାଇପ୍ ବା ପ୍ରତୀକରେ ପରିଣତ ହୋଇଛନ୍ତି । ସମାଜରେ ଦଳିତ ଓ ଅବହେଳିତ ମାନଙ୍କର ପ୍ରତି ଗଭୀର ସହାନୁଭୂତି ଥିଲେ ମଧ୍ୟ ଧନୀକ ଗୋଷ୍ଠୀର ଜୀବନଧାରା ସହିତ

ଫକୀରମୋହନ ବିଶେଷ ପରିଚିତ ଥିଲେ, ସେଥିପାଇଁ ଭଗିଆ ଓ ସାରିଆ ଙ୍କ ଦାରିଦ୍ର୍ୟ, କଷଣ ସହିତ ମଙ୍ଗରାଜ ଙ୍କ ଜମିଦାରୀ ଓ ଅତ୍ୟାଚାରୀ ମନୋବୃତ୍ତି - ଏ ଉପନ୍ୟାସର ନିଖୁଣ ଭାବରେ ବର୍ଣ୍ଣିତ ।

"ଛମାଣ ଆଠଗୁଣ୍ଠ" ର ସାଂରାଶ ଲିଖନ ସୂଚୀ - ରାମଚନ୍ଦ୍ର ମଙ୍ଗରାଜ, ସ୍ୱନାମ ପୁରୁଷ ଧନଃ, ବାଣିନେ ବସନ୍ତି ଲକ୍ଷ୍ମୀ, ଅୟଂ ନିଜେ ପରୋବୋର୍ଚ୍ଚି, ମଙ୍ଗରାଜ ଙ୍କ କୁଟୁମ୍ବ, ଚମ୍ପା, ବୁଢି ମଙ୍ଗଳା, ଜମିଦାର ସେଖ ଦିଲବାର ମିଆଁ, ଗାଁ ହାଲଚାଲ, ଭଗିଆ ଆଉ ସାରିଆ, ଗୋବରୀ ଜେନା, ଅସୁରଦୀଘି, ହିତୋପଦେଶ, ମନ୍ତ୍ରଣା, ବାଘସିଂହ ବଂଶ, ଟାଙ୍ଗୀ ମାଉସୀ, କିପରି ଘର ପୋଡିଲା ସାଆନ୍ତାଣି, ପୁଲିସ୍ ତଦାରଖ, ଆସାମି ଚଲାଣି, ଓକିଲ ରାମ ରାମ ଲାଲ, କଟକ ସେସନ୍ ଜଜ୍‌କୋର୍ଟ, ଗୋପି ସାହୁର ଦୋକାନ ଘର, କର୍ମଫଳ, ଖୁଣି ତଦାରଖ୍, ମଙ୍ଗରାଜ ଘରର ହାଲଚାଲ, ବାବାଜୀ ଲଳିତା ଦାସ, ଅପୂର୍ବମିଳନ, ଉପସଂହାର ଆଦି ବିଷାଦ ଭାବରେ ବର୍ଣ୍ଣିତ ।

ଫକୀରମୋହନ ଙ୍କ ବାସ୍ତବବାଦ ପରମ୍ପରାରେ ସାହିତ୍ୟ ସୃଷ୍ଟି କରିଥିଲେ । "ଛମାଣ ଆଠଗୁଣ୍ଠ" ର - 'ଅସୁରୀଦୀର୍ଘି' ପରିଚ୍ଛୋଦରେ ସେ ମଇଳା ଓ ଆବର୍ଜନାର ଯେପରି ବର୍ଣ୍ଣନା କରିଛନ୍ତି, ଊନବିଂଶ ଓ ବିଂଶ ଶତାବ୍ଦୀର ପ୍ରଥମପାଦରେ ଜଣେ ଔପନ୍ୟାସିକ ଙ୍କ ପକ୍ଷରେ ସେଭଳି କରିବା ଯଥାର୍ଥରେ ବିସ୍ମୟକର । ତାଙ୍କର ବ୍ୟଙ୍ଗ, ବିଦ୍ରୁପ ତଥା କଥିତ ଭାଷାର ପ୍ରୟୋଗ ଓଡିଆ ସାହିତ୍ୟରେ ଅତୁଳନୀୟ । ତାଙ୍କ ଗଳ୍ପ, ଉପନ୍ୟାସର ବିଷୟବସ୍ତୁ ସେ ମୋଟାମୋଟି ସଂଗ୍ରହ କରିଥିଲେ ନିଜ ଅନୁଭୂତିରୁ । ସବୁ ଶ୍ରେଣୀର ପାଠକମାନଙ୍କ ପାଖରେ ସେ ଅଦ୍ୟାବଧି ପ୍ରୟରସ ହୋଇ ରହିଅଛନ୍ତି ।

ଫକୀରମୋହନ ଙ୍କ ଉପନ୍ୟାସ - "ଛମାଣ ଆଠଗୁଣ୍ଠ" ବିଭିନ୍ନ ଭାରତୀୟ ଭାଷା ତଥା ଇଂରାଜୀ ଭାଷାରେ ଅନୁବାଦ ହୋଇ ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟରେ ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟାଙ୍କୁ ପରିଚିତ କରାଇ ପାରିଅଛି । ଭାରତର ପେଙ୍ଗୁଇନ୍ ପ୍ରକାଶନ ସଂସ୍ଥା ତଥା ଆମେରିକାର ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିଆ ପ୍ରେସ୍ ଏହାର ଇଂରାଜୀ ଅନୁବାଦ ପ୍ରକାଶ କରିଅଛନ୍ତି । ଏହା ଆମ ଓଡିଶାରେ ନୁହେଁ ଭାରତ ଭିତରେ ଓ ବାହାରେ ବିପୁଳ ପାଠକୀୟ ଆଦୃତି ଲାଭ ହେଇଛି ।

ପ୍ରବୀଣ ସାହିତ୍ୟ ସମାଲୋଚକ ନଟବର ସାମନ୍ତରାୟ ଯଥାର୍ଥରେ ଦର୍ଶାଇଛନ୍ତି - ଫକୀରମୋହନ ଙ୍କ ଉପନ୍ୟାସ ଗୁଡିକ ଅଷ୍ଟାଦଶ ଶତାବ୍ଦୀ ରୁ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ - ଓଡିଶାର ସାମାଜିକ ଇତିହାସ ।

## ଫକୀରମୋହନ ଙ୍କ ଉପନ୍ୟାସ - "ମାମୁଁ" :

ମାମୁଁ ଭଣଜା ସମ୍ପର୍କ ପ୍ରଗାଢ ସ୍ନେହଯୁକ୍ତ ଓ ମଧୁରତାପୂର୍ଣ୍ଣ ସମ୍ପର୍କ ଅଟେ । ମାମୁଁ ଭଣଜା ପ୍ରତି ପ୍ରଗାଢ ବାତ୍ସଲ୍ୟଭାବ ଦେଖାଉଥିବାରୁ ସ୍ନେହସୂଚକ ସମ୍ବୋଧନରେ - ବାଘକୁ ଓ ଜହ୍ନକୁ ଶିଶୁର ମାମୁଁ ରୂପେ କଳ୍ପନା କରାଯାଏ । ଯଥା - ବାଘମାମୁଁ ଓ ଜହ୍ନମାମୁଁ ।

ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ଅର୍ଥାତ୍ ଆଦୌ ମାମୁଁ ନଥିବାରୁ କଣା ହେଉ, ଛୋଟା ହେଉ, ଅଯୋଗ୍ୟ ହେଉ ଗୋଟିଏ ମାମୁଁ ଥିଲେ, ତାଙ୍କଠାରୁ ଭଣଜା କେତେ ସ୍ନେହ ଓ ଆଦର ପାଇଥାଏ ।

ଏହା ହେଉଛି ଆମ ଓଡିଆ ଢଗମାଳା - ଜାଙ୍କୀ ର ମୋହନ ଙ୍କର କାଳଜୟୀ ସୃଷ୍ଟିଥିଲା ଉପନ୍ୟାସ - "ମାମୁଁ" । ମାମୁଁ ଓ ଭଣଜା ର ସମ୍ପର୍କକୁ ସେ ତାଙ୍କ ଉପନ୍ୟାସ - "ମାମୁଁ" ରେ ବର୍ଣ୍ଣନା କରିଅଛନ୍ତି ।

## ଗଳ୍ପସ୍ୱଳ୍ପ - ଫକୀରମୋହନ ଙ୍କ - "ରେବତୀ" :

କଥାଶିଳ୍ପୀ ଫକୀରମୋହନ ଙ୍କ ଅନନ୍ୟ ସୃଷ୍ଟି ଗଳ୍ପ - "ରେବତୀ" ।

କଟକ ଜିଲ୍ଲାର ହରିହରପୁର ପଗନା ମଧ୍ୟରେ - ଗୋଟିଏ ମଫସଲ ଗାଁ, ନାମ - ପାଟପୁର - ଗ୍ରାମ - ମୁଣ୍ଡାମୁଣ୍ଡିରେ ଗୋଟିଏ ଘର । ଆଗିଲା ପିଛିଲା - ଚାରିବଖରା, ଖଞ୍ଜା ପାଚିରୀ ଚାଳିଆରେ ଢିଙ୍କିଶାଳ, ଅଗଣା ମଧ୍ୟରେ କୂଅ, ଆଗକୁ ଦାଣ୍ଡଦୁଆର ଓ ପଛକୁ ବାଡିଦୁଆର । ଦାଣ୍ଡଦୁଆର ମେଲାଘରେ ଦାଣ୍ଡଲୋକେ ବସାଉଠା କରନ୍ତି, ପ୍ରଜାମାନେ ଖଜଣା ଦେବାକୁ ଆସି ଏଠାରେ ବସନ୍ତି । ଶ୍ୟାମବନ୍ଧୁ ମହାନ୍ତି - ଜମିଦାରଙ୍କ ତରଫରୁ ଗ୍ରାମର କରଣ, ମାସକୁ ଦରମା ଦୁଇଟଙ୍କା, ଦରମା ଛାଡି ପାଉତି ବିଶୋଧନୀ, ବାହାଲହାଣ ଇତ୍ୟାଦିରୁ ଦୁଇପଇସା ହାତ ପଇଠ ହୁଏ, ସବୁ ମିଶାଇଲେ ମାସକୁ ଚାରିଟଙ୍କାରୁ ଊଣା ହେବନାହିଁ, ସଂସାର ଏକ ରକମ ଚଳେ, ଏଇଟା ହେଲାନାହିଁ, ସେଇଟା ଘରେ ନାହିଁ, ଏପରି କଥା ଘରର କାହାରି ମୁହଁରୁ ଶୁଣାଯାଏ ନାହିଁ । ବାଡିରେ ଶାଗମାଗ ଛାଡି ସଜନା ଦୁଇଗଛ । ଘରେ ଲଗାପଡିଆ ବରଷ ବିଆଣୀ ଗାଈ ଦୁଇଟା ବନ୍ଧା - ଦୁଧ ଟିକିଏ, ଚହ୍ଲା ମନ୍ଦାଏ ହାଣ୍ଡିଡାଳେ ଲାଗିଥାଏ । ବୁଢୀ ଚକ୍ଷୁ ମିଶାଇ ଘଷି ଡାଡିଦିଏ, କାଠ କିଣା ବୋଧେ ନାହିଁ ।

ଜମିଦାର ସାଢେ ତିନିମାଣ ଜମି ଚଷିବାକୁ ଦେଇଛନ୍ତି, ଧାନ ବଳେ ନାହିଁ କି କମେ ନାହିଁ । ଶ୍ୟାମବନ୍ଧୁ ଟି ବଡ ସିଧାସିଧା ଲୋକ, ପ୍ରଜାମାନେ ମାନନ୍ତି, ସୁଖପାନ୍ତି, ବାପରେ ଧନରେ କହି ଦୁଆର ଦୁଆର ବୁଲି ଖଜଣା ଅସୁଲ କରେ । କାହାରି ଠାରୁ ଅନ୍ୟାୟରେ ପଇସାଟିଏ ନିଏନାହିଁ । ପ୍ରଜାମାନେ ଖଜଣା ଦେଇ ପାଉତି ମାଗନ୍ତି ନାହିଁ, ସେ ଚାରି ଆଙ୍ଗୁଳି ତାଳପତ୍ର ଖଣ୍ଡେ ପାଉତି ଲେଖି ବଳେ ଚାଳରେ ଗୁଞ୍ଜି ଦେଇଯାଏ । ଜମିଦାର ପିଆଦା ଆସିଲେ ଗାଁକୁ ଛାଡେ ନାହିଁ, ଆମେ ହାତ ଓଠ ଧରି ଆଁ ଦୁଇପଇସା ଅଣ୍ଟାରେ ଗୁଞ୍ଜିଦେଇ ବିଦାକରେ, ଶ୍ୟାମବନ୍ଧୁ ଘରେ ଖାଇବାକୁ କୁଟୁମ୍ବ ଚାରିଜଣ, ଆମେଦୁହିଁ ପ୍ରାଣୀ, ମା' ବୁଢୀ ଓ ଦଶ ବରଷର ଗୋଟିଏ ଝିଅ, ଝିଅର ନାଁ - ରେବତୀ, ଶ୍ୟାମବନ୍ଧୁ ସଞ୍ଜରେ ପିଣ୍ଡାରେ ବସି କୃପାସିନ୍ଧୁ ବଦନ ଗାଏ, ଆଉ ଆଉ ଭଜନ ଗାଏ, କେବେକେବେ ଭଜନ ଗାଏ, କେବେକେବେ କାଠ ରୁଖାଟି ଉପରେ ବଇଠାଟିଏ ଥୋଇ ଭାଗବତ ପଢେ, ରେବତୀ ପାଖରେ ବସି

ଶୁଣୁଥାଏ । ସେ ମୁହେଁମୁହେଁ ଢେର ଭଜନ ଗୁଡିଏ ଶିଖିଗଲାଣି ତା' ପିଲା ମୁହଁରୁ ଭଜନ ଗୁଡିଏ ଖୁବ୍‌ମାନେ ।

ସଞ୍ଜବେଳେ ବାପା ପାଖରେ ରେବତୀ ବସି ଭଜନ ଗାଇଲେ ଗାଁରେ କୌଣସି କୌଣସି ଲୋକ ଆସି ଶୁଣନ୍ତି । ରେବତୀ - ବାପାଙ୍କ ପାଖରୁ ଗୋଟିଏ ଭଜନ ଶିଖିଥିଲା, ସେଇଟି ଗାଇଲେ ଶ୍ୟାମବନ୍ଧୁ ବଡୁ ଖୁସିହୁଏ, ପ୍ରତିଦିନି ଝିଅକୁ ଗାଇବାକୁ କୁହେଁ - ରେବତୀ ଗାଏ ।

କା ଆଗେ କରିବି ଗୁହାରି ?
ତୁମେ ନ ଚାହିଁଲେ ନାଥ ଗରିବ ଯିବସରି
କର ବା ନକର ପ୍ରାଣ, ପାଦେ ସମର୍ପିଛି ପ୍ରାଣ
ହୃଦେ ଅଛି ତବ ନାମଧରି ।

ବାସ୍ତବିକ୍ ଗାଳ୍ପିକ ଫକୀରମୋହନ ଙ୍କ - "ରେବତୀ" ଗଳ୍ପରେ 'ରେବତୀ' - ଗଳ୍ପର ଏକ ମାର୍ମିକତା ଭରା ନାୟିକା ।

"ରେବତୀ" ଗଳ୍ପ ସଂକଳନରେ ସନ୍ନିବେଷ୍ଟିତ ଗଳ୍ପଗୁଡିକ - ରେବତୀ, ପେଟେଣ୍ଟ ମେଡିସିନ୍, ରାଣ୍ଡିପୁଅ ଅନତା, ଗାରୁଡିମନ୍ତ୍ର, ଅଧର୍ମବିତ୍, ସଭ୍ୟ ଜମିଦାର, ବୀରେଇ ବିଶ୍ୱାଳ, ଡାକମୁନିସ୍, ସୁନାବୋହୂ, ଧୂଳିଆବାବା ଆଦି ୧୦ଟି ଗଳ୍ପ ପ୍ରଥମ ଭାଗରେ ସ୍ଥାନୀତ ।

ଅଜାନାତି କଥା, ବାଲେଶ୍ୱରୀ ରାହାଜାନି, ପାଠୋଇ ବୋହୂ, ବାଲେଶ୍ୱରୀ ପଙ୍ଗାଲୁଣ, ମାଧ ମାହାନ୍ତି ଙ୍କ କନ୍ୟା ସୁନା, କାଳିକା ପ୍ରସାଦ ଗୋରାପ, ବଗଲା ବଗୁଲି କମଳା ପ୍ରସାଦ ଗୋରାପ, ମୌନୀ ମୌନୀ, ପୁନ ମୂର୍ଷିକୋଉଦ ଆଦି ୧୦ ଗୋଟି ଗଳ୍ପ ଦ୍ୱିତୀୟ ଭାଗରେ ସ୍ଥାନୀତ ।

ଫକୀରମୋହନ ଙ୍କ - "ରେବତୀ" ଗଳ୍ପ ସଂକଳନରେ ସର୍ବମୋଟ ୨୦ ଗୋଟି ଗଳ୍ପ ସ୍ଥାନୀତ । "ରେବତୀ" ଗଳ୍ପ ଓଡିଆ ସାହିତ୍ୟର ଏକ କାଳଜୟୀ ସୃଷ୍ଟି ।

## ଫକୀରମୋହନ ଙ୍କ କବିତା ସଂକଳନ - "ଉତ୍କଳ ଭ୍ରମଣ" :

କଥାଶିଳ୍ପୀ ଫକୀରମୋହନ ମଧ କବିତା କ୍ଷେତ୍ରରେ ନିଜର ସ୍ୱାକ୍ଷର ଛାଡିଛନ୍ତି - ଓଡିଆ ସାହିତ୍ୟରେ ତାଙ୍କର କବିତା ସଂକଳନ - "ଉତ୍କଳ ଭ୍ରମଣ" - ଓଡିଆ କାବ୍ୟ ସାହିତ୍ୟର ଏକ ଅମ୍ଳାନ କୀର୍ତ୍ତିସ୍ତମ୍ଭ । ଜଣେ ସମାଜ ସଂସ୍କାରକ ଭାବରେ ଫକୀରମୋହନ - ଓଡିଶାର ବିଭିନ୍ନ ଅଞ୍ଚଳ ଗ୍ରସ୍ତକରି - ଓଡିଶାର ସାଂସ୍କୃତିକ ଓ ସାମାଜିକ ଜନଜୀବନରେ ପ୍ରଭାବ ବିସ୍ତାର କରିଥିଲେ । ଅନେକ ସମୟରେ ଅନେକ ଅଞ୍ଚଳ ବୁଲି ସେଠିକାର ମଧୁର ସ୍ମୃତିକୁ କାବ୍ୟ ଆକାରେ - "ଉତ୍କଳ ଭ୍ରମଣ" - ଏକ କବିତା ସଂକଳନ ସୃଷ୍ଟି କରିଥିଲେ ।

## ଫକୀରମୋହନ ଙ୍କ ଆତ୍ମଜୀବନୀ -

ଫକୀରମୋହନ ଙ୍କ ଆତ୍ମଜୀବନୀ ରଚିତରେ କେବଳ ତାଙ୍କ ଜନ୍ମ, ଶୈଶବ, ପାରିବାରିକ ଜୀବନ, ବୃତ୍ତି, ବୃତ୍ତିଗତ ଜୀବନର କ୍ରିୟାକଳାପ ଏବଂ ସୃଷ୍ଟିସମ୍ଭାର ଇତିବୃତ୍ତି ଯେ ରୂପାୟିତ ହୋଇଅଛି - ତାହାନୁହେଁ, ଅଧିକନ୍ତୁ ସେଥିରେ ସମକାଳୀନ ବିକଳାଙ୍ଗ ଉତ୍କଳର ଅନ୍ତରାତ୍ମା ମଧ କଥା ରହିଛି - ସେନାପତି ଙ୍କ ଜୀବନ ସମକାଳୀନ ଓଡିଶାର ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଜୀବନଧାରା ସହିତ ଏପରି ଅଙ୍ଗାଙ୍ଗୀ ଭାବେ ଜଡିତ ଯେ ତାଙ୍କ ଜୀବନର ଘଟଣାବଳୀ ସମସାମୟିକ ଓଡିଶାର ଘଟଣା ବହୁଳତା ଭିତରେ ଏକାକାର ହୋଇଯାଇଛି ।

ଓଡିଶାର ବ୍ୟବସାୟ, ବାଣିଜ୍ୟ, ଶିଳ୍ପ, ଧର୍ମ, ପତ୍ର ପତ୍ରିକା, ଭାଷା ସୁରକ୍ଷା ଆନ୍ଦୋଳନ, ନଅଙ୍କ ଦୁର୍ଭିକ୍ଷର ସଂଘାତ, ଗଡଜାତ ମାନଙ୍କର ବିବିଧ ଘଟଣାବଳୀ ପ୍ରଭୃତି ଅତି ସୁନ୍ଦର ଭାବରେ ତାଙ୍କ ଆତ୍ମଜୀବନୀ ରଚିତରେ ରୂପାୟିତ ହୋଇଅଛି ।

ସମାଲୋଚକ ସୁରେନ୍ଦ୍ର ମହାନ୍ତି ଙ୍କ ଭାଷାରେ ଉନବିଂଶ ଶତାବ୍ଦୀ ଓ ଆଦ୍ୟ ବିଂଶ ଶତାବ୍ଦୀରେ ଓଡିଶାରେ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଇତିହାସର ଉପାଦାନ ଦୃଷ୍ଟିରୁ - ଫକୀରମୋହନ ଙ୍କ ଆତ୍ମଚରିତ ଅତ୍ୟନ୍ତ ମୂଲ୍ୟବାନ । ୧୮୦୩ ମସିହାରେ ଓଡିଶାରେ ପ୍ରଥମ ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳ ପ୍ରତିଷ୍ଠା ହେବାକାଳୁ ୧୮୧୮ ଖ୍ରୀଷ୍ଟାବ୍ଦ - ପ୍ରଥମ ମହାଯୁଦ୍ଧ ଶେଷହେବା ପର୍ଯ୍ୟନ୍ତ ଓଡିଶାର ଏକ ଅଲିଖିତ ସାମାଜିକ ଇତିହାସ ଫକୀରମୋହନ ଙ୍କ ଆତ୍ମଚରିତରେ ବୁକୃତ ହୋଇଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଉନବିଂଶ ଶତାବ୍ଦୀରେ ବାଲେଶ୍ୱର ଉପକୂଳରେ ସାମୁଦ୍ରିକ ନୌ ବାଣିଜ୍ୟ, ଓଡିଶାରୁ ଓଡିଆଭାଷୀ ମେଦିନପୁର ଜିଲ୍ଲା ବିଛିନ୍ନ ହୋଇ ବଙ୍ଗ (ପଶ୍ଚିମବଙ୍ଗ)ରେ ମିଶିବା, ନିମକମହଲ ଓ ତା'ର ପରିଚାଳନା, ଚାଟଶାଳୀ ମାନଙ୍କରେ ଶିକ୍ଷାଦାନ ପଦ୍ଧତି, ଓଡିଆ ଗଦ୍ୟ ଭାଷାର ତତ୍କାଳୀନ ଅବସ୍ଥା, ଖ୍ରୀଷ୍ଟିଆନ, ପାଦ୍ରୀ ମାନଙ୍କର ଦ୍ୱାରା ଓଡିଆ ଭାଷା ଓ ବ୍ୟାକରଣ ଚର୍ଚ୍ଚା, ପୁଣି ଓଡିଆ ଭାଷାରେ ସେମାନଙ୍କର ହାସ୍ୟୋଦ୍ଦୀପକ ବିକୃତି, ୧୮୬୬ ମସିହାରେ ଲୋମହର୍ଷଣକାରୀ ନଅଙ୍କ ଦୁର୍ଭିକ୍ଷ ଓ ତାହାର ଦାଉରୁ ଦେଶବାସୀଙ୍କୁ ରକ୍ଷା କରିବାର ସରକାରୀ ଅବହେଳା, ବାଲେଶ୍ୱର ରେ ପ୍ରଥମ ମୁଦ୍ରାଯନ୍ତ୍ର ପ୍ରତିଷ୍ଠା, ସେ କାଳେ ଦେଶୀୟ ରାଜ୍ୟ ବା ଗଡଜାତ ମାହାଲ ମାନଙ୍କରେ ପ୍ରଜା ପୀଡନ ଓ ଅନ୍ଧାରୀ ଶାସନର ବିକଟ ଚିତ୍ର ଅତ୍ୟନ୍ତ ଅନବଦ୍ୟ ଓ ପ୍ରମାଣିତ ଭାବରେ ଫକରୀମୋହନ ଙ୍କ ଆତ୍ମଜୀବନୀ ରେ ଲିପିବଦ୍ଧ ହୋଇଅଛି ।

ଫକୀରମୋହନ ପୁଣି ଅତ୍ୟନ୍ତ ଆବଲୀଳା କ୍ରମେ କୌଣସି ଠାରେ ନିଜକୁ ପ୍ରମାଣିତ ବା ପ୍ରତିଷ୍ଠିତ କରିବାର ଉଦ୍ୟମ ନକରି ଏ ସମସ୍ତ ଲେଖି ଯାଇଛନ୍ତି । ଫକୀରମୋହନ ଙ୍କ ଜୀବନ ମୁକରରେ ତାଙ୍କର ସମସାମୟିକ ପରିସ୍ଥିତି ଯେପରି ପ୍ରତିବିମ୍ବିତ ହୋଇଅଛି, ଅତ୍ୟନ୍ତ ବିଶ୍ୱସ୍ତ ଭାବରେ ସେ ସମସ୍ତ - ଫକୀରମୋହନ ଙ୍କ ଆତ୍ମଚରିତରେ ଅଙ୍କିତ ହୋଇଅଛି । ଏ ପ୍ରକାରର ସାହିତ୍ୟିକ ବିଶ୍ୱସ୍ତତା ଯଥାର୍ଥରେ ସାହିତ୍ୟ ଜଗତରେ ବିରଳ ।

ସମାଲୋଚକ ସୁରେନ୍ଦ୍ର ମହାନ୍ତି - ନିଜର ସମାଲୋଚନା ସାହିତ୍ୟ - ଫକୀରମୋହନ ସମୀକ୍ଷା - ପୃଷ୍ଠା - ୧୭୮-୧୭୯ ରେ ଉଲ୍ଲେଖ କରିଛନ୍ତି - ଫକୀରମୋହନ ଙ୍କ ଆତ୍ମଜୀବନୀ ଚରିତ୍ରରେ ପ୍ରତିଫଳିତ ସମକାଳୀନ - ଓଡିଶା ପ୍ରସଙ୍ଗ ଉପରେ ଆଲୋକପାତ କରିବା ଏହି ପରିଚ୍ଛୋଦର ମୌଳିକ ଲକ୍ଷ୍ୟ ।

କଥାଶିଳ୍ପୀ ଫକୀରମୋହନ - କୌଣସି ପଦପଦବୀ ସମ୍ମାନ ପଛରେ ଧାଉଁନଥିଲେ । ସେ ସାହିତ୍ୟସ୍ରଷ୍ଟା ଙ୍କ ଦେହାନ୍ତ ଘଟିଥିଲା - ୧୪ ଜୁନ୍, ୧୯୧୮ ମସିହାରେ ୭୫ ବର୍ଷ ବୟସରେ । ତାଙ୍କର ପାର୍ଥୀବ ଶରୀର ପଞ୍ଚଭୂତରେ ଲୀନ ହୋଇଗଲା ସତ, ତାଙ୍କ ସ୍ମୃତିରେ ବାଲେଶ୍ୱର ରେ ପ୍ରତିଷ୍ଠା ହେଲା - ଫକୀରମୋହନ କଲେଜ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ।

ଆହେ ଉତ୍କଳର ବରପୁତ୍ର
ଉତ୍କଳ ଜନନୀ ତୁମକୁ ହରାଇ
ତୁମ ଭଳି ପୁଅ ଆଉ ପାଉନାହିଁ
ଜାତି ପାଇଁ ଯିଏ ଦିନରାତି ଚିନ୍ତି
କ୍ଷୀଣ କରିଥିଲା ଗାତ୍ର
ଜାତିପାଇଁ ଯାହାଥିଲା କରିବାର
କରିଗଲ ଭୁଲି ନିଜ ପରିବାର
ବିଶ୍ୱ ଦରବାରେ ଆଙ୍କିଥିଲ ତୁମେ
ଏ ଜାତିର ମାନଚିତ୍ର ।

ଜୀବନର ସାର୍ଥକତା ପ୍ରମାଣିତ ହୁଏ, ଦେଶ ଓ ଜାତିପାଇଁ ସେବା କରିବାରେ, ନିଜର ସୁଖ ସ୍ୱଚ୍ଛନ୍ଦ୍ୟକୁ ପଛରେ ପକାଇ ପ୍ରତିଟି ମୂହୁର୍ତ୍ତକୁ ଦେଶ, ଜାତି ଗଠନରେ ଯେଉଁମାନେ ସମର୍ପି ଦେଇଥାନ୍ତି ସେମାନେ କାଳଜୟୀ ।

ମହାକାଳର କଷଟି ପଥର ଏମାନଙ୍କ ନିକଟରେ ହାର ମାନିଥାଏ ଓ ମଥା ନୁଆଁଇବାକୁ ବାଧ ହୋଇଥାଏ, ଏମାନଙ୍କର ସ୍ୱର୍ଣ୍ଣଦ୍ୟୁତି ଅଗଣିତ ଜନମାନସରେ ଉକୁଟି ଉଠିଥାଏ, ପରିଣାମରେ ମଣିଷରୁ ଦେବତା ଆସନକୁ ଉତ୍ତୀର୍ଣ୍ଣ ହୋଇଥାନ୍ତି ଏହି ମହାତ୍ମାଗଣ । ଯେଉଁମାନଙ୍କର ଚେଷ୍ଟା, ନିଷ୍ଠା, ପ୍ରଚେଷ୍ଟାରେ ଉତ୍କଳର ସ୍ୱାଭିମାନ ଫେରିବା ସହିତ ସ୍ୱତନ୍ତ୍ରୀ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା - ଭାଷାଭିତ୍ତିକୁ ଆଧାରକରି ଓ ସେହି ଅମୃତ ସନ୍ତାନ ମାନଙ୍କ ମଧ୍ୟରୁ "ବ୍ୟାସକବି ଫକୀରମୋହନ" ଅନ୍ୟତମ ।

ଓଡିଆ ସାହିତ୍ୟ ସିନ୍ଧୁଟିଏ ହେଲେ ମୁଁ ସେଥିରେ ଗୋଟିଏ ବିନ୍ଦୁଭଳି ସାହିତ୍ୟିକ ଟିଏ । ମୋର ଅନେକ ସାରସ୍ୱତ ସୃଷ୍ଟି ମଧ୍ୟରେ - ଏକ ସୃଷ୍ଟି - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ରେ ସାହିତ୍ୟିକ ବ୍ୟାସକବି ଫକୀରମୋହନ ଙ୍କୁ ସ୍ଥାନଦେଇ - ମୋର ଏହି ସାରସ୍ୱତ ସୃଷ୍ଟିକୁ - ଓଡିଆ ବାଣୀ ଭଣ୍ଡାରରେ ସ୍ଥାନୀତ ଦେଇପାରିବା ସହ କାଳଜୟୀ ସ୍ରଷ୍ଟା - ଫକୀରମୋହନ ଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଅଛି ।

# ଓଡିଆ ସାହିତ୍ୟ ର ଆଧୁନିକ ଯୁଗର ଆଦ୍ୟସ୍ରଷ୍ଟା
# କବିବର ରାଧାନାଥ ରାୟ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଆଧୁନିକ ଯୁଗର ଆଦ୍ୟସ୍ରଷ୍ଟା

# କବିବର ରାଧାନାଥ ରାୟ

ପ୍ରଫେସର ଡକ୍ଟର ସୁବାଷ ନାୟକ

ରାଧାନାଥ - ଓଡିଶାର ବାଲେଶ୍ୱର ଜିଲ୍ଲାର ସୋର ଅନ୍ତର୍ଗତ କେଦାରପୁର ଗ୍ରାମରେ ୨୮ ସେପ୍ଟେମ୍ବର, ୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ବାପା ଥିଲେ - ସୁନ୍ଦର ନାରାୟଣ ରାୟ ଓ ମା' ଥିଲେ - ତାରିଣୀ ଦେବୀ । ସୁନ୍ଦର ନାରାୟଣ ଥିଲେ - ଦକ୍ଷିଣ ଭାରତୀୟ କାୟାସ୍ଥ ଓ ତାଙ୍କର ପୂର୍ବପୁରୁଷ ମାନେ ପଶ୍ଚିମବଙ୍ଗ ମେଦିନପୁର ଅନ୍ତର୍ଗତ ରାଧାନଗର ଗ୍ରାମରୁ ଆସିଥିଲେ, ତାଙ୍କର ବଂଶଗତ ଉପାଧି ଥିଲା - "ଦେ" । ସୁନ୍ଦର ନାରାୟଣ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଦର କାନୁନ୍‌ଗୋ ଥିଲେ । ରାଧାନାଥ ଙ୍କୁ ଯେତେବେଳେ ମାତ୍ର ପାଞ୍ଚବର୍ଷ ବୟସ ହୋଇଥିଲା - ୧୮୫୩ ମସିହାରେ ତାଙ୍କ ମା' ତାରିଣୀ ଦେବୀଙ୍କ ପରଲୋକ ହୋଇ ଯାଇଥିଲା ।

ପରେପରେ ରାଧାନାଥ ଙ୍କ ବାପା - ସୁନ୍ଦର ନାରାୟଣ ୧୯୫୪ ମସିହାରେ ରୂପଦାସୀ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ରାଧାନାଥ ଶୈଶବରୁ ଅତ୍ୟନ୍ତ ରୋଗାଗ୍ରସ୍ତ ହୋଇ ପଡିଥିଲେ । ପରେପରେ ବାଲେଶ୍ୱର ର ସୋର ଠାରେ ନୂଆକରି ପ୍ରତିଷ୍ଠା କରାଯାଇଥିବା - ଉର୍ଣ୍ଣାକୁଲାର ବିଦ୍ୟାଳୟରେ ରାଧାନାଥ ପ୍ରବେଶ କରିଲେ । ପୁନଶ୍ଚ ୧୮୫୭ ରେ ରାଧାନାଥ କାଶ ରୋଗରେ ପୀଡିତ ହେବାରୁ ବାପା - ସୁନ୍ଦର ନାରାୟଣ ତାଙ୍କୁ ବାଲେଶ୍ୱର ନେଇ ଆସିଥିଲେ । ୧୮୫୮ ମସିହାରେ ରାଧାନାଥ - ବାଲେଶ୍ୱର ହାଇସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ର ଭାବରେ ସେ ଯୋଗଦେଲେ ଓ ଜଣେ ମୁସଲିମ୍ ଆଖୁଁଜୀଙ୍କ ଠାରୁ ପାର୍ସି ଓ ଉର୍ଦ୍ଧୁ ଶିକ୍ଷାଗ୍ରହଣ କରିଲେ । ଏହିବର୍ଷ ସ୍ୱଳ୍ପ ସମୟ ପାଇଁ ଗୌରୀଶଙ୍କର ରାୟ - ତାଙ୍କର ଶିକ୍ଷକ ଥିଲେ । ରାଧାନାଥ - ବାଲେଶ୍ୱର ଜିଲ୍ଲା ସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌କରି କଟକରେ ଏଫ୍.ଏ. ପଢିବାର ସୁବିଧା ନପାଇ କଲିକତାକୁ ପଢିବାକୁ ଗଲେ, ମାତ୍ର ପ୍ରେସିଡେନ୍ସି କଲେଜରେ ଅଧ୍ୟୟନ ପାଇଁ ଅର୍ଥାଭାବ, ରୋଗ ଜନିତ ପୀଡା ଓ ଅନ୍ୟାନ୍ୟ କାରଣରୁ ସେ ସେଠାରୁ ଫେରି ଆସିଲେ ।

ରାଧାନାଥ - ବାଲେଶ୍ୱର ଜିଲ୍ଲା ସ୍କୁଲରେ ତୃତୀୟ ଶିକ୍ଷକ ଭାବରେ ୩୦ ଟଙ୍କା ବେତନକରି ଯୋଗଦାନ ୧୮୬୫-୬୬ ମସିହାରେ - ଫକୀରମୋହନ ସେନାପତି - ବାଲେଶ୍ୱର ମିଶନ ସ୍କୁଲର ହେଡମାଷ୍ଟର ଥିଲେ ଓ ମଧୁସୂଦନ ଦାସ - ରାଧାନାଥ ଙ୍କ ସହଯୋଗୀ ଥିଲେ, ତେଣୁ ସେ ଉଭୟଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଆସିଥିଲେ ।

ରାଧାନାଥ ଙ୍କର ସୃଜନୀର ସ୍ୱାକ୍ଷର - "ନ ଅଙ୍କ ଦୁର୍ଭିକ୍ଷ" ୧୮୬୬ ମସିହାରେ ସାପ୍ତାହିକ ସମ୍ବାଦପତ୍ର "ଉତ୍କଳ ଦୀପିକା" ରେ ପ୍ରକାଶିତ ହୋଇଥିଲା । ରାଧାନାଥ ଙ୍କ "ମେଘଦୂତ" ର କେତେକାଂଶ ବାଲେଶ୍ୱର ସମ୍ବାଦବାହିକା ଓ ବୋଧଦାୟିନୀ ରେ ପ୍ରକାଶିତ ହୋଇଥିଲା ।

୧୮୬୯ ମସିହାରେ ଓଡିଶାର ବିଦ୍ୟାଳୟ ଗୁଡିକରେ ଓଡିଆ ଭାଷା ଓ ସାହିତ୍ୟ ପଢାଯିବା ପାଇଁ ସରକାରୀ ନିର୍ଦ୍ଦେଶନାମା, ଘରୋଇ ପରୀକ୍ଷାର୍ଥୀ ଭାବରେ ରାଧାନାଥ ଏମ୍.ଏ. ଉର୍ତ୍ତିର୍ଣ୍ଣ । ପଦୋନ୍ନତି ପାଇଁ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବରେ ଯୋଗଦାନ, ସେତେବେଳେ ସେଠାକାର - ଭକ୍ତକବି ମଧୁସୂଦନ ରାଓ ଏକା ଦଶବର୍ଷ ଛାତ୍ର ଥିଲେ ।

ଜନ୍ମ, ଶିକ୍ଷା, କର୍ମ ପରେପରେ - ରାଧାନାଥ ସାଂସାରିକ ଜୀବନ ବିତାଇବା ଆରମ୍ଭ କରିଥିଲେ । ବାଲେଶ୍ୱର ର ରେମୁଣା ନିବାସୀ ଚନ୍ଦ୍ରମୋହନ ଆଦିତ୍ୟ ଙ୍କ କନ୍ୟା - ପରଶମଣି ଙ୍କ ସହିତ ୧୮୭୦ ମସିହାରେ ରାଧାନାଥ ଙ୍କ ବିବାହ ହୋଇଥିଲା ।

୧୮୭୨ ମସିହାରେ ରାଧାନାଥ ଙ୍କ ପୁରୀ ଜିଲ୍ଲା ସ୍କୁଲରୁ ବଦଳିହୋଇ ବାଙ୍କୁଡା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବରେ ଯୋଗଦାନ ଓ ପରେ ପଦୋନ୍ନତି ଲାଭକରି ତୃତୀୟ ଶ୍ରେଣୀର ଡେପୁଟି ଇନ୍‌ସପେକ୍ଟର ଭାବରେ ଯୋଗଦାନ, ଠିକ୍ ସେତିକିବେଳେ ନିଜର ପୁରୁଣା ଛାତ୍ର ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ଥିବାରୁ ଘନିଷ୍ଠତା ବଢିଥିଲା ।

୨୧ ଜୁଲାଇ ୧୮୭୩ ମସିହାରେ - ରାଧାନାଥ ଙ୍କ ବାପା - ସୁନ୍ଦର ନାରାୟଣ ଙ୍କ ବିସୂଚିକା ରୋଗରେ ଦେହାନ୍ତ ହୋଇଥିଲା । ଯାହାକି ସେହି ସମୟରେ - କୁମାର ବୈକୁଣ୍ଠ ନାଥ ଦେ ଙ୍କ ଦ୍ୱାରା "ଉତ୍କଳ ଦର୍ପଣ" ପତ୍ରିକାରେ ପ୍ରକାଶ ପାଇଥିଲା ।

୧୮୭୬ ମସିହାରେ - ରାଧାନାଥ ଓ ପରଶମଣି ଙ୍କ ପ୍ରଥମ ପୁତ୍ର ସନ୍ତାନ - ଶଶିଭୂଷଣ ଙ୍କ ଜନ୍ମ ଓ ୧୮୭୭ ରେ ରାଧାନାଥ - ଜଏଣ୍ଟ ଇନ୍‌ସପେକ୍ଟର ପଦବୀକୁ ପଦୋନ୍ନତି ପାଇଲେ । ୧୮୭୮ ମସିହାରେ - ରାଧାନାଥ ଙ୍କର କନିଷ୍ଠପୁତ୍ର - ରଜନୀଭୂଷଣ ଙ୍କ ଜନ୍ମ ।

ତେଲ ଲୁଣର ସଂସାର ମଧ୍ୟରେ - ଶିକ୍ଷକ ରାଧାନାଥ ଓଡିଆ ସାହିତ୍ୟର ବିକାଶ ପାଇଁ ପ୍ରଚେଷ୍ଟା କରିଥିଲେ । ରାଧାନାଥ ଙ୍କ ସମୟରେ ଓଡିଆ ଭାଷା ଆନ୍ଦୋଳନ ସକ୍ରିୟ ରୂପ ନେଇଥିଲା । ଓଡିଆ ଭାଷା ସେତେବେଳର ବଙ୍ଗଳା ଭାଷା ତୁଳନାରେ ମଧ୍ୟଯୁଗୀୟ ସାହିତ୍ୟପୃଷ୍ଟ ଥିଲେ ମଧ୍ୟ କିଛି ବଙ୍ଗାଳୀ ଶିକ୍ଷାବିତ୍ ଓଡିଆ ଭାଷାକୁ ବିଲୁପ୍ତ କରିବାକୁ ଓ ଓଡିଆ ବିଦ୍ୟାଳୟ ମାନଙ୍କରେ ଶିକ୍ଷାର ମାଧ୍ୟମ ବଙ୍ଗଳା କରିବାକୁ ଚେଷ୍ଟା କରିଲେ । କେବଳ ସେତିକି ନୁହେଁ - ବଙ୍ଗଳାର ଏକ ଉପଭାଷା ଓଡିଆ ଭାବେ ପ୍ରମାଣ କରିବାକୁ ଭାଷା ଗବେଷକ ଙ୍କୁ ବୁଝାଉଥିଲେ, ସେତେବେଳେ ଓଡିଶା ଶାସନ ଖଣ୍ଡରେ ମାତ୍ର ସାତଜଣ ଓଡିଆ ସ୍କୁଲ ଶିକ୍ଷକ ଅବସ୍ଥାପିତ ଥିଲେ । ଓଡିଶା

ସ୍କୁଲ ମାନଙ୍କରେ ବଙ୍ଗଳା ଶିକ୍ଷକ ଙ୍କ ଦ୍ୱାରା ଓଡିଆ ଛାତ୍ରଙ୍କୁ ବଙ୍ଗଳା ପାଠ୍ୟ ପୁସ୍ତକ ପଢିବାକୁ ବାଧ୍ୟ କରାଯାଉଥିଲା ।

ରାଧାନାଥ ରାୟ ସେତେବେଳେ ଓଡିଶା ସ୍କୁଲ ଆସେସିଏସନ୍‌ର ଇନ୍‌ସପେକ୍ଟର ଥିଲେ । ରାଧାନାଥ ବଙ୍ଗାଳୀ ଥିଲେ ମଧ ଓଡିଆ ପ୍ରତି ଥିଲା ତାଙ୍କର ଅହେତୁକ ଦୁର୍ବଳତା । ସେ ଓଡିଆ ଭାଷାର ଶାସ୍ତ୍ରୀୟତା ଓ ମହନୀୟତାକୁ ହୃଦୟଙ୍ଗମ କରି ପାରିଥିଲେ, ସେତେବେଳେ ବିଦ୍ୟାଳୟରେ ବଙ୍ଗଳା ପାଠ୍ୟ ପୁସ୍ତକ ପ୍ରଚଳନକୁ ବିରୋଧକରି ଓଡିଆ ବହି ବ୍ୟବହାର ପାଇଁ ଚାପ ପକାଉଥିଲେ ।

ଜନବିମ୍‌ସ ସେତେବେଳେ ଇଷ୍ଟ ଇଣ୍ଡିଆ କମ୍ପାନୀର ଅଧିକାରୀ ଥିଲେ । ସେ କି ତୁଳନାକରି ଜାଣିପାରିଲେ ଯେ - ବଙ୍ଗଳା ଅପେକ୍ଷା ଓଡିଆ ଭାଷା ଅତି ପ୍ରାଚୀନ ଓ ଉତ୍କୃଷ୍ଟ । ରାଧାନାଥ ଙ୍କ ଲେଖାଲେଖି ଜନବିମ୍‌ସ ଙ୍କ ନଜରକୁ ଆସିବା ପରେ ଓଡିଆ ଭାଷାରେ ସାହିତ୍ୟ ରଚନାପାଇଁ ବିମ୍‌ସ ପରାମର୍ଶ ଦେଲେ । ସେହି ସମୟରେ ରାଧାନାଥ ରାୟ, ମଧୁସୂଦନ ରାଓ, ଫକୀରମୋହନ ସେନାପତି ନିଜର ଓଡିଆ ସାହିତ୍ୟ ସମ୍ଭାର ବୃଦ୍ଧିକରି ଭାଷା ସୁରକ୍ଷା ପାଇଁ ଅଣ୍ଟା ଭିଡିଲେ । ଭାଷା ମାଫିଆଙ୍କ ବିରୁଦ୍ଧରେ ଲଢେଇ କରି ଓଡିଶାରେ କୁଚକ୍ରାନ୍ତ ରଚୁଥିବା ଗୋଷ୍ଠୀଙ୍କୁ ଉଚିତ୍ ଜବାବ ଦେଲେ ।

କବିବର ରାଧାନାଥ - ରୀତି ଯୁଗର ଶେଷ ପ୍ରତିନିଧି ଭାବରେ ଓଡିଆ ସାହିତ୍ୟ ଜଗତରେ ଆବିର୍ଭାବ ହୋଇଥିଲେ । ସେ ପ୍ରାଚୀନ କାବ୍ୟ ସାହିତ୍ୟ ପରମ୍ପରାକୁ ବିଦାୟଦେଇ ନବ ସାହିତ୍ୟର ମୂଳଦୁଆ ପକାଇଥିଲେ । ଊନବିଂଶ ଶତାବ୍ଦୀର ମଧ ଭାବରେ ସେ ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ବିଶେଷ ଭାବରେ ଅନୁପ୍ରାଣିତ ହୋଇଥିଲେ । ରାଧାନାଥ ପିଲାଟି ବେଳରୁ ଉର୍ଦ୍ଧୁ, ପାର୍ସୀ ଶିକ୍ଷାଗ୍ରହଣ କରିଥିଲେ, ପରବର୍ତ୍ତୀ ସମୟରେ ଇଂରାଜୀ, ସଂସ୍କୃତ, ବଙ୍ଗଳା ସହିତ ଓଡିଆ ଭାଷାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୱ ଥିଲା । ରାଧାନାଥ - ପ୍ରଥମେ ବଙ୍ଗଳା ଭାଷାରେ କବିତା ଲେଖାଲେଖି ଆରମ୍ଭକରି ପରେ ଓଡିଆ ଭାଷାକୁ ଆଦରି ନେଇଥିଲେ ।

ରାଧାନାଥ ରାୟ - ଓଡିଆ ସାହିତ୍ୟର ନୂଆଏକ ଯୁଗରେ ପ୍ରବେଶ କରିଥିଲେ । ତାଙ୍କର ପ୍ରଥମ ଗଦ୍ୟ "ବିବେକୀ" ୧୮୭୩ ଓ ପ୍ରଥମ କାବ୍ୟ "କେଦାରଗୌରୀ" ୧୮୮୫ ରେ ପ୍ରକାଶ ପାଇଥିଲା । ମାତ୍ର ୧୮ ବର୍ଷ ବୟସରେ ସେ ବଙ୍ଗଳା ଭାଷାରେ ଅନେକ କବିତାଭରା "କବିତାବଳୀ" ରଚନା କରିଥିଲେ । ସେ ଏକାଧାରାରେ ଇଂରାଜୀ, ସଂସ୍କୃତ, ବଙ୍ଗଳା ଓ ଓଡିଆ ସାହିତ୍ୟ ସୃଷ୍ଟକରି ଜଣେ ବହୁମୁଖୀ କାଳଜୟୀ ସାହିତ୍ୟିକ ଭାବରେ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ ନିଜର ସୃଜନୀ ସ୍ୱାକ୍ଷର ଛାଡି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ରାଧାନାଥ ଙ୍କ ରଚିତ ମହାକାବ୍ୟ - "ମହାଯାତ୍ରା", "ଚିଲିକା", "ଦରବାର", "ଉର୍ବଶୀ", "ନନ୍ଦିକେଶ୍ୱରୀ", "କେଦାରଗୌରୀ", "ଯଯାତିକେଶରୀ" ଏକାଧିକ କାର୍ଯ୍ୟାବଳୀରେ ଓଡିଆ ସାହିତ୍ୟର ଭଣ୍ଡାର ସମୃଦ୍ଧ ହୋଇଥିଲା । ସଂସ୍କୃତରେ ଜାତୀୟ କବିତା - "ସର୍ବୋଷାଠ ନୋ ଜନନୀ .....", "କଳ୍କୀ ସ୍ତୋମେ", "ଧବଳେଶ୍ୱର ମଣ୍ଡିତମ୍", "ହଂସଧ୍ୱଜ ରଚନା" ଏବଂ "ମେଘଦୂତ" ଭଳି ଅନେକ ମହାକାବ୍ୟ ରଚନାକରି ଓଡିଆ ସାହିତ୍ୟର ଆଧୁନିକ ଯୁଗର ଆଦ୍ୟସ୍ରଷ୍ଟା ଭାବରେ କାଳଜୟୀ ହୋଇ ପାରିଛନ୍ତି ।

ରାଧାନାଥ ଙ୍କର ସୃଷ୍ଟିରେ - ଉତ୍କଳର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତାଙ୍କୁ ଅମର କରି ରଖିଅଛି । ତାଙ୍କ ରଚନାର ମାଧୁର୍ଯ୍ୟ, ପଦଲାଳିତ୍ୟ, ସାରଲ୍ୟ ଓ ସୁରୁଚି ପାଠକମାନଙ୍କୁ ହିଁ ମୁଗ୍ଧ କରେ । ଚରିତ୍ର ଚିତ୍ରଣରେ ସେ ସମ୍ପୂର୍ଣ୍ଣ ସିଦ୍ଧିହସ୍ତା ଥିଲେ ।

ଆଧୁନିକ ଓଡିଆ ସାହିତ୍ୟର ଦିଗ୍‌ଦର୍ଶକ ଓ ଓଡିଆ ଭାଷାପ୍ରାଣ ପୁନଃ ପ୍ରତିଷ୍ଠାତା ସର୍ବୋପରି ରାଧାନାଥ - ଓଡିଆ ସାହିତ୍ୟର ପ୍ରବେଶ ପରେ ଜଣେ ଜାତୀୟସ୍ତରୀୟ ପ୍ରଥମ ଓଡିଆ କବି ଭାବରେ ସମଗ୍ର ଭାରତବର୍ଷରେ ପରିଚିତ ହୋଇଥିଲେ । ରାଧାନାଥ - ପ୍ରତିଟି ଓଡିଆଙ୍କ ପାଇଁ ଚିରକାଳ ପ୍ରେରଣା ପ୍ରଦାୟକ ହୋଇ ରହିବେ ଏଥିରେ ସନ୍ଦେହ ନାହିଁ ।

ରାଧାନାଥ - ତାଙ୍କର ସାହିତ୍ୟ ସେବାର ଓ ଉତ୍କଳର ଶିକ୍ଷା ବିସ୍ତାର ପ୍ରତି ସ୍ପୃହାର ପୁରସ୍କାର ସ୍ୱରୂପ ତତ୍‌କାଳିନ ଗଭର୍ଣ୍ଣମେଣ୍ଟ ତାଙ୍କୁ "ରାୟ ବାହାଦୂର" ଉପାଧିରେ ଭୂଷିତ କରିଥିଲେ ।

## ରାଧାନାଥ ଙ୍କ ରଚନାବଳୀର ପରିଚୟ -

ରାଧାନାଥ ରାୟ - ଓଡିଆ ଭାଷାରେ ଲେଖିବା ପୂର୍ବରୁ ବଙ୍ଗଳା ଭାଷାରେ କବିତା ଲେଖୁଥିଲେ । ବଙ୍ଗଳା ସାହିତ୍ୟିକ - ଭୁପେନ ମୁଖପାଧ୍ୟାୟ ଙ୍କ ପ୍ରରୋଚନାରେ ସେ ଓଡିଆ ଭାଷାରେ ଲେଖିବା ଆରମ୍ଭ କରିଥିଲେ । ସେ ସବୁବେଳେ ମସିଣାରେ ବସି ଏକ ବାକ୍ସ ଉପରେ ଲେଖୁଥିଲେ । ବର୍ତ୍ତମାନର ଓଡିଶା (ଉତ୍କଳ)ର ଦର୍ଶନୀୟ ହ୍ରଦ, ପୁଷ୍କରିଣୀ, ପାହାଡ, ପର୍ବତ, ନିର୍ଝର, ନଦୀ, ବନ, ଗ୍ରାମ, ଉଦ୍ୟାନ, ବୃକ୍ଷ-ଲତା ଆଦି ପ୍ରାକୃତିକ ଦୃଶ୍ୟ ଓ ଐତିହାସିକ ବିଷୟକୁ ସେ ତାଙ୍କର କାଳଜୟୀ ସୃଷ୍ଟି ଗୁଡିକରେ ଲେଖି ଯାଇଛନ୍ତି ।

ସ୍ରଷ୍ଟା ରାଧାନାଥ ଙ୍କର - ପ୍ରଥମ ଦୃଷ୍ଟି - ଏକ ଦୀର୍ଘ ପ୍ରବନ୍ଧ - "ବିବେକୀ" - ୧୮୭୩ ମସିହାରେ ପ୍ରକାଶିତ ତା'ପରେ ଗଦ୍ୟ ଉପନ୍ୟାସ - "ଇଟାଲିୟ ଯୁବା" ।

କବି ରାଧାନାଥ ରାୟ ଅନେକଗୁଡିଏ କାବ୍ୟ ସଂକଳନର ସ୍ରଷ୍ଟା । ସେଥିମଧ୍ୟରୁ - କେଦାରଗୌରୀ (୧୮୮୫), ଚନ୍ଦ୍ରଭାଗା (୧୮୮୬), ନନ୍ଦିକେଶ୍ୱରୀ (୧୮୮୭), ଉଷା (୧୮୮୮), ପାର୍ବତୀ (୧୮୯୦), ଚିଲିକା (୧୮୯୧), ମହାଯାତ୍ରା (୧୮୯୨), ଦରବାର (୧୮୯୭) ।

କବିତା ମଧ୍ୟରେ - ତୁଳସୀ ସ୍ତବକ (୧୮୯୪), ଯଯାତିକେଶରୀ (୧୮୯୪), ଉର୍ବଶୀ (୧୮୯୫), ଦଶରଥ ବିୟୋଗ

(୧୯୦୧), ଭାରତ ଗୀତିକା (୧୯୦୩), ସାବିତ୍ରୀ ଚରିତ୍ର (୧୯୦୬), ତିନିବନ୍ଧୁ (୧୮୯୮), ବନ୍ଦନା (୧୯୦୧), ନିବେଦନ (୧୯୦୧), ପ୍ରତାପରୁଦ୍ର (୧୯୦୧), ଶ୍ମଶାନ ଦୃଶ୍ୟ (୧୯୦୪), ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ (୧୯୦୫), ଚିଲିକାରେ ସାୟନ୍ତନ ଦୃଶ୍ୟ ।

**ବିବେକୀ -**

ଏହା ରାଧାନାଥ ରାୟଙ୍କ - ଏକ ପ୍ରବନ୍ଧ କୃତି । ରାଧାନାଥ - ପ୍ରକୃଷ୍ଟ ଗଦ୍ୟ ରଚନାରେ ଶକ୍ତିଶାଳୀ ଉଦାହରଣ ହେଉଛି - "ବିବେକୀ" । କବିଙ୍କର ମୌଳିକ ଭାବ ଓ ଦର୍ଶନିକ ଚିନ୍ତାଧାରା ଏହି ପ୍ରବନ୍ଧରେ ପ୍ରକାଶ ପାଇଅଛି । ଓଡିଆ ପ୍ରବନ୍ଧ ସାହିତ୍ୟରେ ଏହା ଏକ ଗୌରବମୟ ସୃଷ୍ଟି ଭାବରେ ପରିଚିତ । ରାଧାନାଥ ଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ଏହା ଏକ ଉଚ୍ଚକୋଟୀର ପରିଚୟ ପ୍ରଦାନ କରିଅଛି ।

**ଇଲାତୀୟ ଯୁବା -**

ଗଦ୍ୟ ଉପନ୍ୟାସ "ଇଲାତୀୟ ଯୁବା" ହେଉଛି - ବିଦେଶୀ ଗଦ୍ୟର ଓଡିଆ ଅନୁବାଦ - ରାଧାନାଥ ଙ୍କର । ରାଧାନାଥ ଙ୍କ ଗଦ୍ୟ ରଚନାରେ ଏହା ଏକ ଅମଳିନ ସୃଷ୍ଟି । ୧୮୭୩ ମସିହାରେ ଏହା ପ୍ରଥମେ "ଉତ୍କଳ ଦର୍ପଣ" ପତ୍ରିକାରେ ପ୍ରକାଶ ପାଇଥିଲା । ଓଡିଆ ଗଦ୍ୟ ସାହିତ୍ୟର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ସୃଷ୍ଟି ହୋଇଥିଲା । ଏହା ଏକ ପ୍ରେମମୂଳକ ଉପନ୍ୟାସ । ଏଥିରେ ଏକ ପାଶ୍ଚାତ୍ୟ ପ୍ରଣୟ କାହାଣୀ ରୂପ ପାଇଅଛି । ରାଧାନାଥ ରାୟ - ପାଶ୍ଚାତ୍ୟ ସାହିତ୍ୟ ଦ୍ୱାରା ଅନୁପ୍ରାଣିତ ହୋଇ ଏହା ରଚନା କରିଥିଲେ । ତାଙ୍କର ପାଶ୍ଚାତ୍ୟ ସାହିତ୍ୟ ପ୍ରୀତି ଏଥିରୁ ସୁସ୍ପଷ୍ଟ ।

**କେଦାରଗୌରୀ -**

ରାଧାନାଥ ଙ୍କର - ପ୍ରାଚ୍ୟ ପାଶ୍ଚାତ୍ୟର ସମନ୍ୱୟ ମୂଳକ ଯେଉଁ ଛଗୋଟି କାବ୍ୟ ରଚନା କରିଥିଲେ, ତନ୍ମଧ୍ୟରୁ "କେଦାରଗୌରୀ" ଅନ୍ୟତମ । ପ୍ରାଚ୍ୟ-ପାଶ୍ଚାତ୍ୟ ସାହିତ୍ୟର କଳାଗତ ସୁଷମାର ଏହା ମହିମାମଣ୍ଡିତ ହୋଇଅଛି ।

ରାଧାନାଥ ରାୟ - ଗ୍ରୀକ୍ କବି ଓ ଭିଡଙ୍କର ମେଟମରଫିସ୍‌ସ କାବ୍ୟର ଗୋଟିଏ ଗଳ୍ପ - "The Legend of Babylon" ଅବଲମ୍ୱନରେ ରଚିତ ସେକ୍ସପିଅର ଙ୍କ - "Mid Summer Nights Dream" ନାଟକ - "Pvramus and Thisbe" ଅବଲମ୍ୱନରେ ଏହା ରଚନା କରିଛନ୍ତି । ପାଶ୍ଚାତ୍ୟର କଥାବସ୍ତୁକୁ ସେ ଓଡିଶାର "କେଦାରଗୌରୀ" ଚରିତ୍ର ସହିତ ସାମିଲ କରି କାବ୍ୟକ ସୌନ୍ଦର୍ଯ୍ୟ ପ୍ରତିପାଦନ କରିପାରିଛନ୍ତି । ଭୁବନେଶ୍ୱର ର "କେଦାରଗୌରୀ" ଉପାଖ୍ୟାନ ଏଠାରେ ପ୍ରକାଶ ପାଇଛି । ଏହା ଏକ ଛୋଟକାବ୍ୟ ହେଲେ ମଧ୍ୟ ଏଥିରୁ - ରାଧାନାଥ ରାୟ ଙ୍କର କବି ପ୍ରତିଭା ଯଥାର୍ଥ ପରିଚୟ ମିଳିଥାଏ ।

ଧନ୍ୟ ସେ ପ୍ରୀତିକି ମରଣ ଭୀତିକି
ପ୍ରୀତି ଯେ ପାରଇ ଦିଶି,
ଶିରୀଷ ମୃଦୁଳା ଲବଣୀ ପିତୁଳା
ପ୍ରୀତି କଲା ସାହାସିନୀ ।

ରାଧାନାଥ ରାୟ ଙ୍କ ଅନ୍ୟାନ୍ୟ ରଚିତ ଗ୍ରନ୍ଥମାନ ମଧ୍ୟରେ -

ସଂସ୍କୃତ ମେଘଦୂତର - ପଦ୍ୟ ଅନୁବାଦ (ଓଡିଆ), ସ୍କୁଲପାଠ୍ୟ କବିତାବଳୀ, ପାର୍ବତୀ (ଅସମ୍ପୂର୍ଣ୍ଣ), ମହାଯାତ୍ରା, ଦରବାର, ଚିଲିକା ଆଦି କାବ୍ୟ ତାଙ୍କୁ ଓଡିଆ ବାଣୀଭଣ୍ଡାର ରେ କାଳଜୟୀ କରିପାରିଛି ।

ଉତ୍କଳର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତାଙ୍କୁ ଅମର କରିବ । ତାଙ୍କ ରଚନାର ମାଧୁର୍ଯ୍ୟ, ପଦଲାଳିତ୍ୟ, ସାରଲ୍ୟ ଓ ସୁରୁଚି ପାଠକମାନଙ୍କୁ ହିଁ ମୁଗ୍ଧ କରେ । ଚରିତ୍ର ଚିତ୍ରଣରେ ସେ କୃତିତ୍ୱ ଲାଭ କରିଥିଲେ । ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଥିଲା । ତାଙ୍କ ପୁତ୍ର - ଶଶିଭୂଷଣ ରାୟ, ବାପା - "ରାଧାନାଥ ରାୟ ଙ୍କ ଗ୍ରନ୍ଥାବଳୀ" ପ୍ରକାଶ କରିଅଛନ୍ତି । ରାଧାନାଥ ଙ୍କ ମଧ୍ୟମ ଜ୍ୱାଇଁ - ଦୁର୍ଗାଚରଣ ରାୟ, ରାଧାନାଥ ରାୟ ଙ୍କ ଜୀବନୀ ସଂକଳନ କରିଅଛନ୍ତି ।

ରାଧାନାଥ ରାୟ ଓଡିଆ ସାହିତ୍ୟର ଆଧୁନିକ ଯୁଗର ସ୍ରଷ୍ଟା ଭାବରେ ସମ୍ମାନୀତ । ତାଙ୍କର କାବ୍ୟ, କବିତା ରଚନା ନିମନ୍ତେ "କବିବର" ଉପାଧିରେ ଭୂଷିତ । ଗଡଜାତ ଭ୍ରମଣରୁ ଫେରି ଦୂର ରୋଗରେ ଆକ୍ରାନ୍ତ ହୋଇ ରାଧାନାଥ - ୧୭ ଏପ୍ରିଲ୍, ୧୯୦୮ ମସିହାରେ ମୃତ୍ୟୁବରଣ କରିଥିଲେ । ତାଙ୍କର ପାର୍ଥୀବ ଶରୀର ପଞ୍ଚଭୂତରେ ଲୀନ ହୋଇ ଯାଇଥିଲା ସତ, ମାତ୍ର ସେ ସୃଷ୍ଟି କରିଥିବା ସାରସ୍ୱତ ପାଇଁ ଓଡିଆ ସାହିତ୍ୟରେ ଜଣେ କାଳଜୟୀ ସାହିତ୍ୟିକ ହୋଇ ଚିରକାଳକୁ ଅମର ହୋଇ ରହିଛନ୍ତି ।

କବିବର ରାଧାନାଥ ରାୟ ଙ୍କର - ସାରସ୍ୱତ କୃତିକୁ ନେଇ ଅନେକ ଗବେଷକ ଗବେଷଣା କରି - ଓଡିଆ ସାହିତ୍ୟରେ ଡକ୍ଟରେଟ୍ ଉପାଧି ପାଇଛନ୍ତି ।

ବାସ୍ତବିକ୍ କବିବର ରାଧାନାଥ ରାୟ ଥିଲେ - ଓଡିଆ ସାହିତ୍ୟର ଆଧୁନିକ ଯୁଗର ଆଦ୍ୟସ୍ରଷ୍ଟା ।

# ଓଡିଆ ସାହିତ୍ୟ ର କୀର୍ତ୍ତିସ୍ତମ୍ଭ
# ସ୍ୱଭାବକବି ଗଙ୍ଗାଧର ମେହେର

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର କୀର୍ତ୍ତିସ୍ତମ୍ଭ

## ସ୍ୱଭାବକବି ଗଙ୍ଗାଧର ମେହେର

ପ୍ରଫେସର ଡକ୍ଟର ସୁବାଷ ନାୟକ

ଗଙ୍ଗାଧର ମେହେର ଥିଲେ - ଜଣେ ଓଡିଆ ରୀତିକବି । ସେ ଜନ୍ମରୁ ଉଚ୍ଚଶିକ୍ଷା ଦୀକ୍ଷା ପାଇପାରିନଥିଲେ ମଧ୍ୟ ଜଣେ ଅସାଧାରଣ ପ୍ରତିଭାବାନ କବିଥିଲେ । ସେ ଏକାଧାରାରେ ସ୍ୱଭାବକବି, ପ୍ରକୃତିକବି ଭାବରେ ପରିଚିତ ଥିଲେ । ସେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ୩ ଅଗଷ୍ଟ, ୧୮୬୨ ମସିହାରେ ଅବିଭକ୍ତ ସମ୍ବଲପୁର ଓ ବର୍ତ୍ତମାନ ବରଗଡ ଜିଲ୍ଲାର ବରପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।

ଗଙ୍ଗାଧର - ଜଣେ ସାଧାରଣ ପରିବାର ର ପିଲା ଥିଲେ, ବାପାଙ୍କର ମଧ୍ୟ ସେତେ ପ୍ରତିଷ୍ଠା ନଥିଲା । ସେମାନଙ୍କ ତନ୍ତବୁଣା କର୍ମଶାଳା ଥିଲା, ସେମାନେ ପୂର୍ବପୁରୁଷ ଅନୁଯାୟୀ ଏହି କାମ କରୁଥିଲେ । ପ୍ରାଥମିକ ଶିକ୍ଷା ସମାପ୍ତକରି ବାପାଙ୍କୁ ବୃତ୍ତିରେ ସାହାଯ୍ୟ କରୁଥିଲେ । ପରବର୍ତ୍ତୀ ସମୟରେ  କଚେରୀରେ ୧୮୮୫ ମସିହାରେ ଅମିନ ଭାବରେ କାମ ଆରମ୍ଭକରି ୧୯୧୭ ମସିହାରେ ମୋହରରୀ ଭାବରେ ସରକାରୀ ଚାକିରୀରୁ ଅବସର ନେଇଥିଲେ ।

କର୍ମମୟ ଜୀବନ ମଧ୍ୟରେ ଗଙ୍ଗାଧର ପାରିବାରିକ ଓ ସାହିତ୍ୟିକ ଜୀବନକୁ କଦାପି ଭୁଲି ପାରିନଥିଲେ । ଶାନ୍ତାଦେବୀ ଙ୍କୁ ବିବାହ କରିଥିଲେ, ପରବର୍ତ୍ତୀ ସମୟରେ ଶାନ୍ତା ଙ୍କ ଦେହାନ୍ତ ହେବାରୁ ଚମ୍ପା କୁ ବିବାହ କରିଥିଲେ । ଗଙ୍ଗାଧର ଙ୍କ ସନ୍ତାନ ସନ୍ତତି - ଅର୍ଜ୍ଜୁନ ମେହେର (୧୨ ବର୍ଷ ବୟସରେ ଦେହବସାନ), ଭଗବାନ ମେହେର (କବିପୁତ୍ର ଭାବରେ ଖ୍ୟାତି), ବାସୁମତୀ ମେହେର ଓ ଲକ୍ଷ୍ମୀ ମେହେର । ଗଙ୍ଗାଧର ଙ୍କ ନାତି - ଡକ୍ଟର ମନିନ୍ଦ୍ର କୁମାର ମେହେର, ବର୍ତ୍ତମାନ ଫକୀରମୋହନ ବିଶ୍ୱବିଦ୍ୟାଳୟ - ବାଲେଶ୍ୱର ରେ - ଓଡିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ସହିତ ବିଶିଷ୍ଟ ଓଡିଆ ସାହିତ୍ୟ ସମାଲୋଚକ ।

ଗଙ୍ଗାଧର - ଓଡିଆ ସାହିତ୍ୟରେ କଲମ ଚାଳନା କରି ଜଣେ ଯଶସ୍ୱୀ ସାହିତ୍ୟିକ ଭାବରେ ସୁନାମ ଅର୍ଜନ କରିଅଛନ୍ତି । ତପସ୍ୱିନୀ ଓ କୀଚକବଧ - ସାହିତ୍ୟକୃତି ପାଇଁ ସେ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ଜଣେ ପ୍ରତିଷ୍ଠିତ ସ୍ରଷ୍ଟା ।

ବାଲ୍ୟକାଳରୁ ଗଙ୍ଗାଧର - କବିତା ଲେଖିବା ଆରମ୍ଭ କରିଥିଲେ । ଓଡିଶାର ପୁରାତନ କବିମାନଙ୍କର ପଦାଙ୍କ ଅନୁସରଣ କରି ସେମାନଙ୍କର ଶୈଳୀରେ ସେ ନିଜର ପ୍ରଥମ ଲେଖା ଲେଖିଥିଲେ । ତାଙ୍କ ଆଦ୍ୟ ରଚନାବଳୀ ମଧ୍ୟରେ - ରସ ରତ୍ନାକର ଓ ଅହଲ୍ୟାସ୍ତବ ଆଦି ଅନ୍ୟତମ । ଏଗୁଡିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା । ଏହାପରେ କବିବର ରାଧାନାଥ ରାୟ ଙ୍କ ପରୋଚନାରେ ସେ ଆଧୁନିକ ଶୈଳୀରେ - "ଇନ୍ଦୁମତୀ" ନାମକ କାବ୍ୟ ରଚନାକରି ଓଡିଆ ସାହିତ୍ୟର ଆଧୁନିକ କବିମାନଙ୍କ ଭିତରେ ନିଜର ସ୍ଥାନ ସ୍ଥାପିତ କରିପାରିଥିଲେ । ତାଙ୍କ ଲେଖାସବୁ ଉତ୍କଳ ଭାରତୀୟ ଅମୂଲ୍ୟରତ୍ନ ।

### ସାହିତ୍ୟ ରଚନା -

ପ୍ରକୃତିର ବାହ୍ୟରୂପ ସହିତ ଆଭ୍ୟନ୍ତରୀଣ ରୂପକୁ ବର୍ଣ୍ଣନା କରିବାରେ କବିଙ୍କର କବିତ୍ୱ ପ୍ରଶଂସିତ ହୋଇଛି । ସେ ନିଜ ଲେଖାରେ କେବଳ ଉଚ୍ଚ ଆଦର୍ଶକୁ ସ୍ଥାନ ଦେଇନାହାଁନ୍ତି, ସେଥିରେ ସେ ମାନବତା ଜୟଗାନ ମଧ୍ୟ କରିଛନ୍ତି । ଛନ୍ଦ ମାଧୁର୍ଯ୍ୟର ଆଧୁନିକ କରଣକରି ସେ ଓଡିଆ କବିତାରେ ଗାନଯୋଗ୍ୟତା ଭରିଛନ୍ତି । "ଅର୍ଘ୍ୟଥାଳୀ" - କବିତାମାଳର ଭକ୍ତି ଓ ଅମୃତମୟ କବିତା ଓଡିଶାର ପୁରପଲ୍ଲୀରେ ଅତି ପରିଚିତ କବିତାମାନଙ୍କ ମଧ୍ୟରୁ ଅନ୍ୟତମ ।

### କାବ୍ୟ -

ଇନ୍ଦୁମତୀ (୧୮୯୩ - ପ୍ରଥମ ପ୍ରକାଶିତ ଆଧୁନିକ କାବ୍ୟ)
ଉତ୍କଳ ଲକ୍ଷ୍ମୀ (୧୮୯୪)
କୀଚକବଧ (୧୯୦୩)
ତପସ୍ୱିନୀ (୧୯୧୨ - ସର୍ବାଧିକ ଲୋକପ୍ରିୟ କାବ୍ୟ)
ପ୍ରଣୟ ବଲ୍ଲରୀ (୧୯୧୫) -
ମହାକବି କାଳିଦାସ ଙ୍କ "ଅଭିଜ୍ଞାନ ଶାକୁନ୍ତଳମ୍" ନାଟକର ଅନୁସରଣରେ ରଚିତ ।
ରସ ରତ୍ନାକର - (ର ଆଦ୍ୟ-ପ୍ରାନ୍ତ ନିୟମରେ ରଚିତ ।)
ମହିମା
କବିତା କଲ୍ଲୋଳ
ଆୟୋଧ୍ୟା ଦୃଶ୍ୟ
ବଳରାମ ଦେବ
ପଦ୍ମିନୀ (ଶେଷକୃତି)

**କବିତା -**

ଅହଲ୍ୟାସ୍ତବ (୧୮୯୨ - ସଂସ୍କୃତି ବୃତ୍ତି ଅନୁସରଣରେ ରଚିତ ।)
ଅର୍ଘ୍ୟଥାଳୀ (ସର୍ବାଧିକ ଲୋକପ୍ରିୟ କବିତା ସଂଗ୍ରହ)
ଭକ୍ତି
ଅମୃତମୟ
ମଧୁମୟ
ମାତୃଭୂମି
ଅର୍ପଣ
ଆଶ୍ରମେ ପ୍ରଭାତ
ଉତ୍କଳ ଲକ୍ଷ୍ମୀ
ଖଦ୍ୟୋତର ଖେଦ ଓ ସୂର୍ଯ୍ୟ ପ୍ରତି ଦୀପ
ଭାରତୀ ଉଁବନା
ତାକୁ ମଧ ବୋଲିଥାନ୍ତି ଧର୍ମ ଅବତାର
ମହାଜନ
ସୁଭାବ ଓ ସ୍ୱଭାବ
ଉତ୍କଳ ଭାରତୀ ଙ୍କ ଭକ୍ତି
ନର ଓ ମୟୂର
ଭରଷା
ମଧୁପର ମଧୁଭିକ୍ଷା
ଧନପ୍ରତି
ବସନ୍ତ ବ୍ରତ
ପ୍ରମୁଖ କବିତା - ଓଡିଆ କାବ୍ୟ ସାହିତ୍ୟରେ ଏକଏକ ଉଜ୍ଜ୍ୱଳତମ ତାରକା କହିଲେ ଅତ୍ୟୁକ୍ତି ହେବନାହିଁ ।

**ଗଙ୍ଗାଧର ଙ୍କ - ତପସ୍ୱିନୀ :**

ସ୍ୱଭାବକବି ଗଙ୍ଗାଧର ମେହେର ଙ୍କ ମାନସ ସନ୍ତାନ - "ତପସ୍ୱିନୀ" - କାବ୍ୟ ସାହିତ୍ୟ । ଏହାର ରଚନା ୧୯୧୩ ମସିହାରେ ପ୍ରକାଶିତ ପାଇ ପାଠ୍ୟସରି ୧୯୧୪ ମସିହାରେ ପ୍ରକାଶିତ ହୋଇଥିଲା । ଏଗାରଟି ସ୍ୱର୍ଗରେ ସମୃଦ୍ଧ ଏହି କାବ୍ୟ ଗ୍ରନ୍ଥଟିରେ ପୁରୁଷୋତ୍ତମ ଶ୍ରୀରାମ ଓ ଦେବୀ ସୀତା ଙ୍କର ଜୀବନ ଓ ଦର୍ଶନ (ଆଦର୍ଶ) ବର୍ଣ୍ଣନା କରାଯାଇଛି । "କରୁଣରସ" ରେ ଏହି କାବ୍ୟଟି ରଚିତ ।

ପ୍ରଣବରଞ୍ଜନ ଭୂୟାଁ - "ତପସ୍ୱିନୀ" - କାବ୍ୟକୁ ଇଂରାଜୀ ଭାଷାରେ ଅନୁବାଦ କରି - ରାମ ନାରାୟଣ ମିଶ୍ର ଙ୍କୁ ଉତ୍ସର୍ଗୀକୃତ କରାଯାଇଅଛି । ଏହାଦ୍ୱାରା ଗଙ୍ଗାଧର ଙ୍କ - "ତପସ୍ୱିନୀ" - କାବ୍ୟ ଓଡିଆ ସାହିତ୍ୟ କାହିଁକି ଭାରତୀୟ ତଥା ବିଶ୍ୱ ସାହିତ୍ୟର (ଇଂରାଜୀ ଅନୁବାଦ ଦ୍ୱାରା) ପାଠକୀୟ ଆଦୃତି ଲାଭ କରିଅଛି ।

## ତପସ୍ୱିନୀ

## (ସୀତା)

## ପ୍ରଥମ ସ୍ୱର୍ଗ

କିଗୋ ତୁ ଜ୍ୟୋତିମୟୀ ଶୁଦ୍ଧ ଶୁଭ୍ର - ବେଶ୍ୟା
ଇନ୍ଦ୍ରନୀଳ - ଦ୍ୟୁତି - ଜିତ - ମନୋହର - କେଶା
ତନୁକ୍ରାନ୍ତୀ ଭେଦିତା'ର ଶୁଭ୍ର - ସୂକ୍ଷ୍ମ - ବାସ
ଆହ୍ଲାଦ ଦେଉଛି ହୃଦେ ହୋଇ ସୁପ୍ରକାଶ ।

କୌମୁଦୀ କି ଘନହୋଇ ବହୁଛି ଶରୀର
କେଶଛଳେ ଚରଣେ ତୋ ଲୋଟୁଛି ତିମିର
ସୁବିରଳ ସମୁଜ୍ଜ୍ୱଳ ଠାରୁ ତା'ର ଗ୍ରହ
ମଣିଛନ୍ତି ଜନ୍ମଭୂଷା ରୂପେ ତୋ ବିଗ୍ରହ ।

ଅସଂଖ୍ୟ ଧବଳ ପୁଷ୍ପହୋଇ ଶୋଭେ ଗଳେ
ଗ୍ରଥିତ ହୋଉଛି ସବୁ ଅଦ୍ଭୁତ କୌଶଳେ
ଶ୍ରୀ ଅଙ୍ଗ ସୌରଭେ ମୁଗ୍ଧ ହେଉଛି ଜଗତ
ପ୍ରଫୁଲ୍ଲତା ହେଉଅଛି ପ୍ରାଣେ ଉପଗତ ।

କି ଡାଳୁଛୁ କରେ ଧରି ଲୋକେ କରି ପାନ
ଦୈବତ ସଦୃଶ ହୋଉଛନ୍ତି ତେଜୀୟାନ
କି ମନ୍ତ୍ର ଦେଉଛୁ ପୁଣି ବାଛିବାଛି ଲୋକ
ତମ ନାଶି ସୁଦୁଛନ୍ତି ସେମାନେ ଆଲୋକ ।

ପଦାଙ୍କେ ତୋ ଫୁଟୁଅଛି ଶ୍ୱେତ ଶତଦଳ
କୌମୁଦି ବୋଲିବା ତେଣୁ ନୋହିଲା ସଫଳ
ଦାରିଦ୍ରତା - ପଙ୍କପୂର୍ଣ୍ଣ ମୋ ଜୀବନ ସର
ଜଞ୍ଜାଳ ଜଳଦ ଜଳେ ଆବିଳ ଉଦର ।

ଶରଦ ସଦୃଶ ତୋତେ କରି ଦରଶନ
ହୋଇ ଯାଉଅଛି ସେତ ସ୍ୱତଃ ପରସନ୍ନ
ବିକଶିତ ହେଉଅଛି ହୃଦୟ କମଳ
ସତେ କି ପାଇଲା ଦେବି, ତୋ ପାଦ ସମ୍ବଳ ?

ପୟର ସ୍ମରଣେ ପ୍ରାଣ ହୋଇଲା ମୋହିତ
ଇଚ୍ଛାମତେ କରଯାହା ବିଚାରୁ ବିହିତ
ବାଲ୍ମୀକି ଆଶ୍ରମକୁ ଧାଇଁଅଛି ମନ
କରିବାକୁ ନିର୍ବାସିତା ସୀତା ଙ୍କୁ ଦର୍ଶନ ।

କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ସୀବନ
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ
କୃପାବହୀ, କୃପାମୟୀ, ଶକ୍ତିଦାନ କର
ପବିତ୍ର ହୋଉ ମୋ ମନ ଦେଖି, ଲେଖକର ।

ବହୁଅଛି ଭାଗିରଥି ବିପନ ଭିତରେ
ତାଡିତାଡି ତରଙ୍ଗ ତା' ପଶ୍ଚିମ ତଟରେ
ବନ ଦୃଶ୍ୟ ଦେଖିବାକୁ ହୋଇ ଅଗ୍ରସର
ବିକଳ ଜୀବନେ ଯତ୍ନେ ଚାଲୁଛି ପୟର ।

"ତପସ୍ୱିନୀ" - ମହାକାବ୍ୟର ୧୧ ଗୋଟି ସ୍ୱର୍ଗ ମଧ୍ୟରୁ ପ୍ରଥମ ସ୍ୱର୍ଗକୁ ଏଠାରେ ସୂଚିତ କରାଗଲା । "ତପସ୍ୱିନୀ" - କାବ୍ୟ ସାହିତ୍ୟଟି ସ୍ୱଭାବକବି ଗଙ୍ଗାଧର ଙ୍କୁ ଜଣେ ଜାତୀୟକବି ଭାବରେ ମାନ୍ୟତା ପ୍ରଦାନ କରିଅଛି ।

### ଗଙ୍ଗାଧର ଙ୍କ - "କବିତା କଲ୍ଲୋଳ" :

ଗଙ୍ଗାଧର ଙ୍କର କାବ୍ୟ - "କବିତା କଲ୍ଲୋଳ" - ମହାକାବ୍ୟର ଉତ୍ତୋର ତରଙ୍ଗ ବୁଝି ଉପହାସ କରିବେ, କିନ୍ତୁ ପୁସ୍ତକର ଆକାର ଓ ମୂଲ୍ୟଦେଖି ସେପରି ଅର୍ଥକରିବା ସଙ୍ଗତ ହେବନାହିଁ । ଅଟବୀ ଗର୍ଭବାହିନୀ କ୍ଷୁଦ୍ର ତଟିନୀର ସଂକୀର୍ଣ୍ଣ ସ୍ରୋତ ମୃଦୁମନ୍ଦ ମରୁ କମ୍ପିତ କ୍ଷୁଦ୍ରକ୍ଷୁଦ୍ର କଲ୍ଲୋଳ ହିଁ ଏଠାରେ ଅଭିହିତ ହେବାରେ ଯୋଗ୍ୟ କାରଣ ସେ କେତେକ ଉପାଧିଧାରୀ ବିଶିଷ୍ଟ ବନ୍ଧୁଙ୍କ ପ୍ରତି ପୂର୍ଣ୍ଣବାକ୍ୟ ବାୟୁରେ ଆନ୍ଦୋଳିତ ହୋଇ ମୋର ଦାରିଦ୍ର୍ୟ ଗହ୍ୱନ ବାହିନୀ ଜ୍ଞାନଲୋକ ବାହିନୀ କ୍ଷୁଦ୍ର ହୃଦୟ ନଦୀରେ ଏହି କେତେକ କ୍ଷୁଦ୍ରକ୍ଷୁଦ୍ର କବିତା କଲ୍ଲୋଳ ଉତ୍ଥିତ ହୋଇଅଛି । ବନ୍ଧୁମାନଙ୍କ ନାମୋଲ୍ଲେଖ କଲେ ସେମାନେ ମାତୃଶଜନର ବନ୍ଧୁରୂପେ ସାଧାରଣରେ ପରିଚିତ ହେବାକୁ ଲଜ୍ଜାବୋଧ କରିବେ ବୋଲି ସେ ତାହା କରିନଥିଲେ ।

ପରମ ଭାଗ୍ୟ ବିଷୟୋକ ସମ୍ବଲପୁର ର ଜ୍ଞାନଜ୍ୟୋଷ୍ଠ ସୁସନ୍ତାନ ମାନନୀୟ - ରାମ ନାରାୟଣ ମିଶ୍ର (ଓକିଲ ବନ୍ଧୁ) ସ୍ୱତ ପ୍ରଣୋଦିତ ହୋଇ ଗଙ୍ଗାଧର ଙ୍କ କବିତାଗୁଡିକ ପ୍ରକାଶିତ କରି ଦେଇଥିଲେ, ଏହା ତାଙ୍କର ଭୂମିକାରେ ଗଙ୍ଗାଧର ସ୍ପଷ୍ଟ ଭାବରେ ପ୍ରକାଶ କରିଅଛନ୍ତି ।

### ଗଙ୍ଗାଧର ଙ୍କ - "କୀଚକବଧ" :

"କୀଚକବଧ" ପ୍ରକାଶିତ ହେଲାରୁ ମହାକବି କାଳିଦାସ ଙ୍କ ଶକୁନ୍ତଳା ର ଭାବ ଅବଲମ୍ବନ କରି ଖଣ୍ଡିଏ ପଦ୍ୟ

ପୁସ୍ତକ ଲେଖିବାର ଆରମ୍ଭ କରିଥିଲେ - ୧୯୦୩ ମସିହାରେ - ମହାଭାରତ ର ବିଷୟବସ୍ତୁ ଉପରେ ଆଧାରିତ । ଏଥିରେ ପ୍ରଣୟାଙ୍କର, ବେଦବ୍ୟାସ, ଚନ୍ଦ୍ରର ଜନୀ, ବସନ୍ତବାସର, ସୋମନାଥ ବିଜୟ, ବର୍ଷାଚିତ୍ର ସ୍ଥାନୀତ ପାଇଅଛି ।

**ସମାଲୋଚକ ବିମଳ ପ୍ରସାଦ ଦାସ ଙ୍କ ଦୃଷ୍ଟିରେ -**

**ଅମୃତର ସନ୍ତାନ - ଗଙ୍ଗାଧର**

ଅବହେଳିତ ଗରିବ ତନ୍ତୀ ପରିବାର ର ଗଙ୍ଗାଧର ଜନ୍ମ - ଦରିଦ୍ର୍ୟ ପରିବେଶରେ ଭୂମିଷ୍ଠ ହୋଇ ଓ ସାରାଜୀବନ ଅଭାବ ଅନାଟନରେ ଅତିବାହିତ କରିବା ସତ୍ତ୍ୱେ ଭାରତୀୟ ଚେତନା ତାଙ୍କ ସାଧନା ଓ ସାହିତ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଅଛି । ଈଶ୍ୱର ଭାବନା ଓ ସାଧନା ବଳରେ ଜଣେ ଉଚ୍ଚ ତଥା ଆଦର୍ଶ ସାରସ୍ୱତସାଧକର ମର୍ଯ୍ୟାଦାରେ ମହିମା ମଣ୍ଡିତ ହୋଇଥିଲେ । ପିତୃ, ପିତୃକର ଙ୍କ ସହିତ ପ୍ରାତକାଳୀନ ଦେବଦର୍ଶନ ଓ ସନ୍ଧ୍ୟାକାଳୀନ କୀର୍ତ୍ତନ ବାଲ୍ୟାବସ୍ଥାରୁ ତାଙ୍କ ହୃଦୟରେ ଭଗବତ ପ୍ରେମର ସଞ୍ଚାର କରି ଉତ୍କଟ ଦାରିଦ୍ର୍ୟ ମଧରେ ବି ତାଙ୍କୁ ଆଲୋକ ଓ ଅମୃତାମୁଖୀ କରିଥିଲେ । ପରବର୍ତ୍ତୀ କବି ଜୀବନରେ ଏହି ଆଧାତ୍ମିକ ଚେତନା ବଳରେ ଦାରିଦ୍ର୍ୟ, ଗୃହଦାହ ଓ ସ୍ତ୍ରୀପୁତ୍ର ମୃତ୍ୟୁଜନିତ ସାଂସାରିକ ଯନ୍ତ୍ରଣା ସହ୍ୟ କରିବାକୁ ସେ ସମର୍ଥ ହୋଇଥିଲେ । ଭାରତୀୟ ଆଧାତ୍ମିକ ପରମ୍ପରାର ମାନ୍ୟତାରେ ବିଭିନ୍ନ ଦେବାଦେବୀଙ୍କର ସ୍ତବ, ସ୍ତୁତି, ସ୍ତୋତ ତଥା ଅନେକ ଭକ୍ତି, ଦେଶଭକ୍ତି, ଓଷା ପ୍ରତିମୂଳକ କବିତା ରଚନାକରି ତାଙ୍କ ଐଶ୍ୱରିକ ଚେତନାର ଅମୃତମୟ ଉପଲବ୍ଧି ଅଭିବ୍ୟକ୍ତ କରିଅଛନ୍ତି । ତାଙ୍କ ହୃଦୟରେ ଆଙ୍କୁରିତ ଭକ୍ତିଭାବ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ସମର୍ପଣ ଚେତନାରେ ଅଭିମନ୍ତ୍ରିତ ହୋଇ ଈଶ୍ୱରାନୁଭୂତିକ ମର୍ମସ୍ପର୍ଶୀ ରୂପଧାରଣା କରିଅଛି ।

ଅର୍ଘ୍ୟଥାଳୀ, ଭକ୍ତି, ମଧୁମୟ, ଅମୃତମୟ, ଅହଲ୍ୟାସ୍ତବ ପ୍ରଭୃତି ଏଠାରେ ସ୍ୱଷ୍ଟ ଆଲେଖ୍ୟ ବହନକରେ । ଏମାନେ ସିଦ୍ଧ କବିମାନସର କେବଳ ଚାର୍ଯ୍ୟପଦ ନୁହଁନ୍ତି, ଅଶ୍ରୁ ବିଗଳିତ କାରୁଣ୍ୟର ଉଦାର ଆତ୍ମପ୍ରକାଶ । ଏହା ମନ୍ତ୍ରପରି ଗୁଞ୍ଜରିତ, ଆର୍ତ୍ତ ଚିତ୍କାର ପରି ନିନାଦିତ ଓ ସମର୍ପଣ ପରି ଶିହରିତ, ପବନ ପରି ଅସ୍ଥିର ଓ ଦୀପଶିଖା ଭଳି ଲିଭି ମଧ ଯାଇଛି ।

(ପ୍ରକାଶିତ - ଧରିତ୍ରୀ "ସାହିତ୍ୟାୟନ" - ପୃ - ୪)

**ଗଙ୍ଗାଧର ମେହେର ଙ୍କ କବିତା - "ଅର୍ଘ୍ୟଥାଳୀ" :**

ଗଙ୍ଗାଧର ଙ୍କ - "ଅର୍ଘ୍ୟଥାଳୀ" - ପ୍ରତ୍ୟେକ କବିତା ତାଙ୍କ ଅନ୍ତରଆତ୍ମାର ଅମୃତମୟ ଉପଲବ୍ଧି ଅଭିବ୍ୟକ୍ତି କବିତାଗୁଡିକ ଜଣେ ଦୀନକବିର ଜଣାନ ନୁହେଁ, ବରଂ ଭକ୍ତିତତ୍ତ୍ୱ ଉପରେ ଆଧାରିତ ଗୋଟିଏ ଗୋଟିଏ ବ୍ୟକ୍ତିଗତ ଟିପ୍ପଣୀ, ହେ ବିଶ୍ୱଜୀବନ ଆପଣଙ୍କୁ କରୁଣା ସିନ୍ଧୁ ବୋଲି କହିବାକୁ ମନବଳୁ ନାହିଁ, କାରଣ ସିନ୍ଧୁ ଆପଣଙ୍କ କୃପାବିନ୍ଦୁ, ଆପଣଙ୍କ ନାମ ଭଜନ କରିବାପାଇଁ ମାଳା ଜପିବାକୁ ମୁଁ ବାଧ୍ୟ ମନେକରେ ନାହିଁ । କାରଣ ସେ ମାଳାର କଣ୍ଠାମାଳରେ କୋଟିକୋଟି ଗ୍ରହ, ତାକୁ ଜପି କିଏ ସାଧ୍ୟ କରିବ ? ଆପଣଙ୍କ ପାଦଧୂଳି ନେବାପାଇଁ ମଧ ମୋର ଶକ୍ତିନାହିଁ । କାରଣ ସେ ଧୂଳିରେ ଲୀନ ହୋଇଛନ୍ତି କୋଟିକୋଟି ସୂର୍ଯ୍ୟ, ତେଣୁ ଦୂରରୁ ମୋର ପ୍ରଣାମ ଗ୍ରହଣ କରନ୍ତୁ ।

ବିଶ୍ୱ ଜୀବନ ହେ
ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ
ବଳୁନାହିଁ ଯେଣୁ
ସିନ୍ଧୁ ଦେ କୃପାବିନ୍ଦୁ ।

ମୁଁ କାର ମାତର ମୋର ନୁହେଁ
ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀଚରଣେ ଅର୍ପଣ
କରୁଛି
ଘେନ ତା' ବିଶ୍ୱ ସମ୍ରାଟ ।

**ଗଙ୍ଗାଧର ଙ୍କ କବିତା - "ଅମୃତମୟ" :**

ଗଙ୍ଗାଧର ଙ୍କ - "ଅମୃତମୟ" - କବିତାରେ କବି ଅମୃତର ସନ୍ଧାନ ଦେଇଛନ୍ତି, ଯଥାର୍ଥରେ ସେ ଅମୃତର ସନ୍ତାନ ମରଣଶୀଳ ମଣିଷକୁ ଅମୃତର ଅନାସ୍ୱାଦିତ ଅମୃତ ସତେଯେପରି କବି ଗଢି ଦେଇଛନ୍ତି । ମୁଁ ତ ଅମୃତ ସାଗରବିନ୍ଦୁ, ନଭେ ଉଠିଥିଲି ତେଜି ସିନ୍ଧୁ । ଖସି ମିଶିଛି ଅମୃତଧାରେ , ଗତି କରୁଛି ସେ ଅକପାରେ । ପଥେ ଶୁଖିଗଲା ପାପ ତା'ପରେ, ହୋଇ ଶିଶିର ଖସିବ ତା'ପରେ ।

ଅମୃତ ସାଗରୁ ଉଠିଥିବା ଜଳ ବିନ୍ଦୁଟିଏ ପୃଥିବୀକୁ ଶିଶିରକଣା ହୋଇ ଫେରୁଅଛି । ପାପ ତା'ପରେ ଅମୃତ ବିନ୍ଦୁରୁ ଅମୃତେ ଶୁଖିଯାଇଛି କିନ୍ତୁ ଜୀବନରେ ଜଳକଣା ଥୋପି ବଞ୍ଚିଛି, ଯାହା ଅମୃତ ସାଗରରେ ମିଶିବା ପୁଣି ବିନ୍ଦୁଟିଏ ହୋଇ ଉର୍ଦ୍ଧ୍ୱକୁ ଉଠିବ ।

କବି ଗତାନୁଗତିକ ଭାବରେ କୌଣସି ସାମ୍ପ୍ରଦାୟିକ ଧର୍ମ ଧାରଣାର ବଂଶବର୍ତ୍ତି ହୋଇ ନାହାଁନ୍ତି କିମ୍ବା ନିଜର ସକାମ ଭକ୍ତି ଦେବତାଙ୍କ ନିକଟରେ ନିବେଦନ କରିନାହାଁନ୍ତି । ତାଙ୍କର ଦେବତା ବିଶ୍ୱ ଜୀବନର ଆଧାର, ପରମାତ୍ମା । ହୃଦୟର ଭକ୍ତି ନିବେଦନର ମୌଳିକତା ତାଙ୍କର ପ୍ରାଣରୁ ବ୍ୟାପ୍ତି ଓ ଉଦାରତାର ସଙ୍କେତ ବହନକରେ, ଭକ୍ତକବି ମଧୁସୂଦନ ଙ୍କ ପରି ତାଙ୍କ ଦିବ୍ୟଦୃଷ୍ଟିରେ ସମଗ୍ର ବିଶ୍ୱ ଚିର ମଧୁମୟ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ।

ତାଙ୍କର ଅମୃତମୟ ଅଭିବ୍ୟକ୍ତି ଆଜିର ବାସ୍ତୁବାଦୀ ତଥା ଭୋଗବାଦୀ ଚେତନାକୁ ଅମୃତମୟ କରୁ ।

## ଗଙ୍ଗାଧର ଙ୍କୁ କବିତାରେ - "ପ୍ରଣତିଘେନ" :

ସବୁଜକବି ଗଙ୍ଗାଧର ଥିଲେ - ଓଡିଆ ସାହିତ୍ୟର ଜଣେ ଯୁଗସ୍ରଷ୍ଟା କବି - ଏକ କବିତା ମାଧମରେ କବିଙ୍କୁ ପ୍ରଣାମ - "ପ୍ରଣତିଘେନ" - ଜଣେ କବୟତ୍ରୀ ଙ୍କ ଦ୍ୱାରା -

ହେ ପ୍ରକୃତି ପ୍ରେମୀ କବି ଗଙ୍ଗାଧର
ବରପାଲି ଗ୍ରାମେ ଯେବେ ଜନ୍ମନେଲ
ଶ୍ରାବଣୀ ମେଘକୁ କରେ ପୂର୍ଣ୍ଣଚନ୍ଦ୍ର
ବାଟଛାଡ ତାକୁ କରେ ଟିକେ ଗେଲ ।

କରିପାରିଲାନି ଦୀନତା ଦମନ
ତେଜେ ଦୀପ୍ତେ ତୁମ୍ଭ ଅଗାଧ୍ୟ ପାଣ୍ଡିତ୍ୟ
ସାହିତ୍ୟ ଆକାଶେ ହରିଶ୍ଚମୟ ତେଜେ
ଉଭାସିତ ହେଲେ ଯେସନେ ଆଦିତ୍ୟ ।

ତୁମରି ଲେଖନୀ ସ୍ମରଣରେ ପରା
ଶିଶିର ପାଲଟେ ମୂଲ୍ୟବାନ ମୁକ୍ତା
ଉଷା, ଯୋଶା, ଚଷା, ଭାଷା, ବନ, ଲତା
ସଭିଏଁ ଗାଆନ୍ତି ଜୀବନର ଗାଥା ।

ଶିଳ୍ପୀ ଥିଲ ତୁମେ ବୟନକଳାରେ
କୌଳିକ କଳାକୁ କରି ଆପଣାର
ସ୍ରଷ୍ଟା ସାଜି ପୁଣି ଓଡିଆ ସାହିତ୍ୟେ
ଦେଇଗଲ କେତେ କାବ୍ୟ ଉପହାର ।

ପ୍ରଣୟବଲ୍ଲରୀ, କାବ୍ୟ ତପସ୍ୱିନୀ
କୀଚକବଧ, ପଦ୍ମିନୀ, ଇନ୍ଦୁମତୀ
ବିଭୁପ୍ରେମେ ପୁଣି ଭକ୍ତି ଫୁଲଗୁନ୍ଥି
ମଧୁମୟ ବିଶ୍ୱେ ବାଢ ଅର୍ଘ୍ୟଥାଳୀ ।

ଭାରତୀ ଭାବନା ଆଦି କାବ୍ୟକୃତି
ଯୁଗେଯୁଗେ ଗାଉଥିବେ ତୁମକିର୍ତ୍ତୀ
ହେ ସ୍ୱଭାବକବି ତୁମ୍ଭେ ଗୁଣାବଳୀ
ବର୍ଣ୍ଣିକି ପାରିବି ମୁଁ ଛାର ଗୃହିଣୀ ।

ପଞ୍ଚଭୂତେ ଗଢା ଏ ପଞ୍ଜୁରୀ ଛାଡି
ଆତ୍ମା ପକ୍ଷୀ ତୁମ୍ଭ ଯେବେ ଗଲା ଉଡି
ଉତ୍କଳ ଜନନୀ କାନ୍ଦିଲା ବାହୁନି
ନିର୍ମଳ ଆକାଶୁ ଜହ୍ନ ଗଲା ହଜି ।

ନଶ୍ୱର ଶରୀର ସିନା ହୋଇଲା ପାଉଁଶ
କୋଟି ଓଡିଆଙ୍କ ହୃଦେ କରୁଅଛି ବାସ
ଅମୃତ ସାଗର ବିନ୍ଦୁ ଯେଣୁ ଅଟେ ତୁମ୍ଭେ
ମୃତ୍ୟୁ କି ଜୟ ! ତୁମ୍ଭେ କରିବ ବିନାଶ ।

ଆହେ କାଳଜୟୀ, ହେ ଅବିନଶ୍ୱର
ତୁମ ଜନ୍ମଦିନର ଏ ଛୋଟ ଉପହାର
ଅର୍ପଣ କରୁଛି - ଘେନ ହେଁ କବି ମୋହର
ପ୍ରଣତି ଜଣାଏ ଦିଅ ଆଶୀର୍ବାଦ ତବ ।

ଜଣେ ଗୃହିଣୀ ପୁଣି କବୟତ୍ରୀ, ନିଜର କବିର ମାନସପଟ୍ଟରେ ସ୍ୱଭାବକବି ଗଙ୍ଗାଧର କୁ ନିଜର କବିତ୍ୱରେ କବିତା ଆକାରରେ ଜନ୍ମଦିନର ଭେଟି ଦେଇଛନ୍ତି । ବାସ୍ତବିକ୍ କବୟତ୍ରୀ ଧନ୍ୟ ବାଦିକାର ପାତ୍ରୀ ।

ମହାଯୋଗୀ ଗଙ୍ଗାଧର ମେହେର ଙ୍କର ମହାପ୍ରାଣାୟ ହୋଇଥିଲା - ୪ ଏପ୍ରିଲ୍ ୧୯୨୪ ମସିହା ଚୈତ୍ୟ ଅମାବାସ୍ୟା, ମାତ୍ର ୬୧ ବର୍ଷ ବୟସରେ । ତାଙ୍କର ପାର୍ଥୀବ ଶରୀର ଲୀନ ହୋଇଯାଇଅଛି ସତ, ମାତ୍ର ତାଙ୍କର କବିତା ଗୁଡିକର ଶବ୍ଦ ଓ ଭାଷାର ଛନ୍ଦରେ ନିନାଦୀ ଥିଲା । ଭାରତୀୟ ସାହିତ୍ୟରେ ତାଙ୍କୁ ଜଣେ ମହାନକବି ଭାବରେ ଜଣାଯାଏ ।

ଗଙ୍ଗାଧର ଙ୍କ ସ୍ମୃତିରେ ୧୯୪୯ ମସିହାରେ ସମ୍ବଲପୁର ଠାରେ - ଗଙ୍ଗାଧର ମେହେର କଲେଜ ପ୍ରତିଷ୍ଠା ହୋଇଅଛି । ତାହାକୁ ଓଡିଶା ସରକାର ଙ୍କ ଉଚ୍ଚଶିକ୍ଷା ବିଭାଗ ୨୦୧୫ ମସିହାରେ - ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କରିଅଛନ୍ତି । ସମ୍ବଲପୁର ବିଶ୍ୱବିଦ୍ୟାଳୟ (ବୁର୍ଲା) ର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରଦତ୍ତ - ଗଙ୍ଗାଧର ମେହେର ଜାତୀୟକବି ସମ୍ମାନ । ଭାରତୀୟ ସାହିତ୍ୟର କବିତା ଜଗତର ଜଣେ ପ୍ରତିଷ୍ଠିତ କବିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ୨୦୨୦ ବର୍ଷରେ - ବିଶିଷ୍ଟ ଭାରତୀୟ କବି ବିଶ୍ୱନାଥ ପ୍ରସାଦ ତିଓ୍ୱାରୀ ଙ୍କୁ ପ୍ରଦାନ କରାଯିବାର ସିଦ୍ଧାନ୍ତ ହୋଇଅଛି ।

ଓଡିଆ ସାହିତ୍ୟର ଏକ ଉଚ୍ଚାଙ୍ଗ ସାରସ୍ୱତ ପତ୍ରିକା - "ସପ୍ତର୍ଷି" - ସମ୍ବଲପୁର ବିଶ୍ୱବିଦ୍ୟାଳୟର - ଓଡିଆ ଭାଷା ଓ ସାହିତ୍ୟ ବିଭାଗରୁ ପ୍ରକାଶିତ । ଏହି ପତ୍ରିକାରେ ଶିରୋନାମାରେ ଗଙ୍ଗାଧର ମେହେର ଙ୍କ ଫଟୋ ସର୍ବଦା ସ୍ଥାନୀତ । ଓଡିଶାର ସାହିତ୍ୟିକ, ଗବେଷକ, ଅଧ୍ୟାପକ ମାନଙ୍କର ସାରସ୍ୱତ ସୃଷ୍ଟି - ଏହି ପତ୍ରିକାରେ ପ୍ରକାଶିତ ହୋଇଅଛି । "ସପ୍ତର୍ଷି" - ପତ୍ରିକା ଏକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପତ୍ରିକା ଅଟେ ।

# ଓଡିଆ ସାହିତ୍ୟ ର ଜାତୀୟତାବାଦୀ ଚେତନାର ସାରଥି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଜାତୀୟତାବାଦୀ ଚେତନାର ସାରଥି
# ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ - ଓଡିଆ ଜାତିର ଯୁଗପୁରୁଷ । ଏକାଧାରାରେ ସେ ଥିଲେ - ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ଆଇନଜ୍ଞ, ସାମ୍ବାଦିକ, ଶିକ୍ଷାବିତ୍, କବି, ସୁଲେଖକ ।

ଗୋପବନ୍ଧୁ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖରେ ପିତା - ଦୈତାରୀ ଦାସ ଓ ମାତା - ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବରେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରେ ତାଙ୍କ ମା' ମରିଯିବା ପରେ ପିଉସୀ - କମଳା ଦେବୀଙ୍କ ଯତ୍ନରେ ବଢିଥିଲେ । ଗୋପବନ୍ଧୁ ଙ୍କ ବାପା ଥିଲେ - ମୁକ୍ତିଆର (ଶିକ୍ଷକ) ପରିବାର ର ଆର୍ଥିକ ଅବସ୍ଥା ଭଲଥିଲା ।

୧୮୮୩ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ - ଗୋପବନ୍ଧୁ ଙ୍କ ନାମଲେଖା ଯାଇଥିଲା । ସେଠାରେ ସେ ତାଙ୍କର ଗୁରୁ ମୁକ୍ତିଆର (ଶିକ୍ଷକ) ରାମଚନ୍ଦ୍ର ଦାସଙ୍କ ଅତି ନିକଟତର ହୋଇଥିଲେ, ଯାହାଙ୍କ ଠାରୁ ସେ ଦେଶସେବାର ଶିକ୍ଷା ପାଇଥିଲେ । ଗୋପବନ୍ଧୁ ଓ ସାଥିମାନଙ୍କ ଦ୍ୱାରା ସେତେବେଳେ ପୁରୀ ରେ ହଇଜା ରୋଗରେ ପୀଡିତ ଲୋକମାନଙ୍କର ସେବା କରିବାପାଇଁ ପୁରୀ ସେବା ସମିତି ପ୍ରତିଷ୍ଠା କରାଯାଇଥିଲା । ଏହି ସମିତି ଦ୍ୱାରା - ସେମାନେ ଆପଣା ଜୀବନକୁ ବିପନ୍ନକରି ରୋଗୀସେବା, ପରିବେଶ ପରିଚ୍ଛନ୍ନ ଓ ଶବସଂସ୍କାର ଇତ୍ୟାଦି କାମକରି ମାନବସେବା ହିଁ ମାଧବସେବା ରେ ନିଜ ଜୀବନକୁ ପିଲାଟି ଦିନରୁ ଉତ୍ସର୍ଗ କରିଥିଲେ ।

ପାରିବାରିକ ଜୀବନରେ ଗୋପବନ୍ଧୁ ତତ୍କାଳୀନ ସାମାଜିକ ପ୍ରଥାନୁଯାୟୀ ବାଲ୍ୟବିବାହ କରିଥିଲେ, ମାତ୍ର ବାରବର୍ଷ ବୟସରେ ଅପତି ଦେବୀ ଙ୍କୁ ବିବାହ କରିଥିଲେ । ବିବାହ ପରେ ମଧ୍ୟ ସେ ପାଠପଢା ଜାରି ରଖିଥିଲେ । ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ୍ ପାସ୍‌କରି, କଟକର ଐତିହାସିକ ରେଭେନ୍ସା କଲେଜରେ ପାଠ ପଢିଲେ । ସେହି ସମୟରେ ତାଙ୍କ ବାପାଙ୍କ ବିୟୋଗ ହୋଇଥିଲା - କଲେଜରେ ଅଧ୍ୟୟନ ସମୟରେ - ଓଡିଆ ଭାଷାର ବିଲୋପ ପାଇଁ ଚକ୍ରାନ୍ତ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ - "କର୍ତ୍ତବ୍ୟବୋଧିନୀ ସମିତି" ଗଠନକରି ଓଡିଆ ଭାଷା ବିଲୋପର ତୀବ୍ର ବିରୋଧ କରିଥିଲେ । ତାଙ୍କର ଆହ୍ୱାନ ଥିଲା, ପ୍ରତ୍ୟେକ ବ୍ୟକ୍ତି ଓ ଜାତି ର ପରିଚୟ ହେଉଛି - ତାହାର ଭାଷା । ଭାଷା ହିଁ ଜାତିର ପ୍ରାଣସ୍ପନ୍ଦନ ।

ରମ୍ଭାଠାରେ - ରାମଚନ୍ଦ୍ର ଦାସ ଓ ଗୋପବନ୍ଧୁ ଙ୍କ ମିଳିତ ଉଦ୍ୟମରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ସଭାପତି - (୧୯୦୩ ରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଗଠିତ)ତ୍ୱରେ ଅନୁଷ୍ଠିତ ହେଲା । ଏଥିରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ ଗୋପବନ୍ଧୁ ଙ୍କର ପ୍ରଥମ ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିଲା । ନାନା ବାଧାବିଘ୍ନ ସତ୍ତ୍ୱେ ୧୯୦୩ ରେ ଗୋପବନ୍ଧୁ - ରେଭେନ୍ସାରୁ ବି.ଏ. ପାସ୍‌କରି କଲିକତାରେ (ଆଇନ୍) ବି.ଏଲ୍. ପାଠ ପଢିଲେ । ସେଠାରେ ପ୍ରବାସୀ ଓଡିଆଙ୍କ ସହ ଦୁଃଖ ଓ ଦୁର୍ଦ୍ଦଶାରେ ସାମିଲହୋଇ ଓଡିଆ ଶ୍ରମିକ ସଂଘ ସାଧ୍ୟ ବିଦ୍ୟାଳୟ ପ୍ରତିଷ୍ଠାକରି ନିଜେ ଶିକ୍ଷକତା ଆରମ୍ଭ କରିଥିଲେ । ଇତିମଧ୍ୟରେ ତାଙ୍କ ଦ୍ୱିତୀୟ ପୁତ୍ରର ମୃତ୍ୟୁ ଘଟିଲା । ଏହାପରେ ଯେଉଁଦିନ ସେ ବି.ଏଲ୍. ପରୀକ୍ଷାରେ ପାସ୍ କରିଥିଲେ, ସେହିଦିନ ତାଙ୍କ ସ୍ତ୍ରୀ ଙ୍କ ମୃତ୍ୟୁ ହୋଇଥିଲା । ଏତେସବୁ ଦୁଃଖ ସହିତ ଗୋପବନ୍ଧୁ ଙ୍କୁ ନିଜର କର୍ମକ୍ଷେତ୍ରରୁ ବିଚ୍ୟୁତ କରିପାରିନଥିଲା । ଗୋପବନ୍ଧୁ ଙ୍କ ଦୁଇଗୋଟି ଝିଅ - ସୁରଙ୍ଗମଣି ଓ କେତକୀ ଉଭୟେ ନିଜନିଜ ସଂସାରରେ ଯଥାବିଧି ବିକଶିତ ।

ଜନ୍ମମାଟି - ଓଡିଶାକୁ ଫେରିଆସି ଗୋପବନ୍ଧୁ ପୁରୀ ରେ ଓକିଲାତି ଆରମ୍ଭ କରିଥିଲେ, ମାତ୍ର ତାଙ୍କର ମନ ମା' - ମାତୃଭାଷା ପ୍ରତି ଅଧିକରୁ ଅଧିକ ଜାଗ୍ରତହେବାରୁ ପୁରୀସ୍ଥ, ସାକ୍ଷୀଗୋପାଳର ବକୁଳ ଛୁରୀଆନା କୁଞ୍ଜରେ ୧୯୦୯ ମସିହାରେ ଗଢିଥିଲେ - ସତ୍ୟବାଦୀ ବନ ବିଦ୍ୟାଳୟ । ୧୯୧୫ ମସିହାରେ - ଏହି ବିଦ୍ୟାଳୟ ତରଫରୁ ପ୍ରକାଶିତ ପାଇଥିଲା - ସତ୍ୟବାଦୀ ପତ୍ରିକା । ଏହାପରେ ୪ ଅକ୍ଟୋବର, ୧୯୧୯ ମସିହାରେ - ଗୋପବନ୍ଧୁ ଙ୍କ ନେତୃତ୍ୱରେ ପ୍ରକାଶ ପାଇଲା - ଓଡିଆ ଖବରକାଗଜ "ସମାଜ" - ସାପ୍ତାହିକ, ଏହାପରେ ଦୈନିକ ପ୍ରକାଶ ପାଇଲା । ସମାଜ ହେଲା - ଓଡିଆ ଜନଜୀବନର ଜାଗ୍ରତ ପ୍ରହରୀ ।

"ସମାଜ" ରେ ଓଡିଆ ଲୋକଙ୍କ ଦୁର୍ଦ୍ଦଶା, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମାଗାନ୍ଧୀ ଙ୍କ ବାର୍ତ୍ତା ଓ ଜାତୀୟ କଂଗ୍ରେସ ଆଭିମୁଖ୍ୟ ପ୍ରଚାର ଓ ଜନସାଧାରଣଙ୍କୁ ଅବଗତ କରାଇବାରେ ସମାଜର ସ୍ଥାନ ସ୍ୱତନ୍ତ୍ର ଥିଲା । "ସମାଜ" ସାପ୍ତାହିକ - ୧୯୧୯ ସତ୍ୟବାଦୀରୁ, ୧୯୨୪ ରେ ପୁରୀ ରୁ ଓ ୧୯୨୭ ମସିହାରେ କଟକରୁ ପ୍ରକାଶିତ ଅଦ୍ୟାବଧି ହେଉଅଛି ।

ରେଭେନ୍ସା କଲେଜରେ ପଢିବା ସମୟରେ ଗୋପବନ୍ଧୁ - ଓଡିଆ ସାହିତ୍ୟର ବିକାଶ ଦିଗରେ ମନନିବେଶ କରିଲେ - "ଅବକାଶ ଚିନ୍ତା" ବୋଲି ଏକ କବିତା ପୁସ୍ତକ (୧୮୯୯) ରେ, ସେ ପ୍ରକାଶ କରିଥିଲେ ।

୧୯୩୦ ମସିହାରେ - ସାପ୍ତାହିକ "ସମାଜ" - ଦୈନିକ "ସମାଜ" ରେ ପରିଗଣିତ ହୋଇଥିଲା । ସମାଜର ପ୍ରଥମ ସମ୍ପାଦକୀୟରେ ମାନବବାଦୀ ଗୋପବନ୍ଧୁ ସମାଜର ସକଳଶ୍ରେଣୀ ମାନବଙ୍କର ସ୍ନେହ, ପ୍ରିତ ଓ ସଦିଚ୍ଛା କାମନା କରିଥିଲେ । ସମାଜରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ଇଂରେଜ ସରକାରଙ୍କ ଅବିଚାର ସମ୍ପର୍କରେ ନିର୍ଭୀକ ସମ୍ବାଦ ପରିବେଷଣ କରି ୧୯୨୨ ମସିହାରେ ଗୋପବନ୍ଧୁ କାରାବରଣ କରିଥିଲେ । କାରାଗାର ରେ ତାଙ୍କ ଲେଖନୀରୁ ନିସୃତ ହୋଇଥିଲା ଦୁଇଗୋଟି କବିତା ପୁସ୍ତକ -

"କାରା କବିତା" ଓ "ବନ୍ଦୀର ଆତ୍ମକଥା", ଯାହାକି ଓଡିଆ ସାହିତ୍ୟର ଅମୂଲ୍ୟଗ୍ରନ୍ଥ ଅଟେ ।

୧୯୨୪ ରେ ଗୋପବନ୍ଧୁ ଜେଲ୍‌ରୁ ଖଲାସ ହେବାପରେ - କଟକ ଠାରେ ଅନୁଷ୍ଠିତ ବିଶାଳ ଜନ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ - ଗୋପବନ୍ଧୁ ଙ୍କୁ ଉତ୍କଳମଣି ବୋଲି ସମ୍ବୋଧନ କରିଥିଲେ । ଗୋପବନ୍ଧୁ ଙ୍କ ସେବା, ତ୍ୟାଗ ଓ ଦରଦୀ ହୃଦୟର ପ୍ରୀତିହୋଇ - ଲାଲ୍ ଲଜପତ ରାୟ ତାଙ୍କୁ ଲୋକସେବକ ମଣ୍ଡଳର ସଦସ୍ୟ କରିଥିଲେ ଓ ପରେ ଏ ଅନୁଷ୍ଠାନରେ ଗୋପବନ୍ଧୁ ଉପାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ ।

ପରେପରେ ଗୋପବନ୍ଧୁ ଙ୍କର ଅନ୍ୟ ପୁସ୍ତକ - "ଧର୍ମପଦ", "ବ୍ରହ୍ମତତ୍ତ୍ୱ" ବା "ନଚିକେତା", ଉପାଖ୍ୟାନ - "ଗୋ ମାହାତ୍ମ୍ୟ" ସର୍ବୋପରି ପ୍ରବନ୍ଧ ପୁସ୍ତକ - "ଓଡିଆର ଜାତୀୟତା" ପ୍ରକାଶିତ ହୋଇ - ଓଡିଆ ସାହିତ୍ୟ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ଜାତୀୟତା ପରିପ୍ରକାଶ ପାଇଥିଲା ।

ଗୋପବନ୍ଧୁ - ଜନସେବାରେ ମଧ୍ୟ ପାରଙ୍ଗମ ଥିଲେ । ୧୯୧୭-୧୯୨୧ ମସିହା ପର୍ଯ୍ୟନ୍ତ ସେ ବିହାର - ଓଡିଶା କାଉନ୍‌ସିଲର ବିଧାୟକ ରହିଥିଲେ । ସେଥିରୁ ସେ ଯେଉଁ ଆର୍ଥିକ ଉପାର୍ଜିତ ହେଉଥିଲା, ତାହାର ସିଂହଭାଗ - ବନ୍ୟା ଓ ବିପନ୍ନ ରେ ଲୋକଙ୍କ ସାହାଯ୍ୟରେ ବିନିଯୋଗ ହେଉଥିଲା ।

ଜାତୀୟ ଚେତନାରେ ଓଡିଶାବାସୀଙ୍କୁ ଉଦ୍‌ବୁଦ୍ଧ କରିବାଥିଲା - ଉତ୍କଳ ସମ୍ମିଳନୀ (୧୯୦୩)ର ଲକ୍ଷ୍ୟ । ଏହି ସମ୍ମିଳନୀରେ ଯେଉଁ କର୍ମପନ୍ଥା ସ୍ଥିର କରାଯାଉଥିଲା - ତାହାର ପ୍ରମୁଖ କାର୍ଯ୍ୟରେ ଥିଲା - ଜାତୀୟ ଜୀବନର ଉନ୍ନତି ତଥା ଜାତୀୟ ସାହିତ୍ୟର ଜନ୍ମ ଓ ବିକାଶ କରିବାଲାଗି ପ୍ରେରଣା ସୃଷ୍ଟି କରିବା ଓଡିଶାରେ ଜନଜାଗରଣ ପ୍ରବଳ ହୋଇଥିଲା, ଯେଉଁ ସମୟରେ ସମ୍ବଲପୁର ଅଞ୍ଚଳ ମିଶ୍ରଣ (୧୯୦୫), ପଶ୍ଚିମବଙ୍ଗ ଭଙ୍ଗଯୋଗୁଁ ସନ୍ତ୍ରାସବାଦୀ କାର୍ଯ୍ୟକଳାପ, ସ୍ୱଦେଶୀ ଆନ୍ଦୋଳନ, ବିହାର - ଓଡିଶା ପ୍ରଦେଶ ଗଠନ (୧୯୧୨) ପ୍ରଭୃତି ସକ୍ରିୟ ଆନ୍ଦୋଳନାତ୍ମକ ପନ୍ଥା ଘଟିଥିଲା । ଏହି ସମ୍ମିଳନୀ ଯୋଗୁଁ କେତେଜଣଙ୍କୁ ସକ୍ରିୟ ଆନ୍ଦୋଳନାତ୍ମକ ଘଟଣା ଘଟିଥିଲା, ଏହି ସମ୍ମିଳନୀ ଯେଉଁ କେତେଜଣଙ୍କୁ ସକ୍ରିୟ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରାଇ ପାରିଥିଲା, ସେମାନଙ୍କର ମଧ୍ୟରେ ଗୋପବନ୍ଧୁ ଙ୍କ ବ୍ୟକ୍ତିତ୍ୱ ସର୍ବପ୍ରଥମ ବିକଶିତ ହୋଇପାରିଥିଲା । ୧୯୦୯-୧୦ ମସିହାରେ ଜାତୀୟ ଜାଗରଣର ମୁଖ୍ୟ ପୁରୋଧା ଥିଲେ - ଗୋପବନ୍ଧୁ । ଆଗାମୀ ବଂଶଧରମାନେ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ ହୁଅନ୍ତୁ ଓ ଦେଶରେ ମଣିଷପରି ମଣିଷହୋଇ ଦଣ୍ଡାୟମାନ ହୁଅନ୍ତୁ । ଏହି ସମୟରେ ସେ ସତ୍ୟବାଦୀରେ - "ବକୁଳ ବନବିଦ୍ୟାଳୟ" ପ୍ରତିଷ୍ଠା କରିଥିଲେ ।

ସେହିପରି ସାରସ୍ୱତ ଜଗତକୁ ଜାତୀୟତାର ଜାଗରଣରେ ସାହିତ୍ୟରେ ରୁଦ୍ଧିମନ୍ତ କରିବା ଏବଂ ଏହି ସାହିତ୍ୟ ପଢି ସାଧାରଣ ଜନତା - ସମାଜ ସଂସ୍କାର ମନୋବୃତ୍ତି, ଜାତୀୟତା, ଦେଶପ୍ରୀତି ଓ ଜନସେବା ମୂଳକ ଗଣ ଚେତନାରେ ପ୍ରେରିତ ହେବେ - ଏହା ହିଁ ଥିଲା ଗୋପବନ୍ଧୁ ଙ୍କ ପଞ୍ଚସଖା ଯୁଗର ସତ୍ୟବାଦୀ ସାହିତ୍ୟ ଗୋଷ୍ଠୀର ମୂଳଲକ୍ଷ୍ୟ ।

ଅନ୍ୟାନ୍ୟ ସାଧକ ଙ୍କ ରଚନା ଶୈଳୀରେ ଆଙ୍ଗୀକ ବୈଶିଷ୍ଟ୍ୟ ଯାହା ହେଉନା କାହିଁକି, କିନ୍ତୁ ଗୋଟିଏ ସାହିତ୍ୟିକ ଆଦର୍ଶକୁ ନେଇ ଏହି - "ପଞ୍ଚସଖା" ସାହିତ୍ୟ ସୃଷ୍ଟି କରିଛନ୍ତି । ସେମାନଙ୍କ ମଧ୍ୟରେ - ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ, ହରିହର ପ୍ରତ୍ୟେକଙ୍କ ସୃଷ୍ଟି ଗଣଚେତନା ଧର୍ମୀ, ଗଣମୁଖୀ ଆଦର୍ଶରେ ଅନୁପ୍ରାଣିତ ଓ ପରିଚାଳିତ । ସତ୍ୟବାଦୀ ସାହିତ୍ୟର ସ୍ୱପରିଚୟ - ଗୋଷ୍ଠୀଗତ ଆଦର୍ଶର ଐକ୍ୟ, ସମ୍ମିଳିତ ପ୍ରଚେଷ୍ଟାର ଏକ ରୂପତା ।

ସତ୍ୟବାଦୀ ସାହିତ୍ୟିକର ଧର୍ମଥିଲା - ସମାଜ ସଂସ୍କାର ମୂଳକ ଓ ବୈପ୍ଳବିକ ଚିନ୍ତାଧାରାକୁ ନେଇ ସାହିତ୍ୟର ପ୍ରାଣକେନ୍ଦ୍ର ସୃଷ୍ଟିକରିବା ଏବଂ ସାଧାରଣ ଜନତାର ପ୍ରାଣକୁ ଜାତୀୟ ଚେତନାରେ ଭରିଦେବା ।

ଜାତୀୟତାବାଦୀ ଚେତନାକୁ ନେଇ ସାହିତ୍ୟସୃଷ୍ଟି ହୋଇଥିବାରୁ ଓଡିଆ ସାହିତ୍ୟର ଏହା ଜାତୀୟ ଯୁଗ । ସାମାଜିକ ଓ ରାଜନୈତିକ ବାତାବରଣ ମଧ୍ୟରେ ଜାତୀୟ ଭାବର ପ୍ରବାହକୁ ସମ୍ପ୍ରସାରଣ କରିବାରେ ସତ୍ୟବାଦୀ ସାହିତ୍ୟର ଭୂମିକା ସର୍ବତ୍ର ସ୍ୱୀକାର୍ଯ୍ୟ । ଏ ଯୁଗର ସାହିତ୍ୟ ମହିମା ମଣ୍ଡିତ ହୋଇଅଛି ।

ସତ୍ୟବାଦୀ ଯୁଗର ଯେଉଁ କେତେଜଣ ସଖାକୁ ନେଇ ସତ୍ୟବାଦୀ ସାହିତ୍ୟ ମଣ୍ଡନ ଉଦ୍‌ଭାସିତ, ତାହାର କର୍ଣ୍ଣଧାର ଓ ଉଜ୍ଜ୍ୱଳତମ ତାରକା ଥିଲେ - ପଣ୍ଡିତ ଗୋପବନ୍ଧୁ ଦାସ । ସେ ଥିଲେ ଜଣେ ପ୍ରଖ୍ୟାତ କବି । ତାଙ୍କର ତ୍ୟାଗପୁତ ମନୋଭାବ, ଦେଶଭକ୍ତି, ଓଡିଆ ଜାତି ଓ ଓଡିଶାବାସୀଙ୍କ ଯୁଗାନ୍ତକାରୀ ବୈଶିଷ୍ଟ୍ୟ ଭାବରେ ବିଦିତ ।

ଗୋପବନ୍ଧୁ ଙ୍କ ଲେଖନୀରେ ପରିପୁଷ୍ଟିତ ହୋଇଥିଲା - ଓଡିଶାବାସୀଙ୍କ କରୁଣ କାହାଣୀ । ଦାରିଦ୍ର୍ୟର କଷାଘାତକୁ ଦୃଷ୍ଟିପାତ କରି ସେ ଓଡିଶାର ଐତିହ୍ୟ ଓ ସଂସ୍କୃତିକୁ ସ୍ମରଣ କରିଅଛନ୍ତି । ଏହି ଭାବାବେଗରେ ବେଦନାସିକ୍ତ ହୃଦୟରୁ ତାଙ୍କରି ଝରିପଡିଛି କାବ୍ୟ କବିତାର ଧାରା । ଇତିହାସର ବିଷୟବସ୍ତୁକୁ ଆଣି ନିଜ ଲେଖନୀ ମୁନରେ ଜୀବନ୍ତକରି ତୋଳି ଧରିଛନ୍ତି ଓଡିଆ ଜାତି ନିକଟରେ । "ଧର୍ମପଦ" କୁ କେବେ ଭୁଲିପାରିବ ନାହିଁ । ତାଙ୍କର ଦାର୍ଶନିକ ଚିନ୍ତାଧାରା ପ୍ରକାଶ ପାଇଛି - "ଗୋ ମାହାତ୍ମ୍ୟ" ଓ "ବ୍ରହ୍ମତତ୍ତ୍ୱ" ପରି ରଚନାରେ ଏବଂ ଜାତୀୟତାଭାବ ପ୍ରକାଶ ପାଇଛି - "ବନ୍ଦୀର ଆତ୍ମକଥା", "କାରା କବିତା" ଓ "ଅବକାଶ ଚିନ୍ତା" ମାଧ୍ୟମରେ ।

ଗୋପବନ୍ଧୁ - ଜଗତର ନାଥ ଜଗନ୍ନାଥ ଙ୍କୁ - ହର୍ତ୍ତା, କର୍ତ୍ତା ଓ ବିଧାତା କରି ଚିତ୍ରଣ କରିଅଛନ୍ତି । ଓଡିଶାର ଭାଗ୍ୟ ବିଡମ୍ବନା ସମୟରେ ଏବଂ ସେହି ଭକ୍ତିପୁତ ପବିତ୍ର ପଥରେ ତାଙ୍କରି ନେତୃତ୍ୱରେ ସେ ଓଡିଶାର ମଙ୍ଗ ସଳଖି ଧରିବାପାଇଁ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯାଇଛନ୍ତି । ଏହା ତାଙ୍କରି ଲେଖନୀ ମୁନର ସୃଷ୍ଟି ହିଁ ପ୍ରକାଶ କରିଥାଏ ।

ଓଡିଆ ସାହିତ୍ୟର ଗଦ୍ୟ ରଚନାରେ ଗୋପବନ୍ଧୁ ଙ୍କ ଗଣଧର୍ମୀ, ଗଣଚେତନା, ମାର୍ଗସାହିତ୍ୟ ରୂପେ ପରିଚିତ ହୋଇଛି - ତାଙ୍କ ଗଦ୍ୟଲେଖା ଶୈଳୀ ଯେ କେତେ ଶାଣିତ ଓ ରୁଚିବନ୍ତ ତାହା ତାଙ୍କର ଅଗ୍ରଲେଖା ସମ୍ପାଦକୀୟରୁ ସ୍ପଷ୍ଟ ଅନୁମାନ କରାଯାଇଥାଏ । ତାଙ୍କ ଅଭିଭାଷଣ ସତ୍ୟବାଦୀର ସମ୍ପାଦକୀୟ, ସେଥିରେ ପ୍ରକାଶିତ ରଚନାବଳୀ ଓ ତତ୍‌କାଳୀନ ଲେଖକ ମାନଙ୍କର ଲେଖା "ସତ୍ୟବାଦୀ" ପତ୍ରିକାରେ ପ୍ରକାଶିତ ହେଉଥିଲା ।

ଲୋକମାନଙ୍କର ବୋଧଗମ୍ୟ ଭାଷାରେ - ସେ ୧୯୧୯ ରେ ସୃଷ୍ଟି କରିଛନ୍ତି - "ସମାଜ" - ସମ୍ବାଦପତ୍ର । "ସମାଜ" ର କଳେବର କେବଳ ତାଙ୍କର ବୈପ୍ଳବିକ ଚିନ୍ତାଧାରା ତଥା ରାଜନୈତିକ ଓ ସାମାଜିକ ଚିନ୍ତାଧାରାକୁ ନେଇ ଆତ୍ମପ୍ରକାଶ କରୁଥିଲା । "ସମାଜ" - ସମ୍ବାଦପତ୍ରରେ ଭାଷା ହିଁ ତତ୍‌କାଳୀନ ସତ୍ୟବାଦୀ ସାହିତ୍ୟର ଭାଷାରୂପେ ସ୍ୱୀକୃତି ଲାଭ କରିଥିଲା ଓ ଏହାର ଭାବଗତ ଚିନ୍ତାଧାରାର ସ୍ରଷ୍ଟାଥିଲେ - ପଣ୍ଡିତ ଗୋପବନ୍ଧୁ ଦାସ ।

ଓଡିଆ ସାହିତ୍ୟର ଜାତୀୟବାଦୀ ଚେତନାର ସାରଥି ଥିଲେ - ପଣ୍ଡିତ ଗୋପବନ୍ଧୁ ଦାସ । ସତ୍ୟବାଦୀ ସାହିତ୍ୟର ସାଧକମାନଙ୍କ ମଧ୍ୟରେ ଗୋପବନ୍ଧୁ ଥିଲେ ସ୍ୱାତନ୍ତ୍ର । ଏହି ଗୋଷ୍ଠୀର ସାଧକମାନେ - ଗୋପବନ୍ଧୁ ଙ୍କ ସହିତ ସ୍ୱର ଉତ୍ତୋଳନ କରି ଜାତି ଓ ଜାତୀୟତା ଉଦ୍ଦେଶ୍ୟରେ ନିୟୋଜିତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଗୋପବନ୍ଧୁ ଥିଲେ - ବୟୋଜ୍ୟେଷ୍ଠ, ତ୍ୟାଗୀ, ସ୍ୱଚ୍ଛ, ନିର୍ମଳ, ଜ୍ୟୋତିମୟ ସ୍ୱଭାବର ଅଧିକାରୀ, ଏହାଥିଲା ତାଙ୍କ ଜନ୍ମଗତ ପ୍ରକୃତି ।

ଗୋପବନ୍ଧୁ ସର୍ବଦା ସମାଜକେନ୍ଦ୍ରୀୟ ହୋଇ ବଞ୍ଚିଥିଲେ । ସମାଜର ମଙ୍ଗଳରେ ତାଙ୍କର ମଙ୍ଗଳ କଥା ଚିନ୍ତା କରୁଥିଲେ । ସମାଜର ପ୍ରତ୍ୟେକ ବର୍ଗ ମଧ୍ୟରେ ଓ ପ୍ରତ୍ୟେକଟି ବିଭାଗ ମଧ୍ୟରେ ନିଜର ଆତ୍ମାକୁ ହଜାଇ ନିଜକୁ ଖୋଜୁଥିଲେ । ଏହି ବୈଶିଷ୍ଟ୍ୟ ନେଇ ସେ ହୋଇଥିଲେ - ଆତ୍ମତ୍ୟାଗୀ, ବିଶ୍ୱର ଆତ୍ମା ଓ ନିଜଆତ୍ମା ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ତେଣୁ ତାଙ୍କ ହୃଦୟର କାବ୍ୟକନ୍ଦର ରୁ କବିତାମାନ ଆନ୍ଦୋଳିତ ହେଉଥିଲା -

ନିଜ ସ୍ୱାର୍ଥ ଲାଗି ଜାତି ନୁହେଁ ହିନ୍ଦୁ
ବିଶ୍ୱ ଭିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ
ସର୍ବେ ଆମ୍ଭେ ଏକ ବିଶ୍ୱର ସନ୍ତାନ
ସାଧ ବିଶ୍ୱ ହିତେ ତେଜି ଅଭିମାନ ।

ଗୋପବନ୍ଧୁ ଦୀନ ଦୁଃଖି ନଥିଲେ ସେ ସୁଖ, ଶାନ୍ତିରେ ସମ୍ଭୋଗରେ କାଳତିପାତ କରିଥାନ୍ତେ । ତାଙ୍କ ଜୀବନର ଉପାଦାନ ଥିଲା ସ୍ୱତନ୍ତ୍ର, ତେଣୁ ସେ ସାଂସାରିକ ସୁଖତ୍ୟାଗ କରି ଜାତି ଓ ଜାତୀୟତାର ପ୍ରେମରେ ନିଜକୁ ଆହୁତି ଦେଲେ । ନିଜ ଜୀବନ ବଦଳରେ କୋଟିଏ ଜୀବନର ଜୀବନ୍ତ ଲୀଳା, ଖେଳାକୁ ଆଖି ଆଗରେ ରଖି ଜୀବନସାରା ଆଗେଇଥିବାରୁ ସେ ଥିଲେ ସ୍ୱତନ୍ତ୍ର ।

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡି ମୋର ମାଂସହାଡ ।"

ଏହି ଜାତିପ୍ରୀତି - ଗୋପବନ୍ଧୁ ଙ୍କୁ ପରୋକ୍ଷରେ ଗୌରବାନିତ୍ୱ କରିଥିଲା । ସେ ସମାଜର ଉନ୍ନତିପାଇଁ ମନପ୍ରାଣ ଢାଳି ଦେଇଥିଲେ । ନିଜର ପୁତ୍ରମୋହ ତାଙ୍କୁ ବାନ୍ଧି ପାରିନଥିଲା । ସେ ଅନେକ ଙ୍କ ତ୍ରାଣକର୍ତ୍ତା ହୋଇ ଆଗେଇ ଯାଇଥିଲେ ।

ଧର୍ମ ଓ ଜାତୀୟତା ଅଙ୍ଗାଙ୍ଗୀ ଭାବରେ ଜଡିତ । ଏକ ବ୍ୟତିରକେ ଅନ୍ୟଟି ତିଷ୍ଠିପାରେ ନାହିଁ । ତେଣୁ ଆର୍ଯ୍ୟ ସଂସ୍କୃତି ଓ ସନାତନ ଧର୍ମ ଉପରେ ପ୍ରତିଷ୍ଠିତ ତାଙ୍କର ଅସାଧାରଣ ଜାତୀୟତା ଥିଲା । ଈଶ୍ୱରଙ୍କ ଆରାଧନାରେ ଉଦ୍‌ବୁଦ୍ଧ । ତେଣୁ ତାଙ୍କର ଜାତୀୟତା ଶୁଦ୍ଧ, ଜ୍ଞାନମୟ ଓ ସର୍ବୋପରି ଭଗବତ ପ୍ରେମୀ । ସେ ଲେଖିଥିଲେ -

ଦେଶବାସୀଙ୍କର ହେଲେ ଆତ୍ମଶୁଦ୍ଧି
ସତ୍ୟେ ଅନୁରାଗ ଧର୍ମେ ଦିବ୍ୟବୁଦ୍ଧି
ମେଣ୍ଟିବ ଦୁର୍ଗତି ଦୁଃଖ ଯିବକ୍ଷୟ
ଆସିବ ସୁଦିନ ହେବ ସୁଖୋଦୟ ।

ଗର୍ବ, ଅଭିମାନ, ବଡିମା, ଅହଙ୍କାର ଠାରୁ ଗୋପବନ୍ଧୁ ବହୁତ ଦୂରରେ ଥିଲେ । ସେ ମହାନ୍ ହୋଇ ପାରିଥିଲେ ତାଙ୍କର ଜୀବନ ବଞ୍ଚିବା କଳାଯୋଗୁଁ, ସରଳ ଓ ଆଡମ୍ବରହୀନ ଜୀବନକୁ ତାଙ୍କର ନମ୍ରତା ଓ ଉଦାରତା ପୃଷ୍ଟପୋଷକତା ଯୋଗାଉଥିଲା । ଏହି ନମ୍ର ସ୍ୱଭାବ ଯୋଗୁଁ ସେ ବିଶ୍ୱନିୟନ୍ତା ଙ୍କ ନିକଟରେ ଓ ସମଗ୍ର ମାନବ ଜାତି ନିକଟରେ ନିଜକୁ ଅତିକ୍ଷୁଦ୍ର ମନେ କରୁଥିଲେ ।

ଗୋପବନ୍ଧୁ ଙ୍କ ବ୍ୟକ୍ତିତ୍ୱ ଦ୍ୱିବିଧାକାରକ - ଯେ ଯେପରି ଜଣେ ଆଦର୍ଶବାଦୀ ଓ ବାସ୍ତବବାଦୀ କେତେକ ଆଦର୍ଶବାଦ ଚିନ୍ତାଧାରା ମଧ୍ୟରେ ତାଙ୍କ ଜୀବନକୁ ଶଙ୍କୁଚିତ କରାଯାଇନପାରେ ଠିକ୍ ସେହିପରି ଜଣେ ତ୍ୟାଗୀ, ସାଧକ । ସେ ଥିଲେ ଜଣେ କର୍ମଯୋଗୀ, ତାଙ୍କର କର୍ମଥିଲା - ସେବା, ପ୍ରେମ ଓ ତ୍ୟାଗ ର ତ୍ରିବେଣୀ ସଙ୍ଗମସ୍ଥଳୀ ।

ସେ ଗୀତାବାଣୀ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ନିଜସ୍ୱ ଶୈଳୀରେ ଗାଇ ଉଠିଛନ୍ତି -

"ମାନବ ଜୀବନ ନୁହଁଇ କେବଳ ବର୍ଷ, ମାସ ଦିନଦଣ୍ଡ
କର୍ମେ ଜୀଏଁ ନର କର୍ମଏ, କାତର ଜୀବନର ମାନଦଣ୍ଡ ।"

ଗୋପବନ୍ଧୁ ଙ୍କର ଅନ୍ୟଏକ ବୈଶିଷ୍ଟ୍ୟ ଥିଲା - ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏକଯୁଗ ସୃଷ୍ଟି କରିଥିବା କ୍ରାନ୍ତିକାରୀ ପଦକ୍ଷେପ - ଏହା ହେଉଛି - "ସତ୍ୟବାଦୀ ବକୁଳ ବନବିଦ୍ୟାଳୟ" । ସତ୍ୟବାଦୀ ପ୍ରେସ୍ - ଓଡ଼ିଶାର ଦୈନିକ ଖବରକାଗଜ "ସମାଜ" ଏବଂ ବିଶ୍ୱପ୍ରେମର ପ୍ରଚାରକର ପ୍ରକୃଷ୍ଟ ସ୍ଥାନଥିଲା - "ସତ୍ୟବାଦୀ ପତ୍ରିକା" ।

ଗୋପବନ୍ଧୁ - ସତ୍ୟବାଦୀ ପତ୍ରିକାରେ ଲେଖିଥିଲେ - ଦେଶାନୁରାଗ ବିଶ୍ୱପ୍ରୀତିର ବିରୋଧ ନୁହେଁ ବରଂ ବିଶ୍ୱପ୍ରୀତିର ପ୍ରାଣରେ ଜାତୀୟତା ଓ ସ୍ୱଦେଶ ବାତ୍ସଲ୍ୟ ଅସମ୍ଭବ । ଆମ୍ଭେମାନେ ଉତ୍କଳ ସେବାରେ ଭାରତ ତଥା ବିଶ୍ୱର ସେବାକରିବୁ । ଉତ୍କଳୀୟ ହୃଦୟ ତନ୍ତ୍ରୀରେ ବିଶ୍ୱ ମାନବର ହୃଦୟର ଗୀତ ଶୁଣିବୁ । ଗୋପବନ୍ଧୁ ଥିଲେ ସମ୍ବାଦପତ୍ର - "ସମାଜ" ର ପ୍ରତିଷ୍ଠାତା ସମ୍ପାଦକ ତଥା ସତ୍ୟବାଦୀ ସାରସ୍ୱତ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ।

ଗୋପବନ୍ଧୁ ଥିଲେ - ଜଣେ ସଂଗଠକ, ସମ୍ପାଦକ, ନେତା, ସେବକ, ଧର୍ମାନୁରାଗୀ ଭାବରେ ସେ ଯେଉଁପରି ସୁବିଦିତ ଜଣେ - କବି, ପ୍ରାବନ୍ଧିକ ଓ ସମାଲୋଚକ ଭାବରେ ମଧ୍ୟ ସେହିପରି ପ୍ରଖ୍ୟାତ । ସତ୍ୟବାଦୀ ଯୁଗରେ ପଣ୍ଡିତ ନୀଳକଣ୍ଠ ଥିଲେ ଅଗାଧ୍ୟ ପାଣ୍ଡିତ୍ୟର ଅଧିକାରୀ । ଜଣେ କବି ଭାବରେ ସେ ପ୍ରତିଷ୍ଠା ଲାଭ କରିଛନ୍ତି ସତ, କିନ୍ତୁ ତାଙ୍କ କବିତ୍ୱ ଓ ପାଣ୍ଡିତ୍ୱ ଏଭଳି ଔତଃପ୍ରୋତଃ ହୋଇ ଯାଇଥିଲା ଯେ ସାଧାରଣ ପାଠକର ହୃଦବୋଧ ପାଇଁ ତାହାଥିଲା କଷ୍ଟକର ବ୍ୟାପାର । ତାଙ୍କର କାବ୍ୟ - କବିତା ରେ ପାଣ୍ଡିତ୍ୱ ପ୍ରତିଭାକୁ ଟପି ଯାଇଛନ୍ତି, କିନ୍ତୁ ଗୋପବନ୍ଧୁ ଙ୍କ କାବ୍ୟ - କବିତା ରେ ଏଭଳି ଘଟିନାହିଁ । ନୀଳକଣ୍ଠ ଙ୍କର କାବ୍ୟ - କବିତା ମସ୍ତିଷ୍କର କବିତା ଭଳିମନେ ହେଉଥିବାବେଳେ - ଗୋପବନ୍ଧୁ ଙ୍କ କବିତା ହୃଦୟର କବିତା । ତେଣୁ ଓଡ଼ିଶାର ପୁରପଲ୍ଲୀର ଅଗଣିତ ଜନସାଧାରଣଙ୍କ ପାଇଁ ଗୋପବନ୍ଧୁ ଙ୍କ କାବ୍ୟ - କବିତା ସୁବୋଧ୍ୟ ହୋଇ ପାରିଥିଲା ।

ପଣ୍ଡିତ ଗୋଦାବରୀଶ - ସାହିତ୍ୟର ସମସ୍ତ ଦିଗରେ ଲେଖନୀ ଚାଳନା କରିଥିଲେ । ତାଙ୍କର ନାଟକଗୁଡ଼ିକ ସଫଳ ହୋଇପାରିନଥିଲା, ଉପନ୍ୟାସ ରଚନାରେ ସେ ଖ୍ୟାତିଲାଭ କରିପାରିନାହାଁନ୍ତି, ତେବେ କାବ୍ୟ - କବିତା ରେ ସୁଖ୍ୟାତି ଥିଲା । ଗାଥା କବିତା ରଚନା କରିବାରେ ସେ ଥିଲେ ସିଦ୍ଧିହସ୍ତ । କିନ୍ତୁ ଗୋପବନ୍ଧୁ ଙ୍କ ଭଳି ଜାତୀୟବାଦୀ କାବ୍ୟ - କବିତା ରଚନା କରିବାରେ ସେ ନିଜର ପ୍ରତିଭାର ପରିଚୟ ଦେଇପାରି ନାହାଁନ୍ତି ।

ପଣ୍ଡିତ କୃପାସିନ୍ଧୁ ମିଶ୍ର - ଇତିହାସକୁ ଆଧାରକରି ରଚନା କରିଛନ୍ତି - "କୋଣାର୍କ" ଓ "ବାରବାଟୀ" । କିନ୍ତୁ "କୋଣାର୍କ" ରେ ଇତିହାସ ପରିବର୍ତ୍ତେ କିମ୍ବଦନ୍ତୀକୁ ଭିତ୍ତିକରି ଗୋପବନ୍ଧୁ ରଚନାକଲେ - "ଧର୍ମପଦ" - କାବ୍ୟ, ଯାହାକି ଗୋଟିଏ ଜାତି (ଓଡ଼ିଆ ଜାତି)ର ପ୍ରାଣରେ ତ୍ୟାଗ ଓ ଜାତୀୟତା ଭାବ ଭରି ଦେବାପାଇଁ ଉର୍ଦ୍ଧ୍ୱଷ୍ଟ ଥିଲା ।

ଆଚାର୍ଯ୍ୟ ହରିହର - ସ୍ୱଳ୍ପ କେତେଖଣ୍ଡି ଗ୍ରନ୍ଥ ରଚନା କରିଥିଲେ ସୁଦ୍ଧା, ସେବା ମନୋଭାବ ପାଇଁ ପ୍ରସିଦ୍ଧ ଥିଲେ । ପଣ୍ଡିତ ଗୋପବନ୍ଧୁ ସେବା ଓ ତ୍ୟାଗଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଥିଲେ । ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ମଧ୍ୟ ତାଙ୍କଠାରୁ ଗୋପବନ୍ଧୁ ଙ୍କ ସ୍ଥାନ ଉର୍ଦ୍ଧ୍ୱରେ । ଏହିପରି ଭାବରେ ଗୋଟିଏ କଥାରେ କହିଲେ ସତ୍ୟବାଦୀ ଯୁଗର ସମସ୍ତ ସାଧକ ଙ୍କଠାରୁ ଗୋପବନ୍ଧୁ ଙ୍କ ସ୍ଥାନ ବହୁ ଉର୍ଦ୍ଧ୍ୱରେ ଥିଲା ।

ଗୋପବନ୍ଧୁ ଙ୍କ ଆଦର୍ଶ - ଜାତିର ଜନମ ମହାତ୍ମାଗାନ୍ଧୀ ଥିଲେ, ତାଙ୍କୁ କେହିକେହି ଓଡ଼ିଶାର ଗାନ୍ଧୀ ବୋଲି କୁହନ୍ତି । ଗୋପବନ୍ଧୁ ଙ୍କ ଅନ୍ତିମ ଜୀବନରେ ସେ ୧୯୨୮ ମସିହାରେ ଲୋକସେବକ ମଣ୍ଡଳ ବୈଠକରେ ଯୋଗଦେବା ପାଇଁ ଲାହୋର ଯିବା ବାଟରେ ଗୋପବନ୍ଧୁ କଲିକତା ଠାରେ ଆନ୍ତ୍ରିକ ଜ୍ୱରରେ ଆକ୍ରାନ୍ତ ହୋଇ ସତ୍ୟବାଦୀ ଫେରି ଆସିଥିଲେ । ଦିନକୁ ଦିନ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିଲା । ମୃତ୍ୟୁ ପୂର୍ବରୁ ସେ ନିଜର ଇଚ୍ଛାପତ୍ରରେ - ଦୈନିକ ଓଡ଼ିଆ ଖବରକାଗଜ - "ସମାଜ" ଓ "ସତ୍ୟବାଦୀ ପତ୍ରିକା" ର ପ୍ରେସ୍ ପରିଚାଳନା ଭାର ଲୋକସେବକ ମଣ୍ଡଳକୁ ଅପଣି କରିଥିଲେ । ଇଚ୍ଛାପତ୍ର - ସମ୍ପାଦନାର ଦୁଇଘଣ୍ଟା ପରେ ୧୯୨୮ ମସିହା ଜୁନ୍ ୧୭ ତାରିଖ ରବିବାର ସନ୍ଧ୍ୟା ୭.୨୫ ମିନିଟ୍‌ରେ - ଗୋପବନ୍ଧୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ସତ, ତାଙ୍କ ଭଳି ଜଣେ ମହାମାନବ ନିଜର କୃତିପାଇଁ ଓଡ଼ିଆ ଜନମାନସରେ ସର୍ବଦା ଅମର ହୋଇ ରହିଥିବେ, ଏଥବରେ ତିଳେମାତ୍ର ଅବକାଶ ନାହିଁ ।

ଭାରତ ସରକାର - ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାରେ ପରିଣତ କରିବାପରେ - ଓଡ଼ିଶା ସରକାର ସତ୍ୟବାଦୀ ବକୁଳ ବନବିଦ୍ୟାଳୟକୁ - ଗୋପବନ୍ଧୁ ଓଡ଼ିଆ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଓଡ଼ିଆଙ୍କୁ ଖୁସି ଦେଇପାରିଛି । ଗୋପବନ୍ଧୁ ଙ୍କର - ମାନସ ସନ୍ତାନ ଓଡ଼ିଆ ଜାତିର ଅସ୍ମିତା - ଓଡ଼ିଶାର ଏକମାତ୍ର ଶତାୟୁ ଖବରକାଗଜ "ସମାଜ" - ଅକ୍ଟୋବର, ୨୦୧୯ ରିଖରେ ଶତବାର୍ଷିକ ପାଳନ ଉତ୍ସବରେ - ଭାରତର ମହାମହିମ ଉପରାଷ୍ଟ୍ରପତି ଶ୍ରୀ ଭେଙ୍କିଆ ନାଇଡୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ । ଗୋପବନ୍ଧୁ ଙ୍କର ନୟନ ପିତୁଳା - ସାରସ୍ୱତ ପତ୍ରିକା "ସତ୍ୟବାଦୀ" - ଆଜି ଆନ୍ତର୍ଜାତୀୟ ପତ୍ରିକାର (ଆଇ.ଏସ୍.ଏସ୍.ଏନ୍.) ମାନ୍ୟତାପ୍ରାପ୍ତ - ଆଧୁନିକ ଓଡ଼ିଆ ସାହିତ୍ୟର ଅନେକ ସାହିତ୍ୟିକ ଙ୍କର ସୃଜନୀ ପ୍ରକାଶିତ ହୋଇ "ସତ୍ୟବାଦୀ" ପତ୍ରିକା - ଆମ ପ୍ରଦେଶ ଓଡ଼ିଶାରେ କାହିଁକି - ସମଗ୍ର ଭାରତବର୍ଷର ଗୋଟିଏ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକା ଭାବରେ ସ୍ୱୀକୃତି ଲାଭ କରିଅଛି ।

ମହାମାନବ ଗୋପବନ୍ଧୁ ଦାସଙ୍କୁ ଭାରତର ସର୍ବୋଚ୍ଚ ସମ୍ମାନ - "ଭାରତରତ୍ନ" ପ୍ରଦାନ କରିବାକୁ ଅନେକ ଅନୁଷ୍ଠାନ ପକ୍ଷରୁ

ପ୍ରଧାନମନ୍ତ୍ରୀ ଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇଅଛି । ଅଦ୍ୟାବଧି ଓଡ଼ିଶାରୁ କୌଣସି ପ୍ରତିଭାଙ୍କୁ "ଭାରତରତ୍ନ" ଉପାଧି ପ୍ରଦାନ କରାଯାଇନାହିଁ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ - "ଭାରତରତ୍ନ" ପ୍ରଦାନ କରିଲେ ସମଗ୍ର ଓଡ଼ିଆ ଜାତି ଗର୍ବୀତ ଅନୁଭବ କରିପାରନ୍ତେ ।

ବାସ୍ତବିକ୍ ଓଡ଼ିଆ ସାହିତ୍ୟର ଜାତୀୟତାବାଦୀ ଚେତନାର ସାରଥି ଥିଲେ - ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ସେ ମରି ଅମର ତାଙ୍କର କାଳଜୟୀ ସୃଷ୍ଟିପାଇଁ ତଥା ଓଡ଼ିଆ ଜାତୀୟତା ଭାବପ୍ରେମ ପାଇଁ । "ସମାଜ" ତରଫରୁ - "ଗୋପବନ୍ଧୁ ଜ୍ୟୋତି"କୁ ସମଗ୍ର ରାଜ୍ୟରେ ପରିକ୍ରମା କରାଯାଇଛି । ତାହା ହିଁ ତାଙ୍କପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

# ଓଡିଆ ସାହିତ୍ୟ ର ଅନନ୍ୟସାଧକ ହରେକୃଷ୍ଣ ମହତାବ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଅନନ୍ୟସାଧକ
# ହରେକୃଷ୍ଣ ମହତାବ

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଓଡିଆ ଜନଜୀବନର ବିସ୍ମୟ ପୁରୁଷ - ଓଡିଶାର ଶେଷ ପ୍ରଧାନମନ୍ତ୍ରୀ ତଥା ସ୍ୱାଧନତାର ପ୍ରଥମ ମୁଖ୍ୟମନ୍ତ୍ରୀ, ପ୍ରଥମ ଓଡିଆ କେନ୍ଦ୍ରମନ୍ତ୍ରୀ (କ୍ୟାବିନେଟ୍), ପ୍ରଥମ ଓଡିଆ ରାଜ୍ୟପାଳ ଭାବରେ ପରିଚିତ ଡକ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଥିଲେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଓ ଲେଖକ ପରି ପ୍ରତିଭାର ବ୍ୟକ୍ତିତ୍ୱଟିଏ ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଆଗରପଡା ଠାରେ ୨୧ ନଭେମ୍ବର ୧୮୯୮ ରେ ତାଙ୍କର ଜନ୍ମ । ପିତାଙ୍କ ନାମ - କୃଷ୍ଣଚରଣ ଦାସ, ମାତାଙ୍କ ନାମ - ତୋହଫା ଦିଦି (ସେ ଥିଲେ ଆଗରପଡା ଜମିଦାର ଜଗନ୍ନାଥ ମହତାବ ଙ୍କର ଏକମାତ୍ର ସନ୍ତାନ) । ଜଗନ୍ନାଥ ଙ୍କର କୌଣସି ପୁତ୍ର ନଥିବାରୁ ସେ ନାତି ହରେକୃଷ୍ଣ ଙ୍କୁ ପୌଷ୍ୟପୁତ୍ର ଭାବରେ ଗ୍ରହଣ କରିଥିଲେ, ତେଣୁ ହରେକୃଷ୍ଣ ଙ୍କ ସାଙ୍ଗିଆ - ଦାସ ବଦଳରେ - ହରେକୃଷ୍ଣ ମହତାବ ହୋଇଗଲା । ଅଜା ଜମିଦାର ଜଗନ୍ନାଥ ମହତାବ ଙ୍କ ପାଖରେ ହରେକୃଷ୍ଣ - ଲାଳିତପାଳିତ ହୋଇ ଆଗରପଡା ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ପରେ ଭଦ୍ରକ ହାଇସ୍କୁଲରେ ପାଠପଢି ମାଟ୍ରିକ୍ ପାସ୍ କରିଲେ । ପରେପରେ ଓଡିଶାର ଐତିହାସିକ କଟକ ର ରେଭେନ୍ସା କଲେଜରେ ପାଠପଢିବା ସମୟରେ ଦେଶମାତୃକାର ସେବାକୁ ଆଦରିନେଇ ବିଏ ପଢାବନ୍ଦ ହୋଇ ଭାରତୀୟ ସ୍ୱାଧିନତା ସଂଗ୍ରାମରେ - ମହାତ୍ମାଗାନ୍ଧୀ ଙ୍କ ଡାକରାରେ - ଭାରତଛାଡ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଯୁବକ ହରେକୃଷ୍ଣ - ନିଖିଳ ଭାରତ କଂଗ୍ରେସ କମିଟି - ଅଧିବେଶନରେ ଯୋଗଦେଇ ମହାତ୍ମାଗାନ୍ଧୀ, ଲାଲ ଲଜପତ ରାୟ, ମୋତିଲାଲ ନେହୁର ଙ୍କ ସମ୍ପର୍କରେ ଆସିଥିଲେ ।

ମହତାବ ଦେଶର ରାଜନୈତିକ ଓ ସାମାଜିକ ଜୀବନରେ ଜଡିତ ହୋଇ ୧୯୨୧ ମସିହାରେ - ମହାତ୍ମାଗାନ୍ଧୀ ଙ୍କ ଓଡିଶା ଆଗମନରେ ମହତାବ - ଓଡିଶାରେ କଂଗ୍ରେସ ଦଳର ନେତୃତ୍ୱ ନେଲେ ୧୯୨୮ ମସିହାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଙ୍କର ମୃତ୍ୟୁ ହେବାପରେ ଦଳର ଦାୟିତ୍ୱ ମହତାବ ଙ୍କୁ ପ୍ରଦାନ କରାଯାଇଥିଲା । ହରେକୃଷ୍ଣ ବାଲେଶ୍ୱର ମ୍ୟୁନିସିପାଲିଟି ର ଚେୟାରମ୍ୟାନ ଥିଲେ ଓ ୧୯୩୦ ମସିହାରେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ହୋଇ ଲବଣ ସତ୍ୟାଗ୍ରହରେ ଯୋଗଦେଲେ । କନିକା ପ୍ରଜା ଆନ୍ଦୋଳନକୁ ସେ ବାହାରୁ ସମର୍ଥନ ଦେଉଥିଲେ, ୧ ଏପ୍ରିଲ୍ ୧୯୩୬ ରେ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟହେଲା - ଓଡିଶା ଅଞ୍ଚଳରେ ଥିବା ୨୬ ଗୋଟି ଗଡଜାତ ଶାସନ ବାହାରେ ରହିଲା । ୧୯୩୮ ମସିହାରେ ବିଭିନ୍ନ ଦେଶୀୟ ରାଜ୍ୟରେ ଲୋକ ପ୍ରତିନିଧି ମୂଳକ ଶାସନ ପାଇଁ - ମହତାବ ଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ସଂଗଠନ ଗଢିଉଠିଲା । କପିଳେଶ୍ୱର ନନ୍ଦ, ସାରଙ୍ଗଧର ଦାସ, ବୀର ବୈଷ୍ଣବ ପଟ୍ଟନାୟକ, ପବିତ୍ରମୋହନ ପ୍ରଧାନ ଙ୍କ ଭଳି ନେତାମାନଙ୍କ ଦ୍ୱାରା ଏହି ଆନ୍ଦୋଳନ ସବୁ ଦେଶୀୟ ରାଜ୍ୟକୁ ବ୍ୟାପିଗଲା । ରଣପୁର ଠାରେ ଲୋକମାନଙ୍କ ଆକ୍ରମଣରେ ଇଂରେଜ ଏଜେଣ୍ଟ ବେଜେଲ୍ ଗେଟ୍ ସାହେବ ମୃତ୍ୟୁବରଣ କରିଲେ । ଦେଶୀୟ ରାଜ୍ୟମାନଙ୍କରେ ହେଉଥିବା କୁଶାସନ ସମ୍ବନ୍ଧରେ ଅନୁସନ୍ଧାନ ପାଇଁ ମହତାବ ଙ୍କ ନେତୃତ୍ୱରେ ଏକ କମିଶନ ୧୯୩୮ ବସିଲା । ମହତାବ ଏହିସବୁ କୁଶାସନ ଙ୍କୁ ମୂଳୋତ୍ପାଟନ କରିବାପାଇଁ ସେଗୁଡିକୁ ଓଡିଶା ପ୍ରଦେଶ ସହିତ ମିଶାଇ ଦେବାକୁ ସୁପାରିଶ କରିଥିଲେ । ସାରା ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣରେ ଏହାଥିଲା ପ୍ରଥମ ପ୍ରତିଧ୍ୱନି । ସେତେବେଳେ ଓଡିଶାରେ ୨୬ ଗୋଟି ଗଡଜାତ ରାଜ୍ୟଥିଲା, ସେହି ରାଜ୍ୟ ଇଂରେଜ ମାନଙ୍କର ପ୍ରତ୍ୟେକ ତତ୍ତ୍ୱାବଧାନରେ ଜଣେ ଏଜେଣ୍ଟଙ୍କ ଦ୍ୱାରା ଶାସିତ ହେଉଥିଲା । ପରବର୍ତ୍ତୀ ସମୟରେ ଇଂରେଜମାନେ ଭାରତ ଛାଡି ମହାତ୍ମାଗାନ୍ଧୀ ଙ୍କ ଡାକରାରେ ପଳାଇଲେ ୧୯୪୭ ମସିହା ଅଗଷ୍ଟ ୧୫ ରେ ଭାରତ ସ୍ୱାଧିନ ହେଲା । ସ୍ୱାଧିନତା ପୂର୍ବରୁ ମହତାବ ଥିଲେ ଓଡିଶାର ପ୍ରଧାନମନ୍ତ୍ରୀ ସ୍ୱାଧିନତା ପରର ପ୍ରଥମ ମୁଖ୍ୟମନ୍ତ୍ରୀ - ନୂଆ ଓଡିଶା ଗଠନ ପାଇଁ ସେ ଲାଗିପଡିଲେ, ଓଡିଶାର ରାଜଧାନୀ କଟକରୁ ସେ ଭୁବନେଶ୍ୱରକୁ ଉଠାଇ ଆଣିଥିଲେ - ମହତାବ ଙ୍କର ଆପ୍ରାଣ ଉଦ୍ୟମରେ ୦୧/୦୧/ ୧୯୪୮ ଦିନ ସମସ୍ତ ଦେଶୀୟ ରାଜ୍ୟ ଓଡିଶାରେ ମିଶିଗଲା । ୬ଟି ଜିଲ୍ଲା ବଦଳରେ ୧୩ ଗୋଟି ଜିଲ୍ଲା ହେଲା ଓ କ୍ଷେତ୍ରଫଳ ୩୦ ହଜାର ବର୍ଗମାଇଲ ରୁ ୬୦ ହଜାର ବର୍ଗମାଇଲ ହେଲା, ଏଥିପାଇଁ ହରେକୃଷ୍ଣ ମହତାବ - ଓଡିଶା ଇତିହାସରେ ସର୍ବଦା ନମସ୍ୟ । ତା'ର ବର୍ଷକପରେ - ମୟୂରଭଞ୍ଜ ୦୧/୦୧/୧୯୪୮ ରେ ସମ୍ପୂର୍ଣ୍ଣ ଓଡିଶାରେ ମିଶିଗଲା ଓ ଲୋକସଂଖ୍ୟା ଥିଲେ ୧ କୋଟି ୨୦ ଲକ୍ଷ । ମହତାବ ଙ୍କ ସ୍ୱପ୍ନ ସାକାର ହେଲା, ଡକ୍ଟର ହରେକୃଷ୍ଣ ମହତାବ - ୧୯୪୭-୫୦ ଓ ୫୬ ରୁ ୬୧ ପର୍ଯ୍ୟନ୍ତ - ୨ଥର ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୫୦-୧୯୫୨ ପର୍ଯ୍ୟନ୍ତ ପଣ୍ଡିତ ଜବାହାରଲାଲ ନେହୁର ଙ୍କ ପ୍ରଧାନମନ୍ତ୍ରୀତ୍ୱରେ ମହତାବ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ସେ ଥିଲେ ପ୍ରଥମ ଓଡିଆ କେନ୍ଦ୍ରମନ୍ତ୍ରୀ ଓ ପରେ ୧୯୫୨-୫୬ ମସିହା ପର୍ଯ୍ୟନ୍ତ ସେ ବମ୍ବେ ରାଜ୍ୟର ରାଜ୍ୟପାଳ ଭାବରେ କାର୍ଯ୍ୟକରି ଓଡିଆ ପୁଅ ଭାବରେ ପ୍ରଥମ ରାଜ୍ୟପାଳର ଗୌରବର ଅଧିକାରୀ ହୋଇଥିଲେ । ପରେ ସେ ସାଂସଦ, କଂଗ୍ରେସ ଦଳର ପାଲ୍ୟାମେଣ୍ଟାରୀ ସମ୍ପାଦକ, କଂଗ୍ରେସର ଜାତୀୟ ଉପସଭାପତି ପଦବୀରେ ଅଧିଷ୍ଠ ହୋଇ ଓଡିଶା ଓ ଓଡିଆ ଙ୍କ ଗୌରବକୁ ବୃଦ୍ଧିକରି ପାରିଥିଲେ ଜଣେ ଜାତୀୟ ନେତା ଭାବରେ ।

ଡକ୍ଟର ମହତାବ - ବିଜୁ ପଟ୍ଟନାୟକ ଓ ତାଙ୍କର ସାଥି - ବିରେନ୍ ମିତ୍ର, ନୀଳମଣି ରାଉତରାୟ ଙ୍କୁ ରାଜନୀତିକୁ ଆଣିଥିଲେ

୧୯୬୧ ମସିହାରେ ତାଙ୍କର ଶିଷ୍ୟ - ବିଜୁ ପଟ୍ଟନାୟକ ତାଙ୍କୁ କ୍ଷମତାଚ୍ୟୁତ କରି ମୁଖ୍ୟମନ୍ତ୍ରୀ ହୋଇଥିଲେ । ମହତାବ କଂଗ୍ରେସ ଦଳ ପରିତ୍ୟାଗ କରି ଓଡିଶାରେ ଜନ କଂଗ୍ରେସ ଦଳ ନାମରେ ଏକ ରାଜନୈତିକ ଆଞ୍ଚଳିକ ଦଳ କରିଥିଲେ । ପରବର୍ତ୍ତୀ ସମୟରେ ମହତାବ ଙ୍କର ଅନ୍ୟଏକ ପ୍ରମୁଖ ଶିଷ୍ୟ - ଜାନକୀ ବଲ୍ଲଭ ପଟ୍ଟନାୟକ ଓଡିଶାର ୩ଥର ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ ।

ହରେକୃଷ୍ଣ ମହତାବ - ଆଧୁନିକ ଓଡିଶାର ନିର୍ମାତା ସହ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଓଡିଶାର ରାଜନୀତି ଓ ସାମାଜିକ ଜନଜୀବନରେ ଗଭୀର ପ୍ରବାହ ପକାଇଥିଲେ - ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ଓଡିଶାରେ ଅନେକ କୀର୍ତ୍ତିରାଜି ଗଠନ କରିପାରିଥିଲେ । ସେଗୁଡିକ ମଧ୍ୟରେ - ସମସ୍ତ ଦେଶୀୟ ଗଡଜାତକୁ ଓଡିଶାରେ ମିଶ୍ରଣ, ଭୁବନେଶ୍ୱର ରେ ନୂଆ ରାଜଧାନୀ ପ୍ରତିଷ୍ଠା, କଟକରେ ବାରବାଟୀ ଷ୍ଟାଡିୟମ୍ ନିର୍ମାଣ, ଆକାଶବାଣୀ କଟକ କେନ୍ଦ୍ର ନିର୍ମାଣ, ହୀରାକୁଦ ବନ୍ଧ ନିର୍ମାଣ, ଓଡିଶା ଟେକ୍ସ ଟାଇଲ ମିଲ୍ ପ୍ରତିଷ୍ଠା, ଓଡିଶାରେ ଏକାଡେମୀ ପ୍ରତିଷ୍ଠା (ସାହିତ୍ୟ, ନାଟକ, ସଙ୍ଗୀତ), ଓଡିଶା ଅଲମ୍ପିକ ଆସୋସିଏସନ୍ ର ପ୍ରତିଷ୍ଠାତା ସଭାପତି ଥିଲେ - ମହତାବ, ନିର୍ବାଚନ ପ୍ରତିଦ୍ୱନ୍ଦୀ ପରେ ଆଦୌ ପରାଜିତ ହୋଇ ପାରିନଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଙ୍କର ରାଜନୈତିକ ଓ ସମାଜିକ ଜୀବନ ମଧ୍ୟରେ ଭାରତର ଜଣେ ପ୍ରତିଷ୍ଠିତ ରାଜନେତା ସହିତ ଜଣେ ଓଡିଆ ସାହିତ୍ୟର ସାହିତ୍ୟିକ ଭାବରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିପାରିଥିଲେ । ମହତାବ ଙ୍କର ରାଜନୀତି ଓ ସାହିତ୍ୟ - ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି ଥିଲା - ସାହିତ୍ୟ ଓ ସାମ୍ବାଦିକତା ମହତାବ ଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ସେ ମଧ୍ୟ ଲବଣ ସତ୍ୟାଗ୍ରହ ସମୟରେ କାରାବରଣ କରିବାସହ ଓଡିଶା ଜନମାନସରେ ଉତ୍କଳ କେଶରୀ ନାମରେ ପରିଚିତ ଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଙ୍କର - ମାନସ ସନ୍ତାନ ୧୯୨୩ ମସିହାରେ ପ୍ରତିଷ୍ଠିତ - ସାପ୍ତାହିକ - ଓଡିଆ ଖବରକାଗଜ "ପ୍ରଜାତନ୍ତ୍ର" ପ୍ରତିଷ୍ଠା କରିଥିଲେ, ଯାହା ଆଜି ଦୈନିକ ଖବରକାଗଜ ସହ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ଏହା ପରିଚାଳିତ । ଓଡିଶାର ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା "ଝଙ୍କାର" ର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ - ସାପ୍ତାହିକ - ଇଂରାଜୀ ଖବରକାଗଜ - ଇଷ୍ଟର୍ଣ୍ଣ ଟାଇମ୍ସ ର ସମ୍ପାଦକ ।

ରାଜନୀତିର କାଳଚକ୍ର ମଧ୍ୟରେ ମହତାବ ଭୁଲି ପାରିନଥିଲେ ସାହିତ୍ୟ ସାଧନାକୁ ।

ହରେକୃଷ୍ଣ ମହତାବ ନିଜ ସାହିତ୍ୟ ରଚନାରେ - ଓଡିଆ ସାହିତ୍ୟର ସମସ୍ତ ବିଭାଗରେ କଲମ ଚାଳନା କରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ବିଶେଷତଃ ତାଙ୍କ ଲେଖନୀ ଓଡିଆ ସାହିତ୍ୟର ଉପନ୍ୟାସ, ଗଳ୍ପ, କବିତା, ଆତ୍ମଜୀବନୀ, ଶିଶୁ ସାହିତ୍ୟ ଓ ଅନ୍ୟାନ୍ୟ ଇତିହାସ, ସାହିତ୍ୟ ସମାଲୋଚନା ପୁସ୍ତକ ରଚନା କରି ଓଡିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଅଛନ୍ତି । ତାଙ୍କର ସାରସ୍ୱତ କୃତି ମଧ୍ୟରେ -

**<u>ଉପନ୍ୟାସ -</u>**

ନୂତନଧର୍ମ, ଟାଉଟର, ଅବ୍ୟାପାର, ପ୍ରତିଭା - ୧୯୪୬, ତୃତୀୟ ପର୍ବ ପ୍ରମୁଖ ।

**<u>ଗଳ୍ପ ସଂକଳନ -</u>**

ସ୍ୱର୍ଗରେ ଏମ୍ ର୍ଜେନ୍ସୀ - ତାଙ୍କ ସୁପ୍ରସିଦ୍ଧ ଗଳ୍ପ ।

**<u>କବିତା ସଂକଳନ -</u>**

ଚାରିଚକ୍ଷୁ, ପଲ୍ଲୀସୀ ଅବସାଦନ, ଶେଷଅଶ୍ରୁ, ନନ୍ଦିକା, ଲଳିତା, ରାଜାରାଣୀ, ଛାୟା ତା'ର ଯାତ୍ରୀ ।

**<u>ଆତ୍ମଜୀବନୀ -</u>**

"ସାଧନାର ପଥେ" - ଏଥିରେ ଜୀବନୀ ଓ ସୃଜନୀ ସନ୍ନିବେଷ୍ଟିତ ।

**<u>ଶିଶୁ ସାହିତ୍ୟ -</u>**

ବିଷ୍ଣୁପୁର ର ଭିତିରି କଥା, ଗଣେଷ ଙ୍କ ପାଠଶାଳୀ ପ୍ରମୁଖ ।

**<u>ଅନ୍ୟାନ୍ୟ ପୁସ୍ତକ -</u>**

ଆତ୍ମଦାନ, ରୂପାନ୍ତର, ଇତିହାସର ପରିହାସ, ପ୍ରବଚନ, ଗୁପ୍ତ ପ୍ରଣୟ, ଉତ୍ତରୋତର, ଶମ୍ଭୁଙ୍କର ତପସ୍ୟା, ଯୁଗ ସଙ୍କେତ, ଓଡିଶା ଇତିହାସ (୩ୟ ଖଣ୍ଡ), ସାହିତ୍ୟ ଆଲୋଚନା, ଗାନ୍ଧୀ ଧର୍ମ, ଅହିଂସାର ଉପଯୋଗ, ଭାରତୀୟ ସଂସ୍କୃତି, ନେତା ଓ ଜନତା, ଦଶବର୍ଷର ଓଡିଶା, ଗାନ୍ଧିଜୀ ଓ ଓଡିଶା, ଆରବ ସାଗର ରୁ ଚିଲିକା, ଗାଁ ମଜଲିସ୍ (୪ ଖଣ୍ଡ), ଆଧୁନିକତା ଆଦି ପୁସ୍ତକ ହରେକୃଷ୍ଣ ମହତାବ ଙ୍କ ଜଣେ ସାହିତ୍ୟିକ ଭାବରେ ଅମର କରି ରଖିଅଛି ।

ଏତଦ୍‌ବାଦ ହରେକୃଷ୍ଣ ମହତାବ ଙ୍କ ଜୀବନୀ ଓ ସୃଜନୀ କୁ ନେଇ ଅନେକ ଲେଖା ଓଡିଆ ସାହିତ୍ୟର ଗୌରବ ମଣ୍ଡନ କରିଅଛି । ତନ୍ମଧ୍ୟରୁ -

ଓଡିଶାର ନବଯୁଗର ପ୍ରବର୍ତ୍ତକ - ଡଃ. ମହତାବ ଜାନକୀବଲ୍ଲଭ ପଟ୍ଟନାୟକ - ପ୍ରକାଶିତ - ଉତ୍କଳ ପ୍ରସଙ୍ଗ ଓଡିଶା ସରକାର ଙ୍କ ମାସିକ ପତ୍ରିକା - ଜାନୁୟାରୀ, ୧୯୧୯ ।

ଡକ୍ଟର ମହତାବ ଙ୍କ ସ୍ମୃତିରେ ଗାନ୍ଧିଜୀ - ଶ୍ରୀ ଗୌରୀବନ୍ଧୁ କର - ଉତ୍କଳ ପ୍ରସଙ୍ଗ - ଜାନୁୟାରୀ, ୧୯୯୯ ।

ଡକ୍ଟର ହରେକୃଷ୍ଣ ମହତାବ - ଜଣେ ସାହିତ୍ୟିକ ଭାବରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ - ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର ପ୍ରତିଷ୍ଠା କରି - ଏହାର ସଭାପତି ଆସନରେ ରହି - ଓଡିଆ ସାହିତ୍ୟର ବିକାଶ କରିବା ଦିଗରେ ପ୍ରମୁଖ ଭୂମିକା ନେଇଥିଲେ ।

"ଗାଁ ମଜଲିସ୍" (୩ୟ) ପୁସ୍ତକ ପାଇଁ ଡକ୍ଟର ହରେକୃଷ୍ଣ ମହତାବ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

ସାରସ୍ୱତ ସ୍ରଷ୍ଟା ହରେକୃଷ୍ଣ ମହତାବ ଙ୍କ ସାହିତ୍ୟ କୃତିକୁ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଉପାଧି ପ୍ରଦାନ କରାଯିବା ସହିତ ଆନ୍ଧ୍ରା ବିଶ୍ୱବିଦ୍ୟାଳୟ ଓ ସାଗର ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ (ଡି.ଲିଟ୍.) ଉପାଧି ପ୍ରଦାନ କରାଯାଇଥିଲା ।

କଟର ନିମଚଉଡି ଠାରେ ଥିବା - "ପ୍ରଜାତନ୍ତ୍ର" ଭବନ ତାଙ୍କର ଶେଷ କର୍ମସ୍ଥଳୀ ହୋଇଥିଲା । ସେଠାରେ ଉତ୍କଳ କେଶରୀ ଡକ୍ଟର ମହତାବ ସମ୍ପାଦକର ସିଂହାସନରେ ରାଜଠାଣୀରେ ବସି ସେ ସମ୍ପାଦକୀୟ ଓ "ଗାଁ ମଜଲିସ୍" ଲେଖୁଥିଲେ । ଅନେକ ଲୋକ ତାଙ୍କୁ ସେଠାରେ ସାକ୍ଷାତ ପାଇଁ ଆସୁଥିଲେ । ସେ ଥିଲେ ଓଡିଶାର ସାହିତ୍ୟ ପତ୍ରିକା "ଝଙ୍କାର" ର ପ୍ରତିଷ୍ଠାତା । "ଝଙ୍କାର" ଥିଲା ତାଙ୍କ ମାନସ ସନ୍ତାନ - ଓଡିଆ ଜାତି ଓ ଓଡିଆ ଭାଷାର ଅନେକ କୃତିବିଦ୍ୟ ସାହିତ୍ୟିକ ଙ୍କର ଲେଖନୀ "ଝଙ୍କାର" ରେ ପ୍ରକାଶିତ ହୋଇ - ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟ ରେ ଏ ସାରସ୍ୱତ ପତ୍ରିକାର ଗୌରବ ଆଣିଥିଲା ।

ହରେକୃଷ୍ଣ ନିଜର ଜୀବନୀ (ଆତ୍ମ) - "ସାଧନାର ପଥେ" ତଥା "ଓଡିଶା ଇତିହାସ" ପୁସ୍ତକ ପାଇଁ ଅମର ହୋଇ ରହିଛନ୍ତି । ସ୍ୱାଧିନତା ସଂଗ୍ରାମୀ ଭାବରେ ତାଙ୍କର ଅବଦାନ ଚିରସ୍ମରଣୀୟ । ଏଭଳି ମହାପୁରୁଷଙ୍କୁ - ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ "ଭାରତରତ୍ନ" ନଦେଇ ଏ ଜାତି ଅବହେଳା କରିଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଭାରତ ସରକାର ସର୍ବୋପରି ପ୍ରଧାନମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଓଡିଶାରେ ସବୁ ସମୟରେ ଦାବି ହେଉଛି ।

ଓଡିଶା ସରକାର ତାଙ୍କୁ ସ୍ମରଣକରି ଡକ୍ଟର ହରେକୃଷ୍ଣ ମହତାବ ଷ୍ଟେଟ୍ ଲାଇବ୍ରେରୀ ଭୁବନେଶ୍ୱର ରେ କରିବା ସହିତ କଟକରେ ଏକ ରାସ୍ତାକୁ ରାଜ୍ୟର ପ୍ରଥମ କଂକ୍ରିଟ୍ ରୋଡ - ଦୋଳମୁଣ୍ଡାଇ ଛକରୁ ଛତ୍ରବଜାର ଦେଇ ମାଲ ଗୋଦାମ ପର୍ଯ୍ୟନ୍ତ ଯାଇଥିଲା । ଏହି ରାସ୍ତାର ନାମ - ମହତାବ ରୋଡ ।

ମହତାବ ଙ୍କର ପୁଅ - ଭର୍ତୃହରି ମହତାବ, କଟକ ଲୋକସଭାର ସାଂସଦ ଭାବରେ କାର୍ଯ୍ୟରତ । ଭର୍ତୃହରି ନିଜର ମା'ଙ୍କ ନାମରେ ଅସୁରେଶ୍ୱର ଠାରେ ସୁଭଦ୍ରା ମହତାବ ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ତତ୍‌ସହିତ ମା'ଙ୍କ ନାମରେ ଏକ ଦାତବ୍ୟ ଚିକିତ୍ସାଳୟ କରିଛନ୍ତି ।

ଜନ୍ମ ମାନେ ମୃତ୍ୟୁ ଅଛି - ସେଥିରୁ ଅବା ମହତାବ କିପରି ବାଦ୍ ପଡନ୍ତେ । ୨ ଜାନୁୟାରୀ, ୧୮୮୭ ମସିହାରେ ୮୭ ବର୍ଷ ବୟସରେ ସେ ଦେହତ୍ୟାଗ କରିଲେ, ତାଙ୍କର ମର ଶରୀର ପଞ୍ଚଭୂତରେ ଲୀନ ହୋଇଗଲା । ଓଡିଶା କାହିଁକି ଭାରତବର୍ଷ ହରାଇଲା ଜଣେ ଯୋଗ୍ୟ ସନ୍ତାନଙ୍କୁ । ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ଏକ ଅପୂରଣୀୟ କ୍ଷତି ଘଟିଲା ।

ବାସ୍ତବିକ୍ ଓଡିଆ ସାହିତ୍ୟର ଅନନ୍ୟସାଧକ ହରେକୃଷ୍ଣ ମହତାବ ଥିଲେ, ତାଙ୍କ କାଳଜୟୀ ସୃଷ୍ଟପାଇଁ ସେ ସଦାସର୍ବଦା ଓଡିଆ ଜାତି ପାଖରେ ଅମର ହୋଇ ରହିଥିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

# ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା
# କାଳିନ୍ଦୀଚରଣ ପାଣିଗ୍ରାହୀ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା

# କାଳିନ୍ଦୀଚରଣ ପାଣିଗ୍ରାହୀ

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଓଡିଆ ସାହିତ୍ୟର ଯୁଗସ୍ରଷ୍ଟା - କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଏକାଧାରାରେ - କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ସମାଲୋଚକ । ଓଡିଆ ସାହିତ୍ୟ ଜଗତରେ ସେ ଥିଲେ - ଜଣେ ସାରସ୍ୱତ ପୁରୁଷ ।

ଯଥେଷ୍ଟ ସାହିତ୍ୟିକ ବୁନିଆଦି ଥିବା ପରିବାର ର ଦାୟାଦ - କାଳିନ୍ଦୀ । ଓଡିଶାର ପୁରୀ ଜିଲ୍ଲା ବିଶ୍ୱନାଥପୁର ଗ୍ରାମରେ ୨ ଜୁଲାଇ, ୧୯୦୧ ମସିହାରେ ଜନ୍ମଗ୍ରହଣ କରିଥିଲେ । ପିତା ଥିଲେ - ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ଜଣେ ଆଇନଜୀବୀ ଥିଲେ । ଦୁଇଭାଇ - ଦିବ୍ୟସିଂହ ଓ ଭଗବତୀ ଚରଣ ଥିଲେ - ସାହିତ୍ୟିକ । ମା' ଥିଲେ - ସରସ୍ୱତୀ ଦେବୀ ଓ ଜେଜେବାପା ଥିଲେ - ନରୋତ୍ତମ ପାଣିଗ୍ରାହୀ ଓ ଅଜା - ମୃତ୍ୟୁଞ୍ଜୟ ପାଣିଗ୍ରାହୀ ।

ଗାଁ ବିଶ୍ୱନାଥପୁର ରେ ପ୍ରାଥମିକ ଶିକ୍ଷା ସମାପ୍ତକରି ହାଇସ୍କୁଲ୍ ଶିକ୍ଷାପରେ - ଓଡିଶାର ଐତିହାସିକ ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ଅଧ୍ୟୟନ କରିବା ସମୟରେ କାଳିନ୍ଦୀଚରଣ ଙ୍କ ସାହିତ୍ୟିକ ପ୍ରତିଭାର ପରିଚୟ ମିଳିଥିଲା । କଲେଜରେ ପଢିବା ସମୟରେ ସେ (ନନ୍‌ସେନ୍ସ କ୍ଲବ୍) ଗଠନ କରିଥିଲେ । ଏହି ଦଳରେ ଥିବା ୯ ଜଣ ଲେଖକ-ଲେଖିକା "ଉତ୍କଳ ସାହିତ୍ୟ" ପତ୍ରିକାରେ - "ବାସନ୍ତୀ" ନାମକ ଏକ ଉପନ୍ୟାସ ଧାରାବାହିକ ଭାବରେ ପ୍ରକାଶ କରୁଥିଲେ, ଏହି ସମୟରେ ସବୁଜଗୋଷ୍ଠୀର ମୁଖପତ୍ର - "ଯୁଗବୀଣା" ରେ କାଳିନ୍ଦୀଚରଣ ଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା ।

## ସାରସ୍ୱତସାଧକ କାଳିନ୍ଦୀଚରଣ -

ଓଡିଆ ସାହିତ୍ୟର ସମସ୍ତ ବିଭାଗରେ କାଳିନ୍ଦୀଚରଣ କଲମ ଚାଳନା କରିଥିଲେ । ସେ ତାଙ୍କର ଲେଖନୀରେ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ସବୁଜ ତରୁଣ କବି କାଳିନ୍ଦୀଚରଣ, କବି କାଳିନ୍ଦୀଚରଣ, ଔପନ୍ୟାସିକ କାଳିନ୍ଦୀଚରଣ, ଗାଳ୍ପିକ କାଳିନ୍ଦୀଚରଣ, ପ୍ରାବନ୍ଧିକ କାଳିନ୍ଦୀଚରଣ, ନାଟ୍ୟକାର / ଏକାଙ୍କିକା କାର କାଳିନ୍ଦୀଚରଣ, ସମାଲୋଚକ କାଳିନ୍ଦୀଚରଣ, ଆତ୍ମଜୀବନୀକାର କାଳିନ୍ଦୀଚରଣ ଭାବରେ ଓଡିଆ ସାହିତ୍ୟରେ ପରିଚିତ ।

ସବୁଜମାନେ ଥିଲେ - ରାଧାନାଥ ଯୁଗ ତଥା ସତ୍ୟବାଦୀ ଯୁଗର ଜାତୀୟତାବାଦୀ ବିରୋଧି । ସତ୍ୟବାଦୀର ସାଧକମାନେ ଜାତିର ମୁକ୍ତି ଓ ପ୍ରଗତି ପାଇଁ ଯେଉଁ ଗଭୀର ଦେଶପ୍ରେମ କଥା କହିଛନ୍ତି - ସବୁଜମାନେ ସେହି ପରମ୍ପରା ରେ ଉତ୍ତୋରଣକୁ ତ୍ୱରାନିତ କରିପାରିନାହାଁନ୍ତି ବରଂ ସେମାନେ ଯୌବନର ତରଳଗୀତ ଗାଇବାକୁ ଅଧିକ ପସନ୍ଦ କରିଥାନ୍ତି ।

## କବି କାଳିନ୍ଦୀଚରଣ -

କବି କାଳିନ୍ଦୀଚରଣ ଙ୍କ କବିତାଗୁଡିକ ମୁଖ୍ୟତଃ ସ୍ୱରବାଦୀ ଓ ସବୁଜ ଆଦର୍ଶର ହୋଇଥିଲେ ହେଁ - କବିତା ରଚନା କରିବା ତାଙ୍କ ଚେତନା ଓ ମନୋଭୂମି ସମୟରେ ଭିନ୍ନଭିନ୍ନ ହୋଇଅଛି । ଭୟଙ୍କର ବିଶ୍ୱ ମହାସମର ର ପ୍ରଭାବ, ଭାରତର ମୁକ୍ତି ସଂଗ୍ରାମ, ସମଗ୍ର ଭାରତରେ ଗାନ୍ଧିଜୀ ଙ୍କ ବହୁମୁଖୀ କାର୍ଯ୍ୟକ୍ରମ କାଳିନ୍ଦୀ ଙ୍କ ଧ୍ୟାନସ୍ଥ ହୋଇଛି - କବିତା ଲେଖିବାରେ । ତାଙ୍କ କବିତାରେ ରୋମାଣ୍ଟିକ୍ ଚେତନା, ଶୈଶବ ପ୍ରତି ସମ୍ମୋହନ, ପ୍ରକୃତି ପ୍ରେମ, ଗଭୀର ପଲ୍ଲୀ ସଂପ୍ରୀତି ମାନବବାଦ ତଥା ରହସ୍ୟବାଦୀ ଅସୀମ ଉନ୍ମୁଖତା ପରିଲିଖିତ ହୋଇଅଛି ।

ସବୁଜ କବିତା

ମହାଦୀପ

ମନେନାହିଁ

କ୍ଷଣିକସତ୍ୟ

ଛୁରୀଟିଏ ଲୋଡ଼ା

ଆଦି କବିତା ସଂକଳନ ତାଙ୍କ ସମସାମୟିକ ଅନ୍ୟାନ୍ୟ ସବୁଜ ବନ୍ଧୁଙ୍କ ପରି କିଛି ଦ୍ୱିପେକ୍ଷିକ ପ୍ରଭାବ ପରିଲିଖିତ ହୁଏ । "ମନେନାହିଁ", "ଛୁରୀଟିଏ ଲୋଡ଼ା" - କବିତା ଗ୍ରନ୍ଥରେ ଉପଲବ୍ଧ କବିତାଗୁଡିକ ଓଡିଶାର ପଲ୍ଲୀ ଜୀବନକୁ ଚିତ୍ରଣ କରିବାରେ ଅଧିକ ଆତ୍ମିକ ଓ ଅନ୍ତରଙ୍ଗ ମନେହେଉଛି ।

କାଳିନ୍ଦୀଚରଣ ଙ୍କ କବିତା - "ସବୁଜ କବିତା", "ଛୁରୀଟିଏ ଲୋଡ଼ା", "ମହାଦୀପ", "ମନେନାହିଁ" ଆଦି କବିତା ଗ୍ରନ୍ଥର ସବୁ କବିତାର କାବ୍ୟ ସ୍ୱରରେ ଆମେ କବିଙ୍କ ସ୍ୱଜୀବନାନୁଭୂତିକୁ ହିଁ ଉପଲବ୍ଧ କରିଥାଉ ।

"ଛୁରୀଟିଏ ଲୋଡ଼ା" - କବିତା ଗ୍ରନ୍ଥରେ - ଛୁରୀଟିଏ ଲୋଡ଼ା, ମୋ ବାଣୀ, ମୁକୁଳି ପଡେଗୋ, ଚାଳର ଘର, ବର୍ଷା ନାୟିକା, କୁହୁପ୍ରାସ, ପୌଷ ମଳୟ, ଆଗାମୀ, ସୁଦୂର ଜ୍ଞାନ, ଚିତ୍ରୋପଳା, ବ୍ୟଥାର ସାଧନା, ପ୍ରାଚୀନ ଆଦି କବିତା ତାଙ୍କ ଅନ୍ତର

ଆତ୍ମାକୁ ନାନାମତେ ପ୍ରକଟନ କରିଅଛି ।

କାଳିନ୍ଦୀଚରଣ ଙ୍କ "ମନେନାହିଁ" - କବିତା ଗ୍ରନ୍ଥଟି ତାଙ୍କ ଶୈଶବ ପ୍ରୀତିର ସ୍ମାରକ ଭାବେ ଦଣ୍ଡାୟମାନ । ଅତୀତ ପ୍ରୀତି ତାଙ୍କ କବିତ୍ୱର ଏକ ବଡଅଂଶ, ଯାହାର ରୂପାୟନରେ ଅଧିକ ଛଳଛଳ ହୋଇଛନ୍ତି ।

କାଳିନ୍ଦୀଚରଣ - ରେଭେନ୍ସା କଲେଜ ଛାତ୍ରଥିବା ସମୟରେ "ସବୁଜ କବିତା" - ସଂକଳନଟି ଏକ ଯୌଥ ଉଦ୍ୟମର ସାରସ୍ୱତ ନିର୍ଦ୍ଦେଶନ । ଅନ୍ନଦାଶଙ୍କର, ହରିହର, ବୈକୁଣ୍ଠନାଥ, ଶରତଚନ୍ଦ୍ର ଓ କାଳିନ୍ଦୀଚରଣ ପ୍ରମୁଖ ସବୁଜ କବିତାର ସ୍ରଷ୍ଟା - "ମୁକୁଳ" ଶିରୋନାମାରେ ସବୁଜ କବିତା ଗ୍ରନ୍ଥରେ ସ୍ଥାନୀତ ହୋଇଅଛି ।

କାଳିନ୍ଦୀଚରଣ ଙ୍କ "କ୍ଷଣିକସତ୍ୟ" - କବିତା ଗ୍ରନ୍ଥରେ କବିଙ୍କର ଏକ ଉଜ୍ଜ୍ୱଳ ଦୀପକୁ ପ୍ରକଟିତ କରିଅଛି । ଏହା ଏକ ପ୍ରଗତିଶୀଳ ଚେତନାର କବିତାଗ୍ରନ୍ଥ ।

କାଳିନ୍ଦୀଚରଣ ଙ୍କ "ମହାଦୀପ" - କବିତା ଗ୍ରନ୍ଥରେ ଅନେକ ଗୁଡିଏ କବିତା ପାଠକୀୟ ହୃଦୟସ୍ପର୍ଶୀ । ଏହା ପ୍ରଗତିବାଦୀ ଓ ପରିବର୍ତ୍ତନ ଚେତନାର ବାର୍ତ୍ତାବହ ଅଟେ ।

କବି କାଳିନ୍ଦୀଚରଣ କେବଳ ଜଣେ ବିପ୍ଳବୀ କବି ନଥିଲେ, ସେ ଥିଲେ ବିରହ-ମିଳନ, ପ୍ରେମ-କରୁଣାର ବିମୁଗ୍ଧ ଅଭିବ୍ୟକ୍ତର ଚିତ୍ରକାର । ତ୍ୟାଗର ବାସନା ପ୍ରେମକୁ ମହନୀୟତା ଆଣିଥାଏ, ଏହା ହିଁ ତାଙ୍କ କାବ୍ୟିକ ଶକ୍ତି ।

## ଔପନ୍ୟାସିକ କାଳିନ୍ଦୀଚରଣ -

କଥାକାର କାଳିନ୍ଦୀଚରଣ ଙ୍କ ଉଭୟେ ଗଳ୍ପ ଓ ଉପନ୍ୟାସ ସମଗ୍ର ଓଡିଆ ସାହିତ୍ୟରେ ବିଶେଷ୍ୟ ସ୍ୱୀକୃତି ଲାଭ କରିଅଛି । ଓଡିଆ ଗଳ୍ପ ସାହିତ୍ୟରେ ତାଙ୍କର "ମାଂସର ବିଳାପ" - ଗଳ୍ପଟି ଯେପରି ଅନନ୍ୟ ଠିକ୍ ସେହିପରି "ମାଟିର ମଣିଷ" - ଉପନ୍ୟାସଟି ସେହିପରି ଅନୁପମ । ୧୯୩୧ ମସିହାରେ କାଳିନ୍ଦୀଚରଣ ଙ୍କ "ମାଟିର ମଣିଷ" - ଉପନ୍ୟାସଟି ପ୍ରକାଶିତ ହୋଇଥିଲା । ତାଙ୍କର ଅନ୍ୟାନ୍ୟ ଉପନ୍ୟାସ ଗୁଡିକ - ଅମର ଚିତା (୧୯୩୩), ମୁକ୍ତାଗଡର କ୍ଷୁଧା (୧୯୩୨), ଲୁହାର ମଣିଷ (୧୯୫୬), ଆଜିର ମଣିଷ (୧୯୫୬) ।

"ମାଟିର ମଣିଷ" - ଉପନ୍ୟାସ ଗୋଟିଏ ପ୍ରକାରର ସାମାଜିକ ବିପ୍ଳବର ବାର୍ତ୍ତା ବହନ କରିଅଛି । ଜଣେ ସଂସାରୀ ମଧ୍ୟ ସନ୍ନ୍ୟାସୀ ପରି ବିଷୟ ପ୍ରତି ଅନାସକ୍ତ ହୋଇପାରେ । ଏହି ବିଷୟ ପ୍ରତି ଆସକ୍ତି ହିଁ ଆମ ଭିତରେ ସଂଘର୍ଷ ଓ ତିକ୍ତତାର ପ୍ରମୁଖ କାରଣ । ଆମେ ବିଷୟ ଭୋଗକରୁ, କିନ୍ତୁ ଅତ୍ୟାଧିକ ଆସକ୍ତି ଆମକୁ ମୋହଗ୍ରସ୍ତ ଓ ସ୍ନେହ ମମତା ପ୍ରତି ଆବଦ୍ଧ କରିଦିଏ । ସୁନ୍ଦର ପାରିବାରିକ ଜୀବନ ଯେଉଁ ତ୍ୟାଗ, ସ୍ନେହଶୀଳତା ଉପରେ ନିର୍ଭର କରେ, ସେହି ତ୍ୟାଗ ଓ ସ୍ନେହଶୀଳତାକୁ ବରଜୁ ଚରିତ୍ର ଜରିଆରେ ପ୍ରଦର୍ଶନ କରି କାଳିନ୍ଦୀଚରଣ - "ମାଟିର ମଣିଷ" - ଉପନ୍ୟାସକୁ ଏକ ଆଦର୍ଶ ଓ ମୂଲ୍ୟବୋଧର ଆଲେଖ୍ୟ କରିପାରିଛନ୍ତି ।

୧୯୩୧ ମସିହାରେ "ମାଟିର ମଣିଷ" - ଉପନ୍ୟାସ ପ୍ରଥମ ମୁଦ୍ରିତ ହୋଇଥିଲା ୧୯୦୭ ସୁଧା ଏହା ୩୨ ଥର ମୁଦ୍ରଣ ହୋଇଅଛି । ଦୀର୍ଘ ତିନି ଦଶନ୍ଧି ପରେ ୨୦୦୪ ମସିହାରେ କାଳିନ୍ଦୀଚରଣ ଙ୍କ ପୁତ୍ର - ତୁଷାର ରଞ୍ଜନ ପାଣିଗ୍ରାହୀ ଙ୍କ ଅନୁମତି ପରେ ଏହା ସଚିତ୍ର ସଂସ୍କରଣ ପ୍ରକାଶିତ ହୋଇଅଛି ।

ଏହି ଉପନ୍ୟାସ ଆଧାରରେ ୧୯୬୬ ମସିହାରେ "ମାଟିର ମଣିଷ" ନାମକ ଏକ କଥାଚିତ୍ର ନିର୍ମାଣ କରାଯାଇଥିଲା ଏବଂ ମୃଣାଳସେନ ଏହାର ନିର୍ଦ୍ଦେଶନା ଦେଇଥିଲେ ।

ଉପନ୍ୟାସ "ମାଟିର ମଣିଷ" ର ସାଂରାଶ - ଶ୍ୟାମପ୍ରଧାନ ର ଦୁଇପୁଅ - ବରଜୁ ବଡ, ଛକଡି ସାନ । ବରଜୁ ର ତିନିଝିଅ, ଗୋଟିଏ ପୁଅ । ବରଜୁ ଦାୟିତ୍ୱବାନ, କିନ୍ତୁ ଛକଡି ଫୁଲାଫାଙ୍କିଆ । ଛକଡି ର ବିବାହ ନେତ୍ରମଣି ସହିତ ହୋଇଥିଲା । ପ୍ରଧାନ ବୁଢା ଓ ବୁଢୀର ମୃତ୍ୟୁପରେ ଦୁଇ ଯାଆଙ୍କ ମଧ୍ୟରେ ଭୁଲ୍ ବୁଝାମଣା, ଦୁଇ ଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ସୃଷ୍ଟିକଲା । ମାମଲତକାର ହରି ମିଶ୍ର ମଧ୍ୟ ଛକଡି କୁ ଭାଇଠାରୁ ଅଲଗା ହେବାପାଇଁ ଉସୁକାଉଥିଲେ । କାରଣ ବରଜୁ ର ଗାଁ ଭଲମନ୍ଦରେ ନିଷ୍ପତ୍ତି ଯୋଗୁଁ ତାଙ୍କର ମାମଲତକାରୀ ବ୍ୟବସାୟ ବାଧାପ୍ରାପ୍ତ ହେଉଥିଲା । ନେତ୍ରମଣି ବି ଛକଡି କୁ ଭିନ୍ନେ କରିବାପାଇଁ ଖୁଣ୍ଟା ଦେଉଥିଲା । ଛକଡି କିନ୍ତୁ ଭାଇ - ବରଜ କୁ ଏକଥା କହିବାକୁ ଡରୁଥିଲା । ପ୍ରଧାନବୁଢା ମଲାବେଳେ ବରଜ କୁ କହିଯାଇଥିଲା ଭିନ୍ନେ ନହେବାପାଇଁ, ଘରେ ପାଚେରୀ ନ ଉଠାଇବା ପାଇଁ । ବରଜୁ ବହୁକଷ୍ଟରେ ହାରବୋହୂକୁ (ତା' ସ୍ତ୍ରୀ)କୁ ଝଗଡା ନ କରିବାପାଇଁ ବୁଝାଇବାରେ ସକ୍ଷମ ହୋଇଥିଲେ ବି ନେତ୍ରମଣି ଅଲଗା ହେବାପାଇଁ ଜିଦ୍ ଧରିଥିଲା । ଛକଡି - ହରି ମିଶ୍ରର ସାହାଯ୍ୟକୁ ନେଇ ଭିନ୍ନେ ହେବାପାଇଁ ବାହାରିଲା । ଶେଷରେ ବରଜୁ - ଛକଡି କୁ ସବୁ ସମ୍ପତ୍ତିର ମାଲିକାନା ଦେଇ ନିଜ ସ୍ତ୍ରୀ ପିଲାଙ୍କୁ ନେଇ ଗାଁ ଛାଡି ଚାଲିଗଲା । ଉପନ୍ୟାସ ଶେଷରେ ଛକଡି ପୁରୁଣା ଦିନସବୁ ଝୁରିଛି ଓ ଭାଇ ବରଜୁ ସହ ଯିବାପାଇଁ ବାହାରିଛି ।

"ମାଟିର ମଣିଷ" - ଉପନ୍ୟାସ ବିଷୟରେ କହିବାପାଇଁ ଯାଇ ଉପନ୍ୟାସର ଉତ୍ସର୍ଗ ପୃଷ୍ଠାରେ - କାଳିନ୍ଦୀଚରଣ ଲେଖିଛନ୍ତି -

ଦୁନିଆଁର ହାଟେ କୋଟି ହୀରାଲୀଳା ମଣି ମାଣିକର ତୁଲ
ମାଟିର ପିତୁଳା ଗଢି ରଖିଦେଲି କିଏ ପଚାରିବ ମୂଲ !

ଉପନ୍ୟାସ - "ମାଟିର ମଣିଷ" କୁ ଇଂରାଜୀରେ - ଲୀଳା ରାୟ - A House Undivided (୧୯୭୩)ରେ କରିଅଛନ୍ତି ।

## ଗାଳ୍ପିକ କାଳିନ୍ଦୀଚରଣ -

ପ୍ରାକ୍ ସ୍ୱାଧୀନତା କାଳୀନ କଥା ସାହିତ୍ୟରେ ଜଣେ ପ୍ରତିଭାବାନ ସ୍ରଷ୍ଟା ଭାବରେ ଯେପରି ପ୍ରତିଷ୍ଠିତ ଠିକ୍ ସେହିପରି ଜଣେ ଗାଳ୍ପିକ ଭାବରେ ପ୍ରସିଦ୍ଧ ଲାଭ କରିଅଛନ୍ତି । ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ କାଳିନ୍ଦୀଚରଣ ବେଶ୍ ସିଦ୍ଧିହସ୍ତ ।

କାଳିନ୍ଦୀଚରଣ ଙ୍କ ଗଳ୍ପଗୁଡିକ ମୁଖ୍ୟତଃ ୧୯୩୫-୧୯୪୭ ମଧ୍ୟରେ ପ୍ରକାଶିତ । "ମାଂସର ବିଳାପ", "ଶେଷରଶ୍ମୀ", "ଦ୍ୱାଦଶୀ", "ରାଶିଫଳ", "ସାଗରିକା", "ମୋ କଥାଟି ସରିନାହିଁ" ଆଦି ଗଳ୍ପଗ୍ରନ୍ଥ ।

## ମାଂସର ବିଳାପ -

କାଳନ୍ଦୀଚରଣ ଙ୍କ ଅନ୍ୟତମ ପ୍ରମୁଖ ଗଳ୍ପ - "ମାଂସର ବିଳାପ" - ସବୁଠାରୁ ଶକ୍ତିଶାଳୀ ଗଳ୍ପ । ଏହା ଆମ ଓଡିଆ ସାହିତ୍ୟ କାହିଁକି ଦେଶ, ବିଦେଶରେ ବହୁ ଭାଷାରେ ଅନୁବାଦ ହୋଇ ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟରେ ପ୍ରତିଷ୍ଠିତ ହୋଇପାରିଅଛି । କାଳିନ୍ଦୀଚରଣ ଙ୍କ "ମାଟିର ମଣିଷ" - ଉପନ୍ୟାସ ଭଳି "ମାଂସର ବିଳାପ" - ଗଳ୍ପଟିକୁ ଚଳଚ୍ଚିତ୍ରର ରୂପ ଦିଆଯାଇଅଛି । ସମଗ୍ର ଭାରତରେ ଏହାର ଲୋକପ୍ରିୟତା ଅର୍ଜନ କରିପାରିଅଛି । ଏହା କେବଳ ଭାରତୀୟ ସାହିତ୍ୟ କାହିଁକି ବିଶ୍ୱ ସାହିତ୍ୟରେ ଯେକୌଣସି ଉଚ୍ଚକୋଟୀର ଗଳ୍ପ ସହିତ ତୁଳନୀୟ । "ମାଂସର ବିଳାପ" - ଗଳ୍ପ ମଧ୍ୟ ଇଂରାଜୀ ଭାଷାରେ ଅନୁବାଦ ହୋଇଅଛି ।

"ମାଂସର ବିଳାପ" - ଗଳ୍ପର ଭାବଚେତନା, ମାନବୀୟ ଆଦର୍ଶ ପରିପ୍ରେକ୍ଷୀରେ ଅଧିକ ସୂକ୍ଷ୍ମ ଓ ସମ୍ବେଦନଶୀଳ । କାଳିନ୍ଦୀଚରଣ ଙ୍କ ଶିଳ୍ପୀ ଜୀବନର ଗଭୀର ମାନସିକତା ଏହି ଗଳ୍ପର ଆବେଦନାରେ ହିଁ ସତେ ଯେପରି ପିଣ୍ଡିତ ହୋଇଅଛି ।

ଗଳ୍ପଟି - ଗୋଟିଏ ଇଂରାଜୀ - ଗ୍ରେହାଉଣ୍ଡ କୁକୁର - "ଡୋରା ଓ ଜଲି" ବୋଲି ଗୋଟିଏ କୃଷ୍ଣସାର ମୃଗୁଣୀସାବକ ମଧ୍ୟରେ ନିବିଡ ପ୍ରେମର କଥା କୁହାଯାଇଅଛି । ପଶୁ ମଧ୍ୟରେ ଏତେ ସ୍ନେହ, ବନ୍ଧୁତା ଏତେ ନିବିଡ ମମତାବୋଧକୁ ଦେଖି ମଣିଷର ଆଖି ଲୋତକାପୁତ ହୁଏ, ଏହି ଗଳ୍ପର ଆବେଦନ ପାଠକ ଙ୍କ ହୃଦୟକୁ ଏତେ ଗଭୀର ଭାବରେ ସ୍ପର୍ଶକରେ ଯେ ପାଠକ ନକାନ୍ଦି ରହିପାରେ ନାହିଁ । ଜମିଦାର ବାବୁ ପାଳନକର୍ତ୍ତା ଭାବରେ ସମସ୍ତ ସ୍ନେହଶୀଳ ସମ୍ପର୍କ ଭୁଲି - କୃଷ୍ଣସାର ର ମାଂସ ଭକ୍ଷଣ ପାଇଁ ତାକୁ ଯେପରି ହତ୍ୟାକଲା, ଅନ୍ତତଃ ପଶୁହେଲେ ହେଁ ତା'ର ବନ୍ଧୁ ବିଦେଶୀ ଗ୍ରେହାଉଣ୍ଡ କୁକୁର "ଡୋରା" ପ୍ରତିବାଦ କରିଅଛି । କୁକୁର "ଜଲି" ର ମାଂସ ତ ଭକ୍ଷଣ କରିନାହିଁ ବରଂ ଭୟଙ୍କର ଚିତ୍କାରକରି ତା'ର ପ୍ରତିବାଦ କରିଅଛି । ପଶୁ ହେଲେ ମଧ୍ୟ କୁକୁର ନିକଟରେ ସ୍ନେହ ପ୍ରବଣତା ଓ ସମ୍ବୋଦନଶୀଳତା ଏକାନ୍ତ ଅନୁପମ, ଯାହା ସମ୍ଭ୍ରାନ୍ତ ଜମିଦାରଙ୍କ ହୃଦୟରେ ଏକାନ୍ତ ଦୁର୍ଲଭ । ଏହି ଗଳ୍ପଟି ମଣିଷର ହିଂସ୍ର ସ୍ୱଭାବ କିପରି ପ୍ରାଣୀଙ୍କ ଅପେକ୍ଷା ବି ଭୟଙ୍କର ଓ ବିକୃତି, ତାହା ହିଁ ପ୍ରମାଣ କରିଅଛି ।

କୁକୁର ପରି ପଶୁଟିଏ ଯଦି ବନ୍ଧୁତାକୁ ମୂଲ୍ୟବୋଧ ଦେଇପାରିଅଛି ଅଥଚ ମଣିଷ ସ୍ନେହରେ ପାଳିତ ପଶୁଟିକୁ ନିର୍ମମ ଭାବରେ ହତ୍ୟା କରିବାକୁ ଆଦୌ କୁଣ୍ଠିତ ହୋଇନାହିଁ - ଏହି ଚିତ୍ର ଅଙ୍କନକରି ଗାଳ୍ପିକ ଏକ ବିରୋଧି ଭାଷାର ହିଁ ସୂଚନା ଦେଇଅଛନ୍ତି । ମଣିଷ ଯେହେତୁ ଏକ ଉନ୍ନତ ପ୍ରାଣୀ ସେ ଅନ୍ୟାନ୍ୟ ଅନେକ ଇତର ପଶୁମାନଙ୍କ ଠାରୁ ଅଲଗା । ସେ ହେତୁ ମଣିଷଠାରୁ କ'ଣ କୋମଳ ଆଶାକରିବା ସ୍ୱାଭାବିକ୍ । ପଶୁ ହୁଏତ - ଇତରତା କାରଣରୁ ହିଂସ୍ର ଓ ନିଷ୍ଠୁର ହୋଇପାରେ, ମାତ୍ର "ମାଂସର ବିଳାପ" - ଗଳ୍ପରେ ଘଟିଛି ଠିକ୍ ତାହାର ଓଲଟା । ଆଚରଣରେ ପଶୁ କୋମଳ ହୋଇଛି, ମାତ୍ର ମଣିଷ ହୋଇଛି ନିଷ୍ଠୁର ।

## ପ୍ରାବନ୍ଧିକ କାଳିନ୍ଦୀଚରଣ -

କାଳିନ୍ଦୀଚରଣ ପାଣିଗ୍ରାହୀ - ଯେପରି ଜଣେ କବି, ଗାଳ୍ପିକ ଓ ଔପନ୍ୟାସିକ ଥିଲେ ଠିକ୍ ସେହିପରି ଜଣେ ସୃଷ୍ଟିଶାଳୀ ପ୍ରାବନ୍ଧିକ ଥିଲେ । ସେ କେବଳ ନିଜର ହୃଦୟ ସଂପ୍ରେରିତ ଆବେଗକୁ ତାଙ୍କର ଗଳ୍ପ ଓ କବିତାରେ ପ୍ରକାଶ କରିନାହାଁନ୍ତି ବରଂ ନିଜର ବୁଦ୍ଧି ଓ ବିଚାରକୁ ନାନା ଭାବରେ ନିଜର ପ୍ରବନ୍ଧାବଳୀରେ ପ୍ରକଟନ କରିଅଛନ୍ତି ।

ଓଡିଆ ପ୍ରବନ୍ଧ ସାହିତ୍ୟର ଉତ୍ତୋରଣ ଇତିହାସରେ ଅନନ୍ତପ୍ରେମ, ମହାସ୍ରୋତ, ଯୌବନର ପ୍ରତିଷ୍ଠା ଆଦି ଉନ୍ନତମାନର ପ୍ରବନ୍ଧ ପରି - "ତ୍ୟାଗ ଓ ପ୍ରେମ", "ସତ୍ୟ-ଶିବ-ସୁନ୍ଦର", "ବେଗ ହିଁ ଉନ୍ନତିର ଲକ୍ଷଣ", "ବିଶ୍ୱରୂପ ଦରଶନ" ଆଦି ପ୍ରବନ୍ଧ ଯଥେଷ୍ଟ ଲୋକପ୍ରିୟ ।

କାଳିନ୍ଦୀଚରଣ ଙ୍କ ପ୍ରବନ୍ଧଗୁଡିକ ମୁଖ୍ୟତଃ ଜଣେ ସାହିତ୍ୟିକ ଭାବରେ ଲେଖିଛନ୍ତି । ସମାଜବିଜ୍ଞାନୀ ଭାବରେ ନୁହେଁ, ସେଥିପାଇଁ ତାଙ୍କ ପ୍ରବନ୍ଧଗୁଡିକ ମୁଖ୍ୟତଃ ସାହିତ୍ୟିକ ତଥା କେତେକାଂଶରେ ସାହିତ୍ୟିକ ଙ୍କ ଜୀବନୀ ।

## ପ୍ରବନ୍ଧ - "ତ୍ୟାଗ ଓ ପ୍ରେମ" :

କାଳିନ୍ଦୀଚରଣ ତାଙ୍କ ପ୍ରବନ୍ଧ - "ତ୍ୟାଗ ଓ ପ୍ରେମ" ରେ - ପ୍ରେମର ସ୍ୱରୂପ ବିଷୟରେ ଆଲୋଚନା କରିଅଛନ୍ତି । ପ୍ରତିଟି ମଣିଷର ପ୍ରେମ ପାଶ୍ଚାତ୍ୟରେ ତ୍ୟାଗର ପ୍ରବଣତା ବିଦ୍ୟମାନ, ତ୍ୟାଗ ହିଁ ପ୍ରେମ ନୁହେଁ । ଆପଣାକୁ ଭଲପାଇ କେହି ଅନ୍ୟକୁ ପ୍ରେମ କରିପାରେନା । ଏହି ତ୍ୟାଗପ୍ଲୁତ ପ୍ରେମର ବହୁଚିତ୍ର "ତ୍ୟାଗ ଓ ପ୍ରେମ" - କାଳିନ୍ଦୀଚରଣ ପ୍ରଦାନ କରିଅଛନ୍ତି । ପିଆର ର ଜୀବନ କଥା ଭିତରେ ପ୍ରାବନ୍ଧିକ ତ୍ୟାଗ ଓ ପ୍ରେମର ଆପେକ୍ଷିକ ସମ୍ପର୍କକୁ ଆଲୋଚନା କରିଅଛନ୍ତି । ନାରୀ-ପୁରୁଷ କୁ କିପରି ଅସୀମ କରି ଦେଖିଛି ଓ ବିଶ୍ୱମୟ କରିପାରିଅଛି ଓ ନାରୀର ଅର୍ଘ୍ୟ ଏହି ତ୍ୟାଗ ଓ ପ୍ରେମ ରୂପରେ କିପରି ସୁବାସିତ ହୋଇପାରିଅଛି ତା'ର ମନୋଜ୍ଞ ବାଖ୍ୟା ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ କହିଛନ୍ତି ।

## ନାଟ୍ୟକାର ଓ ଏକାଙ୍କିକା କାର କାଳିନ୍ଦୀଚରଣ -

କଥାସମ୍ରାଟ କାଳିନ୍ଦୀଚରଣ ଙ୍କ ଲେଖନୀ ଥିଲା ଅଜସ୍ରସ୍ରାବୀ । ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଙ୍କ ପରି ପ୍ରତିଟି ସାହିତ୍ୟ ବିଭାଗରେ ଲେଖନୀ ଚାଳନା କରିଥିଲେ - କାଳିନ୍ଦୀଚରଣ ।

କାଳିନ୍ଦୀଚରଣ ଯେପରି ଜଣେ ଓଡିଆ ସାହିତ୍ୟରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ଭାବରେ ସ୍ୱୀକୃତି ଲାଭ କରିଛନ୍ତି, ସେହିପରି ଜଣେ ସଫଳ ନାଟ୍ୟକାର ଭାବରେ ପ୍ରତିଷ୍ଠା ରହିଅଛି ।

"ପ୍ରିୟଦର୍ଶୀ", "ସୌମ୍ୟା", "ପଦ୍ମିନୀ" - ପ୍ରଭୃତି ନାଟକ ରଚନାକରି କାଳିନ୍ଦୀଚରଣ - ଓଡିଆ ନାଟ୍ୟ ସାହିତ୍ୟରେ ନିଜର ସ୍ୱାକ୍ଷର ରଖିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

## ନାଟକ - "ପ୍ରିୟଦର୍ଶୀ" :

କାଳିନ୍ଦୀଚରଣ ଙ୍କ ଏକ ସଫଳ ଐତିହାସିକ ନାଟକ - "ପ୍ରିୟଦର୍ଶୀ" ରେ ଅଶୋକ ଙ୍କ ଜୀବନୀ ରୂପାୟିତ ହୋଇଥିବାରୁ, ଏହାକୁ ଏକ ରଚିତ ନାଟକ (Biographical Play) ବୋଲି କୁହାଯାଇପାରେ ।

ଗୌତମବୁଦ୍ଧ ଙ୍କ ଅହିଂସା ବାଣୀ - ପ୍ରଚାର କରିବାପାଇଁ ଅଶୋକ ଯେଉଁ ଉତ୍ସର୍ଗର ପରାକାଷ୍ଠା ପ୍ରଦାନ କରିଅଛନ୍ତି, ତାହା ହିଁ ନାଟକ - "ପ୍ରିୟଦର୍ଶୀ" ର ମୁଖ୍ୟ ବିଷୟବସ୍ତୁ । ଏହାଦ୍ୱାରା ରାଜା ଅଶୋକ ଙ୍କ ଆଦର୍ଶ ଓ ପ୍ରଜାପାଳନ ନୀତି ଉକ୍ତ ନାଟକରେ ସ୍ଥାନୀତ ହୋଇଅଛି ।

ଭାରତ ଇତିହାସରେ - ଗୌତମବୁଦ୍ଧ ଙ୍କ ବାଣୀ ପ୍ରଚାର କରିବାପାଇଁ ଶେଷରେ ଜଣେ ଦୁର୍ଦ୍ଧାନ୍ତ ରାଜା କିପରି ଏକାନ୍ତ ଆତ୍ମୋତ୍ସର୍ଗ କରି ଯାଇଛନ୍ତି, ତାହା ହିଁ ଏଠାରେ ନାଟକୀୟ ଭାବରେ ବିଷାଦ ଭାବରେ ବର୍ଣ୍ଣିତ ହୋଇଅଛି ।

ରାଧାଗୁପ୍ତ, ବାଣଭଟ୍ଟ, କୁନାଲ, ସଂଘମିତ୍ରା, ନିହାରିକା, ତୁଳସୀ, ଜୟପାଳ ଆଦି ଚରିତ୍ର ଏହି - "ପ୍ରିୟଦର୍ଶୀ" - ନାଟକରେ ପରିଲିଖିତ ହୋଇଅଛି ।

ଏହି ନାଟକର - ବିଷୟ ବିନ୍ୟାସ ମଧରେ ଭୟଙ୍କର କଳିଙ୍ଗ ଯୁଦ୍ଧର ଅବତାରଣା କରାଯାଇଛି । ସମୁଦାୟ ନାଟକ ଟିକୁ ପାଞ୍ଚଗୋଟି ଦୃଶ୍ୟରେ ବର୍ଣ୍ଣନା କରାଯାଇଅଛି ।

## ସମାଲୋଚକ କାଳିନ୍ଦୀଚରଣ -

କାଳିନ୍ଦୀଚରଣ ଓଡିଶାର ଜଣେ ବିଶିଷ୍ଟ ଭାବବାଦୀ ସମାଲୋଚକ, ନିଜର ସପ୍ରଶଂସ, ଆତ୍ମଭାବ ମୁଖ୍ୟତଃ ତାଙ୍କ ସମାଲୋଚନାରେ ପ୍ରକଟିତ ହୋଇଅଛି ।

କାଳିନ୍ଦୀଚରଣ ଜଣେ ସୃଜନଶୀଳ ସମାଲୋଚନା (Creative Criticism) ର ଲେଖକ ।

## ପ୍ରବନ୍ଧ ସାହିତ୍ୟ -

କାଳିନ୍ଦୀଚରଣ ଙ୍କ ସାହିତ୍ୟ ସମାଲୋଚନା ପ୍ରବନ୍ଧ ଅଧିକାଂଶରେ ଧାରଣାନିଷ୍ଠ । ଓଡିଆ ସାହିତ୍ୟର ପରମ୍ପରା, ଲାବଣ୍ୟବତୀରେ ଉପେନ୍ଦ୍ର ଭଞ୍ଜ, ଫକୀରମୋହନ ଙ୍କ ଚରିତ୍ର ଚିତ୍ରଣ, ହିନ୍ଦୀ ସାହିତ୍ୟର କଥାସମ୍ରାଟ ପ୍ରେମଚାନ୍ଦ, ତାମିଲ୍ ସାହିତ୍ୟର ଶ୍ରେଷ୍ଠକବି, ସାହିତ୍ୟରେ ବ୍ୟବସାୟ, ରବୀନ୍ଦ୍ର ସାହିତ୍ୟରେ ବିଶ୍ୱପ୍ରେମ ଇତ୍ୟାଦି ଅନେକ ସାହିତ୍ୟ ସମାଲୋଚନା ମୂଳକ ପ୍ରବନ୍ଧ କାଳିନ୍ଦୀଚରଣ ଙ୍କ ପ୍ରବନ୍ଧ ସାହିତ୍ୟ ଗ୍ରନ୍ଥରେ ସ୍ଥାନୀତ ହୋଇ ୧୯୬୦ ମସିହାରେ ପ୍ରକାଶିତ ହୋଇଅଛି । ଏହି ସାହିତ୍ୟ ସମାଲୋଚନା ମୂଳକ ପ୍ରବନ୍ଧଗୁଡିକ କାଳିନ୍ଦୀଚରଣ ଙ୍କ ସାହିତ୍ୟିକ ଅଭିରୁଚି, ସୌନ୍ଦର୍ଯ୍ୟ ଦୃଷ୍ଟି ଓ ବହୁ ଶାସ୍ତ୍ରଦର୍ଶିତାର ପ୍ରମାଣ, କାଳିନ୍ଦୀଚରଣ ଓଡିଆ ସାହିତ୍ୟ ବ୍ୟତିରେକେ ଅନ୍ୟାନ୍ୟ ଭାରତୀୟ ଭାଷାରେ ରଚିତ ସାହିତ୍ୟ ଗଠନ ପ୍ରତି ଅଧିକ ଆଗ୍ରହୀ ଥିଲେ ।

କାଳିନ୍ଦୀଚରଣ ଙ୍କ "ମଥୁରାମଙ୍ଗଳ ସମାଲୋଚନା" ତଥା ଭକ୍ତକବି ମଧୁସୂଦନ ଶୀର୍ଷକ ଦୁଇଗୋଟି ସାହିତ୍ୟ ଆଲୋଚନା ମୂଳକ ପ୍ରବନ୍ଧ ରଚନା କରିଅଛନ୍ତି ।

କାଳିନ୍ଦୀଚରଣ ଙ୍କ ଅନ୍ୟାନ୍ୟ ପ୍ରବନ୍ଧ - "ମଥୁରାମଙ୍ଗଳ", "ଫକୀରମୋହନ ଙ୍କ ଚରିତ୍ର ଚିତ୍ରଣ", "କାଳିନ୍ଦୀଚରଣ ଙ୍କ ସାମୟିକ ସାହିତ୍ୟ ସମୀକ୍ଷା" ଆଦି ପ୍ରବନ୍ଧ ପୁସ୍ତକ କାଳଜୟୀ ଅଟେ ।

## ଆତ୍ମଜୀବନୀକାର କାଳିନ୍ଦୀଚରଣ -

ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରି କାଳିନ୍ଦୀଚରଣ ପାଣିଗ୍ରାହୀ - ଜଣେ କାଳଜୟୀ ସାହିତ୍ୟିକ ଭାବରେ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ସାମ୍ପ୍ରତିକ କାଳରେ ଓଡିଆ ସାହିତ୍ୟରେ ଜୀବନୀ ଓ ଆତ୍ମଜୀବନୀ ପୁସ୍ତକ ବେଶ୍ ଉପଲବ୍ଧ । ଦିଗଦ୍ରଷ୍ଟା କାଳିନ୍ଦୀଚରଣ - ସେଥିପାଇଁ ରଚନା କରିଯାଇଛନ୍ତି ତାଙ୍କ ଜୀବନର ଅମୂଲ୍ୟ ସ୍ମୃତି - ସୁନ୍ଦର ସଂକଳନ ଆତ୍ମଜୀବନୀ - "ଅଙ୍ଗେ ଯାହା ନିଭାଇଛି" ।

କାଳିନ୍ଦୀଚରଣ ଙ୍କ ଜୀବନର ଅନେକ ଅକୁହା କଥା ଯାହା ସିଏ ଅଙ୍ଗେ ନିଭାଇଛନ୍ତି, ଏହି ଗ୍ରନ୍ଥରେ ପ୍ରକାଶ ପାଇଅଛି । ତାଙ୍କ ନିଜର ଅନ୍ତରଙ୍ଗ ଭାବ-ଭାଷା ଓ ଶୈଳୀରେ ।

୧୯୦୧ ରୁ ୧୯୭୨ ଦୀର୍ଘ ୭୧ ବର୍ଷର ଜୀବନଯାତ୍ରାର ଘଟଣାକ୍ରମକୁ ଆତ୍ମଜୀବନୀକାର କାଳିନ୍ଦୀଚରଣ ତାଙ୍କର ଆତ୍ମଜୀବନୀରେ ବର୍ଣ୍ଣନା କରିଅଛନ୍ତି ।

ଜଣେ ସଚ୍ଚାକବି ବା କଳାକାର, ପ୍ରଜ୍ଞା ଓ ସୁନ୍ଦର ପ୍ରେମିକ ହୋଇଥାନ୍ତି । ପ୍ରଜ୍ଞା ମଣିଷକୁ ସମ୍ପୁନତବୋଧ ଓ ଅନୁଭବ ଆଡେ ନେଇଯାଏ । ସୁନ୍ଦର ମଣିଷ ସ୍ୱପ୍ନ ଓ ସୃଜନଶୀଳତାକୁ ଆହୁରି ମାର୍ମିକ କରିଥାଏ । କାଳିନ୍ଦୀଚରଣ ଙ୍କ ସମଗ୍ର ବ୍ୟକ୍ତିତ୍ୱଟି ଛଳଛଳ ଓ ଆବେଗନିଷ୍ଠା । ସାହିତ୍ୟ ଥିଲା ତାଙ୍କ ଜୀବନର ସ୍ୱପ୍ନ ।

ଏହି ଆତ୍ମଜୀବନୀ ପ୍ରଥମେ - "କଳନା" - ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇ ଆସୁଥିଲା, କ୍ରମେ ଏହା ପୁସ୍ତକର ଆକାର ନେଲା । କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀ କୁ ଆପଣା ଜୀବନର ମଧୁମୟ ଦିନ ସବୁର ଏକ ସ୍ମୃତିଗ୍ରନ୍ଥ କରି ପରିବେଷଣ କରିଅଛନ୍ତି ।

ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ - କେନ୍ଦ୍ର ସାହିତ୍ୟ ଏକାଡେମୀ ଫେଲୋ (ବୃହତ୍ତର ସଦସ୍ୟ) ତାଙ୍କର ସାମଗ୍ରୀକ ସୃଷ୍ଟିପାଇଁ ଏହା ତାଙ୍କୁ ପ୍ରଦାନ କରାଯାଇଥିଲା । ଭାରତ ସରକାର ଙ୍କ ସର୍ବୋଚ୍ଚ ସାରସ୍ୱତ ଅନୁଷ୍ଠାନ - ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ

ପ୍ରାଚୀନ ଓ ନବୀନ ଉଭୟ ଶ୍ରେଣୀର ଶ୍ରେଷ୍ଠ ସାହିତ୍ୟିକ ଭାବରେ ସତ୍ୟବାଦୀ ଯୁଗଠାରୁ ଅଦ୍ୟାବଧି କାଳିନ୍ଦୀଚରଣ ସାହିତ୍ୟ ସାଧନାରତ ଓ ପ୍ରଶଂସା ତଥା ବହୁ ଯଶର ଅଧିକାରୀ ।

୧୯୭୧ ମସିହାରେ - ଭାରତ ସରକାର ଙ୍କ ମହାମହିମ ରାଷ୍ଟ୍ରପତି - କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କୁ ଭାରତୀୟ ନାଗରିକ ସମ୍ମାନ "ପଦ୍ମଭୂଷଣ" ଉପାଧିରେ ଭୂଷିତ କରିଅଛନ୍ତି । ଜଣେ ସାହିତ୍ୟିକ ଭାବରେ ତାଙ୍କର ଓଡିଆ ସାହିତ୍ୟ ସର୍ବୋପରି ଭାରତୀୟ ସାହିତ୍ୟକୁ ଅବଦାନ ପାଇଁ ଏ ସମ୍ମାନର ଅଧିକାରୀ ସେ ଅଟନ୍ତି ।

କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ ସମଗ୍ର ସାରସ୍ୱତ କୃତିକୁ ସମ୍ମାନ ପ୍ରଦର୍ଶନ ପୂର୍ବକ - ସମ୍ବଲପୁର ବିଶ୍ୱବିଦ୍ୟାଳୟ (୧୯୭୬) ମସିହାରେ ତାଙ୍କ ସମଗ୍ର ସାହିତ୍ୟିକ ସୃଷ୍ଟିକୁ ନେଇ ସମ୍ମାନସୂଚକ ଡକ୍ଟରେଟ୍ / ଡକ୍ଟର ଅଫ୍ ଲିଟରେଚର (ଡି.ଲିଟ୍.) ଡିଗ୍ରୀ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡିଶାର ମହାମହିମ ରାଜ୍ୟପାଳ ପ୍ରଦାନ କରିଅଛନ୍ତି ।

ବାସ୍ତବିକ୍ କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତ୍ତୋରଣ ବିଶେଷ ଭାବରେ ପ୍ରାକ୍-ସ୍ୱାଧିନତା ଓ ସ୍ୱାଧିନତାତ୍ତୋର ଉଭୟର ଯୁଗ୍ମ ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏଭଳି ଭାଗ୍ୟ ଖୁବ୍‌କମ୍ ସାହିତ୍ୟିକ ଙ୍କ ଜୀବନରେ ଆସିଥାଏ ।

କାଳର କରାଳ ଚକ୍ରରେ କାଳିନ୍ଦୀଚରଣ ପାଣିଗ୍ରାହୀ - ୧୫ମେ ୧୯୯୧ ମସିହାରେ ୯୦ ବର୍ଷ ବୟସରେ ଦେହତ୍ୟାଗ କରିଲେ ସତ କିନ୍ତୁ ତାଙ୍କ ସାରସ୍ୱତ ପ୍ରତିଭା ଓଡିଆ ସାହିତ୍ୟ ବଞ୍ଚିଥିଲା ପର୍ଯ୍ୟନ୍ତ ଅମର ହୋଇ ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ

# ଓଡ଼ିଆ ସାହିତ୍ୟ ର କାଳଜୟୀ ସ୍ରଷ୍ଟା ଗୋପିନାଥ ମହାନ୍ତି

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର କାଳଜୟୀ ସ୍ରଷ୍ଟା

## ଗୋପିନାଥ ମହାନ୍ତି

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଭାରତୀୟ ସାହିତ୍ୟର ସର୍ବୋଚ୍ଚ ସାରସ୍ୱତ ସମ୍ମାନ - ଜ୍ଞାନପୀଠ ପୁରସ୍କାର । ଓଡିଶାର ପ୍ରଥମ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ସାହିତ୍ୟିକ - ଗୋପିନାଥ ମହାନ୍ତି । ସେ ଓଡିଆ ସାହିତ୍ୟର ବିଶିଷ୍ଟ ଔପନ୍ୟାସିକ ଥିଲେ । ଗୋପିନାଥ - ୨୦ ଏପ୍ରିଲ୍, ୧୯୧୪ ମସିହାରେ କଟକର ନାଗବଳୀ ଠାରେ ଜନ୍ମଗ୍ରହଣ କରିଥିଲେ । ବିଚକ୍ଷଣ ପ୍ରତିଭା ସମ୍ପନ୍ନ ଗୋପିନାଥ ବାଲ୍ୟକାଳରୁ ସାହିତ୍ୟ ରୁଚିଥିବା ଜଣାଯାଇଥିଲା । ଦେବୀନଦୀ କୂଳର ଛୋଟଗାଁ - ନାଗାବଳୀ ଗାଉଁଲି ପରିବେଶରେ ଗୋପିନାଥ ବଢି ଓଡିଶାର ଐତିହାସିକ ରେଭେନ୍ସା କଲେଜରୁ ବି.ଏ. ପରେ ପାଟଣା ବିଶ୍ୱବିଦ୍ୟାଳୟରୁ ୧୯୩୬ ମସିହାରେ ଏମ୍.ଏ. ଡିଗ୍ରୀ ହାସଲ କରିଥିଲେ ।

୧୯୩୮ ମସିହାରେ ଗୋପିନାଥ - ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.) ଅଫସିର ଭାବରେ ଓଡିଶାରେ ଯୋଗଦେଇ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ - ଜଣେ ପ୍ରଶାସକ ଭାବରେ । ତାଙ୍କର କର୍ମମୟ ଜୀବନର ଅର୍ଦ୍ଧାଧିକ କାଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ କଟିଥିଲା । ସେ କାଳର ସାଧାରଣ ଲୋକ, ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିର ଗାଉଁଲି, ସରଳ, ନିରଳସ ଜୀବନ ଧାରଣା ଆଦି ତାଙ୍କ ମନ ଭିତରେ ଗଭୀର ରେଖାପାତ କରୁଥିଲା । ସହଜେ ତ ସେ ଜଣେ ପ୍ରଶାସକ ଭାବରେ ଲୋକମାନଙ୍କର ନିକଟତର ହେଉଥିଲେ । ତାଙ୍କର ଅକୁହା ମନର ବେଦନା କଲମ ଚାଳନାରେ ରୂପାନ୍ତରିତ ହୋଇଥିଲା ।

ଗୋପିନାଥ ଙ୍କ ଲେଖାରେ ଓଡିଆ ଚଳନି, ସମତଳ ଓ ପାହାଡି ଜୀବନର କାହାଣୀ, ସାଧାରଣ ମଣିଷର କଥାଭାଷା ଆଦିର ବ୍ୟବହାର ଦେଖିବାକୁ ମିଳିଥାଏ । ତାଙ୍କର ରଚନାରେ ବିଶେଷତଃ ଆଦିବାସୀ ଜୀବନଚାର୍ଯ୍ୟ ଓ ସେମାନଙ୍କ ଉପରେ ଆଧୁନିକତାର ଅତ୍ୟାଚାରକୁ ନେଇ ତାଙ୍କର ଲେଖାମାନ ଓଡିଆ ତଥା ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ପ୍ରକାଶିତ ହୋଇଅଛି ।

ଗୋପିନାଥ - ଆଦିବାସୀଙ୍କ ଜୀବନଯାପନକୁ ବହୁତ ନିକଟରୁ ନିରୀକ୍ଷଣ କରିଥିଲେ, ଯାହା ତାଙ୍କ ରଚନା ଗୁଡିକରୁ ଅନୁମେୟ । ତାଙ୍କର ଲେଖାଗୁଡିକ ସ୍ୱାଧିନତା ପରବର୍ତ୍ତୀ । ତାଙ୍କରି ସୃଜନୀଶୀଳ ଜୀବନୀ ମଧ୍ୟରେ ଗୋପିନାଥ ୨୪ ଗୋଟି ଉପନ୍ୟାସ, ୧୦ ଗୋଟି କ୍ଷୁଦ୍ରଗଳ୍ପ, ୩ ଗୋଟି ନାଟକ, ୨ ଗୋଟି ଜୀବନୀ, ୨ଟି ନିବନ୍ଧ, କନ୍ଧ, ଗଡବା ଓ ସଉରା ଙ୍କ ଉପରେ ୫ ଗୋଟି ବହି ଲେଖିଥିଲେ । ଲିଓ ଟଲଷ୍ଟୟ ଙ୍କ "ଉଆର ଆଣ୍ଡ ପିସ୍" କୁ ଓଡିଆରେ ଅନୁବାଦ କରିଥିଲେ - "ଯୁଦ୍ଧ ଓ ଶାନ୍ତି" - ୩ ଖଣ୍ଡ - ୧୯୮୫-୮୬ ମଧ୍ୟରେ । ତାଙ୍କର ଆହୁରି ଏକ ଅନୁବାଦ ପୁସ୍ତକ ଥିଲା - ରବୀନ୍ଦ୍ରନାଥ ଠାକୁର ଙ୍କ "ଯୋଗାଯୋଗ" ୧୯୬୫ ମସିହାରେ । ପାଞ୍ଚଗୋଟି ଗଳ୍ପକୁ ନେଇ ୧୯୫୬ ମସିହାରେ ତାଙ୍କ ରଚିତ ଏକ ଗଳ୍ପ ସଂକଳନ - "ଛାଇ ଆଲୁଅ" ଓ ପରେ ଅନ୍ୟ ପାଞ୍ଚଗୋଟି ଗଳ୍ପକୁ ମିଶାଇ "ଛାଇ ଆଲୁଅ" ର ପରବର୍ତ୍ତୀ ସଂସ୍କରଣ ୧୯୯୨ ମସିହାରେ ପ୍ରକାଶିତ ହୋଇଥିଲା, ମାତ୍ର ଠିକ୍ ତା'ର ବର୍ଷକ ପୂର୍ବରୁ ଗୋପିନାଥ ଙ୍କର ଦେହାନ୍ତ ହୋଇ ଯାଇଥିଲା ।

ଗୋପିନାଥ କର୍ମମୟ ଜୀବନରୁ ୧୯୬୯ ମସିହାରୁ ପ୍ରଶାସନିକ ସେବାରୁ ଅବସର ନେବାପରେ - ଉତ୍କଳ ବିଶ୍ୱବିଦ୍ୟାଳୟରେ - ୟୁଜିସିର ଡିଷ୍ଟିଙ୍ଗୁଇସ୍ ଭିଜିଟିଙ୍ଗ ପ୍ରଫେସର ଭାବରେ ଓ ଦୁଇବର୍ଷ ରାଇଟର ଇନ୍ ରେସିଡେନ୍ସ ଭାବରେ କାର୍ଯ୍ୟ କରୁଥିଲେ । ତା'ପରେ ୧୯୮୬ ମସିହାରେ ଗୋପିନାଥ - ଆମେରିକାର ସାନ ଜୋସ୍ ଷ୍ଟେଟ୍ ୟୁନିଭରସିଟିରେ ସମାଜବିଜ୍ଞାନ (ସୋସିଓଲୋଜି) ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ । ତାଙ୍କର ଶେଷ ଜୀବନ ସେହିଠାରେ ହିଁ କଟିଥିଲା ।

ଗୋପିନାଥ ଙ୍କ ସାରସ୍ୱତ ଯାତ୍ରୀ, ମାତ୍ର ୨୯ ବର୍ଷ ବୟସରେ ବହୁଚର୍ଚ୍ଚିତ ପୁସ୍ତକ - "ପରଜା" ଲେଖିବା ସମ୍ପୂର୍ଣ୍ଣ କରି ଓଡିଆ ସାହିତ୍ୟ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ । ତା'ର ମାତ୍ର ୪ ବର୍ଷ ପରେ - "ଅମୃତର ସନ୍ତାନ" ରଚନା କରିଥିଲେ । ଏହି ଦୁଇ ପୁସ୍ତକ - ପରଜା ଓ ଅମୃତର ସନ୍ତାନ ତାଙ୍କ ସୃଜନଶୀଳ ସାହିତ୍ୟର ମୁକ୍ତା ସଦୃଶ୍ୟ ଗୋପିନାଥ ମହାନ୍ତି ଙ୍କ ସୃଷ୍ଟି ସମ୍ଭାରରେ ଆଦିବାସୀ ଜନଜୀବନର ଚିତ୍ର ନିଖୁଣ ଭାବରେ ପ୍ରତିଫଳିତ । କେବଳ ଆଦିବାସୀ ନୁହଁନ୍ତି - ସମାଜର ତଳସ୍ତରର ସମସ୍ୟାକୁ ଚମତ୍କାର ଭାବରେ ଗୋପିନାଥ ଚିତ୍ରଣ କରିଛନ୍ତି ।

ଗୋପିନାଥ ଙ୍କର ଚାରିଗୋଟି ଓଡିଆ ଉପନ୍ୟାସ - "ପରଜା", "ଦାନାପାଣି", "ଲୟବିଲୟ", "ଦାଦିବୁଢା" ଇଂରାଜୀ ଭାଷାରେ ଅନୁବାଦିତ ହୋଇ ଭାରତୀୟ ସାହିତ୍ୟ କାହିଁକି ବିଶ୍ୱ ସାହିତ୍ୟରେ ମଧ୍ୟ ପ୍ରତିଫଳିତ ହୋଇଅଛି । ତାଙ୍କର ଅନେକଗୁଡିଏ ଗଳ୍ପ ମଧ୍ୟ ଇଂରାଜୀ ଭାଷା, ସଂସ୍କୃତ ଭାଷା ସହ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇ ଭାରତୀୟ ସାହିତ୍ୟରେ ପ୍ରତିଫଳିତ ହୋଇ ପାରିଅଛି । ତାଳପତ୍ର ପୋଥିରେ ସେ ଅନେକ ବିରହ ରଚନା ଛାଡି ଯାଇଛନ୍ତି । ସେ କରିଥିବା ଆଦିବାସୀଙ୍କ ଉପରେ ଅଧ୍ୟୟନର ଆଲେଖ୍ୟ ଓ କଥା - ଆଧୁନିକତାର ଇଲେକ୍ଟ୍ରୋନିସ୍ 'କ୍ୟାସେଟ୍' ରେ ଉପଲବ୍ଧ ଅଛି ।

### ଗୋପିନାଥ ମହାନ୍ତି ଙ୍କ ରଚନାବଳୀ -

ଗୋପିନାଥ ଙ୍କର ଚାରିଗୋଟି ଉପନ୍ୟାସକୁ ଇଂରାଜୀ ସାହିତ୍ୟରେ ଅନୁବାଦ କରିଥିଲେ - ବିକ୍ରମ କେଶରୀ ଦାସ । ସେ ଉପନ୍ୟାସ ଗୁଡିକ ପରଜା, ଦାନାପାଣି ଓ ଲୟବିଲୟ ତଥା ଦାଦିବୁଢା ଉପନ୍ୟାସ ଟିକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ

- ଅରୁଣ କୁମାର ମହାନ୍ତି । ଫେବର ଆଣ୍ଡ ଫେବର (ୟୁ.କେ.) ଓ ଅକ୍ସଫୋର୍ଡ ୟୁନିଭରସିଟି ପ୍ରେସ୍ (ଭାରତ) ଦ୍ୱାରା ୧୯୮୭ ରେ "ପରଜା" ଉପନ୍ୟାସ ପ୍ରକାଶ ପାଇଥିଲା । ଗୋପିନାଥ ଙ୍କର ଅନେକ ଗଳ୍ପମଧ ଇଂରାଜୀରେ ପ୍ରକାଶ ପାଇଥିଲା ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇଛି । ତେବେ ନିରୁତା ଓଡିଆ ଭାଷାର ବ୍ୟବହାରରେ ବଳିଷ୍ଠ ତାଙ୍କ ଲେଖାକୁ ଅନୁବାଦ କରିବାବେଳେ ଅନୁବାଦକ ମାନଙ୍କୁ ତାଙ୍କ ଲେଖାର ସେହି ଭାବକୁ ଅଣ-ଓଡିଆ ପାଠକମାନଙ୍କ ପାଖରେ ପହଞ୍ଚାଇବାକୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡିଅଛି

**ଉପନ୍ୟାସ -**

ମନ ଗଭୀର ଚାଷ (୧୯୪୦ ପ୍ରକାଶିତ ତାଙ୍କ ପ୍ରଥମ ଉପନ୍ୟାସ)
ଦାଦାବୁଢ଼ି (୧୯୪୪)
ପରଜା (୧୯୪୫)
ଅମୃତର ସନ୍ତାନ (୧୯୪୭)
(ଏହି ଉପନ୍ୟାସ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କରାଇଥିଲା - ୧୯୫୫ ମସିହାରେ)
ହରିଜନ (୧୯୪୮)
ଶରତବାବୁ ଙ୍କ ଗଳି (୧୯୫୦)
ରାହୁର ଛାୟା (୧୯୫୨)
ଦୁଇପତ୍ର (୧୯୫୪)
ସପନମାଟି (୧୯୫୪)
ଦାନାପାଣି (୧୯୫୫) - ଏହି ଉପନ୍ୟାସ ତାଙ୍କୁ ପ୍ରସିଦ୍ଧ ଦେଇଥିଲା ।
ଶିବଭାଇ (୧୯୫୫)
ଅପହଞ୍ଚ (୧୯୬୧)
ଲୟବିଲୟ (୧୯୬୧)
ତାନ୍ତ୍ରୀକର (୧୯୬୩)
ମାଟିମଟାଳ (୧୯୬୪) - ଏହା ତାଙ୍କର କାଳଜୟୀ ଉପନ୍ୟାସ ।
ପାହାନ୍ତା (୧୯୭୦)
ଆକାଶ ସୁନ୍ଦରୀ (୧୯୭୨)
ଅନଳନନ୍ଦ (୧୯୭୩)
ମନର ନିଆଁ ଓ ଚିଲପୁରୀ (୧୯୭୯)
ଦିଗଦିହୁଡ଼ି (୧୯୭୯)
ବୁନ୍ଦାଏ ପାଣି (୧୯୮୮)
କିଛି କହିବାକୁ ଚାହେଁ (୧୯୮୯)
ଜନକାମା (୧୯୮୯)
ମେରିଆ (୧୯୮୯)

**ଗଳ୍ପ -**

ଗୋପିନାଥ ମହାନ୍ତି - ଓଡିଆ ସାହିତ୍ୟର ଉପନ୍ୟାସରେ ସିଦ୍ଧହସ୍ତ ଥିଲେ ମଧ ତାଙ୍କର ଗଳ୍ପଗୁଡିକ ପାଠକ ଙ୍କ ହୃଦୟସ୍ପର୍ଶୀ ହୋଇ ପାରିଅଛି ।

ଘାସରଫୁଲ (୧୯୫୧)
ପୋଡାକପାଳ (୧୯୫୧)
ନବବଧୂ (୧୯୫୨)
ଛାଇଆଲୁଅ (୧୯୫୬)
ରଣଧନ୍ଦୋଳ (୧୯୬୩)
ଗୁପ୍ତଚାଙ୍ଗୀ (୧୯୬୭)
ନା ମନେନାହିଁ (୧୯୬୮)
ଉଡନ୍ତା ଖଇ (୧୯୭୧)
ବାଘୋଇ ଶରଶଯ୍ୟା ତିନିକାଳ

**ଆତ୍ମଜୀବନୀ -**

ଗୋପିନାଥ - ତାଙ୍କ ଆତ୍ମଜୀବନୀ - "ଶ୍ରେତ ଶ୍ୱାତୀ" ପୁସ୍ତକରେ (୪ଟି ଭାଗରେ) ନିଜ ଜୀବନର ଅକୁହା କାହାଣୀମାନ ଉପସ୍ଥାପନା କରିଅଛନ୍ତି ।

**ଜୀବନୀ -**

ଗୋପିନାଥ ତିନିଗୋଟି ଜୀବନୀ ପୁସ୍ତକ ରଚନା କରିଛନ୍ତି -

ଦୀପଜ୍ୟୋତି (୧୯୬୫)

ଉତ୍କଳମଣି (୧୯୬୭)

ଧୂଳିମାଟି ସନ୍ଥ (ଗୋପବନ୍ଧୁ ଚୌଧୁରୀ) (୧୯୮୫)

**ନାଟକ -**

ଗୋପିନାଥ - ଓଡିଆ ସାହିତ୍ୟର ପ୍ରାୟତଃ ସମସ୍ତ ବିଭାଗରେ ନିଜର କଲମ ଚାଳନା କରିଅଛନ୍ତି । ସେ ତିନିଗୋଟି ନାଟକ ମଧ୍ୟ ଲେଖିଥିଲେ -

ମୁକ୍ତିପଥେ (୧୯୩୭)

ଦିନ ଦ୍ୱିପହର (୧୯୩୭)

ମହାପୁରୁଷ (୧୯୮୫)

**ପ୍ରବନ୍ଧ -**

ଓଡିଆ ପ୍ରବନ୍ଧ ସାହିତ୍ୟରେ ମଧ୍ୟ ଗୋପିନାଥ ଙ୍କର ସ୍ୱାକ୍ଷର ରହିଥିଲା -

ପ୍ରେମର ନିୟତି (୧୯୪୭)

କଳାଶକ୍ତି (୧୯୭୩)

**ଅନୁବାଦ -**

ଅନୁବାଦ ସାହିତ୍ୟରେ ମଧ୍ୟ ଗୋପିନାଥ ସିଦ୍ଧିହସ୍ତ ଥିଲେ । ଅନ୍ୟଭାଷାର ସାହିତ୍ୟକୁ ସେ ଓଡିଆ ଭାଷାରେ ଅନୁବାଦ କରିଅଛନ୍ତି । ସେହି ପୁସ୍ତକଗୁଡିକ ମଧ୍ୟରେ -

ଭାରତ ଆଜି ଓ କାଲି - (India Today and Tomorrow)

ବୁଝାମନ - (Eight Stories from European Literature)

ଯୋଗାଯୋଗ - (ରବୀନ୍ଦ୍ରନାଥ ଠାକୁର ଙ୍କ ଉପନ୍ୟାସ)

କଥା ଭାରତୀ - (ବଙ୍କିମ ଚନ୍ଦ୍ର ଚାଟ୍ଟାର୍ଜୀ ଙ୍କ ଉପନ୍ୟାସ)

ଯୁଦ୍ଧ ଓ ଶାନ୍ତି (୩ଟି ଭାଗ) - (ଲିଓ ଟଲଷ୍ଟୟ ଙ୍କ ଉପନ୍ୟାସ)

ମୋ ବିଶ୍ୱବିଦ୍ୟାଳୟ - (ମାଇଁ ୟୁନିଭରସିଟି - ଗର୍କି)

ପ୍ରସିଦ୍ଧ ରୁଷୀୟ ଲେଖକ - ଲିଓ ଟଲଷ୍ଟୟ ଙ୍କ ବହି - "War and Peace" ର ଓଡିଆ ଅନୁବାଦ - "ଯୁଦ୍ଧ ଓ ଶାନ୍ତି" ତିନୋଟି ଭାଗରେ ଅନୁବାଦ କରିଥିଲେ ।

**ଭାଷାଭିତ୍ତିକ -**

ଗୋପିନାଥ - ଭାଷା ଆଧାରିତ ଅନେକ ପୁସ୍ତକ ମଧ୍ୟ ରଚନା କରିଥିଲେ, ଯାହା ତାଙ୍କୁ ପାଠକୀୟ ମାନଙ୍କ ନିକଟରେ ଖୁବ୍ ପରିଚିତ କରାଇଥିଲା - ବିଭିନ୍ନ ଭାଷାଭାଷୀ ଲୋକମାନଙ୍କ ଦ୍ୱାରା । ସେ ପୁସ୍ତକ ମଧ୍ୟରେ -

ଗଦବା ଭାଷା ପରିଚୟ (୧୯୫୯)

କୁଭି କନ୍ଧ ଭାଷାତତ୍ତ୍ୱ (୧୯୫୬)

କୁଭିଲେ କୁଟିନେବି ପନତୁ (୧୯୫୬)

କନ୍ଧ ପରଜୀ ସ୍ରୋତ ଓ ସଙ୍ଗୀତ (୧୯୫୭)

ସଉରା ଭାଷା (୧୯୭୮)

ଏ ସମସ୍ତ ଭାଷାଭିତ୍ତିକ ପୁସ୍ତକ ମୁଖ୍ୟତଃ ଆଦିବାସୀ ଉପରେ ପର୍ଯ୍ୟବେସିତ । ଯେତେବେଳେ ଗୋପିନାଥ - ଜଣେ ପ୍ରଶାସକ ଭାବରେ ଆଦିବାସୀ ଅଧୁଷିତ ଜିଲ୍ଲାରେ କାର୍ଯ୍ୟ କରୁଥିଲେ ସେତେବେଳେ ସେ ଲୋକମାନଙ୍କର ଜୀବନ ଓ ଜୀବିକା କୁ ନେଇ ଏ ପୁସ୍ତକମାନ ରଚନା କରିଛନ୍ତି ।

**ଗୋପିନାଥ ଙ୍କ ବହୁଚର୍ଚ୍ଚିତ ଉପନ୍ୟାସ - "ପରଜା" -**

ଗୋପିନାଥ ଙ୍କ ଉପନ୍ୟାସ - "ପରଜା" ଓଡିଆ ସାହିତ୍ୟର ଉପନ୍ୟାସ ଜଗତରେ କାହିଁକି ଭାରତୀୟ ସାହିତ୍ୟ

ଉପନ୍ୟାସ ଜଗତରେ ଏକ ଅଭିଜାତ ଅଭିବ୍ୟକ୍ତି । ଏହା ବିଭିନ୍ନ ଭାରତୀୟ ଭାଷା ତଥା ଇଂରାଜୀରେ ଅନୁବାଦ ହୋଇ - ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟରେ ଗୋପିନାଥ ଙ୍କୁ ପ୍ରସିଦ୍ଧ ଆଣି ଦେଇଥିଲା । ଇଂରାଜୀରେ ଏହାକୁ ଅନୁବାଦ କରିଛନ୍ତି - ପ୍ରଫେସର ବିକ୍ରମ ଦାସ । ଏହାର ପ୍ରଥମ ପ୍ରକାଶ ସମୟରେ - ଗୋପିନାଥ ଯୁବକ ଥିଲେ । ଏହି ଉପନ୍ୟାସ ଭିତରକୁ ଭେଦକଲେ ଲାଗେ ସତେଯେପରି ତରୁଣକବି - ଗୋପିନାଥ ଙ୍କ ଆଗ୍ନେୟ ଅନୁଭବର ଅନୁପମ ଆଲେଖ୍ୟ ।

ଉପନ୍ୟାସର ଚରିତ୍ର - ଅବିଭକ୍ତ କୋରାପୁଟ ଜିଲ୍ଲାର ଘଞ୍ଚଜଙ୍ଗଲ ଭିତରେ ଜୀବନ ବଞ୍ଚୁଥିବାବେଳେ ସରଳ ଅଥଚ ସଂଗ୍ରାମୀ ପରଜା ଜନଜାତିର ମଣିଷ ଏହାର ମୁଖ୍ୟ ଚରିତ୍ର ସୁକୁଜାନୀ

ବର୍ଣ୍ଣିତ ପରିବେଶ - ଡଙ୍ଗର-ଟାଙ୍ଗର, ପାହାଡ-ପର୍ବତ, ଝୋଲା-ଝରଣୀ, ଜାତି-ଜାତି, ପଶୁ-ପକ୍ଷୀ, ସରୀସୃପ ଓ ଗଛ-ଲତାରେ ପ୍ରାଣବନ୍ତ ଧରିତ୍ରୀ ଏଠାରେ ମୁଖ୍ୟବର୍ଣ୍ଣିତ ପରିବେଶ, ଏଥିରେ ସୁକୁଜାନୀ ବିଷୟରେ ଆଲୋଚନା କରିଛନ୍ତି ।

କାହାଣୀ - ସେହି ମଣିଷମାନଙ୍କ ଧର୍ମ-ବିଶ୍ୱାସ, ରୀତି-ନୀତି, ଆଚାର-ବିଚାର, ପ୍ରେମ-ପ୍ରତାରଣା, ମିତ୍ରତା-ଶତ୍ରୁତା, ଦୋଷ-ଅନୁରାଗ, ବିଶ୍ୱାସ-ଅବିଶ୍ୱାସ, ସଭ୍ୟ ଓ ମୂର୍ଖଧାରୀ ମଣିଷମାନଙ୍କ ଦ୍ୱାରା ପ୍ରତାରିତ ସ୍ୱପ୍ନ, ବର୍ତ୍ତମାନ ଓ ତଜ୍ଜନିତ ପ୍ରତିବାଦ ଓ ଅବସାଦ - ଏହାର ମୁଖ୍ୟ ବିଷୟବସ୍ତୁ ।

ଏହା ଓଡିଆ ଉପନ୍ୟାସ ଜଗତରେ ପାଠକୀୟ ଉଚ୍ଚସ୍ତରୀୟ ସ୍ୱୀକୃତି ଲାଭ କରିଅଛି ।

## ଗୋପିନାଥ ମହାନ୍ତି ଙ୍କ କାଳଜୟୀ ସୃଷ୍ଟି - "ମାଟିମଟାଳ" - ଏକ ବିସ୍ମୟ

ଔପନ୍ୟାସିକ ଗୋପିନାଥ ମହାନ୍ତି ଙ୍କର କାଳଜୟୀ ସୃଷ୍ଟି ୧୯୬୪ ମସିହାର ଉପନ୍ୟାସ - "ମାଟିମଟାଳ" - ଭାରତବର୍ଷର ସର୍ବଶ୍ରେଷ୍ଠ ସାହିତ୍ୟିକ ପୁରସ୍କାର - ଜ୍ଞାନପୀଠ ପୁରସ୍କାର ୧୯୭୩ ମସିହାରେ ପାଇଥିଲେ । ଏହି ପୁରସ୍କାର ଗୋପିନାଥ ଙ୍କୁ ଜଣେ ବିଶିଷ୍ଟ ଭାରତୀୟ ସାହିତ୍ୟିକ ଭାବରେ ପ୍ରତିଷ୍ଠା ଦେଇଥିଲା ।

ଶାଶ୍ୱତ ମୂଲ୍ୟବୋଧ ସହିତ ପ୍ରତିଟି ଚରିତ୍ରକୁ ଅମୃତର ସନ୍ତାନ ଭାବରେ ଚିତ୍ରଣକରି "ବସୁଦେବ କୁଟୁମ୍ବକମ୍" ମନ୍ତ୍ରକୁ ଆପଣାଇ ନେବା ସ୍ରଷ୍ଟା - ଗୋପିନାଥ ଙ୍କ ସୃଷ୍ଟି - "ମାଟିମଟାଳ" ର ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ।

ସମବାୟ ଭିତ୍ତିକ ଅର୍ଥନୀତି ଓ ଗୋଷ୍ଠୀ କୃଷିକୁ ଆଧାରକରି ୧୯୫୨ ମସିହାରେ ଜମିଦାରୀ ଉଚ୍ଛେଦ ପରେ - ଏହି ଉପନ୍ୟାସ ଓଡିଆ ପାଠକ ମହଲରେ ଏକ ବିସ୍ମୟ । ୧୯୫୧ ରୁ ଆରମ୍ଭ ୧୯୬୪ ମସିହାରେ ଶେଷ ଦୀର୍ଘ ୧୩ ବର୍ଷଧରି ୯୬୪ ପୃଷ୍ଠା ସମ୍ବଳିତ - "ମାଟିମଟାଳ" ଉପନ୍ୟାସର ଦୁଇବର୍ଷର କାଳଖଣ୍ଡର ଗ୍ରାମ୍ୟ ଚରିତ୍ର ଓ ପରିବେଶ ବର୍ଣ୍ଣନା ମାଧ୍ୟମରେ କଥାଶିଳ୍ପୀ - ଗୋପିନାଥ ଉପନ୍ୟାସର ନାୟକ ଓ ନାୟିକା ରବି ତଥା ଛବି କୁ - ସେବା, ତ୍ୟାଗ, ପ୍ରେମ, ମାନବିକତା ଉତ୍ସର୍ଗ ଓ ସମ୍ପ୍ରତିର ପ୍ରତୀକ ଭାବରେ ଉପସ୍ଥାପନା କରିଅଛନ୍ତି, ଯାହାକି ଉପନ୍ୟାସର ୧ମ ପୃଷ୍ଠାରୁ ୭୫୦ ପୃଷ୍ଠା ମଣ୍ଡିତ ।

ସେହିପରି ଉପନ୍ୟାସରେ ୭୫୧ ପୃଷ୍ଠାରୁ ୯୦୧ ପୃଷ୍ଠା ପର୍ଯ୍ୟନ୍ତ ବର୍ଣ୍ଣିତ ବନ୍ୟା, ବିଭୀଷିକା ଓ କରାଳ ଚିତ୍ର ଅତ୍ୟନ୍ତ ବାସ୍ତବବାଦୀ ଓ ଚମତ୍କାର ।

ଶତାଧିକ ଚରିତ୍ର ଓ ଚିତ୍ର ମାଧ୍ୟମରେ ଏହି ଉପନ୍ୟାସ ଶେଷରେ ଏକ ସଂକ୍ଷିପ୍ତ ହୃଦୟସ୍ପର୍ଶୀ ଓ ଉପସଂହାର ରେ ଶେଷ ହୋଇଥିବାବେଳେ ୧୯୦ ଶବ୍ଦ ବିଶିଷ୍ଟ ୨୦ ଧାଡିଆ ବାକ୍ୟରେ ଆରମ୍ଭ ହୋଇଅଛି ।

ଆଶାବାଦ ଓ ନୂତନ ସମ୍ଭାବନାର ପୂଜାରୀ ଲେଖକ ଗୋପିନାଥ ଙ୍କ - "ମାଟିମଟାଳ" ମାଧ୍ୟମରେ ତାଙ୍କର ସମ୍ପ୍ରସାରିତ ବିଶ୍ୱଦୃଷ୍ଟିକୁ ପାଠକ ସମ୍ମୁଖରେ ତୋଳି ଧରିଛନ୍ତି ।

ଗୋପିନାଥ ମହାନ୍ତି ହେଉଛନ୍ତି - ଓଡିଶାର ପ୍ରଥମ ସମ୍ମାନଜନକ ଜ୍ଞାନପୀଠ ଓ ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା । ୧୯୫୫ ମସିହାରେ ନିଜର ଉପନ୍ୟାସ - "ଅମୃତର ସନ୍ତାନ" ୧୯୪୭ ମସିହାର ଲେଖାପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ୧୯୭୦ ରେ ସୋଭିଏତ୍ ଲ୍ୟାଣ୍ଡ ନେହ୍ରୁ ପୁରସ୍କାର ପାଇଥିଲେ । ୧୯୭୩ ମସିହାରେ ଉପନ୍ୟାସ - "ମାଟିମଟାଳ" ପାଇଁ ଭାରତର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଜ୍ଞାନପୀଠ ପୁରସ୍କାର ପାଇଥିବା, ସେ ଥିଲେ - ପ୍ରଥମ ଓଡିଆ, ୧୯୭୯ ମସିହାରେ ସର୍ଜନାଶୀଳ ଲେଖାପାଇଁ ୟୁଜିସି ତରଫରୁ ଫିଲୋସୋପି ପାଇଥିଲେ ।

୧୯୯୩ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ଓଡିଆ ସାହିତ୍ୟ ପ୍ରତି ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନୀତ କରିଥିଲା । ଭାରତର ନାଗରିକ ସମ୍ମାନ - "ପଦ୍ମଭୂଷଣ" ପ୍ରଦାନ କରାଯାଇଥିଲା ୧୯୮୧ ମସିହାରେ ତାଙ୍କର ସାମଗ୍ରିକ ସାହିତ୍ୟ କୃତିପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଙ୍କର ସାରସ୍ୱତ କୃତିକୁ ଆଧାରକରି ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ ୧୯୭୬ ମସିହାରେ ।

କାଳଜୟୀ ସାହିତ୍ୟ ସୃଷ୍ଟିରେ ସ୍ରଷ୍ଟା - ଗୋପିନାଥ ଭୁଲି ଯାଇନଥିଲେ ନିଜର କର୍ମମୟ ଜୀବନ ପ୍ରଶାସକର । ଜଣେ ସୁଦକ୍ଷ ପ୍ରଶାସକ ଭାବରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଭାବରେ କାମ କରିବା ସହିତ ଭାରତ ସରକାର ତଥା ଓଡିଶା ସରକାର ଙ୍କ ବିଭିନ୍ନ ପଦ ଓ ପଦବୀରେ କାର୍ଯ୍ୟକରି ଜନସାଧାରଣଙ୍କର ଆସ୍ଥାଭାଜନ ହୋଇ ପାରିଥିଲେ ।

ସାହିତ୍ୟିକ ତଥା ପ୍ରଶାସକ - ଗୋପିନାଥ ମଧ୍ୟ ନିଜର ପରିବାରକୁ ଭୁଲି ପାରିନଥିଲେ । ତାଙ୍କର ବଡଭାଇ - କାହ୍ନୁଚରଣ ମହାନ୍ତି ଜଣେ ସାହିତ୍ୟିକ, ପୁତୁରା - ଗୁରୁପ୍ରସାଦ ମହାନ୍ତି ତଥା ପୁଅ - ଓଁକାରନାଥ ମହାନ୍ତି ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱର ଅଧିକାରୀ

ଜନ୍ମ ମାତ୍ରେ ମୃତ୍ୟୁ ହିଁ ଧୃବସତ୍ୟ - ଏ ମହିମଣ୍ଡଳରେ ସେଥିରୁ ବା ବାଦ୍ ପଡିଥାନ୍ତେ ଗୋପିନାଥ ମହାନ୍ତି କିପରି ? ୨୦ ଅଗଷ୍ଟ, ୧୯୯୧ ମସିହାରେ ତାଙ୍କର ଦେହାନ୍ତ - ସେ ଅବସ୍ଥାନ କରୁଥିବା ଆମେରିକାରେ ହୋଇଥିଲା । ତାଙ୍କ ପାର୍ଥୀବ ଶରୀର ପଞ୍ଚଭୂତରେ ଲୀନ ହୋଇଗଲା ସତ, ମାତ୍ର ସେ ସୃଷ୍ଟିକରି ଯାଇଥିବା କାଳଜୟୀ ରଚନା ଯୋଗୁଁ ଓଡିଆ ଜାତି ତଥା ଓଡିଆ ସାହିତ୍ୟରେ, ସେ ଚିରକାଳ ଅମର ହୋଇ ରହିଛନ୍ତି ଓ ରହିଥିବେ ।

# ଓଡିଆ ସାହିତ୍ୟ ର ଅମ୍ଳାନ ସାଧକ ପ୍ରଫେସର ଚିତ୍ତରଞ୍ଜନ ଦାସ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଅମ୍ଳାନ ସାଧକ
# ପ୍ରଫେସର ଚିତ୍ତରଞ୍ଜନ ଦାସ

ପ୍ରଫେସର ଡକ୍ଟର ସୁବାଷ ନାୟକ

ଓଡିଆ ସାହିତ୍ୟରେ - ଚିତ୍ତରଞ୍ଜନ ଦାସ ଙ୍କୁ ସମସ୍ତେ ଚିତ୍ତ ଭାଇ ଭାବରେ ଜାଣନ୍ତି । ଅଭିବ୍ୟକ୍ତ କଟକ ଜିଲ୍ଲାର ବାଗଲପୁର (ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ) ୩ ଅକ୍ଟୋବର, ୧୯୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ।

ଜଣେ ଲେଖକ, ଅନୁବାଦକ, ସମାଲୋଚକ ଭାବରେ ଓଡିଆ ସାହିତ୍ୟରେ ସେ ପରିଚିତ ଥିଲେ । ଅନେକ ଭାଷାରେ ଦକ୍ଷଲ ଥିବା ସତ୍ତ୍ୱେ ମାତୃଭାଷା - ଓଡିଆ ଭାଷାରେ ଲେଖିବାପାଇଁ ସେ ବ୍ୟାକୁଳ ଥିଲେ । ତାହା ସହିତ ସେ ଜଣେ ସମାଜ ସଂସ୍କାରକ ଥିଲେ, ଏକ ନୂତନ ସମାଜର ପରିକଳ୍ପନା ପାଇଁ ଅନେକ ଅନୁଷ୍ଠାନ ଗଢିଥିଲେ ।

ଚିତ୍ତରଞ୍ଜନ ଙ୍କ, ବାପା ଥିଲେ - ଖୁସାଲି ଚରଣ ଓ ମା' - ହୀରାମଣି । ପାଞ୍ଚଭାଇ ଓ ତିନି ଭଉଣୀଙ୍କ ମଧ୍ୟରେ ସେ ଥିଲେ ତୃତୀୟ । ଗାଁ - ବାଗଲପୁର ସ୍କୁଲରେ ଶିକ୍ଷା ସାରିବାପରେ ପୁନଙ୍ଗ ସ୍କୁଲ, କଟକର ରାଣୀହାଟ ହାଇସ୍କୁଲ, ରେଭେନ୍ସା କଲିଜିଏଟ୍ ସ୍କୁଲ ଓ ପରେ ଉଚ୍ଚଶିକ୍ଷା ପାଇଁ ରେଭେନ୍ସା କଲେଜରେ ପାଠ ପଢିଥିଲେ । ପରେପରେ କଲିକତାସ୍ଥ ଶାନ୍ତି ନିକେତନ - ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ପରିଶେଷରେ ଡେନମାର୍କର କୋପନହେଗନ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ଧରିଥିଲେ, ସେ ଜଣେ ପ୍ରଜ୍ଞା ପୁରୁଷ ଥିଲେ ।

ଦେଶପ୍ରାଣ ଚିତ୍ତରଞ୍ଜନ ଯୁବାବସ୍ଥାରେ - ମହାତ୍ମାଗାନ୍ଧୀ ଙ୍କ ଆହ୍ୱାନରେ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଇଂରେଜଙ୍କ ଆକ୍ରୋଶର ଶିକାର ହୋଇ କଟକ ଓ ବାଙ୍ଗାଲୋର ଜେଲ୍‌ରେ ଅଢେଇ ବର୍ଷକାଳ ବନ୍ଦୀହୋଇ ରହିଥିଲେ ।

୧୯୫୪ ମସିହାରେ - ଚିତ୍ତରଞ୍ଜନ ଓଡିଶା ଫେରିଆସି ସେହିବର୍ଷ - ମାଳତୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀ ଙ୍କ ଉଦ୍ୟମରେ ଚମ୍ପାତିମୁଣ୍ଡା ଠାରେ ପ୍ରତିଷ୍ଠିତ ଜୀବନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ପରେ ସେ ପ୍ରଧାନଶିକ୍ଷକ ହୋଇଥିଲେ । ଏହା ଏକ ଅଲଗା ପ୍ରକାରର ସ୍କୁଲଥିଲା । ତାହାଥିଲା - ଗାନ୍ଧିଜୀ ଙ୍କ ମୌଳିକ ଶିକ୍ଷାର ଏକ ପ୍ରୟୋଗଶାଳା । ଶିକ୍ଷାର୍ଥୀମାନଙ୍କୁ ସ୍ୱାଧିନ ଭାବରେ ବଞ୍ଚିବା ଏବଂ ଜୀବନ ଗଢିବା ପାଇଁ ବାଟ ଦେଖାଇବାର ଚେଷ୍ଟା ଏଠାରେ କରାଯାଉଥିଲା । ସେଠାରେ ସେ ମାତ୍ର ଚାରିବର୍ଷ ରହି ଆଗ୍ରା ପଳାଇ ଯାଇଥିଲେ ।

୧୯୭୩ ମସିହାରେ - ଚିତ୍ତରଞ୍ଜନ ପୁନଶ୍ଚ ଓଡିଶା ଆସି ଭୁବନେଶ୍ୱରସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରିଲେ, ସେଠାରେ ସେ ମଧ୍ୟ ଅଧିକ ଦିନ ରହି ପାରିନଥିଲେ, ତାଙ୍କ ପାଇଁ ସମଗ୍ର ପୃଥିବୀ ଘର, ମଣିଷଙ୍କର ଗୋଟିଏ ଭାଷା ଓ ଗୋଟିଏ ବିଚାର । ସେ ଅନେକ ଭାଷା ଜାଣିଥିଲେ - ହିନ୍ଦୀ, ଉର୍ଦ୍ଦୁ, ବଙ୍ଗଳା, କନ୍ନଡ, ଅହମୀୟା, ସଂସ୍କୃତ, ଡେନିସ୍, ଫିନିସ୍, ସ୍ୱେନିସ୍, ଜର୍ମାନୀ, ଇଂରାଜୀ ଆଦି ଭାଷାରେ ସେ କଥପୋକଥନ ମଧ୍ୟ କରୁଥିଲେ ।

ଚିତ୍ତରଞ୍ଜନ - ଦର୍ଶନ, ମନୋବିଜ୍ଞାନ, ମାନବ ବିଦ୍ୟା, ସମାଜ ବିଜ୍ଞାନ, ଧର୍ମଶାସ୍ତ୍ର, ତର୍କଶାସ୍ତ୍ର, ଭାଷା, ଗଣିତ, ଇତିହାସ, ଭୂଗୋଳ ଓ ସାହିତ୍ୟ ଆଦି ଅନେକ ବିଷୟରେ ଦକ୍ଷଥିଲେ । ସେ ଦୁଇଶହରୁ ଅଧିକ ବହି ଲେଖିଛନ୍ତି ବା ଅନୁବାଦ କରିଅଛନ୍ତି । ଶ୍ରୀ ଅରବିନ୍ଦ ଓ ଶ୍ରୀ ମା'ଙ୍କ ରଚନା ସବୁର ଓଡିଆ ଅନୁବାଦ - ଚିତ୍ତରଞ୍ଜନ ଙ୍କ ଏକ ବିଶେଷ୍ୟ କୃତି ।

ଓଡିଶାର ଦୈନିକ ଓଡିଆ ଖବରକାଗଜ - ଧରିତ୍ରୀ, ପ୍ରଗତିବାଦୀ, ସମ୍ବାଦ, ସମାଜ ଆଦି ସମ୍ବାଦପତ୍ରରେ ସେ ଜଣେ ନିୟମିତ ସ୍ତମ୍ଭକାର ଥିଲେ । ଏସବୁ ଗୁଡିକରୁ ଅନେକ ଲେଖା ସଂକଳିତ ହୋଇ ବହି ଆକାରରେ ପ୍ରକାଶ ପାଇଅଛି । ଚିତ୍ତରଞ୍ଜନ ଙ୍କ - ସୃଜନୀର ପ୍ରଥମ ସୃଷ୍ଟି ହେଲା - ମହାତ୍ମା ସକ୍ରେଟିସ୍, ରେଭେନ୍ସା କଲିଜିଏଟ୍ ସ୍କୁଲର ପତ୍ରିକା "ଛାତ୍ରବନ୍ଧୁ" ରେ ୧୯୩୭ ମସିହାରେ ଏହା ପ୍ରକାଶିତ ହୋଇଥିଲା ।

## ଚିତ୍ତରଞ୍ଜନ ଙ୍କ ରଚନାବଳୀ -

ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ପ୍ରଜ୍ଞାଚିତ - ଚିତ୍ତରଞ୍ଜନ ନିଜର କଲମ ଚାଳନା କରିଥିଲେ । ସେଥିମଧ୍ୟରୁ -

### ପ୍ରବନ୍ଧ -

ଜୀବନ ବିଦ୍ୟାଳୟ
ଜଙ୍ଗଲ ଚିଠି
ଶିଳା ଓ ଶାଳଗ୍ରାମ
ତରଙ୍ଗ-ତଡିତ
ଜାତିରେ ମୁଁ ଯବାନ
ସମାଜ - ପରିବର୍ତ୍ତନ ଓ ବିକାଶ
ସଂସ୍କୃତି ଓ ଓଡିଶା

ଓଡ଼ିଶା ଓ ଓଡ଼ିଆ
ଏକଲବ୍ୟ ଓ ଅନ୍ୟାନ୍ୟ ପ୍ରବନ୍ଧ
ଶିଳାତୀର୍ଥ
ମା' ନିଷାଦ
ନଖଦର୍ପଣେନ
ପଶ୍ୟତି ଦଶଦିଶି
ରୋହିତ ର ଡାଏରୀ
ନେତା ଓ ନାରାୟଣ
ବିଶ୍ୱକୁ ଗବାକ୍ଷ
ଗାନ୍ଧୀ ଗୋପବନ୍ଧୁ

ଆଦି ଓଡ଼ିଆ ସାହିତ୍ୟର ଏକ ଏକ ଅମୂଲ୍ୟ ସୃଷ୍ଟି ।

**ଅନୁବାଦ -**

ପ୍ରଜ୍ଞପୁରୁଷ ଚିତ୍ତରଞ୍ଜନ - ଅନେକ ଭାଷାରେ ପାରଙ୍ଗମ ଥିଲେ । ସେଥିପ୍ରତି ଅନ୍ୟଭାଷା ବିଶେଷତଃ ଭାରତୀୟ ଭାଷା ଓ ବିଶ୍ୱର ଭାଷାରୁ ଅନେକ ପୁସ୍ତକ କୁ ସେ ନିଜର ମାତୃଭାଷା - ଓଡ଼ିଆରେ ଅନୁବାଦ କରିଥିଲେ ।

ଦିବ୍ୟଜୀବନ (୩ ଖଣ୍ଡ) - ଶ୍ରୀ ଅରବିନ୍ଦ ଙ୍କ "Life Divine" ର ଅନୁବାଦ ।
ଡେନମାର୍କ ଚିଠି - ଡେନମାର୍କ ଉପରେ ଲେଖା ।
ଦାନିସ ବହି - "The Pligrim Kamanita" ର ଅନୁବାଦ ।
ସେଣ୍ଟ-ଏକ୍ସୁପେରୀ ଙ୍କ ଇଂରାଜୀ ବହି - "The Little Prince" ର ଓଡ଼ିଆ ଅନୁବାଦ ।
ଜିବ୍ରାନ ଙ୍କ ଇଂରାଜୀ ବହି - "The Prophet" ର ଓଡ଼ିଆ ଅନୁବାଦ ।
ପାସ୍ତେର୍ଣ୍ଣାକ ଙ୍କ ଇଂରାଜୀ ବହି - "Doctorzhivago" ର ଓଡ଼ିଆ ଅନୁବାଦ ।

ଏହାସହ ସେ ଆଶାପୂର୍ଣ୍ଣା ଦେବୀ -

ଆଲବର୍ଟ ସ୍ୱେଟଜର, ଫ୍ରାଙ୍କୋଇସ୍ ମଉରିଆକ୍, ବେରିଅର ଅଲବିନ୍, ମହାତ୍ମାଗାନ୍ଧୀ, ସର୍ବପଲ୍ଲୀ ରାଧାକୃଷ୍ଣନ୍ ଓ ମାର୍ଟିନ ଲୁଥର କିଙ୍ଗ ଆଦି ଅନେକ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ଲେଖାକୁ ଓଡ଼ିଆରେ ଅନୁବାଦ କରିଥିଲେ, ଯାହାକି ଓଡ଼ିଶା ପ୍ରଦେଶ ସହ ଭାରତବର୍ଷ ତଥା ବିଶ୍ୱରେ ଥିବା କୋଟିକୋଟି ଓଡ଼ିଆପ୍ରେମୀ ତଥା ସାହିତ୍ୟିକ ଙ୍କୁ ପ୍ରଭାବିତ କରିଥିଲା ।

ପ୍ରଜ୍ଞାପୁରୁଷ ଚିତ୍ତରଞ୍ଜନ ଦାସ ଙ୍କ ସାରସ୍ୱତ କୃତିକୁ ଅନେକ ସ୍ୱୀକୃତି ସହ ସମ୍ମାନ ମଧ୍ୟ ମିଳିଥିଲା ।

ପୁସ୍ତକ - "ଜୀବନ ବିଦ୍ୟାଳୟ" ପାଇଁ ୧୯୬୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ।

ତାଙ୍କର ପ୍ରବନ୍ଧ ପୁସ୍ତକ - "ବିଶ୍ୱକୁ ଗବାକ୍ଷ" ପାଇଁ ୧୯୯୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ।

"ଓଡ଼ିଶା ଓ ଓଡ଼ିଆ" ପୁସ୍ତକ ପାଇଁ ୧୯୮୯ ମସିହାରେ ମର୍ଯ୍ୟାଦାବନ୍ତ -

ସାରଳା ପୁରସ୍କାର
ସାହିତ୍ୟ ଭାରତୀ ସମ୍ମାନ
ପ୍ରଜାତନ୍ତ୍ର ବିଷୁବ ପୁରସ୍କାର ।

ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - "ଉତ୍କଳ ସାହିତ୍ୟ ସମାଜ" ର ସର୍ବୋଚ୍ଚ ସମ୍ମାନ "ଉତ୍କଳରତ୍ନ" ୨୦୦୨ ମସିହାରେ - ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସ ଙ୍କୁ ଦିଆଯାଇଥିଲା ।

ଓଡ଼ିଆ ସାହିତ୍ୟର ଜଣେ ଅଗ୍ରଣୀ ସାହିତ୍ୟିକ - ପ୍ରଫେସର ଗୌରାଙ୍ଗ ଚରଣ ଦାଶ ଙ୍କ ସମ୍ପାଦିତ ପୁସ୍ତକ - "ଚିତ୍ତାୟନ" ରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ମାନଙ୍କ ଦୃଷ୍ଟିରେ ଚିତ୍ତରଞ୍ଜନ ଦାସ ଙ୍କ ଜୀବନୀ ଓ ସୃଜନୀ ସ୍ଥାନୀତ ପାଇଅଛି ।

**ଧନେଶ୍ୱର ସାହୁ ଙ୍କ କଲମରେ - ଚିତ୍ତରଞ୍ଜନ ଙ୍କ ଜୀବନ ଓ ଦର୍ଶନ :**

ଜୀବନ ଓ ଦର୍ଶନ ଏହି ଭିତ୍ତିଭୂମି ଉପରେ - ଚିତ୍ତରଞ୍ଜନ ଙ୍କୁ ବିଚାର କଲାବେଳେ ତାଙ୍କ ଦୃଷ୍ଟିଭଙ୍ଗୀର କେତେକ ବୈଶିଷ୍ଟ୍ୟ ଦୃଷ୍ଟିକୁ ଆସିଥାଏ । ସେ ବିଦ୍ୟାର୍ଥୀ ଭାବରେ ଶାନ୍ତି ନିକେତନର - ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟୟନ କରିବାର ଅବକାଶ ପାଇଛନ୍ତି ଓ ଜୀବନବ୍ୟାପି ଜଣେ ଦର୍ଶନ ପ୍ରତି ଅଙ୍ଗୀକୃତ ଅନୁରାଗ ରଖିଛନ୍ତି । ଦାର୍ଶନିକ ଜିଜ୍ଞାସାରେ ଅନୁପ୍ରାଣିତ ହୋଇ ଜ୍ଞାନ ରାଜ୍ୟର କେତେକେତେ କ୍ଷେତ୍ର ଭିତରେ ପ୍ରବେଶ କରିଅଛନ୍ତି - ମନସ୍ତତ୍ତ୍ୱ, ନୃତତ୍ତ୍ୱ, ସମାଜଶାସ୍ତ୍ର, ସାହିତ୍ୟ ପ୍ରତି ବୌଦ୍ଧିକ କ୍ଷେତ୍ରଗୁଡ଼ିକ ପ୍ରତି ଆକୃଷ୍ଟ ହୋଇଛନ୍ତି ଓ ସେ ସବୁ କ୍ଷେତ୍ରରେ ମଧ୍ୟ କେତେ ଗହନ ଭିତରକୁ ପ୍ରବେଶ କରିଅଛନ୍ତି, ଜୀବନବ୍ୟାପି ବୌଦ୍ଧିକ ଅନୁସନ୍ଧିତ୍ସା ଭିତରେ ନିଜ ଅଧ୍ୟୟନର ଦିଗନ୍ତକୁ କେତେ ବିସ୍ତାର କରିପାରିଛନ୍ତି । ତାଙ୍କ ଲେଖାଗୁଡ଼ିକ ଭିତରେ ଯେଉଁ ଗଭୀର ଅନୁଶୀଳନାତ୍ମକ ଜୀବନଦୃଷ୍ଟିର ଝଲକ ଦେଖିବାକୁ ମିଳିଥାଏ, ତାହା ତାଙ୍କର ବୌଦ୍ଧିକ ଦିଗନ୍ତର ପରିଚୟ ଦିଏ । ଜଣେ ଦାର୍ଶନିକର ଅନୁସନ୍ଧିତ୍ସା ଓ

ଜ୍ଞାନାନୁରାଗ ତାଙ୍କ ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ସ୍ୱାଧିନତା ଆନ୍ଦୋଳନ ଭିତରୁ ଯାଇ ସେ ଶାନ୍ତି ନିକେତନ - ବିଶ୍ୱଭାରତୀ ରେ କେତେଟି ବର୍ଷ ଅଧ୍ୟୟନ କରିବା ଫଳରେ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ଙ୍କ ଜୀବନ ଦର୍ଶନ ଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ ହୋଇଛନ୍ତି । ଅବଶ୍ୟ ସେ - ରବୀନ୍ଦ୍ରନାଥ ଙ୍କୁ ସଶରୀରେ ଦେଖିନାହାଁନ୍ତି, ମାତ୍ର ବୌଦ୍ଧିକ ଓ ଆତ୍ମିକ ସ୍ତରରେ ରବୀନ୍ଦ୍ର ଙ୍କ ସହିତ ସୁତ୍ରାୟନ ତାଙ୍କ ଜୀବନଦୃଷ୍ଟିକୁ ବହୁ ଭାବରେ ଅନୁପ୍ରାଣିତ କରିଛି । ଶାନ୍ତି ନିକେତନରେ ଜଣେ ତପସୀ ବିଦ୍ୟାର୍ଥୀ ଭାବରେ ଜ୍ଞାନସାଗର ରେ ସେ ଆଗେଇବାକୁ ପ୍ରୟାସ କରିଛନ୍ତି । ସେ ବହୁ ପ୍ରବୀଣ ଅଧ୍ୟାପକ, ଗବେଷକ ଙ୍କର ପ୍ରତ୍ୟେକ ସମ୍ପର୍କରେ ଆସିଛନ୍ତି ଓ ବହୁ ବିଦ୍ୟାର୍ଥୀ ଓ ଜ୍ଞାନସାଧକ ଙ୍କ ସହିତ ସଂଯୋଜିତ ହୋଇଛନ୍ତି ।

ରବୀନ୍ଦ୍ର - ସାହିତ୍ୟ ଓ ସଙ୍ଗୀତ କୁ ଜୀବନଧାରାରେ ମିଶାଇଛନ୍ତି । ପୂର୍ବରୁ ପୂର୍ଣ୍ଣତାର ଉତ୍ତରଣ ପାଇଁ ତାଙ୍କର ଅଭୀପ୍ସା ଏହିଠାରେ ହିଁ ରୂପନେଇଛି । କବିଗୁରୁ ଙ୍କ ସାହିତ୍ୟ ଓ ଶିକ୍ଷାରେ ନୂତନ ପ୍ରୟୋଗ ଓ ଜୀବନରେ ସୁନ୍ଦରତମର ଅନୁଭୂତି ବନିତ ଅଭିବ୍ୟକ୍ତି ତରୁଣ - ଚିତ୍ତରଞ୍ଜନ ଙ୍କୁ ଜୀବନବ୍ୟାପି ସାହିତ୍ୟ ସାଧନା ପାଇଁ ଅଭିନିବେଶ ଯୋଗାଇଛି । ରବୀନ୍ଦ୍ରନାଥ ଙ୍କ ସାହିତ୍ୟକୃତି ଓ ସାଧନାପୀଠରୁ ସେ ଗ୍ରହଣ କରିବାକୁ ସମର୍ଥ ହୋଇଛନ୍ତି । ଶାନ୍ତି ନିକେତନ - ତାଙ୍କ ଦୃଷ୍ଟିକୁ ବିଶ୍ୱାୟିତ କରିଛି, ଚେତନାର ଗବାକ୍ଷ ମାନଙ୍କୁ ଖୋଲିଦେଇଛି । ରବୀନ୍ଦ୍ର - ସାହିତ୍ୟର କିଛି ଅଂଶକୁ ଓଡିଆ ସାହିତ୍ୟରେ ଅନୁବାଦ କରିବା ଭିତରେ ଓ ରବୀନ୍ଦ୍ର - ସଙ୍ଗୀତକୁ ଜୀବନ ସଙ୍ଗୀତ କରିବାଦ୍ୱାରା - ଚିତ୍ତରଞ୍ଜନ ସାହିତ୍ୟ ଓ ସଙ୍ଗୀତ ପ୍ରତି ଜୀବନବ୍ୟାପି ଅନୁରାଗଯୁକ୍ତ ହୋଇ ରହିଛନ୍ତି । ସାହିତ୍ୟକୁ ନିଜର ସୃଜନାତ୍ମକ ଅଭିବ୍ୟକ୍ତର ଶ୍ରେଷ୍ଠ ମାଧ୍ୟମ ଭାବରେ ଗ୍ରହଣ କରିଅଛନ୍ତି । ଅନ୍ତରର ଶ୍ରେଷ୍ଠ ଅନୁଭବ ଓ ଅନୁରାଗ ମଧ୍ୟରେ ସାହିତ୍ୟର ପ୍ରଭାବ ଯେ - ସର୍ବୋତ୍ତମ, ଏହା ସେ ରବୀନ୍ଦ୍ରନାଥ ଙ୍କ ବ୍ୟକ୍ତିତ୍ୱରୁ ଲାଭ କରିଛନ୍ତି

ଡକ୍ଟର ଆଦିକନ୍ଦ ସାହୁ ଙ୍କ ଦୃଷ୍ଟିରେ -

## ଚିତ୍ତରଞ୍ଜକ - ଚିତ୍ତରଞ୍ଜନ

ଶିଳ୍ପୀଟିଏ ତା'ର ଆତ୍ମ ଓ ଅନ୍ତରରେ ପୁଲକିତ ନହୋଇ ଜୀବନରେ ବିଭୋର ନହେଲେ ନିଜପାଇଁ ସମୁନ୍ନିତ ଶିଳ୍ପୀଟିଏ ଖୋଜି ପାରିବିନି । ଜୀବନ ପାଇଁ ନିରନ୍ତର ସ୍ୱପ୍ନ ଦେଖୁଥିବା ମଣିଷଟିଏ କେବଳ ସୃଜନ ବିଭୋର ହୋଇପାରେ । ଶୈଳୀ ହେଉ ବା ଅନୁପମ ସୃଜନଶୀଳତା ହେଉ, ସେ ସମସ୍ତ ମୂଳରେ ରହିଛି ଶିଳ୍ପୀର ଏହି "ତନ୍ମୟତା", ଚିତ୍ତରଞ୍ଜନ ଙ୍କ ଗଦ୍ୟ ଶୈଳୀରେ ବସ୍ତୁତଃ ତାଙ୍କ ବିଭୋରପଣ ହିଁ ପ୍ରକାଶିତ । ଜଗତ ଓ ଜୀବନ ସମ୍ପର୍କିତ ଗଭୀର ଉପଲବ୍ଧି ତାଙ୍କ ରଚନାର ବିଷୟପିଣ୍ଡକୁ ନାନା ଭାବରେ କରିଛି - ପଲ୍ଲବିତ ।

ଓଡିଆ ଗଦ୍ୟ ରଚନା କ୍ଷେତ୍ରରେ ଫକୀରମୋହନ, ଗୋପାଳ ଚନ୍ଦ୍ର ପ୍ରହରାଜ କିମ୍ବା ଗୋପିନାଥ ମହାନ୍ତି ଙ୍କର ଯେପରି ଏକ ଏକ ଶୈଳୀ ରହିଛି ଏବଂ ତାହା ଯେପରି ସେମାନଙ୍କ ଚେତନାକୁ ପ୍ରକଟିତ କରିପାରିଛି, ଚିତ୍ତରଞ୍ଜନ ଙ୍କ ରଚନାକୁ ତାଙ୍କ ସମଦୃଷ୍ଟି ଓ ଆଦର୍ଶର ଉଲ୍ଲାସ ବୋଲି କୁହାଯାଇପାରେ । ଓଡିଆ ଗଦ୍ୟ ରଚନା ସହିତ ପରିଚିତ ଯେକୌଣସି ବ୍ୟକ୍ତି ଅନାୟସରେ ଚିତ୍ତରଞ୍ଜନ ଙ୍କ ଶୈଳୀକୁ ସେହିପରି ଅନେକ ଙ୍କ ଭିତରୁ ବାରି ଦେଇପାରେ । କାରଣ ଜଣେ ଲେଖକ ଙ୍କ ଶୈଳୀ ସାମଗ୍ରିକ ଭାବରେ ତା'ର ସଂବେଗ ଓ ତା'ର ଜୀବନଦୃଷ୍ଟି ତଥା ତଦ୍‌ଜନିତ ତା'ର ନିମହମାନତାକୁ ହିଁ ଉତ୍ତୋଳିତ ହୋଇ ଆସିଥାଏ ।

ଚିତ୍ତରଞ୍ଜନ ଙ୍କ ଗଦ୍ୟ ଶୈଳୀକୁ ତାଙ୍କ ସମ୍ବେଦନଶୀଳତା ତଥା ବିଶ୍ୱଦୃଷ୍ଟି ଠାରୁ ପୃଥକ କରି ବିଚାର କରିହେବ ନାହିଁ । ତାଙ୍କ ବିପୁଳ ଗଦ୍ୟ ରଚନାରେ ମେଦିନୀ ଦୃଷ୍ଟି, ମଣିଷ ପ୍ରତି ନିଷ୍ପପଙ୍କ ସଦିଚ୍ଛା, ବହୁଦେଶୀୟ ଓ ଭାବଚେତନା ନାନା ଭାବରେ ପ୍ରତୀକିତ । ସବୁ ଉଚ୍ଚମାନର ରଚନାରେ ଭାବ ପରିଚ୍ଛନତା ଯଦି ସର୍ବଦୌ ଏକ ମୌଳିକ ଗୁଣ ହୁଏ, ତା'ହେଲେ ସେହି ଗୁଣ ପରିପୂର୍ଣ୍ଣ ଭାବେ ତାଙ୍କ ଲେଖାରେ ଦେଖିବାକୁ ମିଳେ ।

ତାଙ୍କ ଲେଖାରେ ଆପଣାର ଅନୁଭବ, ସଦିଚ୍ଛା, ସତ୍ୟଶୀଳତା ନିବିଡ ଭାବରେ ଥାଏ, ତା' ସହିତ ଥାନ୍ତି ଏହି ବିଶାଳ ଜଗତର ଓ ତହିଁରେ ଚିହ୍ନା ଓ ଅଚିହ୍ନା ମଣିଷ ଏବଂ ସେମାନଙ୍କର ସୁଖ, ଦୁଃଖ, ସ୍ୱପ୍ନ, ସଦିଚ୍ଛା, ସେମାନଙ୍କ ଭିତରେ ଥିବା ସୃଜନଶୀଳତା ଓ ସୌନ୍ଦର୍ଯ୍ୟ ଦୃଷ୍ଟି ସବୁକିଛି ।

ଜଣଙ୍କର ବିଶ୍ୱାସ କଥା ତା' ନିଜ ଜୀବନ ଜୀଇଁବା ମଧ୍ୟରେ କିଛି ବ୍ୟବଧାନ ହିଁ ନରହିବା ଉଚିତ୍ ନହେଲେ ନିଜ ସୁଖ, ଦୁଃଖ ଭିତରେ ଜୀଇଁଥିବା ମେହନତି ମଣିଷ ପାଇଁ ତାହା ରାଜନୈତିକ କୁମ୍ଭୀର କାନ୍ଦଣା ପରିହେବ । ଉପଲବ୍ଧ ଗୋଟିଏ ପ୍ରକାରର ତ ତା'ର ପରିଚାର୍ଯ୍ୟ ଅନ୍ୟ ପ୍ରକାରର ହେବ, ତେଣୁ ବୋଧହୁଏ ଚିତ୍ତରଞ୍ଜନ ନିଜ ଜୀବନ ଓ ଦର୍ଶନ ଭିତରେ ବହୁଥିବା ସ୍ପିନୋଜା, ବର୍କଲେ ଓ ନିରକେଗାର ଙ୍କ ଅନୁଭବ ପ୍ରଧାନ ଦର୍ଶନକୁ ଶ୍ରଦ୍ଧାର ସହ ସ୍ୱୀକାର କରିଛନ୍ତି ।

ଚିତ୍ତରଞ୍ଜନ - ନିଜେ ସତେଯେପରି ତାଙ୍କ ଶୈଳୀ ଓ ତାଙ୍କ ଲେଖା, ସେ ତାଙ୍କ ଲେଖାରେ ମଜିଯାଆନ୍ତି, ହଜିଯାଆନ୍ତି ଏବଂ କୌଣସି ଆଳଙ୍କାରିକ ଆଟୋପ, ପାଣ୍ଡିତ୍ୟ, କୃତ୍ରିମ ସରମନ ଶୁଣାଇବାର ପିଉରଟାନିକ୍ ପ୍ରବଣତା ନଥାଇ ସେ ଲେଖନ୍ତି - ଜଣେ ଦାର୍ଶନିକ, ଜଣେ ଅଭିଜ୍ଞ ମଣିଷଙ୍କ ପରି ସେ ଅତି ସହଜ ଓ ସରଳ ଭାବରେ ଲେଖନ୍ତି । ଲେଖାର ବାହ୍ୟ ଶବ୍ଦାଡମ୍ବରତା ଓ କୃତ୍ରିମ ଭଙ୍ଗୀ ବିଷୟରେ ସେ ଆଦୌ ସଚେତନ ହିଁ ନଥାନ୍ତି । ଅଥଚ ତାଙ୍କ ଲେଖାରେ ଏକ ସୁନ୍ଦର କବିତ୍ୱପୂର୍ଣ୍ଣ ଲାଳିତ୍ୟ ସହଜରେ ବାରି ହୋଇପଡେ । କବିତା ଯଦି "ଏ ପ୍ଲୋଂ ଅଫ୍ ଦି ସୋଲ", ତା'ହେଲେ ତାଙ୍କ ଗଦ୍ୟ ରଚନାକୁ ସେହି ଦୃଷ୍ଟିରୁ ଉତ୍ତମ କବିତା ବୋଲି କୁହାଯାଇପାରେ

ସେଥିପାଇଁ ପାଠକ ତାଙ୍କ ଆତ୍ମାର ପୁଲକ, ଅନ୍ତରର ସ୍ପନ୍ଦନ ଓ ତଦ୍‌ଜନିତ ଏକ ଭାବ ବିସ୍ତାର ବା ଅନର୍ଗଳତାକୁ ଅନାୟସରେ ଲକ୍ଷ୍ୟ କରିପାରେ ।

ଚିତ୍ତରଞ୍ଜନ ଙ୍କ ଲେଖା ଉଭୟ ତତ୍ତ୍ୱ ଓ ଭାବ ବା ଚେତନା ପ୍ରଧାନ, ତାଙ୍କ ଚେତନା ବହୁ ଦେଶୀୟ ବା କସ୍‌ମୋପଲିଟାନ୍, ମାତ୍ର ଅନୁଭବ କିନ୍ତୁ ଭାରି ନିବିଡ ଓ ବ୍ୟକ୍ତିକ । ଏ ପ୍ରସଙ୍ଗରେ କିରୋକିଗାର ଙ୍କ କବିତା ସମ୍ପର୍କିତ ଧାରଣା ମନକୁ ଆସେ । ଜଣେ ଗଦ୍ୟକାର ରୂପରେ ତାଙ୍କର ବିଶେଷ ପ୍ରସିଦ୍ଧି ଥିଲେ ହେଁ ସେ ନିଜକୁ ସାରାଜୀବନ କବି ବୋଲି ଦାବିକରି ଆସିଛନ୍ତି ।

ଏହିପରି ଅନେକ ସାହିତ୍ୟିକ ଚିତ୍ତରଞ୍ଜନ ଙ୍କ ଉପରେ ନିଜର ସାରସ୍ୱତ ସିମ୍‌ପଣା ପ୍ରଦାନ କରିଛନ୍ତି । "ଜନ୍ମ ହିଁ ବୃତ୍ ସତ୍ୟ ଓ ସତ୍ୟ ହିଁ ମୃତ୍ୟୁ" - ଏଥିରୁ ଚିତ୍ତରଞ୍ଜନ ବା ବାଦ୍‌ଯିବେ କିପରି । ୧୭ ଜାନୁୟାରୀ, ୨୦୧୧ ମସିହାରେ - ଚିତ୍ତରଞ୍ଜନ ଦେହତ୍ୟାଗ କରିଥିଲେ ସତ, ମାତ୍ର ତାଙ୍କର କାଳଜୟୀ ସୃଷ୍ଟି ଓଡିଆ ସାହିତ୍ୟରେ ସେ ଜଣେ ଅମ୍ଳାନ ସାଧକ ହୋଇ ରହିବେ, ଏଥିରେ ତିଳେମାତ୍ର ଦ୍ୱିବିଧା ନାହିଁ ।

# ଓଡିଆ ସାହିତ୍ୟ ର ସାରସ୍ୱତପୁରୁଷ
# ଜାନକୀ ବଲ୍ଲଭ ପଟ୍ଟନାୟକ - ଏକ ଅନୁଶୀଳନ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ସାରସ୍ୱତପୁରୁଷ
# ଜାନକୀ ବଲ୍ଲଭ ପଟ୍ଟନାୟକ - ଏକ ଅନୁଶୀଳନ

ପ୍ରଫେସର ଡକ୍ଟର ସୁବାଷ ନାୟକ

ଜାନକୀ ବଲ୍ଲଭ ପଟ୍ଟନାୟକ - ଜଣେ ରାଜନୈତିଜ୍ଞ, ବାଗ୍ମୀ, ସାମ୍ବାଦିକ ଓ ସାରସ୍ୱତ ସ୍ରଷ୍ଟା । ସେ ଓଡିଶାର ମୁଖ୍ୟମନ୍ତ୍ରୀ, ଆସାମର ରାଜ୍ୟପାଳ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠ ଥିଲେ ।

ଜାନକୀ - ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ରାମେଶ୍ୱର ଗ୍ରାମରେ ୩ ଜାନୁୟାରୀ, ୧୯୨୭ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା - ଗୋକୁଳାନନ୍ଦ ପଟ୍ଟନାୟକ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ବିଶିଷ୍ଟ ଲେଖକ । ରାମେଶ୍ୱର ହାଇସ୍କୁଲରେ ମାଟ୍ରିକ୍ ପାସ୍‌କରି ୧୯୪୭ ମସିହାରେ - ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସ୍ନାତକ (ବି.ଏ.) ପାସ୍‌ପରେ ୧୯୪୯ ମସିହାରେ ଆଲ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର (ଏମ୍.ଏ.) ପାସ୍ କରିଲେ । ବାପା ଜଣେ ଶିକ୍ଷକ ହୋଇଥିବାରୁ - ସେ ଚାହିଁଥିଲେ ପୁଅ ଜାନକୀ ଉଚ୍ଚଶିକ୍ଷିତ ହୁଅନ୍ତୁ ।

ଜାନକୀ ପରେପରେ - "ଇଷ୍ଟର୍ଣ୍ଣ ଟାଇମ୍ସ" - ଖବରକାଗଜ ରୁ ସାମ୍ବାଦିକ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଏହାର ଯୁଗ୍ମ ସମ୍ପାଦକ ଭାବରେ ୧୯୫୦ ମସିହାରେ କାର୍ଯ୍ୟକରି ତା'ର ଦୁଇବର୍ଷ ପରେ ୧୯୫୨ ମସିହାରେ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ । ଏହାସହ ସେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଙ୍କ ଦ୍ୱାରା ପ୍ରତିଷ୍ଠିତ - ଦୈନିକ ଓଡିଆ ଖବରକାଗଜ - "ପ୍ରଜାତନ୍ତ୍ର" ର ସମ୍ପାଦକ ଭାବରେ କାର୍ଯ୍ୟ କରିଲେ ଏବଂ ୧୯୬୭ ମସିହାରେ ଜୁଲାଇ ମାସରେ ଜାନକୀ ବଲ୍ଲଭ - ନିଜର ସାମ୍ବାଦିକତା ଓ ସମ୍ପାଦକ ଙ୍କୁ ପାଥେୟ କରି - "ପୌରୁଷ" ସାରସ୍ୱତ ପତ୍ରିକା ପ୍ରତିଷ୍ଠାକରି ଏହାର ସମ୍ପାଦକ ରହିଲେ । ସେ ସମୟରେ ଓଡିଆ ସାହିତ୍ୟର ଅନେକ ପ୍ରବୀଣ ଓ ନବୀନ ଲେଖକ ଙ୍କର ସୃଷ୍ଟି - ଏହି "ପୌରୁଷ" ପତ୍ରିକାରେ ପ୍ରକାଶିତ ହେଉଥିଲା ।

ସାହିତ୍ୟ ସାଧନା ଓ ରାଜନୀତିରେ ଜନସେବା ଥିଲା - ଜାନକୀ ବଲ୍ଲଭ ଙ୍କ ବୃତ୍ତି ଓ ପ୍ରବୃତ୍ତି ।

## ଜାନକୀ ଙ୍କ ରାଜନୈତିକ ଜୀବନ -

ଜାନକୀ ବଲ୍ଲଭ - କୈଶୋର ରୁ ଛାତ୍ର ରାଜନୀତି ସହିତ ଜଡିତ ଥିଲେ । ଜାନକୀ ଙ୍କ ରାଜନୈତିକ ତଥା ସାମ୍ବାଦିକତାର ଗୁରୁ ଥିଲେ - ହରେକୃଷ୍ଣ ମହତାବ । ହରେକୃଷ୍ଣ ଯେତେବେଳେ ଓଡିଶାର ପ୍ରଥମ କଂଗ୍ରେସ ଶାସନର ମୁଖ୍ୟମନ୍ତ୍ରୀ ଥିଲେ ସେତେବେଳେ ଜାନକୀ ବଲ୍ଲଭ, ମାତ୍ର ୨୩ ବର୍ଷ ବୟସରେ ୧୯୪୦ ମସିହାରେ ଓଡିଶା ପ୍ରଦେଶ ଯୁବ କଂଗ୍ରେସର ସଭାପତି ପଦବୀରେ କାର୍ଯ୍ୟକରି ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହୁର ଙ୍କ ଜଣେ ଉଦୀୟମାନ ଯୁବକ ଭାବରେ ଦୃଷ୍ଟିଗୋଚର ହୋଇଥିଲେ । ୧୯୫୪-୬୦ ସେ ଓଡିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ ସଭ୍ୟଥିଲେ ଓ ୧୯୭୧ ମସିହାରେ ପ୍ରଥମଥର ଲୋକସଭା ସାଂସଦ ଭାବରେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଙ୍କ ମନ୍ତ୍ରୀମଣ୍ଡଳରେ କେନ୍ଦ୍ର ପ୍ରତିରକ୍ଷା ଉପମନ୍ତ୍ରୀ ଓ ପରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ । ୧୯୮୦ ମସିହା ଜାନୁୟାରୀ ମାସରେ ଲୋକସଭାକୁ ନିର୍ବାଚିତ ହୋଇ - ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ଙ୍କ ମନ୍ତ୍ରୀମଣ୍ଡଳରେ କେନ୍ଦ୍ର ପର୍ଯ୍ୟଟନ ବେସାମରିକ ବିମାନ ଚଳାଚଳ ଓ ଶ୍ରମ ବିଭାଗ ଭଳି ତିନିଗୋଟି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବରେ ସ୍ଥାନ ପାଇଥିଲେ ।

ଜାନକୀ ବଲ୍ଲଭ - ଜୁନ୍ ୧୯୮୦ ମସିହାରେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିଲେ ଓ ଆଠଗଡ ଉପନିର୍ବାଚନରେ ବିଧାନସଭାରେ ବିଧାୟକ ହୋଇଥିଲେ । ପୁନର୍ବାର ଜାନକୀ ୧୯୮୫-୯୦ - ୨ୟ ବାର - ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ କିନ୍ତୁ ୧୯୯୦ ମସିହାରେ ସମଗ୍ର ଦେଶ ତଥା ଓଡିଶାରେ ଜନତା ଦଳର ଉନ୍ନତି ହୋଇ - ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଓ ଜାନକୀ ବଲ୍ଲଭ ବିରୋଧି ଦଳ । ୧୯୯୫ ମସିହାରେ ଜାନକୀ ବଲ୍ଲଭ - ଓଡିଶାର ୩ୟ ଥର ମୁଖ୍ୟମନ୍ତ୍ରୀ ହେଲେ ଓ ୨୦୦୦ ମସିହାରେ ବିଜେଡି ସରକାର ରେ - ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ସହିତ ଜାନକୀ ବଲ୍ଲଭ ବିରୋଧି ଦଳ ନେତା ଭାବରେ କାର୍ଯ୍ୟ କରିଲେ ।

୨୦୦୯ ରେ କେନ୍ଦ୍ରର କଂଗ୍ରେସ ସରକାର - ଜାନକୀ ବଲ୍ଲଭ ଙ୍କୁ ୧୧ ଡିସେମ୍ବର, ୨୦୦୯ ରେ ଆସାମର ରାଜ୍ୟପାଳ ଭାବରେ ନିଯୁକ୍ତି ପ୍ରଦାନ କରିଲେ ।

ଏହିପରି ଥିଲା ଜାନକୀ ଙ୍କ ରାଜନୈତିକ ଜୀବନ ।

## ସାହିତ୍ୟିକ ଜୀବନ -

ରାଜନୀତିର କରାଳ ମଧରେ ମଧ ସାମ୍ବାଦିକ - ଜାନକୀ ବଲ୍ଲଭ ନିଜର କଲମକୁ ଶାଣିତ କରିଥିଲେ । ସାହିତ୍ୟ ରଚନାରେ ଜାନକୀ ନିପୁଣ ହେଲେ ।

ଜାନକୀ ବଲ୍ଲଭ - ଓଡିଆ ସାହିତ୍ୟର କାବ୍ୟ, ରଚିତ କଥା, ଗଳ୍ପ, ପ୍ରବନ୍ଧ, ଅନୁବାଦ ତଥା ସମ୍ପାଦନା ଆଦିରେ ନିଜର କଲମ ଚାଳନା କରିଥିଲେ ।

ତାଙ୍କର ସାରସ୍ୱତ କୃତି ମଧ୍ୟରେ -

**କାବ୍ୟ -**

ସିନ୍ଧୁ ଉପତ୍ୟକା

**ଜୀବନୀ (ରଚିତ ଗାଥା) -**

ଗୌତମବୁଦ୍ଧ

**ଗଳ୍ପ -**

ମାଲୁଣୀ ର ଫୁଲ ଓ ଅନ୍ୟାନ୍ୟ ଗଳ୍ପ

**ପ୍ରବନ୍ଧ -**

ସ୍ୱପ୍ନ ସନ୍ତକ

ନିର୍ବାଚିତ ପ୍ରବନ୍ଧ

ବିବିଧ ସ୍ତମ୍ଭ

ମହାଭାରତ

ରାମାୟଣ

ସ୍ୱାଧିନତା ସଂଗ୍ରାମର ସ୍ମୃତି

ବାଚସ୍ପତି ମହୋଦୟ (୨୦୧୨)

(ଜାନକୀ - (୨୦୦୪-୨୦୦୯) - ଓଡିଶା ବିରୋଧି ଦଳ ନେତା ଭାବରେ ବିଧାନସଭାରେ ଦେଇଥିବା ବକ୍ତବ୍ୟ ଗୁଡ଼ିକ ସଂକଳନ ।)

**ଅନୁବାଦ -**

ରାଜା ଭର୍ତ୍ତୃହରି ପ୍ରଣିତ -

ନୀତି ଶତକ

ଶୃଙ୍ଗାର ଶତକ

ବୈରାଗ୍ୟ ଶତକ ର

ଓଡିଆ କାବ୍ୟାନୁବାଦ

ବଙ୍କିମ୍ ଉପନ୍ୟାସ ମାଳା (ଛଅଖଣ୍ଡ)

ଶ୍ରୀମଦ୍ ଭାଗବତ ଗୀତା - ଗଦ୍ୟାନୁବାଦ

ଗୋକୁଳାନନ୍ଦ ଙ୍କ ଗ୍ରନ୍ଥାବଳୀ

**ସମ୍ପାଦନା -**

ସମ୍ପାଦକ - "ଇଷ୍ଟର୍ଣ୍ଣ ଟାଇମ୍ସ" - (ଇଂରାଜୀ ଦୈନିକ ସମ୍ବାଦପତ୍ର) - ୧୯୫୨ ରୁ ୧୯୬୭ ମସିହା ପର୍ଯ୍ୟନ୍ତ ।

ସମ୍ପାଦକ - "ପ୍ରଜାତନ୍ତ୍ର" - ଓଡିଆ ଦୈନିକ - (୧୯୫୨-୧୯୬୭)

ପ୍ରତିଷ୍ଠାତା ଓ ସମ୍ପାଦକ - "ପୌରୁଷ" - (ମାସିକ ଓଡିଆ ସାରସ୍ୱତ ପତ୍ରିକା - ୧୯୬୭)

ଜାନକୀ ବଲ୍ଲଭ - ଜଣେ ପ୍ରସିଦ୍ଧ ସାରସ୍ୱତ ସ୍ରଷ୍ଟା । ତାଙ୍କ ଗଳ୍ପ ସଂକଳନ - "ମାଲୁଣୀ ର ଫୁଲ ଓ ଅନ୍ୟାନ୍ୟ ଗଳ୍ପ" - ଓଡିଆ ଗଳ୍ପ ସାହିତ୍ୟର ଏକ ଅମ୍ଳାନ ସ୍ତମ୍ଭ ।

ଏହି ଗଳ୍ପର ମୁଖ୍ୟ ସାଂରାଶ ହେଉଛି - ଭାରତୀୟ ସଂସ୍କୃତିର ବିଶେଷତ୍ୱ ହେଉଛି - ପ୍ରତ୍ୟେକ ଯୁଗରେ ମହାପୁରୁଷ ମାନେ ଅବତୀର୍ଣ୍ଣ ହୋଇ ସମାଜ ଓ ଶାସନକୁ ନୂଆନୂଆ ଆଦର୍ଶରେ ଅନୁପ୍ରାଣିତ କରିଅଛନ୍ତି । ଏମାନଙ୍କର ମଧ୍ୟରେ ଉନବିଂଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିବା - ଶ୍ରୀ ରାମଚନ୍ଦ୍ର ପରମହଂସ ଅନ୍ୟତମ । ଭାରତୀୟ ସମାଜ ତଥା ପାଶ୍ଚାତ୍ୟ ଜଗତକୁ ତାଙ୍କର ଏକ ମହାନ ଦାନ ହେଉଛି - ସ୍ୱାମୀ ବିବେକାନନ୍ଦ ଙ୍କ ଶିଷ୍ୟତ୍ୱ । ଶ୍ରୀ ରାମଚନ୍ଦ୍ର - ତାଙ୍କ ଶିଷ୍ୟମାନଙ୍କ ସମ୍ପର୍କରେ ରାଶିରାଶି ପୁସ୍ତକ ପ୍ରକାଶପାଇଛି । ବିଶେଷ ଭାବରେ ତାଙ୍କର ଉପଦେଶାବଳୀ କେବଳ ତତ୍କାଳୀନ ସମାଜ ନୁହେଁ ବର୍ତ୍ତମାନର ସମାଜକୁ ମଧ୍ୟ ଉଦ୍ବୁଦ୍ଧ କରିଛି । ଏହି ଉପଦେଶାବଳୀ ମଧ୍ୟରୁ ଅନେକ ଉପଦେଶ କଥାଛଳରେ କୁହାଯାଇଛି - ଯାହାକି "ରାମକୃଷ୍ଣ କଥାମୃତ" ନାମରେ ପ୍ରସିଦ୍ଧ । ଚକ୍ରବତୀ ରାଜଗୋପାଳଚାରୀ - ସେହି ଗଳ୍ପଗୁଡ଼ିକୁ ରାମକୃଷ୍ଣ ଉପନିଷଦ ନାମଦେଇ ତାମିଲ୍ ଓ ଇଂରାଜୀ ରେ ପ୍ରକାଶ କରିଥିଲେ ଏବଂ ବହୁ ଭାରତୀୟ ଭାଷାରେ ମଧ୍ୟ ତାହାର ପ୍ରକାଶପାଇଛି ।

ତାହାର ଉପଯୋଗିତାକୁ ଦେଖି - ଜାନକୀ ବଲ୍ଲଭ ସାରସ୍ୱତ ପତ୍ରିକା - "ପୌରୁଷ" ରେ ଧାରାବାହିକ ଭାବରେ ପ୍ରକାଶ କରିଥିଲେ । ସେ ସବୁ ପାଠକୀୟ ଆଦୃତ ଲଭ କରିଥିଲା - "ଆମ ଓଡିଶା" ର ଅଧକ୍ଷ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଙ୍କ ଦ୍ୱାରା ଏକ

ପୁସ୍ତକ - "ମାଲୁଣୀ ର ଫୁଲ ଓ ଅନ୍ୟାନ୍ୟ ଗଳ୍ପ" - ପ୍ରକାଶିତ ହେବାସହ - "କନକ ଟିଭି" ରେ ଉନ୍ମୋଚିତ ହେଲା ।
ସେହି ଗଳ୍ପ ସଂକଳନରେ ଏକାବନ ଗୋଟି ଗଳ୍ପ ସ୍ଥାନପାଇଛି -

୧. ଭଣ୍ଡ ଧାର୍ମିକ
୨. ନାରାୟଣ ନାରାୟଣ
୩. ମାଲୁଣୀ ର ଫୁଲ
୪. କେବଳ ଜଣେ ଆପଣାର
୫. ଅବଧୂତ ଓ ତାଙ୍କର ଗୁରୁ
୬. ହନୁମାନ ସିଂ
୭. ସର୍ବମଙ୍ଗଳା
୮. ପଥିକର ମନୋବାଞ୍ଛା
୯. ପଣ୍ଡିତ ଓ ଗଉଡୁଣୀ
୧୦. ସାଧୁ - ସଙ୍ଗ
୧୧. ଫିଁ ଫିଁ
୧୨. ଅର୍ଜୁନ ଙ୍କ ଗର୍ବ
୧୩. କାହାର ଶବ୍ଦ ଶୁଣାଗଲା
୧୪. ଅନ୍ତର ର ବ୍ୟାକୁଳତା
୧୫. ବେଶ୍ୟା ଓ ସନ୍ନ୍ୟାସୀ
୧୬. ସବୁ ରାମ ଙ୍କ ଇଚ୍ଛା
୧୭. ତୁମର ମାୟାକୁ ଜୁହାର
୧୮. ହୀରା ଖଣ୍ଡର ମୂଲ୍ୟ
୧୯. ଜଗା ରାଜା
୨୦. ମେଣ୍ଢା ଦେହରେ ଈଶ୍ୱର
୨୧. କୂପ ମଣ୍ଡୁକ
୨୨. କବିରାଜ
୨୩. ଆଗେଇ ଚାଲ
୨୪. ଗୁରୁଙ୍କ ଗୁରୁ ମହାଗୁରୁ
୨୫. ଜଟିଳ ର ଭାଇ ମଧୁସୂଦନ
୨୬. ଈଶ୍ୱର ପ୍ରେମ
୨୭. ତାଙ୍କର ଶରଣ ନିଅ
୨୮. ସାତଘଡା ଟଙ୍କାର କଥା
୨୯. ବ୍ରାହ୍ମଣ ଓ ଇନ୍ଦ୍ର
୩୦. ଦି ଭଉଣୀଙ୍କ ନାଚ
୩୧. ସତଗୁରୁ
୩୨. ରାମ ଓ ବେଙ୍ଗ
୩୩. ଜ୍ଞାନ ବୈରାଗ୍ୟ
୩୪. ଆକବର ଓ ଫକୀର
୩୫. ଯେପରି ଭାବନା ସେପରି ଫଳ
୩୬. ଯେ ଜାଣେ ସେ ଜାଣେ
୩୭. ଟିକିଏ ବୁଝିଚୁ
୩୮. ଜନ୍ମ ଜନ୍ମର ସାଧନା
୩୯. ସେ ତ ମିଳିବା କଷ୍ଟ, ରଖି ପାରିଲେ ହେଲା
୪୦. ଚିହ୍ନିପାରିଲେ ମାୟା ପଳାଇଯାଏ
୪୧. ଭାଗବତ ପଣ୍ଡିତ

୪୨. କୌପୀନ କା ବାସ୍ତେ
୪୩. ଚାଷୀ ଓ ନାରଦ ଋଷି
୪୪. ଜ୍ଞାନ ଓ ଭକ୍ତି
୪୫. ଅଶିକ୍ଷିତ ବ୍ରାହ୍ମଣଙ୍କ ଗୀତାପାଠ
୪୬. କୂଅ ଖୋଳାଳି
୪୭. କୃଷ୍ଣ ଆସହେ, ଆସହେ
୪୮. ମାଗୁର ମାଛର ଝୋଳ
୪୯. ପାର୍ବତୀ ଙ୍କ ଗାଲରେ ଆଞ୍ଚୁଡ଼ା ଚିହ୍ନ
୫୦. ଅସାଧାରଣ
୫୧. ଚାରି ଚକମର ମାଛ

ଜାନକୀ ବଲ୍ଲଭ ଙ୍କ - ଏ ଗଳ୍ପ ସଂକଳନ ଏତେ ପାଠକୀୟ ଆଦୃତି ଲାଭ କରିଅଛି - ଏହାର ପ୍ରଥମ ସଂସ୍କରଣ - ଡିସେମ୍ବର, ୨୦୧୦ ଓ ପୁନଃମୁଦ୍ରଣ - ଜୁଲାଇ, ୨୦୧୧ ଓ ଡିସେମ୍ବର, ୨୦୧୨ ରେ ହୋଇଥିଲା ।

ଓଡ଼ିଆ ଅନୁବାଦ ସାହିତ୍ୟରେ ଜାନକୀ ବଲ୍ଲଭ ଥିଲେ ସିଦ୍ଧହସ୍ତ -

ରାଜା ଭର୍ତ୍ତୃହରି ଙ୍କ ପ୍ରଣୀତ - ନୀତି ଶତକ, ଶୃଙ୍ଗାର ଶତକ, ବୈରାଗ୍ୟ ଶତକ ର ଓଡ଼ିଆ କାବ୍ୟାନୁବାଦ ଓଡ଼ିଆ ଅନୁବାଦ ସାହିତ୍ୟର ଏକ ଏକ ଅମୂଲ୍ୟଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

ବଙ୍କିମ୍‌ଚନ୍ଦ୍ର ଙ୍କ ଉପନ୍ୟାସମାଳ (ଛ ଖଣ୍ଡ) ଓଡ଼ିଆ ଅନୁବାଦ ଓଡ଼ିଆ ପାଠକୀୟ ଆଦୃତି ଲାଭ କରିଅଛି ।

ଗୋକୁଳାନନ୍ଦ ଙ୍କ ଗ୍ରନ୍ଥାବଳୀ ସହ ଶ୍ରୀମଦ୍ ଭାଗବତ ଗୀତା ର - ଓଡ଼ିଆ ଅନୁବାଦ ଓଡ଼ିଆ ଭାଗବତ ପ୍ରେମୀଙ୍କ ମନରେ ଗଭୀର ଆସ୍ଥା ଓ ବିଶ୍ୱାସ ସହ - ଜାନକୀ ବଲ୍ଲଭ ଙ୍କୁ ଜଣେ ସାରସ୍ୱତସାଧକ ଭାବରେ ଓଡ଼ିଆ ଜାତିର ଘରେଘରେ ସ୍ମରଣକରି ରଖିଅଛି ।

ପ୍ରବନ୍ଧ ରଚନା କରିବାରେ ଜାନକୀ ବଲ୍ଲଭ ଥିଲେ ସିଦ୍ଧିହସ୍ତ ।

ମହାଭାରତ, ରାମାୟଣ ପ୍ରବନ୍ଧ - ଜାନକୀ ବଲ୍ଲଭ ଙ୍କୁ ଓଡ଼ିଆ ପୌରାଣିକ ଜଗତରେ ସୁପ୍ରସିଦ୍ଧ ଆଣିଦେଇଛି । ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ପୌରାଣିକ ସାହିତ୍ୟ ଏହା ଘରେଘରେ ପଠନ ସର୍ବସ୍ୱ, ଜାନକୀ ଙ୍କ ଓଡ଼ିଆ ଭାଷାରେ ଏହି ଦୁଇ ପ୍ରବନ୍ଧ - ରାମାୟଣ ରେ ମର୍ଯ୍ୟାଦା ପୁରୁଷ - ରାମଚନ୍ଦ୍ର ଙ୍କ ଜୀବନୀଗାଥା ତଥା ମହାଭାରତ ରେ - ଭଗବାନ ଶ୍ରୀକୃଷ୍ଣ ଙ୍କ ଜୀବନୀଚିତ୍ରକୁ ଏ ପ୍ରବନ୍ଧ ମାଧ୍ୟମରେ ସେ ଓଡ଼ିଆ ପୌରାଣିକ ପ୍ରେମୀଙ୍କ ନିକଟରେ ପହଞ୍ଚାଇ ପାରିଛନ୍ତି ।

ପ୍ରାବନ୍ଧିକ ଜାନକୀ ବଲ୍ଲଭ ଙ୍କ ଅନ୍ୟଏକ ସୃଷ୍ଟି - "ସ୍ୱାଧିନତା ସଂଗ୍ରାମର ସ୍ମୃତି" । ସ୍ୱାଧିନତା ପୂର୍ବରୁ ଜାନକୀ ଙ୍କ ଜନ୍ମ । ଭାରତ ସ୍ୱାଧିନ ପରେ (୧୯୪୭ ବେଳକୁ) ଜାନକୀ ଯୁବକ ଥିଲେ, ତାଙ୍କୁ ମାତ୍ର ୨୦ ବର୍ଷ ବୟସ ହୋଇଥିଲା । ସହଜେ ତ ସେ ଥିଲେ ଜଣେ ଛାତ୍ରନେତା, ନେତୃତ୍ୱର ପରାକାଷ୍ଠା ତାଙ୍କୁ ସର୍ବୋଚ୍ଚ ଶିଖରରେ ପହଞ୍ଚାଇଥିଲା । ଯୁବ ଉନ୍ମଦତା ତାଙ୍କ ପ୍ରାଣକୁ ଉଲ୍ଲାଧିତ କରିଥିଲା । ମହାତ୍ମାଗାନ୍ଧୀ ଙ୍କ ୧୯୪୨ ଭାରତଛାଡ ଆନ୍ଦୋଳନ ଇଂରେଜମାନଙ୍କ ବିରୁଦ୍ଧରେ ସେତେବେଳକୁ କିଶୋର ଜାନକୀ ଙ୍କୁ ମାତ୍ର ୧୫ ବର୍ଷ ବୟସ, ଭାରତର ସ୍ୱାଧିନତା ସମୟରେ ଉଦୀୟମାନ ଯୁବକ ଜାନକୀ - "ସ୍ୱାଧିନତା ସଂଗ୍ରାମର ସ୍ମୃତି" - ପ୍ରବନ୍ଧ ପୁସ୍ତକରେ ନିଜର ସ୍ମୃତିକୁ ଉପସ୍ଥାପିତ କରିଅଛନ୍ତି ।

ଜାନକୀ ବଲ୍ଲଭ ଙ୍କ ଅନ୍ୟକୃତି - "ବାଚସ୍ପତି ମହୋଦୟ" - ୨୦୧୨, ଏକ ପ୍ରବନ୍ଧ ସାହିତ୍ୟ, ବିଚକ୍ଷଣ ରାଜନୈତିଜ୍ଞ ଜାନକୀ ୨୦୦୪-୨୦୦୯ ମସିହା ପର୍ଯ୍ୟନ୍ତ - ଓଡ଼ିଶାର ବିରୋଧି ଦଳ ନେତାଥିଲେ, ମୁଖ୍ୟମନ୍ତ୍ରୀ ଥାନ୍ତି - ନବୀନ ପଟ୍ଟନାୟକ । ନିଜର ଦୀର୍ଘଦିନର ବିଧାୟକତ୍ୱ ତଥା ୧୪ ବର୍ଷର ତିନିଥର ମୁଖ୍ୟମନ୍ତ୍ରୀତ୍ୱକୁ ଆଧାରକରି ବିଧାନସଭାରେ ସରକାର ଙ୍କୁ ବିଭିନ୍ନ ସମୟରେ ଦେଇଥିବା ଗଠନମୂଳକ ପରାମର୍ଶ ଭିତ୍ତିକ ବକ୍ତବ୍ୟକୁ ଜଣେ ସାରସ୍ୱତସାଧକ ଭାବରେ ଏହି ପ୍ରବନ୍ଧ ସାହିତ୍ୟରେ ସ୍ଥାନ ଦେଇଛନ୍ତି । ଜଣେ ରାଜନେତା କିପରି ବାଦବିବାଦ, ଅହଙ୍କାର ଓ ଅଶୋଭନୀୟ ଆଚରଣକୁ ପରିତ୍ୟାଗ କରି ଜନତାଙ୍କ ପ୍ରତିନିଧି ଭାବରେ ନିଜନିଜ ଅଞ୍ଚଳର ସମସ୍ୟାଗୁଡ଼ିକ ବିଧାନସଭାରେ ଉପସ୍ଥାପନା କରି ସରକାର ଙ୍କ ମାଧ୍ୟମରେ ସମସ୍ୟାର ସମାଧାନ କରିବ - ଏହା ହେଉଛି ଏକ ମୁଖ୍ୟବାଣୀ । ଏ ପୁସ୍ତକ ବର୍ତ୍ତମାନ ତଥା ଭବିଷ୍ୟତ ରାଜନୈତିକ ବଂଶଧରଙ୍କ ପାଇଁ ଏକ ମାର୍ମିକ ସୃଷ୍ଟି ।

ଜାନକୀ ଙ୍କ ଅନ୍ୟଏକ ସାରସ୍ୱତ ସୃଷ୍ଟି - "ବିବିଧ ସ୍ତମ୍ଭ" - ଏହା ଏକ ପ୍ରବନ୍ଧ ପୁସ୍ତକ । ବିଚକ୍ଷଣ ରାଜନୈତିଜ୍ଞ ଜାନକୀ କେବଳ ନଥିଲେ ସେ ଥିଲେ ସୁପଣ୍ଡିତ ସାରସ୍ୱତ ସ୍ରଷ୍ଟା । ଅନେକ ସମୟରେ ସେ ତାଙ୍କର ମନର ସ୍ପନ୍ଦନକୁ ସାହିତ୍ୟରେ ବିଭିନ୍ନ ରୂପରେ ରୂପାୟିତ କରିଅଛନ୍ତି । ଜଣେ ଉଚ୍ଚକୋଟୀର ସ୍ତମ୍ଭକାର ଭାବରେ ଜାନକୀ ସର୍ବଆଦୃତ ଲାଭ କରିଅଛନ୍ତି । ସମ୍ପ୍ରାତିକ ପରିସ୍ଥିତିକୁ ଦେଖି ସେ ସ୍ତମ୍ଭ ରଚନା କରିଅଛନ୍ତି - ସେ ସାମାଜିକ, ରାଜନୈତିକ, ଶିକ୍ଷାୟତ କିମ୍ବା ଅର୍ଥନୈତିକ ସବୁକୁ ଆଧାରକରି ସେ ସ୍ତମ୍ଭ ରଚନା କରିଥାନ୍ତି । ଏ ସ୍ତମ୍ଭସବୁ ଓଡ଼ିଶାର ପ୍ରତିଷ୍ଠିତ ଗଣମାଧ୍ୟମରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ଏହା ତାଙ୍କର ପାଣ୍ଡିତ୍ୱର ସୂଚନା ପ୍ରଦାନ କରିଥାଏ ।

"ସ୍ୱପ୍ନ ସନ୍ତକ"- ଜାନକୀ ବଲ୍ଲଭ ଙ୍କ ଅନନ୍ୟ ସୃଷ୍ଟି । ଏହା ଏକ ପ୍ରବନ୍ଧ ସଂକଳନ । ଓଡ଼ିଆ ପ୍ରବନ୍ଧର ସାହିତ୍ୟର ଏକ

ବିକାଶଧାରାରେ - ଅଗ୍ରଦୂତ । ମଣିଷ - ସ୍ୱପ୍ନର ବିହୋର । ସ୍ୱପ୍ନବିନା ଜୀବନ ଜୀବନହୀନ, ମଣିଷ ସ୍ୱପ୍ନଦେଖେ ଓ ସେ ସ୍ୱପ୍ନକୁ ସାକାର କରିପାରୁଥିବା ବ୍ୟକ୍ତିର ବ୍ୟକ୍ତିତ୍ୱ, ସେଥିରୁ ବା ଜାନକୀ ବଲ୍ଲଭ ବାଦ୍ ପଡିଥାନ୍ତେ କିପରି । ଜଣେ ରାଷ୍ଟ୍ର ନିର୍ମାଣ ଶିକ୍ଷକ ଗୋକୁଳାନନ୍ଦ ପଟ୍ଟନାୟକ ଙ୍କ ସୁପୁତ୍ର ସାଧାରଣ ବ୍ୟକ୍ତି ଜାନକୀ ନିଜର ସ୍ୱପ୍ନଦ୍ରଷ୍ଟା ଦ୍ୱାରା ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ - ରାଜନେତା, ସାହିତ୍ୟିକ, ପଣ୍ଡିତ ଆଦି ପଦମର୍ଯ୍ୟାଦା ସମଗ୍ର ଭାରତବର୍ଷରେ ପାଇଥିଲେ । ତାଙ୍କ "ସ୍ୱପ୍ନ ସନ୍ତକ" ସୃଷ୍ଟି - ଓଡିଆ ସାହିତ୍ୟରେ ତାଙ୍କୁ ଜଣେ ସ୍ରଷ୍ଟାର ପ୍ରତିଷ୍ଠା ଦେଇଅଛି ।

"ନିର୍ବାଚିତ ପ୍ରବନ୍ଧ" - ଜାନକୀ ବଲ୍ଲଭ ଙ୍କର ଏକ ଅନନ୍ୟ ସୃଷ୍ଟି । ଜଣେ ପ୍ରାବନ୍ଧିକ ଭାବରେ ଜାନକୀ ବଲ୍ଲଭ ଙ୍କ ସାମୂହିକ ସୃଷ୍ଟି - "ନିର୍ବାଚିତ ପ୍ରବନ୍ଧ" । ତାଙ୍କର ଅନେକ ପ୍ରବନ୍ଧ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ସାରସ୍ୱତ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିବା ସହ ତାଙ୍କୁ ଜଣେ ପ୍ରଜ୍ଞାପୁରୁଷ ଭାବରେ ଉପସ୍ଥାପିତ କରିପାରିଅଛି । ତାଙ୍କର ପ୍ରକାଶିତ ଅନେକ ପ୍ରବନ୍ଧ ମଧ୍ୟରୁ ସେ କିଛି ନିର୍ବାଚିତ କରି ଏହି - "ନିର୍ବାଚିତ ପ୍ରବନ୍ଧ" ରଚନା କରିଅଛନ୍ତି । ଏହା ଓଡିଆ ପ୍ରବନ୍ଧ ସାହିତ୍ୟର ଏକ ଅମୂଲ୍ୟ ସୃଷ୍ଟି

ଜୀବନୀକାର ଜାନକୀ ବଲ୍ଲଭ ଥିଲେ, ସେ ଗୌତମବୁଦ୍ଧ ଙ୍କ ଜୀବନୀକାର (ବାଓଗ୍ରାଫର) - ସନାତନ ଧର୍ମରେ ସେ ବୁଦ୍ଧ ଙ୍କ ବାଣୀକୁ ଉପଲବ୍ଧି କରି ନିଜ ଜୀବନରେ ସଫଳତାର ପାହାଚ ଉଠିଛନ୍ତି । ରାଗ, ଅଭିମାନ, ଦ୍ୱେଷ, କପଟତା କିପରି ମାନବାତ୍ମାକୁ ନଷ୍ଟକରି ଦେଇଥାଏ - ବୁଦ୍ଧ ଙ୍କ ବାଣୀରୁ ସେ ଜାଣିଛନ୍ତି । ଗୌତମବୁଦ୍ଧ ଙ୍କର ଆଦର୍ଶରେ ଅନୁପ୍ରାଣିତ ଜାନକୀ - ଗୌତମବୁଦ୍ଧ (ଏକ ରଚିତ ଗାଥା) ଓଡିଆ ଜୀବନୀ ସାହିତ୍ୟରେ ଏହାର ମୂଲ୍ୟାୟନକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ଓଡିଆ ସାହିତ୍ୟ ହେଉ ଅବା ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ, ତାହାର ପ୍ରମୁଖ ଧାରା ହେଉଛି - କବିତା । କବିରେବ ପ୍ରଜାପତି - କବି ହେଉଛନ୍ତି - ଭଗବାନ ଙ୍କର ଦ୍ୱିତୀୟ ଅବତାର । କବିତା ଓ କାବିତ୍ୱ ଶକ୍ତିର ଅଧିକାରୀ କେବଳ ଭଗବାନ ପ୍ରଦତ୍ତ । ଜାନକୀ ବଲ୍ଲଭ ଙ୍କୁ ଜଣେ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଅଛି - ତାଙ୍କର କବିତା ପୁସ୍ତକ "ସିନ୍ଧୁ ଉପତ୍ୟକା" ରେ ସ୍ଥାନୀତ ହୋଇଛି । ଓଡିଆ କାବ୍ୟ ସାହିତ୍ୟର ବିକାଶଧାରାରେ ଏହା ଏକ ସୃଷ୍ଟି, ଏଥିରେ ଦ୍ୱିମତ ନାହିଁ ।

ଜାନକୀ ବଲ୍ଲଭ ସିଦ୍ଧିହସ୍ତ ଥିଲେ - ସମ୍ପାଦନାରେ । ଜଣେ ସାମ୍ବାଦିକ ଭାବରେ ନିଜର କର୍ମୀୟ ଜୀବନ ଆରମ୍ଭ କରିଥିବା ଜାନକୀ - ପରବର୍ତ୍ତୀ ସମୟରେ ଓଡିଶାର ଦୈନିକ ଇଂରାଜୀ ଖବରକାଗଜ "ଇଷ୍ଟର୍ଣ୍ଣ ଟାଇମ୍ସ" ର ସର୍ବୋଚ୍ଚ ପଦବୀ ସମ୍ପାଦକ ଭାବରେ (୧୯୫୨-୬୬) ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ପରେ ତତ୍‌ସହିତ ଓଡିଆ ଦୈନିକ ଖବରକାଗଜ ଡକ୍ଟର ହରେକୃଷ୍ଣ ମହତାବ ଙ୍କ - "ପ୍ରଜାତନ୍ତ୍ର" ର ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ (୧୯୫୨-୧୯୬୬) ପର୍ଯ୍ୟନ୍ତ ।

ଜାନକୀ ବଲ୍ଲଭ ଙ୍କ ମନ ମାନିନଥିଲା - ସେ ନିଜେ ସୃଷ୍ଟି କରିଥିଲେ - ଓଡିଶାର ଅଗ୍ରଣୀ ଓଡିଆ ସମ୍ବାଦପତ୍ର - "ସମ୍ବାଦ" - ଏହାର ସମ୍ପାଦକ ଅଛନ୍ତି - ତାଙ୍କ ଜାମାତା ସୌମ୍ୟରଞ୍ଜନ ପଟ୍ଟନାୟକ । ପରେ ପ୍ରତିଷ୍ଠାଲାଭ କରିଥିଲା ଜାନକୀ ଙ୍କ ପ୍ରତିଷ୍ଠିତ ସାରସ୍ୱତ ପତ୍ରିକା - "ପୌରୁଷ" (୧୯୬୭) ଅଧୁନା ସମ୍ବାଦ ମିଡିଆ ଦ୍ୱାରା ପ୍ରକାଶିତ ଓ ଜାତୀୟ-ଆନ୍ତର୍ଜାତୀୟ ସ୍ତରୀୟ ଓଡିଆ ସାରସ୍ୱତ ପତ୍ରିକା ପ୍ରବୀଣ ଓ ନବୀନ ସ୍ରଷ୍ଟାଙ୍କ ସୃଷ୍ଟି ସମୂହ - "ପୌରୁଷ" ରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ଆଜି "ପୌରୁଷ" ଓଡିଆ ସାହିତ୍ୟରେ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ଗୋଟିଏ ଉଚ୍ଚକୋଟୀର ସାରସ୍ୱତ ପତ୍ରିକା ।

କୁଳାଧିପତି ଜାନକୀ ବଲ୍ଲଭ -

ଜାନକୀ ବଲ୍ଲଭ ଙ୍କ ପାଣ୍ଡିତ୍ୱକୁ ସର୍ବୋଚ୍ଚ ସ୍ୱୀକୃତି - 'କୁଳାଧିପତି' ପଦବୀ । ତିରୁପତି ଠାରେ ପ୍ରତିଷ୍ଠିତ - ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସେ କୁଳାଧିପତି । ଦିନର - ସଂସ୍କୃତ ସ୍ନାତକ ଛାତ୍ର - ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ପଦବୀ କୁଳାଧିପତି ପଦବୀ ମଣ୍ଡନ କରିବା ତାଙ୍କ ଜ୍ଞାନ ଓ ଗାରିମାର କୀର୍ତ୍ତିରାଜି ।

ସଂସ୍କୃତ ବିଦ୍ୟାନ ଜାନକୀ ଙ୍କ ଅନବିଦ୍ୟ ସୃଷ୍ଟି - ସଂସ୍କୃତ ଭାଷାରୁ - ଓଡିଆ ଭାଷାରେ ଅନୁବାଦ - ରାମାୟଣ ଓ ମହାଭାରତ ର ମହାକାବ୍ୟ । ଏହା ତାଙ୍କୁ ସଂସ୍କୃତ ପାଣ୍ଡିତ୍ୟର ଗାରିମାକୁ ସ୍ୱୀକୃତି ପ୍ରଦାନ ସହ ପାଠକୀୟ ଉଚ୍ଚଆଦୃତି ଲାଭ କରିଅଛି ।

ସ୍ରଷ୍ଟାଟିଏ ଗୌରବାନିତ୍ୱ ହେଇଥାଏ, ଯେତେବେଳେ ତା'ର ସୃଷ୍ଟିଟିକୁ ସ୍ୱୀକୃତି ମିଳିଥାଏ, ଏ ଧାରାରେ ମଧ୍ୟ ଜାନକୀ ବଲ୍ଲଭ ସାମିଲ ହେଇ ପାରିଛନ୍ତି ।

"ବୈରାଗ୍ୟ ଶତକ" - ପୁସ୍ତକ ପାଇଁ ଜାନକୀ ୧୯୮୬ ରେ ଓଡିଶା ସାହିତ୍ୟ ଏକାଡେମୀ (ଅନୁବାଦ) ପୁରସ୍କାର ପାଇଥିଲେ । ୨୦୧୨ ମସିହାରେ - "ସାହିତ୍ୟ ଭାରତୀ" ସମ୍ମାନ ସହ ମାଲବ୍ୟ ସ୍ମୃତି ସମ୍ମାନ ସହିତ ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ - "ଉତ୍କଳରତ୍ନ" ସମ୍ମାନ ୨୦୧୧ ରେ ପାଇଥିଲେ - ତାହାଥିଲା ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ । ବାସ୍ତବିକ୍ ଜାନକୀ ବଲ୍ଲଭ ଥିଲେ - ଉତ୍କଳର ଏକ ରତ୍ନ । "ବଙ୍କିମ୍ ଉପନ୍ୟାସମାଳା" ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ

ନିଜର ସୃଜନଶୀଳ ପ୍ରତିଭା ପାଇଁ ଜାନକୀ ବଲ୍ଲଭ ଙ୍କୁ ଅନେକ ବିଶ୍ୱବିଦ୍ୟାଳୟ ତାଙ୍କର ସର୍ବୋଚ୍ଚ ଡିଗ୍ରୀ - ସମ୍ମାନଜନକ ଡକ୍ଟର ଅଫ୍ ଲିଟେରେଚର (ଡି.ଲିଟ୍.) ଉପାଧି ପ୍ରଦାନ କରିଛନ୍ତି ।

ଜନ୍ମଥିଲେ ମୃତ୍ୟୁ ଆସେ, ଏହା ଚିରାଚରିତ ପ୍ରଥା - ଏଥିରୁ ଜାନକୀ ବଲ୍ଲଭ ବାଦ୍ ପଡନ୍ତେ ବା କିପରି - କାଳର ଗତିରେ ଜାନକୀ ଙ୍କ ଦେହାନ୍ତ ହୋଇଥାଏ - ୨୧ ଏପ୍ରିଲ୍, ୨୦୧୫ ମସିହାରେ ତିରୁପତି ଠାରେ ତାଙ୍କର ହୋଇଥିଲା । ଏ ଶବ୍ଦ ମୁଖରିତ ବାଣୀ

- ଓଡିଶା କାହିଁକି ଭାରତବର୍ଷକୁ ସ୍ତବ୍ଧ କରିଦେଇଥିଲା ତାଙ୍କ ପାର୍ଥୀବ ଶରୀର ତାଙ୍କର ପ୍ରିୟସ୍ଥାନ ଓଡିଶାକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଥିଲା - ପୁତ୍ର ପୃଥ୍ଵି ବଲ୍ଲଭ ମୁଖାଗ୍ନି ଦ୍ଵାରା ।

ତାଙ୍କର ମୃତ୍ୟୁରେ - ଓଡିଶା ଏକ ସୁପୁତ୍ର, ବିଚକ୍ଷଣ ରାଜନେତା, ପ୍ରଲବ୍ଧ ସାହିତ୍ୟିକ, ସୁଜ୍ଞାନୀ ପଣ୍ଡିତ, ସାମ୍ବାଦିକ ଙ୍କୁ ହରାଇଲା । ଏକ ଯୁଗର ଅବସାନ ଘଟିଲା - ଯୁଗପୁରୁଷ ଜାନକୀ ବଲ୍ଲଭ ଙ୍କ ବିୟୋଗରେ । କାଳର କରାଳଗତିରେ - ରାଜନେତା ଜାନକୀ ବଲ୍ଲଭ ହଜିଯାଇପାରନ୍ତି, ମାତ୍ର ସାହିତ୍ୟିକ ଜାନକୀ ବଲ୍ଲଭ ଅମର ରହିଥିବେ ଏ ଓଡିଆ ଜାତି ପାଖରେ, ଯେତେଦିନ ପର୍ଯ୍ୟନ୍ତ ଏ ମହିମଣ୍ଡଳରେ - ଓଡିଆ ଜାତି ରହିଥିବ । ଓଡିଆ ଜାତିର ଆରାଧ୍ୟ ଦେବତା ଜଗନ୍ନାଥ ଙ୍କର ପରମଭକ୍ତ ଥିଲେ - ଜାନକୀ ବଲ୍ଲଭ ।

# ଓଡିଆ ସାହିତ୍ୟ ର ଉଜ୍ଜ୍ୱଳତମସାଧକ
# ପ୍ରଫେସର ପଠାଣି ପଟ୍ଟନାୟକ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଉଜ୍ଜ୍ୱଳତମସାଧକ

# ପ୍ରଫେସର ପଠାଣି ପଟ୍ଟନାୟକ

ପ୍ରଫେସର ଡକ୍ଟର ସୁବାଷ ନାୟକ

ଓଡିଶା ଶିକ୍ଷାଜଗତର ଜଣେ ପ୍ରଜ୍ଞ, ବିଜ୍ଞ, ଅଧ୍ୟାପକ ଭାବେ ଓଡିଆ ସାହିତ୍ୟ ଜଗତରେ ଜଣେ ମୌଳିକ ସର୍ଜନାତ୍ମକ ଓ ସମୀକ୍ଷାତ୍ମକ ଲେଖକ ଭାବରେ ଓଡିଆ ସାରସ୍ୱତ ସଂଗଠନ କ୍ଷେତ୍ର ର ଜଣେ ପୁରୋହିତ ଭାବରେ ତ୍ରିବେଣୀ ସଙ୍ଗମ କ୍ଷେତ୍ର - ଅଧ୍ୟାପକ, ସାହିତ୍ୟିକ ଓ ସଂଗଠକ ର କର୍ଣ୍ଣଧାର ଥିଲେ - ପଠାଣି ପଟ୍ଟନାୟକ, ଦୀର୍ଘ ଛଦଶନ୍ଧି ଧରି ପରିଚିତ ଓ ପ୍ରତିଷ୍ଠାପ୍ରାପ୍ତ ।

ଓଡିଶା ପ୍ରଦେଶର ଖୋର୍ଦ୍ଧା ଜିଲ୍ଲା - ଗୁଣ୍ଡୁଣି ସାହି ଗୋଲବାଇ ଗାଁରେ ୧୯ ସେପ୍ଟେମ୍ବର, ୧୯୨୮ ମସିହାରେ ପଠାଣି ଙ୍କ ଜନ୍ମ । ମା' ଥିଲେ - ଚିତ୍ରମାଳୀ ଦେବୀ ଓ ବାପା ଥିଲେ - ସୋମନାଥ ପଟ୍ଟନାୟକ । ଆପଉିଆଣି (ଅର୍ଥାତ୍ ବାପା ମା'ଙ୍କର ପ୍ରଥମ ସନ୍ତାନ ବାଳୁତ ଅବସ୍ଥାରେ ମରଣଉତାରୁ ଜନ୍ମିଥିବା ପିଲା) ହୋଇଥିବାରୁ "ପଠାଣି" ନାମରେ ନାମିତ । ଯମ ଦୃଷ୍ଟିରୁ ବଞ୍ଚାଇବାକୁ ଜଣେ ହାଡିଆଣିଙ୍କୁ ପୁତ୍ର ଭାବରେ ଅର୍ପିତ ।

ପଠାଣି ଙ୍କ ଜେଜେ - ବାଉରୀବନ୍ଧୁ ଥିଲେ ଜଣେ ଧାର୍ମିକ ପୁରୁଷ । ପୁରାଣ ପାଠ, ପୂଜାର୍ଚ୍ଚନା ଓ ଦାନ ଖଇରାତିରେ ଆଗ୍ରହୀ । ବାପା - ପୁରୀସ୍ଥ "ଏମାର ମଠ"ର ଲ ଏଜେଣ୍ଟ ଥିଲେ, ପୁରୀ ସହରରେ ବାସୋଳି ସାହିରେ ପିତାଙ୍କ ନିର୍ମିତ ଘରମଧ୍ୟ ଥିଲା ।

ପଠାଣି ଙ୍କର ଶିକ୍ଷାରମ୍ଭ ହୋଇଥିଲା - ଗାଁ ସ୍କୁଲରେ । ସେଠାରେ ନିମ୍ନ ପ୍ରାଥମିକ ଉତ୍ତୀର୍ଣ୍ଣ । ରାମେଶ୍ୱର ସ୍କୁଲରେ ଚତୁର୍ଥ ଶ୍ରେଣୀରେ ନାମଲେଖା ସହ ହଷ୍ଟେଲର ଅନ୍ତେବାସୀ ୧୯୪୨ ମସିହାରେ ମାଇନର ଉତ୍ତୀର୍ଣ୍ଣ ହୋଇ ନବଗଠିତ ଗଦାଧର ହାଇସ୍କୁଲରେ ଅଧ୍ୟୟନ ୧୯୪୫ ମସିହାରେ ମାଟ୍ରିକ୍ ପାସ୍‌ସହ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜରେ ଆଇ.ଏ. ଶ୍ରେଣୀରେ ଅଧ୍ୟୟନ, ଛାତ୍ର କଂଗ୍ରେସରେ ଯୋଗଦାନ ଓ କଲେଜର ସାହିତ୍ୟ ସମାଜର ସହ-ସମ୍ପାଦକ ଭାବରେ ନିର୍ବାଚିତ । ପୁରୀ କଲେଜରୁ ବି.ଏ. ପାସ୍‌ପରେ ଓଡିଶାର ଐତିହ୍ୟ ରେଭେନ୍ସା କଲେଜରେ ଓଡିଆ ସାହିତ୍ୟରେ ଏମ୍.ଏ. ପାସ୍, ସାହିତ୍ୟ ଜୀବନର ଆରମ୍ଭ ସହ ୧୯୪୯ ମସିହାରେ "ରୂପକାର ରାଧାନାଥ ଓ ଚିଲିକା" ଚିରୋନାମାରେ ପ୍ରତିଷ୍ଠିତ "ଝଙ୍କାର" ସାହିତ୍ୟ ପତ୍ରିକାରେ ପ୍ରକାଶିତ । ପ୍ରବନ୍ଧ ସାହିତ୍ୟ ଆଲୋଚନା ଲେଖାରେ ଗୁରୁତ୍ୱଦାନ ।

୧୯୪୮-୫୨ ମାତ୍ର ପାଞ୍ଚବର୍ଷରେ ୩୨ ଗୋଟି ପ୍ରବନ୍ଧ ଓ ୧୨ ଗୋଟି କବିତା ପ୍ରକାଶିତ ପାଇଥାଏ । ୧୯୫୩ ରେ କବିତା ଓ ଗଳ୍ପ ଲେଖାରୁ ପ୍ରାୟ ସନ୍ନ୍ୟାସ ପ୍ରବନ୍ଧ ରଚନାରେ ପ୍ରଖରତା । ୫ ଜୁଲାଇ, ୧୯୫୪ ମସିହାରେ କଟକର ଖ୍ରୀଷ୍ଟ କଲେଜରେ ଓଡିଆ ସାହିତ୍ୟର ଅଧ୍ୟାପକ ଭାବରେ ଯୋଗଦାନ । ୧୯୮୨ ମସିହାରେ ଦୀର୍ଘ ଅଧ୍ୟାପକତ୍ୱ ଜୀବନ ପରେ ଅଧକ୍ଷ ଦାୟିତ୍ୱ ନେବା ସହିତ ସ୍ୱତନ୍ତ୍ର ପାଠଦାନରୁ ବିରତି ହୁଏ, ଅଭ୍ୟୁଦୟ ପାଠଚକ୍ର ମାଧ୍ୟମରେ ସାହିତ୍ୟ ସମାଜ ଓ ନିୟମିତ ସାହିତ୍ୟ ଚର୍ଚ୍ଚା ସହିତ ଉତ୍କଳ ସାହିତ୍ୟ ସମାଜର ସଭା ସମିତିରେ ନିୟମିତ ଯୋଗଦାନ, ଏମ୍.ଏ. ଛାତ୍ର ଥିବା ସମୟରେ ସରକାରୀ ଗବେଷକ ଭାବରେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି ଙ୍କ ସହିତ "ଚଣ୍ଡିପୁରାଣ" ସମ୍ପାଦନା କର୍ମର ଅଭିଜ୍ଞତା । ଅଧ୍ୟାପକତ୍ୱ ଜୀବନରେ ମହାବିଦ୍ୟାଳୟର କ୍ରୀଡା ସଂସଦର ଉପସଭାପତି ସହିତ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡା ସଂସଦର ସଦସ୍ୟତା ସହ କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା ଙ୍କ ସ୍ନେହଭାଜନ । ୧୯୬୪ ରେ ଯୁବଲେଖକ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ବ୍ୟକ୍ତା ଭାବରେ ଯୋଗଦାନ । ୧୯୬୮ ମସିହାର ଖ୍ରୀଷ୍ଟ ମହାବିଦ୍ୟାଳୟର - ଓଡିଆ ସାହିତ୍ୟ ସମାଜର ବାର୍ଷିକ ମୁଖପତ୍ର - "ସୃଷ୍ଟି ଓ ସମୀକ୍ଷା" ର ସମ୍ପାଦନା ଓ ୧୯୮୨ ମସିହା ପର୍ଯ୍ୟନ୍ତ ପରିଚାଳନା ଦାୟିତ୍ୱଭାର । ନ୍ୟାସନାଲ ବୁକ୍ ଟ୍ରଷ୍ଟର ଅନୁରୋଧ କ୍ରମେ - "ଓଡିଆ ଗଳ୍ପମାଳା" ସମ୍ପାଦନା । ୧୯୮୨ ମସିହାରେ ଜୁଲାଇ ମାସରେ ପ୍ରଥମ ଅଣ-ଖ୍ରୀଷ୍ଟିଆନ ଅଧକ୍ଷ ଭାବରେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଯୋଗଦାନ ଦୀର୍ଘ ୭ ବର୍ଷବ୍ୟାପି ଅଧକ୍ଷତା ପରେ ୧୯୮୮ ମସିହାରେ କର୍ମମୟ ଜୀବନରୁ ଅବସର ଗ୍ରହଣ । ଉତ୍କଳ ସାହିତ୍ୟ ସମାଜରେ ୧୯୬୩ ମସିହାରେ ଯୁଗ୍ମ ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ, ସଭାପତି ଥାଆନ୍ତି - କାଳିନ୍ଦୀଚରଣ ପାଣିଗ୍ରାହୀ । ୧୯୯୮ ମସିହାରେ - ଉତ୍କଳ ସାହିତ୍ୟ ସମାଜର ସଭାପତି ଭାବରେ ନିର୍ବାଚିତ ହୋଇଥାନ୍ତି, ୨୦୦୦ ମସିହା ଜୁଲାଇ ମାସରେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ କାର୍ଯ୍ୟଭାର ଗ୍ରହଣ କରିଥାନ୍ତି । ଅଧ୍ୟୟନ ଓ ଆଲୋଚନା ଥିଲା ତାଙ୍କ ଜୀବନବ୍ୟାପି ତପସ୍ୟା ।

ପଠାଣି ପଟ୍ଟନାୟକ ଙ୍କ ଦୀର୍ଘ ୫୦ ରୁ ଅଧିକ ପୁସ୍ତକ ପ୍ରକାଶିତ । ଗଳ୍ପ, ଉପନ୍ୟାସ, ଶିଶୁ ସାହିତ୍ୟ, ପ୍ରବନ୍ଧ, ସମାଲୋଚନା ଆଦି ସାହିତ୍ୟ ବିଭାଗରେ ସେ ନିଜର ଲେଖନୀ ଚାଳନା କରିଥିଲେ । ଓଡିଆ ସାହିତ୍ୟର ଦୁଇ ପ୍ରମୁଖ ସାରସ୍ୱତ ଅନୁଷ୍ଠାନ - ଓଡିଶା ସାହିତ୍ୟ ଏକାଡେମୀ ଓ ଉତ୍କଳ ସାହିତ୍ୟ ସମାଜର ସେ ସଭାପତି ଭାବରେ କାର୍ଯ୍ୟକରି ଅନେକ କାର୍ଯ୍ୟକ୍ରମ ସାହିତ୍ୟର ବିକାଶପାଇଁ ନେଇଥିଲେ । ଓଡିଶାର ଲବ୍ଧ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା - "ଝଙ୍କାର" ର ସେ ସମ୍ପାଦକ ଥିଲେ ।

ପଠାଣି ପଟ୍ଟନାୟକ ଙ୍କ ସାରସ୍ୱତ କୃତି ମଧ୍ୟରେ -

**ପ୍ରବନ୍ଧ ଓ ସମାଲୋଚନା -**

ଓଡିଆ ସାହିତ୍ୟର ଭୂମିକା (୧୯୫୭), ସାହିତ୍ୟ ପରିକ୍ରମା (୧୯୬୨), ସାହିତ୍ୟ ବିଚାର (୧୯୬୨), ଭାରତୀୟ

ସାହିତ୍ୟର ଭୂମିକା (୧୯୬୮), ପ୍ରବନ୍ଧ ଓ ସମାଲୋଚନା (୧୯୬୮), ସାହିତ୍ୟ ସଂହତି ଓ ସଂସ୍କୃତି (୧୯୭୨), ସମାଜ ଓ ସାହିତ୍ୟ (୧୯୭୫), ସାହିତ୍ୟ ଓ ସମୀକ୍ଷା (୧୯୭୮), ଗଙ୍ଗାଧର ସାହିତ୍ୟ ଓ ତପସ୍ୱିନୀ (୧୯୭୨), ଜୀବନୀ ସାହିତ୍ୟ ଏକ ଅଧ୍ୟୟନ (୧୯୭୭), ଓଡ଼ିଆ ସାହିତ୍ୟର ଇତିହାସ (୧୯୭୮), ସାହିତ୍ୟ ଓ ସଂସ୍କୃତି (୧୯୭୯), କବି ମନୀଷୀ ନୀଳକଣ୍ଠ (୧୯୮୪), ଜାତୀୟକବି ବୀରକିଶୋର (୧୯୯୩), ଜଗନ୍ନାଥ ଓ ଆଧାତ୍ମିକ ଚେତନା (୧୯୯୩), ସାହିତ୍ୟ ଓ ସମାଲୋଚନା (୧୯୯୩), ସାହିତ୍ୟ, ଇତିହାସ ଓ ସଂସ୍କୃତି (୧୯୯୩), ସାରଳାଦାସ (୧୯୯୬), ସାହିତ୍ୟ ମନୀଷା (୧୯୯୮), ସ୍ରଷ୍ଟା, ସୃଷ୍ଟି ଓ ସୌନ୍ଦର୍ଯ୍ୟ (୨୦୦୧), ଓଡ଼ିଆ ସାହିତ୍ୟ - ତତ୍ତ୍ୱ, ତଥ୍ୟ ଓ ତର୍ଜମା (୨୦୦୬), ଓଡ଼ିଆ ଭାଷା ଓ ସାହିତ୍ୟର ବରେଣ୍ୟ ସାଧକରଣ (୨୦୦୭) ।

ପଠାଣି ପଟ୍ଟନାୟକ - ନିଜର ପ୍ରବନ୍ଧ ରଚନାପାଇଁ ଓଡ଼ିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ସୁନାମ ଅର୍ଜନ କରିଥିଲେ । ଜଣେ ପ୍ରଜ୍ଞା, ପ୍ରାବନ୍ଧିକ ଭାବରେ ସେ ଓଡ଼ିଆ ସାହିତ୍ୟରେ ପୂଜିତ । ନିଜର ସୃଜନୀଶୀଳ ସୃଷ୍ଟି ପାଇଁ ସେ ଓଡ଼ିଆ ସାହିତ୍ୟର ଜଣେ ଅମର ସ୍ରଷ୍ଟା ।

## ପୌଢ ଓ ଶିଶୁ ସାହିତ୍ୟ -

ପ୍ରାବନ୍ଧିକ ପଠାଣି ପଟ୍ଟନାୟକ - ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ମଧ୍ୟ ସିଦ୍ଧିହସ୍ତ ଥିଲେ । ଶିଶୁ ମାନଙ୍କର ମାନସିକ ବିକାଶ ସହ ପୌଢ ମାନଙ୍କର ସୃଜନଶୀଳତାର ପରିପ୍ରକାଶ ପାଇଁ ସେ ଅନେକ ସାହିତ୍ୟ ରଚନା କରିଅଛନ୍ତି ।

ଦେଶ ବିଦେଶର କଥା ଓ କାହାଣୀ (୧୯୭୨), ସପନ ସତହେଲା (୧୯୮୭), ଲୋଡା ନାହିଁ ମୋର ଜାନି ଯଉତୁକ (୧୯୮୮), ବକୁଳ ବନର ପଞ୍ଚଶଖା (୧ମ / ୨ୟ ଭାଗ - ୧୯୮୮), ଦୂରଦେଶର ଲୋକକଥା (୧ମ / ୨ୟ ଭାଗ - ୧୯୮୯), ବିଚିତ୍ର ଜୀବନ ସଂସାର ର କାହାଣୀ (୧୯୮୯), ଜୈନଧର୍ମ କାହାଣୀ (୧୯୯୧), ପିଲାଙ୍କ କଥା ସରିତ ସାଗର (୧୯୯୧), ଜାତକ କାହାଣୀ (୧ମ / ୨ୟ ଭାଗ - ୨୦୦୧), ଦେଶ ବିଦେଶର ବୁଦ୍ଧିମା ଙ୍କ କାହାଣୀ (୨୦୦୪), ପଞ୍ଚତନ୍ତ୍ରୀ କାହାଣୀ (୨୦୦୬), ବୈଦିକ କାହାଣୀ (୧ମ / ୨ୟ ଭାଗ - ୨୦୦୬), ତେନାଲି ରାମକୃଷ୍ଣ (୨୦୦୪) ପ୍ରମୁଖ ଓଡ଼ିଆ ସାହିତ୍ୟର ଏକ ଏକ ଅମୂଲ୍ୟ କୃତି ।

## ପତ୍ରିକା ପୃଷ୍ଠାରେ କ୍ଷୁଦ୍ରଗଳ୍ପ -

ପଠାଣି ପଟ୍ଟନାୟକ ଙ୍କ ଅନେକ କ୍ଷୁଦ୍ରଗଳ୍ପ ଓଡିଶାର ବିଭିନ୍ନ ସାରସ୍ୱତ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ ଲାଭ କରିଅଛି ।

ଭଲ ପାଇବାର ସ୍ୱପ୍ନ (ଡଗର ପତ୍ରିକା), କଳ୍ପନା ବିହାର (ବୀଣା), ଜନତା ଅଦାଲତର ବନ୍ଦୀ (ଜାଗରଣ), ସ୍ମୃତିପୂଜା ତରଙ୍ଗ (ତରୁଣ ସାହିତ୍ୟ ମନ୍ଦିର, ପୁରୀ), କୁଆଁର ପୁନେଇଁ (ପ୍ରଜାତନ୍ତ୍ର - ୭ ନଭେମ୍ବର, ୧୯୪୯), ରେଙ୍ଗୁନ ଯାତ୍ରା (ନବୀନ, ବ୍ରହ୍ମପୁର), ସମାଧାନ (ନବୀନ), ଚକ ଘୂରିଯାଇଛି (ନବୀନ), ଗୋଧୂଳି ନଇଁଆସେ (ନବୀନ), ଜୀବନସ୍ମୃତି (ନବୀନ), କାଳିଯାଇରେ ଗୋଟିଏ ରାତ୍ରି (ନବୀନ), ଛୋଟର ମାୟା (କୁଙ୍କୁମ, ବମ୍ବେ - ୧୯୫୦), ସେ ଦିନର ଆଶ୍ଚର୍ଯ୍ୟ ସକାଳ (ନବୀନ), ଜୀବନର ମୋହ (ସଂଗ୍ରାମ), ଲଗ୍ନ ମଉଳି ଯାଉଛି (ପ୍ରଜାତନ୍ତ୍ର), ଅସାନ୍ତଝଡ (ଆସନ୍ତାକାଲି) ।

## କବିତା -

କବିତା କ୍ଷେତ୍ରରେ ପଠାଣି ପଟ୍ଟନାୟକ ଙ୍କ ସ୍ୱାକ୍ଷର ରହିଅଛି । ଅଳ୍ପ କେତେଗୋଟି କବିତା ରଚନାକରି ବିଭିନ୍ନ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଥିଲା ।

ମେଘ ଉଠିଆସେ କଳାହାଣ୍ଡିଆ (ମିନାବଜାର - ପ୍ରଜାତନ୍ତ୍ର), ପ୍ରଣୟ ତାଜ (ସଂଗ୍ରାମ) - ଛଦ୍ମନାମ - କୁମାରୀ ପଟ୍ଟନାୟକ ଗୋଲାପରାଣୀ - ସଂଗ୍ରାମ - ଛଦ୍ମନାମ - କୁମାରୀ ପଟ୍ଟନାୟକ ମାଟିର ମଣିଷ - (ସନେଟ୍) - ଉତ୍କଳ କେଶରୀ - ପୁରୀ ଅନାଗତ - (ସନେଟ୍) - ଉତ୍କଳ କେଶରୀ - ପୁରୀ କାହିଁ ରହିଛ ପ୍ରିୟ - (ନବୀନ), କବି ପ୍ରକୃତି (ନବୀନ), ସ୍ୱପ୍ନ ଓ ବାସ୍ତବତା (ନବୀନ), ଅଭିସାର ପଥେ (ନବୀନ), ପାଶେ ପାଶେ ରହି (ନବୀନ), ପଲ୍ଲୀସଞ୍ଜ (ନବୀନ), ଅନ୍ଧାରଯାତ୍ରୀ (ନବୀନ), ଅଚିହ୍ନା ଅତିଥି (ନବୀନ), ପଥପ୍ରାନ୍ତେ (ଚତୁରଙ୍ଗ), ଗାଁ ଦାଣ୍ଡର ଅଳସ ସଞ୍ଜେ (ମିନାବଜାର - ପ୍ରଜାତନ୍ତ୍ର), ମୋ ପିଲାଦିନ (ମିନାବଜାର - ପ୍ରଜାତନ୍ତ୍ର) ।

## ସମ୍ବାଦଧର୍ମୀ ଲେଖା ଓ ଅନୁବାଦ -

ପଠାଣି ପଟ୍ଟନାୟକ ଙ୍କ ଅନେକ ରଚନା ଯାହାକି ସମ୍ବାଦଧର୍ମୀ ଜନମାନସରେ ପ୍ରଭାବିତ କରିପାରୁଥିଲା ଏବଂ ଅନେକ ଭାଷାରୁ ସେ ଓଡ଼ିଆ ଭାଷାକୁ ଅନୁବାଦ କରିଥିବା ସୃଷ୍ଟି ସାରସ୍ୱତ ପତ୍ର ଓ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ଗାନ୍ଧୀବାଦ ଓ ଚରଖା (ପୂର୍ଣ୍ଣିମା ପତ୍ରିକା), ଗାଁ ଦାଣ୍ଡର ଅତୀତ ଓ ବର୍ତ୍ତମାନ (ଉତ୍କଳ କେଶରୀ), ହରିଜନ ଆନ୍ଦୋଳନ (ସେବକ - ୧୯୪୮), କଳା ଓ ତା'ର ପ୍ରୟୋଜନ (ଓଗର - ୧୯୪୮), ସାହିତ୍ୟର ଆଦର୍ଶ (ପ୍ରଜାତନ୍ତ୍ର), ପ୍ରାଚ୍ୟ ଭାରତର ସାଂସ୍କୃତିକ ଇତିହାସର ଧାରା (ସହକାର), ଗୋପବନ୍ଧୁ ଓ ଲୋକଶାସନ (ଦୈନିକ ଆଶା), ବର୍ଣ୍ଣ ବୈଷମ୍ୟ ନୀତି ଓ ଦକ୍ଷିଣ ଆଫ୍ରିକା ଭାରତୀୟ ସମସ୍ୟା (ଦୈନିକ ଆଶା), ଗାନ୍ଧିଜୀ ଙ୍କ ରାଷ୍ଟ୍ରନୀତି ଓ ଗଣତନ୍ତ୍ର ଶାସନ (ଓଗର), ବାପୁଜୀ ଓ ଅହିଂସା (ପ୍ରଜାତନ୍ତ୍ର), ସ୍ୱାଧିନତା

ପରେ ପୂର୍ଣ୍ଣଗଠନ ପରିକଳ୍ପନା (ପ୍ରଜାତନ୍ତ୍ର), ଉପନ୍ୟାସ ନାଟକ ଓ ଗଳ୍ପ (ଅନୁବାଦ - ଝଙ୍କାର), ସାହିତ୍ୟର ଉଦ୍ଦେଶ୍ୟ (ଅନୁବାଦ - ଝଙ୍କାର), ସମ୍ବଲପୁର ସାହିତ୍ୟ ସମ୍ମିଳନୀ (ଝଙ୍କାର), ଶାନ୍ତି ନା ଅଶାନ୍ତି (ଆସନ୍ତାକାଲି), ଯଦି ଇଂରେଜମାନେ ଭାରତକୁ ଆସିନଥାନ୍ତେ (ପ୍ରଜାତନ୍ତ୍ର), ଓଡିଆ ଭାଷା ଓ ସାହିତ୍ୟ ସହିତ ବଙ୍ଗ ସାହିତ୍ୟର ସମ୍ପର୍କ (କୁଙ୍କୁମ - ଅଗଷ୍ଟ, ୧୯୪୯), ଉତ୍କଳମଣି ଗୋପବନ୍ଧୁ (ରବିବାର - ପ୍ରଜାତନ୍ତ୍ର), ସୃଜନ ଆଳାପ (ସାରସ୍ୱତ ସାକ୍ଷାତକାର) - ଜନସୁଧା - ସାରସ୍ୱତ ପତ୍ରିକା - ଏପ୍ରିଲ୍, ୨୦୦୩ ଆଦି ଅନେକ ପତ୍ର, ପତ୍ରିକାରେ ପ୍ରକାଶିତ ହୋଇ - ପଠାଣି ପଟ୍ଟନାୟକ ଙ୍କୁ ଏକ ପ୍ରଜ୍ଞାଦୀପ୍ତ ଭାବରେ ଓଡିଆ ସାହିତ୍ୟରେ ମାନ୍ୟତା ମିଳିଥିଲା

## ପ୍ରାପ୍ତସମ୍ମାନ - ପୁରସ୍କାର - ସମ୍ବର୍ଦ୍ଧନା -

ସ୍ରଷ୍ଟା କେତେବେଳେ ଖୁସି ହୋଇଥାଏ, ଯେତେବେଳେ ତା'ର ସୃଷ୍ଟିକୁ ସମାଜ ଗ୍ରହଣ କରିଥାଏ । ସମାଜର ବିଭିନ୍ନ ଅନୁଷ୍ଠାନରୁ - ତା'ର କୃତିପାଇଁ ସମ୍ବର୍ଦ୍ଧୀତ ହୋଇଥାଏ । ସେହି ମୂହୁର୍ତ୍ତ ତାକୁ ବିଭୋଗ କରିଥାଏ - ପଠାଣି ପଟ୍ଟନାୟକ, ସେଥିରୁ ବା ବାଦ୍ ପଡିଥାନ୍ତେ କିପରି - ଅନେକ ଅନୁଷ୍ଠାନ ଦ୍ୱାରା ସେ ସମ୍ମାନୀତ ଓ ସମ୍ବର୍ଦ୍ଧୀତ ।

ଜୀବନରଙ୍ଗ କଲଚରାଲ ଆସୋସିଏସନ୍ - ୧୯୭୦
ସାଲେପୁର ମହାବିଦ୍ୟାଳୟ - ଛାତ୍ର ସଂସଦ - ୧୯୭୯
ଶ୍ରାବଣୀ ସାହିତ୍ୟ ସଂସଦ - କେନ୍ଦ୍ରାପଡା - ୧୯୭୨
ଫାଲଗୁନୀ ସମ୍ମାନ - ଭୁବନେଶ୍ୱର - ୧୯୮୪
ଆଜାଦ୍ ହିନ୍ଦ୍ ସାଂସ୍କୃତିକ ଅନୁଷ୍ଠାନ - କୁଜଙ୍ଗ - ୧୯୮୪
ନୀଳଶୈଳ - କଟକ - ୧୯୮୬
ବିଷୁବ ମିଳନ, ଝଙ୍କାର ପୁରସ୍କାର - ୧୯୮୭
ନୂତନ ଛାତ୍ରାବାସ - ଖ୍ରୀଷ୍ଟ ମହାବିଦ୍ୟାଳୟ - କଟକ - ୧୯୮୮
ନନ୍ଦିଘୋଷ ସମ୍ମାନ - କଳା, ସାହିତ୍ୟ, ସଂସ୍କୃତି ବିକାଶ ଅନୁଷ୍ଠାନ - ବୋଲଗଡ, ଖୋର୍ଦ୍ଧା - ୧୯୯୨
ଖୋରଜା ସାହିତ୍ୟ ସଂସଦ ସମ୍ମାନ - ୧୯୯୧
ଚାଚା ନେହୁରୁ ସମ୍ମାନ - କଟକ - ୧୯୯୧
ଜୀବନରଙ୍ଗ - ରଜତ ଜୟନ୍ତୀ ସମ୍ମାନ - ୧୯୯୨
ଓଡିଶା ସାହିତ୍ୟ ଏକାଡେମୀ ସମ୍ମାନ - ୧୯୯୩
ସାରଳା ସମ୍ମାନ, ସାରଳା ସ୍ମାରକ - ତେନ୍ତୁଳିପଦା, କଟକ - ୧୯୯୩
ବର୍ତ୍ତିକା ପୁରସ୍କାର - ଦଶରଥପୁର, ଯାଜପୁର - ୧୯୯୪
ଗୋପିନାଥ ନନ୍ଦ - ପ୍ରବନ୍ଧ ଓ ସମାଲୋଚନା ସମ୍ମାନ - ଉତ୍କଳ ସାହିତ୍ୟ ସମାଜ - କଟକ - ୧୯୯୪
କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର - ଓଡିଆ ଗବେଷଣା ପରିଷଦ - କଟକ - ୧୯୯୪
ସାରଳା ସମ୍ମାନ - ସାରଳା ସାହିତ୍ୟ ସଂସଦ - କଟକ - ୧୯୯୪
ପଲ୍ଲୀକବି ନନ୍ଦକିଶୋର ବଳ ସମ୍ମାନ - ଭୁବନେଶ୍ୱର - ୧୯୯୫
ପାଠକ ସଂସଦ ସମ୍ମାନ - କଟକ - ୧୯୯୫
ଓଡିଶା ପୂଜ୍ୟପୂଜା ଏକାଡେମୀ ସମ୍ମାନ - କଟକ - ୧୯୯୫
ମାଣିକ ସ୍ୱାଇଁ ସ୍ମାରକୀ ଅରୁଣ ସାହିତ୍ୟ ସମ୍ମାନ - ୧୯୯୬
ଖରସ୍ରୋତା ସାଂସ୍କୃତିକ ପରିଷଦ ସମ୍ମାନ - କାଣ୍ଡିଆହାଟ, କଟକ - ୧୯୯୭
ଭଞ୍ଜ ପ୍ରତିଭା ସମ୍ମାନ - ଗୋକନ, ମହାଙ୍ଗା - ୧୯୯୭
ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମେଳନ ସମ୍ମାନ - କଟକ - ୧୯୯୮
ବୟନିକା ସମ୍ମାନ - ନୟାଗଡ - ୧୯୯୯
ଚିରସନ୍ଧାନ ସମ୍ମାନ - ଭୁବନେଶ୍ୱର - ୧୯୯୯
ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ ସମ୍ମାନ - ପୁରୀ
ଲେଖକ ସାମ୍ମୁଖ୍ୟ ସମ୍ମାନ - ଭୁବନେଶ୍ୱର - ୨୦୦୦
ପ୍ରବାହ ସାହିତ୍ୟ ପରିଷଦ ସମ୍ମାନ - କାମାକ୍ଷାନଗର - ୨୦୦୦
ଉପେନ୍ଦ୍ରଭଞ୍ଜ ସମ୍ମାନ - (ସମୟ) - ଦୈନିକ ଓଡିଆ ସମ୍ବାଦପତ୍ର - ୨୦୦୦
ଅନରାରୀ ରୋଟାରିଆନ୍ - (ରୋଟାରି କ୍ଲବ୍) - କଟକ - ୨୦୦୦
ପୁର୍ନନିବା ସହସ୍ରାବ୍ଦୀ ପ୍ରବନ୍ଧ ପୁରସ୍କାର - ଚାନ୍ଦୋଳ, କେନ୍ଦ୍ରାପଡା - ୨୦୦୧
ସାହିତ୍ୟ ଭାରତୀ ସମ୍ମାନ - କଟକ - ୨୦୦୧

ବିଭାବନା ସମ୍ମାନ - ଢେଙ୍କାନାଳ - ୨୦୦୧
ବାବା ଭୈରବାନନ୍ଦ ମହାବିଦ୍ୟାଳୟ - ଚଣ୍ଡିଖୋଲ, ଯାଜପୁର - ରୌପ୍ୟଜୟନ୍ତୀ ସମ୍ମାନ - ୨୦୦୧
ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ମାନ - ୨୦୦୧
କଳା ବିନୋଦ ସମ୍ମାନ - ୨୦୦୧
ଖ୍ରୀଷ୍ଟ ମହାବିଦ୍ୟାଳୟ - କଟକ - ଘରୋଇ ଓଡିଆ ଏମ୍.ଏ. ବିଭାଗ ସମ୍ମାନ - ୧୯୮୮
ଉତ୍କଳ ସାହିତ୍ୟ ସମାଜ - ସତବାର୍ଷିକ ସମ୍ମାନ - ୨୦୦୨
ଉତ୍କଳ ବିଶ୍ୱବିଦ୍ୟାଳୟ ଶ୍ରୀଧର ଦାସ ସ୍ମୃତିନ୍ୟାସ ଶତବାର୍ଷିକ ସମ୍ମାନ - ୨୦୦୨
ଉତ୍କଳରତ୍ନ ସମ୍ମାନ - ଭୁବନେଶ୍ୱର
ସୁଲେଖା ସମ୍ମାନ - ପୁରୀ - ୨୦୦୨
ସହଯୋଗୀ (କଟକ) ସମ୍ମାନ - ୨୦୦୩
ଏଭରେଷ୍ଟ ଟିମ୍ - ବୁଢି ଠାକୁରାଣୀ - କଟକ - ସୁବର୍ଣ୍ଣ ଜୟନ୍ତୀ ସମ୍ମାନ - ୨୦୦୩
ଜନସୁଧା ସମ୍ମାନ (ସାରସ୍ୱତ ପତ୍ରିକା) - କଟକ - ୨୦୦୪
ସହକାର ପ୍ରବନ୍ଧ ସମ୍ମାନ - ୨୦୦୫
ପୁରୀ ପୁସ୍ତକମେଳା ସମ୍ମାନ - ୨୦୦୫
ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ - ରୌପ୍ୟ ଜୟନ୍ତୀ ସମ୍ମାନ - ୨୦୦୫
ମହମ୍ମଦାନ ୟୁଥ କଲଚରାଲ ଆସୋସିଏସନ୍ ସମ୍ମାନ - କଟକ - ୨୦୦୫
ଖ୍ରୀଷ୍ଟ କଲେଜ - କଟକ - ଡାଇମଣ୍ଡ ଜୁବ୍ଲି ସମ୍ମାନ - ୨୦୦୬
ବରିଷ୍ଠ ନାଗରିକ କଲ୍ୟାଣ କେନ୍ଦ୍ର - ଅନ୍ଧରପୁର, କଲ୍ୟାଣନଗର, କଟକ - ୨୦୦୭
ବିଶ୍ୱକଲ୍ୟାଣ ପାଠଚକ୍ର - ସାଇଭବନ ମୋରିଆ ବଜାର, କଟକ ସମ୍ମାନ - ୨୦୦୭
ଜାତୀୟ ପ୍ରକାଶନ ସମିତି - କଟକ - ୨୦୦୭
ବିଜୟ ଭାରତୀ ସମ୍ମାନ - ଭୁବନେଶ୍ୱର - ୨୦୦୭
ସହକାର ସମ୍ମାନ - ୨୦୦୮
୨୯ତମ ଭୁବନେଶ୍ୱର ପୁସ୍ତକମେଳା ସମ୍ମାନ - ୨୦୦୮
ଉତ୍କଳ ସାହିତ୍ୟ ଏକାଡେମୀ ପୁରସ୍କାର - ୨୦୧୦ - ତାଙ୍କ ଆତ୍ମଜୀବନୀ "ଜୀବନର ଚଲାପଥ" ପୁସ୍ତକ ପାଇଁ ପାଇଥିଲେ

ସମକାଳୀନ ଓଡିଆ ସାହିତ୍ୟକୁ ସାହିତ୍ୟସାଧକ ପଠାଣି ପଟ୍ଟନାୟକ ଙ୍କ ଅବଦାନ ଉଲ୍ଲେଖଯୋଗ୍ୟ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ କାଳଧରି ଆଧୁନିକ ଓଡିଆ ସାହିତ୍ୟର ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟକୁ ସେ ବିକଶିତ କରିବାକୁ ନିଷ୍ଠାପର ଉଦ୍ୟମ କରିଛନ୍ତି । ଜୀବନୀ ସାହିତ୍ୟ - "ଏକ ଅଧ୍ୟୟନ" ପୁସ୍ତକ ଅଧ୍ୟାପକ ପଠାଣି ପଟ୍ଟନାୟକ ଙ୍କର ଏକ ଉନ୍ନତ ଦୃଷ୍ଟିଭଙ୍ଗୀର ସୂଚନା ଦେଇଥାଏ ।

"ନୀଳାଚଳ" - ହାତଲେଖା ପତ୍ରିକା ଠାରୁ ତାଙ୍କ ଆତ୍ମଜୀବନୀ - "ଜୀବନର ଚଲାପଥ" ପର୍ଯ୍ୟନ୍ତ ହଜାର ହଜାର ପୃଷ୍ଠାର ମୌଳିକ ସର୍ଜନାତ୍ମକ ଓ ଅନୁବାଦ ରଚନା କରିବାରେ ପୃଷ୍ଟ ତାଙ୍କ ସର୍ଜନାଜଗତ ।

୪ ଫେବୃୟାରୀ, ୨୦୧୭ ଦିନ - ପଠାଣି ପଟ୍ଟନାୟକ ତାଙ୍କ କଟକସ୍ଥିତ ବାସଭବନରେ ଦେହାନ୍ତ ହୋଇଥିଲେ । ତାଙ୍କ ଶରୀର ପଞ୍ଚଭୂତରେ ବିଲୀନ ହୋଇଥିଲା ସତ, ମାତ୍ର ତାଙ୍କର କାଳଜୟୀ ସୃଷ୍ଟି ଓଡିଆ ସାହିତ୍ୟର ଇତିହାସରେ ଲିପିବଦ୍ଧ ହୋଇରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ବାସ୍ତବିକ୍ ଓଡିଆ ସାହିତ୍ୟର ଉଜ୍ଜ୍ୱଳତମ ସାଧକ ଥିଲେ - ପ୍ରଫେସର ପଠାଣି ପଟ୍ଟନାୟକ ।

# ଓଡିଆ ସାହିତ୍ୟ ର ସ୍ରଷ୍ଟା
# ଜୟନ୍ତ ମହାପାତ୍ର

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ସ୍ରଷ୍ଟା

## ଜୟନ୍ତ ମହାପାତ୍ର

ପ୍ରଫେସର ଡକ୍ଟର ସୁବାଷ ନାୟକ

ଓଡିଆ ସାହିତ୍ୟର ସ୍ରଷ୍ଟା - ଜୟନ୍ତ ମହାପାତ୍ର (୨୨ ଅକ୍ଟୋବର, ୧୯୨୮) ଓଡିଶାରେ ଜନ୍ମିତ । ଜଣେ ଓଡିଆ ତଥା ଇଂରାଜୀ କବି ଭାବରେ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ । ୨୭ ଗୋଟି ଇଂରାଜୀ କବିତା ସଂକଳନ ସହିତ ୯ଟି ଓଡିଆ କବିତା ସଂକଳନ, ଗୋଟିଏ ଓଡିଆ ଗଳ୍ପ ସଂକଳନ ସହିତ ଆତ୍ମଜୀବନୀ - "ପାହିନି ରାତି" ପ୍ରକାଶ ପାଇସାରିଛି । ଯାହାକି ତାଙ୍କୁ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟରେ ପ୍ରତିଷ୍ଠିତ କରାଇ ପାରିଅଛି । ସେ ଅନେକ ସମ୍ମାନଜନକ ପୁରସ୍କାର ଲାଭ କରିଅଛନ୍ତି ।

ଜୟନ୍ତ ମହାପାତ୍ର - ୨୨ ଅକ୍ଟୋବର, ୧୯୨୮ ମସିହାରେ ଦୁର୍ଗାଷ୍ଟମୀ ତିଥିରେ କଟକରେ ଏକ ନିମ୍ନ ମଧ୍ୟବିତ୍ତ ପରିବାର ରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ - ନେମୁଏଲ ମହାପାତ୍ର ଓ ମାତାଙ୍କ ନାମ - ସୁଧାଂଶୁବାଳା ଦାସ ।

ଜୟନ୍ତ କଟକର ଷ୍ଟିବର୍ଟ ସ୍କୁଲରେ ପାଠପଢା ଆରମ୍ଭକରି ପରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ) ରେ ସ୍ନାତକୋତ୍ତର (ଏମ୍.ଏସ୍‌ସି.) ଡିଗ୍ରୀଧରି କର୍ମମୟ ଜୀବନ ଆରମ୍ଭ କରିଥିଲେ ।

ଜଣେ ଅଧ୍ୟାପକ ଭାବରେ ଓଡିଶାର ବିଭିନ୍ନ ସରକାରୀ କଲେଜ ଯଥା - ଫକୀରମୋହନ କଲେଜ, ବାଲେଶ୍ୱର, ଗଙ୍ଗାଧର ମେହେର କଲେଜ, ସମ୍ବଲପୁର, ବିଜେବି କଲେଜ, ଭୁବନେଶ୍ୱର, ରେଭେନ୍ସା କଲେଜ, କଟକ ରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାବରେ କାର୍ଯ୍ୟକରି ୧୯୮୬ ମସିହାରେ ପ୍ରଫେସର ପଦବୀରୁ ଅବସର ଗ୍ରହଣ କରିଥିଲେ ।

ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି - ଜୟନ୍ତ ମହାପାତ୍ର - ପଦାର୍ଥ ବିଜ୍ଞାନର ଅଧ୍ୟାପକ ସହିତ ଇଂରାଜୀ ଓ ଓଡିଆ ସାହିତ୍ୟର ସାହିତ୍ୟିକ ଭାବରେ କବିତା କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଅଛନ୍ତି ।

### ଜୟନ୍ତ ଙ୍କ ସାରସ୍ୱତ ଯାତ୍ରା -

୩୮ ବର୍ଷ ବୟସରେ ଅଧ୍ୟାପକ ଜୟନ୍ତ ମହାପାତ୍ର - କବିତା ରଚନା କରିଲେ ଓ ୨ ବର୍ଷ, ୪୦ ବର୍ଷ ବୟସରେ ତାଙ୍କର ପ୍ରଥମ କବିତା ସଂକଳନ - "ସ୍ୱୟଂବର" ପ୍ରକାଶିତ ହୋଇଥିଲା । ପରେପରେ "କବିତା ସମୂହ" - ୧୯୭୧ ମସିହାରେ ଓ ପରେ "କ୍ଲୋଜ ଦି ସ୍କାଇ", "ଟେନ ବାଇ ଟେନ" ପ୍ରକାଶିତ ହୋଇଥିଲା । ଏହାପରେ ତାଙ୍କର ସାରସ୍ୱତ ସୃଷ୍ଟିର ଧାରା ଅବ୍ୟାହତ ରହିଲା ।

ପାଠକୀୟ ଆଦୃତି ଲାଭ କରିଥିବା - ଜୟନ୍ତ ମହାପାତ୍ର ଙ୍କ କବିତା ସଂକଳନଟି ହେଉଛି - "ଦି ଲଙ୍ଗ ପୋଏମ୍ ରିଲେସନ୍‌ସିପ୍" - ଏହି କବିତା ସଂକଳନ ତାଙ୍କୁ ୧୯୮୧ ମସିହାରେ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିଥିଲା ।

କିଛି କ୍ଷୁଦ୍ରଗଳ୍ପ ଗୁଡିକୁ ନେଇ ସେ ଏକାକୀ "ଗ୍ରୀନ୍ ଗାର୍ଡେନର" ନାମକ ଏକ ପୁସ୍ତକ ପ୍ରକାଶନ କରିଅଛନ୍ତି ।

ସମ୍ପାଦନା କ୍ଷେତ୍ରରେ - ଜୟନ୍ତୀ ମହାପାତ୍ର ଙ୍କ ସଫଳତା ଅନେକ । କଟକରୁ ପ୍ରକାଶିତ ଏକ ସାହିତ୍ୟ ପତ୍ରିକା - "ଚନ୍ଦ୍ରଭାଗା" କୁ ସେ ବହୁବର୍ଷ ଧରି ସମ୍ପାଦନା କରିଅଛନ୍ତି ।

### ଓଡିଆ ସାହିତ୍ୟ -

ପାହିନି ରାତି (ଆତ୍ମଜୀବନୀ)

### କବିତା -

ସ୍ୱୟଂବର (୧୯୭୧)
ପ୍ରତୀକ୍ଷା (୧୯୭୯)
ସମ୍ପର୍କ (୧୯୮୦)
ବଳୀ (୧୯୯୩)
କହିବି ଗୋଟିଏ କଥା (୧୯୯୫)
ଟିକିଏ ଛାଇ (୨୦୦୪)
ଭୋର ମୋଇତ୍ର କନଫୁଲ (୨୦୧୧)
ବାୟାରାଜା (୧୯୯୭)
ଯଦି ବା ଗପଟିଏ (୨୦୦୮)

**ଇଂରାଜୀ ସାହିତ୍ୟ -**

"କ୍ଲୋଜ୍ ଦ ସାଇ -
ଟେନ ବାଇ ଟେନ"
"ଏ ରେନ ଅଫ୍ ରଇଟ୍"
"ରିଲେସନ୍‌ସିପ୍"

ଆହୁରି ଅନେକ କବିତା ପାଖାପାଖି ୨୯ଟି ଇଂରାଜୀ ସଂକଳନ - ଜୟନ୍ତ ମହାପାତ୍ର ଙ୍କୁ ଜଣେ କବି ଭାବରେ ବିଶ୍ୱ ସାହିତ୍ୟରେ ପ୍ରତିପାଦିତ କରିପାରିଅଛି ।

"ଏଇଟି ଟେଲସ୍ - ଫରମ୍ - ଫକୀରମୋହନ"
ବାଏ୍ - ଜୟନ୍ତ ମହାପାତ୍ର
ବିଜୟିନୀ ପବ୍ଲିକେସନ୍ - ଅରୁଣଦୋୟ ନଗର, କଟକ
(ମାର୍ଚ୍ଚ - ୨୦୧୭)

**ଜୟନ୍ତ ମହାପାତ୍ର ଙ୍କ କବିତା - "ପୀଡିତା କ୍ଷେତ" :**

କିଏ କିଛି ପାରିବ କରି
ଏ ବିଷଣ୍ଣ କ୍ଷେତରେ
ଯେଉଁଠି ଆସେ ନା ଆଉ
ଖରା ବର୍ଷା ଶୀତ ?

ତୁଛାଟାରେ
ଏ ମାଟିରେ ଅଙ୍କ କଷିଲେ
ଶରତ ପବନର ଧାନକେଣ୍ଡା
କେବେ ବି ହସିବ ?
ଚାଷୀଟିଏ ତା' ସ୍ୱରରେ
ଏ ମାଟିରୁ ଆଉ
ଫୁଟୋଇ ପାରିବ କି
ଗାଇ ଆସୁଥିବା ସେ ଖୁସି ଖୁସି ଗୀତ ?

ହଁ ବାକି ଆତ୍ମା
କ୍ଷେତର ତ ଆତ୍ମା ନିଶ୍ଚୟ ଅଛି ।
କିନ୍ତୁ ଦେଖନ୍ତି କିଏ ସେ ଆତ୍ମାକୁ
ବୋଧେ ଚାଷୀ, ବଳଦ
ହିଡ ଗାତ ମାନଙ୍କରେ କଙ୍କଡ଼ା
ଆଉ ଗାଁର ସାନସାନ ପିଲାମାନେ
ଧନୀ ଲୋକଙ୍କର କ'ଣ ମିଳିବ ଆତ୍ମାରୁ
ମନ୍ତ୍ରୀଙ୍କ କଥା କହିପାରିବି ନାହିଁ ।

ଆଜି ସେହି କ୍ଷେତର
ହାଡର ଗହ୍ୱର ଭିତରେ
ଦିନ ରାତି
ତା' ଆତ୍ମାର କୋଇଲି ଟିଏ
ଗୀତ ଗାଇବାକୁ ଚେଷ୍ଟା କରୁଥାଏ ।

ହେଲେ
କେଉଁ ଗୀତ ବାହାରି ପାରିବ
ସେ ବିଷାକ୍ତ ହୁଙ୍କାରୁ
ଯେଉଁଠି ବବିନା ପାଲଟିଚି
ଆଉ ଗୋଟେ ପଥର
ଦୁଃଶାସନ ର ବିଦ୍ରୂପ ହସ ଯେତେବେଳେ
ରୁଦ୍ଧ କରିଚି ତା' ଶ୍ୱାସ ।

ଏ କ୍ଷେତ ରହିବ ନାହିଁ
ଆଉ କ୍ଷେତ ହୋଇ
ଭାସୁଥିବ ଦିଗହରା ହୋଇ ଆକାଶରେ
ରକ୍ତାକ୍ତ ଦେହକୁ ଧରି
ପିଶାଚ ଙ୍କ ଆଗେଆଗେ
ତାରା ବି ଖୋଲିବେ ନାହିଁ ଆଖି
ପକ୍ଷୀଙ୍କ ଡେଣାରେ
ଲାଗିବ ନାହିଁ ବି ସୂର୍ଯ୍ୟର ନିଆଁ
ଶୁଭିବ ନାଇଁ ଝିଣ୍ଟିକାର ଡାକ
ଆଉ ସେ ବାଟେ ଯାଉଥିବା ଲୋକେ
କ୍ଷେତର ଶବକୁ ଦେଖି ଆଡେଇ ଚାଲିଯିବେ
କାରଣ ତାଙ୍କ ହୃଦୟ ଶୁଖିଲା ପଡିଥିବ ।

ମୋ ଛାତି ଭିତରେ କିନ୍ତୁ
ନିଃସଙ୍ଗ କ୍ଷେତ ଗୋଟିଏର ସୂକ୍ଷ୍ମ ବିବେକଟି
ଲୁଚେଇ ରଖିଥିବ
କୋମଳ ଫୁଲଙ୍କ ଉଲ୍ଲାସ
ମହୁମାଛି ଙ୍କ ଗୁଞ୍ଜନ, ଗୁଞ୍ଜର ଙ୍କ ଗୁଣୁଗୁଣୁ
ସେଇ ଉଲ୍ଲାସ, ଭୁଲେଇ ଦେବ ଯାହା ମତେ
ନିଷ୍ଠୁରତା, କ୍ରୋଧ, ବଳାତ୍କାର ଓ ହତ୍ୟା
ନେଇଯିବ ମତେ ନିର୍ଭୀକ ଘାସର ରାସ୍ତାରେ
ଭଲ ପାଇବାର ଧାରେଧାରେ
ହଜିଯିବା ଯାଏ ମୁଁ
ଏକ ଉଚ୍ଛ୍ୱସିତ, ଲୁହ ବିହୀନ ବିଦାୟରେ ।

ବିଶିଷ୍ଟ କବି ଜୟନ୍ତ ମହାପାତ୍ର ଙ୍କ କବିତା - "ପୀଡିତା କ୍ଷେତ" ରେ ତାଙ୍କ କବିତ୍ୱର ଶକ୍ତି ବେଶ୍ ବାରି ଉଠିଅଛି । କ୍ଷେତରେ ଯେପରି ଖରା, ବର୍ଷା, ଶୀତ ର ପ୍ରକୋପ, ଚାଷୀ କୁଳର ପରିଶ୍ରମରେ ଅନ୍ନ ଅମଳ ସହ ମାନବର ଜୀବନ ଧାରଣା ଠିକ୍ ସେହିପରି ମାନବ ଜୀବନ ସତେ ସେ ନିଜ ଜୀବନକୁ କ୍ଷେତ ସହିତ ତୁଳନାକରି ନିଃସଙ୍ଗ କ୍ଷେତରେ ସୂକ୍ଷ୍ମ ବିବେକ କୁ ତୁଲେଇଛନ୍ତି । ମାନବର ଅପରାଧକୁ ଭଲ ପାଇବାରେ ପରିଣତ କରିବାକୁ ଜନମାନସକୁ ଆହ୍ୱାନ ଦେଇଛନ୍ତି - ପରିଶେଷରେ ନିଜକୁ ହଜାଇଦେଇ ଉଲ୍ଲେସିତ ହୋଇ ଲୁହବିହୀନ ବିଦାୟ ନେବାକୁ ଶ୍ରେୟ ମଣିଛନ୍ତି

ବାସ୍ତବିକ୍ କବି ଜୟନ୍ତ ଙ୍କ ଭାବନା ବେଶ୍ ମାର୍ମିକ ଓ ହୃଦୟସ୍ପର୍ଶୀ ।

ପାଦଟୀକା - ଚେତନାଧର୍ମୀ ସାହିତ୍ୟ ପତ୍ର - "ଜନସୁଧା"
(ଜାନୁୟାରୀ-ମାର୍ଚ୍ଚ, ୨୦୧୭)

## ଜୟନ୍ତ ମହାପାତ୍ର ଙ୍କ କବିତା - "ପଥର ଗୋଟିଏ ଗୋଟିଏ" :

ବୋଝ ପରି ଲାଗେ
କେବେକେବେ ଏଇ ମୋ ଭାରତବର୍ଷ
ଏଇ ସ୍ମୃତି, ଅତୀତର ଅଭୁଲା ସ୍ୱର
କେବଳ ପଥର ଗୋଟିଏ ଗୋଟିଏ ହେଇ
ଦିନ ପରେ ଦିନ ନୀରବ ହେଇ
ସେ ପଥରଙ୍କ ନିରୀହତା ନଥାଏ,
ମୋ ମନେହୁଏ ସତେ ଯେମିତି
ଗୋଟିଏ ବୃହତ୍ତ କଙ୍କାଳର ହାଡସବୁ
ଯେମିତି ପଡିଥାନ୍ତି ଏଣେତେଣେ
ଇଚ୍ଛାହୁଏ ମୋର ଲେଖିବାକୁ ଏଇ କଥା
ବିଦେଶରେ ରହୁଥିବା ନାତି ନାତୁଣୀ ଙ୍କୁ ।
ଆଉ ବେଳେବେଳେ ମେତେ ଲାଗେ
ଆତ୍ମହତ୍ୟା କରିଥିବା ମୃତ ଚାଷୀଙ୍କ ଶବ
ସେମାନଙ୍କ ଅନମନୀୟ ଆଙ୍ଗୁଠିରେ
ଈଶ୍ୱର ଙ୍କୁ ଜାବୁଡି ଧରି
ସ୍ୱର୍ଗକୁ ଧମକାଇବାରେ ଲାଗିଥାନ୍ତି ।

ଆଜି ଯେଉଁଆଡେ ଚାହେଁ ମୁଁ
ସାମ୍ନାରେ କେବଳ ଇଟାର ଉଚ୍ଚଉଚ୍ଚ କାନ୍ଥ
ଦିଶେ ନାହିଁ ଦୂରତ୍ୱର ହାଲୁକା ପଣ
କେହି ଜୀବନ୍ତ ଥିଲାପରି ମନେ ହୁଏନି ଏଠି
କିଛି ବି ନଥାଏ
ମଣିଷ ବା ପଶୁ ବା ସବୁଜ ବନ ଜଙ୍ଗଲ
କେବଳ ପଥର ହିଁ ପଥର, ଖଣ୍ଡଖଣ୍ଡ ପଥର
କେବଳ ପଥର ର ସମାନତା, ମାଇଲ ମାଇଲ ଧରି
ସତେ ଯେମିତି ସେ ପଥର, ସବୁ ଟଙ୍ଗା ହେଇଛନ୍ତି
ଗୋଟିଏ ମୁହଁ ନଥିବା ଈଶ୍ୱର ରୁ ।

ଆଉ ନଗଡା ପରି ଗାଁରେ ଯେବେ
ସେ ଭୋକିଲା ପିଲାଙ୍କୁ ଦେଖେ, ଦେଖେ
ଡାଲୁଆ ଗାଲ, ସଜନା ଛୁଇଁର ଗୋଡ
ସବୁବେଳେ ଅସ୍ଥିର, ଚଞ୍ଚଳ, ଚହଲୁଥିବା ଗୋଡ
ଦେଖେ ତାଙ୍କ ବାପା, ମା' ଙ୍କ ଆଖିକୁ
ଯେତେବେଳେ ଜାଣିପାରେ ଯେ ବଣଜନ୍ତୁ
ତାଙ୍କ ଗୁମ୍ଫା ମାନଙ୍କରୁ ଚାଲିଆସି
ଏକାଠି ହୋଇଛନ୍ତି, ତାଙ୍କ ନିଜନିଜ ଦୃଷ୍ଟିରେ
ସେତେବେଳେ ମୋ ଗୋଡହାତ
ତାଙ୍କ ନିଜ ଇଚ୍ଛା ଅନୁସାରେ ଇଆଡେ ସିଆଡେ
ମାତାଲଙ୍କ ପରି ହୁଅନ୍ତି
ତାଙ୍କ ଉପରେ ମୋର କୌଣସି ଦଖଲ ନଥାଏ
ରାଜାଙ୍କ ଦେହରୁ
ଖସି ଯାଇଥାଏ ବସ୍ତ୍ର ଗୋଟିଏ ଗୋଟିଏ

ଦିଶେଖାଲି ଏକ ବିସ୍ତାରିତ ଉଲଗ୍ନତା
ଯେଉଁ ଉଲଗ୍ନତାର ବୋଝ
ଆଜି ଆଣ୍ଠୁ ଭାଙ୍ଗି ପକାଏ ଆମ ସଭିଁଙ୍କର ।
ଆଉ ଦିନଦିନ ଧରିପଡି ରହେ ମୁଁ
ବିଛଣାରେ ଏକାକୀ
କିଛି ନଥାଏ କରିବାକୁ କାମ ମୋର
ଦେଖେ ଦେବଦାରୁ ଡାଳରୁ ପତ୍ର ଝଡିବାର
ଦେଖୁଥାଏ ସେତିକି ଘଣ୍ଟା ତା'ର ଘଣ୍ଟା
ଆଉ ଝରକା କୁ ଦେଖେ
ଜହ୍ନ କେମିତି ଶୋଇ ପଡିଥାଏ ।
ତା' ନିଜ ଥକ୍କା ପାଦ ଉପରେ
ଅନାହାର ରେ ପିଲାଟି ପଡିଥିବା ପରି
ସେଇ ଝଡୁଥିବା ପତ୍ରଟି ଭିତରେ
ଦେଖୁଥାଏ ମୁଁ
ମୃତ୍ୟୁ ବହନ କରିଥିବା ଲୋକମାନଙ୍କ
ବିରାଟ ବଙ୍କାଟଙ୍କା ମୁହଁ,
କୁହୁଡି - ଭିଜା କାଚ ସକାଳ ମାନଙ୍କରେ
ପଥର ଗୋଟିଏ ଗୋଟିଏ,
କେତେବେଳେ କେତେବେଳେ ପଶିଆସି
ଝୁଲୁଥାନ୍ତି ଶୂନ୍ୟତାରେ ମୋ ଖଟର କିଛି ଉପରେ
ଆଉ ନିଦ ମୋର ଯାଏ ଚାଲି
ସେଇ ଅଜଣା ଦେଶକୁ
ଯେଉଁଠି ଅନ୍ଧାର ହୋଇଥାଏ
ଆଉ ଶୋଇବା ନିରାପଦ ଥାଏ ।

ବାସ୍ତବିକ୍ କବି ଜୟନ୍ତ ମହାପାତ୍ର ଙ୍କ କବିତା - "ପଥର ଗୋଟିଏ ଗୋଟିଏ" ରେ, ସେ ମାନବ ଜୀବନକୁ ତୁଳନା କରିଛନ୍ତି । ଆମରାଷ୍ଟ୍ର ଭାରତବର୍ଷର ସ୍ମୃତି - ଅଭୁଲା ଅତୀତ ସ୍ୱରକୁ ସେ ମନେ ପକାଇଛନ୍ତି । ବିଦେଶରେ ରହିଥିବା ନାତି-ନାତୁଣୀ ଙ୍କୁ ଏସବୁ ଲେଖିବାକୁ ତାଙ୍କର ଇଚ୍ଛା ହୋଇଅଛି ।

ପୁଣି କେତେବେଳେ କବିଙ୍କର ହୃଦୟକୁ ବିଦାରିତ କରିଛି - ଅନାହାର ରେ ପ୍ରପୀଡିତ ଓଡିଶାର ଯାଜପୁର ର ନଗଡ଼ା ଗାଁର ଦୃଶ୍ୟ, ସୁଅଟ୍ଟାଳିକା ପାହାଡ ମଧ୍ୟରେ ଘୋର ଘଞ୍ଚ ଜଙ୍ଗଲରେ ଆଦିବାସୀ ପିଲାମାନେ ସୁଷମ ଖାଦ୍ୟ ଅଭାବରୁ ଡାଳୁଅ ପତ୍ରର ଗାଲ ଭଳି ଓ ସଜନା ଛୁଇଁ ଭଳି ଗୋଡ ଦୃଶ୍ୟକୁ ସ୍ୱାଧିନତାର ୭୩ ବର୍ଷରେ ମଧ୍ୟ ଏହା ଆମ ରାଜ୍ୟର ବାସ୍ତବସ୍ଥିତିକୁ, ସେ କବିତା ମାଧ୍ୟମରେ ସ୍ଥାନୀତ କରିଅଛନ୍ତି ।

ଅବାପୁଣି ନିଜକୁ କୁହୁଡିଭରା ସକାଳରେ ନିଜ ଖଟର ଶୟନରେ ତାଙ୍କ ନିଦ ଚାଲିଯାଏ, ଯେଉଁଠି ସର୍ବଦା ଅନ୍ଧାର ଆଉ ଶୋଇବା ନିରାପଦ ଥାଏ, ତାହା ହେଉଛି - ମୃତ୍ୟୁଶଯ୍ୟା ।

ବାସ୍ତବିକ୍ କବିଙ୍କ କବିତ୍ୱ ବେଶ୍ ହୃଦୟସ୍ପର୍ଶୀ ।

ପାଦଟୀକା - ଚେତନାଧର୍ମୀ ସାହିତ୍ୟ ପତ୍ର - "ଜନସୁଧା"
ମହାପୂଜା ସଂଖ୍ୟା (ସ୍ୱନକ୍ଷତ୍ର ବିଶେଷାଙ୍କ)
ଅକ୍ଟୋବର-ଡିସେମ୍ବର, ୨୦୧୭

## ଜୟନ୍ତ ମହାପାତ୍ର ଙ୍କ ସମ୍ମାନ ଓ ପୁରସ୍କାର -

ଜୟନ୍ତ ମହାପାତ୍ର ପଦାର୍ଥ ବିଜ୍ଞାନର ଅଧ୍ୟାପକ ହୋଇଥିଲେ ମଧ୍ୟ ସାରସ୍ୱତ ସାଧନାରେ ସିଦ୍ଧିହସ୍ତ ଥିଲେ । ଜଣେ ଆନ୍ତର୍ଜାତୀୟ କବି ଭାବରେ ବେଶ୍ ସୁନାମ ଅର୍ଜନ କରିବାସହ ବହୁ ମାନ ଓ ସମ୍ମାନର ଅଧିକାରୀ ହୋଇଥିଲେ ।

ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ତାଙ୍କୁ ସମ୍ମାନସୂଚକ - ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ମିଳିଥିବାବେଳେ

ଉତ୍କଳ ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ - ଡକ୍ଟର ଅଫ୍ ଲିଟେରେଚର (ଡି.ଲିଟ୍.) ଉପାଧି ପାଇଛନ୍ତି ।

କେନ୍ଦ୍ର ସାହିତ୍ୟ ଏକାଡେମୀର - ଫୋଲୋସିପ୍ (ମହତ୍ତର ସଦସ୍ୟ) - ସର୍ବୋଚ୍ଚ ସାରସ୍ୱତ କୃତି ଆଧାରରେ ପ୍ରଦାନ କରାଯାଇଅଛି (୨୦୧୯)।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୧)

ବିଷୁବ ପୁରସ୍କାର (୨୦୦୭) - ସାରସ୍ୱତ କୃତିପାଇଁ

ସାରଳା ସମ୍ମାନ (୨୦୧୦) - ସାରସ୍ୱତ ସୃଷ୍ଟିପାଇଁ

ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - "ଉତ୍କଳ ସାହିତ୍ୟ ସମାଜ" ର ସର୍ବୋଚ୍ଚ ସମ୍ମାନ - "ଉତ୍କଳରତ୍ନ" (୨୦୧୪)

ସମ୍ବଲପୁର ବିଶ୍ୱବିଦ୍ୟାଳୟର (ଓଡିଆ ଭାଷା ଓ ସାହିତ୍ୟ ବିଭାଗ) ସର୍ବୋଚ୍ଚ ସମ୍ମାନ - ଗଙ୍ଗାଧର ଜାତୀୟ କବି ସମ୍ମାନ (୧୯୯୪) - କବିସୃଷ୍ଟିକୁ ଆଧାରକରି ପ୍ରଦାନ କରାଯାଇଛି ।

ଜୟପୁର ସାହିତ୍ୟ ଉତ୍ସବ (ରାଜସ୍ଥାନ) - ଜୀବନବ୍ୟାପି ସାହିତ୍ୟ ସାଧନାକୁ ଆଧାରକରି - "କହ୍ନେୟାଲାଲ ସେଠିଆ ସମ୍ମାନ"

ଆମେରିକାର ପତ୍ରିକା - "ପୋଏଟ୍ରି - ଚିକାଗୋ" ତରଫରୁ "ଜାକବ ଗ୍ଲାଡଷ୍ଟୋନ୍" ପୁରସ୍କାର କବିତ୍ୱଶକ୍ତି କୁ ନେଇ ପ୍ରଦାନ କରାଯାଇଅଛି ।

ସାରସ୍ୱତ ସୃଷ୍ଟି ଓ ଶିକ୍ଷା ପାଇଁ - ଭାରତ ସରକାର - ଜୟନ୍ତ ମହାପାତ୍ର ଙ୍କୁ - ଭାରତର ନାଗରିକ ସମ୍ମାନ ପଦ୍ମସମ୍ମାନ (୨୦୦୯) ମସିହାରେ ପ୍ରଦାନ କରିଅଛନ୍ତି ।

ମାତ୍ର ଦେଶରେ ବିଦ୍ୱେଷଭାବକୁ ବିରୋଧକରି ସେ ପଦ୍ମସମ୍ମାନ ଙ୍କୁ ଫେରସ୍ତ କରାଇଛନ୍ତି ।

ଏହି ମହାନ ଆନ୍ତର୍ଜାତୀୟ କବି - ଜୟନ୍ତ ମହାପାତ୍ର ଙ୍କ ସାନ୍ନିଧ୍ୟ ମୋ ଜୀବନରେ ଥରେ ଆସିଥିଲା । ୟୁଜିସି ଅନୁମୋଦିତ ସାରସ୍ୱତ ପତ୍ରିକା - "ରକ୍‌ପେବୁଲ" ର ଏକ ଜାତୀୟ ସେମିନାର (୨୦୧୯) - ଯାଜପୁର ରୋଡର ବ୍ୟାସନଗର କଲେଜରେ ।

୯୩ ବର୍ଷର ଶରୀରରେ ମଧ୍ୟ ଏକ ଯୁବସୁଲଭ ଗୁଣର ଅଧିକାରୀ - କବି ଜୟନ୍ତ ମହାପାତ୍ର, ଓଡିଆ ସାହିତ୍ୟର ସ୍ରଷ୍ଟା । ମହାପ୍ରଭୁ ଜଗନ୍ନାଥ ତାଙ୍କ ଚଲାପଥ ଜୀବନରେ ଉନ୍ନତି ଆଣିଥାନ୍ତୁ, ଏତିକି ହିଁ ପ୍ରାର୍ଥନା ।

ମୋର ଏ ମାନସମନ୍ଥନ ସାରସ୍ୱତସମ୍ଭାର - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ରେ କବି ଜୟନ୍ତ ଙ୍କୁ ସ୍ଥାନଦେଇ ନିଜକୁ ଧନ୍ୟମନେ କରୁଛି ।

# ଓଡିଆ ସାହିତ୍ୟ ରେ ନାରୀସ୍ୱର
# ନନ୍ଦିନୀ ଶତପଥି

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ରେ ନାରୀସ୍ୱର

## ନନ୍ଦିନୀ ଶତପଥି

ପ୍ରଫେସର ଡକ୍ଟର ସୁବାଷ ନାୟକ

ଓଡିଆ ସାହିତ୍ୟରେ ଏକ ନାରୀସ୍ୱର - ନନ୍ଦିନୀ ଶତପଥି । ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ଙ୍କ କନ୍ୟାରତ୍ନ - ନନ୍ଦିନୀ, ମା' ଥିଲେ - ରତ୍ନମଣି ଦେବୀ । ସ୍ୱାଧିନତା ସଂଗ୍ରାମୀ - ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଙ୍କ ନାତୁଣୀ ଓ ଓଡିଶାରେ ସାମ୍ୟବାଦୀ ଆନ୍ଦୋଳନର ପ୍ରବର୍ତ୍ତକ - ଭଗବତୀ ଚରଣ ପାଣିଗ୍ରାହୀ ଙ୍କ ଝିଆରୀ ।

କଟକର ପିଠାପୁର ଠାରେ ୯ ଜୁନ୍, ୧୯୩୧ ରେ - ନନ୍ଦିନୀ ଜନ୍ମଗ୍ରହଣ କରିଥିଲେ । ଛାତ୍ରୀ ଜୀବନରୁ ସେ ରାଜନୀତି ଓ ସାହିତ୍ୟ ସର୍ଜନ ପ୍ରତି ଆକୃଷ୍ଟ ହୋଇଥିଲେ । ରେଭେନ୍ସା କଲେଜରେ - ଓଡିଆ ଭାଷା ଓ ସାହିତ୍ୟରେ (ଏମ୍.ଏ.) କରିବା ସମୟରେ ୧୯୫୧ ମସିହାରେ ୨୦ ବର୍ଷ ବୟସରେ ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇ - ରେଭେନ୍ସା କଲେଜରେ ଇଂରେଜ ପତାକା ୟୁନିୟନ ଜାକ୍‌କୁ ଓଲାରି ଦେଇଥିଲେ । ଏଠାରେ ତାଙ୍କ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ ହୋଇପାରିଥିଲା ।

ଯଥେଷ୍ଟ ସାହିତ୍ୟିକ ବୁନିଆଦି ଥିବା ପରିବାରରେ ନନ୍ଦିନୀ ଶତପଥି ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରାଥମିକ ଶିକ୍ଷା ରେଭେନ୍ସା ବାଳିକା ବିଦ୍ୟାଳୟ, କଟକରେ । ବାପା - କାଳିନ୍ଦୀଚରଣ ଙ୍କ ଭାଷା ଓ ଦାଦା - ଭଗବତୀ ଚରଣ ଙ୍କ ଭାବ ତାଙ୍କୁ ପିଲାଟି ଦିନରୁ ପ୍ରଭାବିତ କରିଥିଲା । ସେ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ସମୟରେ - "ଅନାଥ" - ନାମକ ଗଳ୍ପ ରଚନା କରିଥିଲେ, ସେହି ଦିନଠାରୁ ସେ ସାହିତ୍ୟରେ ମନୋନିବେଶ କରିଥିଲେ ।

ମଣିଷକୁ ଭଲପାଇ ସେ ହୋଇଥିଲେ - କବି, ତା'ର ଦୁଃଖ, ଦୁର୍ଦ୍ଦଶା କୁ ଲେଖନୀ ମୁନରେ ରୂପାନ୍ତିତ କରି ସେ ପାଲଟିଥିଲେ ଗାଳ୍ପିକା ଓ ଅନୁବାଦିକା । ମଣିଷକୁ ତା'ର ନ୍ୟାର୍ଯ୍ୟ ଦାବି ଦେବାପାଇଁ ସେ ସାଜିଥିଲେ ରାଜନୈତିକ । ନନ୍ଦିନୀ ଙ୍କୁ ସମସ୍ତେ ଜାଣନ୍ତି ମୁଖ୍ୟତଃ ରାଜନୈତିକ ଭାବରେ କିନ୍ତୁ ସେହି ରୁକ୍ଷ ବନ୍ଧୁର ରାଜନୈତିକ ଜୀବନର ଧୂସରତା ତଳେ ଲୁକ୍କାୟିତ ହୋଇ ରହିଥିଲା ଅନ୍ତସଲୀଳା ଫଲଗୁ ପରି କଳକଳ ନାଦରେ ବହିଯାଉଥିବା ସାହିତ୍ୟର ଛଳ ଧାରାଟିଏ ।

ଗରିବ ମଣିଷର ଅକୁହା କଥା ବେଶ୍ ଆନ୍ଦୋଳିତ କରୁଥିଲା - ନନ୍ଦିନୀ ଙ୍କ ପ୍ରାଣକୁ । ସେ ସବୁବେଳେ ଲଢୁଥିଲେ ହକ୍‌ପାଇଁ । ସାମ୍ୟବାଦୀ ରାଜନୀତିରୁ ନନ୍ଦିନୀ ଆସିଥିଲେ ୧୯୬୦ ମସିହାରେ କଂଗ୍ରେସକୁ ତତ୍‌କାଳୀନ ରାଜ୍ୟ କଂଗ୍ରେସ ସଭାପତି - ବିଜୁ ପଟ୍ଟନାୟକ ୧୯୬୦ ରେ ନନ୍ଦିନୀ ଙ୍କୁ ଓଡିଶା ପ୍ରଦେଶ ମହିଳା କଂଗ୍ରେସର ଦାୟିତ୍ୱ ପ୍ରଦାନ ପାଇଁ ପ୍ରୋତ୍ସାହନ କରିଥିଲେ । କଂଗ୍ରେସର ୧୯୬୨ ମସିହାରେ ନନ୍ଦିନୀ - ଓଡିଶାରୁ ରାଜ୍ୟସଭା ସାଂସଦ ଭାବରେ ଭାରତୀୟ ପାର୍ଲ୍ୟାମେଣ୍ଟକୁ ଯାଇଥିଲେ । ନନ୍ଦିନୀ ଦେବୀ - ରାଜ୍ୟସଭାରେ ଏକ ଭାଷଣ ଦେଉଥିବା ସମୟରେ ସେଠାରେ ଉପସ୍ଥିତ ଥିଲେ - ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହୁର । ନନ୍ଦିନୀ ଙ୍କ କଥା କହିବାର ଢଙ୍ଗ, ଶୈଳୀ ଓ ସ୍ୱଷ୍ଟ ଚିନ୍ତାଧାରା ଆଶ୍ଚର୍ଯ୍ୟ କରିଥିଲା - ନେହୁର ଙ୍କୁ । ସେ ବିସ୍ମୟରେ ପଚାରିଥିଲେ - ହୁ ଇଜ୍ ଦିସ୍ ୟଙ୍ଗ ଲେଡି ? (ଏ ତରୁଣୀଟି କିଏ ?)

ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମୟରେ - ନନ୍ଦିନୀ ଥିଲେ ସବୁଠାରୁ ଚର୍ଚ୍ଚିତା । ସେ ସମୟରେ ସେ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି । ଅଖିଳ ଭାରତ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟା । ୧୯୬୬ ମସିହାରେ ନନ୍ଦିନୀ ଙ୍କୁ - ଇନ୍ଦିରା ନିଜ ମନ୍ତ୍ରୀମଣ୍ଡଳରେ କରିଥିଲେ - ସୂଚନା ଓ ପ୍ରସାରଣ ବିଭାଗର ମନ୍ତ୍ରୀ । ୧୯୬୮ ରେ ନନ୍ଦିନୀ ଦ୍ୱିତୀୟବାର ଯାଇଥିଲେ - ରାଜ୍ୟସଭା ସାଂସଦ ଭାବରେ ଓଡିଶାରୁ ପୁନଶ୍ଚ ହୋଇଥିଲେ କେନ୍ଦ୍ରମନ୍ତ୍ରୀ ଆଟାଚ ଟୁ ପ୍ରାଇମ୍ ମିନିଷ୍ଟର । ଇନ୍ଦିରା ଙ୍କ ବିଦେଶ ଗ୍ରସ୍ତ ଓ ସରକାରୀ କାର୍ଯ୍ୟକ୍ରମ ସମୟରେ ଛାୟା ହୋଇ ଯାଇଥିଲେ - ନନ୍ଦିନୀ ଦେବୀ ।

ନନ୍ଦିନୀ ଦେବୀଙ୍କର ରାଜନୈତିକ ଜୀବନରେ ଏକ ପ୍ରମୁଖ ଘଟଣା ହେଉଛି - ୧୯୭୨ ମସିହାରେ କଟକ ବିଧାନସଭା ଉପନିର୍ବାଚନ ଗୋଟିଏ ପଟେ - ନନ୍ଦିନୀ, ଅପରପଟରେ - ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିଲେ - ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ର ଓ ତାଙ୍କୁ ସମର୍ଥନ କରିଥିଲେ - ତିନିଜଣ ମୁଖ୍ୟମନ୍ତ୍ରୀ - ହରେକୃଷ୍ଣ ମହତାବ, ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ବିଜୁ ପଟ୍ଟନାୟକ । ଶେଷରେ ନନ୍ଦିନୀ ଙ୍କ ବିଜୟ ଘଟିଲା । ଏହି ନିର୍ବାଚନରେ ବିଜୟୀ ହୋଇ ସେ ଓଡିଶାର ଅନନ୍ୟ ନେତାର ମାନ୍ୟତାପାଇ ପାରିଥିଲେ । ୧୯୭୨-୧୯୭୪ ଓ ୧୯୭୪-୧୯୭୬ ଦୁଇଥର ସେ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇ ପାରିଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡିଶାରେ ଅନେକ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ହୋଇଥିଲା । ଓଡିଶା ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷା, ବହୁବାର ବିଧାୟିକା ଭାବରେ ସେ ନିଜର ରାଜନୈତିକ ଜୀବନ ଅତିବାହିତ କରିଥିଲେ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଯୁଗାନ୍ତକାରୀ ଓଡିଶା ଭୂସଂସ୍କାର ଆଇନ୍ ପରିଣତ ହୋଇଥିଲା ।

ରାଜନୀତି ଭିତରେ ସବୁଭୁଲି ହୋଇଯାଏ, ମାତ୍ର ନନ୍ଦିନୀ ଭୁଲିନଥିଲେ - ସାରସ୍ୱତ ସାଧନାକୁ । ରେଭେନ୍ସା କଲେଜରୁ ଓଡିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) ପାସ୍ କଲାପରେ ସାରସ୍ୱତ ସୃଷ୍ଟିରେ ସାଧାରଣ ମଣିଷର ଭାଷା, ତାଙ୍କ ଭିତରେ ଫୁଟି ଉଠିଥିଲା । ନନ୍ଦିନୀ ଦେବୀ - ଯେପରି ଜଣେ ସୃଷ୍ଟିଶାଳୀ ଲେଖିକା, ସେହିପରି ଜଣେ ସଫଳ ଅନୁବାଦିକା ଥିଲେ ।

## ନନ୍ଦିନୀ ଙ୍କ ସୃଷ୍ଟି

| ଗଳ୍ପ | କବିତା | ଅନୁବାଦ |
|---|---|---|
| କେତୋଟି କଥା | ଉତ୍ତର ପୁରୁଷ | କ୍ରୀଷ୍ଣା କ୍ରିପାଳିନୀ ଙ୍କ ଗାନ୍ଧୀ କଥାମୃତ |
| ଶପ୍ତଦର୍ଶୀ | | ମହେଶ୍ୱତା ଦେବୀ ଙ୍କ ନିର୍ବାଚିତ ଗଳ୍ପ |
| | | ତସଲିମା ନାସରିନ ଙ୍କ ଲଜ୍ଜା |
| | | ଅମୃତା ପ୍ରୀତମ ଙ୍କ ରେଭ୍ୟୁନ୍ ଟିକେଟ୍ |

ଅନୁବାଦ ମଧ୍ୟରେ - କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ କ୍ରୀଷ୍ଣା କ୍ରିପାଳିନୀ ଙ୍କ ଦ୍ୱାରା ଲିଖିତ ଜାତିର ଜନକ ମହାତ୍ମାଗାନ୍ଧୀ ଙ୍କ ଆତ୍ମଜୀବନୀ - "ଗାନ୍ଧୀ କଥାମୃତ" କୁ ଓଡିଆରେ ଅନୁବାଦ କରିଥିଲେ - ନନ୍ଦିନୀ, ଯାହାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁସ୍ତକ ଆକାରରେ ପ୍ରକାଶ କରିଥିଲେ ।

ପଦ୍ମଭୂଷଣ ଅମୃତା ପ୍ରୀତମ ଙ୍କ "ରେଭ୍ୟୁନ୍ ଟିକେଟ୍" କୁ ନନ୍ଦିନୀ - ଓଡିଆରେ ଅନୁବାଦ କରିଥିଲେ । "ରେଭ୍ୟୁନ୍ ଟିକେଟ୍" - ଅନୁବାଦ ପୁସ୍ତକ ପାଇଁ ନନ୍ଦିନୀ ଦେବୀ - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ।

ବଙ୍ଗଳାଦେଶର ବିବାଦୀୟ ଲେଖିକା - ତସ୍‌ଲିମା ନାସରିନ ଙ୍କ ବହୁଚର୍ଚ୍ଚିତ ଉପନ୍ୟାସ - "ଲଜ୍ଜା" କୁ ନନ୍ଦିନୀ ଦେବୀ - ଓଡିଆରେ ଅନୁବାଦ କରିଛନ୍ତି । ଏହାଦ୍ୱାରା ସେ ଅଜସ୍ର ଯଶର ଅଧିକାରୀ ହୋଇ ପାରିଛନ୍ତି ।

ପଦ୍ମଭୂଷଣ ମହେଶ୍ୱତା ଦେବୀଙ୍କ "ନିର୍ବାଚିତ ଗଳ୍ପ" କୁ ନନ୍ଦିନୀ ଦେବୀ - ଓଡିଆରେ ଅନୁବାଦ କରି ଓଡିଆ ଅନୁବାଦ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ।

ନନ୍ଦିନୀ ଦେବୀ - ପିଲାଟି ଦିନରୁ ଗରିବଙ୍କ ଦୁଃଖ ଓ ଦୁର୍ଦ୍ଦଶା ଲାଘବ କରିବାରେ ମନନିବେଶ କରୁଥିଲେ, ଯାହା ତାଙ୍କର ସୃଷ୍ଟି ଅଧିକାଂଶ ଗଳ୍ପ ଓ କବିତାର ପୃଷ୍ଠଭୂମି । ତାଙ୍କର କବିତା, ଗଳ୍ପ - ସୀତା ନାନୀର ପୁଅ, ଆଶ୍ରୟ ପ୍ରାର୍ଥୀ, ବିଷର ବଳୟ, ବିରୋଷା ଭୋଇ ପ୍ରଭୃତି ଗଳ୍ପ ଓ ବନ୍ଧ ଭାଙ୍ଗିଗଲା, ମୋ ମା', ରକ୍ତର ଜୀବନ, ସ୍ୱପ୍ନର ବି ସ୍ୱପ୍ନଥାଏ, ଚନ୍ଦ୍ର ତୁମେ ଆଉ ଆସନାହିଁ, ବିଶ୍ୱାସ, ବିଶ୍ୱାସ, ବିଶ୍ୱାସ ପ୍ରଭୃତି କବିତାରେ ଶୋଷିତ ଜନତାର ଆହାକାର ଅତି ହୃଦୟସ୍ପର୍ଶୀ ଭାବରେ ରୂପାୟିତ । "ଠିକଣା ହଜିଗଲା" - ତାଙ୍କର ଏକ ଚମତ୍କାର କବିତା, ଯେଉଁଥିରେ କବିଙ୍କର ହତାଶ ଜର୍ଜରିତ ପ୍ରାଣର ବେଦନା ଝରିପଡିଛି - ଟୋପାଟୋପା ହୋଇ । ରାଜନୀତିରେ ଯୋଗଦେବା ପରେ ତାଙ୍କର ସେ ସ୍ୱପ୍ନର ସେତୁ ଭାଙ୍ଗିପଡିଛି ଖଣ୍ଡଖଣ୍ଡ ହୋଇ, ତେଣୁ - "ସ୍ୱପ୍ନର ସେତୁ" - କବିତାରେ ତାଙ୍କର ବିଦ୍ରୋହୀ ଆତ୍ମା ଗାଇଉଠିଛି ବାସ୍ତବତାର କରୁଣ କଥା ।

ନନ୍ଦିନୀ ଦେବୀ - ଓଡିଶାର ମୁଖ୍ୟମନ୍ତ୍ରୀ ଭାବରେ ସାରା ଓଡିଶା ବୁଲିବାପରେ, ସେ ନାରୀମାନଙ୍କର ଅସୁରକ୍ଷିତ ଜୀବନକୁ ଅତି ନିକଟରୁ ପ୍ରତ୍ୟକ୍ଷ କରିଅଛନ୍ତି । ତଥାପି ସେ ସେମାନଙ୍କ ନିର୍ଯ୍ୟାତିତା ଜୀବନର ଗତାନୁଗତିକ ବର୍ଣ୍ଣନା ନଦେଇ ସେମାନଙ୍କୁ ଉତ୍ତରଣର ପଥ ଦେଖାଇଛନ୍ତି । ନାରୀ ତୁମେ ନୁହେଁ ଖାଲି ନାରାୟଣୀ କବିତାରେ ବର୍ଣ୍ଣିତ । ବହୁରୂପି କବିତାରେ ଆମର ପୁରୁଷ ପ୍ରଧାନ ସମାଜକୁ ଚେତାବନୀ ଶୁଣାଇଛନ୍ତି ।

ନନ୍ଦିନୀ ଦେବୀଙ୍କ ଗଳ୍ପ - "ଅପରାହ୍ନର ସଙ୍ଗୀତ" - ନିଜକୁ ମହାମହିମ ସମ୍ରାଟ ଭାବୁଥିବା ପୁରୁଷର ଅହଂ କିପରି ଅପରାହ୍ନରେ ଭୁଷୁଡି ପଡିଛି, ତାହା ସେ ସୂଚାଇଅଛନ୍ତି । "ସୀତା ନାନୀର ପୁଅ" - ଗଳ୍ପରେ ନିମ୍ନବର୍ଗର ଦୁଃଖ, କଷ୍ଟ ଓ ସଂଘାତର କାହାଣୀ ରୂପାୟିତ । "ଗାୟତ୍ରୀ" - ଗଳ୍ପରେ ଦାରିଦ୍ର୍ୟର ହରଡଘଣୀରେ ପୋଷିହୋଇ ଗୋଟିଏ ଫୁଟି ଆସୁଥିବା ପ୍ରତିଭାର ଅପମୃତ୍ୟୁ ଘଟିଅଛି ଓ ସେ ମାନସିକ ଭାରସାମ୍ୟ ହରାଇ ପାଗଳି ହୋଇଯାଇଛି । "ଭସାମେଘ" - ଗଳ୍ପରେ ଗୋଟିଏ ଅସହାୟ ନାରୀର ଅସହାୟତାକୁ ଜୀବନ୍ତ ଭାବରେ ବର୍ଣ୍ଣନା କରାଯାଇଅଛି । "ଅଭିମାନ" - ଗଳ୍ପରେ ଗୋଟିଏ ବୟସ୍କ ରମଣୀର ଅଭିମାନ ପ୍ରକଟିତ ହୋଇଅଛି । "ତାସ୍‌ଘର" - ଗଳ୍ପରେ ନିଜର ବଡଲୋକ ଓ ଅହଂକୁ ନେଇ ବଞ୍ଚିଥିବା ନାରୀଟିଏ ନିଜ ଝିଅର ସମାଜସେବା ପାଖରେ ହାରମାନିଛି । "ଡଷ୍ଟବିନ୍" - ଗଳ୍ପରେ ଜଣେ ପରଶ୍ରୀକାତର ନାରୀର ସମାଜ ସଂସ୍କାର ଓ ଆଧୁନିକତା ବିଶୋଦଶାର ର ଚିତ୍ର ସେ ଅତି ମର୍ମସ୍ପର୍ଶୀ ଭାବରେ ଚିତ୍ରଣ କରିଅଛନ୍ତି । "ଜିତାପଟ୍ଟ" - ଗଳ୍ପରେ ଦୁଇଟି ବିପରୀତମୁଖୀ ନାରୀ ଚରିତ୍ରର ବର୍ଣ୍ଣନା । "ସମୁଦ୍ର" - ଏକ ନିଆରା ସ୍ୱାଦର ଗଳ୍ପ, ସେଥିରେ ସମୁଦ୍ରମନସ୍କା ରୁମା ଚରିତ୍ର ଭିତରେ ଲେଖିକା ନିଜେ ଆତ୍ମପ୍ରକାଶ କରିଅଛନ୍ତି ।

ଗାଳ୍ପିକା ନନ୍ଦିନୀ ଦେବୀଙ୍କର ଦୁଇଟି ଗଳ୍ପ ସଂକଳନ - "କେତୋଟି କଥା" ଓ "ସପ୍ତଦର୍ଶୀ" ରେ ତାଙ୍କ ଗଳ୍ପ ଗୁଡିକରେ ଦରଦି ପ୍ରାଣର ଖିଅ ଟାଣିଟାଣି ଆଉ ଗୋଟିଏ ଜୀବନର ବ୍ୟଥା, ବେଦନାକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି, ସଫଳ ହୋଇଛନ୍ତି ମଧ୍ୟ । ଅୟୁତ

କାମର ଜଞ୍ଜାଳ ଭିତରେ ନିଜର ସୃଜନଶୀଳ ଅସ୍ତିତ୍ୱକୁ ଜବରଦସ୍ତ ଚାପି ଦେଉଦେଉ କେତେବେଳେ କେଉଁ ଗୋଟିଏ ଘଟଣା ବା ଦୃଶ୍ୟର ଦର୍ଶନରେ ସେ ଛିଟିକି ପଡିଛି ଓ ହଜିଯାଇଛି - ଗୋଟିଏ ଗୋଟିଏ ଗଳ୍ପ, ଯାହା ଅନନ୍ୟ ଓ ଅନୁପମ । ତାଙ୍କର ପ୍ରତ୍ୟେକ ଗଳ୍ପ ଗୁଡିକରେ ଲୁଚିରହିଛି - ଏକ ଶବ୍ଦତୋର ସୃଷ୍ଟି ସମ୍ପଦ, ଏକ ଉଭରିତ ଆତ୍ମାର ବଳିଷ୍ଠ ଉଚ୍ଚାରଣ ।

ନନ୍ଦିନୀ ଦେବୀଙ୍କ ପ୍ରଥମ ଗଳ୍ପ ସଂକଳନ - "କେତୋଟି କଥା" (୧୯୬୬) ରେ ବାଇଶି ଗୋଟି ଗଳ୍ପ ଓ ଉକ୍ତ ଗଳ୍ପ ସଂକଳନରେ ତାଙ୍କର ସାରସ୍ୱତ ଯଶ ପ୍ରତିଷ୍ଠା ପାଇଅଛି । ଏହାପରେ ପ୍ରକାଶିତ ଗଳ୍ପ ସଂକଳନ - "ସପ୍ତଦର୍ଶୀ" (୧୯୮୮), ଏଥିରେ ସତର ଗୋଟି ଗଳ୍ପ ସନ୍ନିବେଷ୍ଟିତ । ଏହି ସଂକଳନଟି - ଗଭୀର ଜୀବନାନୁଭୂତି, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ଜୀବନର ବିଚିତ୍ର ବର୍ଣ୍ଣବିଭାରେ ଅଧିକ ଉର୍ଜ୍ଜ୍ୱଳ ହୋଇ ପାରିଅଛି । ସଂଜନ ଭାଷା ବିନ୍ୟାସ ଓ ଶୈଳୀର ଚମତ୍କାରିତା ସଂକଳନ ଟିକୁ ରସୋନୀତ କରିଅଛି । ଏହାର ଗଳ୍ପ - ବିଷର ବଳୟ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ଯନ୍ତ୍ରଣାକୁ ନେଇ ବର୍ଣ୍ଣିତ । ସମାଜର ତଳସ୍ତର ର ପିଲାଟିଏ ରାତାରାତି ବଡଲୋକ ହେବାର ସ୍ୱପ୍ନରେ ମସଗୁଲ ହୋଇ ଚୋରିକୁ ଆଦରିନେଇ ବାରମ୍ବାର ଜେଲ୍ ଯାଇଛି, ପୋଲିସ୍‌କୁ ଲାଞ୍ଚଦେଇ ପୁଣି ଖସିଆସିଛି ।

ଶୋଷଣ ଓ ଅତ୍ୟାଚାରକୁ ନେଇ ନନ୍ଦିନୀ ଦେବୀ ଲେଖିଛନ୍ତି - ବିବର୍ତ୍ତନ ଓ ବୀରସା ଭୋଇ ଭଳି ଅନେକ ଗଳ୍ପ । "ବୀରସା ଭୋଇ" ପରି ଗଳ୍ପ ସୃଷ୍ଟିକରି ଅପାଂକ୍ତେୟ ଦାରିଦ୍ର୍ୟ ମଣିଷଟିର ଜୀବନକୁ ସାମାନ୍ୟ ସୁନ୍ଦର କରିବାକୁ ସେ ଚେଷ୍ଟା କରିଅଛନ୍ତି । ହୁଏତ ନନ୍ଦିନୀ ଦେବୀ - ମୁଖ୍ୟମନ୍ତ୍ରୀ ହେବାପରେ ଭୂସଂସ୍କାର ଆଇନ୍ ପ୍ରଣୟନ କରିବାକୁ ସେ ଏହିଠାରୁ ହିଁ ପ୍ରେରଣା ପାଇପାରିଥାନ୍ତି ।

"ଗରଳର ଗାରିମା" - ଗଳ୍ପରେ ଲେଖିକା ଙ୍କ ହୃଦୟସ୍ପର୍ଶୀ ବର୍ଣ୍ଣନା ବେଶ୍ ସଫଳ ହୋଇପାରିଛି । ନନ୍ଦିନୀ ଦେବୀ ଭୁଲିପାରିନାହାଁନ୍ତି - ସାମନ୍ତବାଦର କରୋଡ ମାଡ । ତାଙ୍କ ଛାତିରୁ ଧାରଧାର ଲୁହ ନିଗିଡିଛି । ସେଥିପାଇଁ ସେ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ତାଙ୍କର ଲୋକାଭିମୁଖୀ ଯୋଜନାଗୁଡିକ - ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ନନ୍ଦିନୀ ଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଐତିହାସିକ ଭୂସଂସ୍କାର ଆଇନ୍, ଯୌତୁକ ନିରୋଧ ଆଇନ୍, ମହାଜନି କାରବାର ବନ୍ଦକରିବା, ଭତ୍ତା ପ୍ରଚଳନ କରିବା ତାଙ୍କର ଲୋକପ୍ରିୟ କାର୍ଯ୍ୟକ୍ରମ ଥିଲା ।

ଯଶ, କୀର୍ତ୍ତି, ଐଶ୍ୱର୍ଯ୍ୟ ଓ କ୍ଷମତା ଭିତରେ ବୁଡିରହି ସେ ଥିଲେ - ଜଣେ ବିଚ୍ଛିନ୍ନ ମଣିଷ । ଏକାକୀ ଓ ନିଃସଙ୍ଗ, ତାଙ୍କର - "ମୋ ଭିତରେ ମୁଁ" - କବିତାରେ ଏହାର ପରିସ୍ଫୁଟନ ଘଟିଅଛି । କବିତାର ଏକଲାପଣ ପାଠକ ଙ୍କୁ ଉଦାସ କରିଦିଏ । "ମୋ କଥା" - କବିତାରେ କେବେ ଲୋକଙ୍କ ସୁଖ, ଦୁଃଖ ସିଏ ଜାଣିପାରନ୍ତି ଅତ୍ୟନ୍ତ ଅଜଣା ଓ ଅଶୁଣା ଭାବରେ, କିନ୍ତୁ ନନ୍ଦିନୀ ଙ୍କ ଦୁଃଭାଗ୍ୟ ଯେ ସେ ଅଜଣା ଓ ଅଶୁଣା ହୋଇ ରହିନାହାଁନ୍ତି । ଲୀନ ହୋଇଯିବାର ଏକ ଅପାରଗ ଆନନ୍ଦ ଅଛି, ମୋ ଭଳି ଅପାରଗ ଲୋକ ସାହିତ୍ୟ ଜଗତରେ ଲୀନ ହୋଇଯିବେ । ଓଡିଶା ମାଟିର ଗର୍ବ ନନ୍ଦିନୀ ଯେ ନିଜକୁ ଅପାରଗ ଭାବି ସାହିତ୍ୟ ସିନ୍ଧୁରେ ଲୀନ ହୋଇଯିବାକୁ ଚାହିଁଛନ୍ତି - ଏହା ହିଁ ତାଙ୍କର ମହାନୁଭବତା । ନିଜର ବ୍ୟକ୍ତିଗତ ଇଚ୍ଛା ଓ ଅନିଚ୍ଛାକୁ ଚାପିଦେଇ ମଣିଷର ବେଦନା ଓ ସ୍ୱାଧିନତାକୁ ଅଗ୍ରାଧିକାର ଦେଇ ନିଜକୁ ହଜାଇ ଦେଇଛନ୍ତି, ସେହି ମହାସମୁଦ୍ର ମଧ୍ୟରେ । ତାଙ୍କର କବିତା - "ଚାଲୁଥିବି ପଥ ଶେଷଯାଏ" - ସେହି ମହାଯାତ୍ରାର ସ୍ୱାକ୍ଷର ବହନକରେ । "ମୁଁ ଚଢେଇ କହୁଛି" ଓ "ଭ୍ରାନ୍ତି" ପରି କବିତା - ଏକ ନୂତନ ଚିନ୍ତା ଓ ଚେତନାର ଦିଗ୍‌ବଳୟକୁ ଉନ୍ମୋଚିତ କରେ । "କାଞ୍ଜିଆହୁଦା" - ବର୍ତ୍ତମାନର ଅବକ୍ଷୟର ମୂଲ୍ୟବୋଧକୁ ନେଇ ଏକ ଭିନ୍ନ ସ୍ୱାଦର ବ୍ୟଙ୍ଗାତ୍ମକ କବିତା ।

ଅସହାୟ ବୃଦ୍ଧାବସ୍ଥାର କାରୁଣ୍ୟ ପ୍ରୀତି କବି ସମ୍ବୋଦନଶୀଳ ସମାଜରେ ପ୍ରତିନିୟତ ଘଟୁଥିବା ଘଟଣା - ନନ୍ଦିନୀ ଙ୍କ ଅନେକ ଗଳ୍ପର ଉଦ୍ଦେଶ୍ୟ । "ଜଣେ ଡେଙ୍ଗାଲୋକର ଇତିବୃତ୍ତ" - ନିଆରା ଶୈଳୀରେ ରଚିତ ଏକ ସାର୍ଥକ କ୍ଷୁଦ୍ରଗଳ୍ପ । ମଣିଷର ଅହଂ ଓ ତା'ର ଗର୍ବକୁ ଅତି ବଳିଷ୍ଠ ଢଙ୍ଗରେ ଉପସ୍ଥାପନା କରାଯାଇଛି ଏଥିରେ । ତାଙ୍କର - "ସୁଢଙ୍ଗର ଶେଷରେ" - ଏକଗଳ୍ପ (ପ୍ରତିନିଧି ସ୍ଥାନୀୟ), ଯାହା ମାଧ୍ୟମରେ ନନ୍ଦିନୀ ଆତ୍ମପ୍ରକାଶ କରିଛନ୍ତି - ଅତି ସ୍ୱଷ୍ଟ ଭାବରେ ।

ନନ୍ଦିନୀ ଙ୍କ ସାରସ୍ୱତ ପ୍ରତିଭା ଦ୍ୱିବିଧାକାରକ - ସେ ଯେପରି ଜଣେ ସୃଷ୍ଟିଶାଳୀ ଗାଳ୍ପିକା ଓ କବୟତ୍ରୀ ଠିକ୍ ସେହିପରି ଜଣେ ସଫଳ ଅନୁବାଦିକା ।

ଅନୁବାଦିକା ନନ୍ଦିନୀ ଶତପଥି ଙ୍କ ପ୍ରଥମ ଅନୁବାଦ ପୁସ୍ତକ ହେଉଛି - "ଗାନ୍ଧୀ କଥାମୃତ" । ମହାତ୍ମାଗାନ୍ଧୀ ଙ୍କ ନିଜ ଭାଷା ଓ ଜୀବନଚିନ୍ତା ଏହାର ମୁଖ୍ୟ ବିଷୟବସ୍ତୁ । ଏହାକୁ ସଂଗ୍ରହ ଓ ସଂଯୋଜନା କରିଥିଲେ - ସାହିତ୍ୟ ଏକାଡେମୀର ସଚିବ କ୍ରୀଷ୍ଣା କ୍ରିପାଳିନୀ । ଏଥିରେ ପ୍ରମୁଖ ଭୂମିକାରେ ନିର୍ବାହ କରିଥିଲେ - ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ଏହାକୁ ନନ୍ଦିନୀ ଦେବୀ - ଓଡିଆରେ ଅନୁବାଦ କରିବାପରେ ଏହି ପୁସ୍ତିକାଟିକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ୧୯୭୦ ମସିହାରେ ପ୍ରକାଶିତ କରିଥିଲେ ।

ମହାତ୍ମାଗାନ୍ଧୀ ଙ୍କର ଜୀବନ ଦର୍ଶନର ମୂଳତତ୍ତ୍ୱ ଓ ବିଭିନ୍ନ ଦେଶ ଓ ଜାତିର ଲୋକମାନଙ୍କର ମଧ୍ୟରେ ପ୍ରେମ ଓ ମୈତ୍ରୀଭାବ ବୃଦ୍ଧିରେ ତାହାର ପ୍ରଭାବର କଥା ସେ ଉଲ୍ଲେଖ କରିଅଛନ୍ତି । "ଗାନ୍ଧୀ କଥାମୃତ" ରେ ମୁଖ୍ୟତଃ - ଗାନ୍ଧିଜୀ ଙ୍କ ଆତ୍ମଜୀବନୀ ସମ୍ବନ୍ଧୀୟ, ଧର୍ମ ଓ ସତ୍ୟ, ସାଧନା ଓ ସାଧ୍ୟ, ଅହିଂସା - ଆତ୍ମଶୋଧନ, ଆନ୍ତର୍ଜାତୀୟ ଶାନ୍ତି, ମଣିଷ ଓ ଯନ୍ତ୍ର, ପ୍ରାଚୁର୍ଯ୍ୟ ମଧ୍ୟରେ ଦାରିଦ୍ର୍ୟ, ଗଣତନ୍ତ୍ର ଓ ଜନତା, ଶିକ୍ଷା, ନାରୀ, ବିବିଧ ଆଦି ବିଷୟରେ ଗାନ୍ଧିଜୀ ଙ୍କ ନିଜସ୍ୱ ମତାମତ ପରିପ୍ରକାଶ ହୋଇଅଛି ।

ଅନୁବାଦିକା ନନ୍ଦିନୀ ଶତପଥି ଙ୍କ ଦ୍ୱିତୀୟ ଅନୁବାଦ ପୁସ୍ତକ ହେଉଛି - ଅମୃତା ପ୍ରୀତମ ଙ୍କ ଆତ୍ମଜୀବନୀର ଅନୁବାଦ - "ରେଭ୍ୟୁନ୍ ଟିକେଟ୍" । ଅମୃତା ପ୍ରୀତମ - ଜଣେ ଜଣେ ପ୍ରତିଷ୍ଠିତା ପଞ୍ଜାବୀ କବୟତ୍ରୀ । ତାଙ୍କ ଜୀବନ ଥିଲା - ସାମାଜିକ ଅବକ୍ଷୟ ଓ ମୂଲ୍ୟବୋଧ ପ୍ରତିଷ୍ଠାପାଇଁ ସ୍ୱର ଉତ୍ତୋଳନ କରିବା, ସେ ବେଳର ଯେପରି ରକ୍ଷଣଶୀଳ ପଞ୍ଜାବୀ ଝିଅ ସମାଜରେ ସିଗାରେଟ୍ ପିଇବା,

ତାଙ୍କଠାରୁ କମ୍‌ବର୍ଷ ବୟସ୍କ ଚିତ୍ରକର - ଇମୋରଜ ଙ୍କ ସହ ନିଜଘରେ ବାସକରିବା ଓ ଆହୁରି ଅନେକ ସାମାଜିକ ପରିବେଶ ଓ ସମାଜ ବିରୁଦ୍ଧରେ ପରିବର୍ତ୍ତନ ଏହି - "ରେଭ୍ୟୁନ୍ ଟିକେଟ୍" ର ମୁଖ୍ୟ ବିଷୟବସ୍ତୁ । ଅମୃତା ପ୍ରୀତମ - ନିଜ ଭିତର ଓ ବହାର ର ସମସ୍ତ କଥାକୁ ନିର୍ବିକାର ଭାବରେ ବିଶ୍ଳେଷଣ କରିବା ଓ ପାଠକ-ପାଠିକା ଙ୍କ ନିକଟରେ ଏହାକୁ ଏତେ ସାହସର ସହିତ ଉପସ୍ଥାପନା କରିବା କୌଣସି ପ୍ରତିଷ୍ଠିତା ନାରୀପକ୍ଷରେ ସଚରାଚର ଦୃଷ୍ଟିଗୋଚର ହୁଏନାହିଁ । କିନ୍ତୁ ଏ କ୍ଷେତ୍ରରେ ଅନନ୍ୟା ଥିଲେ - ଅମୃତା ପ୍ରୀତମ ।

ଅନୁବାଦିକା ନନ୍ଦିନୀ ଶତପଥି ଙ୍କ ତୃତୀୟ ଅନୁବାଦ ପୁସ୍ତକ - ବିଶିଷ୍ଟ ବଙ୍ଗଳାଦେଶ ଲେଖିକା ତସଲିମା ନାସରିନ ଙ୍କ ଉପନ୍ୟାସ - "ଲଜ୍ଜା" ର ଓଡିଆ ଅନୁବାଦ । "ଲଜ୍ଜା" - ଉପନ୍ୟାସ ନନ୍ଦିନୀ ଙ୍କୁ ଓଡିଆ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ର ଅଧିକାରିଣୀ କରିପାରିଅଛି ।

ବଙ୍ଗଳାଦେଶର ଗୋଟିଏ ମୌଳବାଦ ସଂଗଠନ - ସାହାବା ସୈନିକ ପରିଷଦ - ନାସରିନ ଙ୍କ ବିରୁଦ୍ଧରେ ଏକ ଫତଓ୍ୱା ଜାରି କରିଥିଲେ, ଏହି ପୁସ୍ତକ ବଙ୍ଗଳାଦେଶରେ ବ୍ୟାନ୍ ହୋଇଅଛି । ତସଲିମା ଙ୍କ ଲେଖା ସାମ୍ପ୍ରଦାୟିକ ଅତ୍ୟାଚାର ବିରୁଦ୍ଧରେ ପେଷାରେ - ତସଲିମା ଡାକ୍ତର ହୋଇଥିଲେ ମଧ୍ୟ ନିଶାଥିଲା - ସାହିତ୍ୟ ସାଧନା । ଦେଶ, କାଳ, ପାତ୍ର ନିର୍ବିଶେଷରେ ଯେଉଁଟା ଭୁଲ୍, ତାହାକୁ ସେ ଭୁଲ୍‌ବୋଲି କହିବାକୁ ସାହସ କରିପାରିଛନ୍ତି । "ଲଜ୍ଜା" - ତାହାର ଏକ ସାହସିକ ବିରୋଧି ।

ଗୋଟିଏ ଧର୍ମୀୟ ଭାବନାକୁ ନେଇ "ଲଜ୍ଜା" - ଉପନ୍ୟାସର ମୁଖ୍ୟନାୟକ - "ସୁରଞ୍ଜନ" ର କାହାଣୀଟିଏ ।

ଅନୁବାଦିକା ନନ୍ଦିନୀ ଙ୍କ ଶେଷ ଅନୁବାଦ (୪ର୍ଥ ପୁସ୍ତକ) ବିଶିଷ୍ଟ ବଙ୍ଗଳା ଲେଖିକା - ମହାଶ୍ୱେତା ଦେବୀଙ୍କ "ନିର୍ବାଚିତ ଗଳ୍ପ" ର ଅନୁବାଦ । ମହାଶ୍ୱେତା ଦେବୀ - ଭାରତୀୟ ସାହିତ୍ୟ ଜଗତର ଏକ ସୁପରିଚିତ ନାମ । ଦରିଦ୍ର୍ୟ, ନିପୀଡିତ ମଣିଷର ସେବାକରିବା ବିଶେଷକରି ପାହାଡ, ଜଙ୍ଗଲ ରେ ବସବାସ କରୁଥିବା ଅଧିବାସୀ ମାନଙ୍କର ସେବାକରିବା ପାଇଁ ସେ ଜୀବନର ଏକ ବ୍ରତ ଭାବରେ ଗ୍ରହଣ କରିଅଛନ୍ତି ।

ଜମିଦାର, ମହାଜନ ଇତ୍ୟାଦି ଧନୀଲୋକ ମାନଙ୍କର ସାଧାରଣ ଲୋକଙ୍କ ପ୍ରତିଯେଉଁ ବ୍ୟବହାର, ସେ ସବୁକୁ ଅତି ସାବଲୀନ ଓ ପ୍ରାଣସ୍ପର୍ଶୀ ଭାଷାରେ - ମହାଶ୍ୱେତା ଦେବୀ ପ୍ରକାଶ କରିଅଛନ୍ତି । ତାଙ୍କର ପଚାଶ ଗୋଟି ଗଳ୍ପ ମଧ୍ୟରୁ - ନନ୍ଦିନୀ ଦେବୀ କୋଡିଏଟି ଗଳ୍ପ ଓଡିଆରେ ଅନୁବାଦ କରିଅଛନ୍ତି । ଯଥା - ଜଗନ୍ନାଥ ଙ୍କ ରଥ, ଶିଶୁ, ଛୁରୀ, କବିପନ୍ତୀ, ଅର୍ଜ୍ଜୁନ, ଗନ୍ଧ, ଚୋଲିକେ ପିଛେ, ଭାତ, ଜଳଛତ୍ର, ଭୀଷ୍ମଙ୍କ ପିପାସା, ଉର୍ବଶୀ ଓ ଜାନି, ଜନ୍ମଦିନ, ସଞ୍ଜ ଓ ସକାଳର ମା', ସିନ୍ଧୁବାଳା, ଭିତ୍ତି, ଭାରତବର୍ଷ, ଶୂନ୍ୟସ୍ଥାନ ପୂରଣକର, ଜାହ୍ନବୀ ମା', ବନ୍ୟା ଓ ନିଶାତ ମାଝିର ଭୁଟାନ ଯାତ୍ରା ଖୁବ୍ ହୃଦୟସ୍ପର୍ଶୀ ।

ରାଜନୀତି ଓ ସାହିତ୍ୟ ମଧ୍ୟରେ - ନନ୍ଦିନୀ ଦେବୀ ଭୁଲି ପାରିନଥିଲେ ନିଜ ପରିବାରକୁ । ରେଭେନ୍ସା କଲେଜର ସହପାଠୀ - ଢେଙ୍କାନାଳ (ଧଳପୁର) ନିବାସୀ - ଦେବେନ୍ଦ୍ର ଶତପଥି ତାଙ୍କର ଜୀବନସାଥି । ଦେବେନ୍ଦ୍ର ଥିଲେ - ଢେଙ୍କାନାଳ ଲୋକସଭାର ଦୁଇଥର ସାଂସଦ । ଦୁଇପୁଅ - ନଚିକେତା ଓ ତଥାଗତ ଙ୍କୁ ନେଇ ନନ୍ଦିନୀ ଦେବୀଙ୍କ ପରିବାର - ଭୁବନେଶ୍ୱରସ୍ଥ ସୂର୍ଯ୍ୟବଜାର ରେ ରୁହନ୍ତି । ନଚିକେତା - ଦିଲ୍ଲୀରେ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟକରନ୍ତି । ତଥାଗତ - ଓଡିଶାର ଜଣେ ପରିଚିତ ନାମ । ଢେଙ୍କାନାଳ ବିଧାୟକ ତଥା ଢେଙ୍କାନଳ ଲୋକସଭାର ୪ଥର ସାଂସଦ ଭାବରେ କାର୍ଯ୍ୟ କରିଅଛନ୍ତି । ଓଡିଶାର ପ୍ରତିଷ୍ଠିତ ଦୈନିକ ଓଡିଆ ଖବରକାଗଜ - "ଧରିତ୍ରୀ" ର ସମ୍ପାଦକ । ନନ୍ଦିନୀ ଦେବୀଙ୍କ ନାତି - ସୁପୋର୍ଣ୍ଣେ ଶତପଥି (ବଡପୁଅ - ନଚିକେତା ଙ୍କ ପୁଅ) - ନନ୍ଦିନୀ ଶତପଥି ମେମୋରିଆଲ ଟ୍ରଷ୍ଟର ଚେୟାରମ୍ୟାନ ।

ସାହିତ୍ୟିକା ନନ୍ଦିନୀ ଶତପଥି - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସହିତ ବହୁ ଅନୁଷ୍ଠାନରୁ ପୁରସ୍କୃତା ଓ ସମ୍ବର୍ଦ୍ଧୀତା । ଓଡିଶା ସାହିତ୍ୟ ଏକାଡେମୀ, ସାହିତ୍ୟ ଭାରତୀ ସମ୍ମାନ, ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ, ସ୍ୱାଧିନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନୀତା । ନନ୍ଦିନୀ ଦେବୀ - କିଛିଦିନ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ନନ୍ଦିନୀ ଙ୍କ କୃତିର ଏକ ଜୀବନୀ ପୁସ୍ତକ - "ମାଟିର ନନ୍ଦିନୀ" - ଆଶିଷ ରଞ୍ଜନ ମହାପାତ୍ର ରଚନା କରିଅଛନ୍ତି । ଅଧିନ ଗବେଷକ ଡକ୍ଟର ସୁବାଷ ନାୟକ - "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥି ଙ୍କ ଅବଦାନ" - ପ୍ରସଙ୍ଗରେ ଗବେଷଣାତ୍ମକ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି (ପିଏଚ୍.ଡି.) ପ୍ରାପ୍ତ । ଅଧିନ ପ୍ରଫେସର ଡକ୍ଟର ସୁବାଷ ନାୟକ ଙ୍କ ଏକ ପୁସ୍ତକ - ସାରସ୍ୱତସାଧିକା ନନ୍ଦିନୀ ଶତପଥି - (ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ) ତଥା ମୋର ବଡଭଉଣୀ - ଜୟନ୍ତୀ ନାୟକ (ଆଜୀବନ ସଭ୍ୟା - ଓଡିଶା ଲେଖିକା ସଂସଦ) ଅନେକ ଲେଖା ପତ୍ର ଓ ପତ୍ରିକାରେ ପ୍ରକାଶିତ । ତାଙ୍କର ତିନିଗୋଟି ପୁସ୍ତକ - ଗାଳ୍ପିକା ନନ୍ଦିନୀ ଶତପଥି, ଅନୁବାଦିକା ନନ୍ଦିନୀ ଶତପଥି ଓ କବୟତ୍ରୀ ନନ୍ଦିନୀ ଶତପଥି - ଓଡିଆ ସାହିତ୍ୟକୁ ଅବଦାନ । ଏତଦ୍‌ବାଦ ଅନେକ ଲେଖକ ଙ୍କ ନନ୍ଦିନୀ ଙ୍କ କୃତି ଉପରେ ଲେଖା ପ୍ରକାଶିତ ।

ନନ୍ଦିନୀ ଶତପଥି ଥିଲେ - ପ୍ରଚଣ୍ଡ ସ୍ୱାଭିମାନୀ, ଜୀବନରେ କାହା ପାଖରେ କେବେହେଲେ ମୁଣ୍ଡ ନୁଆଁଇ ନାହାଁନ୍ତି । ସାରାଜୀବନ ଲଢି ଆସିଥିବା - ନନ୍ଦିନୀ ଆପଣା ରୋଗ ସାଙ୍ଗରେ ଲଢିଥିଲେ ବେଶ୍ କେତେବର୍ଷ । ୪ ଅଗଷ୍ଟ, ୨୦୦୬ ମସିହାରେ ତାଙ୍କର ଜୀବନଦୀପ ଲିଭିଗଲା ।

ତାଙ୍କ ମୃତ୍ୟୁରେ ଭାରତବର୍ଷ ହରାଇଲା ଜଣେ ଜନ ନାୟିକା ଙ୍କୁ, ସର୍ବୋପରି ଓଡିଆ ସାହିତ୍ୟ ଜଣେ ମହାନ ନାରୀ ସାଧିକା ଙ୍କୁ ହରାଇଦେଲା ।

ନନ୍ଦିନୀ ଙ୍କ ସାରସ୍ୱତ ସାହିତ୍ୟରେ ଅବଦାନକୁ ଆକଳନ କରିବାପାଇଁ ସାମ୍ପ୍ରତିକ ଗବେଷକ ମାନେ ଆଗୋଇ ଆସିଲେ ଏକ ଗରିମାମୟ ସାରସ୍ୱତ ଜଗତ ଜାଣିବା ସହଜ ହୋଇପାରିବ । କାଲି ହୁଏତ - ରାଜନୀତିର ନନ୍ଦିନୀ କାଳଗର୍ଭରେ ବିସ୍ମୃତ ହୋଇ ଯାଇପାରନ୍ତି, ମାତ୍ର ମହାନ ସାରସ୍ୱତସାଧିକା ନନ୍ଦିନୀ ଚିରକାଳ ଅମର ହୋଇ ରହିଥିବେ ।

# ଓଡିଆ ସାହିତ୍ୟ ର କାଳଜୟୀସାଧକ ପ୍ରଫେସର କୃଷ୍ଣଚରଣ ବେହେରା

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର କାଳଜୟୀସାଧକ
# ପ୍ରଫେସର କୃଷ୍ଣଚରଣ ବେହେରା

ପ୍ରଫେସର ଡକ୍ଟର ସୁବାଷ ନାୟକ

ଭାରତୀୟ ଭାଷାଭିତ୍ତିକ ସାହିତ୍ୟ - ଓଡିଆ, ଏହା ଏକ ପ୍ରାଚୀନତମ ଭାଷା, ଦୀର୍ଘ ପଚିଶ ଶହ ବର୍ଷର ଭାଷାଭିତ୍ତିକ ତଥ୍ୟକୁ ଆଧାରକରି ଭାରତ ସରକାର - ଏହାକୁ ଓଡିଆ ଏକ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି । ଅନେକ ସାହିତ୍ୟସ୍ରଷ୍ଟାଙ୍କ ସୃଜନୀବଳରେ ଓଡିଆ ସାହିତ୍ୟ ସମୃଦ୍ଧ ହୋଇପାରିଅଛି । ସେମାନଙ୍କର ମଧ୍ୟରୁ ଅଧ୍ୟାପକ କୃଷ୍ଣଚରଣ ବେହେରା ଅନ୍ୟତମ । ମଣିଷ ଶରୀର ରେ ସେ ଆଜି ଆମ ଗ୍ରହଣରେ ନାହାଁନ୍ତି ସତ, ମାତ୍ର ସେ କରିଯାଇଥିବା କାଳଜୟୀ ସୃଷ୍ଟି - ଆଜି ସେ ଓଡିଆ ସାହିତ୍ୟର ଜଣେ କାଳଜୟୀସାଧକ ହୋଇ ରହିଅଛନ୍ତି । ଓଡିଆ ଭାଷା ଓ ସାହିତ୍ୟର ପ୍ରଗତି ପାଇଁ ଗଠିତ - ଓଡିଆ ଗବେଷଣା ପରିଷଦ ଓ ଏହାର ମୁଖପତ୍ର - "ଏଷଣା", ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରୀୟ ଏକ ଗବେଷଣା ପତ୍ର ଭାବରେ ମର୍ଯ୍ୟାଦାପାଇଁ ଅନେକ ଗବେଷକ ଙ୍କ ଲେଖନୀ ସ୍ନାନିତ ହୋଇ ଓଡିଆ ସାହିତ୍ୟର ବିକାଶରେ ସହାୟକ ହୋଇପାରିଛି ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲା - ସାହିତ୍ୟମାଟି ବ୍ୟାସକବି ଫକୀରମୋହନ ସେନାପତି ଙ୍କ ମାଟି - ଅଧୁନା ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ୍ ଅର୍ଜୁନବିନ୍ଧା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ - ୨ ଜୁନ୍, ୧୯୩୨ ମସିହାରେ । ବାପା ଥିଲେ - ପିତାମ୍ବର ବେହେରା, ମା' ଥିଲେ - ପବିତ୍ରା ଦେବୀ । ବାପା ଥିଲେ - ଓଡିଶା ଆକାଉଣ୍ଟାଟ୍ ଜେନେରାଲଙ୍କ ଷ୍ଟେନୋ, ସୁଦୂର ବିହାର ପ୍ରଦେଶର ରାଞ୍ଚିରେ ଥିଲା ତାଙ୍କ କର୍ମଭୂମି । କୃଷ୍ଣଚନ୍ଦ୍ର ଙ୍କ ବାଲ୍ୟଜୀବନ ସହଜ ନଥିଲା, ବହୁତ ଦୁଃଖକଷ୍ଟରେ ସେ ବଢିଥିଲେ । ତାଙ୍କୁ ଯେତେବେଳେ ମାତ୍ର ୩ / ୪ ବର୍ଷ ବୟସ ହୋଇଥିଲା, ସେ ମାତୃହରା ହୋଇଥିଲେ, ତାଙ୍କ ମା' ପବିତ୍ରା ଦେବୀଙ୍କର ଅକାଳ ବିୟୋଗ ଘଟିଲା । ବାପା ମଧ୍ୟ ଥାଆନ୍ତି କର୍ମକ୍ଷେତ୍ର - ସୁଦୂର ରାଞ୍ଚିରେ । ମା' ଛେଉଣ୍ଡ ହେଲାପରେ - କୃଷ୍ଣଚରଣ ଦାଦା ମାୟାଧର ଓ ବଡମା ସତ୍ୟ ବୋଉଙ୍କ ହେପାଜତରେ ଲାଳନପାଳନ ହେଲେ । ପରେ ନିଜ ମାମୁଁଘର ଗାଁ ନନ୍ଦପୁର ରେ ରହଣି ଓ ଶିକ୍ଷାଦୀକ୍ଷାର ପ୍ରାଥମିକ ପର୍ଯ୍ୟାୟ ଆରମ୍ଭ ହୋଇଥିଲା - ଆରୁହା ପ୍ରାଥମିକ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷାସହ, ଚନ୍ଦ୍ରକଟବିନ୍ଧା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରିଲେ । ପରବର୍ତ୍ତୀ ସମୟରେ ତିହିଡି ମାଇନର ସ୍କୁଲରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରିଲେ । ପରବର୍ତ୍ତୀ ସମୟରେ ଦୋଳସାହି - ରାମ ନାରାୟଣ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରି ମାଟ୍ରିକ୍ୟୁଲେସନ୍ ୧୯୪୮ ମସିହାରେ ପାସ୍ କରିଲେ ।

ଉଚ୍ଚଶିକ୍ଷା ଗ୍ରହଣ ପାଇଁ କୃଷ୍ଣଚରଣ - ଭଦ୍ରକ କଲେଜରେ ଇଣ୍ଟରମିଡିଏଟ୍ ଶ୍ରେଣୀରେ ନାମ ଲେଖାଇଲେ । ପରେପରେ ଓଡିଶାର ଆଭିଜାତ୍ୟ ସମ୍ପର୍ଣ୍ଣ ରେଭେନ୍ସା କଲେଜରୁ ୧୯୫୨ ମସିହାରେ ସ୍ନାତକ ବି.ଏ. ପାସ୍ କରିଲେ । ସେ ଓଡିଆ (ସମ୍ମାନ) ରଖି ଗ୍ରାଜୁଏଟ୍ ହେବାପରେ ତତ୍କାଳୀନ ରକ୍ଷଣଶୀଳ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ ପଶ୍ଚିମବଙ୍ଗ (କଲିକତା)ର ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ (ଶାନ୍ତି ନିକେତନ)ରୁ ଓଡିଆ ଭାଷା ଓ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) ରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେଲେ । ଶାନ୍ତି ନିକେତନ ଥିଲା - କୃଷ୍ଣଚରଣ ଙ୍କ ସାଧନାର ପ୍ରସ୍ତୁତି ଭୂମି ।

ବିଶ୍ୱଭାରତୀରେ ଏମ୍.ଏ. ଅଧ୍ୟୟନ ସମୟରେ କୃଷ୍ଣଚରଣ - ବିଶ୍ୱଭାରତୀର ପ୍ରତିଷ୍ଠାତା ତଥା ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ ପୁରସ୍କାରପ୍ରାପ୍ତ (ନୋବେଲ) କବି ରବୀନ୍ଦ୍ରନାଥ ଠାକୁର ଙ୍କ ପ୍ରଭାବରେ ପ୍ରଭାବିତ ହୋଇଥିଲେ । ବିଦ୍ୟାର୍ଥୀ କୃଷ୍ଣଚରଣ - କଟକ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର, ତାଙ୍କର ପଚାଶରୁ ଅଧିକ ଗୀତ ପ୍ରସାରିତ ହୋଇଥିଲା । ଓଡିଆ ସାହିତ୍ୟର ଛାତ୍ରଥିବା ସମୟରେ ସେ ତାଙ୍କର ପ୍ରଥମ କବିତା ସଂକଳନ - "ଚା' କପ୍‌ରେ ଝଡ଼" - ୧୯୫୩ ରେ ପ୍ରକାଶିତ ହୋଇ ତାଙ୍କୁ ଏକ ଯୁବକବିର ମର୍ଯ୍ୟାଦା ପ୍ରଦାନ କରିଥିଲା, ସାହିତ୍ୟିକ ଜୀବନର ଆରମ୍ଭ ହୋଇଥିଲା । ପତ୍ର ଓ ପତ୍ରିକାର ସମ୍ପାଦନା ସହ ମଧ୍ୟ ସେ ସମ୍ପୃକ୍ତି ଥିଲେ । ଗଳ୍ପଭିତ୍ତିକ ପତ୍ରିକା ଅଗ୍ରଣୀର ସମ୍ପାଦନା ଦାୟିତ୍ୱରେ ଥିଲେ ।

୧୯୫୫ ମସିହାରେ ଏମ୍.ଏ. ପାସ୍‌ପରେ ସେହିବର୍ଷ ତାଙ୍କର ରାଇରଙ୍ଗପୁର ରୁ - ଜୟନ୍ତୀ ଦେବୀଙ୍କ ସହ ବିବାହ ସମାପ୍ତ ହେଲା ଓ ଲବ୍ଧ ପ୍ରତିଷ୍ଠିତ ପତ୍ରିକା ଡଗର ସହ ସମ୍ପୃକ୍ତି ହେଲେ । ବିବାହ ପରେପରେ ତାଙ୍କ ଜୀବନର କର୍ମକ୍ଷେତ୍ରରେ ମଧ୍ୟ ପ୍ରତିଷ୍ଠା ଆସିଲା - ୧୯୫୫ ମସିହାରେ । ଦିନେ ଯେଉଁ କଲେଜର ଛାତ୍ରଥିଲେ, ସେହି ଭଦ୍ରକ କଲେଜରେ - ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅସ୍ଥାୟୀ ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ । ୧୯୫୬ ମସିହାରେ - ଭଦ୍ରକ କଲେଜରେ ସ୍ଥାୟୀ ଅଧ୍ୟାପକ ଭାବରେ ଯୋଗଦେଇ ଦୀର୍ଘ ୧୫ ବର୍ଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିଲେ । ପରେପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ - ଓଡିଆ ଉପନ୍ୟାସ ସମ୍ପର୍କରେ ଗବେଷଣା କରି ୧୯୬୭ ରେ ପିଏଚ୍.ଡି. ଉପାଧି ପାଇଲେ । ୧୯୭୧-୧୯୭୫ ପାଞ୍ଚବର୍ଷ ଧରି ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଅଧ୍ୟାପକ ଭାବରେ ଓ ୧୯୭୫ ରୁ ୧୯୮୧ ଛ ବର୍ଷଧରି ଓଡିଶାର ଐତିହାସ୍ୟପୂର୍ଣ୍ଣ ରେଭେନ୍ସା କଲେଜରେ ଓଡିଆ ଅଧ୍ୟାପକ ଭାବରେ ଶିକ୍ଷାଦାନ କରିଲେ ଓ ୧୯୮୧-୧୯୮୬ ପାଞ୍ଚବର୍ଷ ଫୁଲବାଣୀ ସରକାରୀ କଲେଜରେ ଅଧ୍ୟାପକ ପୁନର୍ବାର ୧୯୮୬ ରୁ ୧୯୯୦ ପାଞ୍ଚବର୍ଷ ରେଭେନ୍ସା କଲେଜରେ ଅଧ୍ୟାପନା ସହ ୩୦ ଜୁନ୍, ୧୯୯୦ ମସିହାରେ କର୍ମମୟ ଜୀବନ

(ଅଧ୍ୟାପକ)ରୁ ଅବସର ଗ୍ରହଣ କରିଲେ । ଅନେକ ଛାତ୍ର ଓ ଛାତ୍ରୀ ତାଙ୍କର ଶିକ୍ଷାଗ୍ରହଣ କରି ସମାଜସେବାରେ ନିଜକୁ ନିୟୋଜନ କରିପାରିଛନ୍ତି । ପୁନର୍ବାର ୧୯୯୦-୧୯୯୨ ଦୁଇବର୍ଷ ପାଇଁ ଆଡହକ୍ ଭାବରେ ଭଦ୍ରକ ମହିଳା କଲେଜର ପ୍ରିନ୍‌ସିପାଲ୍ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ ।

୧୯୮୦ ମସିହାରେ କୃଷ୍ଣଚରଣ ତାଙ୍କର ଛାତ୍ର - କ୍ଷେତ୍ରବାସୀ ନାୟକ ଙ୍କ ସହଯୋଗରେ - ଓଡିଆ ଗବେଷଣା ପରିଷଦ ଗଠନ କରିଲେ - କୃଷ୍ଣଚରଣ - ଏହାର ପ୍ରତିଷ୍ଠାତା ସଭାପତି ଓ କ୍ଷେତ୍ରବାସୀ - ଏହାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ଏହାର ମୁଖପତ୍ର - "ଏଷଣା" - ଆର୍.ଏସ୍.ବି.ଏନ୍. ର ଏକ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରୀୟ ସାରସ୍ୱତ ପତ୍ରିକାର ସମ୍ପାଦନା ଦାୟିତ୍ୱ ବହନ କରିଥିଲେ - କୃଷ୍ଣଚରଣ ।

ଆର୍ତ୍ତବଲ୍ଲଭ ମହାନ୍ତି ଙ୍କ ପ୍ରାଚୀ ସମିତି (୧୯୨୬) ମସିହା ପରେ ଓଡିଆ ଗବେଷଣା ପରିଷଦ ଏକମାତ୍ର ଗବେଷଣା ଭିତ୍ତିକ ପ୍ରତିଷ୍ଠାନ, ଯେଉଁଥିରେ କି - କୃଷ୍ଣଚରଣ ଙ୍କ ନେତୃତ୍ୱରେ ବାଇଶ ଗୋଟିରୁ ଅଧିକ ପ୍ରାଚୀନ ଓ ଆଧୁନିକ ଗ୍ରନ୍ଥ ସମ୍ପାଦନା ଓ ପ୍ରକାଶିତ ହୋଇଅଛି । ଓଡିଆ ଗବେଷଣା ପରିଷଦ ମାଧ୍ୟମରେ ନିୟମିତ ପାଠଚକ୍ର ଜରିଆରେ ଜ୍ଞାନ, ବିଜ୍ଞାନ ର ପ୍ରସାରଣ ଓ ସାହିତ୍ୟ ଚର୍ଚ୍ଚା ହୋଇଥାଏ ।

ଅଧ୍ୟାପକତ୍ୱ ଜୀବନ ମଧ୍ୟରେ ଡକ୍ଟର କୃଷ୍ଣଚରଣ ବେହେରା - ୩୬ ବର୍ଷକାଳ ଇଣ୍ଟରମେଡିଏଟ୍ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ ସହ ୩୪ ବର୍ଷ - ସ୍ନାତକ (ବି.ଏ.) ସମ୍ମାନ ଶିକ୍ଷାର୍ଥୀଙ୍କୁ ସର୍ବୋପରି ୧୧ ବର୍ଷ - ସ୍ନାତକୋତ୍ତର (ଏମ୍.ଏ.) ଓଡିଆ ଭାଷା ଓ ସାହିତ୍ୟର ଶିକ୍ଷାର୍ଥୀଙ୍କୁ ଏବଂ ୬ ବର୍ଷ - ଏମ୍.ଫିଲ୍ ଶିକ୍ଷାର୍ଥୀଙ୍କୁ ଶିକ୍ଷାଦାନ କରାଇ ଅନେକ ଶିକ୍ଷାର୍ଥୀ ସମାଜରେ ପ୍ରତିଷ୍ଠା ଲାଭ କରିଅଛନ୍ତି । କୃଷ୍ଣଚରଣ - ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଭାବରେ ସମସ୍ତ ଶିକ୍ଷାର୍ଥୀଙ୍କ ପ୍ରିୟପାତ୍ର ଥିଲେ ।

ଅଧ୍ୟାପକ ଡକ୍ଟର କୃଷ୍ଣଚରଣ ବେହେରା - ଜଣେ ଓଡିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ହୋଇଥିବାରୁ ଓଡିଆ ସାହିତ୍ୟର ବିକାଶପଥରେ ତାଙ୍କର ଭୂମିକାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ସେ ଯେପରି ଜଣେ ସୃଷ୍ଟିଶାଳୀ ଲେଖକ ଠିକ୍ ସେହିପରି ଜଣେ ସାହିତ୍ୟ ସମାଲୋଚକ ଭାବରେ ସୁନାମ ଅର୍ଜନ କରିଅଛନ୍ତି ଓଡିଆ ସାହିତ୍ୟରେ । ତାଙ୍କଦ୍ୱାରା ଅନେକ ସଂକଳିତ ସମ୍ପାଦିତ ଗ୍ରନ୍ଥ - ଓଡିଆ ବାଣୀଭଣ୍ଡାରକୁ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

## କୃଷ୍ଣଚରଣ ଙ୍କ ସାହିତ୍ୟ ସୃଷ୍ଟି -

ସାମ୍ୟବାଦୀ କବି ଥିଲେ - କୃଷ୍ଣଚରଣ । ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ରଚନା ଓ ଗବେଷଣାରେ ନିମଗ୍ନ ଥିଲେ - ଡକ୍ଟର କୃଷ୍ଣଚରଣ ବେହେରା । ସେ ଏକାଧାରାରେ ଜଣେ କଥାକାର, କବି, ନାଟ୍ୟକାର, ସାହିତ୍ୟ ସମାଲୋଚକ, ସମ୍ପାଦକ ଓ ଜଣେ ସଂଗଠକ ଥିଲେ । ତାଙ୍କ ସାରସ୍ୱତ ସୃଷ୍ଟି ମଧ୍ୟରେ -

## କବିତା -

ଚା' କପ୍‌ରେ ଝଡ଼ (୧୯୫୩), ଭାନୁବାଇ ଲେନ (୧୯୫୯), ପିପାସାର ପ୍ରାର୍ଥନା - (ଅଧ୍ୟାପକ ବୈଷ୍ଣବଚରଣ ବଳଙ୍କ ସହିତ) (୧୯୬୮) ଓ ଲଘୁପଞ୍ଚକ (୧୯୮୩) ଆଦି କବିତା ପୁସ୍ତକ ଓଡିଆ କାବ୍ୟ ସାହିତ୍ୟର ଏକଏକ ଅମୂଲ୍ୟଗ୍ରନ୍ଥ । ତାଙ୍କ କବିତା ଗୁଡିକରେ ସାମ୍ୟବାଦୀ ଚେତନା ପରିସ୍ଫୁଟିତ ହୋଇଥିଲା । ତାଙ୍କ କାବ୍ୟ-କବିତା ରେ ସାମ୍ୟବାଦୀ-ବାସ୍ତବବାଦୀ ର ସ୍ୱର ଉପଲବ୍ଧ ହୋଇଥାଏ, ଅନେକ ତାଙ୍କୁ ପ୍ରଗତିବାଦୀ ଚେତନାର କବି ଭାବରେ ସ୍ୱୀକାର କରନ୍ତି । ତାଙ୍କର ଅଧିକାଂଶ କବିତା ଗୁଡିକରେ ଦୁଃଖ, ଦୈନ୍ୟ ଓ ଅତ୍ୟାଚାର କୁ ଅନ୍ଧକାର ର ପ୍ରତୀକ ଭାବରେ ପ୍ରୟୋଗ କରିଅଛନ୍ତି ।

## ନାଟ୍ୟକୃତି -

ଜଣେ ନାଟ୍ୟକାର ଭାବରେ କୃଷ୍ଣଚରଣ ଙ୍କ ଭୂମିକା କୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ଯଥା ନଳସ୍ୟ ଦମୟନ୍ତୀ (୧୯୫୯)

ଯୋଜନା ଯଜ୍ଞ ପାଲା (୧୯୫୯)

ତାଙ୍କର ଦୁଇଗୋଟି ନାଟକ, ଓଡିଆ ନାଟ୍ୟ ସାହିତ୍ୟକୁ ଦାନ ।

ଛଗୋଟି ଦୃଶ୍ୟରେ "ଯଥା ନଳସ୍ୟ ଦମୟନ୍ତୀ" - ଏକାଙ୍କିକାର କାହାଣୀ ଭାଗ ପରିକଳ୍ପିତ । ଆଡଭୋକେଟ୍ ଭୂପତି ମହାପାତ୍ର ଙ୍କ ଦୁଇଝିଅ - ମନୀଷା ଓ ମଞ୍ଜୁ - ଦୁଇ ଭଉଣୀର କାହାଣୀ । ସେମାନଙ୍କର ଜୀବନ ପରିଧିରେ ଡାକ୍ତର ବିଜୟ ଙ୍କ ପ୍ରବେଶ ଆଦିକୁ ନେଇ ଏହି ନାଟକଟି ରଚିତ ।

## କ୍ଷୁଦ୍ରଗଳ୍ପ -

ସୃଷ୍ଟିର ସ୍ୱପ୍ନ (୧୯୫୮), ଗୋପନ ପତ୍ର (୧୯୬୨), ଉତ୍ତା ଓ ପୋତା (୧୯୬୭), ବେଦୀ (୧୯୭୧), ନାରୀ - ଏକ ନଦୀର ନାମ (୧୯୬୭), ଐତରେୟ (୧୯୮୨), ନାରୀମେଧ (୧୯୮୯), ଦର୍ପକ ଦର୍ପଣ (୨୦୦୪), ଇତର ଇତରା (୨୦୦୮), ମାଟି ମାଗୁଣି (୨୦୧୦), ଆଦିକଳ୍ପ (୨୦୧୪), ଶ୍ରେଷ୍ଠଗଳ୍ପ (୨୦୧୪) ଆଦି ଗଳ୍ପ ସଂକଳନ ଡକ୍ଟର ବେହେରା ଙ୍କ ଏକ ଅନନ୍ୟ ସୃଷ୍ଟି - ଓଡିଆ ଗଳ୍ପ ସାହିତ୍ୟରେ । ୧୯୫୮ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ତାଙ୍କ ଗଳ୍ପ ସାହିତ୍ୟର ସୃଷ୍ଟି -

ଡକ୍ଟର ବେହେରା ଙ୍କ ଗଳ୍ପରେ ସ୍ଥିତିବାଦ, ସ୍ୱଭାବବାଦ, ବୌଦ୍ଧିକତା (Intellectualism), ରୋମାଣ୍ଟିସିଜିମ୍ ଇତ୍ୟାଦିକୁ ତାଙ୍କ ଗଳ୍ପ ରଚନାରେ ସ୍ଥାନ ଦେଇଅଛନ୍ତି । ତାଙ୍କ ଗଳ୍ପ ଗୁଡିକରେ କାହାଣୀଧର୍ମିତା ପରିଲିଖିତ ରହିଅଛି । ଭାଷା ସରଳ ଓ ପ୍ରକାଶଭଙ୍ଗୀ ସହଜ । ବାବଦୂକତା ଓ ଭାବାଲୁତା କୁ ଯଥାସମ୍ଭବ ପରିହାର କରି ପ୍ରାଣମୟ ଗଦ୍ୟର ଯାଦୁକାରୀ ଶିଳ୍ପୀ କୃଷ୍ଣଚରଣ ଙ୍କ ସୌକାର୍ଯ୍ୟ ଓଡିଆ ସାହିତ୍ୟକୁ ମାଧୁର୍ଯ୍ୟ ମଣ୍ଡିତ କରିଅଛି ।

## ଶିଶୁ ଓ କିଶୋର ରଚନା -

ଓଡିଆ ସାହିତ୍ୟରେ କବିତା, ଗଳ୍ପ, ନାଟକ ରଚନାକରି - କୃଷ୍ଣଚରଣ ଶିଶୁ ଓ କିଶୋର ରଚନା ସାହିତ୍ୟରେ ସିଦ୍ଧିହସ୍ତ ଥିଲେ - କଥାଟିଏ କହୁଁ ଗୀତଟିଏ ଗାଉଁ (୧୯୬୮), ଗପସପ (୧୯୮୨), ଅତିବଡି ଜଗନ୍ନାଥ ଦାସ (୨୦୦୨), ଗଛଲତାର ସଂସାର (୨୦୧୦) ।

ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ କୃଷ୍ଣଚରଣ ଜଣେ ନିୟମିତ ଲେଖକ ନହେଲେ ମଧ୍ୟ ତାଙ୍କ ମନରେ ଶିଶୁର ଭାବାବେଗ ଜାଗ୍ରତ ହୋଇଥିବାରୁ ତାଙ୍କପାଇଁ ସେ ଲେଖନୀ ଧାରଣା କରିଥିଲେ । ଟୁଆଁଟୁଇଁ, ମୀନାବଜାର ଓ ଶିଶୁଲେଖା ଆଦି ଶିଶୁ ପତ୍ରିକାରେ କୃଷ୍ଣଚରଣ ପିଲାମାନଙ୍କ ପାଇଁ କିଛି ରଚନା କରିଥିଲେ ।

## ପ୍ରବନ୍ଧ - ସମାଲୋଚନା -

ଓଡିଆ ସାହିତ୍ୟର ଯେଉଁ ବିଭାଗରେ କଲମ ଚାଳନା କରି କୃଷ୍ଣଚରଣ ଙ୍କୁ ପ୍ରସିଦ୍ଧ ଆଣି ଦେଇଥିଲା, ତାହାହେଲା - ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ । ତାଙ୍କ ରଚିତ ଅନେକଗୁଡିଏ ପ୍ରବନ୍ଧ ଓ ସମାଲୋଚନା ମଧ୍ୟରେ -

ପ୍ରଗତି ସାହିତ୍ୟ (୧୯୫୮) ଓ ଦ୍ୱିତୀୟ - ପ୍ରଗତି ସାହିତ୍ୟ (୧୯୭୦), କଥା ସାହିତ୍ୟ (୧୯୬୦) ଓ ତୃତୀୟ - କଥା ସାହିତ୍ୟ (୧୯୭୮), ଅଶ୍ଳୀଳତା ବିପକ୍ଷରେ (୧୯୬୭), ଓଡିଆ ଉପନ୍ୟାସ (୧୯୬୮), ଚତୁର୍ଥ ସଂଖ୍ୟା - ଓଡିଆ ଉପନ୍ୟାସ (୨୦୧୪), କେତୋଟି ସାହିତ୍ୟିକ ଅଭିଭାଷଣ (୧୯୭୦), ଦ୍ୱିତୀୟ ସଂଖ୍ୟା - କେତୋଟି ସାହିତ୍ୟିକ ଅଭିଭାଷଣ (୧୯୭୭), ଅଧ୍ୟାପକର ବେଦନା (୧୯୭୨), ଶ୍ରୀ ଜଗନ୍ନାଥ ଓ ଓଡିଆ ସାହିତ୍ୟ (୧୯୭୪), ୨ୟ ସଂଖ୍ୟା - ଶ୍ରୀ ଜଗନ୍ନାଥ ଓ ଓଡିଆ ସାହିତ୍ୟ (୧୯୮୨), ନାଟ୍ୟ ସାହିତ୍ୟର ପରିଚୟ (୧୯୭୮), ୩ୟ ସଂଖ୍ୟା - ନାଟ୍ୟ ସାହିତ୍ୟର ପରିଚୟ (୨୦୦୮), ଚରୁ ଓ ଚରିତ (୧୯୭୯), ମଧ୍ୟସ୍ଥ ବାଣୀ (୧୯୮୦), ସଂପାନ ସନ୍ଦର୍ଭ (୧୯୮୧), ୨ୟ ସଂଖ୍ୟା - ସଂପାନ ସନ୍ଦର୍ଭ (୧୯୮୭), ପ୍ରସଙ୍ଗ - ଗଳ୍ପ - ଉପନ୍ୟାସ (୧୯୮୯), ବୀକ୍ଷାବିଚିତ୍ରା (୧୯୯୧), ପ୍ରସଙ୍ଗ - ଧର୍ମ ଓ ଶିକ୍ଷା (୧୯୯୩), କୁସୁମକେଳି (୧୯୯୫), ପ୍ରସଙ୍ଗ - ନାଟକ - ଏକାଙ୍କିକା (୧୯୯୭), କୃଷ୍ଣଚରଣ ବୀର୍ଥିକା (୧୯୯୯), ପଣ୍ଡିତ ନୀଳମଣି ବିଦ୍ୟାରତ୍ନ (୨୦୦୨), ସଭାସମ୍ଭାଷ (୨୦୦୫), ପ୍ରସଙ୍ଗ - ସାହିତ୍ୟାଲୋଚନା (୨୦୦୭), ଓଡିଆ ସାହିତ୍ୟରେ ଇସ୍‌ଲାମୀ ପ୍ରଭାବ (୨୦୦୭) ।

କୃଷ୍ଣଚରଣ ଥିଲେ - ଓଡିଆ ସାହିତ୍ୟର ଜଣେ ବିଶିଷ୍ଟ କଥାକାର, ପ୍ରାବନ୍ଧିକ ଓ ସମାଲୋଚକ ଭାବରେ ତାଙ୍କର ସୁଖ୍ୟାତି ଥିଲା । ଅନେକ ପ୍ରବନ୍ଧ ଓ ସମାଲୋଚନା ମଧ୍ୟରୁ କୃଷ୍ଣଚରଣ ଙ୍କୁ ସୁଖ୍ୟାତି ଦେଇଥିଲା ତାଙ୍କର - "ଓଡିଆ ସାହିତ୍ୟରେ ଇସ୍‌ଲାମୀ ପ୍ରଭାବ" - ସମାଲୋଚନା ସାହିତ୍ୟଟିଏ । କାରଣ ଓଡିଆ ସାହିତ୍ୟ ଉପରେ ଇସ୍‌ଲାମୀ ପ୍ରଭାବ ନେଇ ଏ ପର୍ଯ୍ୟନ୍ତ କୌଣସି ପଣ୍ଡିତ, ସମାଲୋଚକ, ସାହିତ୍ୟିକ ବିଧିବଦ୍ଧ ଭାବରେ ଆଲୋଚନା କରିନାହାଁନ୍ତି - ଓଡିଆ ଭାଷା ଓ ସାହିତ୍ୟରେ ଇସ୍‌ଲାମୀ ବା ମୁସ୍‌ଲିମ୍ ପ୍ରଭାବକୁ ପ୍ରତିଷ୍ଠିତ କରାଇବା ପାଇଁ ଡକ୍ଟର ବେହେରା - ଦ୍ୱାଦଶ ଶତାବ୍ଦୀରୁ ଆରମ୍ଭକରି ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଶାର ରାଜନୈତିକ, ସାଂସ୍କୃତିକ ଓ ସାମାଜିକ ପୃଷ୍ଠଭୂମିକୁ ଶୃଙ୍ଖଳିତ ଭାବରେ ଆଲୋଚନା ସହ ତାଙ୍କ ସମାଲୋଚନା ସାହିତ୍ୟରେ ସ୍ଥାନ ଦେଇଛନ୍ତି ।

ପଣ୍ଡିତ ନୀଳମଣି ବିଦ୍ୟାରତ୍ନ (୨୦୦୨) ଙ୍କ ଜୀବନୀ ଓ ସୃଜନୀସୃଷ୍ଟିକ କୃଷ୍ଣଚରଣ ଙ୍କ ଆଉଏକ ସୃଷ୍ଟିମାନସର ପରିଚୟ ସହ ସମାଲୋଚନା ସାହିତ୍ୟଟିଏ । ଲୁକ୍କାୟିତ ଥିବା ତଥ୍ୟକୁ ଲୋକଲୋଚନକୁ ଆଣି ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଙ୍କୁ ସାହିତ୍ୟିକ ଭାବରେ ପ୍ରତିଷ୍ଠିତ କରାଇବା ଡକ୍ଟର ବେହେରା ଙ୍କ ଥିଲା ପଣ୍ଡିତ ବିଦ୍ୟାରତ୍ନ ଙ୍କ ପ୍ରତି ଅଜସ୍ର ଶ୍ରଦ୍ଧା ଓ ଅହେତୁକ ସମ୍ମାନ ।

ଓଡିଆ ସମାଲୋଚନା ସାହିତ୍ୟର ଅଭାବ ମେଣ୍ଟାଇବା ପାଇଁ କୃଷ୍ଣଚରଣ ଙ୍କ ପ୍ରଚେଷ୍ଟା ଓ ଅନାଲୋଚିତ ସାହିତ୍ୟିକ ଧାରା ଓ ସାହିତ୍ୟିକ ମାନଙ୍କର ବିଷୟରେ ଗବେଷଣା କରି ପ୍ରବନ୍ଧ ଲେଖିବା ଦିଗରେ ତାଙ୍କର ଅବଦାନକୁ କଦାପି ଭୁଲିହେବନି ।

## ସାହିତ୍ୟିକ କୃଷ୍ଣଚରଣ ଙ୍କ
## ସଂକଳିତ ଓ ସମ୍ପାଦିତ ଗ୍ରନ୍ଥ -

ସାହିତ୍ୟିକ କୃଷ୍ଣଚରଣ ବେହେରା - ଓଡିଆ ସାହିତ୍ୟର ଅନେକ ସୃଜନସୃଷ୍ଟି କରିଥିଲେ ମଧ୍ୟ ପୂର୍ଣ୍ଣାଙ୍ଗ ସାହିତ୍ୟିକ ଟିଏର ଏକଅଂଶ ସମ୍ପାଦନା ବିଭାଗରେ ଗୁରୁଦାୟିତ୍ୱ ତୁଲାଇଥିଲେ - ତାଙ୍କ ସଂକଳିତ ଓ ସମ୍ପାଦିତ ଗ୍ରନ୍ଥ ମଧ୍ୟରେ -

ଦଶହରା (୧୯୬୦), କବିଶେଖର ଚିନ୍ତାମଣି (୧୯୬୩), ମୋଗଲ ତାମସା (୧୯୬୬), ଚୟନିକା - (ଡକ୍ଟର କ୍ଷେତ୍ରବାସୀ ନାୟକ ଙ୍କ ସହ) (୧୯୭୬), ପଲ୍ଲୀକବି ନନ୍ଦକିଶୋର ସ୍ମାରକଗ୍ରନ୍ଥ (୧୯୭୬), କିଶୋର ଚନ୍ଦ୍ରାନନ ଚମ୍ପୂ (୧୯୭୭), ୫ମ ସଂଖ୍ୟା (୧୯୯୫), ଏକାଙ୍କିକା ଚୟନ (୧୯୭୮), ବୈକୁଣ୍ଠନାଥ ଗ୍ରନ୍ଥାବଳୀ - ୨ୟ ଖଣ୍ଡ (୧୯୭୯), ପ୍ରୀତି ସୁଧାକର (୧୯୭୯), ବୈଦେହୀଶ ବିଳାସ (୧୯୮୦), ୩ୟ ମୁଦ୍ରଣ (୧୯୮୯), ସାରସ୍ୱତ ସାରଥୀ - (ଅଧ୍ୟାପକ ପଠାଣି ପଟ୍ଟନାୟକ ଙ୍କ

ସହ) (୧୯୮୦), କାଳୀବତୀ (୧୯୮୧), ଫୁଲମଣି ଓ କରୁଣାର ବିବରଣ (୧୯୮୨), ଗୋପାଳକୃଷ୍ଣ ପଦାବଳୀ ପରିକ୍ରମା (୧୯୮୫), ଚତୁର୍ଥ ସଂସ୍କରଣ (୧୯୯୮), କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (୧୯୯୩), ଫକୀରମୋହନ ଗ୍ରନ୍ଥାବଳୀ - (ଅଧ୍ୟାପକ ଦେବେନ୍ଦ୍ର କୁମାର ଦାସ ଙ୍କ ସହ) (୨୦୦୦), କବିସୂର୍ଯ୍ୟ ଗ୍ରନ୍ଥାବଳୀ - (ରଚନାବଳୀ) (୨୦୦୩), ଦଳିତ ଆନ୍ଦୋଳନ ଓ ଦଳିତ ସାହିତ୍ୟ - (ଶୈଳଦ ରବି ଙ୍କ ସହ) (୨୦୦୭)।

ଗବେଷକ କୃଷ୍ଣଚରଣ ବେହେରା -

ଗବେଷଣା ଏକ ବୌଦ୍ଧିକ ଅନୁଷ୍ଠାନ, ଏହା ଗବେଷକ ଓ ତତ୍ତ୍ୱାବଧାରକ (ଗାଇଡ଼) ଉଭୟଙ୍କର ସହଯୋଗ ଓ ସୌହାର୍ଦ୍ଦ୍ୟରେ ସମ୍ପନ୍ନ ହୋଇଥାଏ । ଗବେଷକ ଓ ନିର୍ଦ୍ଦେଶକ (ଗାଇଡ଼) ଙ୍କ ଆଲୋଚନା ଓ ବିଚାର ବିମର୍ଶରେ ଗବେଷଣା ଯୋଜନା ସ୍ଥିରୀକୃତ ହୋଇଥାଏ ।

ଗବେଷଣା କାର୍ଯ୍ୟରେ - ସ୍ରଷ୍ଟା, ଗ୍ରାହକ ବା ସମାଜିକ ମାନେ ଖସିଯାଇ ପାରନ୍ତିନାହିଁ, କେବଳ ଦୃଷ୍ଟି, ପଦ୍ଧତି, ଲକ୍ଷ୍ୟ ଦୃଷ୍ଟିରୁ ଗବେଷକ ଙ୍କ ସ୍ଥିତି ସମୀକ୍ଷକ ଙ୍କ ଠାରୁ ନିଆରା ହୋଇଥାଏ । ଗବେଷଣା ନିବନ୍ଧର ସଂଶୋଧନ ବେଳେ ନିର୍ଦ୍ଦେଶକ (ଗାଇଡ଼) ମଧ୍ୟ ଜଣେ ସମୀକ୍ଷକର ଭୂମିକା ନିର୍ବାହ କରନ୍ତି ।

ଡକ୍ଟର କୃଷ୍ଣଚନ୍ଦ୍ର ବେହେରା ଙ୍କ ଗବେଷଣା ପ୍ରକଳ୍ପ ଦିଗ୍‌ଦର୍ଶନ - ଅନେକ ଗବେଷକ ଓ ଗବେଷିକ ଡକ୍ଟର ବେହେରା ଙ୍କ ତତ୍ତ୍ୱାବଧାନରେ (ଗାଇଡ଼) ଭାବରେ ପିଏଚ୍.ଡି. ଓ ଡି.ଲିଟ୍. ଉପାଧି ପାଇଛନ୍ତି -

କ୍ଷେତ୍ରବାସୀ ନାୟକ, କୁଳମଣି ରାଉତ, ମୋହନଲାଲ ସାହୁ, ଲାବଣ୍ୟ ନାୟକ, ଶରତ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ରଥ, ଲତା କୁମାରୀ ଭୋଳ, ବିଜୟ କୁମାର ଶତପଥି, ପ୍ରମୋଦ ପରିଡା, ମନ୍ଦାକିନୀ ଦାସ, ପୁଷ୍ପାଶ୍ରୀ ଦାସ, ଗୌରାଙ୍ଗ ଚରଣ ଦାସ, ଗୋବିନ୍ଦ ଚରଣ ଭୂଇଁ, ରମେଶ ଚନ୍ଦ୍ର ବିଶ୍ୱାଳ, ଜଟାଧାରୀ ମହାପାତ୍ର, ନିବେଦିତା ମହାନ୍ତି, ବନପ୍ରଭା ପରିଡା, ଶିବପ୍ରସାଦ ଦଣ୍ଡ, ଶାନ୍ତିଲତା ବେହେରା, ଚିତ୍ତରଞ୍ଜନ ବେହେରା, ଲୋପାମୁଦ୍ରା ଦାସ ନାୟକ

ପ୍ରମୁଖ ୨୧ ଜଣ ଗବେଷିକା, ଗବେଷକ ପିଏଚ୍.ଡି. ଓ ଡି.ଲିଟ୍. ଉପାଧିପ୍ରାପ୍ତ ।

ଡକ୍ଟର କୃଷ୍ଣଚନ୍ଦ୍ର ବେହେରା ଙ୍କ ଉପାୟନ ଓ ମାନପତ୍ର - ଡକ୍ଟର ବେହେରା, ଏକାଧାରାରେ ଜଣେ ଅଧ୍ୟାପକ, ସାହିତ୍ୟିକ ଓ ଗବେଷକ ଭାବରେ - ଓଡିଆ ସାହିତ୍ୟ ଜଗତରେ ସୁନାମ ଅର୍ଜନ କରିଅଛନ୍ତି । ତାଙ୍କର ସୃଜନୀକୁ ଅନେକ ସାରସ୍ୱତ ଅନୁଷ୍ଠାନ ସ୍ୱୀକୃତି ପ୍ରଦାନ କରିଅଛନ୍ତି ଉପାୟନ ଓ ପୁରସ୍କାର ପ୍ରଦାନକରି - ସେହି ସଂଗଠନ ଗୁଡିକ ମଧ୍ୟରେ -

ଉତ୍କୃଷ୍ଟ ଲୋକନାଟକ ପାଇଁ - ଭାରତ ସରକାରଙ୍କ ଠାରୁ ପୁରସ୍କାର (୧୯୫୯)
ଶିଶୁଲେଖା ପାଇଁ - ଓଡିଶା ସରକାରଙ୍କ ଠାରୁ ପୁରସ୍କାର (୧୯୭୦)
ବିଷୁବ ମିଳନ ପୁରସ୍କାର - ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ (୧୯୭୯)
କେଦାରନାଥ ଗବେଷଣା ପ୍ରତିଷ୍ଠାନ ପୁରସ୍କାର - ଭୁବନେଶ୍ୱର (୧୯୯୫)
ପ୍ରଗତି ଉତ୍କଳ ସଂଘ - ରାଉରକେଲା ପକ୍ଷରୁ ସମ୍ବର୍ଦ୍ଧନା (୧୯୯୬)
ଗୋପିନାଥ ନନ୍ଦ ପ୍ରବନ୍ଧ ପୁରସ୍କାର - ଉତ୍କଳ ସାହିତ୍ୟ ସମାଜ, କଟକ (୧୯୯୭)
ଉତ୍କଳ ପାଠକ ସାରସ୍ୱତ ସମ୍ମାନ (୧୯୯୮)
ନାଟ୍ୟଭୂଷଣ ପୁରସ୍କାର - କଟକ (୧୯୯୮)
ପଲ୍ଲୀକବି ନନ୍ଦକିଶୋର ବଳ ଫାଉଣ୍ଡେସନ୍ ସମ୍ମାନ - ଭୁବନେଶ୍ୱର (୧୯୯୯)
ନିଖିଳ ଭାରତୀୟ ଓଡିଆ ଅଧ୍ୟାପକ ସମ୍ମେଳନ ପକ୍ଷରୁ - ଟିଚର ସ୍କଲାର ସମ୍ମାନ (୨୦୦୦)
ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର (୨୦୦୧)
ଲେଖକ ସାମ୍ମୁଖ୍ୟ ସମ୍ମାନ (୨୦୦୨)
ପୁନନର୍ବା ସାହିତ୍ୟ ସମ୍ମାନ - କେନ୍ଦ୍ରାପଡା (୨୦୦୨)
ରୋଟାରୀ କ୍ଲବ୍ ସାହିତ୍ୟ ସମ୍ମାନ (୨୦୦୨)
କବିଶେଖର ଚିନ୍ତାମଣି ମହାନ୍ତି ପୁରସ୍କାର (୨୦୦୫)
ବିଜୟା ମିଳନ ସମ୍ମାନ - ଭଦ୍ରକ - (୨୦୦୫)
ଆର୍ତ୍ତବଲ୍ଲଭ ସ୍ମୃତି ସଂସଦ ସମ୍ମାନ - କଟକ (୨୦୦୬)
ଫକୀରମୋହନ ବିଶ୍ୱବିଦ୍ୟାଳୟ - ବାଲେଶ୍ୱର ପକ୍ଷରୁ ସମ୍ମାନ (୨୦୦୭)
ରାଜଧାନୀ କଲେଜ ପକ୍ଷରୁ ସାରସ୍ୱତ ସମ୍ମାନ (୨୦୦୮)
ନିମାପଡା କଲେଜ ପକ୍ଷରୁ ସାରସ୍ୱତ ସମ୍ମାନ (୨୦୦୮)
ପଣ୍ଡିତ ଗୋଦାବରୀଶ ମିଶ୍ର ସାରସ୍ୱତ ସମ୍ମାନ - ସାରଳା ସାହିତ୍ୟ ସଂସଦ, କଟକ (୨୦୦୮)
ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ - ସାହିତ୍ୟ ଭାରତୀ ସମ୍ମାନ (୨୦୦୯)

ଶତଦ୍ରୁ ପ୍ରବନ୍ଧ ସମ୍ମାନ - ଭୁବନେଶ୍ୱର (୨୦୧୦)
ଶ୍ରୀରାଧା ଗୋବିନ୍ଦ ସମ୍ମାନ - ଭଦ୍ରକ (୨୦୧୨)
ଆଜୀବନ ସାହିତ୍ୟ ସାଧକ ସମ୍ମାନ - ଓଡିଆ ସାହିତ୍ୟ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ (୨୦୧୩)
ଉଦୟଭାନୁ ଜ୍ୟୋତି ସମ୍ମାନ - କଟକ (୨୦୧୫)
ଶ୍ରୀଧର ସାରସ୍ୱତ ସମ୍ମାନ - ସାରଳା ସାହିତ୍ୟ ସଂସଦ, କଟକ (୨୦୧୬)
ପ୍ରଜ୍ଞାକୌସ୍ତୁଭ କୃଷ୍ଣଚରଣ ସମ୍ମାନ - ଡଃ. ହୃଷିକେଶ ପଣ୍ଡା ଫାଉଣ୍ଡେସନ୍, କଟକ (୨୦୧୬)
ଫକୀରମୋହନ ସାହିତ୍ୟ ଶ୍ରୀ ପୁରସ୍କାର - ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର (୨୦୧୭)

ଆଦି ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନୀତ ଓ ପୁରସ୍କୃତ ।

**କୃଷ୍ଣଚରଣ ଙ୍କ ମାନସ ସନ୍ତାନ - ଏଷଣା -**

"ଏଷଣା" କୁ ଆମେ ଅନ୍ୱେଷଣ ବା ଖୋଜ ଅର୍ଥରେ ଗ୍ରହଣ କରିବା । "ଏଷଣା" - ଏକ ଷାଣ୍ମାସିକ ଗବେଷଣାଧର୍ମୀ ସାହିତ୍ୟପତ୍ର, ସେପ୍ଟେମ୍ବର ୧୯୮୦ ରେ ଜନ୍ମ - କଟକ । ଓଡିଆ ଗବେଷଣା ପରିଷଦର ମୁଖପତ୍ର । ପ୍ରତିଷ୍ଠାତା ସଭାପତି - ଡକ୍ଟର କୃଷ୍ଣଚରଣ ବେହେରା । ଗବେଷଣା ପରିଷଦ ସହିତ - ଓଡିଆ ଶବ୍ଦ ସଂଯୋଜନାର କାରଣ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ର ବିଶ୍ୱ ପରିକ୍ରମଣ ଓ ପରିଚିତ ପାଇଁ ଏହା ଅନୁପମ ପୀଠଟିଏ ହେବ ।

"ଏଷଣା" ପୃଷ୍ଠାରେ ପ୍ରକାଶିତ ପ୍ରବନ୍ଧଗୁଡିକ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପତ୍ରିକାର ନିୟମିତ ବିଭାଗ ଗୁଡିକ ହେଉଛି - ଆଲୋଚନା, ଗ୍ରନ୍ଥ ସମୀକ୍ଷା, ସାଂସ୍କୃତିକ - ମତ ଓ ମନ୍ତବ୍ୟ, ବିୟୋଗ ପାଞ୍ଜି, ଶ୍ରେଷ୍ଠଶେଖର ଓ ପାରିବାରିକ । ସାହିତ୍ୟଚର୍ଚ୍ଚା - "ଏଷଣା" କୁ ଏକ ଗବେଷଣାଧର୍ମୀ ସାରସ୍ୱତ ପତ୍ରିକାରେ ପ୍ରକାଶିତ କରିପାରିଛି । "ଏଷଣା" ରେ ପ୍ରକାଶିତ ଗବେଷଣାଧର୍ମୀ ପ୍ରବନ୍ଧଗୁଡିକ ଆମ ଓଡିଆ ସାହିତ୍ୟ - ସମାଲୋଚନା ଇତିହାସରେ ଯେ କ୍ରାନ୍ତି ଆଣିଛି - ଏକଥା ଯେକୌଣସି ବ୍ୟକ୍ତି ସ୍ୱୀକାର କରିବେ ।

"ଏଷଣା" - ଏକ ସାହିତ୍ୟ ପତ୍ର ନୁହେଁ, ସାହିତ୍ୟ ମାଧ୍ୟମରେ ଜୀବନ ଓ ଜଗତକୁ ବୁଝିବା ଓ ଜନମାନସର ରାଜନୈତିକ, ସାମାଜିକ, ସାଂସ୍କୃତିକ ଜୀବନବୋଧକୁ ଅନୁଶୀଳନ କରିବା କ୍ଷେତ୍ରରେ ଏକ ପ୍ରାମାଣିକ ଦଲିଲ୍ । ଏହି ଦିବ୍ୟଯାତ୍ରାର ଯାତ୍ରୀ - ଡକ୍ଟର କୃଷ୍ଣଚରଣ ।

ସାହିତ୍ୟିକ କୃଷ୍ଣଚରଣ ଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ ହୋଇଥିଲା - ମୋର ଗବେଷଣା (ପିଏଚ୍.ଡି.) ଗାଇଡି - ପ୍ରଫେସର ଆଦିକନ୍ଦ ସାହୁଙ୍କ ମାଫର୍ତରେ । ଓଡିଆ ଗବେଷଣା ପରିଷଦର ଏକ ସାରସ୍ୱତ ସେମିନାର ରେ, ଭୁବନେଶ୍ୱର ରେ, ସେଠାରେ ମୁଁ ମୋର - ଏକ ଗବେଷଣାତ୍ମକ ସନ୍ଦର୍ଭ ସାହିତ୍ୟିକା ନନ୍ଦିନୀ ଶତପଥି ପାଠ କରିଥିଲି ଓ ପରେପରେ ସଭାପତି - କୃଷ୍ଣଚନ୍ଦ୍ର ବେହେରା ଓ ସମ୍ପାଦିକା - ଲାବଣ୍ୟ ନାୟକ ଙ୍କ ସ୍ୱାକ୍ଷର ରେ ସାର୍ଟିଫିକେଟ୍ ପ୍ରାପ୍ତହେଲି । ପରବର୍ତ୍ତୀ ସମୟରେ - ଆଦିକନ୍ଦ ସାର୍ ଙ୍କ ସୁପାରିଶ କ୍ରମେ ମୁଁ ଓଡିଆ ଗବେଷଣା ପରିଷଦର ଆଜୀବନ ସଭ୍ୟ ହେବା ସହିତ କୃଷ୍ଣଚନ୍ଦ୍ର ବେହେରା ଓ ଆଦିକନ୍ଦ ସାର୍ ଙ୍କ ସୁପାରିଶରେ ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ - ଉତ୍କଳ ସାହିତ୍ୟ ସମାଜର ଆଜୀବନ ସଭ୍ୟ ହୋଇପାରିଥିଲି ।

ଓଡିଆ ଗବେଷଣା ପରିଷଦର - ସମସ୍ତ ବାର୍ଷିକ ଉତ୍ସବରେ ମୋର ସକ୍ରିୟ ଯୋଗଦାନ ସହ ଆଲୋଚନା ଚକ୍ରରେ ସକ୍ରିୟ ଅଂଶଗ୍ରହଣ କରିପାରି ନିଜ ଜୀବନକୁ ଧନ୍ୟମନେ କରିଛି ।

ଜନ୍ମଅଛି ତ ମୃତ୍ୟୁଅଛି, ଏଥିରୁ ବା କୃଷ୍ଣଚରଣ ବାଦ୍ ପଡନ୍ତେ କିପରି । ତାଙ୍କ ମୃତ୍ୟୁରେ ଓଡିଆ ସାହିତ୍ୟ ତଥା ଶିକ୍ଷା ଜଗତର ଏକ ଅପୂରଣୀୟ କ୍ଷତି ଘଟିଲା । ତାଙ୍କ ଏକାଦଶାହ କର୍ମ କଟକରେ - ମୋର ଯୋଗଦାନ ପୂର୍ବକ - (ସ୍ମୃତିସଭା) ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲି ।

"ଏଷଣା" ର ୭୫ତମ - କୃଷ୍ଣଚରଣ ଙ୍କ ସ୍ମୃତି ବିଶେଷାଙ୍କ ଡିସେମ୍ବର, ୨୦୧୭ । ବାସ୍ତବିକ୍ ଡକ୍ଟର କୃଷ୍ଣଚରଣ ବେହେରା ଙ୍କୁ ସାରସ୍ୱତ ଶ୍ରଦ୍ଧାଞ୍ଜଳୀ ।

ବାସ୍ତବିକ୍ ଓଡିଆ ସାହିତ୍ୟର କାଳଜୟୀସାଧକ - ପ୍ରଫେସର କୃଷ୍ଣଚରଣ ବେହେରା ।

# ଓଡିଆ ସାହିତ୍ୟ ର ପ୍ରାଜ୍ଞପୁରୁଷ
# ମନୋଜ ଦାସ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ପ୍ରାଜ୍ଞପୁରୁଷ

## ମନୋଜ ଦାସ

ପ୍ରଫେସର ଡକ୍ଟର ସୁବାଷ ନାୟକ

ଓଡିଆ ସାହିତ୍ୟର ପ୍ରାଜ୍ଞପୁରୁଷ - ମନୋଜ ଦାସ, ବାଲେଶ୍ୱର ଜିଲ୍ଲାର ଶଙ୍କାରି ଗ୍ରାମରେ ୨୭ ଫେବୃୟାରୀ, ୧୯୩୪ ମସିହାରେ - ମନୋଜ ଜନ୍ମଗ୍ରହଣ କରିଥିଲେ । ମା' - କାଦମ୍ବିନୀ ଦେବୀ ଓ ବାପା - ମଧୁସୂଦନ ଦାସ । ବାପା ବ୍ରିଟିଶ୍ ସରକାର ଅଧିନରେ କାମ କରୁଥିଲେ । ତାଙ୍କ ପରିବାର ଥିଲା - ଗୋଟିଏ ସଂଭ୍ରାନ୍ତ ପରିବାର - ପାଞ୍ଚଜଣ ପୁଅଝିଅଙ୍କ ମଧ୍ୟରେ - ମନୋଜ ଥିଲେ ସବୁଠାରୁ ସାନ ।

ମା' - କାଦମ୍ବିନୀ ଦେବୀଙ୍କର ପ୍ରଭାବରେ ବାଲ୍ୟକାଳରୁ ମନୋଜ ଙ୍କ "ମହାଭାରତ" ଓ "ରାମାୟଣ" ପ୍ରତି ଶ୍ରଦ୍ଧାଜାତ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଏହି ଦୁଇଗ୍ରନ୍ଥକୁ - "ଅଲୌକିକ ଶକ୍ତିର ଉତ୍ସ" ଭାବେ ଅଭିହିତ କରିଛନ୍ତି । ବାଲେଶ୍ୱର ଜିଲ୍ଲା ସ୍କୁଲରେ ପଢିବା ସମୟରେ ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ବିକଶିତ ହେଉଥିଲା, ସେତେବେଳେ ତାଙ୍କର ବଡଭାଇ - ଫକୀରମୋହନ କଲେଜରେ ଇତିହାସ ବିଭାଗର ଅଧ୍ୟାପକ ଥିଲେ । ସେମାନେ ଯେଉଁ ଘରେ ରହୁଥିଲେ, ତାହାଥିଲା - ବ୍ୟାସକବି ଫକୀରମୋହନ ସେନାପତି ବାସଗୃହ । ଏହା ଜାଣିବାପରେ ମନୋଜ ଦାସଙ୍କ ହୃଦୟ ପରିବ୍ୟାପ୍ତ ହୋଇ ଯାଇଥିଲା । ବାଲେଶ୍ୱର ରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କର ପ୍ରଥମ ଗ୍ରନ୍ଥ ସଂକଳନ - "ସମୁଦ୍ରର କ୍ଷୁଧା" - ପ୍ରକାଶ ପାଇଲା । ସେହି ସମୟରେ ଦିଗନ୍ତ ପତ୍ରିକା ସମ୍ପାଦନା ଆରମ୍ଭ କରିଥିଲେ । ପରେ ମନୋଜ - ବାମପନ୍ଥୀ ଆନ୍ଦୋଳନ ସହିତ ଯୋଗ ଦେଇଥିଲେ - ୧୯୫୨ ରେ ଫକୀରମୋହନ କଲେଜରେ ପ୍ରଥମବର୍ଷରେ ସେ ଛାତ୍ର ସଂସଦ ସଭାପତି ହୋଇଥିଲେ ଓ ରାଜ୍ୟ ଛାତ୍ର ଫେଡେରେସନ୍‌ର ଉପସଭାପତି ହୋଇଥିଲେ - ୧୯୫୫ ମସିହାରେ ପୁରୀ ସାମନ୍ତଶେଖର କଲେଜରୁ ସ୍ନାତକ ଡିଗ୍ରୀ ହାସଲକରି କଟକରେ ଆଇନ୍ ଅଧ୍ୟୟନ କରିଲେ, ସେତେବେଳକୁ ଗଳ୍ପ ସଂକଳନ - "ଜୀବନର ସ୍ୱାଦ" - ସହିତ ବିଭିନ୍ନ ଇଂରାଜୀ ପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହେଉଥାଏ । ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ୍ କଲେଜର ଛାତ୍ର ସଂସଦ ସଭାପତି ଭାବରେ ଇଣ୍ଡୋନେସିଆ ରାଷ୍ଟ୍ରରେ ଆୟୋଜିତ ଛାତ୍ର ସମ୍ମିଳନୀରେ - ମନୋଜ ଯୋଗ ଦେଇଥିଲେ । ଐତିହାସିକ ରେଭେନ୍ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) ପାସ୍ କରିବାପରେ ୧୯୫୯ ମସିହାରେ କଟକର ଖ୍ରୀଷ୍ଟ କଲେଜରେ ଅଧ୍ୟାପକ ଭାବରେ ଯୋଗଦେଇ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେହିବର୍ଷ "ଦିଗନ୍ତ" - ମାସିକ ପତ୍ରିକାର ପୁନଃପ୍ରକାଶ ଓ କୁଜଙ୍ଗ ରାଜ ପରିବାର ର କନ୍ୟା - ପ୍ରତିଜ୍ଞା ଦେବୀଙ୍କ ସହିତ ବିବାହ । ମନୋଜ ଙ୍କ ଗଳ୍ପ ସଂକଳନ - "ଆରଣ୍ୟକ" - ୧୯୬୧ ମସିହାରେ ପ୍ରକାଶିତ ହୋଇ ଓଡିଆ ଗଳ୍ପ ସାହିତ୍ୟ ମାନଦଣ୍ଡ ନିରୁପିତ ହେଉଥିଲା ।

୧୯୬୩ ମସିହାରେ ମନୋଜ - ପଣ୍ଡିଚେରୀ ର ଶ୍ରୀ ଅରବିନ୍ଦ ଆଶ୍ରମରେ - ଇଂରାଜୀ ସାହିତ୍ୟର ଅଧ୍ୟାପକ ଓ ଧର୍ମପତ୍ନୀ - ପ୍ରତିଜ୍ଞା ଦେବୀ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ଭାବରେ ଯୋଗଦେଲେ । ୧୯୬୫ ରେ - "ଶେଷ ବସନ୍ତର ଚିଠି" - ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ପଣ୍ଡିଚେରୀ ର - ଶ୍ରୀ ଅରବିନ୍ଦ ଆନ୍ତର୍ଜାତୀୟ ଶିକ୍ଷା କେନ୍ଦ୍ରରେ ଇଂରାଜୀ ସାହିତ୍ୟର ପ୍ରଫେସର ଭାବରେ କାର୍ଯ୍ୟରତ ।

କର୍ମମୟ ଜୀବନ ମଧ୍ୟରେ - ମନୋଜ ଦାସ ଭୁଲିନଥିଲେ ସାହିତ୍ୟ ସାଧନାକୁ ବରଂ ଜଣେ ଓଡିଆ ଭାବରେ ମାତୃଭାଷା - ଓଡିଆ ସାହିତ୍ୟ ତଥା ଇଂରାଜୀର ଅଧ୍ୟାପକ ଭାବରେ ଇଂରାଜୀ ସାହିତ୍ୟର ବିକାଶ ଦିଗରେ ଅନେକ କାଳଜୟୀ ସୃଷ୍ଟି ତାଙ୍କଦ୍ୱାରା ହୋଇପାରିଅଛି ।

### ମନୋଜ ଦାସଙ୍କ ସାରସ୍ୱତ ସୃଷ୍ଟି :

**ଗଳ୍ପ ସଂକଳନ -**

ମନୋଜ ଦାସଙ୍କ ଗଳ୍ପ (୧୯୯୯)
ଅବଲୋକରା କାହାଣୀ (୧୯୯୧)
ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦)
ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭)
ମନୋଜ ପଞ୍ଚବିଂଶତି (୧୯୮୩)
ଧୂମ୍ରାଭ ଦିଗନ୍ତ ଓ ଅନ୍ୟ କାହାଣୀ (୧୯୭୭)
ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ (୧୯୭୫)
ଲକ୍ଷ୍ମୀର ଅଭିସାର (୧୯୭୪)
ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧)

ଶେଷ ବସନ୍ତର ଚିଠି (୧୯୬୫)
ଆରଣ୍ୟକ (୧୯୬୧)
ବିଷକନ୍ୟାର କାହାଣୀ (୧୯୫୪)
ଜୀବନର ସ୍ୱାଦ (୧୯୫୩)
ସମୁଦ୍ରର କ୍ଷୁଧା (୧୯୫୨)

**କବିତା ସଂକଳନ -**

କବିତା ଉତ୍କଳ (୨୦୦୩)
ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨)
ଉପନିବେଶ (୧୯୬୬)
ନନ୍ଦାବତୀର ମାଝି (୧୯୫୭)
ପଦଧ୍ୱନୀ (୧୯୫୦)
ବିପ୍ଲବୀ ଫକୀରମୋହନ (୧୯୫୦)
ଶତାବ୍ଦୀର ଆର୍ତ୍ତନାଦ (୧୯୪୯)

**ଉପନ୍ୟାସ -**

ଚନ୍ଦ୍ରାଲୋକର ପ୍ରହରୀ (୨୦୦୦)
ଆକାଶର ଇସାରା (୧୯୯୭)
ଅମୃତ ଫଳ (୧୯୯୬) - ସରସ୍ୱତୀ ସମ୍ମାନ
ଗୋଧୂଳି ବାଘ (୧୯୯୫)
ପ୍ରଭଞ୍ଜନ (୧୯୯୨)
ବୁଲଡୋଜର୍ସ (୧୯୮୯)

**ପ୍ରବନ୍ଧ, ରମ୍ୟ ରଚନା ଓ ଅନ୍ୟାନ୍ୟ -**

ପ୍ରଜ୍ଞା - ପ୍ରଦୀପିକା (୨୦୧୨)
ଉପକଥା ଶତକ (୨୦୦୨)
ସତ୍ୟ - ଅସତ୍ୟ ଓ ଅନ୍ୟାନ୍ୟ ପ୍ରସଙ୍ଗ (୨୦୦୨)
ସ୍ମୃତି ଓ ବିସ୍ମୃତି ର ସାରନାଥ
ଅରଣ୍ୟ ଉଲ୍ଲାସ (୧୯୯୯)
ଭାରତର ଐତିହ୍ୟ - ଶତେକ ପ୍ରଶ୍ନର ଉତ୍ତର (୧୯୯୮)
ମହାଯୋଗୀ - ଶ୍ରୀ ଅରବିନ୍ଦ (୧୯୯୭)
ସମୁଦ୍ର କୂଳର ଏକଗ୍ରାମ (୧୯୯୬)
ସନ୍ଧାନ ଓ ସଙ୍କେତ (୧୯୯୯)
ବିପୁଳାଚ ପୃଥ୍ୱୀ (୧୯୯୪)
କେତେ ଦିଗନ୍ତ (୧୯୮୬)

**ଶିଶୁ ସାହିତ୍ୟ -**

ରାକ୍ଷାସର ସନ୍ଧାନରେ (୨୦୧୦)
କନକ ଉପତ୍ୟକାର କାହାଣୀ (୧୯୯୪)
ଅମର ସାହିତ୍ୟ (୧୯୭୩)
ଆଲୋକ ଓ ଆନନ୍ଦ ର କାହାଣୀ (୧୯୭୦)

**ଇଂରାଜୀ ସାହିତ୍ୟର ସୃଷ୍ଟି -**

ମନୋଜ ଦାସ - ଓଡିଆ ସାହିତ୍ୟରେ କଲମ ଚାଳନା କରି ଜଣେ ଇଂରାଜୀ ପ୍ରଫେସର ଭାବରେ କେତେଗୋଟି ଇଂରାଜୀ ସାହିତ୍ୟ ରଚନା କରିଛନ୍ତି, ଯାହାକି ଭାରତୀୟ ସାହିତ୍ୟ କାହିଁକି ବିଶ୍ୱ ସାହିତ୍ୟରେ ମଧ ଆଦୃତି ଲାଭ ଆଣିଦେଇଛି । ସେଗୁଡିକ ହେଲା -

ଚେଜିଙ୍ଗ ଦି ରେନ୍‌ବୋ - ଗୋଇଙ୍ଗ ଅପ୍ ଇନ୍ ଆନ ଇଣ୍ଡିଆନ ଭିଲେଜ୍ (୨୦୦୪)

ଲେଜେଣ୍ଡ ଅଫ୍ ଦି ଗୋଲ୍ଡେନ୍ ଭ୍ୟାଲି (୧୯୯୬)
ଦି ସବ୍‌ମର୍ଜଡ ଭ୍ୟାଲି ଆଣ୍ଡ ଅଦର ଷ୍ଟୋରିଜ୍ (୧୯୮୬)
ଫେଆରବେଲ ଟୁ ଅ ପୋଷ୍ଟ - ସର୍ଟ ଷ୍ଟୋରିଜ୍ ଆଣ୍ଡ ଅନଭେଲେଟ୍ (୧୯୯୪)
ଦି କ୍ରୋକୋଡାଇଲ୍ ଲେଡି - ଏ କଲେକସନ୍ ଅଫ୍ ଷ୍ଟୋରିଜ୍ (୧୯୭୫)
ଏ ଟାଇଗର ଆଟ ଟୁଇଲାଇଟ୍

## ମନୋଜ ଦାସଙ୍କ ସାରସ୍ୱତ ସୃଷ୍ଟି -

ମନୋଜ ଦାସଙ୍କ ଉପନ୍ୟାସ - "ଅମୃତ ଫଳ" । ଏହାର କଥାବସ୍ତୁ - ଏକ ଐତିହାସିକ କାହାଣୀ ଉପରେ ଆଧାରିତ । ୧୯୯୬ ମସିହା ଜାନୁୟାରୀ ମାସରେ, ଏହା ବିଦ୍ୟାପୁରୀ, କଟକ - ପିତାମ୍ବର ମିଶ୍ରଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା । ଲୋକପ୍ରିୟତା ଦୃଷ୍ଟିରୁ ଏହି ଉପନ୍ୟାସର ଅଦ୍ୟାବଧି ୧୪ଟି ମୁଦ୍ରଣ ପ୍ରକାଶ ପାଇସାରିଛି ।

ଉପନ୍ୟାସ - "ଅମୃତଫଳ" ର କଥାବସ୍ତୁ - ଇତିହାସ, ରହସ୍ୟ ଓ ବାସ୍ତବିକତା ର ଏକ ମିଶ୍ରଣ । ଏଥିରେ ଦୁଇଜଣ ବ୍ୟକ୍ତିଙ୍କ ଜୀବନ କାହାଣୀକୁ ସାମନ୍ତରାଳ ଭାବରେ ବର୍ଣ୍ଣନା କରାଯାଇଛି । ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ପ୍ରାଚୀନ ଯୁଗର ରାଜା - ଭର୍ତ୍ତୃହରି ହୋଇଥିବାବେଳେ ଆଉଜଣେ ହେଉଛନ୍ତି - ଆଧୁନିକ ଯୁଗର ଶିଳ୍ପପତି - ଅମରନାଥ । ଏହି ଉପନ୍ୟାସ କାହାଣୀ ଅନୁସାରେ ଉଜ୍ଜୟିନୀର ରାଜା - ଭର୍ତ୍ତୃହରି - ଏକ "ଅମୃତଫଳ" ଲାଭକରିବା ପରେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି । ଫଳରେ ତାଙ୍କ ମନକୁ ଗ୍ରାସକରିଛି ନିଜ ଅସ୍ତିତ୍ୱ ତଥା ଜୀବନକୁ ନେଇ ଅନେକ ପ୍ରଶ୍ନ ଅପରପକ୍ଷରେ ଶିଳ୍ପପତି - ଅମରନାଥ ମଧ୍ୟ ଜୀବନ ବିଷୟରେ ହୋଇଛି - ସମାନ ଅନୁଭୂତି । କିପରି ଅମରନାଥ ରାଜା - ଭର୍ତ୍ତୃହରି ଙ୍କ ଜୀବନ ସହ ନିଜ ଜୀବନର ସାମଞ୍ଜସ୍ୟକୁ ହୃଦୟଙ୍ଗମ କରିଛନ୍ତି ଓ କିପରି ରାଜାଙ୍କ ଜୀବନ କାହାଣୀରୁ ସେ ନିଜ ମନରେ ଉଠିଥିବା ଆଧ୍ୟାତ୍ମିକ ପ୍ରଶ୍ନଗୁଡିକର ଉତ୍ତର ପାଇଛନ୍ତି, ତାହା ହିଁ ଏହି ଉପନ୍ୟାସର ମୁଖ୍ୟ ବିଷୟବସ୍ତୁ ।

## ମନୋଜ ଦାସଙ୍କ କବିତା - "ତୁମ ଗାଁ ଓ ଅନ୍ୟାନ୍ୟ କବିତା" :

"ତୁମ ଗାଁ ଓ ଅନ୍ୟାନ୍ୟ କବିତା" - ମନୋଜ ଦାସଙ୍କ ରଚିତ କବିତା ଗୁଡିକର - କବିତା ସଂକଳନ । ଏହା ୧୯୯୨ ମସିହାରେ ପ୍ରକାଶିତ ହୋଇଥିଲା । ପ୍ରକାଶକ - ସହଦେବ ପ୍ରଧାନ - ଫ୍ରେଣ୍ଡସ୍ ପବ୍ଲିଶର୍, ବିନୋଦ ବିହାରୀ, କଟକ ।

ଏହି କବିତା ସଂକଳନ ଟିରେ ମୋଟ ୬୫ ଗୋଟି ସ୍ୱରଚିତ କବିତା ସନ୍ନିବେଷିତ ।

କବିତା ଗୁଡିକୁ ମୁଖ୍ୟତଃ ଚାରିଗୋଟି ବିଭାଗରେ ରଖାଯାଇଛି -

ତୁମ ଗାଁ (୧୯୫୪-୧୯୮୯)
ଉପନିବେଶ (୧୯୫୩-୧୯୫୯)
ପ୍ରାକ୍-ଉପନିବେଶ (୧୯୫୨-୧୯୫୪)
ଉତ୍ତର-ଉପନିବେଶ (୧୯୬୩-୧୯୯୦)

ଏହି କବିତାଟି ଖୁବ୍ ପାଠକୀୟ ଆଦୃତ ଲାଭ କରିଅଛି ।

## ମନୋଜ ଦାସଙ୍କ ଗଳ୍ପ ସଂକଳନ - "କଥା ଓ କାହାଣୀ" :

ମନୋଜ ଦାସଙ୍କ ରଚିତ ଏକ ଗଳ୍ପ ସଂକଳନ - "କଥା ଓ କାହାଣୀ" । କଥାକାର ମନୋଜ ଦାସ - ଏଥିପାଇଁ ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ରେ ସମ୍ମାନୀତ ହୋଇଛନ୍ତି । ଏହି ପୁସ୍ତିକାଟି ଅନ୍ୟାନ୍ୟ ଭାରତୀୟ ଭାଷା ତଥା ଇଂରାଜୀ ଭାଷାରେ ଅନୁବାଦ ହୋଇ - ଓଡିଆ ସାହିତ୍ୟ ସର୍ବୋପରି ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟରେ ପାଠକୀୟ ଆଦୃତି ଲାଭ କରିଅଛି ।

ଗଳ୍ପ ସଂକଳନ - "କଥା ଓ କାହାଣୀ" ରେ ୫୪ ଗୋଟି ଗଳ୍ପ ସ୍ଥାନୀତ କରିଅଛନ୍ତି - ମନୋଜ ଦାସ । ସେଗୁଡିକ ହେଲା -

ଅପହୃତ ଟୋପିର ରହସ୍ୟ / ବିହଙ୍ଗ / ପ୍ରତ୍ୟାବର୍ତ୍ତନ / ଏକ ଚୋରିର ବୃତାନ୍ତ / ବିଲେଇ / ଲାଜକୁଳି ଲତା / ଅନ୍ତରଙ୍ଗ ଦାନବ / ସଉକ୍ / ଦୂର ନିର୍ଜନ ସ୍ୱର / କୂଅ / ଝଡର ଗତିପଥେ / ଅତିକ୍ରାନ୍ତ / ସାତଜଣ ପ୍ରବୀଣ – ରାତ୍ରୀ ଓ ପ୍ରଭାତ / ସେମାଙ୍କ ସମ୍ପର୍କରେ ଶେଷଖବର / ନିଜନପୁର ରେ କେତୋଟି ସନ୍ଧ୍ୟା / ରାୟସିଂହର ଡାଏରୀ / ସଂଗୋପନ କାହାଣୀ / ଉପଗ୍ରହ / ଭୂତକୋଠିରେ ଏକ ରାତି / ହୃଦୟ ପରିବର୍ତ୍ତନ ସଂକ୍ରାନ୍ତିୟ / ଏକ କାହାଣୀ / ରାୟ ବାହାଦୂର ଙ୍କ ନିଶ / ଚୁପ୍ – ସଇତାନ / ନାଗାଲୋକ ପ୍ରତ୍ୟାଗତ / ଜାଆଁଳା ଘାଇରକୁର୍ମ / ତୃତୀୟ ପୁରୁଷ / ମନୁଷ୍ୟ – ମର୍କଟ ସମ୍ବାଦ / ବାବୁଲପୁର ର ଷଣ୍ଢ / ଅନେକ ଫୁଲ ଅନେକ / ସୀତାପାଇଁ ବର / ଲୁଲୁର୍ଭା ପର୍ବତରେ ଏକ ଦ୍ୱିପହର / ଅବଶିଷ୍ଟ ପୃଥିବୀ / ଚଳନ୍ତି କାହାଣୀ / ଅଦୃଷ୍ଟ ମୁହୂର୍ତ୍ତ / ଶଶକର ମନସ୍ତତ୍ତ୍ୱ / ବାଘ / ସମୁଦ୍ରର କ୍ଷୁଧା / ଆବିଷ୍କାର / ପ୍ରତ୍ୟାଗତର କାହାଣୀ / ସୂର୍ଯ୍ୟାସ୍ତର ରଙ୍ଗ / ବନ୍ୟା / କନ୍ୟା / ନିଶାର୍ଦ୍ଧ / ମହମବତୀ / କୁତୁରା ନାରୀ / ବିୟୋଗାନ୍ତକ / ତିନୋଟି ମହାର୍ଘ ଭୋଟ / ରବି ବାସରୀୟ ସଙ୍ଗୀତ / ଅନେକ ସ୍ମିତହସ / ଆରଣ୍ୟକ / ଶେଷ ବସନ୍ତର ଚିଠି / ଜନ୍ମରାତିର ଗଳ୍ପ ।

ଏ ଗଳ୍ପ ସଂକଳନଟି କଥାକାର ମନୋଜ ଦାସଙ୍କୁ ଜଣେ ପ୍ରତିଷ୍ଠିତ ଗାଳ୍ପିକ ଭାବରେ ଓଡିଆ ସାହିତ୍ୟରେ ମର୍ଯ୍ୟାଦା ପ୍ରଦାନ କରିଅଛି ।

## ସମାଲୋଚିକା ପ୍ରଫେସର ଡକ୍ଟର ବିଷ୍ଣୁପ୍ରିୟା ଓତାଙ୍କ ଦୃଷ୍ଟିରେ - ଉଜ୍ଜ୍ୱଳ ଆଲୋକର ସତ୍ତାରେ - ଗାଳ୍ପିକ ମନୋଜ ଦାସ ।

ଓଡିଆ ଗଳ୍ପ ସାହିତ୍ୟରେ ମନୋଜ ଦାସ - ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ଜଣେ ଜନପ୍ରିୟ ପଥିତନାମା ଗାଳ୍ପିକ ଭାବରେ ପାଠକ ଙ୍କ ନିକଟରେ ବେଶ୍‌ପ୍ରିୟ । ତାଙ୍କର ଗଳ୍ପଗୁଡିକ କାହାଣୀଧର୍ମୀ, ସୁଖପାଠ୍ୟ ଓ ବେଶ୍ ହୃଦୟସ୍ପର୍ଶୀ । ଅନେକ ସମୟରେ ଫକୀରମୋହନ ଙ୍କ ଗଳ୍ପଶୈଳୀର ପରମ୍ପରାକୁ ତାଙ୍କ ଗଳ୍ପର କାହାଣୀଧର୍ମୀ କଥନଭଙ୍ଗୀ ମନେ ପକାଇଦିଏ । ତାଙ୍କ ଗଳ୍ପରେ ଯେପରି ରହିଛି ଅଭିଜ୍ଞତାର ଐଶ୍ୱର୍ଯ୍ୟ ଓ ପରପକ୍ୱତାର ଏକ ବିଶେଷ ଆବେଦନ । ରଙ୍ଗୀତଧର୍ମୀ ଶୈଳୀ ଓ ସୁନିର୍ବାଚିତ ଭାଷାର ପ୍ରୟୋଗ ମାଧ୍ୟମରେ ତାଙ୍କ ଗଳ୍ପ ଓଡିଆ ଗଳ୍ପ ସାହିତ୍ୟରେ ଅସଶତ୍ନ ମର୍ଯ୍ୟାଦା ହାସଲ କରିଛି । ତାଙ୍କ ଗଳ୍ପରେ ରହିଛି - ସୁନିର୍ବାଚିତ ବିଷୟବସ୍ତୁ । କାହାଣୀଧର୍ମୀତା ଓ ନାଟକୀୟତା, ଯାହାକି ଗଳ୍ପଟିକୁ ବେଶ୍ ସୁଖଦ ଓ ଉପଭୋଗ୍ୟ କରିଥାଏ ।

ମଣିଷ ମନର ଅକୁହା କଥାର ପ୍ରେକ୍ଷାପଟ୍ଟ ଅଙ୍କନରେ ସେ ପାରଦର୍ଶୀ । ତାଙ୍କ ଗଳ୍ପଗୁଡିକରେ ମଣିଷର ଜୀବନ ଓ ମନ ଉଭୟର ଅନ୍ତର୍ନିହିତ କଥା ହିଁ ପ୍ରକାଶିତ ହୋଇଥାଏ । ଜୀବନ ଓ ମନନଶୀଳତାର ବହୁ ବୈଚିତ୍ର୍ୟରେ ବିମଣ୍ଡିତ ତାଙ୍କର ଗଳ୍ପସବୁ । ତାଙ୍କ ଗଳ୍ପଗୁଡିକରେ ମଣିଷର ଅସହାୟତା, ଏକାକୀତ୍ୱ ବୋଧ ଓ ସେହି ମଣିଷର ଅସ୍ଥିରତା ବେଶୀ ଭାବରେ ପ୍ରକାଶିତ । ତାଙ୍କ ଗଳ୍ପସବୁରେ ପ୍ରାପ୍ତି ଭିତରେ ବି ଅନେକ କିଛି ଅପ୍ରାପ୍ତି ବା ନ ପାଇବାପଣ ଦୁଃଖର ଭରାରେ ମଣିଷକୁ ଅସହାୟ କରିଥାଏ । ତାଙ୍କ ଗଳ୍ପରେ ଆଶା ନୁହେଁ ନୈରାଶ୍ୟ ହିଁ ସତ୍ୟ ଉପସ୍ଥାପିତ ହୋଇଛି । ତାଙ୍କ ଗଳ୍ପଗୁଡିକ ନିଜକୁ ଅନ୍ଧାରୀ ଗହ୍ୱରରେ ଜୀବନର ଗତିରହି ନଯାଇ ନୂତନତାର ବାଟ ଖୋଜିଛି ।

ତାଙ୍କ ଗଳ୍ପଗୁଡିକର ସର୍ବଶ୍ରେଷ୍ଠ ଗୌରବ ହେଉଛି - ମାନବୀୟ ଭାବବେଗ । ମଣିଷ ଭିତରେ ଥିବା ମଣିଷ ପଣିଆ ରୂପକ ଅମୂଲ୍ୟ ପଦାର୍ଥଟିକୁ ସେ ଦୂରେଇ ଦେଇପାରି ନାହାଁନ୍ତି । ସେ ଭଲଭାବରେ ଅନୁଭବ କରିଥିଲେ ଯେ - ମଣିଷ ଭିତରେ ମାନବିକତା ଉଦ୍ରେକ ଘଟାଇ ପାରିଲେ ସମସ୍ତ କୁତ୍ସିତ ଭାବ ଦୂରେଇ ଯାଇପାରିବ ।

ମନୋଜ ଙ୍କ "ସମୁଦ୍ରର କ୍ଷୁଧା" ଗଳ୍ପଟିରେ - ସେହି ପାଶବିକ କାମନାକୁ ଲକ୍ଷ୍ୟକଲେ ମନେହୁଏ ସତେଯେପରି ସେ ପଶୁଠାରୁ ମଧ୍ୟ ଇତର । ତାଙ୍କର "ଆରଣ୍ୟକ" ଓ "ବନ୍ୟା" - ଗଳ୍ପରେ ମଣିଷର ହିଂସ୍ର କାମନା ବାସନା ପାଶବିକ କ୍ଷୁଧାର ଆଚରଣ କରି ମଣିଷତ୍ୱ ହରାଇ ବସିଛି । ଏହି ଗଳ୍ପ ମାଧ୍ୟମରେ ମଣିଷ ଶରୀରରେ ମଣିଷ ହେଲେ ହେଁ ତା'ର କାମନା ଓ ବାସନା ବିର୍ବରତା ତାକୁ ପଶୁଠାରୁ ମଧ୍ୟ ନିକୃଷ୍ଟ କରିଦେଇଛି । ମଣିଷକୁ ସେ ଏହି ଗଳ୍ପ ମାଧ୍ୟମରେ ଚେତେଇ ଦେଇଛନ୍ତି ତା'ର ଦୋଷତ୍ରୁଟି ଓ ଦୁର୍ବଳ କୁତ୍ସିତ ମାନସିକତା ସମ୍ପର୍କରେ । ଏହିସବୁ ଗଳ୍ପରେ ଗାଳ୍ପିକ ମନୋଜ - ଜାଙ୍ଗଲିକ ଓ ପାଶବିକ ଯୌନ ଲାଳସାକୁ ବେଶ୍ କଳାତ୍ମକତା ମଧ୍ୟରେ ପ୍ରକାଶ କରିଛନ୍ତି - ଗାଳ୍ପିକ ।

"ବିଷକନ୍ୟାର କାହାଣୀ" - ଗଳ୍ପ ମାଧ୍ୟମରେ ମଣିଷର ଗୋପନ ଅଭିସାର ତା'ର ପ୍ରକୃତ ଜୀବନର ରୂପ ପରିଗ୍ରହକୁ ବାହାରେ ଦର୍ଶାଇ ତା'ର ନଗ୍ନ ସ୍ୱରୂପକୁ ପ୍ରକାଶ କରିଦେଇଛି । ନାରୀଟିଏ ଦେହକୁ ଅବଲମ୍ବନ କରି ବଞ୍ଚି ରହିଥିଲେ ହେଁ ତା'ର ଶୁଶ୍ରୁଷା ନିମନ୍ତେ ଉପଚାର ନାହିଁ ।

"ସଂଗୋପନ କାହାଣୀ", "ଅତିକ୍ରାନ୍ତ", "ପ୍ରତ୍ୟାଗତର କାହାଣୀ" ଇତ୍ୟାଦି ଗଳ୍ପରେ ମଣିଷର ବେଦନାବିଧୁର ଜୀବନର ଚିତ୍ର ପ୍ରତିଫଳିତ । ସାଧାରଣ ମଣିଷ ଦୁଃଖକଷ୍ଟରେ ପୀଡନରେ ଜୀବନ ବିତାଉଥିବାବେଳେ ବାହାରକୁ ଭଦ୍ର, ପ୍ରତିଗର୍ବିଶାଳୀ, ଶାଳୀନ, ମାର୍ଜିତ ମନେ ହେଉଥିବା ମଣିଷ ପ୍ରକୃତରେ ଯୌନଚାରୀ, ଅଶ୍ଳୀଳ ମନେ ଦେଇଛନ୍ତି ।

"ବାବା ଚକ୍ରଧାରୀ ବୃତାନ୍ତ" ଗଳ୍ପରେ - ମଣିଷର ଉଚ୍ଚତାରେ ବାମନତ୍ୱ ଦେଖିଲେ ତା'ର ଅସହାୟ ବ୍ୟକ୍ତିସତ୍ତା ସମ୍ପର୍କରେ ଅନୁଭବ କରିହୁଏ । ମଣିଷର ମାନସିକ ଅବସ୍ଥା ତା'ର ଚେତନାର ବିଭିନ୍ନ ସ୍ତର ମନରେ ଅଶାନ୍ତି, ତା'ର ସୁପ୍ତ ଚିନ୍ତାଧାରା, ଯୌନ କାମନା ଓ ବ୍ୟାଧିଗ୍ରସ୍ତ ମନର ହୀନମାନ୍ୟତା ସମ୍ପର୍କରେ ଗାଳ୍ପିକ ମନୋଜ - ଗଳ୍ପ ମାଧ୍ୟମରେ ଉପସ୍ଥାପନା କରିଅଛନ୍ତି ।

ଗାଳ୍ପିକ ମନୋଜ ଦାସ କହିଛନ୍ତି - ସତ୍ ସାହିତ୍ୟ ମାଧ୍ୟମରେ ମଣିଷର ମନକୁ ବଦଳାଇ ଦିଆଯାଇପାରେ ଓ ବର୍ତ୍ତମାନ ପରିସ୍ଥିତିରେ (ପରିବର୍ତ୍ତନ ଧାରା) ମାନବ ଚେତନାର ସମୃଦ୍ଧ ରୂପ ହେଉଛି ସାହିତ୍ୟ ବୋଲି ସେ ବିଶ୍ୱାସ କରନ୍ତି । ତେଣୁ, ତାଙ୍କ ଗଳ୍ପଗୁଡିକରେ ପ୍ରଚଳିତ ସାମାଜିକ ବ୍ୟବସ୍ଥାକୁ କଳାତ୍ମକ ରୂପ ପ୍ରଦାନକରି ପ୍ରକାଶ କରିଛନ୍ତି । ମନୋଜ ଙ୍କ ସାମାଜିକ ଆଧାରିତ ଗଳ୍ପ ମଧ୍ୟରେ - "ଜାଆଁଳା ଘାଇର କୁର୍ମ", "ଶୃଙ୍ଖଳା ପତ୍ର", "ଚୁପ୍ ସଇତାନ", "ଏକ ଚୋରିର ବୃତାନ୍ତ", "ଆବିଷ୍କାର", "ଅବଲକରା" ପ୍ରଭୃତି ଅନ୍ତର୍ଗତ ।

"ହତ୍ୟାକାରୀ" - ଗ୍ରାମ୍ୟ ପୃଷ୍ଠଭୂମିର ଗଳ୍ପ । ଦୁଇଟି ଚରିତ୍ରର ହୃଦୟ ପରିବର୍ତ୍ତନର ଚିତ୍ର ଏଥିରେ ପ୍ରତିବିମ୍ବିତ । ଏଥିରେ ସ୍ପଷ୍ଟ ହୋଇଛି ଗ୍ରାମ ବିଶ୍ୱାସର ଅଲୌକିକ କାହାଣୀ ସବୁ - "ଭୋଲାଅଜା" - ଗଳ୍ପଟି ଏକ ବିଶେଷ ଚରିତ୍ରର ମାନସିକତାକୁ ନେଇ ଗଢିଉଠିଛି । "ହତ୍ୟାକାରୀ" ଓ "ଭୋଲାଅଜା" - ଦୁଇଟି ଶୈଶବର ସ୍ମୃତିକୁ ନେଇ ଗଠିତ ।

ଗାଳ୍ପିକ ମନୋଜ - ମୃତ୍ୟୁ ଓ ଜୀବନର ନିଃସଙ୍ଗତା ଓ ଅସହାୟତାକୁ ନେଇ ଅନେକ ଗଳ୍ପ ଲେଖିଛନ୍ତି । ସେ ମୃତ୍ୟୁ ଭିନ୍ନ ଭାବରେ ଦେଖିଛନ୍ତି । ମୃତ୍ୟୁ ଚେତନା ତାଙ୍କ ଗାଳ୍ପିକ ଜୀବନର ଏକ ଦାର୍ଶନିକ ହୃଦୟର ଚରିତ୍ର କରିଅଛି । ଏହି ପ୍ରସଙ୍ଗରେ - "ଏକ

ପୃଷ୍ଠଭୂମି" - ଗଳ୍ପଟି ବେଶ୍ ଉଲ୍ଲେଖଯୋଗ୍ୟ । ଏଠାରେ ସୁମନ୍ତ ବାବୁଙ୍କ ଚରିତ୍ର ମାଧ୍ୟମରେ ମୃତ୍ୟୁର ସ୍ୱରୂପ ଆକଳନ କରାଯାଇଛି ।

ସର୍ବୋପରି ଏତିକି କହିଲେ ଯଥେଷ୍ଟ ହେବ - ମନୋଜ ଦାସ - ମଣିଷକୁ ଭଲ ପାଇଛନ୍ତି । ତା'ର ଜୀବନ ଜିଇଁବାର ଶୈଳୀକୁ ଲକ୍ଷ୍ୟ ରଖିଛନ୍ତି । ମଣିଷର ଅହଂଭାବ, ଅନ୍ୟକୁ ଠକିବା, ପ୍ରତାରିତ କରିବାର ଦୁର୍ଗୁଣକୁ, ସେ ବ୍ୟଙ୍ଗ ବିଦ୍ରୁପ ମାଧ୍ୟମରେ ସଜାଡିବାର ଚେଷ୍ଟା କରିଛନ୍ତି ।

ବାସ୍ତବିକ୍ ଗାଳ୍ପିକ ମନୋଜ ଦାସ - ଓଡିଆ ଗଳ୍ପ ସାହିତ୍ୟ କାହିଁକି ଭାରତୀୟ ଗଳ୍ପ ସାହିତ୍ୟର ଅମ୍ଳାନ ପ୍ରତିଭା ।

(ପାଦଟୀକା - "ଜନସୁଧା" ସାହିତ୍ୟ ପତ୍ର - ଜାନୁୟାରୀ-ମାର୍ଚ୍ଚ, ୨୦୧୭)

ସାହିତ୍ୟସ୍ରଷ୍ଟା ମନୋଜ ଦାସ - ନିଜର ସୃଷ୍ଟିପାଇଁ ଅନେକ ସମ୍ମାନପ୍ରାପ୍ତ ହୋଇଛନ୍ତି, ଯାହାକି ତାଙ୍କର ବ୍ୟକ୍ତିତ୍ୱକୁ ଅମ୍ଳାନ କରି ରଖିଅଛି ।

"ପଦ୍ମଭୂଷଣ" (୨୦୨୦) - ଭାରତ ସରକାର ଙ୍କ ପକ୍ଷରୁ ଏହି ବର୍ଷ ।

ମନୋଜ ଙ୍କୁ "ସାହିତ୍ୟ ଓ ଶିକ୍ଷା" ପାଇଁ ନାଗରିକ ସମ୍ମାନ - "ପଦ୍ମଭୂଷଣ" ମନୋନୀତ କରାଯାଇଛି ।

"ପଦ୍ମଶ୍ରୀ" (୨୦୦୧) - ଭାରତ ସରକାରଙ୍କ ଠାରୁ "ପଦ୍ମଶ୍ରୀ" ଉପାଧିପ୍ରାପ୍ତ ।

"ସାହିତ୍ୟ ଏକାଡେମୀ ଫୋଲୋସିପ୍" - ଭାରତ ସରକାର ଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ - ସାହିତ୍ୟ ଏକାଡେମୀ

"ଫୋଲୋସିପ୍" (ମହତ୍ତ୍ୱର ସଦସ୍ୟ) - ତାଙ୍କ ସାହିତ୍ୟ କୃତିପାଇଁ ପ୍ରଦାନ କରାଯାଇଅଛି (୨୦୦୬) ।

"ଅତିବଡି ଜଗନ୍ନାଥ ଦାସ ସମ୍ମାନ" - ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାହିତ୍ୟ ସମ୍ମାନ -

"ଅତିବଡି ଜଗନ୍ନାଥ ଦାସ ସମ୍ମାନ" (୨୦୦୭) - ମନୋଜ ଙ୍କ ସାହିତ୍ୟ ସୃଷ୍ଟିକୁ ଆଧାରକରି ପ୍ରଦାନ କରାଯାଇଅଛି ।

"ସରସ୍ୱତୀ ସମ୍ମାନ" ପ୍ରାପ୍ତ - ସାହିତ୍ୟିକ ମନୋଜ ଦାସ (୨୦୦୦)

ମନୋଜ ଦାସଙ୍କ "ସାହିତ୍ୟ ଓ ଶିକ୍ଷା" କ୍ଷେତ୍ରରେ ଅବଦାନ ପାଇଁ ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟ - ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପାଇଛନ୍ତି ।

ମନୋଜ ଙ୍କ ସୃଷ୍ଟି ଭାରତର ବହୁ ପ୍ରତିଷ୍ଠିତ - "ଟାଇମ୍ସ ଅଫ୍ ଇଣ୍ଡିଆ", "ହିନ୍ଦୁସ୍ଥାନ ଟାଇମ୍ସ", "ଦି ହିନ୍ଦୁ", "ଷ୍ଟେଟ୍ସ୍ୟାନ୍" ଆଦି ଅନେକ ଜଣାଶୁଣା ଖବରକାଗଜ ରେ ପ୍ରକାଶିତ ହୋଇ ପାଠକୀୟ ଆଦୃତ ଲାଭ କରିଅଛି ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର - ୧୯୭୨

ଓଡିଆ ସାହିତ୍ୟ ଏକାଡେମୀ ପୁରସ୍କାର - ୧୯୬୫

ସାରଳା ସମ୍ମାନ - ୧୯୮୧

ବିଷୁବ ପୁରସ୍କାର - ୧୯୮୬

ସାହିତ୍ୟ ଭାରତୀ ସମ୍ମାନ - ୧୯୯୫

## ମନୋଜ ଦାସ - ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନର ଅଧିକାରୀ -

ମନୋଜ - ଓଡିଶା ପ୍ରଦେଶ ତଥା ଭାରତ ରାଷ୍ଟ୍ରରେ ନିଜର ସ୍ୱତନ୍ତ୍ର ପରିଚୟ (ସାହିତ୍ୟ ଓ ଶିକ୍ଷା) କ୍ଷେତ୍ରରେ ପ୍ରସିଦ୍ଧି ଲାଭକରିବା ସହିତ ଆନ୍ତର୍ଜାତୀୟ ସମ୍ମାନର ଅଧିକାରୀ ।

ଭାରତୀୟ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଭ୍ୟ (୧୯୯୮-୨୦୦୨)

ଲେଖକ ପରାମର୍ଶ ଦାତା - ଶିକ୍ଷା ମନ୍ତ୍ରଣାଳୟ, ସିଙ୍ଗାପୁର ସରକାର (୧୯୮୩-୧୯୮୫)

ଭାରତୀୟ ଲେଖକ ମଣ୍ଡଳୀର ସଭାପତି ଭାବରେ ଚୀନ୍ - ସାରସ୍ୱତ ବୈଠକରେ ପ୍ରତିନିଧିତ୍ୱ (୧୯୯୯)

ଓଡିଆ ଭାଷା ସାହିତ୍ୟ ଓ ଜାତିର ପ୍ରାଣକର୍ତ୍ତା - ମହାପ୍ରଭୁ ଜଗନ୍ନାଥ ଙ୍କୁ ପ୍ରାର୍ଥନା - ମନୋଜ ଦାସଙ୍କ ଉତ୍ତମ ସ୍ୱାସ୍ଥ୍ୟ ସହିତ ସାହିତ୍ୟ ଓ ଶିକ୍ଷା ଜଗତରେ ନବଗ୍ଭୁମ୍ବୀ ଅଟ୍ଟାଳିକା ନିର୍ମାଣ କରନ୍ତୁ ।

ଅଧିନ ସାହିତ୍ୟିକ ପ୍ରଫେସର ଡକ୍ଟର ସୁବାଷ ନାୟକ - ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ପ୍ରଫେସର ଡକ୍ଟର ମନୋଜ ଦାସଙ୍କ ଅନେକବାର ସାନିଧ୍ୟ ଲାଭକରି ନିଜକୁ ଧନ୍ୟମନେ କରିଅଛି ।

# ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା
# କବି ରମାକାନ୍ତ ରଥ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା
# କବି ରମାକାନ୍ତ ରଥ

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ରମାକାନ୍ତ ରଥ (ଜନ୍ମ - ୧୩ ଡିସେମ୍ବର, ୧୯୩୪)

ଓଡିଆ ସାହିତ୍ୟର ଜଣେ ଆଧୁନିକ କବି, ସେ କଟକ ସହର ରେ ଜନ୍ମଗ୍ରହଣ କରିଥିଲେ । ପିତା - ଲୋକନାଥ ମହାପାତ୍ର ଓ ମାତା - ପାର୍ବତୀ ଦେବୀ । ପିତା - ଲୋକନାଥ, କଲିକତା ବିଶ୍ୱବିଦ୍ୟାଳୟରୁ ଓଡିଆରେ ଏମ୍.ଏ. ପାସ୍‌କରି ଶିକ୍ଷକତାକୁ ଗ୍ରହଣ କରିନେଇଛନ୍ତି । ଅଜା - ପଣ୍ଡିତ ବିଶ୍ୱନାଥ ରଥ ଓ ଆଇ - ଦୁର୍ଗା ଦେବୀଙ୍କ ପୁତ୍ର ନଥିବାରୁ ରମାକାନ୍ତ ଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିନିଅନ୍ତି । ଐତିହାସିକ ରେଭେନ୍ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର (ଏମ୍.ଏ.) ପରେ ଭାରତୀୟ ଲୋକସେବା ଆୟୋଗ ପରୀକ୍ଷାରେ ସଫଳ ହୋଇ - ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.) ପଦବୀରେ କାର୍ଯ୍ୟାରମ୍ଭ କରିଥିଲେ ୧୯୫୭ ମସିହାରେ - ଜଣେ ପ୍ରଶାସକ ଭାବରେ - ଜିଲ୍ଲା କଲେକ୍ଟର (ଜିଲ୍ଲାପାଳ) ପଦବୀରୁ - ଓଡିଶା ସରକାର ଙ୍କ ବିଭିନ୍ନ ବିଭାଗ ସଚିବ ଓ ଓଡିଶାର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଙ୍କ ପ୍ରମୁଖ ସଚିବ ପରେ ଓଡିଶା ସରକାର ଙ୍କ ମୁଖ୍ୟ ଶାସନ ସଚିବ ପଦବୀରୁ ୧୯୯୨ ମସିହାରେ ଅବସର ଗ୍ରହଣ କରିଥିଲେ ।

ରମାକାନ୍ତ - ଜଣେ ଦକ୍ଷ ପ୍ରଶାସକ ଭାବରେ ଓଡିଶା କାହିଁକି ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ପ୍ରଶାସକ ଭାବରେ ଲୋକମାନଙ୍କର ସହିତ ଭାବର ଆଦାନପ୍ରଦାନ ସହ ସେମାନଙ୍କର ସମସ୍ୟା ସବୁକୁ ଯଥାସମ୍ଭବ ସମାଧାନ କରିବାରେ ସଫଳ ହେଉଥିଲେ ।

ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି - ରମାକାନ୍ତ ରଥ ଥିଲେ - ଜଣେ ପ୍ରଶାସକ ଓ ସାହିତ୍ୟିକ । ଏଭଳି ଭାଗ୍ୟ ଖୁବ୍ କମ୍‌ଲୋକଙ୍କ ଜୀବନରେ ଆସିଥାଏ । ୧୯୯୩-୯୮ ଯାଏଁ, ସେ ଥିଲେ - କେନ୍ଦ୍ର ସାହିତ୍ୟ ଏକାଡେମୀର ଉପସଭାପତି ଓ ୧୯୯୮-୨୦୦୩ ଯାଏଁ, ସେ ଥିଲେ - କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଭଳି ସମ୍ମାନଜନକ ପଦବୀରେ ଏକମାତ୍ର ଓଡିଆ ସାହିତ୍ୟିକ ।

## ସାରସ୍ୱତସାଧକ ରମାକାନ୍ତ ରଥ -

ରମାକାନ୍ତ ରଥ - ପ୍ରଶାସକ ଥିବା ସମୟରେ ଲୋକମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଭଲ, ମନ୍ଦ କୁ, ସେ ତାଙ୍କ ସୃଜନୀ ସୃଷ୍ଟିରେ ପ୍ରତିପାଦନ କରିଅଛନ୍ତି । ଅନେକ କାଳଜୟୀ ସୃଷ୍ଟିର - ସେ ସ୍ରଷ୍ଟା । ବାରଗୋଟି କବିତା ସଂକଳନ ଓ ଗୋଟିଏ ଗଳ୍ପ ସଂକଳନର ସେ ସଫଳ ସ୍ରଷ୍ଟା । ତାଙ୍କର ସୃଷ୍ଟି ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ଅନେକ ସ୍ୱୀକୃତି ଆଣି ଦେଇଅଛି । ଭାରତବର୍ଷର ଜଣେ ପ୍ରସିଦ୍ଧ କବି ଭାବରେ - ରମାକାନ୍ତ ରଥଙ୍କ ନାମ ଆସେ ।

## କବିତା -

କେତେଦିନର (୧୯୬୨)
ଅନେକ କୋଠରୀ (୧୯୬୭)
ସିଗଧ୍ ମୃଗୟା (୧୯୭୧)
ସପ୍ତମ ଋତୁ (୧୯୭୭)
ସଚିତ୍ର ଅନ୍ଧାର (୧୯୮୨)
ସୀମାନ୍ତବାସ
ଫେରି ଚାହିଁଲେ
ସବୁଦିନେ ସେ ପାଖେ
ସରଳ ହୃଦ୍ ଗଣିତ
ଜାହାଜ ଆସିବ ଓ ଆଉ କେତୋଟି
ଧର୍ମପଦ ର ଆତ୍ମହତ୍ୟା

## ଲମ୍ବା କବିତା -

ଶ୍ରୀ ରାଧା (୧୯୮୪)
ଶ୍ରୀ ପଳାତକ (୧୯୯୭)
ଶ୍ରେଷ୍ଠ କବିତା (୧୯୯୨)

ସ୍ରଷ୍ଟା ରମାକାନ୍ତ ଙ୍କ ସୃଷ୍ଟିରେ ଆଧାତ୍ମିକ ଓ ଆଦିଭୌତିକ କଳ୍ପନାର ବ୍ୟବହାର ଦେଖାଯାଏ । ଏହା ତାଙ୍କର ରାଧାକୁ ନେଇ ଲେଖା - "ଶ୍ରୀ ରାଧା" ଓ "ସପ୍ତମ ଋତୁ" - କବିତାରେ ଦେଖିବାକୁ ମିଳିଥାଏ ।

## ରମାକାନ୍ତ ଙ୍କ ମାନସ ସନ୍ତାନ - "ଶ୍ରୀ ରାଧା" :

ଅନନ୍ୟ ସୃଷ୍ଟି - "ଶ୍ରୀ ରାଧା" - କାବ୍ୟ ସାହିତ୍ୟ ସ୍ରଷ୍ଟା ରମାକାନ୍ତ କୁ ପ୍ରସିଦ୍ଧି ଆଣିଦେଇଛି - ଜଣେ ଉଚ୍ଚକୋଟୀର କବି ଭାବରେ ଭାରତୀୟ ସାହିତ୍ୟରେ । କବିଙ୍କ ଏହି ସୃଷ୍ଟିପାଇଁ ଭାରତରେ - ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା ।

ଭାରତୀୟ କାବ୍ୟ ସାହିତ୍ୟରେ - "ଶ୍ରୀ ରାଧା" - ଏକ କ୍ଲାସିକ୍ ସୃଷ୍ଟିର ମାନ୍ୟତା ପାଇଛି । ଏହା ଇଂରାଜୀ ଓ ଆଠଗୋଟି ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ ହୋଇ ବିପୁଳ ପାଠକୀୟ ଶ୍ରଦ୍ଧା ଲାଭ କରିଅଛି । ଇଂରାଜୀ ଭାଷାରେ - "ଶ୍ରୀ ରାଧା" ଅନୁବାଦ - ରମାକାନ୍ତ ରଥ - ନିଜେକରି, ଏହାକୁ ବିଶ୍ୱ ସାହିତ୍ୟରେ ମାନ୍ୟତା ପ୍ରଦାନ କରିଅଛନ୍ତି ।

"ଶ୍ରୀ ରାଧା" - କବିତାରେ କବି ରମାକାନ୍ତ - ରାଧାଙ୍କୁ କେବଳ କୃଷ୍ଣଙ୍କ ପ୍ରେମିକା ଭିନ୍ନ ଏକ ସ୍ୱତନ୍ତ୍ର ନାରୀର ପରିଚୟ ପ୍ରଦାନ କରିବାକୁ ଚେଷ୍ଟା କରିଅଛନ୍ତି ।

"ଅନ୍ୟସବୁ ସକାଳଠୁ ଆଜି ସକାଳ
କାହିଁକି କେଜାଣି ଲାଗେ ଅଲଗା ଅଲଗା
ଖରାର କି ଦୁଃସାହସ ! ଆଜି ପବନରେ
ଅନ୍ୟ ମନସ୍କତା ଯାହାନୁହେଁ ଆଗପରି
ସତେ ବା ଫେରିଛି କେଉଁ ଦେଶାନ୍ତରୀ ପ୍ରେମିକ
ରହୁଛି
ଆଖପାଖ କେଉଁଠାରେ ଛଦ୍ମବେଶ ଧରି ।"

ଆଖିକୁ ନ ଦିଶୁଥିବା ବସ୍ତୁର ବର୍ଣ୍ଣନା -

କରୁଥିବା ଶବ୍ଦମାନ ଆମେ ଭୁଲିଯାଇ ସାରିଥିଲୁ,
ଏପରିକି ଦିଶୁଥିବା ବସ୍ତୁମାନ କଥା କହିବାକୁ
ସଜବାଜ ହେଲାବେଳେ ଆଉ ଶବ୍ଦ ପଇଟୁ ନଥିଲା
ସେମାନଙ୍କୁ ଉତ୍ତର ଦେବାକୁ ।

କବି ରମାକାନ୍ତ ଙ୍କ "ଶ୍ରୀ ରାଧା" କୁ ନେଇ ଅନେକ ବିଶ୍ୱ ଓ ଭାରତୀୟ ସାହିତ୍ୟ ସମାଲୋଚକ ନିଜ ନିଜର ମତବ୍ୟକ୍ତ କରିଛନ୍ତି । ସେମାନଙ୍କ ମଧ୍ୟରୁ -

ବିଶ୍ୱ ସାହିତ୍ୟରେ ଇଂରାଜୀ ସାହିତ୍ୟର ପ୍ରଖ୍ୟାତ ଆଲୋଚିକା - କ୍ୟାଥଲୀନ ରାଇନ୍ - କହିଛନ୍ତି -

ଭାରତୀୟ କାବ୍ୟମାନସରେ ଦିବ୍ୟସତ୍ତା ପ୍ରତି ଆକର୍ଷଣର ଯେଉଁ ପରମ୍ପରା ରହିଛି ଓ ଯେଉଁ ଆକର୍ଷଣ ଦ୍ୱାରା - କାଳିଦାସ, କବୀର, ମୀରାବାଈ ଓ ରବୀନ୍ଦ୍ରନାଥ ଙ୍କ କବିତା ଅନୁପ୍ରାଣିତ - ରାଧାକାନ୍ତ, ସେହି ପରମ୍ପରା ର କବି ।

"ଶ୍ରୀ ରାଧା" ପରି ପ୍ରଗାଢ ଓ ଉତ୍ତୀର୍ଣ୍ଣ ପ୍ରେମର କବିତା, ଏକାଧାରେ ଦେହଜ ଓ ଦେହତୀତ ପ୍ରେମର କବିତା । ଇହ ଜୀବନ ବାହାରେ ଅବସ୍ଥିତ ଦିବ୍ୟଭାବ ସହିତ ଏକାକାର ହେବାପାଇଁ ଆସ୍ପୃହାର କବିତା ଅନେକ ଦିନରୁ ମୋର ଦୃଷ୍ଟିଗୋଚର ହୋଇନାହିଁ ।

ଭାରତୀୟ ସାହିତ୍ୟରେ - ମାଲାୟାଲମ୍ ସାହିତ୍ୟର ବିଖ୍ୟାତ କବୟତ୍ରୀ - ସୁଗାତା କୁମାରୀ କୁହନ୍ତି -

"ଶ୍ରୀ ରାଧା" ପଢି ସାରିବାପରେ ଟିକିଏ କାନ୍ଦି ପକାଇବାକୁ କେତେ ଚାହିଁଲି, ରାତି ପରେ ରାତି ଅନିଦ୍ରାରେ, ନିସ୍ତବ୍ଧ ଅସ୍ଥିରତାରେ ବିତିଗଲା ..... ନା ଦି'ପଦ ଲେଖିପାରିଲି ନା ଦି'ଟୋପା ଲୁହ ଗଡାଇପାରିଲି .....

ମୁଁ ଭାବିଥିଲି - ବୃନ୍ଦାବନ ନିବାସିନୀ ରାଧାଙ୍କ ସବୁ ବୃତ୍ତାନ୍ତ ମେତେ ଜଣା, କିନ୍ତୁ ଏ ରାଧା !

ମର୍ମନ୍ତୁଦ ପୀଡାର ଓ ଆନନ୍ଦପ୍ଲୁତ ଦିବ୍ୟପ୍ରେମର ମୂର୍ତ୍ତିମୟୀ, ଏ ରାଧାଙ୍କୁ ଭେଟି ମୋ ଆଖି ଝଲକିଗଲା ..... ତାଙ୍କର ପ୍ରସାରିତ ଦୁଇବାହୁ ଭିତରେ ଥିବା ଉଦ୍‌ଗୀବ ଶୂନ୍ୟସ୍ଥାନର ଶ୍ୟାମାବର୍ଣ୍ଣ ଦେଖି ମୋ ସଜାଙ୍ଗ କମ୍ପି ଉଠିଲା ..... ଦୈତ ଭାବରେ ଅତଳତଳ ବିଷାଦ ଅଦ୍ୱୈତ ଭାବର ଉନ୍ମାଦକାରୀ ପୁଲକରେ ପରିଣତ ।

ବାସ୍ତବିକ୍ କବି ରମାକାନ୍ତ ରଥଙ୍କ କାବ୍ୟ ସଂକଳନ - "ଶ୍ରୀ ରାଧା" - ଓଡିଆ ସାହିତ୍ୟ କାହିଁକି ଆମ ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟର ଏକ ଉଜ୍ଜ୍ୱଳତମ ଶାଶ୍ୱତପ୍ରେମ ସତ୍ତା କାବ୍ୟ ସାହିତ୍ୟ ।

## କବି ରମାକାନ୍ତ ରଥଙ୍କ "ଶ୍ରୀ ପଳାତକ" - କାବ୍ୟ ସଂକଳନ :

ସ୍ରଷ୍ଟା ରମାକାନ୍ତ ଙ୍କ ସୃଷ୍ଟି - "ଶ୍ରୀ ପଳାତକ" - ସପ୍ତମ କାବ୍ୟଗ୍ରନ୍ଥ - ଏଥିରେ ସନ୍ନିବେଷ୍ଟ କବିତାଗୁଡିକ ବିଭିନ୍ନ ସମୟରେ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଛି - ପ୍ରତ୍ୟେକ କବିତା ଏକାଧାରାରେ ସ୍ୱତନ୍ତ୍ର, ପୁଣି ଅନ୍ତରୀଣ ସଂହତି ବଶତଃ ଏକ ଦୀର୍ଘ କବିତାର ଅଂଶ ।

ଆଜି ମରିବାର ରାତି, ଏଠାରୁ ସେ ଯିବେ -

"ଚନ୍ଦ୍ରପକ୍ଷ ରାତିକୁ, ସେଠାରେ
ବୁଦା ଆଢୁଆଳୁ କିଏ ହଠାତ୍ ବାହାରି

ମୁହଁରୁ ପ୍ରତ୍ୟେକ ଅସହାୟତାର ଧୂଳି
ଝାଡିଦେବ ପଣତକାନିରେ ।
ବସାରେ ଘୁମେଇ ପଡିଥିବା ପକ୍ଷୀମାନେ
ହଠାତ୍ ଉଠି ପଡିବେ । ହଠାତ୍ ନିଜ ଇଛାର ନିଦ
ଭାଙ୍ଗିଯିବ
ସମ୍ପୂର୍ଣ୍ଣ ଅପରିଚିତ ସେ କୋଳାହଳରେ ।"

ଏବେ କେତେଦିନ ହେଲା - ମେତେ ଲାଗେ ପ୍ରତ୍ୟେକ -

"ନୃତ୍ୟର
ପ୍ରତି ଭଙ୍ଗି ନିଷେଧ ବଶତଃ
ଅଚଳ, ପ୍ରତ୍ୟେକ ଗୀତର
ପ୍ରତ୍ୟେକ ଶବ୍ଦ ମୁମୂର୍ଷୁ, ଯେପରି
ବହୁକାଳୁ ପରିତ୍ୟକ୍ତ, ସହର ର ବାଜେଗଛ ମାଡି
ଯାଇଥିବା
ରାସ୍ତାରେ ଚଳତ ଶକ୍ତି ରହିତ ଭିକାରୀ ।"

ବାସ୍ତବିକ୍ ସ୍ରଷ୍ଟା ରମାକାନ୍ତ ଙ୍କ ସୃଷ୍ଟି ରୂପକ କାବ୍ୟଗୁଡିକ ବେଶ୍ ସାଧାରଣ ଭାବ ଓ ଭାଷା ର ଛନ୍ଦରେ ହୋଇଥାଏ, ପାଠକୀୟ ଆଦୃତି ଲାଭ କରିଛି ।

## କବି ରମାକାନ୍ତ ଙ୍କ କବିତା - "ସର୍ବହରା" :

ସ୍ୱାଧିନୋତ୍ତର ଭାରତୀୟ ପ୍ରମୁଖ କବିମାନଙ୍କ ମଧ୍ୟରେ ରମାକାନ୍ତ ରଥ - ଏକ ସଶ୍ରଦ୍ଧ ନାମ । ନିଜର ଅନନ୍ୟ କାବ୍ୟଶୈଳୀ ପାଇଁ ସେ ବହୁ ଓଡିଆ କାବ୍ୟପ୍ରେମୀଙ୍କ ପ୍ରିୟକବି । ବାରଗୋଟି କବିତା ଓ ଗୋଟିଏ ଗଳ୍ପ ପୁସ୍ତକର ସେ ସ୍ରଷ୍ଟା । ତାଙ୍କର ଏହି ସର୍ଜନାତ୍ମକ ଅବଦାନ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ର ଅଧିକାରୀ । କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଭାବରେ କାର୍ଯ୍ୟ କରିବାସହ - ଭାରତ ସରକାର ଙ୍କ "ପଦ୍ମଭୂଷଣ" ଉପାଧିପ୍ରାପ୍ତ ।

କବି ରମାକାନ୍ତ ରଥଙ୍କ "ସର୍ବହରା" କବିତାଟି - "କାଦମ୍ବିନୀ" ପତ୍ରିକାର - ଜାତୀୟ ଲେଖକ ସମ୍ମିଳନୀ - ୨୦୧୪ ମସିହାରେ - ସେ "କବି - କବିତା ଓ ପ୍ରେମ" ପ୍ରସଙ୍ଗରେ ନିଜର ସୃଷ୍ଟିକୁ ନିଜେ ପାଠ କରିଥିଲେ - ତାହା କାଦମ୍ବିନୀ ପୃଷ୍ଠା ମଣ୍ଡନ କରିଥିଲା ।

**କବି ରମାକାନ୍ତ ଙ୍କ ଦୃଷ୍ଟିରେ ପ୍ରେମ -**

ପ୍ରେମ ବିଷୟରେ ଯେତେ କହିଲେ ବି କହିଲା ପରେ ଲାଗିବ ଯେ - ଯାହା କୁହାଗଲା, ତା'ଠାରୁ ବହୁତ ଅଧିକା ଅକୁହା ରହିଗଲା ।

ପ୍ରେମରେ ମୁଁ କ'ଣ ପାଇଲି ଅପେକ୍ଷା, ମୁଁ କ'ଣ ଦେଲି ବେଶି ଭାବିବାକୁ ପଡେ, ମୁଁ ଯାହାଦେଲି ତାହା କମ୍‌ହେଲା ବୋଲି ଅନୁସୋଚନାରୁ ତ୍ରାହି ମିଳେନା ।

ପ୍ରକୃତ ପ୍ରେମରେ ନିଜକୁ ଭଲପାଇବା ନଥାଏ, ଆଉଜଣକୁ ଦେବାକୁ ଥିବାରୁ ପ୍ରେମର ପରିମାଣ କମ୍ ହୋଇନଯାଉ ବୋଲି ନିଜପ୍ରତି ଭଲ ପାଇବାକୁ ସେଥିରେ ମିଶାଇ ଦିଆଯାଏ ।

ପ୍ରେମିକା ପ୍ରେମିକ ର କି ପ୍ରେମିକ ପ୍ରେମିକା ର ଭୁଲ୍ ଦେଖେନି, ଦେଖିଲେ ବି ଅତିଶୀଘ୍ର ପାସୋରି ପକାଏ ।

ପ୍ରକୃତରେ ଭଲ ପାଉଥିବା ପ୍ରେମିକା ବା ପ୍ରେମିକ ସୁଦିନରେ ଯେତେ ନୁହେଁ, ଦୁର୍ଦ୍ଦିନରେ ତା'ଠାରୁ ବେଶି ସାହାଯ୍ୟ ଦିଅନ୍ତି, ତାହା ହିଁ ପ୍ରେମ ।

## "ସର୍ବହରା"

### (ରମାକାନ୍ତ ରଥ)

ନିଜ ସାଙ୍ଗେ ରହିବା ପାଇଁ ମୁଁ
କେବେହେଲେ ବେଳ ପାଇଲି କି ?
ଯେତେଥର ବାହାରିଛି, ମୁଁ ନିଜ ପାଖରେ
ରହିବାକୁ ସେତେଥର କିଏ
ଡାକିଛି ଯେ ଯାଉଛ କୁଆଡେ,

ପର୍ଦା ଉଠି ସାରିଲାଣି, ଦେଖା ଯାଉନି କି ?
ଠିକ୍ ତିନି ମିନିଟ୍ ପରେ ତୁ
ମଞ୍ଚକୁ ଆସିବୁ, ତେତେ ଯାହାଯାହା
କହିବାକୁ କୁହା ଯାଇଥିଲା
ମୁଁ ଇସାରା ଦେଲାମାତ୍ରେ ତୁ ତାହା କରିବୁ,
ପର୍ଦା ନ ପଡିବା ଯାଏଁ ତୋ ନିଜର କିଛି
କହିବାର ନଥିଲା ଭାବିବୁ ।

ବର୍ଷବର୍ଷ ବିତିଗଲା, ପର୍ଦା ପଡିଲାନି
ମୋ ଉପରେ ମଞ୍ଚର ଦ୍ୱି ପାଖୁ
ପଡୁଥିବା ଆଲୁଅରେ ମୁଁ ଠିଆହୋଇଛି
ଯାହା କହିବାକୁ ଚାହୁଁଥିଲି, କେବେହେଲେ
କହି ପାରିଲିନି, ଯାହା କହିବାକୁ
କୁହା ଯାଇଥିଲା, ତାହା ମୁଁ କହିଚାଲିଛି ।
ସେ ସବୁ କହିଲାବେଳେ ମେତେ ଲାଗେ ଯେ ମୁଁ
ମୁଁ ନୁହେଁ ଆଉ ଜଣେ କିଏ
ତା' ଲୁଗାପଟା ମୁଁ ପିନ୍ଧିଥିବି, ତା' କହିବା କଥା
କହି ଚାଲିଥିବି ମୁଁ ନ ମରିବା ଯାଏଁ ।
ଏ ଆଲୁଅ ଲିଭିଲା ବେଳକୁ
ବେଳ ହୋଇ ଯାଇଥିବ ଚାଲିଯିବା ପାଇଁ
ପାଉଡର ମୁହଁରୁ ଓ ରଙ୍ଗ ଓଠରୁ
ପୋଛିଦେଇ ଧଳା ଚାଦର ରେ
ତାଳୁଠାରୁ ତଳିପା ଘୋଡାଇ
ମୋର ଏବେ କିଛିନାହିଁ, ନା ରଙ୍ଗିଲା ଓଠ
ନା ପାଉଡର ବୋଳା ମୁହଁ, ନା ମୁଁ
ଯାହାକୁ ଦିନେ ନା ଦିନେ ଲେଉଟି ଆସିବି
ବୋଲି କହି ଚାଲି ଆସିଥିଲି ।
ମୁଁ ଗୋଟେ କାକର ଟୋପା, ପତ୍ରରେ ଟିକିଏ
ନାଆଁକୁ ରହିଲି ତା'ପରେ ଝଡିଗଲି ।

ମନଦୁଃଖ କରୁନି ମୁଁ ଗଲାବେଳକୁ
ମୁଁ ନ ଦେଇଥିବା ଚୁମା, ମୁଁ ନ କରିଥିବା
ଆଲିଙ୍ଗନ ଦେଇଗଲି, ତା' ବାହୁ ଭିତରେ
ମେତେ ରଖିଥିବା ପବନକୁ
ସମୁଦ୍ରକୁ ଦେଇଗଲି ସବୁ ଲୁହ, ଆସିବେ ଆସିବେ
ହେଉଥିବା ସ୍ୱପ୍ନ ଫିଙ୍ଗିଦେଲି
ମୋ ପରମାୟୁ ଡିଆଁର ଅଳିଆ ଗଦାକୁ
କୁଆ କୋଇଲି କୁ ଦେଖି ମୁଁ ଲେଖି ନଥିବା
ଚିଠି ତାକୁ କହିଲି ଯେ - ବର୍ଷବର୍ଷ ଆସିନଥିବା ସେ
ଜଣକ ଆସିଲେ ଏ ଚିଠି ଦେବତାକୁ
କିଏ ଦେଲା ବୋଲି ସେ ଯଦି ପଚାରିଲା
କହିବ ଯେ - ତୁମ ନାଆଁ କହିଲା କିନ୍ତୁ ତା'
ନିଜ ନାଆଁ ତା' ପାଖେ ନଥିଲା ।

କବି ରମାକାନ୍ତ ଙ୍କ କବିତା - "ସର୍ବହରା" ବେଶ୍ ହୃଦୟସ୍ପର୍ଶୀ ଓ ମାର୍ମିକ । ତାଙ୍କର ଭାବତ୍ମକ ସୃଜନୀ କବିତାରେ ପରିସ୍ଫୁଟିତ ହୋଇଅଛି । ମାନବ ଜଣେ ବାସ୍ତବିକ୍ ସର୍ବହରା କବି ପ୍ରାଣରେ, ତା'ର ଭାବନାରେ, ତା'ର ଚିନ୍ତନରେ ।

## ସାହିତ୍ୟ ସମାଲୋଚକ ଙ୍କ ମତରେ -

"କାଦମ୍ବିନୀ" ର ସମ୍ପାଦିକା - ଡକ୍ଟର ଇତିରାଣୀ ସାମନ୍ତ ଙ୍କ "କାଦମ୍ବିନୀ" - ପତ୍ରିକାରେ ବିଶିଷ୍ଟ କବି ରମାକାନ୍ତ ରଥଙ୍କ ଏକ ସ୍ୱତନ୍ତ୍ର ପ୍ରସଙ୍ଗ - ଡିସେମ୍ବର, ୨୦୧୯ ରେ ପ୍ରକାଶିତ ।

"କାଦମ୍ବିନୀ" ର ରମାକାନ୍ତ ଙ୍କ ପାଇଁ ଦୁଇପଦ - ପଦ୍ମଭୂଷଣ କବି ରମାକାନ୍ତ ରଥ । କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତର କବିତା ଜଗତରେ ଜଣେ ଅତି ପରିଚିତ ସମ୍ମାନସ୍ପଦ ବ୍ୟକ୍ତିତ୍ୱ । ଦୀର୍ଘ ଛଦଶନ୍ଧି ଧରି ଓଡ଼ିଆ କବିତା କଳେବରକୁ ପୁଷ୍ଟକରି ଆସୁଛନ୍ତି ସେ । ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା ତଥା ଆପଣମାନଙ୍କର ପ୍ରିୟ ପାରିବାରିକ ବନ୍ଧନ - "କାଦମ୍ବିନୀ" ର ଚଳିତ ଡିସେମ୍ବର ସଂଖ୍ୟାଟି, ଏହି ସୁମହାନ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସମ୍ମାନାର୍ଥେ ପ୍ରତିବେଦିତ । ମୁଁ ସ୍ଥିର ନିଶ୍ଚିତ "କାଦମ୍ବିନୀ"ର ଏହି ଅତୁଳନୀୟ ସଂଖ୍ୟାଟି ଓଡ଼ିଆ ସାହିତ୍ୟ ପାଇଁ, ଓଡ଼ିଆ ସାହିତ୍ୟକୁ ଭଲ ପାଇଥିବା ବ୍ୟକ୍ତିଙ୍କ ପାଇଁ, ଓଡ଼ିଆ ସାହିତ୍ୟକୁ ଆପଣାଇ ଜାବୁଡ଼ି ଧରିଥିବା ପ୍ରତ୍ୟେକ ଙ୍କ ପାଇଁ ଏକ ବରଦାନ ସ୍ୱରୂପହେବ, କାଳକାଳ ପାଇଁ ଏମାନେ ମନେରହିବେ "କାଦମ୍ବିନୀ" କୁ ।

## ସେମାନଙ୍କ ଦୃଷ୍ଟିରେ ରମାକାନ୍ତ ରଥ -

ଆଧୁନିକ ଓଡ଼ିଆ କବିତାର ବିସ୍ମୟ ବିନ୍ଧାଣୀ - ରମାକାନ୍ତ ରଥ । ସର୍ବଭାରତୀୟ ପ୍ରସିଦ୍ଧିପ୍ରାପ୍ତ ଏହି ପ୍ରଣମ୍ୟ କବିଙ୍କ ଐଶ୍ୱର୍ଯ୍ୟରେ ମହିମାମଣ୍ଡିତ ଓଡ଼ିଆ କାବ୍ୟଜଗତ । ଏପରିକି ତାଙ୍କ କବି କୀର୍ତ୍ତି, ଭୌଗୋଳିକ ସୀମା ସରହଦ ଅତିକ୍ରମ କରି ଦେଶ ବିଦେଶରେ ତାଙ୍କୁ କରିଛି ବହୁ ବିଦିତ । ତାଙ୍କ ଅତୁଲ୍ୟ ବର୍ଣ୍ଣନା ଓ ବ୍ୟଞ୍ଜନା ର ଯାଦୁକାରୀ ସ୍ପର୍ଶରେ ତାଙ୍କ କବିତା ହୋଇଛି - ମର୍ମସ୍ପର୍ଶୀ ଓ କାଳଜୟୀ । ପୁଣି ଅତୀବ ଶାନ୍ତ, ସରଳ ସ୍ୱଭାବ ତାଙ୍କୁ କରିଛି ଅନନ୍ୟ ଓ ଆକର୍ଷଣୀୟ । ସେହିଭଳି ଜଣେ ପଙ୍କାନ୍ତର ହୀନବ୍ୟକ୍ତି ଓ ସ୍ରଷ୍ଟା କାହାପାଇଁ କିଭଳି ସ୍ୱରୂପ ବହନ କରନ୍ତି, ଆସନ୍ତୁ ଜାଣିବା - ଏହାକୁ ସାକ୍ଷାତ ଓ ଉପସ୍ଥାପନା କରିଛନ୍ତି - କେଦାର ପୃଷ୍ଟି ।

## "ପଳାତକ" ର ପ୍ରାର୍ଥନା

**(ହରପ୍ରସାଦ ଦାସ)**

କୋଡ଼ିଏ ବର୍ଷରୁ ଅଧିକ କାଳ ମୁଁ - ରମାକାନ୍ତ ରଥଙ୍କ "ଶ୍ରୀ ପଳାତକ" ସହିତ ନିଜର ଅନ୍ତକରଣରେ ଯୁଝିଛି ଓ କୌଣସି ଗୋଟିଏ ନିର୍ଣ୍ଣାୟକ ପରିଣତିରେ ପହଞ୍ଚନପାରି ଅସ୍ତବ୍ୟସ୍ତ । ଶ୍ରାନ୍ତ ଓ ଉଣା ଅଧିକେ ରକ୍ତସ୍ନାତ ହୋଇଫେରିଛି । ଏଭଳି ଏକ କାବ୍ୟଗ୍ରନ୍ଥ ଯାହା ପୁରୁଣାହେବା ସହିତ ଅଧିକରୁ ଅଧିକ ମହକିବା ଆରମ୍ଭକରେ ଓ ମନେହୁଏ ଯେମିତି କବି ତାଙ୍କର ସମଗ୍ର ଜୀବନକାଳର ଏକ ନିବୁଝ ପରୀକ୍ଷାଗାର ରେ ପାଠକ କୁ ତା' ନିଜର ଅନ୍ତରାତ୍ମା ପ୍ରସ୍ଫୁଟିତ ସହ ଛାଡ଼ିଦେଇ ଅନ୍ତହିତ ହୋଇ ଯାଇଛନ୍ତି ।

## କବି ରମାକାନ୍ତ ଙ୍କ କାବ୍ୟ - "ଯାତ୍ରା" ଓ "ସପ୍ତମ ଋତୁ" ରେ ମୃତ୍ୟୁଚେତନା

**(ଗିରିବାଳା ମହାନ୍ତି)**

ରମା ଜାତୀୟ କାବ୍ୟ ଅଙ୍ଗନରେ ପ୍ରବେଶ ପୂର୍ବରୁ ଯାହା ପାଠକ ଙ୍କୁ ମୁଗ୍ଧ ଚକିତ କରାଏ, ତାହା ତାଙ୍କ ସନ୍ତାନମାନଙ୍କ ଶୁଭନାମ, ଯାହା ତାଙ୍କ ରଚନା ଗୁଡ଼ିକର ନାନ୍ଦୀମୁଖ ସ୍ୱରୂପ । "ଅନେକ କୋଠରୀ" ରେ ପ୍ରସ୍ତପ୍ରସ୍ତ ମନର ସ୍ତରସ୍ତର ର ଚିତ୍ରସହ ବ୍ୟକ୍ତିତ୍ୱର ନାନାନୁକକ୍ଷର ଉଦ୍‌ଘାଟନ । "କେତେ ଦୈନର" ରେ ମନ ଓ ବ୍ୟକ୍ତିତ୍ୱ ର ସ୍ଥିତି ସ୍ଥାପକତାର ଚିତ୍ର । "ସନ୍ଦିଗ୍ଧ ମୃଗୟା" ରେ ମୃତାୟୁ ମନର ଅଦ୍ଭୂତ ଦୋବୋପାଞ୍ଚେ ସ୍ୱଭାବ ସ୍ୱରୂପ, "ସପ୍ତମ ଋତୁ" ରେ ନୈତ୍ୟ ଆବର୍ତ୍ତନ ଷଡ଼ଋତୁ ବାହାରେ ପୁନଃମିଳନ, ପୁନଃ ଆଗମନର ସମ୍ଭାବନାମୟ ଋତୁଟିଏର ଉପଲବ୍ଧି । "ସଚିତ୍ର ଅନ୍ଧାର" ରେ ଅନ୍ଧାର ର ଦେଢକୀ ଅତିକ୍ରମ ପରେ - "ପୁନଃରପି ଜନନ", "ପୁନଃରପି ମରଣ" ର ସମ୍ଭାବନାର ସଂପ୍ରସାରଣ । "ଶ୍ରୀ ରାଧା" ରେ ଦେବୀର ଦେବୀତ୍ୱର ଆବରଣ ତଳୁ, ପୁରାଣର ବ୍ୟାସକୁଟ ଅନ୍ତରାଳରୁ ରକ୍ତମାଂସର ଅନୁଭବି ସତ୍ତାଟିଏର ସଂସ୍ଥାପନ । "ଫେରି ଚାହିଁଲେ" ରେ ଜୀବନପ୍ରତି ସିଂହା ବୋଲୋକନ । "ପବନରେ ଚିତ୍ରାଙ୍କନ" ରେ ଯିବାଯିବା ଭାବର ଚାଲିଯିବାର ପୂର୍ବବେଳାର ବିଷାଦ ଇତ୍ୟାଦି ରମା ଜାତୀୟ କବିତାକୁ ଚିହ୍ନି ବୁଝିବାରେ ସହାୟକ କରିଥାଏ ।

## "ସଚିତ୍ର ଅନ୍ଧାର" - ବିଗଠନ ବାଦୀ ଦୃଷ୍ଟିକୋଣ

**(କ୍ଷୀରୋଦ କୁମାର ବେହେରା)**

ରମାକାନ୍ତ ରଥଙ୍କ "ସଚିତ୍ର ଅନ୍ଧାର" (୧୯୮୨) - ତାଙ୍କ ସାରସ୍ୱତ ଯାତ୍ରାର ସନ୍ଧିକ୍ଷଣର ରଚନା । "ସପ୍ତମ ଋତୁ" (୧୯୭୭) ରେ ରଚିତ ହେବାପରେ "ଶ୍ରୀ ରାଧା" ପ୍ରକାଶିତ ହେଲା (୧୯୮୫), "ସପ୍ତମ ଋତୁ" - କାବ୍ୟଗ୍ରନ୍ଥର ମାନସଭୂମିରୁ ଅବତରଣ ନିଶ୍ଚୟ ଏକ ଅସ୍ୱାଭାବିକ ମାନସିକ ପ୍ରକ୍ରିୟା । ମୃତ୍ୟୁ ସହ ତଦାତ୍ମ ହେବାପରେ ତହିଁରୁ ମୁକୁଳିବା କଦାପି ଏକ ସାଧାରଣ ପ୍ରକ୍ରିୟା ନୁହେଁ । ସାରସ୍ୱତ ଯାତ୍ରା ଯେଉଁଠି ଶେଷ ହୋଇଯିବା କଥା, ମାତ୍ର ରମାକାନ୍ତ ଙ୍କ ମଧ୍ୟରେ ନଚିକେତା ନାମକ ଆଉଏକ ବ୍ୟକ୍ତିସତ୍ତା ସକ୍ରିୟ ଥିବାରୁ ମୃତ୍ୟୁ ଶେଷ କଥା ନୁହେଁ - ମୃତ୍ୟୁପର ଜୀବନ ଆବିଷ୍କାର ହିଁ ଶ୍ରେଷ୍ଠପନ୍ଥା । ଏପରି ଏକ ଦର୍ଶନରେ ବାନ୍ଧିହୋଇ ଯେଉଁ କାବ୍ୟିକ ଅନ୍ୱେଷାରେ ରମାକାନ୍ତ ବାହାରିଥିଲେ, ତାହାର ପରିଣତି - "ସଚିତ୍ର ଅନ୍ଧାର" ।

## ରମାକାନ୍ତ ଙ୍କ ଅଜଣା ଇଲାକା ଓ ଚିହ୍ନା ପଥଚାରୀ

**(ପ୍ରୀତିଧାରା ସାମଲ)**

ଏଠାରେ ନୀଳବର୍ଣ୍ଣ ସତ ଅଭାବ ଶବ୍ଦର ପ୍ରୟୋଗ ଦ୍ୱାରା ନୀଳବର୍ଣ୍ଣର ଘନତ୍ୱ ଗଭୀର ଭାବରେ ବଢିଯାଇଛି । "ପଠା" ସହ ନିଷିଦ୍ଧ ଶବ୍ଦର ସଂଘାତ ଯଦିଓ ସାମାଜିକ ନିଷେଧାଜ୍ଞାକୁ ସୂଚିତ କରୁଚି, ତେବେ ଏଥିରୁ ଯେଉଁ ଭାବର ଉଦ୍ରେକ ହେଉଛି ତଥା ତଥାକଥିତ ଅସାମାଜିକତାକୁ ଉଦ୍ଧାୟିତ ଏକ ଭାବ ତଥା ଚେତନା କୁ ପ୍ରକଟିତ କରେ, ଅଭାବଟି କେମିତି । ନୀଳବର୍ଣ୍ଣର ଏମିତି ଆଭାଟିଏ କେତେ କାମ୍ୟ ଓ ଆତ୍ମୀୟ, ଏହା ହିଁ ରମାକାନ୍ତ ଙ୍କ କବିତ୍ୱର ବିଶେଷତ୍ୱ ।

### ଗାଳ୍ପିକ ରମାକାନ୍ତ ରଥ -

ଗଳ୍ପ ମୂଳକରେ ରମାକାନ୍ତୀୟ ପଦଚିହ୍ନ ।

କବି ରମାକାନ୍ତ ରଥକୁ ପାଠକେ ଯେମିତି ଜାଣନ୍ତି, ଗାଳ୍ପିକ ରମାକାନ୍ତ ଙ୍କୁ ତା'ଠାରୁ ଅପେକ୍ଷାକୃତ କମ୍ ଜାଣିଥିବେ । ରମାକାନ୍ତ ଙ୍କ ଲିଖିତ ଗଳ୍ପର ପରିମାଣ ସୀମିତ, ସ୍ୱଳ୍ପ ବୋଲି ବି କହିପାରିବା, ମାତ୍ର ୨୧ ଗୋଟି ଗଳ୍ପ, ଯାହା ତାଙ୍କର ଏକମାତ୍ର ପ୍ରକାଶିତ ଗଳ୍ପ ପୁସ୍ତକ - "ମେଘ ଓ ଅନ୍ୟାନ୍ୟ ଗଳ୍ପ" ରୁ ଜଣାପଡେ । ତାଙ୍କ ଗାଳ୍ପିକପଣ ଓ ଗଳ୍ପ ଆବେଦନକୁ ପାଠକମାନଙ୍କ ପାଖରେ ପହଞ୍ଚାଇବା ଆଲୋଖ୍ୟର ଉଦ୍ଦେଶ୍ୟ ।

ପାଦଟୀକା - ("କାଦମ୍ବିନୀ" - ଡିସେମ୍ବର, ୨୦୧୯)

ଆଲୋଖ୍ୟ - ଅସିତ୍ ପ୍ରଧାନ

## ରମାକାନ୍ତ ଙ୍କ ଦୁଇଟି ଗଳ୍ପ -

### କସ୍ତୁରୀମୃଗ -

ମେଘମୁକ୍ତ ଓ ନୀଳ ଆକାଶର ଠାଏଠାଏ ଖୁବ୍‌ଉଚ୍ଚରେ ଅତି ଛୋଟଛୋଟ ପକ୍ଷୀ କେତୋଟି ଉଡୁଥିଲେ । ସେମାନଙ୍କୁ ଦେଖିଦେଖି ନନ୍ଦିକେଶର ହୃଦୟ ଯେଉଁ ଅନିର୍ବାଚନୀୟ ସନ୍ତୋଷରେ ପରିପୂର୍ଣ୍ଣ ହୋଇଗଲା, ତାହା କେବଳ ସେତେବେଳେ ଆସେ, ଯେତେବେଳେ ଜଣେ ଯାହାଯାହା ଲୋଡିଥାଏ, ସେ ସବୁ ତା'ଛଡା ଆହୁରି ଅନେକ କିଛି ପାଇଥାଏ, ଯେତେବେଳେ ତା'ର ଚାହିଦା ବୋଲି କିଛି ନଥାଏ ।

### ମହିଷାସୁର ବଧ -

ବିମ୍ବାଧର ବେଳେବେଳେ ପୁରାଣ ପଢି କିଛି ରୋଜଗାର କରୁଥିଲା । ଅର୍ଥନୈତିକ କାରଣରୁ ହିଁ ସେ ଓକିଲ ନହେବାକୁ ସ୍ଥିର କରିଛି ବୋଲି ଭାବି ଜଜ୍ ସରକାର ଙ୍କ ତରଫରୁ ତା'ପାଇଁ ଓକିଲ ନିଯୁକ୍ତି କରିଦେଲେ । ଯଦି ବିମ୍ବାଧର ର ଅନ୍ୟକିଛି କାରଣ ଥିଲା, ତାହା କେବଳ ସେ ହିଁ ଜାଣିଥିଲା ।

### ବହୁ ସମ୍ମାନର ଅଧିକାରୀ - ରମାକାନ୍ତ ରଥ :

୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତାଙ୍କର ସର୍ବୋଚ୍ଚ ସମ୍ମାନ, ଫେଲୋସିପ୍ (ବୃହତ୍ତର ସଦସ୍ୟ) ଭାବରେ ରମାକାନ୍ତ ଙ୍କୁ ମନୋନୀତ କରିଅଛନ୍ତି । ତାଙ୍କ ପୂର୍ବରୁ ଓଡିଆ ସାହିତ୍ୟର - ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ (୧୯୭୧), କାହ୍ନୁଚରଣ ମହାନ୍ତି (୧୯୯୪), ସଚ୍ଚିଦାନନ୍ଦ ରାଉତରାୟ (୧୯୯୬), ମନୋଜ ଦାସ (୨୦୦୬) ଓ ତାଙ୍କ ପରେ ସୀତାକାନ୍ତ ମହାପାତ୍ର (୨୦୧୩) ଓ ଜୟନ୍ତ ମହାପାତ୍ର (୨୦୧୯) ରେ ଏ ସମ୍ମାନର ଅଧିକାରୀ ହୋଇଛନ୍ତି ।

"ଶ୍ରୀ ରାଧା" ପାଇଁ ରମାକାନ୍ତ ରଥ- ୧୯୯୨ ରେ ସରସ୍ୱତୀ ସମ୍ମାନ ସହ ୧୯୯୪ ରେ ସାରଳା ପୁରସ୍କାର, ୨୦୧୧ ରେ ସାରଳା ସମ୍ମାନ, ୨୦୦୬ ରେ ସାହିତ୍ୟ ଭାରତୀ ସମ୍ମାନ, ୧୯୯୦ ରେ ବିଷୁବ ସମ୍ମାନ ପାଇଁ ସାରସ୍ୱତ କୃତିକୁ ସ୍ୱୀକୃତି ମିଳିଅଛି

ତାଙ୍କ କବିତା "ସପ୍ତମ ଋତୁ" ପାଇଁ ୧୯୭୮ ରେ ରମାକାନ୍ତ - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ।

ରମାକାନ୍ତ ଙ୍କ ସାରସ୍ୱତ କୃତିକୁ ନେଇ ଭାରତ ସରକାର ନାଗରିକ ସମ୍ମାନ - "ପଦ୍ମଭୂଷଣ" ଉପାଧି ପ୍ରଦାନ କରିଥିଲେ - ୨୦୦୬ ରେ ।

ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ - "ଅତିବଡି ଜଗନ୍ନାଥ ଦାସ" ସମ୍ମାନ - ରମାକାନ୍ତ ଙ୍କ ସାରସ୍ୱତ ସୃଷ୍ଟିକୁ ଆଧାରକରି ୨୦୧୮ ରେ ପ୍ରଦାନ କରାଯାଇଛି ।

ଆଧୁନିକ କାବ୍ୟ ସାହିତ୍ୟର ମହାରଥି ପଦ୍ମଭୂଷଣ କବି ରମାକାନ୍ତ ରଥଙ୍କ ଜୀବନୀ ମଧୁରମୟ ହେଉ, ଏହା ମହାପ୍ରଭୁ ଜଗନ୍ନାଥ ଙ୍କୁ ପ୍ରାର୍ଥନା ।

# ଓଡିଆ ସାହିତ୍ୟ ର ଜଣେ ସ୍ୱର୍ଦ୍ଧିତା ନାରୀ ପ୍ରତିଭା
# ବିଣାପାଣୀ ମହାନ୍ତି

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଜଣେ ସ୍ୱର୍ଦ୍ଧିତା ନାରୀ ପ୍ରତିଭା

## ବିଣାପାଣୀ ମହାନ୍ତି

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ବିଣାପାଣୀ ମହାନ୍ତି (ଜନ୍ମ - ୧୧ ନଭେମ୍ବର, ୧୯୩୬)

ଜଣେ ଓଡିଆ ଗାଳ୍ପିକା, ସେ ବୃତ୍ତିରେ ଜଣେ ଅର୍ଥନୀତି ଅଧ୍ୟାପିକା ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି । ୨୦୨୦ ମସିହାରେ - ଭାରତ ସରକାର ତାଙ୍କୁ ନାଗରିକ ସମ୍ମାନ "ପଦ୍ମଶ୍ରୀ" ତାଙ୍କ ଶିକ୍ଷା ଓ ସାହିତ୍ୟ ପାଇଁ ପ୍ରଦାନ କରିଛନ୍ତି । ଓଡିଆ ସାହିତ୍ୟର ସର୍ବୋଚ୍ଚ ସମ୍ମାନ - "ଅତିବଡି ଜଗନ୍ନାଥ ଦାସ" ସମ୍ମାନ । କେନ୍ଦ୍ର ସାହିତ୍ୟ ଏକାଡେମୀ ତଥା ସାରଳା ପୁରସ୍କାର ଲାଭ କରିଛନ୍ତି ନିଜର ସାରସ୍ୱତ ସୃଷ୍ଟିପାଇଁ । ଓଡିଶା ଲେଖିକା ସଂସଦର ସଭାପତି ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

ବିଣାପାଣୀ ଙ୍କ ଜନ୍ମ ୧୯୩୬ ରେ ବ୍ରହ୍ମପୁର ରେ ହୋଇଥିଲା, ମାତ୍ର ତାଙ୍କର ପୈତୃକ ଗୃହ - କେନ୍ଦ୍ରାପଡାର ଚାନ୍ଦୋଳ ଗାଁରେ, ସେ ୧୯୫୩ ମସିହାରେ ମାଟ୍ରିକ୍ ପାସ୍ କରିଥିଲେ । ୧୯୫୭ ରେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ଧରିଥିଲେ । ୧୯୫୯ ରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହୋଇଥିଲେ, ତା'ପରେ ଜଣେ ଅଧ୍ୟାପିକା ଭାବରେ ବିଭିନ୍ନ କଲେଜରେ କର୍ମମୟ ଜୀବନକରି, ୧୯୯୨ ରେ ଅବସର ଗ୍ରହଣ କରିଥିଲେ, ସେ ଆଜୀବନ ଅବିବାହିତା ।

### ସାହିତ୍ୟିକା ବିଣାପାଣୀ -

ନିଜର କର୍ମମୟ ଜୀବନ ମଧ୍ୟରେ ବୃତ୍ତିରେ ଜଣେ ଅର୍ଥନୀତି ବିଭାଗର ଅଧ୍ୟାପିକା ହୋଇଥିଲେ ମଧ୍ୟ ରୁଚି ରଖିଥିଲେ - ନିଜ ମାତୃଭାଷା ଓଡିଆ ସାହିତ୍ୟରେ । ଓଡିଆ ଭାଷାରେ କଲମ ଚାଳନା କରି ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ଜଣେ ବିଶିଷ୍ଟ ସାହିତ୍ୟିକା ଭାବରେ ସେ ବିଭିନ୍ନ ସମ୍ମାନର ଅଧିକାରିଣୀ ହୋଇ ପାରିଥିଲେ ।

ବିଣାପାଣୀ - କବିତା ଲେଖାରୁ ଆରମ୍ଭ କରିଥିଲେ, ତାଙ୍କ ସାହିତ୍ୟିକ ଜୀବନ । ୧୯୫୫ ମସିହାରେ ତାଙ୍କର ପ୍ରଥମ କବିତା - "ତନ୍ଦ୍ରାହତ" - ପ୍ରଜାତନ୍ତ୍ର "ନାରୀମହଲ" ରେ ପ୍ରକାଶିତ ହୋଇଥିଲା । ତାଙ୍କ ସୃଷ୍ଟିଗୁଡିକ ମଧ୍ୟରେ - ପାଟଦେଇ, କସ୍ତୁରୀ ମୃଗ, ସବୁଜ ଅରଣ୍ୟ, ବସ୍ତ୍ରହରଣ, ଆରୋହଣ, ନବତରଙ୍ଗ, ମଧ୍ୟାନ୍ତର, ଅଶ୍ରୁ ଅନଳ ଆଦି ଅନ୍ୟତମ । କବିତା ସହ ଅନେକ ଗଳ୍ପ ଓ ଉପନ୍ୟାସ, ସେ ରଚନା କରିଛନ୍ତି ।

ବିଣାପାଣୀ ମହାନ୍ତି ଙ୍କ ଶ୍ରେଷ୍ଠକୃତି - "ପାଟଦେଇ" । ସାହିତ୍ୟ ରଚନା ତାଙ୍କ ଜୀବନର ତପସ୍ୟା । ୧୯୬୦ ମସିହା ପରବର୍ତ୍ତୀ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଓଡିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ସେ । ଓଡିଆ ସାହିତ୍ୟର ଏକ ସ୍ୱର୍ଦ୍ଧିତା ନାରୀ ପ୍ରତିଭା, କାହାର ନିନ୍ଦା ଓ ପ୍ରଶଂସା ପ୍ରତି ଅନାସକ୍ତ ରହି ନିରବଚ୍ଛିନ୍ନ ଭାବରେ ଲେଖି ଆସିଛନ୍ତି - ଗଳ୍ପ ଓ ଉପନ୍ୟାସ । ପ୍ରତ୍ୟେକଟି ସୃଜନରେ ଭରି ରହିଛି - ତାଙ୍କର ଚିନ୍ତା, ଚେତନା, ଭାବନା, ସମାଜ ଦୃଷ୍ଟି ଓ ମାନବ ଦୃଷ୍ଟିର ଜୀବନ୍ତ ଭାଷ୍ୟ । ତାଙ୍କ ଲେଖା - ନିର୍ଯ୍ୟାତିତ, ଲାଞ୍ଛିତ ଓ ଅବହେଳିତ ନାରୀଙ୍କ ଭିତରେ ଆତ୍ମଜାଗରଣ ସୃଷ୍ଟିପାଇଁ ସେ ସଂସାର ସୃଷ୍ଟି କରିନାହାଁନ୍ତି, ମା' ହୋଇନାହାଁନ୍ତି କି ହେଇ ନାହାଁନ୍ତି କାହାର ପତ୍ନୀ ତଥାପି ସେ ଆଦରି ନେଇଛନ୍ତି ମହାସଂସାର ଯେଉଁଠି ବିଚ୍ଛୁରିତ ହେଇଛି - ତାଙ୍କର ବ୍ୟକ୍ତିସତ୍ତା ।

ବିଣାପାଣୀ ଙ୍କ ରଚନାବଳୀ -

### ଗପ -

କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ
ପାଟଦେଇ
ବସ୍ତ୍ରହରଣ
ଆରୋହଣ
ଇଣ୍ଟରଭିଉ
ଏକାକୀ ପରାଶର
ନବତରଙ୍ଗ
ଅନ୍ଧକାର ର ଛାଇ
ବହ୍ନି ବଳୟ
ଉତ୍ତରାୟଣ
ସାୟାହ୍ନର ସ୍ୱର
ତଟିନୀର ତୃଷା
କାଳାନ୍ତର

ମଧ୍ୟାନ୍ତର
ଜନ୍ମାନ୍ତର
ଅଶ୍ରୁ ଅନଳ
ଶକୁନିର ଚକା
ଅପହଞ୍ଚ ଆକାଶ
ପାଚେରୀ ସେପଟେ ନଈ
ଖେଳ ଚାଲିଛି
ଦୃଶ୍ୟାନ୍ତର
ଖେଳନା
ଚରିତ୍ର ହସୁଛି

ଆଦି ଗଳ୍ପ - ବିଣାପାଣୀ ଙ୍କୁ ଓଡିଆ ସାହିତ୍ୟରେ ଜଣେ ବିଶିଷ୍ଟ ଗାଳ୍ପିକା ଭାବରେ ମର୍ଯ୍ୟାଦା ଦେଇଅଛି ।

**ଉପନ୍ୟାସ -**

ଗଳ୍ପ ସହିତ ଉପନ୍ୟାସ ମଧ୍ୟ ରଚନା କରିଥିଲେ - ବିଣାପାଣୀ ।

ସୀତାର ଶୋଣିତ
ମନସ୍ୱିନୀ
କୁନ୍ତି କୁନ୍ତଳା ସଙ୍କୁନ୍ତଳା

ଆଦି ଉପନ୍ୟାସ - ଓଡିଆ ଉପନ୍ୟାସ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଅଛି ।

**ଆତ୍ମଜୀବନୀ -**

"ବିତିଯାଇଥିବା ଦିନ" -

ବିଣାପାଣୀ ମହାନ୍ତି - ତାଙ୍କର ସ୍ୱରଚିତ ଆତ୍ମଜୀବନୀ - "ବିତିଯାଇଥିବା ଦିନ" - ଏକ ଅମୂଲ୍ୟ ସାହିତ୍ୟସୃଷ୍ଟି । ଜଣେ ସଚରାଚର ନାରୀପକ୍ଷରେ ଘଟିଯାଇଥିବା ଜୀବନ ଓ ସୃଜନ ର ଅନେକ ଅନ୍ୟଲୋଚିତ ଅଧ୍ୟାୟକୁ, ସେ ଆତ୍ମଜୀବନୀ ମାଧ୍ୟମରେ ନିଜର ପ୍ରିୟ ପାଠକ-ପାଠିକା ଙ୍କ ପାଖରେ ରଖିଛନ୍ତି । ପଶ୍ଚିମା ପବ୍ଲିକେସନ୍ - କଟକ ଦ୍ୱାରା ଏହି ଆତ୍ମଜୀବନୀ - "ବିତିଯାଇଥିବା ଦିନ" ପ୍ରକାଶିତ ହୋଇଅଛି ।

ସ୍ରଷ୍ଟା ବିଣାପାଣୀ ଙ୍କର ୧୯୫୭ ମସିହାରେ ପ୍ରଥମ ଗଳ୍ପ - "ଗୋଟିଏ ରାତ୍ରିର କାହାଣୀ" - ରବିବାସରିୟ ପ୍ରଜାତନ୍ତ୍ରରେ ପ୍ରକାଶିତ ହୋଇଥିଲା । ୧୯୬୧ ରେ ତାଙ୍କଗଳ୍ପ - "ନାଉଗଛ" - ତାଙ୍କୁ ବହୁ ପାଠକୀୟ ସ୍ୱୀକୃତି ଆଣି ଦେଇଥିଲା ଓ ସେ କବିତା ଛାଡି ସମ୍ପୂର୍ଣ୍ଣ ଭାବରେ ଗଳ୍ପ ଲେଖିବାକୁ ଆରମ୍ଭ କରିଥିଲେ । ଚଳନ୍ତି ଜୀବନରୁ ସତସତିକା ଘଟଣାକୁ ସାଉଁଟିନେଇ, ତାହାକୁ ଗଳ୍ପରୂପ ଦେଇଥାନ୍ତି - ବିଣାପାଣୀ ।

ବିଣାପାଣୀ - ନିଜର "ନାଉଗଛ" - ଗଳ୍ପରେ ସେ ବାଲେଶ୍ୱର ର କୁନ୍ତଳାକୁମାରୀ ମହାବିଦ୍ୟାଳୟରେ ଅଧ୍ୟାପିକା ସମୟରେ ଲେଖା ଯାଇଥିଲା । କଲେଜରେ ଆପେଆପେ ମାଡିଥିବା ନାଉଗଛ ଥିଲା - ଏ ଗଳ୍ପପଛର ପ୍ରେରଣା ।

**ଗାଳ୍ପିକା ବିଣାପାଣୀ ମହାନ୍ତି ଙ୍କ ଗଳ୍ପ - "ପାଟଦେଇ" :**

"ପାଟଦେଇ" - ବିଣାପାଣୀ ଙ୍କ ମାନସମନ୍ଥନ - ଏକ ଗଳ୍ପ ସଂକଳନ, ଏହାକୁ ୧୯୮୭ ମସିହାରେ କଟକରେ ବିଦ୍ୟାପୁରୀ ପ୍ରକାଶନ ପ୍ରକାଶିତ କରିଥିଲା । ଏହି ଗଳ୍ପପାଇଁ ବିଣାପାଣୀ ଙ୍କୁ ୧୯୯୩ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ରେ ସମ୍ମାନୀତ କରାଯାଇଥିଲା ।

"ପାଟଦେଇ" - ଗଳ୍ପରୁ ଏହି ସଂକଳନର ନାମକରଣ ହୋଇଥିଲା - "ପାଟଦେଇ" - ଗଳ୍ପରେ ଏକ ଗ୍ରାମୀଣ ଝିଅ ପାଟର କାହାଣୀକୁ ନେଇ ରଚିତ । ଅସହାୟ ଝିଅଟିକୁ - ଲେଖିକା ବିଣାପାଣୀ - ଏକ ବସ୍‌ଯାତ୍ରା ସମୟରେ ଭେଟିଥିଲେ । ଝିଅଟିର ଅସହାୟତା, ଦମ୍ଭ ଓ ବିଦ୍ରୋହ ର କାହାଣୀକୁ ନେଇ ଗଳ୍ପଟି ଗତିଶୀଳ । କାହାଣୀଟି ପ୍ରଥମେ - ସାରସ୍ୱତ ପତ୍ରିକା "ଝଙ୍କାର" ରେ ପ୍ରକାଶିତ ହୋଇଥିଲା । କବି ଜୟନ୍ତ ମହାପାତ୍ର - ଏହି ଗଳ୍ପଟିକୁ ଇଂରାଜୀରେ ଅନୁବାଦ କରିଥିଲେ ଓ "ଲତା" - ନାମରେ ଗପଟି ୧୯୮୬ ମସିହାରେ - "ଫେମିନା" - ପତ୍ରିକାରେ ପ୍ରକାଶିତ ହୋଇଥିଲା । ଗପଟି ୧୯୮୭ ରେ ଦୂରଦର୍ଶନରେ - "କସ୍‌ମକସ୍" - କାର୍ଯ୍ୟକ୍ରମରେ ମଧ୍ୟ ପ୍ରକାଶିତ ହୋଇଥିଲା । ଭାରତୀ ନନ୍ଦୀ - ଏହି ଗଳ୍ପଟିକୁ ବଙ୍ଗଳାରେ ଅନୁବାଦ କରିଥିଲେ, ନାମ ରଖିଥିଲେ - "ଚିତ୍ରିତ ଅନ୍ଧକାର" - କେନ୍ଦ୍ର ସାହିତ୍ୟ ଏକାଡେମୀ ସୌଜନ୍ୟରୁ ୨୦୦୩ ମସିହାରେ ପୁସ୍ତିକାଟିକୁ ଦିପ୍ତିପ୍ରକାଶ ହିନ୍ଦୀରେ ଅନୁବାଦ କରିଥିଲେ ।

"ପାଟଦେଇ" - କ୍ଷୁଦ୍ରଗଳ୍ପ ସଂକଳନ ବିଣାପାଣୀ ଙ୍କୁ ଆଣି ଦେଇଥିଲା - ଅନେକ ସଫଳତା ଓ ଲୋକପ୍ରିୟତା । ପରବର୍ତ୍ତୀ ସମୟରେ ଏହି ପୁସ୍ତକ ତାଙ୍କୁ ଦେଇଥିଲା - ସାହିତ୍ୟ ଏକାଡେମୀ ପୁରସ୍କାର ।

## ଗବେଷଣା ସନ୍ଦର୍ଭ - ବିଣାପାଣୀ ଙ୍କ କ୍ଷୁଦ୍ରଗଳ୍ପରେ ସାମାଜିକ ଜୀବନବୋଧ :

ଗାଳ୍ପିକା ବିଣାପାଣୀ ମହାନ୍ତି ଙ୍କ ଗଳ୍ପ ସାହିତ୍ୟକୁ ନେଇ ଗବେଷକ ମାନେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ପାଇଛନ୍ତି - ଉତ୍କଳ ବିଶ୍ୱବିଦ୍ୟାଳୟରୁ ।

ବିଗତ ପଞ୍ଚଦଶନ୍ଧିର ଓଡ଼ିଆ ଗଳ୍ପ ସାହିତ୍ୟରେ ବିଣାପାଣୀ ମହାନ୍ତି - ଜଣେ ସ୍ୱନାମଧନ୍ୟା ଗାଳ୍ପିକା । ଓଡ଼ିଆ ସାହିତ୍ୟରେ ଗାଳ୍ପିକା ମାନଙ୍କ ମଧ୍ୟରେ ସେ ସବୁଠାରୁ ଲୋକପ୍ରିୟ ଓ ସୁପରିଚିତା । ତାଙ୍କ ସୃଷ୍ଟିରେ ଓଡ଼ିଆ ଗଳ୍ପ ଭଣ୍ଡାରରେ ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ସମୃଦ୍ଧ ହୋଇଅଛି ।

ସ୍ୱାଧିନତା ପରବର୍ତ୍ତୀ କାଳରେ ଓଡିଶାର ସାମାଜିକ ଜୀବନକୁ ନେଇ ରଚିତ ବାସ୍ତବବାଦୀ ଗଳ୍ପ ମାନଙ୍କର ସେ ସ୍ରଷ୍ଟା । ସାଧାରଣ ମଣିଷର ଜୀବନ ଓ ଜୀବନ ସମସ୍ୟାକୁ ନେଇ ରଚିତ ତାଙ୍କର ଗଳ୍ପ ଗୁଡିକରେ ସ୍ୱାଧିନତା ପରବର୍ତ୍ତୀ ଜୀବନର ବହୁ ବାସ୍ତବ ଓ ସ୍ୱଷ୍ଟଚିତ୍ର ମିଳେ ।

ସ୍ୱାଧିନତା ପରବର୍ତ୍ତୀ ଜୀବନଧାରାରେ ଜଣେ ସଫଳ ରୂପକାର ହେଉଛନ୍ତି - ବିଣାପାଣୀ ମହାନ୍ତି । ମନୋଜ ଦାସଙ୍କ ଭଳି ବାକ୍‌ପଟୁତା । ସୁରେନ୍ଦ୍ର ଓ ଗୋପିନାଥ ଙ୍କ ପରି କଳାତ୍ମକ ବର୍ଣ୍ଣନା ବିଭବ କିମ୍ବା କିଶୋରୀ ଚରଣ ଓ ଚନ୍ଦ୍ରଶେଖର ଙ୍କ ପରି ମନନଧର୍ମୀ ବାଖ୍ୟା ତାଙ୍କ ପାଖରେ ନାହିଁ, ମାତ୍ର ଜୀବନ ଓ ଜଗତ କୁ ଆନ୍ତରିକତା ସହ ପ୍ରକଟିତ କରିବାକୁ ତାଙ୍କ ପାଖରେ ସାମର୍ଥ୍ୟ ଓ ପ୍ରଚେଷ୍ଟା ଅଛି

ବିଣାପାଣୀ ଙ୍କ ସୃଷ୍ଟିରେ ଆମ ହାତ ପାହାନ୍ତାର ମଣିଷ ମାନେ ଆତଯାତ ହୁଅନ୍ତି । ପରିବାର ଜୀବନରେ ସନ୍ତୁଳି ହେଉଥିବା ମଣିଷର ଭାଗ୍ୟ ପ୍ରତିଫଳିତ ହୋଇଥିବା ଅସହାୟତା ଓ ଯନ୍ତ୍ରଣା ର ରୂପରେଖ, ସେ ଦୃଷ୍ଟିରେ ପ୍ରକାଶ ପାଇଅଛି ।

ବିଣାପାଣୀ ଙ୍କ ଗଳ୍ପ ନାରୀ ଜୀବନର ଜଟିଳ ଗଦ୍ୟ ହୋଇପାରେ, ମାତ୍ର ସେ ଗଦ୍ୟର ଜଟିଳତା ସଂଭ୍ରାନ୍ତ ବିଚାରବୋଧରେ, ବିବେକାନୁ ମୋଦିତ, ମାନବିକ ଆଚରଣ ସଂହିତାରେ ପରିପ୍ରକାଶିତ ।

ବିଣାପାଣୀ ଙ୍କ ଗଳ୍ପର ଭାଷା, ସାଧାରଣ ମଣିଷର ଭାଷା, କଥାକୁହା ମଣିଷର ଭାଷା । ଆଡମ୍ବର ଶୂନ୍ୟ ସାଧାରଣ ମଣିଷର ସ୍ୱଚ୍ଛ ଜୀବନପରି ସେ ଭାଷାର ଜୀବନ ପ୍ରକାଶ ଖୁବ୍ ମର୍ଯ୍ୟାଦାବନ୍ତ । ଓଡ଼ିଆ ଗଳ୍ପ ସାହିତ୍ୟର ଏହି ଅନନ୍ୟ ବିନ୍ଧାଣୀଙ୍କ ସୃଷ୍ଟି ଜଗତଟି ଆପଣାର ଐଶ୍ୱର୍ଯ୍ୟରେ ବିଭାବନ୍ତ ଓ ଚଳଚଞ୍ଚଳ । ଓଡ଼ିଆ କ୍ଷୁଦ୍ରଗଳ୍ପ ଇତିହାସରେ - ବିଣାପାଣୀ - ବିଶିଷ୍ଟ ପ୍ରତିଭା ଧାରିଣୀ ସ୍ରଷ୍ଟା ଭାବରେ ଆଜି ଓ ଆସନ୍ତାକାଲି ର ଗଳ୍ପ ଜଗତକୁ ମହିମାବନ୍ତ କରୁଥିବେ, ଏଥିରେ ସନ୍ଦେହ ନାହିଁ ।

## ବିଣାପାଣୀ ମହାନ୍ତି ଙ୍କ ଗଳ୍ପ - "ସ୍ୱପ୍ନ" :

ବିଣାପାଣୀ ମହାନ୍ତି - ସାମ୍ପ୍ରତିକ ଓଡ଼ିଆ ଗଳ୍ପ ସାହିତ୍ୟର ଜଣେ ସୁପରିଚିତ ସାରସ୍ୱତ ଶିଳ୍ପୀ । ସ୍ନେହ, ପ୍ରେମ, ସ୍ମୃତି, ବିଶ୍ୱାସ କୁ ନେଇ ବଞ୍ଚୁଥିବା ନାରୀ ମନରେ, ସେ ଜଣେ ବିଶ୍ୱସ୍ତ ରୂପକାର । ତାଙ୍କର ବିପୁଳ ସୃଜନ ମଧ୍ୟରେ - "ନବତରଙ୍ଗ", "ତଟିନୀର ତୃଷ୍ଣା", "ମଧ୍ୟାହ୍ନର ଦୃଶ୍ୟାନ୍ତର", "ଆରୋହଣ", "ଅଶ୍ରୁ ଅନଳ", "କସ୍ତୁରୀମୃଗ", "ସବୁଜ ଅରଣ୍ୟ" ଓ "ପାଟଦେଇ" ଆଦି ବିଶେଷ ଜନପ୍ରିୟତା ଅର୍ଜନ କରିପାରିଅଛି । ଗଳ୍ପ ରଚନା କ୍ଷେତ୍ରରେ ଅନବିଦ୍ୟ ଅବଦାନ ପାଇଁ - ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସାହିତ୍ୟ ଭାରତୀ ସମ୍ମାନ ଲାଭ କରିଅଛନ୍ତି । ଏ ଗଳ୍ପ - "ସ୍ୱପ୍ନ" ଟି ଗାଳ୍ପିକା ବିଣାପାଣୀ ଙ୍କ "ଇଣ୍ଟରଭିଉ" - ଗଳ୍ପ ସଂକଳନରୁ ସଂଗୃହୀତ ।

ଦାରିଦ୍ର୍ୟ ନିପୀଡିତ ମାତୃ ହୃଦୟର ଚିତ୍ରଣ ଏବଂ ଏକ ସରଳ ଶିଶୁର, ନିଷ୍କପଟ ଅଭିଳାଷ - "ସ୍ୱପ୍ନ" - ଗପଟିକୁ ଏକ ସାର୍ଥକ ସୃଷ୍ଟିରେ ପରିଣତ କରିଅଛି ।

ସୁଭଦ୍ରା - ଯେତେ ବୁଝେଇଲେ ବି ଟୋକାଟା ବୁଝିବାକୁ ନାରାଜ । ତୁହାଇ ତୁହାଇ ସେହିକଥା ପଚାରୁଛି । ମା' କହମ, କ'ଣ ସବୁ ଆମର ହେବ ପରା ତୁ କହିଥିଲୁ ? ଚୋପାଟା ହେବ, ଜଳଖିଆ ତ ଖାଇଲୁ ଦେ ଏଣିକି ଶୋଇପଡ । ନାହିଁ ତୁ କହ, ସେ ସଭାରେ ବାବୁ ଯାହା ଯାହା କହିଲେ ତୁ କହ । ପିଲାମାନେ କ'ଣ ରଜାହେବେ ମା' ? ଅଜୁର କଣ୍ଠରେ ଅହେତୁକ ଆଗ୍ରହ । "ରାଜା" ହଇରେ ରାଜାହେବ କିଏ ? ସେ କଥା ନାହିଁ ଯେ - ସଭାରେ କଥା ପଡିଥିଲା ପିଲାଏ କେମିତି ଭଲମଣିଷ ହେବେ, ସୁସ୍ଥ ରହିବେ, ଭଲ ପାଠ ପଢିବେ, ତତେ ରାଜା ହେବାକଥା କହିଲା କିଏ ?

ଅଜୟ ଉତ୍ତର ଦେଲା -

ବିଦୁ ଦିଦି କହୁଥିଲେ - ଏବର୍ଷ କୁଆଡେ ପିଲାଙ୍କର ରାଜା ହେବା ବର୍ଷ । ହସି ପକାଇଲେ ସୁଭଦ୍ରା । ବିଦୁଟା ସେମିତି ମନ ଭୁଲାଣିଆ କଥା କହେ । ଖବରକାଗଜ ରେ ଯାହାପଢେ, ତାକୁ ବନେଇ ଚୁନାଇ କହେ । ଗଲାବର୍ଷ ସେମିତି କହୁଥିଲା - ସ୍ତ୍ରୀ ଲୋକଙ୍କ ରାଣୀ ହେବା ବର୍ଷ ଆସିଛି । ସୁଭଦ୍ରା ଆଉ କିଛି ନକହି ଛିଣ୍ଡା ଜାମାଟା ରଫୁ କରିବାରେ ମନଦେଲା । ଅଜୁ ଏଥର ଅଳି କଲାପରି କହିଲା - ମା', ମୋ ନାଁଟା ତୁ ସେହି ସ୍କୁଲ୍‌ରେ ଲେଖାଇ ଦେ, ଯେଉଁଠି ଅରୁଣ ବାବୁଙ୍କ ପୁଅ ପଢୁଛି । ସୁଭଦ୍ରା - କଣେଇ କରି ପୁଅ ମୁହଁକୁ ଅନେଇ ଉତ୍ତର ନଦେବା ଉଚିତ୍ ମନେକଲା । ଅଜୁ ତ ବୁଝିବନି ଇଂରାଜୀ ସ୍କୁଲ୍‌ରେ ପାଠ ପଢାଇବାକୁ ତା' ମା'ର ସାମର୍ଥ୍ୟ ନାହିଁ । ଏଇ ସାଧାରଣ ସ୍କୁଲ୍‌ର ବହିଖାତା ଯୋଗାଇବା ପାଇଁ ସେ ଯେ କଠିନ ପରିଶ୍ରମ କରୁଛି, ସେହି ଏକା ଜାଣେ । ଅଜୁ ତ ଜାଣେନାହିଁ, ତା' ବାପା ଦୁଇବର୍ଷ ହେବ ଗୋଟିଏ ପଇସା ଘରକୁ ପଠାଉନାହାଁନ୍ତି । ଏପରିକି ଚିଠି ଖଣ୍ଡେ ମଧ୍ୟ ଦେଉନାହିଁ । କିଏ କେତେ ରକମ କଥା କହୁଛନ୍ତି ..... କ'ଣ ଲାଭ ଅଛି ସେଥିରେ ତା'ର, ମାତ୍ର ବାପାର ଏହି କରଛଡା କଥାଟା ସେ

ଅଜୁକୁ କହିପାରିନାହିଁ, ଜୀବ ଥିବାଯାଏ କହିବିପାରିବ ନାହିଁ । ବାପା କାହିଁକି ଆସୁନି ବୋଲି ଘରକୁ ପ୍ରଶ୍ନ କଲେ, ସୁଭଦ୍ରା କହେ - ଏ ବେଳେ ବାପା ପାଞ୍ଚବର୍ଷ ଯାଏଁ ଘରକୁ ଆସିବେନି ବହୁତ କାମ, ଥରେ ଯଦି ଅମାନିଆ ହୋଇ ଚାଲି ଆସେନା, ତା'ହେଲେ ଚାକିରୀ ଚାଲିଯିବ । ମନକୁମନ ହିସାବ କରି ଆଙ୍ଗୁଠି ଆଗରେ କହେ ଯେ - ଅଜୁ ମାଇନର ପାସ୍‌କଲେ ଘରକୁ ଆସିବ । ସୁଭଦ୍ରା ର ଚିନ୍ତାରେ ବ୍ୟାଖାତ ଘଟାଇ ଅଜୁ କହିଲା - ତୁ ବାପାଙ୍କୁ ଲେଖି ଦେ, ମୋପାଇଁ ଡ୍ରେସ୍ କରି ପଠାଇବେ, ରଙ୍ଗ ପେନ୍‌ସିଲ୍ ପଠାଇବେ, ମୁଁ ସେହି ଅରୁଣ ବାବୁଙ୍କ ପୁଅ ସ୍କୁଲ୍‌ରେ ପଢିବି ମା' । ଭାରି ଭାରି କଣ୍ଠରେ ସୁଭଦ୍ରା କହିଲା - ତୁ ଏଇଲେ ଆଖିବୁଜି ଶୋଇପଡ କି ସୁନା, କାଲି ସକାଳେ ସେ କଥା ତୋ ବାପାଙ୍କୁ ଲେଖିଦେବି । ଲଣ୍ଠନର ତେଲସରି ଆସିଲାଣି, ମୁଁ ଟିକିଏ ତେଲ ପକାଇ ଆଣେ ।

ତେଲ ପକାଉ ପକାଉ ସୁଭଦ୍ରା ଆପଣା ଛାଏଁ କଇଁକଇଁ ହୋଇ କାନ୍ଦି ପକାଇଲା, ଛୁଆଟା କିଛି ବୁଝୁନାହିଁ - ସ୍ୱପ୍ନ ଦେଖୁଛି । ମିଛ କହି ତାକୁ ଭୁଲାଉଥିବାରୁ ଅନିଚ୍ଛାକୃତ ଯନ୍ତ୍ରଣା ସୁଭଦ୍ରା ର ଛାତି ଭିତରଟା କୋରି ନେଇଯାଉଛି । ଲଣ୍ଠନର କାଚ ସଫାକରି ବତୀ ଟେକି, ସେ ଯେତେବେଳେ ଆସି ଅଜୁର ବିଛଣା ପାଖରେ ବସିଲା, ସେତେବେଳକୁ ମୁହଁରେ ଏକ ସୁଖ ସ୍ୱପ୍ନର ଆଉ ଫୁଟାଇ ଅଜୁ ଗଭୀର ନିଦ୍ରାରେ ଶୋଇ ଯାଇଥିଲା । ଅଜୁର ହାଡୁଆ ଦେହ, ହାତକୁ ଚାହିଁ, ମଇଳା ପ୍ୟାଣ୍ଟକୁ ଚାହିଁ - ସୁଭଦ୍ରା ଏକ ଦୀର୍ଘଶ୍ୱାସ ଛାଡିଲା । ସଭାରେ ପିଲାଙ୍କ ବିଷୟରେ ଶୁଣି ଅଜୁ ସ୍ୱପ୍ନ ଦେଖୁଛି, ହେଲେ ସୁଭଦ୍ରା କରିବ କ'ଣ ? ତା'ର ସେହି ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଶକ୍ତି କାହିଁ ?

ସକାଳ ହେଲେ ପାଞ୍ଚଜଣଙ୍କ ଘରେ ସୁଭଦ୍ରା ବାସନ ମାଜିଯାଏ, କେଉଁଦିନ ଜଳଖିଆ କିଏ ଦେଲେ କାନିରେ ବାନ୍ଧିଆଣେ ଅଜୁପାଇଁ । ସକାଳୁ ଛୁଆଟା ପଖାଳ ପାଣି ପିଇ ସ୍କୁଲକୁ ଯାଇଥାଏ, ଯେ ଘରକୁ ଫେରିବା ବେଳକୁ ପିଠିଯାଇ ଅଣ୍ଟାରେ ଲାଗିଥାଏ । କେମିତି ସେ ଖାଇଦେବ ? ଦିନ ଦ୍ୱିପହର ଭାତ ଗୁଣ୍ଡାଏ ଚୁଲିରେ ବସେଇ ପୁଅକୁ ଅନେଇ ବସେ, ପୁଅ ଫେରିଲେ ମା', ପୁଅ ଖାଇ ଦଣ୍ଡେ ଗଡିପଡନ୍ତି । ତା'ପରେ ପୁଅଯାଏ ଖେଳିବାକୁ, ମା' ଯାଏ ବାସନ ମାଜି, ଘର କରିନି ନହେଲେ କଦଳୀ କି କାଗଜି ଲେମ୍ବୁ ବିକି, ସଞ୍ଜବେଳେ ପୁଅ ପଢୁଥାଏ, ମା' ଶୁଣୁଥାଏ, କେଉଁଦିନ ଅଜୁ କିଛି କହେନା, ହେଲେ ଆଜି କି ସଭାହେଲା କେଜାଣି ସାହିରେ ସବୁପିଲାଙ୍କୁ ଘରୁଆସି କୋଡେଇ କାଖେଇ ନେଇଗଲେ । ପୁଡାଏ ଜଳଖିଆ ଧରେଇ ଦେଇ କେତେ କ'ଣ ଅଜବ କଥା କହିଗଲେ ତାଙ୍କରିମାନଙ୍କୁ ନେଇ, ହେଲେ ସେ କ'ଣ ସମ୍ଭବ ହେବ, ହାଇ ମାରିଲା ସୁଭଦ୍ରା, ଆଖି ଆଉ ଛୁଞ୍ଚି ମୁନରେ ରହୁନି । ଲଣ୍ଠନ ଲିଭାଇ ଶୋଇପଡିଲା, ସେ ଅଜୁ ପାଖରେ । ଦୁଃଖ ତ କିଛି ନୂଆ ନୁହେଁ । ଦେହସୁଧା ହୋଇଗଲା ପରେ ରୁଟିନ୍ ପରି ସବୁକଥା ଦୁଃଖସୁଖ ବେଳେ ଦେଖି ଅନୁଭବ କରିହୁଏ । ଶେଷକୁ ନିଜ ସବୁଚିନ୍ତାର ଉର୍ଦ୍ଧ୍ୱରେ ଥାଏ ବୋଧେହୁଏ ।

କେତେବେଳ ଗୋଟିଏ କରମାଡି ଶୋଇ ଯାଇଥିଲା କେଜାଣି - ଝାଳରେ ଭିଜି ଦେହ ପୋଡି ଉଠିବାରୁ ସେ କର ଲେଉଟାଇ ଅଜୁକୁ କୋଳରୁ ଟାଣି ଆଣିବାକୁ ଯାଇ ଜାଣିଲା ବିଛଣା ଶୂନ୍ୟ, ଚମକି ଆଖି ଖୋଲି ଦେଖିଲା ସୁଭଦ୍ରା, ଲଣ୍ଠନ ଜଳାଇ ଅଜୁ ତା'ର ବହିବସ୍ତାନି ଖୋଲି ପଢୁଛି । ରାତି ବୋଧେହୁଏ ପାଇ ଆସିଲାଣି କି କ'ଣ, ମଳା ଜହ୍ନରୁ ଛିଟିକାଏ ପଡିଛି ଝରକା ଦେଇ ଘର ଚଟାଣରେ । ସୁଭଦ୍ରା ପୁଣି ଆଖି ବୁଜିଦେଲା ..... ସମ୍ପୂର୍ଣ୍ଣ ନିଦଲାଗି ଆସିବା ପୂର୍ବରୁ ହଠାତ୍ ଗୁଣୁଗୁଣୁ କଥାର ସ୍ୱରରେ ସେ ଆଖିମେଲି ଚାହିଁଲା । ଲଣ୍ଠନକୁ କମାଇ ନିଷ୍ପ୍ରଭ କରି କାନ୍ଥକଡକୁ ଘୁଞ୍ଚିଯାଇ ଅଜୁ ଆଣ୍ଠୁମାଡି ପ୍ରାର୍ଥନା କରୁଛି ..... ଆଖିରୁ ତା'ର ଲୁହ ବୋହିଯାଉଛି ଗାଲ ଉପରଦେଇ । କେମିତି ଯେପରି ଚମକି ପଡିଲା ନିଜ ଭିତରେ ସୁଭଦ୍ରା । ଅଜୁ - ତା'ର ଦଶବର୍ଷ ବୟସ ପୁରୀ ନଥିବା ପୁଅ ରାତି ଅଧରେ ଉଠିପଡି ଈଶ୍ୱର ଙ୍କୁ ପ୍ରାର୍ଥନା କରୁଛି - କାନ୍ଦିକାନ୍ଦି । ଈଶ୍ୱର ପୁଣି କିଏ ନା, ବାଲିଯାତ୍ରାରୁ କିଣିଥିବା ମାଟି କଣ୍ଢେଇ ହରପାର୍ବତୀ, ରାଧାକୃଷ୍ଣ ଓ ଗଣେଷ-ସରସ୍ୱତୀ । କିନ୍ତୁ ..... କାନ୍ଦୁଛି କାହିଁକି ଅଜୁ । ହତବାକ ବିସ୍ମୟରେ ବିଛଣାରୁ ଉଠିପଡି ସୁଭଦ୍ରା - ବିରକ୍ତିରେ ପାଟିକରି ଉଠୁଉଠୁ ଅଟକିଗଲା ଅଜୁର କରୁଣ କଣ୍ଠର ଶବ୍ଦରେ, କାତର କଣ୍ଠରେ ଅଜୁ କହୁଛି -

ଈଶ୍ୱରମାନେ ପ୍ରତିଦିନ ମୁଁ ତୁମମାନଙ୍କୁ ଡାକୁଛି କେହି ଶୁଣୁନ କାହିଁକି ? ତୁମେ ଯଦି ମାଟି ପଥର ନୁହଁ, ତାହେଲେ ଜବାବ ଦେଉନ କାହିଁକି ? ତୁମେ କିଛି ନକଲେ ନାହିଁ ଠାକୁର, ଖାଲି ମୋ ମା'କୁ କହିଦିଅ ମୁଁ ବଡମଣିଷ ହେବି । ଯେତେ କଷ୍ଟ ଓ ଅସୁବିଧା ଆସୁପଛେ ମୁଁ ଅଟକି ଯିବିନି ପାଠ ପଢିବି, ନାଁ କରିବି ମୋପାଇଁ ମୋ ମା' ଯେମିତି ଆଉ ଲୁଚେଇ ଲୁଚେଇ ନକାନ୍ଦେ । ମୋ ମା'କୁ କହିଦିଅ ମୋ ବାପା ଫେରିବନି ଆଉ, ମୋର ସେଥିପାଇଁ କିଛି ମନକଷ୍ଟ ନାହିଁ । ବାପା ନଥିଲେ ସତରେ ମୁଁ କ'ଣ ମଣିଷ ହୋଇ ପାରିବିନି, ମୁଁ ତୁମକୁ କଥା ଦେଉଛି ଠାକୁର ବଡମଣିଷ ନିଶ୍ଚୟ ହେବି ଆଚ୍ଛା ହରପାର୍ବତୀ ତୁମେ ଦୁହେଁ ପରା ରାତି ଅନ୍ଧାରରେ ଉଡି ବୁଲୁଥାଅ । ତୁମ ଆଖିରେ କ'ଣ ପଡୁନାହିଁ ଛୋଟ ପିଲାମାନେ କେମିତି ହଇରାଣ ହେଉଛନ୍ତି ? ଏତେ ଉଚ୍ଚନୀଚ୍ଚ, ଧନୀଗରିବ ପ୍ରଭେଦ ସୃଷ୍ଟିକରି ତୁମେ ପିଲାମାନଙ୍କୁ କାହିଁକି କଷ୍ଟ ଦେଉଛ କହିଲ ? ହେଉ ଯାହା ଆଜିଯାଏଁ କଲ ଭାବନାହିଁ ଯେ ଭଲ କରିଛ ! ଏଣିକି ଆମ ବିଦୁ ଅପା ସଭାରେ ଯାହା କହିଛି - ସବୁ ପିଲା ସମାନ ହେବେ, ସମାନ ସୁବିଧା ପାଇବେ, ସେହି କଥାଟି ତା'ର ସତ କରିଦିଅ ପ୍ରଭୁ । ବିଦୁ ଅପାକୁ ବୋଉ ଆଉ ଯେପରି ମିଛେଇ ବୋଲି ନକହୁ, କରିବ ନା, ତୁମେ କିନ୍ତୁ ଯାହା କୁହ ଈଶ୍ୱର - ତୁମେ ସବୁକଥା ଭୁଲିଯାଅ । ପ୍ରତିଦିନ ମୁଁ ତୁମକୁ ଏକଥାକୁ କେତେ ମନେ ପକାଇବି ଯେ - ଆଃ ଗୋଡ କାଟୁଛି ଠାକୁର, କିଛି ଖରାପ ଭାବିବନି ମନେ, ମୁଁ ଚେକା ପକାଇ ବସୁଛି, କେତେ ସମୟ ମୁଁ ଆଣ୍ଠୋଇ ପାରିବି କୁହନା, ଦେଖ ଲଣ୍ଠନରେ ତେଲ ବି ସରି ଆସିଲାଣି, ଆମ ଘରେ ଏତେ କମ୍ ପଇସା ଯେ - ଆମେ ରାତିରେ କିରୋସିନି ଜାଳିବାକୁ ପାଇପାରୁନାହୁଁ, ମୋ ମା' ଜାଣିଲେ ତୁମ ଉପରେ ରାଗିବ ଆଉ ମୋତେ ମାରି ପକାଇବ । ମା' ତୁମ ଉପରେ ଆଜିକାଲି ରାଗିଯାଉଛି ବୋଲି ତୁମେ ତାହା ଉପରେ ରାଗିଯିବନି, ଆଉ ସେ ସେମିତି ମିଛରେ ତୁମ

ଉପରେ ରାଗେ ମ । ମା' ତୁମକୁ ପେଟ ଭିତରେ ବହୁତ ଭଲପାଏ । କିନ୍ତୁ ଗୋଟିଏ କଥା ମନେରଖିବ ଶିବ - ମୁଁ ତୁମକୁ ଏକଥା କହିଛି ବୋଲି ମୋ ମା'କୁ ମେଟେ କହିବନିଟି । ସେ କହିଛି - ଘରକଥା ଆଦୌ ବାହାରେ କହିବନି, ମୁଁ ଯେମିତି ତା' କଥା ମାନିଛି ଠିକ୍ ସେମିତି ତୁମେ ମୋ କଥା ମାନିବ । ନହେଲେ ମୁଁ ତୁମକୁ ନଈରେ ନେଇ ଫୋପାଡି ଦେବି ..... ସତ କହୁଛି ....., ମୁଁ ତୁମମାନଙ୍କୁ ମୋଟରୁ ଡରେନା .....

ହଠାତ୍ ଏତିକିବେଳେ ରାସ୍ତା ଉପରେ ପଞ୍ଚାଏ କୁକୁର ଏକ ସାଙ୍ଗରେ କଳି କଲାପରି ଭୋ ଭୋ କରି ଭୁକି ଉଠିଲେ ରାତିର ନିସ୍ତବ୍ଧତା ଭଙ୍ଗକରି ଆଉ ସେହି ଭୟାନକ ଶବ୍ଦରେ ଚମକି ପଡି ଗୋଟା ଗୋଟା ଈଶ୍ୱର ଙ୍କୁ ଖପ୍‌ଖପ୍ ଡୋଇଁ ମାଲେ ବୋଲି ଚିତ୍କାର କରି ଅଜୁ ବିଛଣାରେ ଆସି ଲେଉଟି ପଡିଲା । ତା'ର ଦୁର୍ବଳ ହାଡୁଆ ହାତ ମା'ର ଛାତି ଉପରେ ବାଡେଇ ହୋଇଗଲା କିଛି ଶବ୍ଦ ନକରି, ଗଭୀର ନିଦ୍ରାର ଛଳନାକରି କଡ ଲୋଉଟାଇ ପୁଅର ହାଡୁଆ ପିଠିକୁ କୋଳେଇ ନେଲା - ସୁଭଦ୍ରା, ଥରଥର କମ୍ପୁଛି ଅଜୁର ଦେହ ଭିତରେ । ଦଶବର୍ଷର ପିଲା ଈଶ୍ୱର ଙ୍କୁ ଲୁଚେଇ ଡାକୁଛି ମା' ଭୟରେ, ଅଥଚ କୁକୁର ଭୁକାକୁ ତା'ର ଜୀବନ ଭୟ ।

ସୁଭଦ୍ରା - ସନ୍ତପଣରେ ନିଜ ଆଖିର ଲୁହକୁ ପୋଛିବାକୁ ଚେଷ୍ଟାକରି ବିଫଳ ହେଲା । ଆଉ ଯେତେ ଲୁହ ବୋହିବ ବୋହୁ । ଅଜୁ ବାପା ଘରଛାଡି ଗଲାଦିନୁ ପଥର ଆଖି ଏବେ ପ୍ରଥମ ଥର ପାଇଁ ଓଦା ହୋଇଛି ଯେ - ଏ ଲୁହ ସେ ପୋଛିବ ନାହିଁ । କିଏ ଜାଣେ ଖୁସିର ଲୁହ ଝରିବାକୁ ତାକୁ ଆଉ ସୁବିଧା ମିଳିବ କି ନାହିଁ ।

ଝାପ୍‌ସା ଆଲୁଅରେ ମାଟିର ଠାକୁରମାନେ ସୁଭଦ୍ରା ସାମ୍ନାରେ ଜୀବନ୍ୟାସ ପାଇ ଆନନ୍ଦରେ ନାଚୁଥିଲେ ଯେମିତି ।

ବାସ୍ତବିକ୍ ବିଣାପାଣୀ ମହାନ୍ତି ଙ୍କ ଗଳ୍ପ - "ସ୍ୱପ୍ନ" - ବେଶ୍ ଭାବବିହୋଳ ଓ ହୃଦୟସ୍ପର୍ଶୀ ।

ପାଦଟୀକା - "ସ୍ୱପ୍ନ" - ସାହିତ୍ୟିକା - ଅଷ୍ଟମ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ - ଓଡିଶା ସରକାର ।

ସ୍ରଷ୍ଟା ବିଣାପାଣୀ ମହାନ୍ତି ଙ୍କୁ ସୃଷ୍ଟି କରିବାରେ ଆହୁରି ପ୍ରେରଣା ଦେଇଥାଏ, ତାଙ୍କର ପାଠକୀୟ ସ୍ୱୀକୃତି ସହିତ ସମ୍ମାନ ଓ ପୁରସ୍କାର ।

**ଅତିବଡି ଜଗନ୍ନାଥ ଦାସ ସମ୍ମାନ -**

୨୦୨୦ ମସିହାରେ - ବିଣାପାଣୀ ଙ୍କର ସମଗ୍ରିକ ସୃଷ୍ଟିକୁ ନେଇ ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ - "ଅତିବଡି ଜଗନ୍ନାଥ ଦାସ" ସମ୍ମାନ ପ୍ରଦାନ କରାଯାଇଅଛି ।

**ପଦ୍ମଶ୍ରୀ ସମ୍ମାନ -**

ଭାରତ ସରକାର - ବିଣାପାଣୀ ମହାନ୍ତି ଙ୍କ ଶିକ୍ଷା ଓ ସାରସ୍ୱତ କୃତିକୁ ନେଇ ନାଗରିକ ସମ୍ମାନ - "ପଦ୍ମଶ୍ରୀ" ସମ୍ମାନ ପ୍ରଦାନ କରିଅଛନ୍ତି - ୨୦୨୦ ମସିହାରେ ।

**କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର -**

ଗାଳ୍ପିକା ବିଣାପାଣୀ ଙ୍କ "ପାଟଦେଇ" - ଗଳ୍ପକୁ ନେଇ - ଏହି ପୁରସ୍କାର ପ୍ରାପ୍ତ - ୧୯୯୦ ମସିହାରେ ।

**ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର -**

"କସ୍ତୁରୀମୃଗ" ଓ "ସବୁଜ ଅରଣ୍ୟ" ପାଇଁ ବିଣାପାଣୀ ଙ୍କୁ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଅଛି - ୧୯୬୯ ମସିହାରେ ।

ସାରଳା ପୁରସ୍କାର - ୨୦୧୦

ସାହିତ୍ୟ ଭାରତୀ ସମ୍ମାନ - ୨୦୦୧

ଧରିତ୍ରୀ କ୍ଷୁଦ୍ରଗଳ୍ପ ସମ୍ମାନ - ୧୯୮୦

ବୟସର ଅପରାହ୍ନରେ - ସାହିତ୍ୟିକା ବିଣାପାଣୀ ମହାନ୍ତି ମଧ୍ୟ ସାହିତ୍ୟ ସୃଷ୍ଟିରେ ନିମଗ୍ନ ରହିଛନ୍ତି । ମହାପ୍ରଭୁ ଜଗନ୍ନାଥ ଙ୍କୁ ପ୍ରାର୍ଥନା ତାଙ୍କର ଜୀବନ ସୁକୁମିତ ହେଉ ।

# ଓଡିଆ ସାହିତ୍ୟ ର କିମ୍ବଦନ୍ତୀ ପୁରୁଷ
# ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର କିମ୍ବଦନ୍ତୀ ପୁରୁଷ

# ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ସୀତାକାନ୍ତ ମହାପାତ୍ର (ଜନ୍ମ - ୧୭ ସେପ୍ଟେମ୍ବର, ୧୯୩୭)

ଓଡିଆ ଓ ଇଂରାଜୀ ଭାଷା ଓ ସାହିତ୍ୟର ଜଣେ କବି ଓ ସାହିତ୍ୟ ସମାଲୋଚକ । କଟକ ଜିଲ୍ଲାର ମହଙ୍ଗା ଠାରେ ଜନ୍ମ । ଗତକାଲିର ସେହି କୋମଳମତି ଶିଶୁଟି ଯେ ଆଜି ଦେଶ ଓ ଜାତିର ନାମ ରଖିବ, ଏହା କିଏ ବା ଭାବିଥିଲା । ପିଲାଟି ଦିନରୁ ବାପା, ମା'ଙ୍କ ସହିତ ପରିବାର ରେ ବଢି ଜଣେ ମେଧାବୀ ଛାତ୍ର ଭାବରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ରେ ସୁନାମ ଅର୍ଜନ କରି - ଭାରତୀୟ ପ୍ରଶାସନିକ ସେବା (ଆଇ.ଏ.ଏସ୍.) ଅଫିସର ଭାବରେ ୧୯୬୧ ମସିହାରୁ କାର୍ଯ୍ୟ ଆରମ୍ଭକରି ବିଭିନ୍ନ ପଦ ପଦବୀରେ ଆସୀନହେଇ ଲୋକମାନଙ୍କର ସେବାକରି ୧୯୯୫ ମସିହାରେ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ ।

କଲମ ମୁନର ଯାଦୁକାରୀ ସ୍ପର୍ଶ - ସୀତାକାନ୍ତ ଙ୍କୁ ଆଣି ଦେଇଥିଲା - ଅନେକ ପ୍ରସିଦ୍ଧି । ଜଣେ ସାହିତ୍ୟିକ ଭାବରେ ନିଜ ମାତୃଭାଷା ଓଡିଆ ସାହିତ୍ୟ ସହିତ ଇଂରାଜୀ ସାହିତ୍ୟରେ, ସେ ଜଣେ ସାଧକ ଭାବରେ ପ୍ରତିଷ୍ଠିତ ଥିଲେ । ଭାରତ ସରକାର ଙ୍କ ସଂସ୍କୃତି ମନ୍ତ୍ରଣାଳୟ ସଚିବ ପଦବୀରୁ ଅବସର ଗ୍ରହଣକରି ଥିଲେ । ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର - ସେ ସଭାପତି ଭାବରେ କାର୍ଯ୍ୟ କରିଥିଲେ । ଭାରତୀୟ ସାହିତ୍ୟର ସର୍ବୋଚ୍ଚ ସମ୍ମାନ - ଜ୍ଞାନପୀଠ ପୁରସ୍କାର ପାଇବାରେ ସେ ହେଉଛନ୍ତି - ତୃତୀୟ ଓଡିଆ ସାହିତ୍ୟିକ । ଭାରତ ସରକାର ଙ୍କ ଦ୍ୱିତୀୟ ବେସାମରିକ ସମ୍ମାନ - "ପଦ୍ମବିଭୂଷଣ" ଉପାଧି ତାଙ୍କୁ ପ୍ରତିଷ୍ଠା କରାଇଥିଲା ।

ସୀତାକାନ୍ତ - ଜୀବନ ତମାମ ରାଜକୀୟ ପଦବୀ - ପ୍ରଶାସକ ଭାବରେ ଅନେକ ଉନ୍ନତିମୂଳକ ଜନକଲ୍ୟାଣମୁଖୀ କାର୍ଯ୍ୟକ୍ରମ କରିଥିଲେ । ଲୋକମାନଙ୍କର ଦୁଃଖ, ଯନ୍ତ୍ରଣା ଭରା ଅକୁହା କଥାକୁ, ସେ ଜୀବନ୍ତ କରିଥିଲେ ନିଜର ସାରସ୍ୱତ ସୃଷ୍ଟି ମାଧ୍ୟମରେ - ଓଡିଆ ଓ ଇଂରାଜୀ ସାହିତ୍ୟରେ ।

## ସାରସ୍ୱତ ସ୍ରଷ୍ଟା ସୀତାକାନ୍ତ ମହାପାତ୍ର -

ପ୍ରଶାସକ ସୀତାକାନ୍ତ - ସାହିତ୍ୟିକ ଭାବରେ, କବି ଓ ସାହିତ୍ୟ ସମାଲୋଚକ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ତାଙ୍କର ଶ୍ରେଷ୍ଠ ସୃଷ୍ଟି ମଧ୍ୟରେ - "ଶବଦର ଆକାଶ" (୧୯୭୧) ଓ "ସମୁଦ୍ର" (୧୯୭୭), ତାଙ୍କୁ ପ୍ରସିଦ୍ଧ ଆଣି ଦେଇଥିଲା ।

ଓଡିଆ ସାହିତ୍ୟରେ ତାଙ୍କର - କବିତା, ପ୍ରବନ୍ଧ, ଭ୍ରମଣ କାହାଣୀ, ତାଳପତ୍ର ଉପରେ ଲେଖା କରିଥିଲେ ।

## କବିତା -

ଦୀପ୍ତି ଓ ଦ୍ୟୁତି (୧୯୬୩)
ଅଷ୍ଟପଦୀ (୧୯୬୭)
ଶବଦର ଆକାଶ (୧୯୭୧)
ସମୁଦ୍ର (୧୯୭୭)
ଚିତ୍ରନଦୀ (୧୯୭୯)
ଆରଦୃଶ୍ୟ (୧୯୮୧)
ସମୟର ଶେଷନାମ (୧୯୮୪)
କାହାକୁ ପୁଛିବା କୁହ (୧୯୮୭)
ଚଢେଇରେ ତୁ କି ଜାଣୁ (୧୯୯୦)
ଫେରି ଆସିବାର ବେଳ (୧୯୯୧)
ଶ୍ରେଷ୍ଠ କବିତା (୧୯୯୨)
ବର୍ଷା ସକାଳ (୧୯୯୩)
ପାଦଚିହ୍ନ (୧୯୯୬)
ମୃତ୍ୟୁର ଅସୀମ ଧର୍ଯ୍ୟ (୧୯୯୭)
ନିର୍ବାଚିତ କବିତା (୧୯୯୮)
କପଟ ପାସ (୨୦୦୦)
ଅସରନ୍ତି ପିଲାଦିନ, ମଗଦ ଓ ଅନ୍ୟାନ୍ୟ କବିତା (ଅନୁବାଦ କବିତା) - (୨୦୦୧)
ସୂର୍ଯ୍ୟତୃଷ୍ଣା (ଅନୁବାଦ କବିତା) - (୨୦୦୨)
ପ୍ରଦକ୍ଷିଣା (୨୦୦୨)

ଓଡିଆ କାବ୍ୟ ଭଣ୍ଡାରକୁ ଉପରୋକ୍ତ କବିତା ସୃଷ୍ଟି ସୀତାକାନ୍ତ ଙ୍କୁ ଓଡିଆ କବିତା ସାହିତ୍ୟରେ - ଜଣେ ବିଶିଷ୍ଟ କବି ଭାବରେ ପ୍ରତିଷ୍ଠା ଦେଇଅଛି ।

**ପ୍ରବନ୍ଧ -**

ଓଡିଆ ପ୍ରବନ୍ଧ ସାହିତ୍ୟର ବିକାଶପାଇଁ ସୀତାକାନ୍ତ କେତେଗୋଟି ପ୍ରବନ୍ଧ ରଚନାକରି ବେଶ୍ ସୁନାମ ଅର୍ଜନ କରିଥିଲେ ।

ଭିନ୍ନ ଆକାଶ ଭିନ୍ନ ଦୀପ୍ତି (୧୯୭୮)
ନିଶଙ୍ଗ ମଣିଷ (୧୯୮୦)
ଶବ୍ଦ, ସ୍ୱପ୍ନ ଓ ନିର୍ଭୀକତା (୧୯୯୦)
ଅନ୍ଧାର ର ଛୋଟିଚିତ୍ର (୧୯୯୦)
ସମୟର ଆରପାରି (୧୯୯୮)

**ଭ୍ରମଣ କାହାଣୀ -**

ପ୍ରଶାସକ ତଥା ସାହିତ୍ୟିକ ସୀତାକାନ୍ତ ମହାପାତ୍ର - ଅନେକ ସମୟରେ ସରକାରୀ ଓ ବେସରକାରୀ ଗ୍ରସ୍ତରେ ଦେଶ ଓ ବିଦେଶ ରେ ଭ୍ରମଣ କରିଅଛନ୍ତି, ଏହି ସ୍ମୃତିକୁ ନେଇ ଏକ ଭ୍ରମଣ କାହାଣୀ ରଚନା କରିଅଛନ୍ତି ।

"ଅନେକ ଶରତ" (୧୯୮୧)

**ତାଳପତ୍ର ସୃଷ୍ଟି -**

ତାଳପତ୍ର ମାଧ୍ୟମରେ ଏକ ସାରସ୍ୱତ ସୃଷ୍ଟି - "ଉଷାବିଳାସ" ।

**ଇଂରାଜୀ ସାହିତ୍ୟ ସୃଷ୍ଟି -**

ସୀତାକାନ୍ତ ମହାପାତ୍ର - ଜଣେ ଦକ୍ଷଛାତ୍ର ଓ ବୁଦ୍ଧିମତା ଭାବରେ ଓଡିଆ ସାହିତ୍ୟ ସହିତ ଇଂରାଜୀ ସାହିତ୍ୟ ରେ ନିଜର ସାରସ୍ୱତ ସାଧନା କରିଅଛନ୍ତି । ସେ ସୃଷ୍ଟିଗୁଡିକ ହେଲା -

"The Grave of Meaning" (1974)
"Bare foot in two Reality" (1975)
"Gesture's of Intimacy" (1976)
"Bhima Bhoi" (1983)
"Modernisation and Ritual" (1986)
"Tradition of Modern Artist" (1987)
"The Runied Temple and Other Poems" (1996) - (କବିତା ଅନୁବାଦ)
"Mohabharat and Modern Indian Literature" (1988)
"Unending Rhythms" - (ଓଡିଶାର ଆଦିବାସୀ କବିତା ଓ ଅନୁବାଦ)
"Jagannath Dash" (1990)
"Tribal Wall Paintings of Orissa" (1991)

ପ୍ରଭୃତି ଇଂରାଜୀ ସାହିତ୍ୟର ଏକ ଅମୂଲ୍ୟ ସୃଷ୍ଟି, ଯାହାକି ସ୍ରଷ୍ଟା ସୀତାକାନ୍ତ ଙ୍କୁ ଭାରତୀୟ ସାହିତ୍ୟ କାହିଁକି ବିଶ୍ୱ ସାହିତ୍ୟରେ ପରିଚିତ କରାଇ ପାରିଅଛି ।

**ସୀତାକାନ୍ତ ମହାପାତ୍ର ଙ୍କ କବିତା - "ମୁକ୍ତି" :**

ଓଡିଶାର ସମସ୍ତ ପତ୍ରିକା - "କାଦମ୍ବିନୀ" ପକ୍ଷରୁ ଜାତୀୟ ଲେଖକ ସମ୍ମିଳନୀ ଓ କବିତା ପାଠ ଉତ୍ସବରେ ୨୦୧୪ ମସିହାରେ ଜାନୁୟାରୀ ମାସରେ - "କବି, କବିତା ଓ ପ୍ରେମ" ।

ସେଥିରେ ତାଙ୍କର "ମୁକ୍ତି" କବିତା - ସେ ସ୍ୱପାଠ କରିଥିଲେ ।

ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର - ଜଣେ ଖ୍ୟାତି ସମ୍ପର୍ଣ୍ଣ କବି, ପ୍ରାବନ୍ଧିକ ଓ ଅନୁବାଦକ । ସାହିତ୍ୟର ବିଭିନ୍ନ ବିଭାଗରେ ରହିଛି ତାଙ୍କର ସୃଜନ ସ୍ୱାକ୍ଷର । ଉଭୟ ଓଡିଆ ଓ ଇଂରାଜୀ ଭାଷା ସାହିତ୍ୟ ସୃଜନରେ ସିଦ୍ଧିହସ୍ତ, ଏହି କବିଙ୍କ ଜନ୍ମ - କଟକ, ମହଙ୍ଗାରେ ୧୭ ସେପ୍ଟେମ୍ବର, ୧୯୩୭ ମସିହାରେ । ବହୁ କବିତା, ପ୍ରବନ୍ଧ ଓ ଅନୁବାଦ ପୁସ୍ତକର - ସେ ସ୍ରଷ୍ଟା, ଓଡିଆ ସାହିତ୍ୟର ଅବଦାନ ପାଇଁ ଅନେକ ସମ୍ମାନର - ସେ ଅଧିକାରୀ ।

**ସୀତାକାନ୍ତ ଙ୍କ ଦୃଷ୍ଟିରେ ପ୍ରେମ -**

ପ୍ରେମ, ପ୍ରୀତି ବା ପ୍ରଣୟ ମନୁଷ୍ୟର ସହଯାତ ପ୍ରବୃତ୍ତି । ଦେହ, ମନ, ପ୍ରାଣ, ହୃଦୟ ଓ ଆତ୍ମା ଅର୍ଥାତ୍ ମଣିଷର ସକଳ

ସ୍ଥିତିକୁ, ଏହା ଆଚ୍ଛନ୍ନ କରିରଖେ, ଜନ୍ମଠୁଁ ମରଣ ଯାଏଁ ।

ପ୍ରେମ ମା'ର ସ୍ତନଦାୟୀ ସ୍ନେହରୁ ଆରମ୍ଭକରି ପ୍ରେମିକା, ସ୍ତ୍ରୀ, ପଶୁ, ପକ୍ଷୀ, ସକଳ ଜୀବନ୍ତ ସୃଷ୍ଟିକୁ ଟପି ସ୍ୱୟଂ ଭଗବାନ ଙ୍କ ଠାରେ ପହଞ୍ଚେ ।

ଭଗବତ ପ୍ରେମ ହିଁ ସର୍ବଶ୍ରେଷ୍ଠ ପ୍ରେମ ଭାବେ ପରିଗଣିତ ହୁଏ, ଏହା ସର୍ବକୃଷ୍ଟ ସାମନ୍ତରାଳର ମାନବ ପ୍ରେମର ଅନ୍ୟନାମ । ଭଗବାନ ସବୁଘାଟରେ ବିରାଜୁଛନ୍ତି, ତେଣୁ ତାଙ୍କୁ ପ୍ରେମକରି ବା ଅର୍ଥ ସର୍ଭିଙ୍କୁ ପ୍ରେମ କରିବା ।

ପ୍ରେମ ତେଣୁ ଦେହଜ, ଆତ୍ମଜ, ପ୍ରାଣଜ, ପାର୍ଥୀବ ତଥା ଅପାର୍ଥୀବ ଓ ସ୍ୱର୍ଗୀୟ ।

**ସୀତାକାନ୍ତ ଙ୍କ କବିତା - "ମୁକ୍ତି" :**

**(୧)**

ଶୁଆଟିଏ ମୁଁ ଅଗ୍ନାଅଗ୍ନି ବନସ୍ତର
କୁନି ଝିଅର ସାଙ୍ଗଟିଏ
ତା' ଜନ୍ମଦିନରେ ଦେଇଥିଲା ଉପହାର ।
କି ସୁନ୍ଦର ରଙ୍ଗୀନ୍ ପଞ୍ଜୁରୀ
ବିସ୍କୁଟ୍, ଆପଲ, ଡାଳିମ୍ବ କେତେ ଜାତି ଖାଇବା
ମୋ ପାଇଁ
ପଞ୍ଜୁରୀ ପାଖରେ ମେତେ ଅନେଇ ବସି
ତା'ର ବେଳ କଟିଯାଏ, ବେଳେବେଳେ
ଖାଇବା ପିଇବା ବି ଭୁଲିଯାଏ ।

ତାକୁ ଜଣାନାହିଁ ମୁଁ ଝୁରୁଛି ଗଛଡାଳ, ଶୂନ୍ୟ ଆକାଶ
ଯୁଆଡେ ଇଚ୍ଛା ସିଆଡେ ଉଡିଯିବାକୁ ଅଦ୍ୟମ ଅଭିଳାଷ
ବେଶୀ ଡେଣା ମେଲାଇଲେ ଫଡଫଡ ଶବ୍ଦରେ
ମୁଁ ନିଜେ ବି ଡରିଯାଉଛି ।
କିନ୍ତୁ ବିପ୍ଳରୀ ଝିଅଟି ମୋ ଆଖି, ମୋ ଥଣ୍ଟ
ମୋ ରଙ୍ଗ ଗଢଣ ସବୁକୁ ମେତେ ଲାଗେ
ଯେମିତି ପିଇଯାଉଛି ।

ଦିନକର ତା' ବାପା କହିଦେଲେ - ବିଚାରାଟି
କେତେ କଷ୍ଟପାଉଛି । ପଞ୍ଜୁରୀ ଖୋଲିଦେବା
ମାଆ ଦେଖିବୁ କେତେ ଆନନ୍ଦରେ ଉଡିଯିବ
ସେତିକିରେ କାନ୍ଦ ଉଛାଳ ଦେଖି ମେତେ ବି
କାନ୍ଦ ଲାଗିଲା, ମନେମନେ ଭାବିଲି
ସତେ ତ ଏତେ ସ୍ନେହକୁ ଛାଡି
କୁଆଡେ ଉଡିଯିବି କେଉଁ ବନସ୍ତକୁ
କେମିତି ତା' ଆଖିର ଡବଡବ ଲୁହ
ଭୁଲି ପାରିବି !

**(୨)**

ତୁତ୍ ପୋକର ଲାର୍ଭା ମୁଁ କୁତ୍ସିତ, ଘୁଷୁରି ଘୁଷୁରି ଯାଉଛି ।
ଜାଣିନି କାହା ଅଜଣା ଆଦେଶରେ
ମୋରି ଦେହରୁ, ରକ୍ତ ମାଂସରୁ, ସ୍ନାୟୁ ଶିରାରୁ
ସରୁସରୁ ସୂତାକାଢି ନିଜକୁ ବାନ୍ଧିଛି
ଧଳା ଶବଟିଏ ପରି ଝୁଲିଛି ଗଛଡାଳରୁ ।
ମୁଁ ନାହିଁ ଉଭାନ ହେଉଛି,

ଜଣା ନଥିଲା ନିଜ ଗଢ଼ା ଶବଧାରର ପଞ୍ଜୁରୀ
ଦିନେ ହଠାତ୍, ଖୋଲିଯିବ ଆଉ ମୁଁ
ରଙ୍ଗହୀନ ପବନରେ ରଙ୍ଗ ବୋଳିବୋଳି
ଉଡ଼ିଯିବି, ଯୁଆଡେ ମନଚାହେଁ ଉଡ଼ିଯିବି ।

**(୩)**

କିଏ ମେତେ ଏ ସଂସାରକୁ ପଠାଇଛି
କ'ଣ ପାଇଁ? ଭାବି ବସିଲେ ଥଳକୂଳ ପାଏନାହିଁ ।
ବାନ୍ଧି ରଖିଛି ନକ୍ଷତ୍ର ଆକାଶ ସାଙ୍ଗରେ
ନଈ, ବନ୍ଧୁ ପରିଜନ, ମନ୍ଦିର, ଦେବତା
ଜାତି ଜାତି ସୁଖ ଅସୁଖ ସାଥିରେ
ଯନ୍ତ୍ରଣା ଓ ଆନନ୍ଦ ଡୋରିରେ ।

ବେଳେବେଳେ ସବୁ ଡୋରି ଛିଣ୍ଡେଇ
ପଳାଇଯିବାକୁ ଇଚ୍ଛା ହେଉଛି ।
ଯନ୍ତ୍ରଣା ସହି ନହେଲେ, ଛାତିରେ କୋହ ଉଠିଲେ
ଅଜଣା ସେହି ଶକ୍ତିକୁ ମାଗିବସିଛି
ମୋତେ ଛାଡ଼ି ଦେ, ମେତେ ଛାଡ଼ି ଦେ
ଯେଉଁ ଅନ୍ଧାର ଏଇ ଆଲୁଅକୁ ପଠାଇଛୁ
ସେ ଅନ୍ଧାରକୁ ପୁଣି ଫେରେଇନେ ।

ପୁଣି ଦିନଟେ ପରେ ସେ ମାଗୁଣି
ଫେରସ୍ତ ନେଇଛି, ବିଚିତ୍ର ମଣିଛି ନିଜକୁ
ମନ କହିଛି, କୁଆଡେ ଯିବି ମୁଁ
କେଉଁ ଅନ୍ଧାରକୁ, କ'ଣ ପାଇଁ ସଭିଁଙ୍କର
ଏତେ ବନ୍ଧନର ସ୍ନେହକୁ କାଟି
ମେତେ ଚାହିଁ ବସିଛନ୍ତି ନିଶ୍ଚଳ ଆଖିରେ
ଏଇ ଆକାଶ, ଏଇ ପାହାଡ଼, ଏଇ ମାଟି ।

ବାସ୍ତବିକ୍ କବି ସୀତାକାନ୍ତ ମହାପାତ୍ର ଙ୍କ କବିତା - "ମୁକ୍ତ" ବେଶ୍ ହୃଦୟସ୍ପର୍ଶୀ । ପକ୍ଷୀ ଶୁଆଟିଏ ସହିତ ମାନବସତ୍ତା ଓ ପ୍ରେମଭାବକୁ, ସେ ତାଙ୍କ କାବ୍ୟତ୍ୱ ମାଧମରେ ସୂଚାଇଛନ୍ତି । ଆଧୁନିକ କବିତାର ଦଗ୍‌ଦ୍ରଷ୍ଟା ସୀତାକାନ୍ତ ମହାପାତ୍ର - କହିଲେ ଅତ୍ୟୁକ୍ତି ହେବନାହିଁ ।

**<u>ସୀତାକାନ୍ତ ମହାପାତ୍ର ଙ୍କ ଭ୍ରମଣ କାହାଣୀ - "ଅନେକ ଶରତ" :</u>**

"ଅନେକ ଶରତ" - ସୀତାକାନ୍ତ ମହାପାତ୍ର ଙ୍କ ଭ୍ରମଣ କାହାଣୀ ଅଟେ । ଜଣେ ପ୍ରଶାସକ ଓ ସାହିତ୍ୟିକ ଭାବରେ ସୀତାକାନ୍ତ ସରକାରୀ ଓ ବେସରକାରୀ ସ୍ତରରେ ଦେଶ ଓ ବିଦେଶ ଭ୍ରମଣ କରିଛନ୍ତି । ତାଙ୍କ ସ୍ମୃତିର କଲମ ଚାଳନା ତାଙ୍କ ଭ୍ରମଣ କାହାଣୀ

ସୀତାକାନ୍ତ - ସୋଭିଏତ୍ ୟୁନିୟନ୍, ଯୁଗୋସ୍ଲୋଭିୟା ଓ ରୁମାନ୍ ପରିଭ୍ରମଣର ଏକ କାବ୍ୟିକ ଆଲେଖ । ଏହି ଭ୍ରମଣ କାହାଣୀ - "ଅନେକ ଶରତ" - ଆମ ଓଡ଼ିଆ ଭାଷା ବ୍ୟତିରକେ ଅନ୍ୟାନ୍ୟ ଭାରତୀୟ ଭାଷାରେ ମଧ୍ୟ ଅନୁବାଦିତ ହୋଇଅଛି ।

**<u>ପୁସ୍ତକର ସମୀକ୍ଷା -</u>**

ପାଶ୍ଚାତ୍ୟ ସାହିତ୍ୟ ଓ ସଂସ୍କୃତି ସହ ଗଭୀର ଭାବେ ପରିଚିତ ସୀତାକାନ୍ତ ମହାପାତ୍ର - କବିର ଆଖ୍ୟାନେଇ ଏଇ ତିନୋଟି ପୂର୍ବ ୟୁରୋପୀୟ ଦେଶର ସମାଜ, ଚଳନି, ସଂସ୍କୃତି ଓ କବିତା ଇତ୍ୟାଦିକୁ ଦେଖିଛନ୍ତି । ତାଙ୍କର ଗଭୀର ବିଶ୍ଲେଷଣାତ୍ମକ ଦୃଷ୍ଟିଭଙ୍ଗୀ ସୃଜନଶୀଳ ଆଭିମୁଖ୍ୟ ଓ କବି ସୁଲଭ ଆତ୍ମନିରୀକ୍ଷଣ ବହିଟିର ପ୍ରତିଟି ପୃଷ୍ଠାରେ ପ୍ରତିଫଳିତ ।

ଏଥିରେ ଆମେ ଭେଟୁ ରେନସାଁର ପ୍ରଥମ ଅଭ୍ୟାସ ରୂପେ ମାସ୍ରିଡୋନିଆର ପାନ୍ତ ଲେଜମନର ଚମତ୍କାର ଫ୍ରେସ୍କୋ ଙ୍କୁ, ରେମନିଆର ରାଜଧାନୀ, ପୂର୍ବ ଇଉରୋପର ପ୍ୟାରିସ୍ ଭାବେ ଖ୍ୟାତ ବୁକୁରେଷ୍ଟିକୁ ତଥା ରେମାନିଆର ରିଭିଏରାକୁ ଆମେ ଭେଟୁ

କକେସସ୍ ପର୍ବତମାଳା ଓ ସାଇବେରିଆର ଅନ୍ତହୀନ ବିସ୍ତୃତିର ପୃଥିବୀର ଗଭୀରତମ ବୈକାଲ ହ୍ରଦକୁ ଓ ଇରକୁଟସ୍କ ସହରକୁ । ଭେଟୁ ସଂସ୍କୃତିର ପ୍ରାଣକେନ୍ଦ୍ର ଲେନିନ୍ଗ୍ରାଡରେ ଜରାଙ୍କ କାରାଗାର ରେ ବନ୍ଦୀ ଦସ୍ତାଭିଜଙ୍କ ପାଦର ଶିକୁଳିକୁ, ଦରବାରୀ ସଂଘାତରେ ମରି ଶୋଇଥିବା ପୁସ୍କିନ୍ ଓ ଲେର୍ ମାଣ୍ଟୋଭ କୁ ।

ବାସ୍ତବିକ୍ ସୀତାକାନ୍ତ ଙ୍କ "ଭ୍ରମଣ କାହାଣୀ" ବେଶ୍ ଚିତ୍ତାକର୍ଷକ ।

ସାହିତ୍ୟିକ ସୀତାକାନ୍ତ - ନିଜର ସୃଜନୀ ଜୀବନରେ ଅନେକ ସମ୍ମାନ ତାଙ୍କୁ ଆଣିଦେଇଛି, ତାଙ୍କର ଖ୍ୟାତି ।

## ଭାରତୀୟ ଜ୍ଞାନପୀଠ ପୁରସ୍କାର -

ଭାରତୀୟ ଜ୍ଞାନପୀଠ - ଭାରତର ଏକ ପ୍ରମୁଖ ସାହିତ୍ୟ ଓ ଗବେଷଣା ସଂସ୍ଥା । ଏହା ୧୮ ଫେବୃୟାରୀ, ୧୯୪୪ ମସିହାରେ ସାହୁ ଶାନ୍ତି ପ୍ରସାଦ ଜୈନଙ୍କ ଦ୍ୱାରା ସ୍ଥାପିତ ହେଇଥିଲା ।

ଜୀବନବ୍ୟାପି ସାହିତ୍ୟ ସର୍ଜନା ପାଇଁ ସୀତାକାନ୍ତ ଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟ ସମ୍ମାନ - "ଜ୍ଞାନପୀଠ ପୁରସ୍କାର" (୧୯୯୩) ମସିହାରେ ମିଳିଥିଲା ।

## ସାରଳା ପୁରସ୍କାର -

ଆଦିକବି ସାରଳା ଦାସଙ୍କ ନାମରେ ନାମିତ ଏହି ପୁରସ୍କାର - ଓଡ଼ିଆ ଭାଷା ଓ ସାହିତ୍ୟ କୁ ଉଲ୍ଲେଖନୀୟ ଅବଦାନ ପାଇଁ ଦିଆଯାଇଥାଏ । ଓଡ଼ିଆ ଶିଳ୍ପପତି ବଂଶୀଧର ପଣ୍ଡା ଓ ଇଲା ପଣ୍ଡା ଙ୍କ ଦ୍ୱାରା ପ୍ରତିଷ୍ଠିତ "ସାରଳା ପୁରସ୍କାର" - ଇମ୍ପାକ୍ଟ ଗ୍ରୁପ୍ ଦ୍ୱାରା ପ୍ରଦାନ କରାଯାଉଅଛି ।

ସୀତାକାନ୍ତ ଙ୍କ "ଆରଦୃଶ୍ୟ" - ପୁସ୍ତକ ପାଇଁ ୧୯୮୫ ମସିହାରେ ଏହି ପୁରସ୍କାର ଦିଆଯାଇଥିଲା ।

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର - ସୀତାକାନ୍ତ ଙ୍କ "ଅଷ୍ଟପଦୀ" - ପୁସ୍ତକ ପାଇଁ ୧୯୭୧ ରେ ପ୍ରଦାନ କରାଯାଇଥିଲା

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର - ସୀତାକାନ୍ତ ଙ୍କୁ ତାଙ୍କ ପୁସ୍ତକ -

"ଶବଦର ଆକାଶ" ପାଇଁ ୧୯୭୪ ମସିହାରେ ପ୍ରଦାନ କରାଯାଇଥିଲା ।

ସୋକ ବିଶ୍ୱବିଦ୍ୟାଳୟ, ଟୋକିଓ ର ସର୍ବୋଚ୍ଚ ସମ୍ମାନ - ୨୦୦୧ ରେ ସୀତାକାନ୍ତ ଙ୍କୁ ମିଳିଥିଲା ।

ପିପୁଲ ଅଫ୍ ଦି ଇୟର (୨୦୧୫) ଲିମକା ବୁକ୍ ଅଫ୍ ରେକର୍ଡରେ ୨୬ତମ ସଂସ୍କରଣରେ - ଭାରତୀୟ ସାହିତ୍ୟକୁ ଅବଦାନ ପାଇଁ ସ୍ଥାନ ପାଇଥିବା ୧୫ ଜଣ ଭାରତୀୟ ସାହିତ୍ୟିକ ଙ୍କ ମଧ୍ୟରୁ ସୀତାକାନ୍ତ ଥିଲେ ଜଣେ ।

୨୦୧୦ ମସିହାରେ - "ସାହିତ୍ୟ ଭାରତୀ" ସମ୍ମାନ - ସୀତାକାନ୍ତ ଙ୍କୁ ମିଳିଥିଲା ।

ଓଡ଼ିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସର୍ବଶ୍ରେଷ୍ଠ ସମ୍ମାନ - "ଉତ୍କଳରତ୍ନ" -

ସୀତାକାନ୍ତ ଙ୍କୁ ୨୦୧୯ ମସିହାରେ ମିଳିଥିଲା ।

## ସୀତାକାନ୍ତ ଓ ପଦପଦବୀ -

ଅନେକ ପଦ ଓ ପଦବୀରେ ସୀତାକାନ୍ତ ମହାପାତ୍ର ଅଧିଷ୍ଠିତ ହୋଇ - ନିଜର କର୍ମପ୍ରେରଣା ଦ୍ୱାରା, ସେ ପଦବୀର ଗାରିମା ମଣ୍ଡନ କରିଛନ୍ତି ।

ସେକ୍ରେଟାରୀ - ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର

ପ୍ରେସିଡେଣ୍ଟ - ଇଉନେସ୍କୋର ଶତକ ବ୍ୟାପି ସାଂସ୍କୃତିକ ବିକାଶ (୧୯୯୪-୧୯୯୬)

ଇଣ୍ଟରନ୍ୟାସନାଲ ଏକାଡେମୀ ଅଫ୍ ପଟେସ୍ - କ୍ୟାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ - ସମ୍ମାନନୀୟ କର୍ତ୍ତା

ଭାରତ ସରକାର ଙ୍କ ନ୍ୟାସନାଲ ବୁକ୍ ଟ୍ରଷ୍ଟର ସଭାପତି

ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ।

ବାସ୍ତବିକ୍ ସୀତାକାନ୍ତ ମହାପାତ୍ର - ଜଣେ ବ୍ୟକ୍ତି ନଥିଲେ ଜଣେ ଅନୁଷ୍ଠାନ ଥିଲେ, ଓଡ଼ିଶାର ନୁହେଁ, ଭାରତ ମାତାର ଜଣେ ଯୋଗ୍ୟସନ୍ତାନ । ଓଡ଼ିଆ ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱ ସାହିତ୍ୟର, ସେ ଜଣେ କିମ୍ବଦନ୍ତୀ ସ୍ରଷ୍ଟା । ତାଙ୍କର ଜୀବନ ସୁରଖୁର ରେ କଟିଥାଉ, ମହାପ୍ରଭୁ ଜଗନ୍ନାଥ ଙ୍କୁ ଏତିକି ପ୍ରାର୍ଥନା ।

# ଓଡିଆ ସାହିତ୍ୟ ର ଦିଗ୍‌ଗଜ ସ୍ରଷ୍ଟା
# କଥାକାର ବିଭୁତି ପଟ୍ଟନାୟକ

ପ୍ରଫେସର ଡକ୍ଟର ସୁବାଷ ନାୟକ

## ଓଡିଆ ସାହିତ୍ୟ ର ଦିଗ୍‌ଗଜ ସ୍ରଷ୍ଟା

## କଥାକାର ବିଭୁତି ପଟ୍ଟନାୟକ

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ବିଭୁତି ପଟ୍ଟନାୟକ (ଜନ୍ମ - ୨୫ ଅକ୍ଟୋବର, ୧୯୩୭)

ଓଡିଆ ଭାଷା ଓ ସାହିତ୍ୟ ର ଜଣେ ଅଧାପକ । (୧୯୭୦-୧୯୯୫) ପର୍ଯ୍ୟନ୍ତ ତାଙ୍କର ଅଧ୍ୟପକତ୍ୱ ଜୀବନ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ସାହିତ୍ୟିକ, ଜଣେ ପ୍ରତିଷ୍ଠିତ ଔପନ୍ୟାସିକ । ୧୫୦ ଉର୍ଦ୍ଧ୍ୱ ଉପନ୍ୟାସ, ଗଳ୍ପ, ସମାଲୋଚନା ଓ ଭ୍ରମଣ କାହାଣୀ ପୁସ୍ତକ ରଚନା ହୋଇ ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିପାରିଅଛି ।

ଜଗତ୍‌ସିଂହପୁର ଜିଲ୍ଲାରେ ଜନ୍ମିତ - ବିଭୁତି ଉଚ୍ଚଶିକ୍ଷା ପରେ ଜଣେ ଅଧାପକ ଭାବରେ କର୍ମମୟ ଜୀବନରେ ଖୁବ୍ ଛାତ୍ରବତ୍ସଳ ହୋଇ ପାରିଥିଲେ । ଓଡିଆ ଭାଷା ଓ ସାହିତ୍ୟ ର ଜଣେ ଅଧାପକ ଭାବରେ ଆମ ପ୍ରଦେଶ ଓଡିଶାରେ ସୁନାମ ଅର୍ଜନ କରିପାରିଥିଲେ । ଓଡିଆ ସାହିତ୍ୟର ଅଧାପକ ହୋଇଥିବାରୁ ଓଡିଆ ସାହିତ୍ୟର ବିକାଶ କରିବା ଦିଗରେ ତାଙ୍କର ପ୍ରଚେଷ୍ଟାକୁ, ସେ ସହଜରେ କାର୍ଯ୍ୟକାରୀ କରାଇ ପାରିଥିଲେ । ଶହସ୍ରାଧିକ ସାହିତ୍ୟ ପୁସ୍ତକ ରଚନାକରି ଓଡିଆ ସାହିତ୍ୟକୁ ସମୃଦ୍ଧ କରିପାରିଅଛନ୍ତି । ତାଙ୍କ ଉଚ୍ଚକୋଟୀର ଶିକ୍ଷାଦାନ ଦ୍ୱାରା ଅନେକ ଶିକ୍ଷାର୍ଥୀ ଆଜି ସମାଜରେ ବିଭିନ୍ନ ପଦ ଓ ପଦବୀରେ ଅଧିଷ୍ଠିତ ।

### ବିଭୁତି ପଟ୍ଟନାୟକ ଙ୍କ ସାହିତ୍ୟ ସର୍ଜନା -

ଓଡିଆ ସାହିତ୍ୟରେ କଲମ ଚାଳନା କରି ବିଭୁତି ସାରସ୍ୱତ ସୃଷ୍ଟିର ସ୍ରଷ୍ଟା ଭାବରେ ଏକ ଗୌରବମୟ ଆସନରେ ଅଧିଷ୍ଠିତ । ବିଶେଷତଃ ଓଡିଆ ସାହିତ୍ୟରେ ଜଣେ ବିଶିଷ୍ଟ ଔପନ୍ୟାସିକ ଭାବରେ ପରିଚିତ ।

### ଉପନ୍ୟାସ -

ଶେଷ ବସନ୍ତ
ଅଭିମାନ
ପରପୁରୁଷ
ଓଦା ମାଟିର ସ୍ୱର୍ଗ
ରଙ୍ଗନଟି
ଚପଳଛନ୍ଦା
ଉଜାଣି ଯମୁନା
ଅଶ୍ୱମେଧର ଘୋଡା (ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)
ପ୍ରେମିକା
ବଧୂ ନିରୁପମା
ନଷ୍ଟ ଚରିତ୍ର
ନାୟିକାର ନାମ ଶ୍ରାବଣୀ
ପାପପୂଣ୍ୟ
ନଗରୀ ର ନୀଳପରୀ
ବନ୍ଦୀ ଯାଯାବର
ମାୟାବୀ ହୃଦୟ
ରାଣୀ ମହୁମାଛି
ଶେଷ ଅଭିନୟ
ଶେଷ ରାତ୍ରିର ସୂର୍ଯ୍ୟ
ପ୍ରେମ ଓ ପୃଥିବୀ
ଧୂଳିଘର

ଆଦି ଉପନ୍ୟାସ - ଓଡିଆ ଉପନ୍ୟାସ ସାହିତ୍ୟ କାହିଁକି ଭାରତୀୟ ଉପନ୍ୟାସ ସାହିତ୍ୟରେ ଗୋଟିଏ ଗୋଟିଏ ଅମୂଲ୍ୟରନ୍ କହିଲେ ଅତ୍ୟୁକ୍ତି ହେବନାହିଁ ।

### ଗଳ୍ପ -

ଔପନ୍ୟାସିକ ବିଭୁତି ପଟ୍ଟନାୟକ ମଧ ଜଣେ ଗାଳ୍ପିକ ଭାବରେ ସିଦ୍ଧିହସ୍ତ । ଅନେକ ଗୁଡିଏ ଗଳ୍ପ ରଚନାକରି

ଗାଳ୍ପିକ ବିଭୁତି - ସମ୍ମାନ ଓ ପୁରସ୍କାର ର ଅଧିକାରୀ ହେବାସହ ପାଠକୀୟ ଆଦୃତି ଲାଭ କରିଅଛି - ତାଙ୍କ ସୃଷ୍ଟି ।

ମହିଷାସୁର ର ମୁହଁ (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ)
ମନ ଭଲନାହିଁ
ରାଜକନ୍ୟାର ଦୁଃଖ
କେତେ ଯେ ବସନ୍ତ ସତେ
ଜୀବନର ଜଟିଳତା
ନିର୍ବାଚିତ ଗଳ୍ପ
କଳିକାଳ
ଛବିର ମଣିଷ

**ଭ୍ରମଣ କାହାଣୀ -**

ବିଭୁତି ପଟ୍ଟନାୟକ ନିଜେ ଅନେକ ସ୍ଥାନ ଭ୍ରମଣକରି ସେଠିକାର ଅନୁଭୂତିକୁ ନିଜର ସୃଜନୀ ମାଧ୍ୟମରେ ଭ୍ରମଣ କାହାଣୀ ରଚନା କରିଅଛନ୍ତି ।

ଦ୍ୱାରିକା ଦର୍ଶନ
ତୀରେ ତୀରେ ତୀର୍ଥ
ବାଇଓଗ୍ରାଫି ମହାତ୍ମା
ଜନନାୟକ

**ସମାଲୋଚନା -**

ଅଧ୍ୟାପକ ବିଭୁତି ପଟ୍ଟନାୟକ - ଓଡିଆ ସାହିତ୍ୟର ଜଣେ ସାହିତ୍ୟ ସମାଲୋଚକ ଭାବରେ କାଳଜୟୀ ସୃଷ୍ଟି ରଚନାକରି ଓଡିଆ ସମାଲୋଚନା ସାହିତ୍ୟରେ ନିଜର ସ୍ୱାକ୍ଷର ଛାଡିଛନ୍ତି ।

ଓଡିଆ ଉପନ୍ୟାସ ସମାଜ ତାତ୍ତ୍ୱିକ ରୂପରେଖ
ସାମ୍ପ୍ରତିକ ସାହିତ୍ୟ

**ପତ୍ରିକା ସମ୍ପାଦନା -**

ବିଭୁତି ପଟ୍ଟନାୟକ - ଜଣେ ସମ୍ପାଦକ ଭାବରେ ବିଭିନ୍ନ ପତ୍ରିକା ରଚନା କରିଅଛନ୍ତି । ସେ ପତ୍ରିକା ତାଙ୍କୁ ଜଣେ ସାରସ୍ୱତ ପୁରୁଷ ଭାବରେ ଅଭିହିତ କରିଅଛି । ଅନେକ ପ୍ରବୀଣ ଓ ନବୀନ ଙ୍କ ସାହିତ୍ୟିକ ଙ୍କ ସୃଷ୍ଟି, ସେ ପତ୍ରିକା ଗୁଡିକରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ନବରବି
ଆସନ୍ତାକାଲି
ଗଳ୍ପ
କୃଷକ

**ଗ୍ରନ୍ଥ -**

ଜଣେ ଗ୍ରନ୍ଥକାର ଭାବରେ ବିଭୁତି ପଟ୍ଟନାୟକ ମଧ୍ୟ ଓଡିଆ ସାହିତ୍ୟର ଜଣେ ସ୍ରଷ୍ଟା ।

"ସାହିତ୍ୟର ସୂଚୀପତ୍ର" -

ଗ୍ରନ୍ଥଟି ତାଙ୍କର ଏକ ଅମୂଲ୍ୟ ସୃଷ୍ଟି ।

**ବିଭୁତି ପଟ୍ଟନାୟକ ଙ୍କ ଗଳ୍ପ - "ସତୀତ୍ୱ" :**

ଓଡିଶାର ସର୍ବାଧିକ ଲୋକପ୍ରିୟ କଥାକାରଙ୍କ ଭିତରେ ବିଭୁତି ପଟ୍ଟନାୟକ ଜଣେ । ପାଠକ ଙ୍କ ପାଇଁ ତାଙ୍କର ପରିଚିତ ଅନାବଶ୍ୟକ ଜଣେ ପୂର୍ଣ୍ଣାଙ୍ଗ କଥା କାରିଗର ସେ । ତାଙ୍କ ତମାମ ଜୀବନରେ ତାଙ୍କ ହାତ ଛୁଇଁଥିବା ସବୁ ବସ୍ତୁ-ଉପବସ୍ତୁ, ତାଙ୍କ ପାଦ ଛୁଇଁଥିବା ସବୁ ଗୋଡିମାଟି, ତାଙ୍କ ନାକ ଶୋଷିଥିବା ସବୁ ଅମ୍ଳଜାନ, ତାଙ୍କ କଥା ଜଗତର ଗୋଟିଏ ଗୋଟିଏ ଉପାଦାନ । ତାଙ୍କ କଲମ କାମ ଏବେ ବି ଅବ୍ୟାହତ, ତାଙ୍କ କମଲ ନିହାଣର ଟୁକ୍‌ଟାକ୍ ଏବେ ବି ସାହିତ୍ୟର କାନ୍ଥବାଡରୁ ପ୍ରତିନିଧିତ୍ୱ ହୁଏ ।

ନାରୀ ଆଉ ପ୍ରେମ ତାଙ୍କ ସୃଷ୍ଟିରେ ପାଇଛନ୍ତି - ଏକ ଅତୀନ୍ଦ୍ରିୟ ଆସ୍ଥାନ । ଦେହ-ବିଦେହ, ସ୍ୱକୀୟ-ପରକୀୟ ଉପରେ ଏମାନଙ୍କ କୋଳି ବିଚରଣ ପାଠକ ଙ୍କୁ ରୋମାଞ୍ଚିତ କରିଥାଏ । ସେ ଦେଢଶହରୁ ଉର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା । ଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ, ସମାଲୋଚନା ଆଦି ପୁସ୍ତକ, ଏଥିରେ ସାମିଲ ରହିଅଛି ।

ଗଳ୍ପ - "ସତୀତ୍ୱ" ର ପୃଷ୍ଠଭୂମି - ଆମ ପୁରୁଣା ସମୟର ମାତ୍ର ଯୁଗଭିତ୍ତିରେ ଯୁଗପୋଯୋଗୀ, ଧର୍ମ, ସମାଜ, ଅନ୍ଧବିଶ୍ୱାସ,

କିଭଳି ନାରୀର ମାନସିକତାକୁ ଆକ୍ରମଣ କରେ ତା'ର ଏକ ନିଚ୍ଛକ ପ୍ରତିଫଳନ ରହିଛି - "ସତୀତ୍ୱ" ଗଳ୍ପରେ । ସତୀ, ସତୀତ୍ୱ, ସତୀପଣ - ଏ ସବୁର ଅର୍ଥ ଆମ ସମାଜ ସଠିକ୍ ଭାବରେ ଗ୍ରହଣ କରିପାରିନାହିଁ, ଯେଉଁ ଅର୍ଥକୁ ଗ୍ରହଣ କରିଛି (ତିଆରି କରିଛି ବୋଲି ବି କହିପାରିବା) ତାହା ଆମ ସମାଜର ଅଗ୍ରଗତି ପାଇଁ ନିତାନ୍ତ ଅନାବଶ୍ୟକ ଓ ବର୍ଜନୀୟ ମଧ୍ୟ । "ସତୀତ୍ୱ" ଗଳ୍ପ - ଏହି କଥାକୁ କଥାଣୀ ଶୈଳୀରେ ଉପସ୍ଥାପନା କରିଅଛି ।

ବହି ପୁରୁଣା ହେଲେ ତା'ର ଦାମ୍ ବଢେ କିନ୍ତୁ ବୋହୂ ପୁରୁଣା ହେଲେ ତା'ର ଦାମ୍ କମେ ଠିକ୍ ନୁହେଁ ।

ଜରାଜୀର୍ଣ୍ଣ ପୁସ୍ତକରୁ ନିଜର ଦୃଷ୍ଟି ଉତ୍ତୋଳନ କରି ଗବେଷକ - ସୀତାକାନ୍ତ, ନିଜର ବର୍ଷିୟସୀ ପତ୍ନୀର ମୁହଁକୁ ଚାହିଁଲେ ।

ସୌଦାମିନୀ ଙ୍କ ମୁହଁରେ ଭାଙ୍ଗପଡେ, ମାଂସପେଶୀ ହୁଗୁଳା ହୋଇଯାଏ । ବହି ପୁରୁଣା ହେଲେ ତା'ର ରଙ୍ଗ ହଳଦିଆ ବର୍ଣ୍ଣ ଧାରଣ କରେ, ପୃଷ୍ଠା ଛାଡିଛାଡି ଯାଏ । ଆଉ ଯେଉଁ ବହି ବର୍ତ୍ତମାନ ପଢୁଛନ୍ତି ବହୁକଷ୍ଟରେ, ସେ ବହିଟିର ସବୁ ପୃଷ୍ଠାରେ - ଘୁଣପୋକର ଫୁଟାଦାଗ ।

ସୌଦାମିନୀ ପ୍ରସଙ୍ଗ ପରିବର୍ତ୍ତନ କଲେ,

କେବେ ରାତିହେବ, ରୁଟି ଶୁଖିକାଠ, କ୍ଷୀର ଦୁଇଥର ଗରମକରି ରଖିଲାଣି ଥଣ୍ଡା ହୋଇଗଲାଣି । ଥଣ୍ଡାକ୍ଷୀର ଥୁଥୁ କରି ଢାଳିଦେବ ପତ୍ନୀଙ୍କ କଣ୍ଠରେ ଏଥର ଅନୁଯୋଗର ଉତ୍ତାପ ସଞ୍ଚରଣ ହେଲା ।

ସୀତାକାନ୍ତ - ସେତେବେଳେ ଯାଏଁ ସୁଦ୍ଧା ସ୍ତ୍ରୀଙ୍କ ସେହି ପ୍ରଥମ କଥା ଭାବୁଛନ୍ତି, ପୁରୁଣା ବହି ଆଉ ପୌଢାପତ୍ନୀ ମଧ୍ୟରେ କି ଚମତ୍କାର ମେଳନ ?

ଅଥଚ ଏଭଳି ଧାରଣାର ଗର୍ଭଧାରଣା ହେବାପାଇଁ ସୌଦାମିନୀ ଙ୍କର ଶିକ୍ଷାଗତ ଯୋଗ୍ୟତା ? ଗବେଷକ ସୀତାକାନ୍ତ - ନିଜମନକୁ ନିଜେ ବୁଝାଇଲେ, ନାରୀ ପାଠ ନପଢି ସୁଦ୍ଧା ଯେପରି ଜନନୀ ହୋଇପାରେ, ବିନା ଶିକ୍ଷାରେ ମଧ୍ୟ ସେହିଭଳି ନୂଆନୂଆ ଚିନ୍ତାର ଜନ୍ମଦାତ୍ରୀ ହୋଇପାରେ ।

ସୀତାକାନ୍ତ ଙ୍କ ବୟସ ହୋଇଯାଇଛି, କିନ୍ତୁ ଗବେଷଣା କାର୍ଯ୍ୟରୁ ସେ ନିବୃତ ହୋଇନାହାଁନ୍ତି । ଜୀବନଟା ସାରା ପିଲାଙ୍କୁ ଇତିହାସ ପଢାଇ ପଢାଇ ବିତିଗଲା । ଇତିହାସ ଗବେଷଣା ବାକି ରହିଥିଲା - ବାର୍ଦ୍ଧକ୍ୟ ପାଇଁ ।

ଆଖିର ଦୃଷ୍ଟିଶକ୍ତି କମ୍ ଆସିଛି, ଖୁବ୍ ମୋଟା ଲେନ୍ସର ଚଷମା ପିନ୍ଧୁଛନ୍ତି - ସୀତାକାନ୍ତ । ଚଷମା କାଚର ଶକ୍ତି ଜରିଆରେ ଅତୀତର ସାମାଜିକ ପୃଷ୍ଠଭୂମିରେ, ସେ ଓଡିଆ ନାରୀର ଚାରିତ୍ରିକ ବୈଶିଷ୍ଟ୍ୟ ବୁଝିବାକୁ ଚେଷ୍ଟା କରୁଛନ୍ତି ।

ଯେଉଁ ପ୍ରାଚୀନ ଗ୍ରନ୍ଥଟି ଏଇ କେତେଦିନ ହେଲା ତାଙ୍କ ଆଖିରୁ ନିଦ୍ରା ଅପହରଣ କରିନେଇଛି, ସେଇଟି ହେଉଛି - ଇଂରେଜ ଶାସନ ପ୍ରାକ୍ କାଳରେ ଜଣେ ଓଡିଆ ରମଣୀର ଆତ୍ମଜୀବନୀ । ବହିଟି କିପରି ଭାବରେ ତାଙ୍କ ହାତକୁ ଆସିଥିଲା, ସେ କଥା ତାଙ୍କର ସ୍ମରଣ ନାହିଁ, କିନ୍ତୁ ବହିଟିର ଛପା ତାରିଖ ଦେଖି ଖୁବ୍ ଉଲ୍ଲସିତ ହୋଇ ଉଠିଥିଲେ - ବହିଟି ତାଙ୍କର ମନଯୋଗ ଆକର୍ଷଣ କରିଥିଲା

ଭଦ୍ର ମହିଳାଙ୍କ ବାପା - ବାଲେଶ୍ୱର ଖ୍ରୀଷ୍ଟିଆନ୍, ମିଶନାରୀ ର ଜଣେ ପ୍ରଚାରକ ଥିଲେ, ଯେଉଁ ଅଳ୍ପ କେତେଜଣ ସେତେବେଳେ ପ୍ରଭୁ ଯୀଶୁଖ୍ରୀଷ୍ଟ ଙ୍କୁ ଜଗତର ତ୍ରାଣକର୍ତ୍ତା ବୋଲି ଗ୍ରହଣକରି ବାଲେଶ୍ୱର ରୁ ହିନ୍ଦୁଧର୍ମ ତ୍ୟାଗ କରିଥିଲେ - ଭଦ୍ର ମହିଳାଙ୍କ ଜନକ ନିଶାକର ରାଉତ ଥିଲେ - ସେମାନଙ୍କ ମଧ୍ୟରେ ଅନ୍ୟତମ ।

କିନ୍ତୁ ନିଶାକର - ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିଲେ ସୁଦ୍ଧା, ମା' - ରମାସୁନ୍ଦରୀ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଥିଲେ - ନୈଷ୍ଠିକ ହିନ୍ଦୁ । ପାଞ୍ଚବର୍ଷର କନ୍ୟା - ସ୍ୱର୍ଣ୍ଣଲତା କୁ ସାଙ୍ଗରେ ଧରି ସେ ବାପା ଘରକୁ ଚାଲି ଯାଇଥିଲେ ।

ସ୍ୱର୍ଣ୍ଣଲତା - ବାଲେଶ୍ୱର ର ବାଳିକା ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ବାପା - ନିଶାକର ତା' ସହିତ ନିୟମିତ ଦେଖା କରୁଥିଲେ ।

ବାପା ଓ ଝିଅ ଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ଥିଲା - ଅସାରତ ହିନ୍ଦୁଧର୍ମର ଓ ଖ୍ରୀଷ୍ଟଧର୍ମର ମହତ୍ତ୍ୱ ପ୍ରତିପାଦନ ।

ସ୍ୱର୍ଣ୍ଣଲତା - ଖ୍ରୀଷ୍ଟଧର୍ମକୁ ଅସ୍ୱୀକାର କରୁନଥିଲେ ମଧ୍ୟ ହିନ୍ଦୁଧର୍ମ ତ୍ୟାଗ କରିବାକୁ ରାଜି ହେଉନଥିଲେ ।

ଶେଷରେ ଧର୍ମତତ୍ତ୍ୱ ଛାଡି ନିଶାକର - ଝିଅକୁ ଖ୍ରୀଷ୍ଟଧର୍ମର ଅର୍ଥତତ୍ତ୍ୱ ବୁଝାଉଥିଲେ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଲେ - ମିଶନାରୀ କଲିକତାରେ ତା'ର ପଢାଖର୍ଚ୍ଚ ବହନ କରିବେ ଏବଂ ସେ ବଡଏକ ସରକାରୀ ଚାକିରୀ ଲାଭକରି ପିତା ଓ ଜନ୍ମଭୂମିର ମୁଖ ଉଜ୍ଜ୍ୱଳ କରିବ, ଏହିଭଳି ଯୁକ୍ତିଥିଲା - ନିଶାକର ଙ୍କର ।

କିନ୍ତୁ ମା' - ରମାସୁନ୍ଦରୀ ଙ୍କ ପ୍ରଭାବ ଯୋଗୁଁ ଶେଷ ପର୍ଯ୍ୟନ୍ତ ଝିଅ - ସ୍ୱର୍ଣ୍ଣଲତା ଖ୍ରୀଷ୍ଟଧର୍ମ ଗ୍ରହଣ କରିନଥିଲେ ।

ତା'ପରେ ଓଡିଶାରେ ପ୍ରତିଷ୍ଠିତ ହେଲା - ଇଂରେଜ ଶାସନ । ଜଣେ ନିମକମାହାଲ ସ୍ଥିରସ୍ତାବର - ମଦନମୋହନ ଦାସଙ୍କ ସହିତ ସ୍ୱର୍ଣ୍ଣଲତା ଙ୍କ ବିବାହ ହୋଇଥିଲା ।

ତା' ପରବର୍ତ୍ତୀ କେତେପୃଷ୍ଠା ଛିଡିଯାଇଛି - ସୀତାକାନ୍ତ ପୃଷ୍ଠା ମିଳାଇ ଦେଖିଲେ ପ୍ରାୟ ବତିଶ ପୃଷ୍ଠା - ଶେଷରେ ସ୍ୱର୍ଣ୍ଣଲତା ଲେଖିଛନ୍ତି -

ବାପାଙ୍କ ବ୍ୟାକୁଳ ନିବେଦନ, ଉଚ୍ଚଶିକ୍ଷା ଓ ବଡ ଚାକିରୀ ର ଲୋଭ ଏଡାଇ ମୁଁ ମା'ଙ୍କ ଉପଦେଶ ମାନି ସ୍ୱଧର୍ମ (ହିନ୍ଦୁ) ଛାଡିନଥିଲି, କିନ୍ତୁ ହିନ୍ଦୁଧର୍ମ ମୋ ତ୍ୟାଗର ମୂଲ୍ୟ କ'ଣ ଦେଲା ? ମୋ ସ୍ୱାମୀ - ମଦନମୋହନ - ମୋତେ ତୁଚ୍ଛାଟାରେ କୁଳଟା ବୋଲି

କହି ଘରୁ ତଡିଦେଲା ପରେ, ହିନ୍ଦୁ ପଡୋଶୀମାନେ ମୋ ମୁହଁ ଚାହିଁବା ପାପବୋଲି ଭାବିଲେ, ମୁଁ କାହା ଦାଣ୍ଡ ବାରଣ୍ଡା କୁ ଉଠିଗଲେ, ସେମାନେ ସେ ଅପବିତ୍ର ଜାଗାକୁ ପବିତ୍ର କରାଇବା ପାଇଁ ଗୋବରପାଣି ଛିଞ୍ଚିଲେ, ଧୋବା ମୋ ଲୁଗା ଧୋଇବାକୁ ନେଲାନାହିଁ, ଦୋକାନୀ ମୋତେ ସଉଦା ଦେଲେନାହିଁ ।

ଏତିକିବେଳେ ମୋ ବାପାଙ୍କ କଥା ମନେପଡିଲା, ଜଗତର ତ୍ରାଣକର୍ତ୍ତା ଯୀଶୁ ହିଁ ସବୁପାପୀଙ୍କୁ କ୍ଷମାକରନ୍ତି, ଆଦରରେ ନିଜ କୋଳକୁ ଟୋଳିନିଅନ୍ତି, ମୁଁ କିଛି ପାପ କରିନଥିଲି ମଧ୍ୟ ସମାଜ ଆଖିରେ ପାପୀ ହେଲି, ତେଣୁ ଦିନେ ମୁଁ ଚର୍ଚ୍ଚରେ ପାଦ୍ରୀଙ୍କ ପାଖରେ ସବୁକଥା ଖୋଲିକରି କହିଲି, ବାପା - ସେତେବେଳେ ଜୀବିତ ନଥିଲେ, କିନ୍ତୁ ପାଦ୍ରୀ ସାହେବ - ନିଜ ବାପାଙ୍କ ଠାରୁ ବି ଅଧିକ ସ୍ନେହରେ ମୋତେ ଗ୍ରହଣ କଲେ ।

ଖ୍ରୀଷ୍ଟଧର୍ମ ଗ୍ରହଣକରି ମୁଁ ନୂତନ ଜୀବନ ଲାଭକଲି, ସୀତାକାନ୍ତ - ଏ ବହିର ଯେତେଥର ପଢିଛନ୍ତି ଶେଷ କେତେଧାଡି ସେତେଥର ତାଙ୍କ ଆଖି ଲୁହରେ ଛଳଛଳ ହୋଇଆସିଛି ।

ସେ ନିଜକୁ ନିଜେ ପ୍ରଶ୍ନ କରିଛନ୍ତି -

ଝିଅଟି କ'ଣ ପ୍ରକୃତରେ ପରପୁରୁଷ ପ୍ରତି ଆସକ୍ତ ଥିଲା ? ବିବାହିତ ଜୀବନରେ ନୀତିନିୟମର ଲକ୍ଷଣପାର ଡେଇଁ ଯାଇଥିଲା ? ତା'ହେଲେ ସେ ନିଜକୁ ନଅପରାଧିନୀ ବୋଲି ଦୃଢ ସ୍ୱରରେ କହୁଛି କିପରି ?

ସୀତାକାନ୍ତ - ଇତିହାସର ଅଧ୍ୟାପକ, କିନ୍ତୁ ନାରୀ ମନସ୍ତତ୍ତ୍ୱର ଗବେଷକ ନୁହଁନ୍ତି । ସେଥିପାଇଁ ସେ ପ୍ରାଚୀନ ଗ୍ରନ୍ଥର ଛିନ୍ନ ବତ୍ରିଂଶ ପୃଷ୍ଠା - ତାଙ୍କ ଆଖିରେ ଏକ ପ୍ରହେଳିକା ହୋଇ ରହିଥାଏ । ସେ ରହସ୍ୟର ମାୟାଜାଲ ଭେଦ କରିପାରନ୍ତି ନାହିଁ ।

ବାଲେଶ୍ୱର ଗଳିକନ୍ଦି, କଲେକ୍ଟର ଙ୍କ ଅଫିସ୍‌ରେ ପୁରୁଣା ଦଲିଲ୍ ଘାଣ୍ଟି - ନିଶାକର ରାଉତ, ମଦନମୋହନ ଦାସ, ରମା ସୁନ୍ଦରୀ ଆଉ ସ୍ୱର୍ଣ୍ଣଲତା ଙ୍କ ସମ୍ପର୍କରେ ଯଦି କିଛି ତଥ୍ୟ ମିଳେ, ତା'ର ଅନୁସନ୍ଧାନ କରିଥିଲେ - ସୀତାକାନ୍ତ । ବାଲେଶ୍ୱର ଚର୍ଚ୍ଚରେ କେବଳ - ନିଶାକର ରାଉତ ଙ୍କ ସମ୍ପର୍କରେ କିଛି ତଥ୍ୟ ମିଳିଲା, କିନ୍ତୁ ସ୍ୱର୍ଣ୍ଣଲତା ଙ୍କ ଆତ୍ମଜୀବନୀରୁ ହଜି ଯାଇଥିବା ବତିଶ ପୃଷ୍ଠାର ଶୂନ୍ୟସ୍ଥାନ ପୂରଣ କରିବାପାଇଁ କୌଣସି ତଥ୍ୟ ସେଠାରେ ନଥିଲା ।

ସ୍ୱର୍ଣ୍ଣଲତା ଙ୍କ ଚରିତ୍ରକୁ କାହିଁକି ସନ୍ଦେହ କରି ମଦନମୋହନ - ତାକୁ ବିତାଡିତ କରିଥିଲେ । କେଉଁ ପରିସ୍ଥିତିରେ ସେ ହିନ୍ଦୁଧର୍ମ ଛାଡି, ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, ସେ ସମ୍ପର୍କରେ କେହି କିଛି କହିପାରିଲେ ନାହିଁ ।

ଦୀର୍ଘ ଦେଢଶହ ବର୍ଷର ଇତିହାସ ବିସ୍ମୃତିର ଗାଲିଚର ମଧ୍ୟରେ ଛାପା ପଡିଯାଇଛି, କେତେ ବାଲି ଘାଣ୍ଟିବେ ସୀତାକାନ୍ତ ?

କିନ୍ତୁ ଯେତେ ଚେଷ୍ଟାକଲେ ମଧ୍ୟ ସେ - ସ୍ୱର୍ଣ୍ଣଲତା କୁ ଭୁଲିପାରିଲେ ନାହିଁ । ସେହି ଭାଗ୍ୟ ବିଡମ୍ବିତା ନାରୀ - ତାଙ୍କ ମନର ଦରଜାରେ ସମୟ, ଅସମୟ ରେ କରଘାତ କରିବାକୁ ଲାଗିଲା ।

ସ୍ୱର୍ଣ୍ଣଲତା - କଲେଜରେ ପଢିନଥିଲେ ସୁଦ୍ଧା, ସେ ସମୟରେ ଅନୁନ୍ନତ ଶିକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ନିଶ୍ଚୟ ଥିଲେ - ଜଣେ ଶିକ୍ଷିତା ମହିଳା । ବାହାର ଜଗତ ସହିତ ତାଙ୍କ ସମ୍ପର୍କ ସ୍ୱାଭାବିକ ଥିଲା । ସେହି ସୁଯୋଗରେ ହୁଏତ କୌଣସି ଲମ୍ପଟ ପୁରୁଷ ତାଙ୍କ ସହିତ ଘନିଷ୍ଠ ହେବାକୁ ଚେଷ୍ଟା କରିଥିଲା, ମଦନମୋହନ - ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ହୁଏତ ତାଙ୍କୁ ବିତାଡିତ କରିଥିଲେ ।

ସ୍ୱର୍ଣ୍ଣଲତା ଙ୍କ ପ୍ରେମିକ କ'ଣ ଥିଲେ - ଜଣେ ଖ୍ରୀଷ୍ଟିଆନ୍ । ସମାଜରୁ ବହିଷ୍କୃତ ହେଲାପରେ ସେ କ'ଣ ସ୍ୱର୍ଣ୍ଣଲତା ଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାପାଇଁ ପ୍ରରୋଚିତ କରିଥିଲେ ?

କାଳ୍ପନିକ ସନ୍ଦେହର ମେଘରେ - ସୀତାକାନ୍ତ ଙ୍କ ମନ ଆଚ୍ଛନ୍ନ ହୋଇଯାଏ, କିନ୍ତୁ ସମାଧାନର କିଛି ସୂତ୍ର ମିଳେନାହିଁ ।

ଦିନେ ସୌଦାମିନୀ ପଚାରିଲେ - ତୁମେ ରାତିଦିନ କ'ଣ ସବୁ ଭାବୁଛ ?

ସୀତାକାନ୍ତ - ସ୍ୱର୍ଣ୍ଣଲତା - ଉପାଖ୍ୟାନ ବର୍ଣ୍ଣନାକରି ପଚାରିଲେ - କହିଲ ଦେଖି - ସ୍ୱର୍ଣ୍ଣଲତା କ'ଣ ପରପୁରୁଷ ପ୍ରତି ଆସକ୍ତି ଥିଲେ ? ତାହାହେଲେ ତାଙ୍କୁ ଅସତୀ ବୋଲି କହି ସ୍ୱାମୀ ତାଙ୍କର ଘରୁ ତଡିଦେଲେ କାହିଁକି ?

ସ୍ୱାମୀଙ୍କ ପ୍ରଶ୍ନ କଣ୍ଟକିତ ମୁହଁକୁ ଚାହିଁ - ସୌଦାମିନୀ ହସିଲେ, କହିଲେ - ଯେଉଁ ସମୟର କଥା ତୁମେ କହୁଛ, ସେ ସମୟରେ ପରପୁରୁଷ ପ୍ରତି ଆସକ୍ତି ନହୋଇ ସୁଦ୍ଧା ଜଣେ ନାରୀ ଅସତୀ ବୋଲି ସମାଜରେ ନିନ୍ଦିତ ହେଉଥିଲା । ଅସହାୟ ନାରୀମାନେ - ସେ ନିନ୍ଦା ଅପମାନଙ୍କୁ ସହ୍ୟକରି ନପାରି କଟକ ତେଲଙ୍ଗା ବଜାର ରେ ରୂପର ପସରା ମେଲି ଦେଉଥିଲେ, ନହେଲେ ବୃନ୍ଦାବନରେ ବୈଷ୍ଣବୀ ଜୀବନଯାପନ କରୁଥିଲେ, କିନ୍ତୁ ସ୍ୱର୍ଣ୍ଣଲତା ଥିଲା - ଶିକ୍ଷିତା ନାରୀ । ତା' ବାପା ଖ୍ରୀଷ୍ଟିଆନ୍ ହୋଇ ସାରିଥିଲେ । ରକ୍ଷଣଶୀଳ ହିନ୍ଦୁ ସମାଜର ଅତ୍ୟାଚାର ରୁ ମୁକ୍ତିପାଇଁ ସୁସ୍ଥ ସାମାଜିକ ଜୀବନଯାପନ କରିବାପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ ସେତେବେଳେ ଥିଲା ସହଜପନ୍ଥା । ମନେରଖ କାଗଜପତ୍ର ରେ ନହେଲେ ସୁଦ୍ଧା ଲୋକମତ ଅନୁସାରେ ଖ୍ରୀଷ୍ଟଧର୍ମ ସେତେବେଳେ ଥିଲା - ରାଜଧର୍ମ ।

ସୀତାକାନ୍ତ ତଥାପି ପତ୍ନୀଙ୍କ କଥାର ତାତ୍ପର୍ଯ୍ୟ ବୁଝିପାରିଲେ ନାହିଁ । ପଚାରିଲେ - ଜଣେ ପରପୁରୁଷ ପ୍ରତି ଆସକ୍ତି ନହୋଇ ସୁଦ୍ଧା ଜଣେ ନାରୀକୁ ଅସତୀ ବୋଲି ସମାଜ କିପରି ଶାସ୍ତି ଦେଇପାରିବ ?

ସୌଦାମିନୀ - ମୃଦୁ ହସି କହିଲେ - ତୁମେ ଜଣେ ସାମାଜିକ ଲୋକ, କିନ୍ତୁ ତୁମ ସମାଜର ଚରିତ୍ର ତୁମେ ଠିକ୍ ଭାବରେ ବୁଝିନାହଁ । ସ୍ୱର୍ଣ୍ଣଲତା କେଉଁ ପରିସ୍ଥିତିରେ, କେଉଁ ସମୟରେ ଅସତୀ ଅଭିଯୋଗରେ ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ ମୁଁ ଜାଣେନାହିଁ, କିନ୍ତୁ ମୋ ଜେଜେମାଙ୍କ ଠାରୁ ସେହି ସମୟର ଅନ୍ୟଏକ ଘଟଣା ଶୁଣିଛି ।

ତାଙ୍କ ଗ୍ରାମର ଜଣେ ଯୁବତୀ ବିଧବା ସ୍ୱାମୀର ଚିତାବଳୀରେ ପ୍ରବେଶକରି ସତୀ ହେଲାନାହିଁ ବୋଲି ଗ୍ରାମରେ ପଞ୍ଚାୟତ ବସି ତାକୁ ଅସତୀ ବୋଲି ଘୋଷଣା କରିଦେଲା । ମନେରଖ - ଯେତେବେଳକୁ ସତୀଦାହ ବିରୋଧି ଆଇନ୍ ଇଂରେଜ ସରକାର ଜାରିକରି ସାରିଥିଲେ । ସେତେବେଳେ ଜୋରକରି ତାକୁ ସ୍ୱାମୀର ଚିତା ନିଆଁରେ ପୋଡି ଦିଆଗଲା ନାହିଁ, କିନ୍ତୁ ସମାଜରୁ ସେ ବାସନ୍ଦ ହୋଇଗଲେ । ପରେ ଝିଅଟି ଆତ୍ମହତ୍ୟା କରି ହିନ୍ଦୁ ସମାଜର କୋପଦୃଷ୍ଟିରୁ ବାଞ୍ଚିତ ଯାଇଥିଲା ବୋଲି ଜେଜେମା କହୁଥିଲେ ।

ପତ୍ନୀଙ୍କ କଥାଶୁଣି - ସୀତାକାନ୍ତ ଙ୍କ ଗବେଷକ ଦୃଷ୍ଟି ହଠାତ୍ କୋମଳ ହୋଇ ଆସିଲା । ସ୍ୱର୍ଣ୍ଣଲତା - ଯେଉଁ ସମୟରେ ବାଞ୍ଚିତ ଥିଲା, ସେହି ସମୟରେ ନାରୀର ସତୀତ୍ୱ ତା'ର ଚରିତ୍ର ନୁହେଁ ସମାଜର ଦୃଷ୍ଟିଭଙ୍ଗୀ ମଧ୍ୟରେ ହିଁ ଆବଦ୍ଧ ଥିଲା । ନମକମାହଲ ସିରୋସ୍ତାଦର ସ୍ୱାମୀ ଯଦି ଅକାରଣେ ନିଜ ସ୍ତ୍ରୀକୁ ଅସତୀ ବୋଲି କୌଣସି କାରଣରୁ ଘୋଷଣା କରେ, ତା'ର ପ୍ରତିବାଦ କରିଥାନ୍ତା କିଏ ?

ସୀତାକାନ୍ତ - ସୌଦାମିନୀ ଙ୍କ ମୁହଁକୁ ଚାହିଁଲେ, ସେ ବୁଝିପାରିଲେ - ତାଙ୍କ ପତ୍ନୀ ତାଙ୍କଭଳି ବହୁତ ପାଠ ପଢିନାହାଁନ୍ତି, କିନ୍ତୁ ସେ ଅଶିକ୍ଷିତା ନୁହଁନ୍ତି ।

ସେ ଯୁଗରେ ସତୀତ୍ୱ ଯେପରି ନାରୀର ଚରିତ୍ରରେ ନଥିଲା, ଏ ଯୁଗରେ ଶିକ୍ଷା କେବଳ ବହିର ପୃଷ୍ଠାରେ ନାହିଁ ।

କଥାଶିଳ୍ପୀ ବିଭୁତି ପଟ୍ଟନାୟକ ଙ୍କ ଗଳ୍ପ - "ସତୀତ୍ୱ" ବେଶ୍ ହୃଦୟସ୍ପର୍ଶୀ, ଭାବଉଦ୍ଦୀପକ ଓ ଅଧୁନା ସମାଜରେ - ଶିକ୍ଷଣୀୟ । "ସତୀତ୍ୱ" - ଏକ ନାରୀର ରକ୍ଷା କବଚ, ଏଥିରେ ଦ୍ୱିମତ ନାହିଁ । ସେ ଚାରିତ୍ରିକ ଅବା ସାମାଜିକ ଦୃଷ୍ଟିଭଙ୍ଗୀରୁ - ଏହା ହିଁ ପ୍ରମାଣ ।

ଓଡିଶାର ପ୍ରତିଷ୍ଠିତ - "କାଦମ୍ବିନୀ" - ପତ୍ରିକାର ସାପ୍ତାହିକ ଉ୍ୱବ୍‌ପତ୍ରିକା - "କନ୍ୟା" - ଅଗଷ୍ଟ ୨୦୦୨ ରୁ ଅଣାଯାଇଅଛି - "ପାଦଟୀକା" ।

ସ୍ରଷ୍ଟା ବିଭୁତି ପଟ୍ଟନାୟକ - ନିଜର ସୃଷ୍ଟିପାଇଁ ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି, ଯାହାକି ତାଙ୍କ ସାହିତ୍ୟିକ ପ୍ରତିଭାକୁ ଆଗକୁ ଆଗକୁ ନେଇପାରିଅଛି ।

ଓଡିଆ ସାହିତ୍ୟର ଅଧ୍ୟାପକ ପୁଣି ସାହିତ୍ୟସାଧକ, ଓଡିଆ ସାହିତ୍ୟର ନିରବଚ୍ଛିନ୍ନ ସେବକ ଭାବରେ, ସେ ପାଇଛନ୍ତି - ଅନେକ ସମ୍ମାନ ଓ ପୁରସ୍କାର । ପ୍ରମୁଖ ପୁରସ୍କାର ମଧ୍ୟରେ -

୧୯୮୫ ମସିହାରେ - ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର - "ଅଶ୍ୱମେଧର ଘୋଡା" - ଉପନ୍ୟାସ ପୁସ୍ତକ ପାଇଁ ।

୨୦୧୫ ମସିହାରେ - କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର - "ମହିଷାସୁର ର ମୁହଁ" - ଗଳ୍ପ ସାହିତ୍ୟ ପାଇଁ ।

୧୯୯୯ ମସିହାରେ - ସାମଗ୍ରିକ କୃତି ପାଇଁ - ଇମ୍ପାଟ୍ରଷ୍ଟ ପକ୍ଷରୁ ସମ୍ମାନଜନକ - "ସାରଳା ପୁରସ୍କାର" ପାଇଁ ।

୨୦୧୬ ମସିହାରେ - ସାମଗ୍ରିକ କୃତି ପାଇଁ - ଓଡିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ - "ଅତିବଡି ଜଗନ୍ନାଥ ଦାସ" ସମ୍ମାନ ।

ଇତ୍ୟାଦି ସମ୍ମାନ କଥାକଥା ବିଭୁତି ଙ୍କୁ ସାରସ୍ୱତ ସ୍ୱୀକୃତି ପ୍ରଦାନ କରିଅଛି - ଜଣେ ସାରସ୍ୱତସାଧକ ଭାବରେ ।

ଓଡିଆ ସାହିତ୍ୟର ଦିଗ୍‌ଗଜ ସ୍ରଷ୍ଟା କଥାକାର - ବିଭୁତି ପଟ୍ଟନାୟକ ଙ୍କ ଜୀବନୀ ଓ ସୃଜନୀ ରେ ପରିପୂର୍ଣ୍ଣତା ଆସୁ, ଏତିକି ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା ।

# ଓଡିଆ ସାହିତ୍ୟ ର ଔପନ୍ୟାସିକା
# ପ୍ରତିଭା ରାୟ

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଔପନ୍ୟାସିକା

## ପ୍ରତିଭା ରାୟ

ପ୍ରଫେସର ଡକ୍ଟର ସୁବାଷ ନାୟକ

(ପ୍ରତିଭା ରାୟ ଜନ୍ମ - ୨୧ ଜାନୁୟାରୀ, ୧୯୪୩)

ଭାରତୀୟ ସାହିତ୍ୟର ସର୍ବୋଚ୍ଚ ସମ୍ମାନ - ଜ୍ଞାନପୀଠ ପୁରସ୍କାର ପ୍ରାପ୍ତା ସାହିତ୍ୟିକା । ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଠାରେ ଜନ୍ମ । ବାପା - ଶିକ୍ଷକ ପର୍ଶୁରାମ ଦାସ । ବାପା, ମା' ଓ ପରିବାର ସହିତ ପିଲାଦିନ କଟିବା ସହିତ - ଶିକ୍ଷାରେ ସ୍ନାତକୋତ୍ତର ଓ ଶୈକ୍ଷିକ ମନସ୍ତତ୍ତ୍ୱରେ ଶିକ୍ଷାରେ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିଧାରୀ ।

କର୍ମମୟ ଜୀବନରେ ପ୍ରତିଭା - ବିଦ୍ୟାଳୟରେ ଶିକ୍ଷକ ଭାବରେ କାର୍ଯ୍ୟାରମ୍ଭ କରି ଓଡିଶାର ବିଭିନ୍ନ କଲେଜରେ ଶିକ୍ଷା ବିଭାଗର ଅଧ୍ୟାପିକା ଓ ପ୍ରାଧ୍ୟାପିକା ଭାବରେ କାର୍ଯ୍ୟକରି ସ୍ୱେଚ୍ଛାକୃତ ଅବସର ଗ୍ରହଣକରି ଓଡିଶା ଲୋକସେବା ଆୟୋଗର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ Post Doctoral - Research was on "Tribalism and Crimionology of Bondo Highlander" one of the most Primitive Tribe's of Odisha. ସେ ମଧ୍ୟ ଅନେକ ଶିକ୍ଷାର୍ଥୀଙ୍କ ଗବେଷଣା ଗାଇଡି ଭାବରେ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧି ପ୍ରଦାନ କରିଅଛନ୍ତି ।

### ସ୍ରଷ୍ଟା ପ୍ରତିଭା ରାୟଙ୍କ ସୃଷ୍ଟି -

ପ୍ରତିଭା ରାୟ - ଜଣେ ଶିକ୍ଷା ବିଭାଗର ଅଧ୍ୟାପକ ବୃତ୍ତିଧାରୀ ହୋଇଥିଲେ ମଧ୍ୟ ପ୍ରବୃତ୍ତି ଥିଲା ତାଙ୍କ ସାହିତ୍ୟ ରଚନା - ଅନେକ କାଳଜୟୀ ସୃଷ୍ଟି ରଚନାକରି ସେ ଓଡିଆ ସାହିତ୍ୟରେ ଜଣେ ପ୍ରତିଷ୍ଠିତା ସାହିତ୍ୟିକା ଭାବରେ ସ୍ଥାନ ପାଇଥିଲେ, ତାହା ନୁହେଁ ଭାରତୀୟ ସାହିତ୍ୟରେ ମଧ୍ୟ ପ୍ରତିଷ୍ଠିତ ଥିଲେ ।

ପ୍ରତିଭା ରାୟ - ୨୦ଟି ଉପନ୍ୟାସ, ୨୪ଟି କ୍ଷୁଦ୍ରଗଳ୍ପ, ୧୦ଟି ଭ୍ରମଣ କାହାଣୀ, ୨ଟି କବିତା ସଂକଳନ ଓ ଅନେକ ପ୍ରବନ୍ଧର ରଚୟିତା ଥିଲେ ।

#### ଉପନ୍ୟାସ -

ବର୍ଷା, ବସନ୍ତ, ବୈଶାଖ (୧୯୭୪)
ଅରଣ୍ୟ (୧୯୭୭)
ନିଷିଦ୍ଧ ପୃଥିବୀ (୧୯୭୮)
ପରିଚୟ (୧୯୭୯)
ଅପରାଚିତା (୧୯୭୯)
ପୂଣ୍ୟତୋୟା (୧୯୭୯)
ମେଘମେଦୁର (୧୯୮୦)
ଆଶାବରୀ (୧୯୮୦)
ଅୟମାରମ୍ଭ (୧୯୮୧)
ନିଳତୃଷ୍ଣା (୧୯୮୧)
ସମୁଦ୍ରର ସ୍ୱର (୧୯୮୨)
ଶିଳାପଦ୍ମ
ଯାଜ୍ଞସେନୀ (୧୯୮୪)
ଦେହାତୀତ (୧୯୮୬)
ଉତ୍ତରମାର୍ଗ (୧୯୮୮)
ଆଦିଭୂମି
ମହାମୋହ (୧୯୯୮)
ମଗ୍ନମାଟି (୨୦୦୩)

#### ଗଳ୍ପ -

ସାମାନ୍ୟ କଥନ (୧୯୭୮)
ଗଙ୍ଗଶିଉଳି (୧୯୭୯)
ଅସମାପ୍ତ (୧୯୮୦)

ବାବୁ ବାଥ୍ - ରୁମ୍ରେ ଅଛନ୍ତି
ଐକତାନ (୧୯୮୧)
ଅନାବନା (୧୯୮୩)
ହାତବାକ୍ସ (୧୯୮୩)
ଘାସ ଓ ଆକାଶ
ଚନ୍ଦ୍ରଭାଗା ଓ ଚନ୍ଦ୍ରକଳା (୧୯୮୪)
ଶ୍ରେଷ୍ଠଗଳ୍ପ (୧୯୮୪)
ଅବ୍ୟକ୍ତ (୧୯୮୬)
ଇତିବୃତ୍ତି (୧୯୮୭)
ହରିତ୍ ପତ୍ର (୧୯୮୯)
ପୃଥିକ ଈଶ୍ୱର (୧୯୯୧)
ମନୁଷ୍ୟ ସ୍ୱର (୧୯୯୨)
ସ୍ୱନିର୍ବାଚିତ ଶ୍ରେଷ୍ଠଗଳ୍ପ (୧୯୯୪)
ଷଷ୍ଠସତୀ (୧୯୯୬)
ମୋକ୍ଷ (୧୯୯୬)
ଉଲ୍ଲଙ୍ଘନ (୧୯୯୬)
ନିବେଦନ ମିଦମ୍ (୨୦୦୦)
ଗାନ୍ଧୀ (୨୦୦୨)
ଝୋଟି ପକା କାନ୍ଥ (୨୦୦୬)

**ଭ୍ରମଣ କାହାଣୀ -**

ମୈତ୍ରୀ ପାପଦର ଶାଖା ପ୍ରଶାଖା (ରୁଷିଆ) - ୧୯୯୦
ଦୂର ଦ୍ୱିବିଧ (ଇଂଲଣ୍ଡ, ଫ୍ରାନ୍ସ) - ୧୯୯୯
ଅପରାଧିର ସ୍ୱେଦ (ଅଷ୍ଟ୍ରେଲିଆ) - ୨୦୦୦

**ଜ୍ଞାନପୀଠ ପୁରସ୍କାର ବିଜୟିନୀ ବିଶିଷ୍ଟ ଔପନ୍ୟାସିକା ପ୍ରତିଭା ରାୟ -**

ଜ୍ଞାନପୀଠ ପୁରସ୍କାର - ଭାରତୀୟ ଜ୍ଞାନପୀଠ ସଂସ୍ଥାଦ୍ୱାରା ଦିଆଯାଉଥିବା ଭାରତର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର । କେନ୍ଦ୍ର ସାହିତ୍ୟ ଏକାଡେମୀ ଫୋଲୋ (ବୃହତ୍ତର ସଦସ୍ୟତା) ସହିତ ଏହା ଦେଶର ଦୁଇ ସର୍ବୋଚ୍ଚ ସାହିତ୍ୟ ପୁରସ୍କାର । ଏହା ୧୯୬୧ ମସିହାରେ ଆରମ୍ଭ ହୋଇଥିଲା । ଏହାର ଅନୁମୋଦିତ ଯୋଗ୍ୟତା ଅନୁଯାୟୀ କେବଳ ୨୨ ଗୋଟି ସାମ୍ବିଧାନିକ ସ୍ୱୀକୃତ ଭାଷାରେ ଲେଖୁଥିବା ଭାରତୀୟ ସାହିତ୍ୟ ରଚନା କରୁଥିବା ସାହିତ୍ୟିକ ଗଣ ଏହି ପୁରସ୍କାର ପାଇପାରିବେ । "ଟାଇମ୍ସ ଅଫ୍ ଇଣ୍ଡିଆ" - ଖବରକାଗଜରେ ପ୍ରକାଶକ ସାହୁଜୈନ ପରିବାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ଭାରତୀୟ ଜ୍ଞାନପୀଠ ସଂସ୍ଥାଦ୍ୱାରା ଦିଆଯାଇଥାଏ । ପ୍ରଥମେ ୧୯୬୫ ମସିହାରେ - ଜି. ଶଙ୍କର କୁରୁପ ଙ୍କୁ ଦିଆଯାଇଥିଲା - ମୋଟ ୪୭ ଜଣ ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଗଲାଣି ।

ଖ୍ୟାତନାମା ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟ - ଭାରତୀୟ ଭାଷା ସାହିତ୍ୟର ସର୍ବୋଚ୍ଚ ତଥା ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ପାଇବାପାଇଁ ମନୋନୀତ ହୋଇଛନ୍ତି । ଭାରତୀୟ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିବାକୁ ପୁରସ୍କାର କମିଟି ନିଷ୍ପତ୍ତି ନେଇଅଛି । ପ୍ରଖ୍ୟାତ ସାହିତ୍ୟିକ ଡକ୍ଟର ସୀତାକାନ୍ତ ମହାପାତ୍ର ଙ୍କ ଅଧକ୍ଷତାରେ ଗଠିତ ପୁରସ୍କାର ଚୟନ କମିଟିରେ ପ୍ରତିଷ୍ଠିତ ସାହିତ୍ୟିକ କେ. ସଚ୍ଚିଦାନନ୍ଦ, ପ୍ରଫେସର ଗୋପିନାଥ ନାରାଙ୍ଗ ପ୍ରମୁଖ ରହିଛନ୍ତି । ଏହି ସର୍ବୋଚ୍ଚ ସାହିତ୍ୟ ସମ୍ମାନ ପାଇବାରେ ଡକ୍ଟର ପ୍ରତିଭା ରାୟ - ଚତୁର୍ଥ ଓଡିଆ ।

୧୯୭୩ ମସିହାରେ ଓଡିଆ ସାହିତ୍ୟିକ ଗୋପିନାଥ ମହାନ୍ତି ଙ୍କୁ "ମାଟିମଟାଳ" - ଉପନ୍ୟାସ ପୁସ୍ତକ ପାଇଁ ଏହି ସମ୍ମାନ ମିଳିଥିବାବେଳେ, ୧୯୮୬ ରେ କବି ସଚ୍ଚିଦାନନ୍ଦ ରାଉତରାୟ ଙ୍କୁ ଓ ୧୯୯୩ ରେ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଙ୍କୁ ଉଲ୍ଲେଖନୀୟ ସାହିତ୍ୟ କୃତିପାଇଁ ଜ୍ଞାନପୀଠ ପୁରସ୍କାର ମିଳିଥିଲା ।

ଜ୍ଞାନପୀଠ ଟ୍ରଷ୍ଟ୍ ଦ୍ୱାରା ପ୍ରଦତ୍ତ ଅନ୍ୟଏକ ସମ୍ମାନଜନକ - "ମୂର୍ତ୍ତିଦେବୀ" ପୁରସ୍କାର ପ୍ରତିଭା ରାୟ ପାଇଥିଲେ, ୧୯୮୫ ରେ ପ୍ରକାଶିତ - "ଯାଜ୍ଞସେନୀ" - ଉପନ୍ୟାସ ପାଇଁ । ଏହି ଉପନ୍ୟାସ ପରବର୍ତ୍ତୀ ସମୟରେ ୭ ଗୋଟି ଭିନ୍ନଭିନ୍ନ ଭାରତୀୟ ଭାଷାରେ ଅନୁବାଦ ହୋଇ - ଭାରତୀୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ ଭାବରେ ପ୍ରତିଷ୍ଠିତ ହୋଇପାରିଛି ।

୧୯୯୯ ଓଡିଶାର ମହାବାତ୍ୟାରେ ଉପକୂଳ ଓଡିଶାରେ ଘଟିଥିବା ପ୍ରଳୟଙ୍କାରୀ ଝଡବାତ୍ୟାକୁ ପ୍ରତିଭା ରାୟ ୨୦୦୩ ରେ

ତାଙ୍କ - "ମଗ୍ନମାଟି" - ଉପନ୍ୟାସରେ ଯେଭଳି ପ୍ରାଣସ୍ପର୍ଶୀ ବର୍ଣ୍ଣନା କରିଅଛନ୍ତି, ତାହା ତାଙ୍କର ଅନ୍ୟତମ ସଫଳ ସୃଷ୍ଟିବୋଲି ବିବେଚନା କରାଯାଇଥାଏ ।

ଆଦିକବି ସାରଳା ଦାସଙ୍କ ନାମରେ ନାମିତ ଏହି - "ଶାରଳା ପୁରସ୍କାର" - ଓଡିଆ ଭାଷା ଓ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରତିବର୍ଷ ପ୍ରଦାନ କରାଯାଇଥାଏ । ଓଡିଆ ଶିଳ୍ପପତି ବଂଶୀଧର ପଣ୍ଡା ଓ ଇଲା ପଣ୍ଡା ଙ୍କ ପ୍ରତିଷ୍ଠିତ "ଶାରଳା ପୁରସ୍କାର" ଇମ୍ପା ଗ୍ରୁପ୍ ଦ୍ୱାରା ପରିଚାଳିତ - ଇଣ୍ଡିଆନ୍ ମେଟାଲସ୍ ପବ୍ଲିକ୍ ଚାରି ଟେବଲ୍ ଟ୍ରଷ୍ଟ (ଇମ୍ପକ୍ଟ) ଦ୍ୱାରା ୧୯୮୦ ମସିହାରୁ ପୁରସ୍କାର ସ୍ୱରୂପ ପାଞ୍ଚଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଅଛି । ୧୯୯୦ ମସିହାରେ - ପ୍ରତିଭା ରାୟଙ୍କୁ "ଯାଜ୍ଞସେନୀ" - ଉପନ୍ୟାସ ପାଇଁ ଏ ପୁରସ୍କାର ପ୍ରଦାନ କରାଯାଇଥିଲା ।

## <u>ସମାଲୋଚକ ଚିନ୍ମୟ ରାୟଙ୍କ ଦୃଷ୍ଟିରେ ପ୍ରତିଭା -</u>

ପଦ୍ମଶ୍ରୀ ପ୍ରତିଭା ରାୟ । ପଦ୍ମ ସମ୍ମାନ (ନିଜନିଜ କ୍ଷେତ୍ରରେ କୃତିତ୍ୱର ଶ୍ରେଷ୍ଠତମ ଉପାଧି) ଭାରତ ସରକାର ଙ୍କ ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ ପଦ୍ମ ପୁରସ୍କାର, ପଦ୍ମବିଭୂଷଣ, ପଦ୍ମଭୂଷଣ ପଦ୍ମଶ୍ରୀ, ଯୋଉଁମାନେ ପଦ୍ମଶ୍ରୀ ପଦ୍ମଭୂଷଣ ପାଇଥିବା କୃତି ପ୍ରତିଭା ଙ୍କୁ ହୁଏତ - "ମୂର୍ତ୍ତିଦେବୀ" ର ମହକ ପୁଣି - "ଜ୍ଞାନପୀଠ" ର ଗୌରବ ମିଳିନଥାଏ, ଯାହା ଆମ ଓଡିଆ ଭାଷା ଓ ସାହିତ୍ୟ ପାଇଁ ସଚ୍ଚି ରାଉତରାୟ, ଗୋପିନାଥ ମହାନ୍ତି, ସୀତାକାନ୍ତ ମହାପାତ୍ର ଅବା ପ୍ରତିଭା ରାୟ କ୍ଷେତ୍ରରେ ସମ୍ଭବପର ହୋଇଅଛି ।

ମୂର୍ତ୍ତିଦେବୀ ସମ୍ମାନ, ବାଣିପୁତ୍ରୀ ପ୍ରତିଭା - ଭାରତୀୟ ସଂସ୍କୃତିର ପ୍ରତିନିଧିତ୍ୱ କରୁଥିବା ପୁରସ୍କାର - "ଯାଜ୍ଞସେନୀ" ଉପନ୍ୟାସ ପାଇଁ ୧୯୯୨ ମସିହାରେ ପ୍ରାପ୍ତ ହୋଇଥିଲା । ଆଜି ସେହି ଆଦରଣୀୟ ଗ୍ରନ୍ଥ ଏକାଧିକ ଭାରତୀୟ ଭାଷା ଭିନ୍ନ ପୋଲିସ୍ (ପୋଲାଣ୍ଡ) ହଙ୍ଗେରିଅନ୍ ଭାଷାରେ ଅନୁବାଦିତ ହୋଇଅଛି ।

ତା'ଛଡା ଏକାଧିକ ଭାରତୀୟ ବିଶ୍ୱବିଦ୍ୟାଳୟ (ଦିଲ୍ଲୀ ସମେତ) ସ୍ନାତକ ଓ ସ୍ନାତକୋତ୍ତର ଭାଷା ସାହିତ୍ୟ ପାଠ୍ୟକ୍ରମରେ ସାମିଲ ହୋଇ ସାରିଅଛି । ଏହା ଏକ ବିରଳତମ ସମ୍ମାନ, ଯାହା ପ୍ରତିଭା ରାୟଙ୍କ ସର୍ଜନାକୁ ଜାତୀୟ ସ୍ୱୀକୃତି ଓ ବିଦ୍ୟାକ୍ଷେତ୍ର ପ୍ରସାରଣରେ ଗୌରବ ଦେଇପାରିଛି ।

ତାଙ୍କ ସର୍ଜନାର ବିବିଧତା ଖୋଜିଲେ ବିସ୍ମୟ ହେବାକୁ ପଡିଥାଏ, ଯେଉଁ ହାତ ବିଜ୍ଞାନ ଭିତ୍ତିକ ଉପନ୍ୟାସ - "ସମୁଦ୍ରର ସ୍ୱର" ଲେଖିଅଛି, ସେହି ହାତ ବୈଦିକ ପୃଷ୍ଠଭୂମିରେ - "ମହାମୋହ" ଲେଖିଅଛି ।

ସ୍ୱରଚିତ ଅରଣ୍ୟର ରହସ୍ୟମୟ ଘେରରେ ଥାଇଯିଏ "ବର୍ଷା, ବସନ୍ତ, ବୈଶାଖ" କୁ ହରିତ୍ ପତ୍ର ସାଜି ଭୋଗ କରିଅଛି, ସେ ପୁଣି ଓଡିଶାର ମହାବାତ୍ୟା ଆଧାରିତ - "ମଗ୍ନମାଟି" ଲେଖି ଚମକାଇ ପାରୁଛନ୍ତି ।

ଭିନ୍ନ ସ୍ୱାଦର ଗଳ୍ପ ଓ ଉପନ୍ୟାସ - ପୃଥକ ଈଶ୍ୱର, ଦେହାତୀତ, ଭାଙ୍ଗଦାର ଦେଶ, ଗାନ୍ଧୀଙ୍କ ଗାଁ, ଉଲ୍ଲଙ୍ଘନ, ନୀଳତୃଷ୍ଣା, ନିଷିଦ୍ଧ ପୃଥିବୀ, ହାତବାକ୍ସ, ଆଶାବରୀ, ମେଘଦୂତର ପୂର୍ଣ୍ଣତୋୟା ଲେଖିଛନ୍ତି, ଯାହା ଏକ କୁ ଆରକ ବଳି ।

ସୁଖ୍ୟାତ କୋଣାର୍କ ଆଧାରରେ - "ଶିଳ୍ପପଦ୍ମ" - ଉପନ୍ୟାସ ପ୍ରତିଭା ସର୍ଜନା କଳାର ଏକ କୀର୍ତ୍ତିସ୍ତମ୍ଭ ନିଶ୍ଚିତ । ବଣ୍ଡା ଜୀବନ ଆଧାରିତ - "ଆଦିଭୂମି" ଆହୁରି ଏକ ବିସ୍ମୟକର ସିଦ୍ଧି । ଗପ ଆଉ ଉପନ୍ୟାସ ସହିତ ଖୁବ୍ ସୁଖପାଠ୍ୟ ଭ୍ରମଣ କାହାଣୀ ଲେଖି ସେ ଆମ ବାଣୀ ଭଣ୍ଡାରର ଟ୍ରାଭେଲୋଗ ଆକ୍ରେ ପରିମାଣ ଓ ଗୁଣବତ୍ତା ବୃଦ୍ଧି କରିଛନ୍ତି, ଏମିତି ଆମେ ମୋଟାମୋଟି ଆକଳନ କରିଲେ ୧୦ ହଜାର ପୃଷ୍ଠାରୁ ଅଧିକ ସାରସ୍ୱତ ସୃଷ୍ଟିର ସେ ସ୍ରଷ୍ଟା ।

ଡକ୍ଟର ରାୟଙ୍କ ପ୍ରାୟ ଉପନ୍ୟାସ - ଏକାଧିକ ସଂସ୍କରଣରେ ପାଠକମାନଙ୍କୁ ତୃପ୍ତ କରିଅଛି । ଜନପ୍ରିୟ ସର୍ଜନା - "ଯାଜ୍ଞସେନୀ" ର ଅଶୀତମ ସଂସ୍କରଣ ହୋଇପାରିଅଛି ପାଠକ / ପାଠିକା ଙ୍କ ଚାହିଦାକୁ ଦୃଷ୍ଟିରେ ରଖି । ସୁଖର କଥା, ଏମିତି ଅନନ୍ୟ ଗୌରବ ଏକ ବିରଳ ଘଟଣା । ଲେଖକର ଜୀବଦଶାରେ ଯଦି କୌଣସି ପୁସ୍ତକ ୧୦୦ତମ ସଂସ୍କରଣ (ଧାରାବାହିକ) ପ୍ରକାଶପାଏ, ତାହା ଏକ ଆନ୍ତର୍ଜାତୀୟ ସ୍ୱୀକୃତି ପ୍ରାପ୍ତହୁଏ ।

ଆମର କୋଣାର୍କ, ଜ୍ଞାନମଣ୍ଡଳ, ସମ୍ବଲପୁରୀ ବସ୍ତ୍ର, ପିପିଲି, ଚାନ୍ଦୁଆ, ତାରକସି ଗହଣା, ଧଳାବାଘ, ସିଦ୍ଧାନ୍ତ ଦର୍ପଣ, ଧଳା କୁମ୍ଭୀର (ଗୌରୀ) - ଓଡିଶାର ଛନ୍ଦ, ସୁନନ୍ଦା, ସଂଯୁକ୍ତା, ପ୍ରିୟମ୍ବଦା ଓ ରଘୁନାଥ ଯେମିତି ଜାତୀୟସ୍ତରରେ ଅନନ୍ୟ ଆଶାପୂର୍ଣ୍ଣା, ମହାଶ୍ୱେତା, ଇନ୍ଦିରା ଗୋସ୍ୱାମୀ, ଅମ୍ରିତା ପ୍ରୀତମ ଙ୍କ ସହିତ ପ୍ରତିଭା ରାୟ ଆହୁରି ସଂଯୁକ୍ତ ହେଲେ ।

ତାଙ୍କର ସର୍ଜନା ଉପରେ ବାଲାଂଦେଶରୁ ଓ ଶ୍ୱେତାଙ୍ଗ ବିଦ୍ୟାର୍ଥୀ ଗବେଷଣା ସାରିଲେଣି । ମନେପଡୁଛି - "ସଂସ୍କାର" - ଉପନ୍ୟାସର ସ୍ରଷ୍ଟା ଏକଦା କହୁଥିଲେ - ଗୋପିନାଥ କ୍ରିଟେଭଲି ଆଫେକ୍ଟେଡ ମି ..... ସେମିତି ଡକ୍ଟର ରାୟ ନିଜର ସର୍ଜନା କେବଳ ଲେଖକ କୁଳ କାହିଁକି ଶିକ୍ଷା ସମୃଦ୍ଧ ରାଜ୍ୟ କେରଳରେ ଘରେଘରେ ସୁପରିଚିତା । ଯେଉଁଥିପାଇଁ ସନ୍ଥ ମହିଳା ଓ ଦିବ୍ୟାତ୍ମା ମାତା ଅମୃତାନନ୍ଦମୟୀ ପୁରସ୍କାର କେରଳରୁ ପ୍ରାପ୍ତ ହୋଇଛନ୍ତି । ପ୍ରଖ୍ୟାତ ସିନେ ତାରକା ଓ ଶାସ୍ତ୍ରୀୟ କଳାର ଯଶସ୍ୱିନୀ ନୃତ୍ୟଙ୍ଗନା ଅମ୍ଳାନ ସୁନ୍ଦରୀ ହେମାମାଳିନୀ ଡକ୍ଟର ରାୟଙ୍କୁ ଆମନ୍ତ୍ରଣ ଦେଇ ଉପନ୍ୟାସ - "ଯାଜ୍ଞସେନୀ" ର ନୃତ୍ୟରୂପ ଜାତୀୟସ୍ତରରେ ପରିବେଷଣ କରିଥିଲେ ।

ଭାରତୀୟ ଆର୍ଯ୍ୟ ଜୀବନର ପ୍ରତିନିଧି ଗୋବିନ୍ଦା ଚାର୍ଯ୍ୟ - ଡକ୍ଟର ରାୟଙ୍କୁ ସ୍ୱଚକ୍ଷୁରେ ଦେଖିବାପାଇଁ ଆସି ତାଙ୍କ ଭୁବନେଶ୍ୱରସ୍ଥ - "ଆଖ୍ୟାୟିକା" ରେ ସୌଜନ୍ୟ ସାକ୍ଷାତକରି ଫେରିଯାଇଛନ୍ତି । ଜଗତସିଂହପୁର ଜିଲ୍ଲାର ଏହି ଅଲିଭା ଦୁହିତା ଆଜି ଜାତୀୟସ୍ତରରେ

ନିଜକୁ ପ୍ରଖ୍ୟାପିତ କରି ଓଡିଆ ଭାଷା ଓ ସାହିତ୍ୟକୁ ପୁନଃ ତେଜୀୟାନ୍ କରିପାରିଛନ୍ତି । ମନେପଡୁଛି ମୁଁ ଥରେ କହିଥିଲି - ମ୍ୟାଡାମ୍ ଆପଣଙ୍କର ଅନାବନା ଚରିତ୍ରକୁ ନେଇ ଲଘୁ ନିବନ୍ଧଟିଏ ଲେଖନ୍ତି - ସେମିତି କୁହନି ଚିନ୍ମୟ - ରଙ୍ଗ, ମୂଷି, ରାଣୀ ଏମାନେ ମୋର ବହୁମୂଲ୍ୟର ଚରିତ୍ର । ମୋପାଇଁ ପରିଚୟ ଉପନ୍ୟାସର ମଷି ଯାହା ଅହଲ୍ୟା ବି ତାହା, ମୋ ଚରିତ୍ରଗଣ ମୋର ବୈଭବ ।

କସ୍ମାକସ୍ - ହିନ୍ଦୀ ଧାରାବାହିକରେ ତାଙ୍କର ଅବ୍ୟକ୍ତ ପ୍ରସାରିତ ହୋଇଥିଲା । ପ୍ରଫେସର ଗୋପାଳ ଦାସ - "ମୂର୍ତ୍ତିଦେବୀ" ପୁରସ୍କାର ପରେ ତାଙ୍କୁ ସାକ୍ଷାତକାର (ଇଂରାଜୀ ଓ ହିନ୍ଦୀ ରେ) ଜାତୀୟ ଦୂରଦର୍ଶନରେ ପ୍ରସାରିତ ହୋଇଥିଲା । ପ୍ରଫେସର ଏମିରେଟସ୍ ମାନ୍ୟତାପ୍ରାପ୍ତ ଆଦିବାସୀ ଭାଷାତତ୍ତ୍ୱର ଅନନ୍ୟ । ପ୍ରଜ୍ଞାପୁରୁଷ ଡକ୍ଟର ଖଗେଶ୍ୱର ମହାପାତ୍ର - ତାଙ୍କ ଉଦ୍ଦେଶ୍ୟରେ ମୁକ୍ତ କଣ୍ଠରେ କୁହନ୍ତି - ଆମ ପ୍ରତିଭା ରାୟଙ୍କ ପରି ଲେଖିକା କାହାଁନ୍ତି, ଯିଏ ଉପନ୍ୟାସ ବଣ୍ଡା ଜୀବନୀଭିତ୍ତିକ - "ଆଦିଭୂମି" ଲେଖନ୍ତି ଓ "ମଗ୍ନମାଟି", "ଶିଳାପଦ୍ମ" ଓ "ଯାଜ୍ଞସେନୀ" ଲେଖିପାରନ୍ତି ।

ଯାହାହେଉ ଉତ୍କଳ ଭାରତୀ ଙ୍କ ସ୍ୱତନ୍ତ୍ର ଆଶିଷ ଲଭକରି ପ୍ରତିଭା ସମର୍ପିତ ଶିକ୍ଷକ ପର୍ଶୁରାମ ଦାସଙ୍କ ଝିଅ । ସାହିତ୍ୟ ରୁଚି ସମ୍ପର୍ଣ୍ଣ ମନୋରମା ତାଙ୍କ ମାମୁଁ ଦୁହିଁଙ୍କ ପରି (ଗୋପିନାଥ ଓ କାହ୍ନୁଚରଣ) ଲେଖିପାରିଲେ ବଡ ଲେଖିକା ହେବୁନା ଏମିତି କହି ପ୍ରୋତ୍ସାହନ ଦେଉଥିଲେ । ୨୦୦୭ ମସିହାରେ ଆମର ଭାଷାରେ ପ୍ରକାଶିତ - ଜାତୀୟ ସରବରା ସମ୍ପୂର୍ଣ୍ଣ ପତ୍ରିକା - "କଥାକଥା" - କବିତାରେ ମୁଁ ଓଡିଆ ସାହିତ୍ୟର ମହାନାୟିକା ଆଖ୍ୟାଦେଇ ଡକ୍ଟର ରାୟଙ୍କୁ ଲେଖିଥିଲି । ବାପ ଘରକୁ ନୁହେଁ କେବଳ ଶାଶୁଘରୁ ମଧ ଦେଢଶୁର, ଯା ଙ୍କ ପ୍ରୋତ୍ସାହନ କମ୍ ନଥିଲା । ପ୍ରତିଭା ଙ୍କ ସ୍ୱାମୀ ଇଞ୍ଜିନିୟର ଅକ୍ଷୟ ରାୟ - ତାଙ୍କ ସାରସ୍ୱତ ଯାତ୍ରାପାଇଁ ରଥ, ସାରଥି, ମଙ୍ଗଳ ମହୂରୀ ପ୍ରଭୃତି ଯୋଗାଇ ଦେଉଥିଲେ - ଶ୍ରୀ ରାୟଙ୍କ ଭୂମିକା - ପ୍ରତିଭା ଙ୍କ ସାଫଲ୍ୟତାର ଏକ ଦିଗ ନିଶ୍ଚୟ ।

ପ୍ରତିଭା ଙ୍କ ଆଉ ଗୋଟିଏ ଅବଦାନ - ସିନେମା ଜଗତ । ତାଙ୍କର କାହାଣୀକୁ କଳାତ୍ମକ ଛାୟାଛବି - "ମୋକ୍ଷ" - ନିର୍ମିତ ହୋଇ ପୁରସ୍କାର ଲାଭ କରିଅଛି । ନିଜର ପରିବାର ତରଫରୁ ପ୍ରଯୋଜିତ - "ଅପରିଚିତା" - ସିନେମା (ଉପନ୍ୟାସରୁ ସୃଷ୍ଟି) ୧୯୮୦ ମସିହାରେ ମୁକ୍ତିଲାଭ କରି ସଫଳତା ଅର୍ଜନ କରିଥିଲା । ସେହି ସିନେମାରେ - ଭିକାରୀ ବଳଙ୍କ କଣ୍ଠରେ ଏକଗୀତ - ଅଜଣା ଏଇ ନଈ ..... ଅଜଣା ଏଇ ନଈ ..... ଅଜଣା ଏଇ ନଈ ..... ଆଜିବି ତା'ର ଜନପ୍ରିୟତା ବଜାୟ ରଖିପାରିଅଛି, ସେହି ଗୀତଟିର ଗୀତିକାର - ସ୍ୱୟଂ ଲେଖିକା ଡକ୍ଟର ପ୍ରତିଭା ରାୟ ।

ବାସ୍ତବିକ୍ ମୂର୍ତ୍ତିଦେବୀର ସୌରଭ ..... ଜ୍ଞାନପୀଠର ଗୌରବ - ଚିନ୍ମୟ ରାୟଙ୍କ ଦୃଷ୍ଟିରେ ଡକ୍ଟର ପ୍ରତିଭା ରାୟ ବେଶ୍ ଚିତାକର୍ଷକ ସାରସ୍ୱତ ଲେଖନୀଟିଏ ପ୍ରକାଶିତ - "ଉତ୍କଳ ପ୍ରସଙ୍ଗ" - ଜାନୁୟାରୀ, ୨୦୧୩ ।

## ପ୍ରତିଭା ରାୟଙ୍କ ଆତ୍ମଜୀବନୀ - "ପଦ୍ମପତ୍ରରେ ଜୀବନ" :

ସମକାଳୀନ ଭାରତୀୟ କଥାସାହିତ୍ୟ ଜଗତରେ ଡକ୍ଟର ପ୍ରତିଭା ରାୟ - ଜଣେ ସମ୍ମାନଜନକ ନାମ । କେନ୍ଦ୍ର ସାହିତ୍ୟ ଏକାଡେମୀ, ମୂର୍ତ୍ତିଦେବୀ ଓ ଜ୍ଞାନପୀଠ ପ୍ରଭୃତି ପୁରସ୍କାର ଲାଭକରି, ସେ ବିପୁଳ ଯଶ ଓ ସମ୍ମାନର ଅଧିକାରିଣୀ । ଜଣେ ଅସାମାନ୍ୟ ଲୋକପ୍ରିୟ ସାହିତ୍ୟ ସ୍ରଷ୍ଟା ଭାବରେ ଦେଶ ଓ ବିଦେଶରେ ସୁଖ୍ୟାତି, ତାଙ୍କର ଏହି ଆତ୍ମଜୀବନୀ ପୁସ୍ତକ - "ପଦ୍ମପତ୍ରରେ ଜୀବନ" ରେ ପ୍ରତିନିଧିତ ବାଧା ଓ ବିଷାଦ, ଜଡତା ଓ ପ୍ରତିକୂଳତାକୁ ଅତିକ୍ରମ କରି ଜଣେ ଗ୍ରାମ୍ୟ ବାଳିକା କିପରି ନିଜର ଦୁର୍ବାର ସ୍ୱପ୍ନକୁ ସାକାର କରିପାରିଛି, ତାହାର ମାର୍ମିକ ଅଭିବ୍ୟକ୍ତି ରହିଛି । ପୁସ୍ତକର ମଞ୍ଜକଥା ହେଉଛି - ଅନାସକ୍ତ ଭାବ ଏବଂ ନିର୍ଲିପ୍ତତା । ସୃଜନଶୀଳତାର ପରିପ୍ରକାଶ ପାଇଁ ଲେଖିକା ଗୋଟାପଣେ ନିଜକୁ ମହାଜୀବନର କ୍ଷୁଦ୍ରବିନ୍ଦୁ ବିବେଚନା କରିଛନ୍ତି । ଜୀବନର ଅନେକ ଛୋଟବଡ ମହତ୍ତ୍ୱପୂର୍ଣ୍ଣ କଥା, ଯାହା ବାଲ୍ୟଜୀବନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଲମ୍ବିତ - ଯେଉଁଥିରେ କଳ୍ପନା ଅପେକ୍ଷା ବାସ୍ତବତା, ବୈଚିତ୍ର୍ୟ ଅପେକ୍ଷା ବିସ୍ତାର, କୃତ୍ରିମତା ଅପେକ୍ଷା ଆନ୍ତରିକତା ସ୍ପଷ୍ଟ ।

୫୧୨ ପୃଷ୍ଠା ସମ୍ବଳିତ ଏହି ପୁସ୍ତକ - "ଅଳକା ନଦୀର ଗୀତ", "ମହାନଦୀର ଗାଥା" ଓ "ମହୋଦଧିର ଆଖ୍ୟାୟିକା" - ଏହିପରି ତିନିଗୋଟି ବିଭାଗରେ ସମାହିତ । ଏଥିରେ ଲେଖିକା ଙ୍କ ହସ୍ତାକ୍ଷର ଲାଭ କରିଥିବା ପୁରସ୍କାର ସମ୍ମାନ ଉପାଧିର ତାଲିକା, ତୁଙ୍ଗ ସାହିତ୍ୟିକ ଙ୍କ ଠାରୁ ପାଇଥିବା ଚିଠି ମଧ ସନ୍ନିବେଶିତ ହୋଇଅଛି ।

ପରିବାର ର ସଦସ୍ୟ , ଖ୍ୟାତି ସମ୍ପୂର୍ଣ୍ଣ ଲେଖକ, ବିଦେଶ ଯାତ୍ରା ସମୟରେ ସେଠାକାର ଲୋକଙ୍କ ଗ୍ରହଣରେ ଥିବା ବିରଳ ଫଟୋ ସଂଲଗ୍ନ ହୋଇଅଛି । ଚିରସ୍ରୋତା ନଦୀଭଳି ବହି ଚାଲିଥିବା ଜଣେ ସାରସ୍ୱ ସାଧିକା ଙ୍କ ଜୀବନକୁ ଅନୁଶୀଳନ କରିବାରେ ଓ ଯୁବ ତଥା ଆଗାମୀ ପିଢିର ଲେଖକ, ଲେଖିକା ଙ୍କୁ ସୃଜନମନସ୍କ କରିବାରେ ଏଥିରେ ପ୍ରଚୁର ପ୍ରେରଣା ରହିଛି ।

ଏହି ପୁସ୍ତିକାଟିର ପ୍ରକାଶକ - "ଆଦ୍ୟା ପ୍ରକାଶିନୀ" - ତୁଳସୀପୁର, କଟକ, ମୂଲ୍ୟ ୪୫୦ ଟଙ୍କା ରଖାଯାଇଛି । ଏହି ଆତ୍ମଜୀବନୀ ପୁସ୍ତିକାଟି ବିପୁଳ ପାଠକୀୟ ଆଦୃତି ଲାଭ କରିବା ସହିତ ଓଡିଆ ସାହିତ୍ୟର ଗୋଟିଏ ସୃଷ୍ଟି ଭାବରେ ସ୍ଥାନ ପାଇଅଛି ।

ସାହିତ୍ୟିକା ପ୍ରତିଭା ରାୟ ଅଧ୍ୟାପନା ସହିତ ସାହିତ୍ୟ ଜୀବନରେ ମଧ ଭୁଲିପାରିନଥିଲେ ନିଜର ପାରିବାରିକ ଜୀବନକୁ । ସ୍ୱାମୀ - ଇଞ୍ଜିନିୟର ଅକ୍ଷୟ ଚନ୍ଦ୍ର ରାୟ, ସନ୍ତାନ - ଆଦ୍ୟାଶା, ଅନ୍ୱେଷ ଓ ଅୟସକାନ୍ତ, ସପରିବାରେ ଜୀବନ ବିତାଇଥାନ୍ତି ।

## ପ୍ରତିଭା ରାୟଙ୍କ ସମ୍ମାନ, ମାନପତ୍ର, ପୁରସ୍କାର -

ପଦ୍ମଶ୍ରୀ (୨୦୦୭) - ଭାରତ ସରକାର - ଶିକ୍ଷା ଓ ସାହିତ୍ୟ ପାଇଁ ଭାରତର ନାଗରିକ ସମ୍ମାନ "ପଦ୍ମଶ୍ରୀ" ।

କେନ୍ଦ୍ର ସାହିତ୍ୟ ଏକାଡେମୀ - ୨୦୦ (ଉଲ୍ଲଙ୍ଘନ)

ଜ୍ଞାନପୀଠ (୨୦୧୧) - ଭାରତୀୟ ସାହିତ୍ୟର ସର୍ବୋଚ୍ଚ ସମ୍ମାନ

ମୂର୍ତ୍ତିଦେବୀ ସମ୍ମାନ (୧୯୯୧) - ଯାଜ୍ଞସେନୀ

ସାରଳା ପୁରସ୍କାର (୧୯୯୦) - ଯାଜ୍ଞସେନୀ

ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୬) - ଶିଳାପଦ୍ମ

ସାହିତ୍ୟ ଭାରତୀ ସମ୍ମାନ (୨୦୧୫) - ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ

କଳିଙ୍ଗରତ୍ନ (୨୦୧୪) - ସାରଳା ସାହିତ୍ୟ ସଂସଦ ପ୍ରଦତ୍ତ

କପିଳାସ ସମ୍ମାନ - ଢେଙ୍କାନାଳ ଜିଲ୍ଲାର ସର୍ବୋଚ୍ଚ ନାଗରିକ ସମ୍ମାନ - (ସଂସ୍କୃତି ବିଭାଗ, ଓଡିଶା ସରକାର)

ଗୋପିଚାନ୍ଦ ଜାତୀୟ ସାହିତ୍ୟ ପୁରସ୍କାର (୨୦୦୮) - ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶ

ଅମ୍ରିତା କୋରୀ ଆୱାର୍ଡ, କେରଳ (୨୦୦୬) - ଭାରତୀୟ ସାହିତ୍ୟକୁ ସାମୂହିକ ଅବଦାନ ପାଇଁ

ରାଜୀବଗାନ୍ଧୀ ସଦ୍ଭାବନା ଜାତୀୟ ପୁରସ୍କାର - ୨୦୦୨

ଭାରତୀୟ ଭାଷା ପରିଷଦ, କଲିକତାରୁ ପୁରସ୍କାର - ତାଙ୍କ ପ୍ରତିଷ୍ଠା ଦିବସରେ

ଅନେକ ସମ୍ମାନ ଓ ପୁରସ୍କାର - ଡକ୍ଟର ପ୍ରତିଭା ରାୟଙ୍କୁ ସାରସ୍ୱତ ସୃଷ୍ଟିରେ ଆଗକୁ ଯିବାପାଇଁ ପ୍ରେରଣା ଦେଇଥିଲା ।

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡିଶାର ମହାମହିମ ରାଜ୍ୟପାଳ - ପ୍ରତିଭା ରାୟଙ୍କ ସାମଗ୍ରୀକ ସାହିତ୍ୟ ସୃଷ୍ଟିପାଇଁ ସମ୍ମାନଜନକ ଡକ୍ଟରେଟ୍ / ଡକ୍ଟର ଅଫ୍ ଲିଟରେଚର୍ (ଡି.ଲିଟ୍.) ଉପାଧି ପ୍ରଦାନ କରିଥାନ୍ତି - ୨୦୧୧ ମସିହାରେ ।

ବାଣୀସାଧିକା ପଦ୍ମଶ୍ରୀ ଡକ୍ଟର ପ୍ରତିଭା ରାୟଙ୍କ ଜୀବନର ପଥ କୁସୁମିତ ହୋଇଥାଏ, ଏହା ମହାପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରାର୍ଥନା । ତାଙ୍କର ସାରସ୍ୱତ ସାଧନା ଓଡିଆ ସାହିତ୍ୟ, ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟ ରେ ଉଜ୍ଜ୍ୱଳମୟ ତାରକା ଭାବରେ ସ୍ଥାନ ପାଇଥାନ୍ତୁ - ଏତିକି କାମନା ।

ମୋର ଏ ସୃଷ୍ଟି ସମ୍ଭାର - "ସୃଜନପ୍ରଭା" - ଓଡିଆ ସାହିତ୍ୟର ସୃଷ୍ଟି ଓ ସ୍ରଷ୍ଟା - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ) ରେ କାଳଜୟୀ ସ୍ରଷ୍ଟା ପ୍ରତିଭା ରାୟଙ୍କୁ ସ୍ଥାନୀତ କରି ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଅଛି ।

# ଓଡିଆ ସାହିତ୍ୟ ର ଅମ୍ଳାନ ପ୍ରତିଭା
# ଡକ୍ଟର ରତ୍ନାକର ଚଇନି

ପ୍ରଫେସର ଡକ୍ଟର ସୁବାଷ ନାୟକ

# ଓଡିଆ ସାହିତ୍ୟ ର ଅମ୍ଳାନ ପ୍ରତିଭା

## ଡକ୍ଟର ରତ୍ନାକର ଚଇନି

**ପ୍ରଫେସର ଡକ୍ଟର ସୁବାଷ ନାୟକ**

ଓଡିଆ ସାହିତ୍ୟର ଜଣେ ପଥିତଯଶା ସାହିତ୍ୟିକ - ଡକ୍ଟର ରତ୍ନାକର ଚଇନି । ସେ ଏକାଧାରାରେ ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ଓ ସମାଲୋଚକ ଥିଲେ । ଲେଖନୀ ଚାଳନା ସହ ଜଣେ ଅଧ୍ୟାପକ, ସାହିତ୍ୟ ସଂଗଠକ ଭାବରେ ତାଙ୍କର ପ୍ରତିଷ୍ଠା ରହିଅଛି ।

ରତ୍ନାକର ଙ୍କ ଜନ୍ମ - ଜୁଲାଇ ୨୫ ତାରିଖ ୧୯୪୫ ମସିହା କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ସରୋଇ ଗ୍ରାମରେ । ବାପା - ବ୍ରଜବନ୍ଧୁ ଚଇନି ଓ ମା' - ଶ୍ରୀମତୀ ଦେବୀ । ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ସମାପ୍ତକରି ନେମାଳ ହାଇସ୍କୁଲରୁ ମାଟ୍ରିକ୍ୟୁଲେସନ୍ ପାସ୍‌କରି କଟକର ଖ୍ରୀଷ୍ଟ କଲେଜରୁ ଗ୍ରାଜୁଏସନ୍ (ବି.ଏ.) ପାସ୍‌ପରେ - ଐତିହାସିକ ରେଭେନ୍ସା କଲେଜରୁ ଓଡିଆ ସାହିତ୍ୟରେ (ଏମ୍.ଏ.) ପାସ୍ କରିଥିଲେ ଓ ପରେ ଅଧ୍ୟାପକ ଭାବରେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୭୮ ମସିହାରେ - ଓଡିଆ ନାଟ୍ୟ ସାହିତ୍ୟ ଉପରେ ସେ ଗବେଷଣା କରି ଡକ୍ଟରେଟ୍ (ପିଏଚ୍.ଡି) ଉପାଧି ପାଇଥିଲେ । ସେ ଖ୍ରୀଷ୍ଟ କଲେଜରେ ଛାତ୍ରଥିବା ସମୟରେ ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସ ତାଙ୍କର ଅଧ୍ୟାପକ ଥିଲେ, ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ପରେପରେ ୧୯୭୯ ମସିହାରୁ ସେ ବିଭିନ୍ନ ସରକାରୀ କଲେଜରେ ଓଡିଆ ସାହିତ୍ୟର ଅଧ୍ୟାପକ ଭାବରେ କାର୍ଯ୍ୟକରି ଶେଷରେ କଟକର ଶୈଳବାଳା ମହିଳା କଲେଜରୁ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଭାବରେ ଅବସର ଗ୍ରହଣ କରିଥିଲେ । ରତ୍ନାକର - କେବଳ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ନଥିଲେ, ଥିଲେ ଜଣେ କୃତି ଗବେଷକ, ଅନେକଗୁଡିଏ ଗବେଷଣା ପତ୍ର ତାଙ୍କର ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ସହ ଅନେକ ସର୍ବୋପରି - ୧୮ ଜଣ ଗବେଷକ ଓ ଗବେଷିକା ତାଙ୍କ ତତ୍ତ୍ୱାବଧାନରେ ପିଏଚ୍.ଡି. ଓ ଡି.ଲିଟ୍. ଉପାଧି ଗ୍ରହଣ କରିଅଛନ୍ତି । ଏପରିକି ରତ୍ନାକର ଚଇନି ଙ୍କ କୃତି ଉପରେ ଗବେଷଣା କରି ୭ ଜଣ ଗବେଷକ ପିଏଚ୍.ଡି. ଉପାଧି ପାଇଛନ୍ତି ।

ଅଧ୍ୟାପକ ରତ୍ନାକର ଚଇନି - ଜଣେ ଓଡିଆ ସାହିତ୍ୟର ଅଧ୍ୟାପକ ହୋଇଥିବାରୁ - ଓଡିଆ ସାହିତ୍ୟର ବିକାଶପାଇଁ ଅନେକ କାର୍ଯ୍ୟ କରିଛନ୍ତି । ତାଙ୍କ ସୃଷ୍ଟିର ପରିସର ଅତି ବ୍ୟାପକ, ସେ ଏକାଧାରାରେ ଜଣେ ନାଟ୍ୟକାର, ଗାଳ୍ପିକ, ଔପନ୍ୟାସିକ ତଥା ସମାଲୋଚକ

### ସୃଷ୍ଟିସମ୍ଭାର -

#### ନାଟକ -

ଶେଷଅଶ୍ରୁ (୧୯୬୭)
ଅସ୍ତରାଗର ଚନ୍ଦ୍ର (୧୯୬୭)
ମଞ୍ଚନାୟିକା (୧୯୬୮)
ରାଜହଂସ (୧୯୭୦) -
(ସର୍ବଭାରତୀୟ ପ୍ରତିଯୋଗିତା - ଅହମ୍ମଦାବାଦ ରେ ପ୍ରଥମ ସ୍ଥାନ - ୧୯୭୭)
ଅପଦେବତା (୧୯୭୩)
ପୁନଶ୍ଚ ପୃଥିବୀ (୧୯୭୭)
କଳଙ୍କିତ ସୂର୍ଯ୍ୟ (୧୯୭୪) - (ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ)
ମୁଖା (୧୯୮୦)
ଅଥଚ ଚାଣକ୍ୟ (୧୯୮୨)
ପକ୍ଷ ଓ ଚରିତ୍ର (୧୯୮୭)
ନାଟ୍ୟ ରତ୍ନାକର (୨୦୦୭)
ତ୍ରିଆରା (୨୦୦୬)
ସୁନା କଳସ (୧୯୯୮) ଓ ଆହୁରି ଅନେକ .....

ନାଟକ କ୍ଷେତ୍ରରେ ରତ୍ନାକର ଚଇନି - ଜଣେ ସିଦ୍ଧିହସ୍ତ ସାଧକ ଥିଲେ ।

#### କ୍ଷୁଦ୍ରଗଳ୍ପ -

ନାଟକ ବ୍ୟତିରୋକେ ସେ ମଧ୍ୟ ଓଡିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ରଚନା କରିଥିଲେ । ତାଙ୍କର ଗଳ୍ପ ମଧ୍ୟରେ -
ଗପ (୧୯୭୨)

ମୁଠାଏ ଶୂନ୍ୟତା (୧୯୭୩)
କହ ଲଳିତା (୧୯୭୭)
ସୂର୍ଯ୍ୟାସ୍ତର ଉପବନ (୧୯୭୯)
ରକ୍ତର ନାମ ପିପାସା (୧୯୮୩)
ନିଷିଦ୍ଧ ଶୃଙ୍ଗାର (୧୯୮୪)

**ଉପନ୍ୟାସ -**

ରତ୍ନାକର - ନାଟକ, କ୍ଷୁଦ୍ରଗଳ୍ପ ବ୍ୟତିରେକେ ଉପନ୍ୟାସ ରଚନାରେ ନିମଗ୍ନରତ ଥିଲେ, ତାଙ୍କର ଅନେକ ଉପନ୍ୟାସ ଓଡିଆ ସାହିତ୍ୟର ଉପନ୍ୟାସ ଜଗତରେ ଗୌରବ ବୃଦ୍ଧି କରିଅଛି ।

ରାତ୍ରୀର ରଜନୀଗନ୍ଧା (୧୯୬୫)
ଅବ୍ୟକ୍ତ ଗୋଧୂଳି (୧୯୬୭)
ଲୁହ ଲହରୀ (୧୯୬୩)
ଫୁଲ ଫଗୁଣ (୧୯୬୮)

**ଆଲୋଚନା ଓ ସମାଲୋଚନା -**

ରତ୍ନାକର - ଓଡିଆ ସାହିତ୍ୟରେ ନାଟକ, ଗଳ୍ପ, ଉପନ୍ୟାସ ପରେ ମଧ - ଆଲୋଚନା ଓ ସମାଲୋଚନା ସାହିତ୍ୟରେ କଲମ ଚାଳନା କରିଥିଲେ । ତାଙ୍କର ଅନେକ ସମାଲୋଚନାତ୍ମକ ପୁସ୍ତକ ଓଡିଆ ସାହିତ୍ୟକୁ ସମୃଦ୍ଧ କରିଅଛି ।

କବି ଗୋପାଳକୃଷ୍ଣ (୧୯୭୦)
ଉଭଟ ନାଟ୍ୟ ପରମ୍ପରା (୧୯୭୦)
ଓଡିଆ ନାଟକର ଉଦ୍ଭବ ବିକାଶ (୧୯୭୮) - (ତାଙ୍କ ପିଏଚ୍.ଡି. ଉପାଧି ସନ୍ଦର୍ଭ)
ସନ୍ଥକବି ଅଚ୍ୟୁତାନନ୍ଦ (୧୯୯୮)
ଆଧୁନିକ ଓଡିଆ ନାଟକ - ଏକ ତୁଳନାତ୍ମକ ଅଧ୍ୟାୟ (୨୦୦୯)
ସନ୍ଥ ସାହିତ୍ୟ କୋଷ (୧୯୯୮)
ବୈଷ୍ଣବ ସାହିତ୍ୟ ଅଭିଧାନ

**ଅନୁବାଦ -**

ଅଧ୍ୟାପକ ରତ୍ନାକର - ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଆଲୋଚନା-ସମାଲୋଚନା ରେ କଲମ ଚାଳନା କରିମଧ ଅନୁବାଦ ସାହିତ୍ୟରେ ସିଦ୍ଧିହସ୍ତ ଥିଲେ । ଅନୁବାଦ ମଧରେ - ଭିରେଶ ଲିଙ୍ଗମ୍ - ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ (ପ୍ରକାଶିତ), ପଞ୍ଜାବୀ ଏକାଙ୍କି - ଜାତୀୟ ବୁକ୍‌ଟ୍ରଷ୍ଟ, ନୂଆଦିଲ୍ଲୀ (ପ୍ରକାଶିତ) ।

**ସମ୍ପାଦନା -**

ରତ୍ନାକର - ଅନେକଗୁଡିଏ ପୁସ୍ତକ କୁ ସମ୍ପାଦନା କରି - ଓଡିଆ ସାହିତ୍ୟର ଗୌରବ ବଢାଇ ପାରିଥିଲେ । ତାଙ୍କର ସମ୍ପାଦନା ପୁସ୍ତକ ମଧରେ -

ଅଚ୍ୟୁତାନନ୍ଦ ରଚନାବଳୀ
ଆଜିର ଗଳ୍ପ
ଆଜିର ପ୍ରବନ୍ଧ
କାବ୍ୟ-କବିତା
ସ୍ୱାଧିନତ୍ତୋର - ଓଡିଆ ସାହିତ୍ୟ
ଓଡିଆ ଭାଷାକୋଷ - (ଆଠଖଣ୍ଡ ଓ ପରବର୍ତ୍ତୀ ଖଣ୍ଡ ସମ୍ପାଦନାରେ ଜଡିତ ।)

**ଇଂଲିଶ୍ -**

ଓଡିଆ ସାହିତ୍ୟରେ ସିଦ୍ଧିହସ୍ତ ରତ୍ନାକର ମଧ କେତୋଟି ଇଂରାଜୀ ପୁସ୍ତକ ରଚନାକରି - ଇଂରାଜୀ ସାହିତ୍ୟରେ ନିଜର ଛାପ ଛାଡି ଯାଇଛନ୍ତି ।

"Achyutananda Das"
"Contribution of "Pancha Sakha's" - The Five Saint - Poets of Odisha".

ଆଦି ଦୁଇଗୋଟି ଇଂରାଜୀ ପୁସ୍ତକ ରଚନା କରିଥିଲେ ।

**ଆତ୍ମଜୀବନୀ - "ଜୀବନ କମାରଶାଳ"**

**ଚଳଚ୍ଚିତ୍ର -**

ନାଟ୍ୟକାର ରତ୍ନାକର ମଧ - ଏକ ଓଡିଆ ଚଳଚ୍ଚିତ୍ର "ଶୂନ୍ୟ ସ୍ୱରୂପ" ର କାହାଣୀ ଓ ସଂଳାପ ରଚନା କରିଥିଲେ ତାହା ଭାରତ ସରକାର ଙ୍କ ଦ୍ୱାରା ଜାତୀୟ ପୁରସ୍କାରପ୍ରାପ୍ତ ତଥା ଆନ୍ତର୍ଜାତୀୟ ପାନୋରମାରେ - ବର୍ଲିନ୍ ଠାରେ ପ୍ରଦର୍ଶିତ ହୋଇ ଦର୍ଶକୀୟ ଆଦୃତି ଲାଭ କରିଅଛି ।

ନାଟ୍ୟକାର ରତ୍ନାକର ଚଇନି - ତାଙ୍କର ପିଏଚ୍.ଡି. ଉପାଧି ସନ୍ଦର୍ଭରେ - "ଓଡିଆ ନାଟକର ଉଦ୍‌ଭବ ଓ ବିକାଶ" - ସମାଲୋଚନା ପୁସ୍ତକରେ ଉଲ୍ଲେଖିତ କରିଅଛନ୍ତି ।

ଓଡିଶା ମାଟିରେ ଖାରବେଳ ହିଁ ପ୍ରଥମ ମଞ୍ଚ ନିର୍ମାତା - ଓଡିଶାରେ ଭୁବନେଶ୍ୱର ଏକ ମନ୍ଦିର ବହୁଳ ସ୍ଥାନ, ଏହି ମନ୍ଦିର ମାନଙ୍କରେ ଖୋଦିତ ନୃତ୍ୟରତା ମୂର୍ତ୍ତିଗୁଡିକୁ ଦେଖିଲେ ଓଡିଶାର ନୃତ୍ୟ ପିୟତା ସ୍ୱଷ୍ଟ ଧରାପଡେ । ଶିବ ମନ୍ଦିର ମାନଙ୍କରେ ନୃତ୍ୟରତ ନଟରାଜ ମୂର୍ତ୍ତି ଓଡିଶାର ଧର୍ମ ଓ ସଂସ୍କୃତିକୁ ପରିସ୍ଫୁଟ କରେ । ଏହି ମୂର୍ତ୍ତିଗୁଡିକ ପ୍ରାୟତଃ ସପ୍ତମ ଓ ଅଷ୍ଟମ ଶତାବ୍ଦୀ ବୋଲି ଐତିହାସିକ ମାନେ ଅନୁମାନ କରନ୍ତି ।

ଦଶମ ଶତାବ୍ଦୀରେ ନିର୍ମିତ ଭୁବନେଶ୍ୱର ର - ରାଜାରାଣୀ ମନ୍ଦିର ର କଳାକୃତି - ଯଥା - ତାଣ୍ଡବ ନୃତ୍ୟରତ ଶିବ ଓ ବଂଶୀବାଦକ କୃଷ୍ଣ ଦେଖାଯାଆନ୍ତି । ରାଜାରାଣୀ ମନ୍ଦିର ର କଳାକୃତି ଓଡିଆ ଶିଳ୍ପୀ ଚେତନାର ସର୍ବଶ୍ରେଷ୍ଠ ଉଦାହରଣ । ଏହି ମୂର୍ତ୍ତି ମାନଙ୍କର ଭଙ୍ଗୀମୁଦ୍ରା ଓଡିଶୀ ଶିଳ୍ପୀର ପରିପ୍ରକାଶକ ।

ଭୁବନେଶ୍ୱର ର ଲିଙ୍ଗରାଜ ମନ୍ଦିର କେଶରୀ ବଂଶର ରାଜତ୍ୱକାଳରେ ନିର୍ମିତ ହୋଇଥିଲା । ଏହି ମନ୍ଦିର ର ଏକ ସ୍ୱତନ୍ତ୍ର ନାଟ ମନ୍ଦିର ରହିଅଛି । ଏହି ମନ୍ଦିର ର ପାର୍ବତୀ ଙ୍କ ଦଣ୍ଡାୟମାନ ମୂର୍ତ୍ତି ସହିତ ନୃତ୍ୟରତା ଅପସରୀଗଣ ଏବଂ ଯନ୍ତ୍ର ବାଦକ ଙ୍କ ମୂର୍ତ୍ତି ଅତନ୍ତ୍ୟ ସୁନ୍ଦର ।

ଓଡିଶାର ମନ୍ଦିର ଗାତ୍ରରେ ଖୋଦିତ ଓଡିଶୀ ଶିଳ୍ପର ସର୍ବଶ୍ରେଷ୍ଠ ନିଦର୍ଶନ ହେଲା - ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର । କୋଣାର୍କ ଏବେ ଭଗ୍ନସ୍ତୁପ ତଥାପି ଏହାର ଗାତ୍ରରେ ନୃତ୍ୟାଙ୍ଗନାମାନେ ଏବେ ବି ଦେଖିଲେ ମନେହୁଏ ଏମାନେ ନୃତ୍ୟାରତା, ଅସ୍ଥିରା । କାଳର କରାଳଚନ୍ଦ୍ର ଏମାନଙ୍କୁ ଗ୍ରାସ କରିପାରିନାହିଁ । ସମାଲୋଚକ ଙ୍କ ମତରେ ଏହି ମୂର୍ତ୍ତି ନିର୍ମାଣ ପ୍ରତ୍ୟକ୍ଷ ଦର୍ଶନ ବିନା ଅସମ୍ଭବ, ତେଣୁ ଏହାକୁ ନିର୍ମାଣ କରିବା କାଳରେ ଶିଳ୍ପୀଗଣ ଦେବଦାସୀ ମାନଙ୍କର ସାହାଯ୍ୟ ନେଉଥିଲେ ବୋଲି ସମାଲୋଚକ ମାନେ ମତ ଦିଅନ୍ତି ।

ତେବେ ଏହା କେବଳ ଆନୁମାନିକ । କୋଣାର୍କର ନାଟ ମନ୍ଦିର ରେ ଖୋଦିତ ବାଦ୍ୟକାରୀ ନରନାରୀଙ୍କ ଚିତ୍ରଣକୁ ଲକ୍ଷ୍ୟକରି ସମାଲୋଚକ ମତବ୍ୟକ୍ତ କରନ୍ତି ଯେ - ଓଡିଶାରେ ସେ ସମୟରେ ଢୋଲ, ପଖୋଜ, ବୀଣା, ମନ୍ଦିର, ଘଣ୍ଟା, ବେଣୀ ପ୍ରଭୃତି ବହୁବିଧ ସଙ୍ଗୀତଗ୍ରନ୍ଥ ବ୍ୟବହୃତ ହେଉଥିଲା ।

କୋଣାର୍କ ନିକଟବର୍ତ୍ତୀ ଗ୍ରାମରେ 'ନଟ' ଜାତିର ଲୋକେ ଥିବାରୁ କେହିକେହି ଉଲ୍ଲେଖ କରିଅଛନ୍ତି । ଏହି ସମ୍ପ୍ରଦାୟର ନାରୀମାନେ ଦେଖିବାକୁ ଖୁବ୍ ସୁନ୍ଦରୀ ଓ ସ୍ୱାସ୍ଥ୍ୟବତୀ, ସେମାନଙ୍କର ପ୍ରାଚୀନତମ କର୍ମ ନୃତ୍ୟାଭିନୟ ଥିଲାବୋଲି ଡି. ଏନ୍. ପଟ୍ଟନାୟକ ଙ୍କ - "ଓଡିଶୀ ଡ୍ୟାନ୍ସ" - ପୁସ୍ତକରୁ ଜଣାଯାଏ । ଏହାବ୍ୟତୀତ ସେ ଆହୁରି ମଧ କହିଛନ୍ତି ପୁରୀ ର ଶ୍ରୀ ଜଗନ୍ନାଥ ମନ୍ଦିର ଓ କାକଟପୁର ର ମା' ମଙ୍ଗଳା ମନ୍ଦିର ରେ ନିଯୁକ୍ତି ପାଇଥିବା ମାହିରମାନଙ୍କ ମଧରୁ ଅଧିକାଂଶ ହେଉଛନ୍ତି ଏହି ଅଞ୍ଚଳର ।

ସେ ଯାହାହେଉ କୋଣାର୍କ ମନ୍ଦିର ନିର୍ମାଣ କାଳକୁ ଶିଳ୍ପୀଗଣ ନୃତ୍ୟାଙ୍ଗନା ଏହି ମହୀୟସୀ ନାରୀ ମାନଙ୍କର ବିଭିନ୍ନ ଅଙ୍ଗଭଙ୍ଗୀ ଓ ଅଭିନୟ ମୁଦ୍ରାକୁ ଦେଖିଥିବେ ଏବଂ ପରେପରେ ଏହାକୁ ନିହାଣ ମୁନରେ ରୂପଦେଇ ଚିରଞ୍ଜୀବୀ କରି ଯାଇଛନ୍ତି । ସତେଯେପରି ସେହି ନର୍ତ୍ତକୀଗଣ ଚିରଦିନ ସେହିଠାରେ ନିଜର ଠାଣିଭଙ୍ଗୀର ତାଙ୍କର ଉତ୍ତରାଧିକାରୀ ମାନଙ୍କୁ ଆହ୍ୱାନ ଦେଇଛନ୍ତି ।

ଅନୁରୂପ ଭାବରେ ଆମ ଓଡିଶା ସଂସ୍କୃତିର ପ୍ରତୀକ ଭାବରେ ଗ୍ରହଣ କରାଯାଇଥିବା ପୁରୀ ର ଶ୍ରୀ ଜଗନ୍ନାଥ ମନ୍ଦିର ର ପରମ୍ପରାକୁ ଆଲୋଚନା କରାଯାଇପାରେ - କେଉଁ ପ୍ରାଚୀନ ଐତିହାସିକ କାଳରୁ ଜଗନ୍ନାଥ ଙ୍କ ସଂସ୍କୃତି ହିଁ ଓଡିଆ ଜାତିର ସଂସ୍କୃତି ରୂପେ ପରିଚିତ ହୋଇ ଆସିଅଛି । ତେଣୁ ଖାରବେଳ ଠାରୁ ଆରମ୍ଭକରି ଯେଉଁ ନୃତ୍ୟକଳା ଅଭିନୟ ଆଦିର ପରମ୍ପରା ପ୍ରଚଳିତ ହୋଇ ଆସୁଥିଲା ।

ଜାତୀୟ ଦେବତା ସମ୍ମୁଖରେ ସେ ସମସ୍ତ ପରୀକ୍ଷିତ ହେଉଥିଲା ଦେବଦାସୀ ମାନଙ୍କ ଦ୍ୱାରା । ଯାହାର ପ୍ରମାଣ ଆମେ ପାଇପାରିବା ବର୍ତ୍ତମାନ ଖୋଦିତ ପୁରୀ ର ଜଗନ୍ନାଥ ମନ୍ଦିର ଗାତ୍ରରେ ଆବିଷ୍କୃତ ମୂର୍ତ୍ତି ମାନଙ୍କର । ଏ ସମସ୍ତ ନର୍ତ୍ତକୀ ଓ ନର୍ତ୍ତକ ମୂର୍ତ୍ତିକୁ ଲକ୍ଷ୍ୟକଲେ ଆମେ ଅନୁଭବ କରିପାରିବା ଜୀବନର ଖଣ୍ଡିତାଂଶ ସବୁ ଏଥିରେ ଅଙ୍କନ କରାଯାଇଅଛି । ତେଣୁ ଶିଳ୍ପୀ ତା'ର ଅନୁଭୂତିକୁ ହିଁ ଏଥିରେ ରୂପ ଦେଇଥାଇ ପାରନ୍ତି ।

ସମାଲୋଚକ ଙ୍କ ମତରେ ଭୋଗମଣ୍ଡପର କାନ୍ଥରେ ଯେଉଁ ତାଣ୍ଡବ ନୃତ୍ୟରତ ଶିବ ଙ୍କ ଚିତ୍ର ରହିଅଛି, ତାହା ଦ୍ୱାଦଶ ଶତାବ୍ଦୀରୁ ପ୍ରାଚୀନ ମନେହୁଏ ।

ନାଟ୍ୟକାର ରତ୍ନାକର ଉଲ୍ଲେଖ କରିଛନ୍ତି - ଏହି ଭୋଗମଣ୍ଡପର ବାମପଟେ ସିଂହାସନ ଆସନ ରାଜାଙ୍କ ସମ୍ମୁଖରେ ନୃତ୍ୟରତା ତରୁଣୀର ଚିତ୍ର ଜଗନ୍ନାଥ ମନ୍ଦିର ର ଅନୁଷ୍ଠିତ ହୋଇଥିବା - ମାହାରୀ ନୃତ୍ୟ ସମ୍ପର୍କରେ ସୂଚନାଦିଏ । ମୁଖ୍ୟଦେଉଳ ସହିତ ଏହି ମାହାରୀ

ନୃତ୍ୟକୁ ଠାକୁରେ ଉପଭୋଗ କରିବାପାଇଁ ଏକ ନାଟ ମନ୍ଦିର ନିର୍ମାଣ କରାଯାଇଅଛି । ସମାଲୋଚକ ଙ୍କ ମତରେ - ଚୋଡଗଙ୍ଗ ଦେବଙ୍କ ଅମଳରୁ ହିଁ ମାହାରୀ ମାନଙ୍କୁ ନୃତ୍ୟ କରିବାକୁ ଅନୁମତି ଦିଆଯାଇଥିଲା ।

କିନ୍ତୁ ଡି. ଏନ୍. ପଟ୍ଟନାୟକ - ତାଙ୍କ "ଓଡିଶୀ ଡ୍ୟାନ୍ସ" ପୁସ୍ତକ (୨୮ ପୃଷ୍ଠାରେ ସ୍ଥାନୀତ) କରିଛନ୍ତି - କାହାରି କାହାରି ମତରେ ଦ୍ୱିତୀୟ ଶତାବ୍ଦୀରୁ ଓଡିଶାରେ ମାହାରୀ ନୃତ୍ୟ ବହି ଆସିଛି ।

ଅଧ୍ୟାପକ ବେଣୁଧର ରାଉତ ଙ୍କ ମତରେ - (ରତ୍ନାକର ଙ୍କ ପୁସ୍ତକ - ଓଡିଆ ନାଟକର ଉଦ୍ଭବ ଓ ବିକାଶ ସ୍ଥାନୀତ) - ଯେଉଁ କେତୋଟି ତ୍ରୁଟି ନାଟକ - "ବାବାଜୀ" ରେ ଅଛି - ତାହା ଓଡିଆ ସାହିତ୍ୟର ପ୍ରଥମ ନାଟକ ହୋଇଥିବାରୁ କ୍ଷମଣୀୟ ।

ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି - (ଝଙ୍କାର ପତ୍ରିକା - ୧୧ଶ ବର୍ଷ - ୧ମ ସଂଖ୍ୟା - ପୃଷ୍ଠା - ୪୪ ଉଲ୍ଲେଖ କରିଛନ୍ତି) - "ବାବାଜୀ" କୁ ଓଡିଶାର ପ୍ରଥମ ନାଟକ ଓ ଜଗମୋହନ ଙ୍କୁ ପ୍ରଥମ ନାଟ୍ୟକାର ଭାବରେ ଗ୍ରହଣ କରିଛନ୍ତି ।

ପୁନଶ୍ଚ ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି ଙ୍କ - (ଆଧୁନିକ ଓଡିଆ ସାହିତ୍ୟ (୧୯୬୩) - ପୃଷ୍ଠା - ୩୪) ରେ ଉଲ୍ଲେଖ କରିଅଛନ୍ତି - ଏହି ଦୃଷ୍ଟିରୁ "ବାବାଜୀ" ଅଭିନୀତ - "ରାଧାକାନ୍ତ ରଙ୍ଗମଞ୍ଚ" - ଓଡିଶାର ପ୍ରଥମ ରଙ୍ଗମଞ୍ଚ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି "ରାଧାକାନ୍ତ ମଞ୍ଚ" ରେ - "ବାବାଜୀ" ଅଭିନୀତ ବ୍ୟତିରୋକେ - ଜଗମୋହନ ଲାଲ ଙ୍କର - "ସତୀ", "ବୃଦ୍ଧବିବାହ", ଜାମାତା ହରିଶ୍ଚନ୍ଦନ ଙ୍କ - "ସୀତା ବିବାହ" ଓ ନାରାୟଣ ପ୍ରସାଦ ମିଶ୍ରଙ୍କର - "ପରାଜିତ ହରଣ" ଆଦି କେତେକ ନାଟକ ସଫଳତାର ସହିତ ଅଭିନୀତ ହୋଇଥିଲା ।

୧୮୮୧ ମସିହାରେ ଫେବୃୟାରୀ ୭ ତାରିଖ କଟକସ୍ଥିତ - ମାଣିକଘୋଷ ବଜାରସ୍ଥିତ - ନାଟ୍ୟକାର ଗୋପାଳ ପ୍ରସାଦ ମିଶ୍ରଙ୍କ ଗୃହ ପ୍ରାଙ୍ଗଣରେ - ଏକ ଅସ୍ଥାୟୀ ରଙ୍ଗମଞ୍ଚ ପ୍ରସ୍ତୁତି କରାଯାଇ ନାଟ୍ୟକାର ରାମଶଙ୍କର ରାୟଙ୍କ ପ୍ରଥମ ନାଟକ - "କାଞ୍ଚି କାବେରୀ" ପରିବେଷଣ କରାଯାଇଥିଲା ।

ବାସ୍ତବିକ୍ ନାଟ୍ୟକାର ରତ୍ନାକର ଚଇନି ଙ୍କର ଗବେଷଣାତ୍ମକ ସନ୍ଦର୍ଭ - ନାଟ୍ୟ ପୁସ୍ତକ - "ଓଡିଆ ନାଟକର ଉଦ୍ଭବ ଓ ବିକାଶ" । ପରବର୍ତ୍ତୀ ସମୟରେ ଏକ ସମାଲୋଚନା ସାହିତ୍ୟ ପୁସ୍ତକ - ଓଡିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ହୋଇରହିଛି କହିଲେ ଭୁଲ୍ ହେବନାହିଁ ।

ନାଟ୍ୟକାର ରତ୍ନାକର ଙ୍କ ସମକାଳୀନ ସାହିତ୍ୟ ସଂରଚନାରେ ଓଡିଆ ନବନାଟ୍ୟ ଆନ୍ଦୋଳନ ମଧ୍ୟରେ - "ଉଦ୍ଭଟ ନାଟ୍ୟ ପରମ୍ପରା" ର ବିଶ୍ଳେଷଣ ତଥା "କଳଙ୍କିତ ସୂର୍ଯ୍ୟ" ପରି ଅଜସ୍ରଶ୍ରାବ୍ୟ ଲେଖକୀୟତାରେ ସେ ଯେଉଁ ଅନିୟମ ପରିକଳ୍ପନା ଦ୍ୱାରା ଯେଉଁ ପରିବର୍ତ୍ତନ ପ୍ରସଙ୍ଗକୁ ଉଦ୍‌ଥାପନ କରିପାରିଥିଲେ, ତାହା ସାହିତ୍ୟ ପ୍ରେମୀଙ୍କ ମନରେ ଗୋଟିଏ ଆନ୍ଦୋଳନାତ୍ମକ ଚିତ୍ରଣ କରିବାରେ ଅଦ୍ୟାବଧି ମଧ୍ୟ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଅଛି ।

ନାଟ୍ୟକାର ରତ୍ନାକର - ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିବା ସମୟରେ - ଡକ୍ଟର ହରେକୃଷ୍ଣ ମହତାବ ଙ୍କ - "ପ୍ରଜାତନ୍ତ୍ର ପ୍ରଚାର ସମିତି" ରେ ୧୯୬୩-୬୯ ମସିହା ପର୍ଯ୍ୟନ୍ତ କର୍ମସଂସ୍ଥାନ ପାଇଥିଲେ । ହାଇସ୍କୁଲ ସମୟରୁ - ଓଡିଆ ସାହିତ୍ୟରେ ମନନିବେଶ କରିଥିଲେ - "ମୀନାବଜାର" ଓ ସମସାମୟିକ ପତ୍ରପତ୍ରିକାରେ ସେ ତାଙ୍କର ସାରସ୍ୱତ ଜୀବନ ଆରମ୍ଭ କରିଥିଲେ ।

କର୍ମବୀର ରତ୍ନାକର କର୍ମମୟ ଅଧ୍ୟାପକ ଜୀବନରେ - ରେଭେନ୍ସା ସ୍ୱୟଂଶାସିତ କଲେଜରେ - ଓଡିଆ ସାହିତ୍ୟର ଅଧ୍ୟାପକ ସହିତ ପରୀକ୍ଷା ନିୟନ୍ତ୍ରକ ଭାବରେ ଜଣେ ଶିକ୍ଷା ପ୍ରଶାସକ ରୂପେ ତାଙ୍କ ଦକ୍ଷତା ଅବିସ୍ମରଣୀୟ । ଏଥିସହିତ ଅନେକ ସମାବର୍ତ୍ତନ ଉତ୍ସବ ଓ ଆଲୋଚନା ସଭାରେ ସେ ଯୋଗଦେଇ ନିଜର ନୈପୁଣ୍ୟ ସମାନୁରୂପ ପ୍ରତିପାଦିତ କରିପାରିଛନ୍ତି ।

ରେଭେନ୍ସା କଲେଜରେ ଓଡିଆ ସାହିତ୍ୟରେ (ଏମ୍.ଏ.) କରୁଥିବା ସମୟରେ ସେ ନାଟକ - "ରାଜହଂସ" ଲେଖିଥିଲେ ଓ ରାଜେନ୍ଦ୍ର କଲେଜ, ବଲାଙ୍ଗୀର ରେ ଯୋଗଦାନ କରି ଏହି ନାଟକଟିକୁ ମଞ୍ଚସ୍ଥ କରାଇ ପାରିଥିଲେ । ଏହି କଲେଜର ଛାତ୍ରଛାତ୍ରୀ ମାନଙ୍କ ପ୍ରତି ବାତ୍ସଲ୍ୟତାଭାବ ସହ ଜଣେ ସରଳ ଓ ସ୍ପଷ୍ଟବାଦୀ ଶିକ୍ଷାବିତ୍ ରୂପେ ତାଙ୍କର ପରିଚିତ । ତାଙ୍କୁ ସେମାନଙ୍କର ଛାତ୍ରମାନଙ୍କ ପ୍ରତିଥିଲା ଗୋଟିଏ ଦିବ୍ୟ ଉପଢୌକନ ପରି ।

ନାଟକ "ରାଜହଂସ" ରେ ବାର୍ତ୍ତା - ମଣିଷ ଯିଏ ଯେଉଁ ବୃତ୍ତିକରୁ ନା କାହିଁକି ତା'ର ସ୍ୱାତନ୍ତ୍ର ପ୍ରବୃତ୍ତିରୁ ଜଣାପଡେ, ବୃତ୍ତି ଓ ପ୍ରବୃତ୍ତି ଅଲଗା ଜିନିଷ । ଜଣେ ଡାକ୍ତର ମଧ୍ୟ ଲେଖକ ହୋଇପାରିବ, ଯାହା ପାଖରେ ପଇସା (ଟଙ୍କା) ଅଛି ସେ ପ୍ରତିଭାବାନ ବ୍ୟକ୍ତି, ଏହା କାଳେକାଳେ ଭୁଲ୍‌ବୋଲି ପ୍ରମାଣିତ ହୋଇଅଛି । ବୃତ୍ତି ଓ ପ୍ରବୃତ୍ତି ର ମାନସିକ ସ୍ତରୀୟ ସଂଘର୍ଷରେ ମଣିଷ ଯାହା ନକରିବା କଥା କରିପକାଏ ।

ନାଟ୍ୟକାର ରତ୍ନାକର ଙ୍କୁ ଜାତୀୟସ୍ତରରେ ପରିଚିତ କରାଇଥିଲା - ତାଙ୍କ ଦ୍ୱାରା ରଚିତ କାହାଣୀ - "ଶୂନ୍ୟସ୍ୱରୂପ" - ହିମାଂଶୁ ଖଟୁଆ ଙ୍କ ନିର୍ଦ୍ଦେଶନାରେ ୧୯୯୭ ମସିହାରେ ଚଳଚ୍ଚିତ୍ର ରୂପରେ ମୁକ୍ତିଲାଭ କରିଥିଲା । ଏହା ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର (ଓଡିଆ ରୂପରେ) ଜାତୀୟସ୍ତରରେ ପୁରସ୍କୃତ ହେବାସହ ରତ୍ନାକର ଚଇନି ଶ୍ରେଷ୍ଠ ସଂଳାପକାର ଭାବରେ ପୁରସ୍କୃତ ହୋଇଥିଲେ । ଏହି ଚଳଚ୍ଚିତ୍ର ଆନ୍ତର୍ଜାତୀୟ ସ୍ତରରେ - "ବରଲିନ୍" ଠାରେ ମଧ୍ୟ ପ୍ରଦର୍ଶିତ ହୋଇ ପାରିଅଛି ।

ନାଟ୍ୟକାର ରତ୍ନାକର ଙ୍କର ୧୯୮୨ ରେ ରଚିତ ନାଟକ - "ଅଥଚ ଚାଣକ୍ୟ", ଏହାଥିଲା ମିଥ୍‌ଧର୍ମୀ ପଟ୍ଟଭୂମିରୁ ଭାରତୀୟ ଐତିହ୍ୟର ଯୁଗୋପଯୋଗୀ ଧାରଣରେ ଗୋଟିଏ ନିଚ୍ଛକ ଚିତ୍ରଣ ରୂପେ ଓଡିଆ ବିଦ୍ୱାନ ମଣ୍ଡଳୀଙ୍କ ମଧ୍ୟରେ ଆଦୃତ । ଚନ୍ଦ୍ରଗୁପ୍ତ ଓ ଚାଣକ୍ୟ

ଙ୍କ ଉପରେ ଅନୁଶୀଳନ - ମନୁଷ୍ୟର ସନ୍ତୁଳିତ ଯନ୍ତ୍ରଣାକୁ ସଜ୍ୟ କରିପାରିନଥିବା ଚନ୍ଦ୍ରଗୁପ୍ତ ଭଳି ଏକ ଶିଷ୍ୟକୁ ମୂର୍ତ୍ତିମନ୍ତ କରିଥିବା ତା'ର ଅବଶିଷ୍ଟ ଜୀବନରେ ସ୍ୱପ୍ନକୁ ଚନ୍ଦ୍ରଗୁପ୍ତ ମାଧ୍ୟମରେ ଜାଣିବାକୁ ଚାହିଁଛନ୍ତି ଦ୍ରଷ୍ଟା ।

ଯଦି ମଣିଷର ମାନସିକତା ଓ ସମ୍ବୋଦନଶୀଳତା ନବଦଳିବ ତା'ହେଲେ ଶୋଷଣ ଶାସନ ଏକ ଭାବରେ ଚାଲିବ - ଏହା ସର୍ବକାଳୀନ କାହାଣୀ । ଶାସନ ଓ ଶୋଷଣ ର ସୂତ୍ର ଏକ୍ - କାଳେକାଳେ ଶାସନ ଓ ଶୋଷଣ ର ଏହି ସୂତ୍ର ଏକ୍ - ଯାହାର ପୃଷ୍ଠଭୂମିରେ ଏହା ରଚିତ । ମିଥ୍ ଧର୍ମିତାକୁ ପରୀକ୍ଷାବାଦିତାରେ ସେ ଯେଉଁ ପରିବର୍ତ୍ତନଶୀଳ ଚିତ୍ରଣ କରିଥିଲେ, ତାହାର ଏକ ଅନନ୍ୟ ଉଦାହରଣ ଥିଲା - ନାଟକ "କଳଙ୍କିତ ସୂର୍ଯ୍ୟ" ।

ନାଟ୍ୟକାର ରତ୍ନାକର ଚଇନି ଙ୍କ ମାନସମନ୍ଥନ - "କଳଙ୍କିତ ସୂର୍ଯ୍ୟ" - ନାଟକ, ଏହା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ । ଏହି ନାଟକ ପ୍ରଥମକରି ୧୯୭୪ ମସିହାରେ ସମ୍ବଲପୁର ସ୍ଥିତ - "ଧନୁପାଲି" ରେ "ଚେତନ ସାଂସ୍କୃତିକ ଅନୁଷ୍ଠାନ" ଦ୍ୱାରା ପ୍ରଥମେ ଅଭିନୀତ ହୋଇଥିଲା । ଏଥିରେ ଚାରିତ୍ରିକତା ଅସଂଲଗ୍ନ ହୋଇଥିଲେ ହେଁ ବୈଚିତ୍ର୍ୟ ପ୍ରସୂତ ଅଟନ୍ତି । ଧୂମ୍ରାଭ ଭାବବେଗରୁ ମତାନୈକ୍ୟ ମଧ୍ୟରେ ପରିବର୍ତ୍ତନ ଯେ ଗୋଟିଏ ତତ୍ତ୍ୱଥିଲା - ମତଦ୍ୱୈଧ ପରି କଳ୍ପନାରେ ଯେ ଚାରିଅନ୍ଧ ହାତୀକୁ ଛୁଇଁ ବର୍ଣ୍ଣନା କରିବାର ଯେଉଁ ଆଖ୍ୟାନ ରହୁଥିଲା, ତାହାକୁ ଦେଇଥିଲେ ଏକନିଷ୍ଠ ଦିଗ ।

ରତ୍ନାକର ଚଇନି ଙ୍କ ଅନନ୍ୟ କୃତି - ତାଙ୍କ ଆତ୍ମଜୀବନୀ - "ଜୀବନ କମାରଶାଳ" । ଜୀବନର ଅପରାହ୍ଣରେ ରତ୍ନାକର - ଏହାକୁ ଲେଖିଥିଲେ । ଜଣେ ନିଛକ ସାହିତ୍ୟିକ ଜୀବନର ନୀରୁତାକୁ ବିଷାଦ ଭାବରେ ତାଙ୍କ "ଆତ୍ମଜୀବନୀ" ରେ ବର୍ଣ୍ଣନା କରିଅଛନ୍ତି

**ସାଂଗଠକ -**

ଅଧ୍ୟାପକ ରତ୍ନାକର ଚଇନି ଜଣେ ସାରସ୍ୱତ ସଂଗଠକ ଭାବରେ - ଓଡିଶାରେ ସୁନାମ ଅର୍ଜନ କରିଅଛନ୍ତି । "ସଂସ୍କାର ଭାରତୀ" ର ସଭାପତି ଭାବରେ କାର୍ଯ୍ୟକରିବା ସହିତ - ଓଡିଆ ଜନଜୀବନର ଏକ ପ୍ରାଣକେନ୍ଦ୍ର - ଶତାୟୁ ସାରସ୍ୱତ ଅନୁଷ୍ଠାନ - ଉତ୍କଳ ସାହିତ୍ୟ ସମାଜ - କଟକର ସଭାପତି ଭାବରେ କାର୍ଯ୍ୟ କରିଛନ୍ତି । ତାଙ୍କ ସଭାପତିତ୍ୱରେ - ଅନେକ ସାହିତ୍ୟକ ସଭା, ଆଲୋଚନାରେ ବଡବଡ ବିଦ୍ୱାନମାନେ ସାହିତ୍ୟିକ ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

**ପୁରସ୍କାର ଓ ସମ୍ବର୍ଦ୍ଧନା -**

ବ୍ୟକ୍ତିଟିଏ ଚାହିଁଥାଏ - ତା'ର କୃତିକୁ ସମାଜରେ ସ୍ୱୀକୃତି ମିଳୁ, ତା'ହେଲେ ଯାହିଁକି ସେ ସ୍ରଷ୍ଟାରୂପକ ସୃଷ୍ଟିର ପରିପୂର୍ଣ୍ଣତା ପାଇଥାଏ, ଏଥିରୁ ରତ୍ନାକର ବା ବାଦ୍ ପଡନ୍ତେ କିପରି । ଜୀବନ କାଳ ମଧ୍ୟରେ ସେ ପାଇଥିଲେ ଏକାଧିକ ସନନ୍ଦ ଓ ପୁରସ୍କାର - ସେଗୁଡିକ ସମାଜର ବିଭିନ୍ନ ଅନୁଷ୍ଠାନ ତରଫରୁ ପ୍ରଦାନ କରାଯାଇଥିଲା ।

ନାଟକ - "କଳଙ୍କିତ ସୂର୍ଯ୍ୟ" ପାଇଁ ୧୯୭୭ ମସିହାରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ।

ଗଙ୍ଗାଧର ରଥ ଫାଉଣ୍ଡେସନ୍ ପ୍ରଦତ୍ତ ୨୦୧୬ ମସିହାରେ - "ସାହିତ୍ୟ ଭାରତୀ ସମ୍ମାନ" - ସାମଗ୍ରୀକ କୃତି ପାଇଁ ।

"ଇଣ୍ଟର ନ୍ୟାସନାଲ ଥିଏଟର" ତରଫରୁ ୨୦୦୩ ମସିହାରେ - "ନାଟ୍ୟଭୂଷଣ ସମ୍ମାନ" ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ୧୯୯୯ ମସିହାରେ - "ଶ୍ରେଷ୍ଠ ନାଟ୍ୟକାର ସମ୍ମାନ" ।

ତୁଳସୀ ସାହିତ୍ୟ ସଂସଦ ତରଫରୁ ୧୯୯୭ ମସିହାରେ - "ଶ୍ରେଷ୍ଠ ନାଟ୍ୟକାର ସମ୍ମାନ" ।

ରାମଚନ୍ଦ୍ର ମିଶ୍ର - ନାଟ୍ୟ ସମ୍ମାନ - (୧୯୯୫ ମସିହାରେ)

ସମ୍ମାନଜନକ ଆଦି ନାଟ୍ୟକାର ସମ୍ମାନ - (୧୯୯୩)

ପ୍ରଜାତନ୍ତ୍ର ବିଷୁବ ପୁରସ୍କାର - (୧୯୮୫)

କ୍ଷୁଦ୍ରଗଳ୍ପ - ଉନ୍ମେଷ ସମ୍ମାନ - କଟକ - (୧୯୮୩)

ସମାଲୋଚନା ସାହିତ୍ୟ - ୟୁରୋକା ସମ୍ମାନ - କଟକ - (୧୯୮୧)

ସାମଗ୍ରୀକ କୃତିପାଇଁ - ଧରିତ୍ରୀ ସାହିତ୍ୟ ସମ୍ମାନ - (୧୯୮୦)

ସାମଗ୍ରୀକ କୃତିପାଇଁ - ଶ୍ରେଷ୍ଠ ନାଟ୍ୟକାର ସମ୍ମାନ

ଅହମ୍ମଦାବାଦ ଠାରେ - ସର୍ବଭାରତୀୟ ନାଟ୍ୟ ପ୍ରତିଯୋଗିତା - (୧୯୭୨)

ରତ୍ନାକର ଚଇନି ନିଜର ବାସଭବନ କଟକସ୍ଥିତ ବାଦାମବାଡିରେ କିଛିଦିନ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ ଓ ଏପ୍ରିଲ୍ ୧୮, ୨୦୨୦ ମସିହାରେ ଶନିବାର ସନ୍ଧ୍ୟାରେ ସେ ୭୫ ବର୍ଷ ବୟସରେ ଦେହତ୍ୟାଗ କଲେ । ତାଙ୍କ ପାର୍ଥୀବ ଶରୀର ପଞ୍ଚଭୂତରେ ଲୀନ ହୋଇଗଲା ।

ରତ୍ନାକର ଙ୍କ ସାହିତ୍ୟ ସଞ୍ଚାର ମାଧ୍ୟମରେ ଯେଉଁ ସୃଷ୍ଟିଶୀଳତା ଓ ସାଂଗଠନିକତା ସହ ସୃଜନଧାରା ର ପ୍ରୟୋଗାମୂଳକ ଅଭିନିବେଶ ଥିଲା, ତାହାର ଅନେକ ଅନେକ ଅଂଶ ଆଜି ମଧ୍ୟ ଓଡିଶାବାସୀଙ୍କ ହୃଦୟରେ ସନ୍ନିହିତ ହୋଇ ରହିଅଛି ।

ବାସ୍ତବିକ୍ ଡକ୍ଟର ରତ୍ନାକର ଚଇନି ଥିଲେ - ଓଡିଆ ସାହିତ୍ୟର ଜଣେ ଅମ୍ଳାନ ପ୍ରତିଭା ।

This document was created with the Win2PDF “print to PDF” printer available at
http://www.win2pdf.com

This version of Win2PDF 10 is for evaluation and non-commercial use only.

This page will not be added after purchasing Win2PDF.

http://www.win2pdf.com/purchase/